
# ଲୋକବାଣୀ ସମ୍ପୁଟ



ଡକ୍ଟର କୁଞ୍ଜବିହାରୀ ଦାଶ

# ଲୋକବାଣୀସଞ୍ଚୟନ

**LOKABANISANCHAYANA**

( ରଗଡମାଳ ଛଟା ନାଁ ଦାଆ )

'ଅ' ରୁ 'ଔ'

ପ୍ରଥମ ଭାଗ

ଅଧ୍ୟାପକ ଡକ୍ଟର କୁଞ୍ଜବିହାରୀ ଦାଶ,
ଏମ୍. ଏ., ପି ଏଚ୍. ଡି

ଡକ୍ଟର କୁଞ୍ଜବିହାରୀ ଦାସ
ଉଦୟ ଶ୍ରୀ
ମହତାବ୍ ରୋଡ଼୍
କଟକ-୩

ପ୍ରକାଶିକା :
ଶ୍ରୀମତୀ ପ୍ରେମଲତା ଦାଶ

ପ୍ରଥମ ପ୍ରକାଶ : ଏକ ହଜାର
ରାସ ପୂର୍ଣ୍ଣିମା
ନଭେମ୍ବର, ୧୯୭୩

ମୁଦ୍ରଣ :
ଗୁରୁପ୍ରସନ୍ନ ପ୍ରେସ
କଟକ-୧

ମୂଲ୍ୟ :
[illegible]

# କୃତଜ୍ଞତା

ଏ ପର୍ଯ୍ୟନ୍ତ ଏତିକି ମାତ୍ର ଢଗ ଓଡ଼ିଆମାନେ ସଂଗ୍ରହ କରିଛନ୍ତି । ଓଡ଼ିଆ ଜାତିର ସାଂସ୍କୃତିକ ଓ ସାମାଜିକ ଇତିହାସ ଢଗଢମାଳିରେ ବ୍ୟାପି ରହିଛି । ସଂକଳ୍ପନିଷ୍ଠ, ସଂଘବଦ୍ଧ ଚେଷ୍ଟା ବିନା ତାର ସାଂସ୍କୃତିକ ଇତିହାସ ପୂର୍ଣ୍ଣାଙ୍ଗଭାବେ ଲେଖାଯାଇ ପାରିବନାହିଁ ।

ଓଡ଼ିଆ ଢଗଢମାଳି ସଂଗ୍ରହର ଇତିହାସ ଶତବର୍ଷ-ବ୍ୟାପୀ । 'ଲୋକବାଣୀସଞ୍ଚୟନ'ର ସଂଗ୍ରହ ଓ ସଂକଳନ ଲାଗି ମୁଁ ଆଦ୍ୟ ସଂଗ୍ରାହକ ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣ ଓ ତାଙ୍କ ପରବର୍ତ୍ତୀ ସଂଗ୍ରାହକ ଗୋବିନ୍ଦ ରଥ, ଜଗନ୍ନାଥ ସିଂହ, ଶେଖ୍ ଅବଦୁଲ୍ ମଜିଦ୍, ନୀଳମଣି ବିଦ୍ୟାରତ୍ନ, ଶ୍ୟାମସୁନ୍ଦର ଗନ୍ତାୟତ, ଆପନ୍ନା ପଣ୍ଡା, ଚନ୍ଦ୍ରଶେଖର ବାହିନୀପତି, ପଣ୍ଡିତ ଭଗବାନ ହୋତା, ସଦାନନ୍ଦ ଦାସ, ନିତ୍ୟାନନ୍ଦ ସାହୁ, ପୀତାମ୍ବରୀ ଦେବୀ, ଗୋପାଳଚନ୍ଦ୍ର ପ୍ରହରାଜ, ବଟକୃଷ୍ଣ ପ୍ରହରାଜ, ସୁରେଶ୍ୱର କବିଭୂଷଣ, ଅଧ୍ୟାପକ ସର୍ବେଶ୍ୱର ଦାଶ, ଅଧ୍ୟାପକ ଜାନକୀବଲ୍ଲଭ ମହାନ୍ତି, ମହେନ୍ଦ୍ର କୁମାର ମହାନ୍ତି, ନବୀନ କୁମାର ବେଗୀ, ଭାଲଚନ୍ଦ୍ର ତ୍ରିପାଠୀ ପ୍ରଭୃତିଙ୍କ ନିକଟରେ ଋଣୀ । ମୋର ତିନିଗୋଟି ପଲ୍ଲୀଗୀତିସଞ୍ଚୟନର ଢଗଢମାଳି ନାଁ ଦିଆ ପ୍ରଭୃତି ଏହି ସଞ୍ଚୟନର ଅଙ୍ଗୀଭୂତ ହୋଇଛି । ଢଗଢମାଳି ସଂଗ୍ରହ ଏବେ ମୋର ଗବେଷଣା କାର୍ଯ୍ୟପରିସରର ଅନ୍ତର୍ଗତ । ଦକ୍ଷିଣାଞ୍ଚଳ ଓ ରାଜନୀତିକ ଓଡ଼ିଶାରୁ ଯେଉଁମାନେ ମୋତେ ଉପାଦାନ ଯୋଗାଇଛନ୍ତି, ସେମାନେ ମୋର ଧନ୍ୟବାଦାର୍ହ ।

ଶ୍ରୀ ଶ୍ୟାମ ଚରଣ ଦାସ ଏହି ପୁସ୍ତକକୁ ଅକ୍ଷରକ୍ରମରେ ସଜାଇବା ଲାଗି ମୋତେ ସାହାଯ୍ୟ କରିଛନ୍ତି । ସେ ଧନ୍ୟବାଦର ପାତ୍ର ।

ସର୍ବଶେଷରେ ଇଉ. ଜି. ସିଙ୍କ ଅର୍ଥାନୁକୂଲ୍ୟ ମୋତେ ଅବସର ପରେ ଗବେଷଣା କାର୍ଯ୍ୟରେ ପ୍ରବର୍ତ୍ତିତ କରିଥିବାରୁ ଏହି ସର୍ବଭାରତୀୟ ଅନୁଷ୍ଠାନକୁ ମୁଁ ମୋର କୃତଜ୍ଞତା ଜଣାଉଅଛି ।

**କୁଞ୍ଜବିହାରୀ ଦାଶ**

କାର୍ତ୍ତିକ ପୂର୍ଣ୍ଣିମା
୧୦-୧୧-୬୩
କଟକ

# ଓଡ଼ିଆ ଢଗଢମାଳି-ଏକ ଅଧ୍ୟୟନ

ଢଗ ସଂକ୍ଷିପ୍ତତମ ପଦ୍ୟ, ରମଣୀୟାର୍ଥ ପ୍ରତିପାଦକ ଓ ରସାଳ ହେଲେ ଏହା କବିତା ସ୍ତରକୁ ଉନ୍ନୀତ ହୁଏ । ଢଗର ସ୍ରଷ୍ଟା ଜନସମାଜର ମୂଳଦୁଆ, ସେପରି ଢଗ ସାହିତ୍ୟର ମୂଳଦୁଆ; ଜନସମାଜ ଯେ କେତେ ବିପୁଳ ତାହା ଢଗର ବିସ୍ତୃତ ପରିସର ଓ ପ୍ରୟୋଗରୁ ବୁଝାଯାଏ । ଅଜଣା ଅଶୁଣା କାଠୁରିଆଠାରୁ କାଳିଦାସଙ୍କ ପର୍ଯ୍ୟନ୍ତ ଜ୍ଞାନ ସରସ୍ୱତୀଙ୍କର ସବୁଠି ପୂଜା । ପତର-କୁଡ଼ିଆରୁ ରାଜବାଟି ପର୍ଯ୍ୟନ୍ତ—ଯେଉଁଠି ଜୀବନ ସେଠି ଢଗ । ଢଗ ସାହିତ୍ୟ ଏକ ବଡ଼ଦାଣ୍ଡ । ସମସ୍ତଙ୍କ ଚଳବୁଲ ଓ ଚଳଣି ପାଇଁ ସେଠି ଖୋଲାମେଲା ଠାଇଁ ଅଛି—ବାଲୁଙ୍କା ଷେଇଠାରୁ ବାଲ୍ମୀକି, ବାସୁଆ ବେହେରାରୁ ବ୍ୟାସ-ଦେବ, ଅଇଁଠା ବାରିକଠାରୁ ଉପେନ୍ଦ୍ରଭଞ୍ଜଙ୍କ ପର୍ଯ୍ୟନ୍ତ । କାହାର ରଚନା ମୌଖିକ କାହାର ବା ଲୈଖିକ । ଏଥିରେ ବଡ଼ସାନ ଭେଦ ନାହିଁ । ନିତାନ୍ତ ମଳମୁଣ୍ଡିଆର ଅନାୟାସ ରଚନା, ଆୟାସସାଧ୍ୟ କାବ୍ୟକ ରଚନାଠାରୁ ଉତ୍କୃଷ୍ଟତର ହୋଇପାରେ । 'ଲୁଳାମୁହାଁ କାଙ୍କ', 'ଲୁଳସୀବଣ ବାଘ', 'ଗଙ୍ଗା କହିଲେ ଥିବ ଗାଙ୍ଗୀ କହିଲେ ପିବ'ରେ ସମାଜର ଯେଉଁ ଶ୍ରେଣୀର ବା ଚରିତ୍ରର ବ୍ୟଙ୍ଗାତ୍ମକ ସମାଲୋଚନା କରି ସାରଳାଦାସ ଅମର, ସେହିପରି ଅଗଣିତ ଅସଂଖ୍ୟ କବି ଢଗ ରଚକ ଭାବେ ଅମରତ୍ୱର ଅଧିକାରୀ ହେବା ସ୍ୱାଭାବିକ । କିନ୍ତୁ ଢଗ ବା ଛଟାରେ ସେମାନଙ୍କର ଭଣିତା ନାହିଁ, ନାମ ଧାମ ଜାଣିବାର କିଛି ଉପାୟ ନାହିଁ । କେତେ ଶତ, କେତେ ସହସ୍ର କବି ! ସେମାନଙ୍କ ପ୍ରାଣର ସେଇ ନିବିଡ଼ ଅନୁଭବମାନ ସେ କାଳର ଚଳନ୍ତି ଭାଷାରେ ରଚିତ ହୋଇ ଏବେ ଝଟକୁଛି, ଶରତକାଳର ଶିଶିର ବିନ୍ଦୁ ମାଳାପରି ଉତ୍କଳଜନନୀଙ୍କ ଗଳାରେ । ଓଡ଼ିଆ ଜାତିର, ଓଡ଼ିଆ ସାହିତ୍ୟର ଇତିହାସ ଢଗରୁ ଆରମ୍ଭ; ଢଗ ଆଦ୍ୟ କବିତାର ବାଣୀ

ଓଙ୍କାର, ଜୀବନର ଅଧ୍ୟେ ସମାଲୋଚନା, ସର୍ବରୁ ସମାଜ ଓ ସଂସ୍କୃତିର ସମବିକାଶ ହୋଇଅଛି ।

ଢଗ ନରନାରୀ, ଉଭୟଙ୍କର ସୃଷ୍ଟି । ଏ ଦିଗରେ ଅନଗ୍ରସର ନାରୀସମାଜର ଦାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଯୁଗ ଯୁଗ ଧରି ନାରୀ ବାହାର ଦୃଷ୍ଟିରେ ଜୀବନ ରଙ୍ଗମଞ୍ଚର ପୃଷ୍ଠ ପଟକୁ ଚାଲି ଯାଇଥିଲା, ମୂକ ପାଲଟି ଯାଇଥିଲା, କିନ୍ତୁ ତାର ମୁହଁର ବାଣୀ ଯେ ଅନ୍ତଃପୁରରୁ ସୁଦୂର ରାଜଦରବାରରେ ବ୍ୟାପୁଥିଲା, ତାର ପ୍ରମାଣ ଢଗ । ପଲ୍ଲୀ ତରୁଣୀର ଓଢ଼ଣା ତାର ନାକ ପର୍ଯ୍ୟନ୍ତ ଲମ୍ବିଥିଲା, କିନ୍ତୁ ଲୁଣ୍ଠ ଟେଜପାଡ଼ିକୁ ଶୁଭୁଥିଲା । ‘ଗାଁ ମଇମଲ ଯେମିତି ଧୋବା ଲୁଗରୁ ଜଣାପଡ଼େ’, ସେହିପରି ଗୋଟାଏ ଜାତିର ଚାଲି-ଚଳଣି, ଚରିତ୍ର ଜଣାଯାଏ ତାର ଢଗ ଢମାଳିରୁ । “ମନ ପବିତ୍ର କଲେ ଗଡ଼ୁଆ ଗଙ୍ଗାଜଳରେ ପରିଣତ ହୁଏ”, “ନାଳ ପଡ଼ିଶାରେ ଘର କଲେ ଅଧେ ଆପଣାର ଅଧେ ପରର ହେବାକୁ ହୁଏ”, “ସସାର ଭିତରେ ଘର କରିଥିଲେ ଯେତେ ବଡ଼ ବିପଦ ପଡ଼ିଲେ ବି ସହିଯିବା କର୍ତ୍ତବ୍ୟ’, “ସଂପଦ ସମୟର ଆଦରର, ବିପଦ ସେହିପରି ଶ୍ରଦ୍ଧାର ସଖା”— ଏସବୁ ଢଗର ବାଣୀ ।

ଢଗ ଢମାଳି ଆମ ମନରେ ବସା ବାନ୍ଧିଥିବା ସାହିତ୍ୟ, ଆମ ଜୀବନର ପ୍ରତ୍ୟକ୍ଷ, ପରୋକ୍ଷ ସମାଲୋଚନା, ଆମର ଦୁଃଖବେଳର ସାଥୀ । ଦୁଃଖରେ ଆଶ୍ୱାସନା ଦିଏ, ଦୋଘାଇରେ ପଡ଼ି ବାଟର ହରାଇ-ଥିବା ବେଳେ ଏହା ପଥ ନିର୍ଦ୍ଦେଶ କରେ, ଅନ୍ଧକାରରେ ଆଲୋକ ଦେଖାଏ ।

ଏହା ଗୋଟାଏ ଜାତିର ଅଲିଖିତ ସାଂସ୍କୃତିକ ଇତିହାସ, କୃଷି ସଭ୍ୟତାର ସର୍ବାଙ୍ଗକୁ ସ୍ପର୍ଶକରିଥିବା ସାହିତ୍ୟ, ଅଗଣିତ ଜନପଦ କବିଙ୍କ ହାସ୍ୟ, ବ୍ୟଙ୍ଗ ଓ କଟୂକ୍ତି କଷାୟ ରସରେ ଭରପୂର । ସେ ସବୁ କବିଙ୍କ ସ୍ଥାନ ଓ କାଳର ପରିଚୟ ବିଲୁପ୍ତ, କିନ୍ତୁ ସେମାନଙ୍କ ନାଡ଼ିର ସ୍ପନ୍ଦନ, ହୃଦୟର ଦୁକୁଦୁକ ରକ୍ତରେ ନୁହେଁ, ରସରେ ହିଁ ମିଳୁଛି, ଏହି ପ୍ରଚଳିତ ପ୍ରବାଦ ପ୍ରବଚନମାନଙ୍କରେ ।

ଲୋକସାହିତ୍ୟକୁ ସମଗ୍ରଭାବରେ ଦେଖି ସୁଖ ପାନ୍ତୁ ବା ନ ପାନ୍ତୁ, ଢଗ ଢମାଳିର ଗୁଣଗାନ କରନ୍ତି ସମସ୍ତେ । ଗୋଟାଏ ପୋଥି କହି ଯାହା ବୁଝେଇ ନ ହୁଏ, ଗୋଟିଏ ମାତ୍ର ଢଗରେ ଅନାୟାସରେ ସେଇ ଉଦ୍ଦେଶ୍ୟ ସାଧିତ ହୋଇପାରେ । ବହୁ ମନୋଭାବର ରୂପ, ଜୀବନର ବହୁ ସମସ୍ୟାର ସହଜ ସମାଧାନ ମିଳିଯାଏ, ଏଇ ଅନାଡ଼ମ୍ବର ଅବହେଳିତ ଢଗରୁ ।

କଳ୍ପନାର ଗୁଞ୍ଜ ଚମକ ନାହିଁ, ଅଳସ ଚିନ୍ତା ବିଳାସର ସ୍ୱପ୍ନ-ଝିଟକ ନାହିଁ, ସାଂସାରିକ ଓ ସାଧାରଣ ବୁଦ୍ଧିର ପରିଚୟ, ପ୍ରମାଣ, ସେ ସବୁ । ମାନବ ସ୍ୱଭାବ, ପ୍ରସନ୍ନତା ଓ ବିଷଣ୍ଣତା, ସୌଜନ୍ୟ ଓ ଭଦ୍ରତା, ବ୍ୟବହାର କୁଶଳତା, ଧର୍ମପ୍ରାଣତା, ସାହସିକତା ଓ ଖାନ୍ତୁତା, ଈର୍ଷା-ଦ୍ୱେଷ ସ୍ନେହ ଶ୍ରଦ୍ଧାର ଏହା ଗୋଟିଏ ଗୋଟିଏ ରୂପକ । ଗୋଟାଏ ଜାତିର ଭାବ ଜୀବନର ଓ ବାସ୍ତବତା ଜ୍ଞାନର ଉତ୍କୃଷ୍ଟ ପରିଚୟ ମିଳିଥାଏ ଏଥିରୁ ।

ଏବେ ଲୌକିକ ସ୍ତର ଅତିକ୍ରମ କରି ଢଗ ଢମାଳି ପ୍ରବେଶ କରିଛି ଆଧୁନିକ ସାହିତ୍ୟରେ, ବିଶେଷତଃ ଗଳ୍ପ ଉପନ୍ୟାସରେ ଓ ରଚିତ ଲୋକ ସଙ୍ଗୀତରେ, ବା ସମ୍ବାଦପତ୍ର ସମ୍ପାଦକୀୟରେ କିମ୍ବା ଲୋକଜୀବନ ଉପରେ ଆଧାରିତ ଯାତ୍ରା ନାଟକରେ, ସଖୀ ନାଚରେ ବା ଛନ୍ଦବଦ୍ଧ ନାଟକମାନଙ୍କରେ । ଭାଷା ଓ ସାହିତ୍ୟ ସମୃଦ୍ଧ ହୁଏ, ସହ ଏହାର ଲୋକ ବଚନ ଭଣ୍ଡାର ସୁରକ୍ଷିତ ରହେ । ଏହି ଲୌକିକ ଚଳଣି, ବ୍ୟକ୍ତିଗତ ଜୀବନର ଚିତ୍ର ଆଉ କେଉଁ ସାହିତ୍ୟରୁ ମିଳି ପାରିବ ? ଢଗଢମାଳି ବହୁ ଦେବଦେବୀଙ୍କ ସ୍ୱରୂପ, ପୌରାଣିକ, ଐତିହାସିକ ଗାଥାର ବାହକ ସୀମାବଦ୍ଧ ପରିସ୍ଥିତିରେ ଗୋଟାଏ ଜାତିର ବିବେକ-ବୁଦ୍ଧି; ତଥାପି ସେଥିରେ ପ୍ରକାଶିତ ସତ୍ୟ କେବେ କେବେ ସାର୍ବଜନୀନ ଓ ସାର୍ବକାଳୀନ ହୁଏନାହିଁ । ଗୋଟିଏ ପରିସ୍ଥିତିରେ ଯାହା ସତ୍ୟ, ଭିନ୍ନତର ପରିସ୍ଥିତିରେ ତାହା ସତ୍ୟଭାବେ ଗୃହୀତ ହୋଇ ନପାରେ । କେତେବେଳେ "ବିଳମ୍ବେନ କାର୍ଯ୍ୟସିଦ୍ଧି" କେତେବେଳେ "ଶୁଭସ୍ୟ ଶୀଘ୍ରଂ"ରେ ବା ସିଦ୍ଧିର ସୂଚନା ମିଳିଥାଏ । ଶିଳ୍ପ-ସମାଜରୁ ଜାତ ଢଗ ସଂଖ୍ୟା ନଗଣ୍ୟ, ବାଦବାଧ

ସମାଜରେ ତାର ବ୍ୟବହାର ମଧ୍ୟ ନିତାନ୍ତ ଊଣା । ତଥାପି ଗୋଷ୍ଠୀଏ ଗାର୍ଦ୍ଧ ପରମ୍ପରା ଯୁକ୍ତ ଜାତିର ପ୍ରତିଭା ଓ ରସାଳ ଅନ୍ତରାତ୍ମାର ଏହାହିଁ ଉତ୍କୃଷ୍ଟ ନିଦର୍ଶନ ।

ଗ୍ରୀସର ଢଗ ହୋମରଙ୍କ କାବ୍ୟର ବହୁ ପଦ ବହନ କରେ, ରୋମାନ୍‌ମାନଙ୍କ ବ୍ୟବସାୟ-ବୁଦ୍ଧି, ମିତ-ବ୍ୟୟିତା, କଠୋରତା ରୋମର ଢଗରେ ସୁଲଭ । ବହୁକାଳ ଇଟାଲୀୟମାନେ ପରାଧୀନ ଥିଲେ । ତେଣୁ ଇଟାଲୀର ଢଗରେ ବିଦେଶୀ ଶାସନ ବିରୋଧୀ ଚିନ୍ତା, ରାଜନୀତିକ ଭାବ ଅଧିକ ଭାବେ ରୂପାୟିତ । ଇଟାଲୀୟ ସମଗ୍ର ସଂସାରକୁ ସଂଶୟ ଦୃଷ୍ଟିରେ ଦେଖିଥାଏ; ପ୍ରତିହିଂସା ଚିନ୍ତା, ଧୂର୍ତ୍ତତାର ବିଜୟୋଲ୍ଲାସ ତାର ବହୁ ଢଗରେ ରୂପାୟିତ ।

ଢଗ ଢମାଳିରେ ଗୁଣ ଓ ସଂଖ୍ୟାରେ ସ୍ପେନ୍ ଇଉରୋପରେ ଅତି ସମୃଦ୍ଧ । ଏହାର ଢଗ ସଂଖ୍ୟା ପ୍ରାୟ ତିରିଶ ହଜାର । ସ୍ପେନ୍ ଜାତିର ହୃଦୟ କରୁଣା ଓ ପରଦୁଃଖ-କାତରତାରେ ଭରପୂର । ସେ ସର୍ବତୋଭାବେ ସମ୍ମାନ ପାଇବାର ଯୋଗ୍ୟ । କେତେକ ଢଗରେ ଏହି ଭାବ ପ୍ରକାଶିତ । କେତେକ ସ୍ପେନୀୟ ଢଗର ବକ୍ରୋକ୍ତି -ମାଧୁରୀ ଅପୂର୍ବ ।

ରୁଷିଆରେ ଷାଠିଏ ହଜାରରୁ ଅଧିକ ଢଗ ପ୍ରଚଳିତ ଓ ସେହି ଦେଶରେ ଏହା ପିତୃ ପିତାମହଙ୍କ ଏକ ନ୍ୟସ୍ତ ମୂଲ୍ୟବାନ୍ ସାଂସ୍କୃତିକ ସଂପତ୍ତି ରୂପେ ସଂରକ୍ଷିତ ।

'ଭାଗ୍ୟବନ୍ତ', 'ଯାହା କରିବେ ସାଇଁ ତା କାହାର ହାତରେ ନାହିଁ', 'ଅତିଥି ସେବ୍ୟ' —ଏଇଭାବ, କେତେକ ଆରବୀୟ ଢଗରେ ରୂପାୟିତ, ଏହା ହାସ୍ୟରସ ଭରା ।

ପାରସିକ ବଚନ ଚତୁର । କିନ୍ତୁ ତାର ମୌଳିକତା ସ୍ୱଳ୍ପ; ଆରବର ଢଗକୁ ସେ ନକଲ କରିଥାଏ । ଏହି ଉଭୟ ଦେଶରେ କୃଷି ପ୍ରବଚନ ବିରଳ, କାରଣ କୃଷି ସ୍ୱଳ୍ପ ।

ଫରାସୀ ଜାତିର ସୌନ୍ଦର୍ଯ୍ୟପ୍ରିୟତା, ତୀକ୍ଷ୍ଣ ବୁଦ୍ଧିମତ୍ତା ଫରାସୀ ଢଗରେ ପ୍ରକାଶିତ ।

ଜର୍ମାନ୍ ଢଗ ଖ୍ରୀଷ୍ଟୀୟ ଚରିତ୍ରର ରୂପକ ।

ଚୀନ୍ ଦେଶର ଦାର୍ଶନିକ କନ୍‌ଫୁସିଅସ୍ ଓ ଲାଓତ୍ସେଙ୍କ ଉକ୍ତିସବୁ ଢଗ ହୋଇଯାଇଅଛି । ଏଥିରେ ଅନ୍ତର୍ଦୃଷ୍ଟି ଅଧିକ । ଜାପାନୀ ଲୋକୋକ୍ତିରେ ବୌଦ୍ଧଧର୍ମ ଓ କନ୍‌ଫୁସିଅସ୍‌ଙ୍କ ଉପଦେଶମାନ ରୂପାୟିତ ହୋଇଅଛି ।

ସ୍ୱିଜରଲାଣ୍ଡର ଲୋକୋକ୍ତିରୁ ପୁରାତତ୍ତ୍ୱବିତ୍, ସମାଜ-ତତ୍ତ୍ୱଜ୍ଞ, ରାଜନୀତିଜ୍ଞ, କଳାମର୍ମଜ୍ଞ ଓ ସଭ୍ୟତାର ଇତିହାସ—ଲେଖକମାନେ ବହୁ ଉପାଦାନ ସଂଗ୍ରହ କରିଥାନ୍ତି ।

ଢ଼ଗ ଗଢ଼ିବା ମଣିଷର ପ୍ରକୃତି । ସଂସ୍କୃତର ଯେ କୌଣସି ବିଷୟ ପରି ଢ଼ଗ ପ୍ରାଚୀନ । ମାନବସଭ୍ୟତାର ଆଦ୍ୟଗ୍ରନ୍ଥ ବେଦ ମଧ୍ୟ ଢ଼ଗର ଗୋଟିଏ ଭଣ୍ଡାର । ତତ୍କାଳୀନ ସାମାଜିକ ଓ ସାଂସାରିକ ଅନୁଭବମାନ ସେଥିରେ ରୂପାୟିତ ।

'ନ ଋତେ ଶ୍ରାନ୍ତସ୍ୟ ସଖ୍ୟାୟ ଦେବାଃ'—ଯେ ନିଜେ କଷ୍ଟ କରି କାର୍ଯ୍ୟ ନ କରେ ତାକୁ ଦେବତା ସାହାଯ୍ୟ କରନ୍ତି ନାହିଁ, ଇଂରେଜ ଢଗ—'God helps those who help themselves' ସହିତ ଏହାର ସାମ୍ୟ ଲକ୍ଷଣୀୟ ।

ଉପନିଷଦ୍‌ରେ ସେହିପରି 'ଆଚାରଃ ପ୍ରଥମୋ ଧର୍ମଃ', 'ଅଧ୍ୟାତ୍ମ ବିଦ୍ୟା ବିଦ୍ୟାନାମ୍,' 'କର୍ମଣା ବଧ୍ୟତେ ଜନ୍ତୁଃ ବିଦ୍ୟୟା ଚ ପ୍ରମୁଚ୍ୟତେ', 'ଉଦାର ଚରିତାନାଂ ତୁ ବସୁଧୈବ କୁଟୁମ୍ବକମ୍' 'ଯୋ ବୈ ଭୂମା ତତ୍ ସୁଖଂ ନାଳ୍ପେ ସୁଖମସ୍ତି','ବିଦ୍ୟୟାଽମୃତମଶ୍ନୁତେ' ପ୍ରଭୃତି ଭାରତର ମୁଖମଣ୍ଡନ ରୂପେ ବ୍ୟବହୃତ ବହୁ ସଦୁକ୍ତି ବା ଢ଼ଗ ପ୍ରଚଳିତ ।

ରାମାୟଣ ମହାଭାରତର ପ୍ରତି ପୃଷ୍ଠାରେ ପ୍ରାୟ ଲୋକପ୍ରିୟ ବଚନ ସୁଲଭ । ରାମାୟଣର 'ଧିଗସ୍ତୁ ପରବଶ୍ୟତାମ୍', 'ଅପ୍ରିୟସ୍ୟ ଚ ପଥ୍ୟସ୍ୟ ବକ୍ତା ଶ୍ରୋତା ଚ ଦୁର୍ଲଭଃ,' 'ସ୍ୱଭାବଃ ଦୁରତିକ୍ରମଃ', ମହାଭାରତର 'ସେନାପତୌ ଯଶୋଗନ୍ତା, ନ ତୁ ଯୋଧାନ୍ କଥଂଚନ'

(ଲଭେ ସିପାଣ୍ଟ ଯଶ ସରଦାର୍‌କା)'ସବୋଣ୍ଟ ମନ୍ୟତେ ଲୋକଃ ଆତ୍ମାନଂ ବୁଦ୍ଧିମତ୍ତରଂ' (ପ୍ରତ୍ୟେକ ଲୋକ ନିଜକୁ ଅନ୍ୟ ଅପେକ୍ଷା ଅଧିକ ବୁଦ୍ଧି-ମାନ୍ ମନେ କରେ ।) 'ପିବନ୍ତ୍ୟେବୋଦକଂ ଗାବୋ ମଣ୍ଡୂକେଷୁ ରୁବତ୍‌ସ୍ୱପି' (ବେଙ୍ଗ ପୋଖରୀରେ କେଁ କଟର କରୁଥିଲେ ବି ଗାଈ ନିଃସଂକୋଚରେ ପାଣି ପିଅନ୍ତି ।), ପୁରାଣର 'ଯଥା କୃତଂ ତଥା ଭୁକ୍ତଂ' (ଯେମିତି କାମକୁ ସେମିତି ଫଳ), 'ଯଥା ଧେନୁ ସହସ୍ରେଷୁ ବତ୍ସୋ ବିନ୍ଦତି ମାତରମ୍, ତଥା ଶୁଭାଶୁଭଂ କର୍ମକର୍ତ୍ତାରମନୁଗଚ୍ଛତି' (ଯେପରି ବହୁ ଗାଈ ମଧ୍ୟରେ ବାଛୁରୀ ନିଜ ମାଆକୁ ଖୋଜି ପାଏ, ସେହିପରି କର୍ମର ଫଳ କର୍ତ୍ତାର ପଛେ ପଛେ ଯାଏ ଓ ତାକୁ ଭୋଗ କରିବାକୁ ହୁଏ ।), ମହାଜନଃ ଯେନ ଗତଃ ସ ପନ୍ଥା', 'କଣ୍ଟକେନୈବ କଣ୍ଟକମ୍', 'ବାଲସ୍ୟ ରୁଦିତଂ ବଳଂ', ସ୍ମୃତିର 'ବାଲାଦପି ସୁଭାଷିତମ୍', 'ସ୍ତ୍ରୀରତ୍ନଂ ଦୁଷ୍କୁଳାଦପି, ଗୃହୀତବ୍ୟ' ମନ୍ତ୍ରର 'ଆହାରେ ବ୍ୟବହାରେ ଚ ତ୍ୟକ୍ତଲଜ୍ଜଃ ସୁଖୀ ଭବେତ୍', ପାଲିର 'ନସୋ ଧମ୍ମଂ ବିଜାନାତି ଦବ୍ବୀ ସୂପରସଂ ଯଥା' (ଚଟୁ ତିଅଣ ଘାଣ୍ଟେ, କିନ୍ତୁ ତିଅଣର ସ୍ୱାଦ ବୁଝେ ନାହିଁ, ସେହିପରି ସେ ଧର୍ମଶାସ୍ତ୍ର ପଢ଼େ, କିନ୍ତୁ ତାର ମର୍ମ ହୃଦୟଙ୍ଗମ କରି ପାରେ ନାହିଁ ।) ନ ତେନ ଥେରୋ ହୋତି ଯେନାସ୍ସ ପଳିତଂ ଶିରଃ" (ବୁଢ଼ା ବୃଦ୍ଧ ସେହି ଜନ ଶୁକ୍ଳକେଶ ଅଟେ ଯାର ଶିର),ପ୍ରାକୃତର 'ମହିଳା ଚରିୟଂ ନ ଜାଣନ୍ତି' (ସ୍ତ୍ରୀଙ୍କ ଚରିତ୍ର ବୁଝିବା କଷ୍ଟକର), 'ସଇଭପ୍ପ ଲୋହ ନିରନ୍ଧ ଲୋହ ଦୋସା ନ ପାସନ୍ତି' ସ୍ନେହାନ୍ଧ ଯେ ଦୋଷ ଦେଖି ପାରେ ନାହିଁ, ଏକଥା ସତ୍ୟ ।)କାଳିଦାସ, ମାଘ,ଭାରବୀ,ଶୁଦ୍ରକ, ଭବଭୂତି ପ୍ରଭୃତିଙ୍କ କାବ୍ୟର କେତେ ଯେ ସୂକ୍ତି ଲୋକପ୍ରିୟ ବଚନରୂପେ ଗାଁ ଗହଳରେ ବ୍ୟବହୃତ ହେଉଅଛି, ଉଦାହରଣ ଦେବା ଦୁଷ୍କର ।

'ଲୋକବାଣୀ ସଞ୍ଚୟନ'ର ଉପାଦାନ ଅଂଶିକ ଭାବେ ମୋର ନିଜସ୍ୱ ସଂଗ୍ରହ । ପ୍ରାପ୍ତ ସମସ୍ତ ପୂର୍ବ ସୂତ୍ର ଓ ସଂଗ୍ରହ କର୍ତ୍ତାଙ୍କ ନିକଟରେ ମୁଁ ଋଣୀ ।

**ସଂଗ୍ରହର ଇତିହାସ**—ଓଡ଼ିଆ ଢଗ-ଢମାଳି ପ୍ରାୟ ଏକଶତ ବର୍ଷ ଧରି ସଂଗୃହୀତ ହୋଇ ଆସୁଅଛି । ୧୮୬୮ ଖ୍ରୀଷ୍ଟାବ୍ଦରେ ଜନ୍

ଛମ୍ପଙ୍କ ଓଡ଼ିଆ କେବଳୀର ସଂସ୍କରଣ [illegible] ପ୍ରଥମ ଉଦ୍ୟୋଗର ଗୌରବ ପଣ୍ଡିତ କପିଳେଶ୍ବର ବିଦ୍ୟାଭୂଷଣଙ୍କର ପ୍ରାପ୍ୟ । ୧୮୭୬ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ତତ୍କାଳୀନ କମିଶନର ରେଭେନ୍ସା ସାହେବଙ୍କ ଆନୁକୂଲ୍ୟରେ ସେ କେତେକ ଢଗ ଢମାଳି ସଂଗ୍ରହ କରି ପ୍ରକାଶ କରିଥିଲେ । ତାଙ୍କ ପୁତ୍ର ସୁଦର୍ଶନ ନନ୍ଦ ୧୯୦୮ ଖ୍ରୀଷ୍ଟାବ୍ଦରେ ଏହି ପୁସ୍ତକର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିଥିଲେ ।

ଢଗଢମାଳି, ପ୍ରଥମ ଭାଗ, ଗୋବିନ୍ଦ ରଥଙ୍କ ଦ୍ୱାରା ୧୮୯୩ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ସତର ପୃଷ୍ଠାର ଖଣ୍ଡିଏ ପୁସ୍ତିକା ('ଅ'ରୁ 'ଖ' ପର୍ଯ୍ୟନ୍ତ), ମୂଲ୍ୟ ତିନି ପଇସା ମାତ୍ର । ଏହାର ଅନ୍ୟ ଭାଗମାନ ପ୍ରକାଶ ପାଇଛି କି ନାହିଁ ଜାଣେ ନାହିଁ ।

'ବୃହତ୍ ଢଗରତ୍ନମାଳା' ବା 'ଢଗମାଳିକା' ଜଗନ୍ନାଥ ସିଂହଙ୍କ ଦ୍ୱାରା ସଂଗୃହୀତ ଓ ପ୍ରକାଶିତ । ମୂଲ୍ୟ ଗୁଳଣ ପଇସା । ଛପା ତାରିଖ ଅଜଣା ।

୧୯୦୩ରେ ମାଳମଣି ବିଦ୍ୟାରତ୍ନ କେତେକ ଢଗ, ଶ୍ଳୋକାଂଶ ସଂଗ୍ରହ କରି ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ନାମରେ ଉତ୍ସର୍ଗ କରିଥିଲେ । କଟକର ଶେଖ୍ ଅବଦୁଲ ମଜିଦ୍ 'ଢଗମାଳିକା', 'ଢଗରତ୍ନାକର', ପୁରୀ ଜିଲ୍ଲାର ଚନ୍ଦ୍ରଶେଖର ବାହିନୀପତି 'ପରିହାସ ଦର୍ପଣ' ନାମରେ ଢଗ ସଂଗ୍ରହମାନ ପ୍ରକାଶ କରିଥିଲେ ।

'ନେଗମାଳିକା'ର ସଂଗ୍ରାହକ ଶ୍ୟାମସୁନ୍ଦର ଗନ୍ତାୟତ, ଏହା ବାର ପୃଷ୍ଠାର ପୁସ୍ତିକାଟିଏ, ମୂଲ୍ୟ ପାଞ୍ଚ ପଇସା ।

'ଢଗମାଳିକା ସଂଗ୍ରହ ଓ ଚିନ୍ତାବୋଧିନୀ'ର ସଂଗ୍ରାହକ ଓ ପ୍ରକାଶକ ପାରଳାଖେମିଣ୍ଡିର ଆପନ୍ନା ପଣ୍ଡା । ୧୯୦୫ ଖ୍ରୀଷ୍ଟାବ୍ଦରେ ଢଗ ସଂଗ୍ରହ ପରେ ସେଗୁଡ଼ିକ ବିନା ଟୀକା ଟିପ୍ପଣୀରେ ପ୍ରକାଶ କରିଦେଲେ ମନୋମୁଗ୍ଧକର ହେବ ନାହିଁ ବୋଲି ସେ ସେମାନଙ୍କ ମୂଳତତ୍ତ୍ୱ ବିବେଚନାରେ ଅଠର ବର୍ଷକାଳ ବିତାଇ ଦେଲେ । ୧୯୨୩ରେ ଏହା ପ୍ରକାଶ ପାଇଲା । ଇଂରେଜୀ ଇସପ୍ ଗଳ୍ପ ମନେ ପଡ଼ିବାରୁ ପ୍ରତି ଢଗର ଅର୍ଥ

ଭାବ ପ୍ରଚଳିତ ବା ରଚିତ ଗଳ୍ପର ତାତ୍ପର୍ଯ୍ୟରେ ବୁଝାଇଥିଲେ । ଅକ୍ଷର କ୍ରମରେ ସଜ୍ଜିତ ନ ହେଲେ ମଧ୍ୟ ଛାତ୍ରର ତତ୍ତ୍ୱ ହୃଦୟଙ୍ଗମ କରିବା ଲାଗି ଏହା ଖଣ୍ଡିଏ ଉପାଦେୟ ପୁସ୍ତକ ।

"ଓଡ଼ିଆ ପ୍ରବାଦ ମାଳା' ୧୯୧୪ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ । ଉଚ୍ଚ ଇଂରାଜୀ ବିଦ୍ୟାଳୟ ପରୀକ୍ଷା ସମୂହରେ 'ପ୍ରବାଦ'ରୁ ପ୍ରଶ୍ନ ଆସୁଥିବାରୁ, ଅଜ୍ଞାନତା ବଶତଃ ଛାତ୍ରମାନେ ଉତ୍ତର ଦେବାକୁ ଅସମର୍ଥ ହେଉଥିବାରୁ, ସାଧାରଣଙ୍କ ସାହିତ୍ୟଜ୍ଞାନ ପୂର୍ତ୍ତିଙ୍ଗ ନ ହେଉଥିବାରୁ ପଣ୍ଡିତ ଭଗବାନ ହୋତା କାର୍ଯ୍ୟାର୍ଥ ପ୍ରବାଦମାନ ସଂଗ୍ରହ କରି ଏହି ନାମରେ ପ୍ରକାଶ କରିଥିଲେ । ଏଥିରେ ସଂସ୍କୃତ ଓ ଓଡ଼ିଆ ପ୍ରବାଦମାନ ବର୍ଣ୍ଣାନୁକ୍ରମରେ ରଖାଯାଇ ସରଳାର୍ଥ ବୁଝାଇ ଦିଆ ହୋଇଛି । କବି ନନ୍ଦକିଶୋର ବଳ ମୁଖବନ୍ଧରେ ଲେଖିଛନ୍ତି—

"ଏହି ପ୍ରବାଦଗୁଡ଼ିକରେ ଯୁଗଯୁଗାନ୍ତ ଲବ୍ଧ ଜାତୀୟ ଅଭିଜ୍ଞତା ସୁନ୍ଦର ଓ ସଂକ୍ଷିପ୍ତ ଭାଷାରେ ନିବଦ୍ଧ ହୋଇଅଛି । ଜାତୀୟ କବିବୃନ୍ଦ ଏହି ପ୍ରବାଦଗୁଡ଼ିକ ସ୍ୱକୀୟ ରଚନାର ଅଙ୍ଗୀଭୂତ କରିଛନ୍ତି । କାହାରି କାହାରି ମତରେ ପ୍ରଧାନ ପ୍ରଧାନ କବି ଓ ଲେଖକଙ୍କ ସୁନ୍ଦର କଥାସବୁ ପ୍ରବାଦ ଆକାରରେ ସମାଜରେ ପ୍ରଚଳିତ ହୋଇଅଛି, ସେ ଯାହା ହେଉ, ଏହି ଆପ୍ତ ବାକ୍ୟଗୁଡ଼ିକରେ ଯେ ବହୁ ଆନନ୍ଦ ଓ ଶିକ୍ଷା ନିହିତ ଅଛି, ଏଥିରେ ମତଦ୍ୱୈଧ ନାହିଁ ।"

୧୯୧୪ ଖ୍ରୀଷ୍ଟାବ୍ଦରେ ଭଗବାନନ୍ଦ ଦାସଙ୍କ 'କୃଷି ପ୍ରବଚନ ସଂଗ୍ରହ' ପ୍ରକାଶିତ ହୋଇଥିଲା । କୃଷି ବଚନମାନ ସେ ସାତୋଟି ଭାଗରେ ବିଭକ୍ତ କରିଛନ୍ତି; ଯଥା—କୃଷି ଜୀବିକାର ଉପାୟ, ପାଳକ ଓ ଫଳର ଗଣନା, କୃଷିର ସମୟ, ବଳଦ ଓ ଯନ୍ତ୍ରର ବିବରଣ, ବେଉଷଣ ବିଧି, ବର୍ଷଣ, ଫସଲ ।

ସେ ସଂସ୍କୃତ, ବଙ୍ଗଳା ଓ ହିନ୍ଦୀର ଦୁର୍ବୋଧ୍ୟ ପ୍ରବଚନମାନ ପଦ୍ୟରେ ଅନୁବାଦ କରି ସରଳ ଗଦ୍ୟରେ ଅର୍ଥ ବୁଝାଇ ଦେଇଛନ୍ତି । କୃଷିର ଉନ୍ନତି ନିମିତ୍ତ କୃଷକମାନଙ୍କ ମଧ୍ୟରେ ଅନୁଭବ-ସିଦ୍ଧ

ଉକ୍ତ ପ୍ରସ୍ତରର ଆବଶ୍ୟକତା ଅନୁଭବ କରି ସେ 'ଖତ ଓ ସାରକଥା', 'ରୋପଣ ବିଧି' ସମ୍ବନ୍ଧରେ ଦୁଇଟି ସନ୍ଦର୍ଭ ଲେଖିଛନ୍ତି ।

ନିତ୍ୟାନନ୍ଦ ସାହୁଙ୍କର 'ଢଗ ଢମାଳି' ମାତ୍ର ଦ' ପଇସାର ପୁସ୍ତିକାଟିଏ, ୧୯୨୪ରେ ପ୍ରକାଶିତ ।

'ଢଗ ପଢ଼ିଥିଲ ଢମାଳି ଶୁଣ
ଗୋଟିଏ ପଇସା ଦେଇଣ କିଣ' ।

ଏଇ ବିଜ୍ଞାପନଟି ପୁସ୍ତିକାର ଆଦ୍ୟରେ ପ୍ରକାଶିତ । ଦୁଇଟି ଭାଗରେ ପ୍ରକାଶିତ ପୀତାମ୍ବର ଦେବଙ୍କ 'ଢଗ ଢମାଳି ବଚନ' ଓଡ଼ିଶାର ବୃହତ୍ତମ ଲୋକୋକ୍ତି ସଂଗ୍ରହ । ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜ ପ୍ରଥମ ଭାଗର ମୁଖବନ୍ଧରେ ଲେଖିଛନ୍ତି—

''ଲଘୁ ସାହିତ୍ୟ ଓ ଲୋକ ମୁଖରେ ପର୍ଯ୍ୟବସିତ ବଚନ ଓ ପ୍ରୟୋଗମାନଙ୍କୁ ସଂଗ୍ରହ କରି ରଖି ଦେବାର ମୋର ବହୁ କାଳର ପୋଷିତ ବାସନାକୁ କାର୍ଯ୍ୟରେ ପରିଣତ କରିଥିବାରୁ ମୁଁ ପୀତାମ୍ବରଙ୍କୁ ଜ୍ୟେଷ୍ଠଭ୍ରାତାର କ୍ଷୁଦ୍ର ହୃଦୟର ଆଶୀର୍ବାଦ ଅର୍ପଣ କରୁଅଛି ।''

''ମୁଁ ଯୋଗ କରିଥିବା ଶ୍ଳୋକାଂଶ, ବଚନ ଓ ଟୀକା ଛଡ଼ା ଏ ପୁସ୍ତକରେ ସଂଗୃହୀତ ପଦଗୁଡ଼ିକ ପୀତାମ୍ବରଙ୍କ ପରିଶ୍ରମ ପ୍ରସୂତ'' ।

ମୁଁ ସର୍ବଦା ଢଗ ଢମାଳି ଆଦି ଲୌକିକ ସାହିତ୍ୟର ଜଣେ ଅଧମ ଭକ୍ତ । ମୋର ବିଶ୍ୱାସ ଯେ ଏ ଶ୍ରେଣୀର ବଚନମାନଙ୍କରେ ଯେତେଗୁଡ଼ିଏ ଖାଣ୍ଟି ଓଡ଼ିଆ ଶବ୍ଦ, ଭାବ, ରୁଚି ଓ ଖଣ୍ଡର ଆଭାସ ସଞ୍ଚିତ ହୋଇ ରଖା ଯାଇଛି, ତାହା କାହାଣୀ ଛଡ଼ା ଅନ୍ୟତ୍ର ମିଳିବ ନାହିଁ । ଏଗୁଡ଼ିକ ଲିପିବଦ୍ଧ ହୋଇ ନ ରହିଲେ ଓ ଏ ଗୁଡ଼ିକର ଉପାଦେୟତା ପ୍ରତି ଶିକ୍ଷିତମାନଙ୍କର ଦୃଷ୍ଟି ଓ ଆଗ୍ରହ ଆକର୍ଷିତ ନ ହେଲେ କାଳକ୍ରମେ ନବ୍ୟ ଶିକ୍ଷିତ ଭାବୀ ବଂଶଧରମାନେ ଏଗୁଡ଼ିକ ଭୁଲିଯିବେ ଏବଂ ଭାଷାର ଓ ସମାଜର ତତ୍ତ୍ୱାନୁସନ୍ଧାନୀଙ୍କ ପାଇଁ ଗୁଡ଼ିଏ ବହୁମୂଲ୍ୟ ଉପକରଣ ଆମ ଦେଶରୁ ଉଭେଇ ଯିବ । ଏହି ଲକ୍ଷ୍ୟକୁ ସମ୍ମୁଖରେ ରଖି ମୁଁ ମୋର ନଗଣ୍ୟ ଲେଖା ମଧ୍ୟରେ ଯଥାଶକ୍ତି ଖାଣ୍ଟି ଓଡ଼ିଆ ଶବ୍ଦ, ଢଗିଆ ପ୍ରୟୋଗ

(Idiom), ଢଗ, ପ୍ରବଚନ ଓ ଉଦ୍ଭଟ ପଦମାନ ସନ୍ନିବେଶିତ କରିବାକୁ ଯତ୍ନ କରିଥାଏ ।"

ଢଗ ସଂଗ୍ରହ କପରି କଷ୍ଟକର କାର୍ଯ୍ୟ ଓ ପୁରୁଷ ଅପେକ୍ଷା ସ୍ତ୍ରୀ ପକ୍ଷରେ ଏହା କିପରି ଅପେକ୍ଷାକୃତ ସହଜ ସେ ତାହା ପ୍ରକାଶ କରିଛନ୍ତି—

"ମୁଁ ଢଗଗୁଡ଼ିଏ ସଂଗ୍ରହ କରିବାକୁ ବସି ଢଗ ଜାଣିଥିବା ମଫସଲି ସ୍ତ୍ରୀପୁରୁଷ, ବାଉରି, କଣ୍ଡରା, କେଉଟ, ଚଷା ଆଦିଙ୍କୁ ଡାକି ବହୁ ସାଧ୍ୟସାଧନା କଲି ଓ ଧନ ମଧ୍ୟ ଯାଚିଲି । କିନ୍ତୁ ସେମାନେ ମୋ ଆଗରେ ସେମାନେ ଜାଣିଥିବା ଢଗ ଓ ଗୀତ ବୋଲିବାକୁ କୁଣ୍ଠିତ ହେଲେ ଏବଂ କହିଲେ ଯେ ମତେ ଦେଖିବା ମାତ୍ରକେ ସେମାନଙ୍କ କଣ୍ଠସ୍ଥ ବଚନମାନ ସେମାନଙ୍କୁ ପଡ଼ୁନାହିଁ । ଫଳତଃ ଦେଖିଲି ଯେ ସେମାନେ ଏ ପୁସ୍ତକର ସଂଗ୍ରାହିକା ପୀତାମ୍ବରୀଙ୍କ ନିକଟରେ ଅସଂକୋଚରେ ଢଗମାନ ପାଣିପରି ବୋଲି ଯାଉଥାନ୍ତି ଓ ମୁଁ କବାଟର ଆଡୁଆଳରେ ଲୁଚିକରି ଶୁଣୁଥାଏ ।"

ଶ୍ରୀ ପ୍ରହରାଜ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଲାଗି ଗାଉଁଲି ଶବ୍ଦ ଓ ବିଶିଷ୍ଟ ପ୍ରୟୋଗମାନଙ୍କର ଆବଶ୍ୟକତା ଦୃଷ୍ଟିରୁ 'ଢଗ ଢମାଳି ବଚନ' ସଂଗ୍ରହ କରାଇଥିଲେ । ଆଧୁନିକ ଓଡ଼ିଆ ଭାଷା, ଜନଭାଷା ଓ ସଂସ୍କୃତିରୁ ଦୂରେଇ ଯାଉଥିଲା । ସ୍ୱାଭାବିକ ସ୍ୱଚ୍ଛନ୍ଦ ଶ୍ରୀ ଓ ରସ ମାଧୁରୀ ହରାଇ ଏହା ଏକାନ୍ତ କୃତ୍ରିମ ଓ ଅନୁକରଣ—ସର୍ବସ୍ୱ ହୋଇ ପଡ଼ୁଥିଲା, ଯେପରିକି 'ଶିକାଙ୍କ ଉପରେ ଘଡ଼ିଙ୍କ ଭିତରେ ଘୃତ ଅଛନ୍ତି ।' 'ଅମାର୍ଜିତ ଗ୍ରାମ୍ୟ ମାଇପଙ୍କ କଥା, 'ବ୍ରାହ୍ମଣିଆ' 'ଇତର' ବୋଲି ତାଙ୍କ ଭାଷା ସମାଲୋଚିତ ହେଲେବି ସେ ରଚନାରେ ସେପରି ଭାଷା ବ୍ୟବହାରରୁ ବିରତ ହୋଇ ନ ଥିଲେ ।

ଢଗର ଉପଯୋଗିତା ବର୍ଣ୍ଣାଇ ଶ୍ରୀ ପ୍ରହରାଜ ଲେଖିଛନ୍ତି—
"ମାନବ ପ୍ରକୃତିର ଗଢ଼ଣର ଗୋଟିଏ ସ୍ୱାତନ୍ତ୍ର୍ୟ ଏହି କି ଗୋଟିଏ ସତ୍ୟ, ଉପଦେଶ ବା ନୀତିକଥାକୁ କେବଳ କଥାରେ କହିଦେଲେ ତାହା ଶ୍ରୋତାର ମନରେ ଯେପରି ଦୃଢ଼ ହୋଇ ଲାଗି ନ ରହେ, ସେହି ସତ୍ୟ ବା ଉପଦେଶକୁ ପଦ୍ୟ, ଢଗ ଋଷି ବଚନ, ଶାସ୍ତ୍ର ବାକ୍ୟ ଆଦିର

ସାହାଯ୍ୟରେ କହିଲେ ତାହା ଶ୍ରୋତାର ହୃଦୟରେ ଦୃଢ଼ତର ଓ ସ୍ଥାୟୀ ଭାବରେ ଲାଗି ରହେ । ମାନବ ପ୍ରକୃତିର ଏହି ଗୂଢ଼ ରହସ୍ୟକୁ ହୃଦୟଙ୍ଗମ କରି ସବୁ କାଳର ସବୁ ଦେଶରେ ପଣ୍ଡିତ, ଋଷି, ଗୁରୁଜନ, କବି ଓ ବୃଦ୍ଧବୃଦ୍ଧାମାନେ ଢଗ, ପ୍ରବାଦ, ପ୍ରବଚନ ଓ ପଦ୍ୟ ଛଳରେ ନୀତିବାକ୍ୟ ଓ ସନାତନ ସତ୍ୟମାନଙ୍କୁ ସମାଜକୁ ଉପହାର ଦେଇ ଯାଇଛନ୍ତି । କାଳର ଗତି ଅନୁସାରେ ପ୍ରତ୍ୟେକ ଜାତିର ଓ ସମାଜର ପ୍ରାଣକୁ ଯେତେଗୁଡ଼ିଏ ପ୍ରଭାବ ସ୍ପର୍ଶ ବା ଆନ୍ଦୋଳନ କରିଅଛି, ସେଗୁଡ଼ିକ ଢଗ ଓ ପ୍ରବଚନମାନଙ୍କରେ ପ୍ରତିଫଳିତ ହୋଇଅଛି । ଆମ ଉତ୍କଳରେ ଯେତେବେଳେ ଯେଉଁ ଯେଉଁ ଜାତି, ସଭ୍ୟତା ଓ ଧର୍ମଭାବ ଅପଣା ଆପଣାର ପ୍ରଭାବ ବିସ୍ତାର କରିଛି ସେହି ସେହି ସମୟରେ ସେହି ସେହି ଜାତି, ସଭ୍ୟତା ଓ ଧର୍ମଭାବର ଭାଷା ଓ ପ୍ରବଚନମାନ ଆମ ଦେଶକୁ ପ୍ରବେଶ କରିଅଛି । ବଙ୍ଗୀୟ, ହିନ୍ଦୁସ୍ଥାନୀ; ପାରସିକ ଓ ସଂସ୍କୃତ ଭାଷାର ସାମାଜିକ ଓ ପୌରାଣିକ ଆଖ୍ୟାୟିକା, ଶ୍ଳୋକ ଓ ପ୍ରବଚନମାନ ଆମ ଦେଶରେ ଲୋକଙ୍କ ମୁହଁରୁ ଶୁଣାଯାଉଥିବା ଏଥିର ନିଦର୍ଶନ ଅଟେ ।

ଲୋକ ମୁଖରୁ ଶୁଣାଯାଉଥିବା ଢଗ ଓ ପ୍ରବଚନ ଆଦିର ମୂଳ ଖୋଜିବାକୁ ଗଲେ ତାହାର ଉପାଦାନମାନ ପୁରୁଣା ଶାସ୍ତ୍ରଠାରୁ ଆରମ୍ଭ କରି ଶିଶୁ ଗୀତ ପର୍ଯ୍ୟନ୍ତ, ସଂସ୍କୃତରୁ ଆରମ୍ଭ କରି ହିନ୍ଦୀ, ବଙ୍ଗଳା, ପାରସୀ ଭାଷା ପର୍ଯ୍ୟନ୍ତ, ରାଜପ୍ରାସାଦରୁ ପର୍ଣ୍ଣକୁଟୀର ପର୍ଯ୍ୟନ୍ତ, ମୁନି ଋଷି ପଣ୍ଡିତଙ୍କଠାରୁ ମୂର୍ଖ ପର୍ଯ୍ୟନ୍ତ, ବ୍ରାହ୍ମଣଙ୍କଠାରୁ ଆରମ୍ଭ କରି ତେଲି, ତନ୍ତୀ, ଗୁଳାଉଣା, ବାଉରି, କଣ୍ଡରା, ଶଅର ଶଉରୁଣୀ, କେଳା କେଳୁଣୀ, ପାଣ ହାଡ଼ି ପର୍ଯ୍ୟନ୍ତ, ବୃଦ୍ଧ ବୃଦ୍ଧାଙ୍କଠାରୁ ଅପୋଗଣ୍ଡ ଶିଶୁଙ୍କ ପର୍ଯ୍ୟନ୍ତ ସବୁଠାରୁ ସଂଗୃହୀତ ହୋଇଥିବାର ଦେଖାଯିବ ।"

"ଏ ବଚନମାନ ଜାତିର କୋଠ ଭଣ୍ଡାର । ଏଥିରେ ବହୁ ପୁରୁଷାର୍ଜିତ ଅନୁଭବ, ଜ୍ଞାନ ଓ ମାନବ ପ୍ରକୃତିଗତ ସତ୍ୟମାନ ସୁନ୍ଦର ଓ ହୃଦୟଗ୍ରାହୀ ଆକାରରେ ଚମ୍ପକ ରୂପେ ସାଇତା ହୋଇ ରଖାଯାଇଛି ।"

ଅଶ୍ଳୀଳ ଡଗମାନ ସଂଗ୍ରହ କରି ଛପାଇଲେ ଯୁଗ ଯୁଗ ଲାଗି କଳଙ୍କ ସାଇତା ହେବ, ଅଥଚ ସେ ସବୁରେ ବ୍ୟବହୃତ ଦୁର୍ଲଭ ଶବ୍ଦମାନ ପରିହାର କଲେ ଓଡ଼ିଆ ଭାଷାର କ୍ଷତି ହେବ, ଏଇ ଦୁଇ ଦିଗ ପ୍ରତି ଦୃଷ୍ଟି ଦେଇ ସେ କେତେକ ଡଗର ସଂଶୋଧନ ପ୍ରସ୍ତାବ ଦେଇଛନ୍ତି ।

ଚକା ମଣୁଣି ପିଠା କରୁ
ଯେଉଁ ପୁରୁଷର ଯେତେ ଇଚ୍ଛା । —ନାଁ ଦିଆ

ଆପାତତଃ ଅଶ୍ଳୀଳ ବୋଧ ହେଲେବି ଏହାର ଅନ୍ତର୍ଗତ ଅର୍ଥ— ତାଳପତ୍ର ପୋଥିରୁ ଡୋର ଫିଟାଇ ପଢ଼ିବାକୁ ବସିବା ।

ଲିଙ୍ଗ ପଡ଼ିଲା
ଠିଁ କହି ବୋଲି ଦେଲା
ଭି କହି ପୂରେଇ ଦେଲା । —ନାଁ ଦିଆ

ଏହାର ଅର୍ଥ—ନିଆଁ ଲୁଣ୍ଡାକୁ ଫୁଙ୍କି ଚୁଲିରେ ପୂରେଇ ଦେବା । ଏ ଜାତୀୟ ଡଗକୁ ଜଳାଞ୍ଜଳି ଦେଲେ ଓଡ଼ିଆ ସାହିତ୍ୟର କ୍ଷତି ହେବ ବୋଲି ତାଙ୍କର ବିଶ୍ୱାସ ଥିଲା । 'ଟୋକା ଶୋଇଥିଲା ଗହମ ନିଦ' —ଏଥିରେ ଗହମ ନିଦ ଅର୍ଥ ଗାଢ଼ ନିଦ । ଏ ଶବ୍ଦଟିର ଏଭଳି ବ୍ୟବହାର ଅନ୍ୟତ୍ର ନାହିଁ । ତେଣୁ ଏହିଭଳି ଡଗର ସଂଶୋଧନର ପକ୍ଷପାତୀ ଥିଲେ ସେ । କିନ୍ତୁ ଡଗ ସଂଶୋଧନର ଅଧିକାର ଆମର ଅଛି କି ? ପ୍ରାଚୀନ ରଚନା ମଧ୍ୟରେ ଆଧୁନିକ ସଂଶୋଧନ ଖାପଛଡ଼ା ବୋଧ ହେବ ନାହିଁ କି ? ତେଣୁ ଇଂଲଣ୍ଡରେ 'Dictionary of slangs' ଓ ଆମ ଦେଶରେ ବହୁ ଅଶ୍ଳୀଳ କାବ୍ୟ କବିତା, ଉପନ୍ୟାସ, ଗଳ୍ପ ଚଳୁଥିବା ବେଳେ, ମନ୍ଦିରମାନଙ୍କରେ ଅଗଣିତ ଅଶ୍ଳୀଳ ମୂର୍ତ୍ତିର ପ୍ରଦର୍ଶନୀ ହୋଇ-ଥିବାବେଳେ, ଅଶ୍ଳୀଳ ଡଗମାନ ବାଦ୍ ଦେବା ଯୁକ୍ତିସଂଗତ ନୁହେଁ ।

ଲୋକ ବଚନମାନ ସଂଗ୍ରହ ନ କଲେ ବିଶିଷ୍ଟ ପ୍ରୟୋଗ (idiom) ମାନ ଲୋପ ପାଇଯିବ ଓ ଓଡ଼ିଆ ଭାଷାର ବିଶେଷ କ୍ଷତି ଘଟିବ ବୋଲି ସେ ଯାହା ଲେଖିଛନ୍ତି ତାହା ଯଥାର୍ଥ । 'ସୁଖ ପାଇବା' ସ୍ଥାନରେ 'ଭଲ

ପାଇବା, 'ଭେଟ ହେବା' ସ୍ଥାନରେ 'ଦେଖା ହେବା', 'ଅଯଜ ହେବା' ସ୍ଥଳରେ 'ବିଗିଡ଼ିବା', 'ମୂଳ ପାଣ୍ଡ ଲଗିବା' ସ୍ଥଳରେ 'ମଜ୍ଜା ଖାଇବା,' 'ବେଠି କରିବା' ସ୍ଥଳରେ 'ବେଗାରି ଖାଟିବା' ଇତ୍ୟାଦିର ପ୍ରୟୋଗ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଉପରେ ଆଞ୍ଚ ଆଣିଅଛି । ବିଶିଷ୍ଟ ପ୍ରୟୋଗ ଭଙ୍ଗୀ ଭାଷାର ନିଜସ୍ୱ । ତାକୁ ବାଦ୍ ଦେଲେ ଭାଷା କମ୍ପିତକମାଳାର ହୋଇପଡ଼େ । 'ମୁଁ ତାଙ୍କ ସଙ୍ଗେ ସୁଖଦୁଃଖ ହେଉଥିଲି,' 'ସେ ପିଲାଟି ଗୋଟିଏ ଗୃହୋଳରେ ଗଢ଼ା', 'ତା କାଚ ବଜ୍ର ହେଉ', 'ଘର୍ତ୍ତ ଖାଇ ଘୋଡ଼ା ଆଗରେ ଡେଇଁବା,' 'ଚକ୍ଷୁ ଲଜ୍ଜା ଏଡ଼ି ପାରିଲି ନାହିଁ,' 'ତା ସୁନା ହାତ ଚୂନା ହୋଇଗଲା' ପ୍ରଭୃତି ଅବିକଳ ଭାଷାନ୍ତର କଲେ ନିରର୍ଥକ ହୁଏ । ଏଗୁଡ଼ିକ କେବଳ ଭାଷାର ଗଠନରୀତି ବା ଇତିହାସ ଦୃଷ୍ଟିରୁ ଉପାଦେୟ ନୁହେଁ, ସେ ସବୁରେ ଉତ୍କଳୀୟ ସମାଜର ଚିତ୍ର ପ୍ରତି-ଫଳିତ ।

'ଶିବେ ନାସ୍ତି ଶିରୋବ୍ୟଥା', 'ମାରେ ସିପାହି ନାମ୍ ସର୍ଦ୍ଦାର୍ କା' 'ଯାର ଜନ୍ୟ ଚୁରି କରି ସେଇ ବଲେ ଚୋର', 'ଜୋର ଯାର୍ ମୁଲକ ତାର' ପ୍ରଭୃତି ସଂସ୍କୃତ, ହିନ୍ଦୀ, ବଙ୍ଗଳା, ପାରସୀ ଢଗମାନ ଲୋକମାନଙ୍କ ମଧ୍ୟରେ ପ୍ରଚଳିତ ଓ ଓଡ଼ିଆ ଢଗ ପରି ଲୋକପ୍ରିୟ ହୋଇଅଛି । ତେଣୁ ସେସବୁକୁ ସେ ଢଗଢମାଳି—ବଚନର ଅନ୍ତର୍ଭୁକ୍ତ କରିଛନ୍ତି । ଶ୍ରୀ ପ୍ରହରାଜ, ଢଗ ଢମାଳି ଉତ୍ପତ୍ତିର ଯେଉଁ ଇତିହାସ ଲିପିବଦ୍ଧ କରିଛନ୍ତି ତାହା ପ୍ରଣିଧାନ-ଯୋଗ୍ୟ ।

"ଦୈନନ୍ଦିନ ଜୀବନରେ, କଥା ଓ କାର୍ଯ୍ୟ ପ୍ରସଙ୍ଗରେ, ହାସ ପରିହାସରେ, ନାଟ ତାମସାରେ, କ୍ରୀଡ଼ା କୌତୁକରେ, ବ୍ୟଙ୍ଗ ବିଦ୍ରୂପରେ, ଉପଦେଶ, ଗାଳି, ଉଲୁଗୁଣା, ଉଲ୍ଲାଖ ଦେବାରେ, ସମାଲୋଚନା କରି-ବାରେ, ଅବୁଝା ମନକୁ ବୁଝାଇବାରେ, ଅବାଗିଆ ଲୋକକୁ ବାଗେଇ-ବାରେ, ଶ୍ରମର ବାଧାକୁ ଲଘୁ କରିବାରେ, କୃଷି ଓ ଗୋ-ମେଷାଦିଙ୍କୁ ପରୀକ୍ଷା କରିବାରେ, ପ୍ରଶ୍ନର ଉତ୍ତରରେ, ଠାରଠୁରରେ, ସନାତନ ସତ୍ୟ ଓ ଅନୁଭବମାନ ପ୍ରକାଶ କରିବାରେ, ଶୁଭକର୍ମ ଅନୁଷ୍ଠାନରେ, ଆଗତ ଭବିଷ୍ୟ କଳନା କରିବାରେ, ଯେଉଁ ଯେଉଁ ଢଗ ପ୍ରବଚନ, ଡାକ

ବଚନ, ଖନା ବଚନ, ଉ୍ତ୍ତିହା, ଢାମ୍ଢ଼ିକା ଆଦି କହିଥାଉଁ, ସେମାନେ ନାନା ସ୍ଥାନରୁ, ନାନା ଦେଶରୁ, ନାନା ମୁଖରୁ, ନାନା ଶାସ୍ତ୍ର ପୁରାଣରୁ ଗୋଟିଆ-ଗୋଟେଇ ହୋଇ ଆସିଅଛନ୍ତି । ଏ ଗୁଡ଼ିକ ପଦରପଣ ଉପରେ ଭେଣ୍ଡି ଗଣ୍ଡା 'ପର ବୁଜୁଳ' । ଶାସ୍ତ୍ର ପୁରାଣ ବା କାବ୍ୟ ରଚନା ଆଦି ପାଠ କରୁ କରୁ ବା ଶୁଣୁ ଶୁଣୁ ଯେଉଁ ଅଂଶ ବା ଛନ୍ଦ ବା ପ୍ରସଙ୍ଗ ବା ଉପାଖ୍ୟାନଟି ଶ୍ରୋତାଙ୍କର ଉପସ୍ଥିତ ଘଟଣା ବା ମନୋଗତ ଭାବକୁ ଗଞ୍ଜି ହୋଇଯାଏ ଓ ଯହିଁରେ ତାଙ୍କ ମନ ମାଜିଯାଏ ଓ ଯହିଁର ଉପଯୋଗିତା ବା ସାର-ବତ୍ତା ସମ୍ବନ୍ଧରେ ଏକାଧିକ ବ୍ୟକ୍ତି ଏକମତ ହୋଇଯାନ୍ତି, ତାହା ଏକ ଲୋକ ମୁହଁରୁ ଅନ୍ୟ ମୁହଁକୁ ଚଳ ପ୍ରଚଳ ହୋଇ ଢଗ ବା ପ୍ରବଚନ ଆକାର ଧାରଣ କରେ । ଏ ପୁରୁଷରେ ଯାହା ପୋଥିଗତ ବିଦ୍ୟା ରୂପରେ ଥାଏ, ଆର ପୁରୁଷକୁ ଢଗ ବା ପ୍ରବଚନ ବା ମହାଜନ ବଚନ ଆକାର ଧାରଣ କରି ଦେଶ ତମାମ୍ ଖେଳେଇ ହୋଇଯାଏ ।"

ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ପରେ ଢଗ ଢମାଳି ସଂଗ୍ରହ ଦିଗରେ ଏକନିଷ୍ଠ ପ୍ରଚେଷ୍ଟା ପ୍ରାୟ ହୋଇନାହିଁ । ଯେଉଁ କେତେକ ସାହିତ୍ୟିକ ଏ ଦିଗରେ ପ୍ରୟାସ କରିଛନ୍ତି, ସେମାନଙ୍କ ମଧ୍ୟରେ "ପ୍ରବଚନ ତରଙ୍ଗ"(୧୯୫୭)ର ସଂକଳକ ସମ୍ବଲପୁରର ସ୍ୱପ୍ନେଶ୍ୱର କବିଭୂଷଣଙ୍କ ନାମ ଉଲ୍ଲେଖଯୋଗ୍ୟ । ସୁଲିଖିତ ଭୂମିକାରେ କବିଭୂଷଣ ଏହି ପୁସ୍ତକର ଉପାଦାନ ଓ ପ୍ରବଚନମାନଙ୍କ ସଂପର୍କରେ ଉଲ୍ଲେଖ କରିଛନ୍ତି ।—

"ବର୍ତ୍ତମାନ ସଂଗ୍ରହରେ ସଂସ୍କୃତ, ହିନ୍ଦୀ, ବଙ୍ଗଳା ଭାଷାରେ ପ୍ରଚଳିତ କେତୋଟି ପ୍ରବଚନ ସ୍ଥାନ ପାଇଛି । ତା ଛଡ଼ା କେତୋଟି ଉଦ୍‌ଭଟ ଶ୍ଳୋକ ମଧ୍ୟ ରହିଛି । ସମ୍ବଲପୁର ଅଞ୍ଚଳରେ କଥିତ ପ୍ରବ-ଚନର ବହୁଳ ସନ୍ନିବେଶ ଦେଖି ହୁଏତ ପ୍ରଦେଶର ଅନ୍ୟାନ୍ୟ ଅଞ୍ଚଳସ୍ଥ ସାହିତ୍ୟିକମାନେ ଏହାକୁ ଭିନ୍ନ ଦୃଷ୍ଟିରେ ଦେଖିପାରନ୍ତି । ପରନ୍ତୁ ପ୍ରବଚନ ଗୁଡ଼ିକ ଦେଶର ଇତିବୃତ୍ତର ପ୍ରତୀକ ଏବଂ ସାହିତ୍ୟର ପରିପୋଷକ, ଏହା ବିଜ୍ଞ ବ୍ୟକ୍ତିମାନେ ଅସ୍ୱୀକାର କରି ପାରିବେ ନାହିଁ ।"

"ପ୍ରବଚନ ସାହିତ୍ୟକମାନଙ୍କର ଗୋଟିଏ ଆଦରର ସାମଗ୍ରୀ, କାରଣ ବକ୍ତା ଓ ଲେଖକଗଣ ବକ୍ତୃତା ଓ ପ୍ରବନ୍ଧର ସ୍ଥାନେ ସ୍ଥାନେ ପ୍ରବଚନ ବାକ୍ୟ ପ୍ରୟୋଗ କରି ସ୍ୱ ସ୍ୱ ବକ୍ତୃତା ଓ ପ୍ରବନ୍ଧର ଗୌରବ ବର୍ଦ୍ଧନ କରିଥାନ୍ତି । ବିଶେଷତଃ ଐତିହାସିକମାନେ ପ୍ରବାଦ ପ୍ରବଚନ କିମ୍ବଦନ୍ତୀରୁ ବହୁ ଐତିହାସିକ ଉପକରଣ ପାଇଥାନ୍ତି ।"

ଏହି ସଂଗ୍ରହରେ ମୋଟରେ ୩୦୭୪ଟି ବଚନ ଅଛି । କିନ୍ତୁ ସେ ସବୁ ଢ଼ଗ ଢ଼ମାଳି ବା ପ୍ରବଚନ ନୁହନ୍ତି । କବି ବଚନ, ବିଶିଷ୍ଟ ଲେଖକମାନଙ୍କ ଗଦ୍ୟୋକ୍ତି ଓ ନିଜ ରଚିତ ପଦ ବହୁଳାଂଶେ ପୁସ୍ତକର ଗୌରବ ହାନି କରିଅଛି ।

ଅଧ୍ୟାପକ ସର୍ବେଶ୍ୱର ଦାଶଙ୍କ 'ପ୍ରବଚନ ଓ ପ୍ରବାଦ ସଂଗ୍ରହ' (୧୯୬୧) ମଧ୍ୟ ଏକ ଉଲ୍ଲେଖଯୋଗ୍ୟ ସଂକଳନ । ଏଥିରେ ଢଗସବୁ ଅକ୍ଷର କ୍ରମରେ ସଜା ହୋଇଛି ଓ କେତୋଟି ଢ଼ଗର ଅର୍ଥ ଦିଆଯାଇଛି ।

ଢଗ ଢମାଳିକୁ ସେ ପ୍ରବାଦ ପ୍ରବଚନଠାରୁ ଭିନ୍ନ ମନେ କରିଛନ୍ତି । "ପ୍ରବଚନରେ ଯେ ଗଭୀର ବ୍ୟଞ୍ଜନା ଓ ସୁଦୂରପ୍ରସାରୀ ଅର୍ଥ ଗୌରବ ଅଛି ତାହା ଢଗରେ ନାହିଁ, ତେଣୁ ଢଗଠାରୁ ପ୍ରବଚନର ସାହିତ୍ୟକ ମୂଲ୍ୟ ଅଧିକ" । ଏହି ବିଶ୍ଳେଷଣ ଆଦୌ ସ୍ପଷ୍ଟ ନୁହେଁ । କୃଷି ପ୍ରବଚନର କି ସାହିତ୍ୟକ ମୂଲ୍ୟ ଅଛି ?

ସେ କାହାକୁ ଢଗ, କାହାକୁ ପ୍ରବଚନ କହୁଛନ୍ତି ଭୂମିକାରୁ ଜାଣିବାର ଉପାୟ ନାହିଁ । ଢଗର କବିତ୍ୱ ଓ ଛନ୍ଦ ମାଧୁରୀ ସେ ଉପଭୋଗ କରିଛନ୍ତି, ଢଗ ଢମାଳି ଓ ପ୍ରବାଦ ପ୍ରବଚନରୁ କିପରି ଓଡ଼ିଆ ଛନ୍ଦ କ୍ରମେ ବିକଶିତ ହୋଇଅଛି, ଶ୍ୟାମ ସୁନ୍ଦର ରାଜଗୁରୁଙ୍କ 'ପ୍ରବନ୍ଧାବଳୀ'ରୁ ସେ ଉଦ୍ଧାର କରିଛନ୍ତି । କିଗୋଟିଏ ଆଞ୍ଚଳିକ ଢଗ କିପରି ସାର୍ବଜନୀନ ପ୍ରୟୋଗ ଲାଭ କରେ 'ମାର୍କଣ୍ଡେଶ୍ୱର ଭଣ୍ଡାରି' (ଗୋଟିଏ କାର୍ଯ୍ୟକୁ ଅପୂର୍ଣ୍ଣ ରଖି ଅନ୍ୟ କାର୍ଯ୍ୟ ଆରମ୍ଭ କଲେ )ର ଦୃଷ୍ଟାନ୍ତ ଦେଇ ସେ ବୁଝାଇଛନ୍ତି ।

'ଢ଼ଗ କିପରି ସାହିତ୍ୟରେ ପ୍ରାଣଶକ୍ତି ସଞ୍ଚାର କରେ, ଏହାର ଅନାଡ଼ମ୍ବର କବିତ୍ୱ କିପରି ଶ୍ରୋତାକୁ ମୁଗ୍ଧ କରେ, ଓଡ଼ିଶାର ଇତିହାସ

କପରି ସେଥିରେ ଲୁଚି ରହିଛି, 'ହାତୀ ସୁବର୍ଣ୍ଣ କଳସ ଢାଳିବାରେ' କପରି ଓଡ଼ିଶାର ଦୃଢ଼ ଗଣତାନ୍ତ୍ରିକ ପରମ୍ପରାର ପ୍ରତୀକ ରହିଅଛି, ସ୍ୱାସ୍ଥ୍ୟ, କୃଷି, ଆହାର, ଗୃହ ନିର୍ମାଣ ସମ୍ପର୍କରେ ନାନା ତଥ୍ୟ, ଅନୁଭୂତି, ସାମାଜିକ ରୀତି ନୀତି ଓ ଲୋକ-ବିଶ୍ୱାସ କପରି ପ୍ରବଚନରେ ପ୍ରକାଶିତ, ଓଡ଼ିଆର ଜୀବନ ଦର୍ଶନ, ଉଦାର ବିଶ୍ୱ-ମାନବିକତା, ଉନ୍ନତ ନୈତିକ ଦୃଷ୍ଟିଭଙ୍ଗୀ ଓ ଶାଶ୍ୱତ ଆଦର୍ଶ କପରି ରୂପାୟିତ, ପିମ୍ପୁଡ଼ି ଧାପରୁ ଖାଲୁ ଉଠିଲେ କପରି ଚନ୍ଦ୍ର ସୂର୍ଯ୍ୟ ମାନେ ନାହିଁ—ଏଠି ଧାପରୁଖା କହିଛି କପରି ଜୈନ ଚୈତ୍ୟ ବୃକ୍ଷରୁ ଆସିଅଛି, ସେ ସବୁର ସୂଚନା ଅଧ୍ୟାପକ ଦାଶ ଭୂମିକାରେ ଦେଇଛନ୍ତି ।

ବଟକୃଷ୍ଣ ପ୍ରହରାଜଙ୍କ 'ଓଡ଼ିଆ ପ୍ରହେଳିକା ସଂଗ୍ରହ' ୧୯୬୩ରେ ପ୍ରକାଶିତ । ଏହା ୨୫୪ ପୃଷ୍ଠାର ଖଣ୍ଡିଏ ପୁସ୍ତକ । ଏହା ମୁଖ୍ୟତଃ ଦନେଇ ଦାସଙ୍କ ପହଳିର ଏକ ସଂଗ୍ରହ । ଅନ୍ୟ କେତେକ ତଗ ତମାଳି ମଧ୍ୟ ଏଥିରେ ସଂକଳିତ; କେଉଁଠି କପରି କ୍ଲିଷ୍ଟ ଶବ୍ଦର ଅର୍ଥ ଦିଆ ହୋଇଛି ।

ମୋ ସଂକଳିତ 'ପଲ୍ଲୀଗୀତିସଂଚୟନ'ର ତିନି ଗୋଟି ଭାଗରେ ବହୁ ତଗ ତମାଳି, ନାଁ ଦିଆ, ଛିଟା ସଂକଳିତ ହୋଇଥିଲା । ତା ବ୍ୟତୀତ ଗ୍ରାମାଞ୍ଚଳରେ ବୁଲି ବୁଲି ମୁଁ ବହୁ ଲୋକ-ବଚନ ସଂଗ୍ରହ କରିଥିଲି, ଇଉନିଭରସିଟି ଗ୍ରାଣ୍ଟସ୍ କମିଶନଙ୍କ ଅର୍ଥାନୁକୂଲ୍ୟରେ ସେ ସମସ୍ତ 'ଲୋକବାଣୀସଂଚୟନ' ରେ ସଂକଳନ କରାଯାଇଛି ।

ଏଇ ସଞ୍ଚୟନରେ ସଂକଳିତ ଲୋକବାଣୀକୁ ମୁଖ୍ୟତଃ ନିମ୍ନ କେତୋଟି ଭାଗରେ ବିଭକ୍ତ କରାଯାଇ ପାରେ :—

(କ) ତଗ (ଖ) ଛିଟା (ଗ) ନାଁ ଦିଆ (ଘ) ପ୍ରବାଦ ବା କାହାଣୀ ବଚନ (ଙ) କବି ବଚନ (ଚ) ଖନାଙ୍କ ବଚନ (ଛ) ଡାକ ବଚନ (ଜ) କୃଷି ପ୍ରବଚନ (ଝ) ସଂସ୍କୃତ ହିନ୍ଦୀ ପାରସୀ, ବା ବଙ୍ଗଳା ବଚନ (ଞ)

ନ୍ୟାସ (୫) ରୂଢ଼ି ପ୍ରୟୋଗ (୦) ଉପଦେଶ ବଚନ (୬) ଲୋକ ସାଧାରଣଙ୍କ ବିଶିଷ୍ଟ ଉକ୍ତି ।

ଡଗକୁ ପ୍ରହରାଜ ମହାଶୟ ବ୍ୟଙ୍ଗପୂର୍ଣ୍ଣ ନୀଚଶ୍ରେଣୀୟ ପଦ୍ୟ ବୋଲି ଅଭିହିତ କରିଛନ୍ତି । କୌଣସି କୌଣସି ଡଗରେ ଉଚ୍ଚାଙ୍ଗ କବିତ୍ୱ ପ୍ରକଟିତ, ବାସ୍ତବ ସଂସାରର ଅନୁଭୂତି ହସ ସରସ ଭଙ୍ଗୀରେ ଜୀବନ୍ତ ଭାବେ ପ୍ରକାଶିତ । ଏହା ନୀଚ କୁଳରେ ଜାତ ବା ନୀଚ ମୁଖରେ ଅତ୍ୟ ବ୍ୟବହୃତ ହୋଇପାରେ, କିନ୍ତୁ ଏଥିରେ ଗମ୍ଭୀର ସତ୍ୟ ମଧୁର ଭାବରେ ବ୍ୟକ୍ତ । ତେଣୁ ନୀଚ ଶ୍ରେଣୀର ପଦ୍ୟ ବୋଲି ଉଡ଼ାଇଦେବାରେ ଯଥାର୍ଥତା ନାହିଁ । (ନୀଚ ମୁଖଁ ଏ ହୋଇଛି ବାହାର, ଗୌରବତା ବହି କେହି ନ ବହୁର !)

ଡଗ ଓ ତମାଲି ପ୍ରାୟ ଏକାର୍ଥ ବାଚକ, କଥାକୁ ଯେପରି ଲଥା । ଅଭିମନ୍ୟୁ ସାମନ୍ତ ସିଂହାର "ଡଗ ତମାଲି ହେଲେ ହେଁ ସାକ୍ଷାତ ଅମୃତ" ବୋଲି ବର୍ଣ୍ଣନା କରିଛନ୍ତି । କିନ୍ତୁ ଶ୍ରୀ ପ୍ରହରାଜ ଉଭୟ ମଧ୍ୟରେ ତାରତମ୍ୟ ଦର୍ଶାଇଛନ୍ତି, ଏହା ଯଥାର୍ଥ ବୋଧହୁଏ ନାହିଁ । ତାଙ୍କ ମତରେ ଡଗରେ ପଦମାନଙ୍କର ଶେଷ ଅକ୍ଷରର ମେଳ ଓ କୌଣସି କୌଣସି ଡଗରେ ଉପଦେଶ ଓ ଅନୁଭବପୂର୍ଣ୍ଣ ବଚନ ଥାଏ । କିନ୍ତୁ ତମାଲି ବ୍ୟଙ୍ଗୋକ୍ତି ବହୁଳ ଏବଂ ତହିଁରେ ଅକ୍ଷରର ମେଳ ନଥାଏ । ଅଧିକାଂଶ ଲୋକୋକ୍ତିରେ ଏକା ଶେଷ ଅକ୍ଷରର ମେଳ କାହିଁକି, ଉପଧାର ମେଳ ରହିଅଛି । ଏକା ଏହି ଲକ୍ଷଣ ଯୋଗୁଁ ଏହା ଡଗ ପଦବାଚ୍ୟ ହୋଇ ନ ପାରେ । ଉପଧା ମିଳନ ବାହାର, ଆମଦାନୀ ନୁହେଁ, ଓଡ଼ିଆର ନିଜସ୍ୱ; ଡଗ ଏହାର ଉତ୍କୃଷ୍ଟ ଦୃଷ୍ଟାନ୍ତ ।

ଡଗ ମେଲିବା ଅର୍ଥ କୌଣସି ବ୍ୟକ୍ତି ବା ଘଟଣାକୁ ଉପଲକ୍ଷ୍ୟ କରି ଡଗ ବୋଲିବା । 'ଗାଁର ମସ୍କରି ନନ୍ଦନ୍କ ଲୋକମାନେ ସେମାନଙ୍କୁ ଦେଖି ଡଗ ମେଲନ୍ତି ।' ଫକୀରମୋହନ, ଛ ମାଣ ଆଠଗୁଣ୍ଠ । ସେହିପରି • ଛଟା ମେଲିବା ମଧ୍ୟ କୁହାଯାଏ । 'ଛଟା' ବଙ୍ଗଳାରେ 'ଛଡ଼ା' । ବଙ୍ଗଳାରେ 'ଛେଲେ ଭୁଲାନୋ ଛଡ଼ା' ବା ପିଲା ଭୁଲାଣିଆଁ ଗାଉଁଲିଗୀତ ପ୍ରଚଳିତ ଅଛି; ଓଡ଼ିଆରେ ଛଟା ମୌଖିକ ପଦ୍ୟ—ଏଥିରେ, ଡଗର ଅର୍ଥ

ସଞ୍ଚରିତା କିମ୍ବା ସାଂଘାତିକ ଗମ୍ଭୀର ଅନୁଭୂତ ବ୍ୟକ୍ତ ହୋଇ ନ ଥାଏ । ଏହା ମୌଖିକ ଲବ୍ଧ ତଥ୍ୟ, ଯେ କୌଣସି ନଗଣ୍ୟ ଘଟଣାକୁ ନେଇ ରଚିତ ହୋଇଥାଏ ।

ମାଳେ ମଲ
ଗାଆଁ ଭୂଇଁପାଖେ ବୁଲି ଆଇଲ
କେହି ନ କହିଲେ ବଇସ ବୋଲି ।'

ଏ ଟୋକାଟି କେ ରେ
ନଡ଼ିଆ ପୁଞ୍ଜାଏ ଦେରେ
ନଡ଼ିଆ ପୁଞ୍ଜାକ ସଡ଼ଗଲା
ଏ ଟୋକାଟି ମରିଗଲା,

ପ୍ରବଚନ ଓ ଢଗ ମଧ୍ୟରେ ତାରତମ୍ୟ କ୍ଷୀଣ । ଢଗର ପରିସର ବୃହତ୍ । ପ୍ରବଚନ ଢଗର ଅନ୍ତର୍ଗତ ହୋଇପାରେ । ଏହାର ଅର୍ଥ ଧର୍ମ ବା ନୀତିସମ୍ବଳିତ ଉକ୍ତି । କୃଷିବଚନକୁ ମଧ୍ୟ ପ୍ରବଚନ ଆଖ୍ୟା ଦିଆଯାଇଥାଏ । ଏଠି ପ୍ରବଚନ ଅର୍ଥ ପ୍ରକୃଷ୍ଟ ବା ପ୍ରଧାନ ଉକ୍ତି ।

ପ୍ରବାଦ ପ୍ରବଚନଠାରୁ ଭିନ୍ନତର । ଏହାର ଅର୍ଥ ଜନଶ୍ରୁତି, କିମ୍ବଦନ୍ତୀ ବା କଥା-ସମ୍ବଳିତ ଉକ୍ତି । କେତୋଟି ଶବ୍ଦ ମଧ୍ୟରେ ଗୋଟିଏ କିମ୍ବଦନ୍ତୀ ବା କଥା ସୂଚିତ ହୋଇଥାଏ ।

'ମୋ ଗଣ୍ଡି ଘୋଡ଼ା ନେଇଛୁ ।'
'ଯେଉଁଠାରେ ଲୁହା ପଲକୁ ରାନ୍ଧିବୁ
ସେହିଠାରେ ରହିଯିବ ।'

ପ୍ରହେଳିକାରୁ ପହଳି ଅପଭ୍ରଷ୍ଟ, କୂଟ ପ୍ରଶ୍ନ, ଧନ୍ଦା, କୌତୁକ ପ୍ରଶ୍ନ, ଦିଁ ଦିଆ ଏହାର ଅନ୍ୟ ନାମ, ସମ୍ବଲପୁରରେ ଏହାକୁ 'ଭକାନ' କହନ୍ତି । ଦିଁ ଦିଆ ଗୋଟିଏ ପ୍ରଶ୍ନ ମାତ୍ର, ଏହି ପ୍ରଶ୍ନଟି ବିଶେଷ ଦୀର୍ଘ, କିନ୍ତୁ ଏହାର ଉତ୍ତର ଅତି ସଂକ୍ଷିପ୍ତ । ସାଧାରଣତଃ ପ୍ରଶ୍ନ ଅପେକ୍ଷା ଉତ୍ତର ଦୀର୍ଘତର ହୋଇଥାଏ । ଏଠି ତାର ବିପରୀତ ।

ପଣ୍ଡିତ କୁଳମଣି ଦାଶ 'ଅଳଙ୍କାର ତରଙ୍ଗିଣୀ'ରେ ନିମ୍ନ ଏହାର ଦୃଷ୍ଟାନ୍ତ ଦେଇଛନ୍ତି । —

ବଗଡ଼ ନୁହେଁ ସେ କଳା ମୁହାଁଟା
ସାପ ନୁହେଁ ତାର ଜିଭ ଦୁଇଟା
ନୁହେଁ ଦ୍ରୌପଦୀ ପାଞ୍ଚପତି ତାର
ବୁଝି କହିବ ହେ ପଣ୍ଡିତ-ବର । — କଲମ ।

ଡାକ ବୋଲି ଜଣେ ଋଷି ଥିଲେ । ଡାକ-ବଚନ ତାଙ୍କର ରଚନା । ଦୁର୍ଭିକ୍ଷ, ସୁଲକ୍ଷଣ, ଦୁର୍ଲକ୍ଷଣ, ଜ୍ୟୋତିର୍ବିଦ୍ୟା, କୃଷି, ବର୍ଷା ଆଦି ବିଭିନ୍ନ ବିଷୟକୁ ଅବଲମ୍ବନ କରି ଏହା ରଚିତ । କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତରେ ଡାକ-ବଚନ ପ୍ରଚଳିତ ।

'ଡଇଁ ନ ବସେ ଭିତରେ ପଶେ
ଉତ୍ତର ମେଘ ଦକ୍ଷିଣେ ଆସେ
ସଜ ଗୋବରରେ ଅଂସେଇ ବାସ
ଡାକ ବୋଲେ ସୁତା ନିଶ୍ଚେ ବର୍ଷେ' ।

ଦନାଇ ଦାସଙ୍କ ପଦାଳି ଉତ୍କଳରେ ବିଶେଷ ଲୋକପ୍ରିୟ । ଶ୍ରୀ ପ୍ରହରାଜ ଦନାଇ ଦାସ ଓ 'ଗୋପୀଭାଷା'ର ରଚୟିତା ଜନାର୍ଦ୍ଦନ ଦାସଙ୍କୁ ଏକା ଲୋକ ବୋଲି ଗ୍ରହଣ କରିଛନ୍ତି । 'ପ୍ରବଚନ ତରଙ୍ଗ'ର ସଙ୍କଳକ ହୃଦେଶ୍ୱର ଦାଶ କବିଭୂଷଣ ଭୂମିକାରେ ଦନେଇ ଦାସଙ୍କ ସମ୍ପର୍କରେ ଉଲ୍ଲେଖ କରିଛନ୍ତି— "ଦନେଇ ଦାସଙ୍କ ପ୍ରବଚନ ମୋତେ ପ୍ରବଚନ ସଂଗ୍ରହ ଓ ରଚନା କରିବାରେ ପ୍ରେରଣା ଦେଇଅଛି । ଉକ୍ତ ଦନେଇ ଦାଶ ବରପାଲି ଜମିଦାରୀ ଅନ୍ତର୍ଗତ 'ଲେଣ୍ଡା' ଗ୍ରାମରେ ଆମ୍ଭ ବଂଶରେ ଜନ୍ମ ଗ୍ରହଣ କରିଥିଲେ ।"

ପଦାଳିକୁ ଲକ୍ଷ୍ୟ କଲେ ଦନାଇ ଖୁବ୍ ପ୍ରାଚୀନ କବି ପରି ମନେ ହୁଅନ୍ତି ନାହିଁ, ସମ୍ବଲପୁର ଅଞ୍ଚଳର ଶବ୍ଦ ତାଙ୍କ ରଚନାରେ ବିରଳ । ସେ ସାହିତ୍ୟିକ, ଦନାଇ ସେ ଲୋକସମାଜର ଜଣେ ଉତ୍କୃଷ୍ଟ ସମାଲୋଚକ, ସଂଗଠକ, ଅନୁଭବୀ, ସମାଜରେ ଉତ୍ତମ ରୁଚିର ପ୍ରବର୍ତ୍ତକ, ଏଥିରେ

ସନ୍ଦେହ ନାହିଁ । ତାଙ୍କ ରଚନାରେ ଉନ୍ନତ କବିତ୍ୱ ନାହିଁ, କିନ୍ତୁ ପ୍ରାଣ-ପ୍ରାଚୁର୍ଯ୍ୟ ଓ ଅନୁଭୂତିର ନିବିଡ଼ତାରେ ତାଙ୍କ ପଦାଳି ଅନବଦ୍ୟ ।

## ଓଡ଼ିଆ ଛନ୍ଦ ଓ ଢଗଢମାଳି

ଢଗଢ଼ମାଳିରୁ ଓଡ଼ିଆ ଛନ୍ଦର ଉତ୍ପତ୍ତି ଓ କ୍ରମବିକାଶ ହୋଇ-ଅଛି । କ୍ଷୁଦ୍ରତମ ଓଡ଼ିଆ ଛନ୍ଦ ଢଗ ରୂପରେ ପ୍ରକାଶିତ । ପ୍ରାକୃତ ଛନ୍ଦ ସହିତ ତାର ନିବିଡ଼ ସାମଞ୍ଜସ୍ୟ ରହିଥିବା କଥା ଶ୍ୟାମସୁନ୍ଦର ରାଜଗୁରୁ 'ପ୍ରବନ୍ଧାବଳୀ' ରେ ଦର୍ଶାଇଛନ୍ତି ।

'ଟୋକେ ପି, ଦଣ୍ଡେ ଙ୍ଗା' (ଦି ଅକ୍ଷର ଛନ୍ଦ)
'ଟମଠ ପୋଷ, ନାହିଁ ଦୋଷ' (ଚତୁରକ୍ଷର ଛନ୍ଦ)
'ବ୍ରାହ୍ମଣ ଭାତ, କପାଳେ ହାତ' (ପଞ୍ଚାକ୍ଷର ଛନ୍ଦ)
'ଶତ୍ରୁ ଜାଣେ ପାପ, ମା ଜାଣେ ବାପ (ଷଡ଼କ୍ଷର ଛନ୍ଦ)

ସେହିପରି—

"ଖିରଖିଆ ଲୋ ଖିରଖିଆ
ଛଡ଼ାଇ ଦେବ କେ
'ସରୁ ଶଙ୍ଖା ବନ ହଳଦି
ଖିରଖିଆଙ୍କି ଦେ' (ଚତୁର୍ଦ୍ଦଶାକ୍ଷର)
'ଚୁଡ଼ିଲ ପଛକେ ଅଧିଆ ହେଉ
ପେଜ ହେଉ ବହଳିଆ
ଘଇତା ପଛକେ ସନ୍ତୁଆ ହେଉ
ଲୁଗା ହେଉ ଚିରିଗିଆ (ଊନବିଂଶାକ୍ଷରଛନ୍ଦ)
'କ୍ଷୀରରେ ଧୋଇଲେ ଖଣ୍ଡରେ ମୋହିଲେ
ନିମ୍ବ କି ମଧୁର ହୋଇବ
ପେଟେ ପରକାରେ ବୁଝାଇ କହିଲେ
ପରକି ଆପଣା ହୋଇବ ?' (ଏକବିଂଶାକ୍ଷର) .

## ଲୋକ-ଚରିତ୍ର ଚିତ୍ରଣ

ପଞ୍ଚସଖା ଯୁଗ ସାହିତ୍ୟ ଓ ଭକ୍ତ ଯୁଗ ସାହିତ୍ୟରେ ଲୋକ ଚରିତ ଚିତ୍ରଣ ହୋଇନ । ଲୋକଚରିତ୍ର ବାସ୍ତବ ଓ ପୂର୍ଣ୍ଣାଙ୍ଗ ଭାବେ ଚିତ୍ରିତ ହେବାଲାଗି, ଯାତ୍ରା ଅବା ଆଧୁନିକ ଗଳ୍ପ, ଉପନ୍ୟାସକୁ ଅପେକ୍ଷା କରି ରହିଥିଲା । ଢଗଢମାଳି, ଛିଟା ଲୋକ ଜୀବନର ମୁକୁର । କିନ୍ତୁ ଚରିତ୍ର-ମାନଙ୍କର କ୍ଷୀଣ ସୂଚନା ମାତ୍ର ସେ ସବୁରୁ ମିଳିଥାଏ—ଗୋଟିଏ ହସ, ଗୋଟିଏ ବିଦ୍ରୂପ ମାତ୍ର, ଗୋଟିଏ ରେଖା, ଗାରେ ରଙ୍ଗମାତ୍ର, ପଦେ କଥାରେ ଫୁଟିଛି, ପୋଥି ପୋଥି ବିଷୟ ପଛକୁ ପକାଇ ଦେଇ । କେତେ ନେଫଡ଼ା ମୁହଁ, ଅଲଜୁକ, ମାଇଗୁଲିଆ ମୁହଁ ଆଖି ଆଗରେ ଭାସି-ଉଠେ; କେଉଁ ଚରିତ୍ରର ଫାଳେ, କାହାର ଚରୁଡ଼ାଏ ବା ଛବିଟି । ଗୋଟା ଅଜ୍ଞାତ ନାଚିଯାଏ, ନାନା ବିଚିତ୍ର ଜୀବନର, ସୁଖ ଦୁଃଖ, ଲୀଳା-ବିଳାସ, ହାସ୍ୟବ୍ୟଙ୍ଗର । ଢଗ ଅଗଣିତ ଅଜ୍ଞାତ ଚରିତ୍ରର ଏକ ସୂଚୀପତ୍ର, କେବେ ହଜିବାର ନୁହେଁ; ପ୍ରାଣ ପ୍ରାଚୁର୍ଯ୍ୟରେ ସେ ବଞ୍ଚିଛି; ଜୀବନର ଦୁର୍ଦ୍ଦମ ଗତିବେଗରେ ବହୁ ହୃଦୟର ଆବେଦନ ଘେନି ସେ ଆମ ପାଖେ ପହଞ୍ଚିଛି ।

ମାନ୍ୟ କିନ୍ତୁ ଦାରିଦ୍ର୍ୟରେ ଭର୍ତ୍ସିତ ବ୍ରାହ୍ମଣ, କୁଟିଳ ଲୋକ ଯେ ଉପରେ ପାଣି ଛୁଟେଇ, ଭିତରେ ଶିଅକାଟେ, ଯେ ଦେଖା ସୁନ୍ଦର କଖାରୁ ବଡ଼, ସୁନ୍ଦର ମହାକାଳ ଫଳ, ଭିତରେ ପୋଡ଼ା ଅଙ୍ଗାର, ଯେଉଁ ଅଲକ୍ଷଣୀ ଟିକିଏ କଥାରେ ରାଗି ଉଠେ, ଓଷଦ ରାଗରେ ଚାଟିଆ କାମୁଡ଼େ, କୃପଣ ଯେ ବ୍ୟୟ-ସଂକୋଚ କରିବାକୁ ଯାଇ ତିନିଗୁଣ କ୍ଷତିରେ ପଡ଼େ, ଯେ ଏକା ତୁଣ୍ଡରେ ଉଆ ଉସୁନା କହେ—'ଏକକୁ କହିଲେ ଦୁଇକୁ ବାଜେ, ଯେ ଯେ ନାଗର ସେ ସେ ବୁଝେ' ଯେ ଦୋ ଧାଇରେ ପଡ଼ି ଛଟପଟ ହୁଏ—'ଏଣୁ ମାଇଲେ ବ୍ରହ୍ମହତ୍ୟା, ତେଣୁ ମାଇଲେ ଗୋହତ୍ୟା, ଯେ ନେଥେଇଫୁଲି, ମୁହଁ ନ ଥାଇ ବି ଗୋଡ଼ କରୁଡ଼ି ଝୁଲୁଥାଏ, ଯେ ଉଧାର ମିଳିଲେ ହାତୀ କିଣେ, ଶୁଝିବା ହାପ୍ତିରୁ ନିଜ ନ ନେଇ ପୁଅ ନାତିଙ୍କ ଉପରେ ନଦିଯାଏ, ଯେ ଏତେ ମାଚ ଯେ ଉଚ୍ଚାସନ ପାଇଲେ ଋଷିକୁ ଘର ବୁହାଏ, ଯେ ଏଣେ ପୁଅ ମୁଣ୍ଡକୁ

ତେଟଣ ତେଲ ଘଡ଼କୁ ଲୋଭ କରେ, ଯେ ଧ ନାଆରେ ଗୋଡ଼ ଦେଇ ଶେଷକୁ ନଈରେ ପଡ଼ ବୁଡ଼ମରେ, ଯେ ଆକଟ ପଡ଼ିଲେ ବନ୍ଧୁବାନ୍ଧବଙ୍କୁ ଡ଼ାକେ, ଅନ୍ୟ ବେଳେ ବାସି ମୁହଁରେ ପଚୁରେ ନାହିଁ, ଯେଉଁମାନେ ଭିତରେ ସଳ ସୁତର ହୋଇ ଉପରେ କଳିର ଭାନ କରନ୍ତି, ଯେ ନିଜେ ଭଲଖାଏ, କୁଣିଆ ଚର୍ଚ୍ଚା କରେ ନାହିଁ, ପରର ଘୁଇ ପଡ଼ିଲେ ଯାହାର ନାହିଁ ତୁଏଁ, ଯେ ନିଜେ ଖାଏ ନାହିଁ କି ପରକୁ ଖୋଇ ଦିଏ ନାହିଁ, ଯେ ପିତୃପିତାମହ ଅମଳରେ ଅଣାକରେ ଘିଅ ପରଷା ହେଉଥିଲା ବୋଲି ଗର୍ବ କରେ, ଯେ ଆତଙ୍କ କାଳେ କୁକୁଡ଼ା ଯାଚେ, ଅସମୟ କଟିଗଲେ, ଠାକୁର ଠାକୁରାଣୀଙ୍କୁ କିଛି ଦିଏ ନାହିଁ । ଯେଉଁ ହତଭାଗ୍ୟ ଗରିବଟି ଆଜ ମଣ୍ଡା ଗଇଁଠା ଖାଇ କାଲି ଓପାସ ରହେ, ଦିନେ ବାଘର ଆହାର ଖାଏ, ଅନ୍ୟଦିନ ପେଟରେ ଓଦାକନା ଦେଇ ବସେ, ଯେ ଏକ ସଲମ୍ ଦିଏ ନାହିଁ, ଶହେ ସଲମ୍ ଦିଏ, ମାଗିଲେ ଅଖୁ ଧଣ୍ଡାଏ ଦିଏ ନାହିଁ; ଶେଷକୁ ତାକୁ ଗୁଡ଼ ଖଣ୍ଡିଏ ଦେବାକୁ ହୁଏ, କିଏ ନିଜେ ଗୋବରଗୋଡ଼ ଯୋଗୁଁ ଗୃଲବାକୁ ଅସମର୍ଥ, ଅଥଚ ପରର ବାତ ଚିକିତ୍ସା କରେ, ଏହିପରି ନାନା ବ୍ୟକ୍ତିଙ୍କର ଚରିତ୍ର ଡଗଡମାଳରେ ଚିହ୍ନିତ ହୋଇଅଛି । ଏ ଗୋଟିଏ ସଂସାର, ଯାହାର ଭେକ ବଦଳିଛି କିନ୍ତୁ ଭିତର ରୂପ ଅପରିବର୍ତ୍ତିତ ରହିଛି ।

ଦୁଇପକ୍ଷ ମଧ୍ୟରେ କଳି ଲଗାଇ କଳି ଛିଣ୍ଡାଇବା ଲାଗି ମାଧ-ମହାନ୍ତି ମଧ୍ୟସ୍ଥ ହୁଏ, ଦୁଇ ପକ୍ଷରୁ ଲାଭ ଖାଏ । ଜେମା ଦେଈ ବୁଢ଼ାବର ଦେଖି କାନ୍ଦନ୍ତି; ତାଟି କଳା ମାଡ଼ ସହି ନପାରି ବୋହୂ ପଦାକୁ ପାଦ କାଢ଼େ । ଏ ସମାଜରେ ଆର ଜନ୍ମର ସଉତୁଣୀ ଏ ଜନ୍ମରେ ଶାଶୂ ହୋଇ ଜନ୍ମ ହୁଏଁ ବୋଲି ବୋହୂ ବିଶ୍ୱାସ କରେ, ହାତରେ ଟଙ୍କା-ଟୋକର ଥିଲା ଲୋକ ନଥିଲାର ମନ ଚିହ୍ନେ ନାହିଁ, କାଳିବାଣ୍ଡ କରି ଖାଉଥିବା ଲୋକ ଆଜ ଦେବ କାଲି ଦେବ ବୋଲି କହି ବର୍ଷେ ଗଡ଼ାଇ ଦିଏ, ନ ଥିଲ ପଣୁଆ ପଇସା-ବାଲା ହେଲେ 'ପରଶୁରାମ' ବାବୁ ବୋଲି ଡାକ ପାଏ, ଏ ସମାଜରେ ଘୋଡ଼ାଚଢ଼ାଠାରୁ ବଳି ସଂପତ୍ତି ନାହିଁ, ଘର ପୋଡ଼ଠାରୁ ବଳି ବିପତ୍ତି ନାହିଁ, ପେଁଠ ତୋଟିକଟା ଗଣ୍ଡିକଟା ସଙ୍ଗେ ବନ୍ଧୁ ବାନ୍ଧେ; ସେ ଦୁହେଁ ଜଡ଼ାତେଲ ମେଣ୍ଢାବାଳ ହୋଇ ଚଳନ୍ତି ।

## ଚଗଡମାଳରେ ହାସ୍ୟ ଓ ବ୍ୟଙ୍ଗ

ଚଗ ଚମାଳି ସତେ ବା ବ୍ୟଙ୍ଗରେ ଭଲା, ହାସ୍ୟରେ ପୂର୍ଣ୍ଣ । ସତେ ବା ଏସବୁ ଜୀବନ-ନୀତି, ବାଦ ଦେଲେ ଲୋକୋକ୍ତି 'ଶୁଷ୍କଂ କାଷ୍ଠଂ ତିଷ୍ଠତ୍ୟଗ୍ରେ,' ଭଳି ବ୍ୟକ୍ତିତ୍ୱର ଗୁରୁତ୍ୱପୂର୍ଣ୍ଣ ଦିଗଟି ବାଦ୍ ପଡ଼ିଯିବ, ବିଶେଷ ଅଙ୍ଗହାନି ଘଟିବ ।

ଓଡ଼ିଆ ବିଦଗ୍ଧ-ସାହିତ୍ୟର ହାସ୍ୟରସ ଦିଗଟି ଯେପରି ଦୁର୍ବଳ, ଅଥଚ, ଲୋକ-ସାହିତ୍ୟରେ ଯେ ଦିଗଟି ସେହିପରି ଜୀବନ୍ତ, ଦୀପ୍ତିଶୀଳ ଓ ପ୍ରବଳ । 'କଳହା ଚଉତିଶା', ସାରଳା ଦାଶ, ଯଦୁମଣି, ଚକ୍ରପାଣି ପଟ୍ଟନାୟକଙ୍କର କେତୋଟି ପଦ, କବିସୂର୍ଯ୍ୟଙ୍କ 'ହାସ୍ୟ କଲ୍ଲୋଳ', ବ୍ରଜନାଥଙ୍କ 'ଚତୁର ବିନୋଦ'କୁ ବାଦ୍ ଦେଲେ ହାସ୍ୟ ରସର ଦୃଷ୍ଟାନ୍ତ ବିରଳ । ବିଦଗ୍ଧ ସାହିତ୍ୟର ଗୋଟିଏ ଅଂଶରେ ଧର୍ମର, ଅନ୍ୟ ଅଂଶରେ କାମର ଜୟ ଜୟକାର । ଏହା ବୈରାଗ୍ୟ ପ୍ରପୀଡ଼ିତ ଅଥବା କାମ ଚର୍ଚ୍ଚାରେ ଜର୍ଜରିତ । ପ୍ରଥମ ଅବସ୍ଥାରେ ହାସ୍ୟର ଅବକାଶ ନାହିଁ । ଦ୍ୱିତୀୟ ଅବସ୍ଥାରେ ତାର ହାସ୍ୟ ଶ୍ଳୀଳତାବିବର୍ଜିତ, ରୁଚିଗର୍ହିତ । ବିନୋଦନର ସ୍ତର ନିମ୍ନ । ସେତେବେଳେ ହାସ୍ୟୋଦ୍ରେକର ଚେଷ୍ଟା ହାସ୍ୟକର ହୋଇଅଛି ।

ବନ୍ୟା, ମରୁଡ଼ି, ନଅଙ୍କ, ବାତ୍ୟା, ମହାମାରୀ ଲୋକଙ୍କ ଆହାର ହରଣ କରିଛି, ସର୍ବସ୍ୱ ଲୁଟି ନେଇଛି, କିନ୍ତୁ ଅନ୍ତରର ରସ ଶୁଖାଇ ପାରିନାହିଁ, ମୁଖର ହାସ୍ୟ ଲିଭାଇ ପାରିନାହିଁ । ନାନା ଦୁଃଖ ହାହାକାର ମଧ୍ୟରେ ଓଡ଼ିଆ ତାର ରସପ୍ରାଣକୁ ବଞ୍ଚାଇ ରଖିଛି, ଏହାହିଁ ତାର ଗୋଟିଏ ବଡ଼ କୃତିତ୍ୱ । କୌଣସି ବିପଦ ତା ମନକୁ ଭାଙ୍ଗି ପାରିନାହିଁ, ତା ବ୍ୟକ୍ତିତ୍ୱର ହାନି ଘଟାଇ ପାରିନାହିଁ ।

ଚରିତ୍ର ମଧ୍ୟରେ କିଛି ଅସାମାଜିକ, ଅସଙ୍ଗତ ଓ ଅସୁନ୍ଦର ଦେଖିଲେ ଲୋକେ ବ୍ୟଙ୍ଗ କରନ୍ତି । କଥାଟା ଖାଲରେ ପଡ଼ୁ ବା ଢିପରେ ପଡ଼ୁ, ଲୋକଙ୍କର ରେକ୍‌ଠୋକ୍ ଭାବେ କହିଦିଏ, ମୋହମୁଲାଜା ରଖେ ନାହିଁ, ତୁରି ପରି ଏହା ଗୁଣ୍ଡରେ ବୁଲିଯାଏ । କଥା ମର୍ମକୁ ଘେଣ୍ଟି ଘେଣ୍ଟି କରି ହାଣେ, ଚିକି ଚିକି କରି କାଟେ, ଦୁର୍ବଳ ସ୍ଥାନ ଦେଖି

ଛେଚେ, କୁନ୍ଦେ, କୁଟେ । ଆଘାତ ଦେଲାବେଳେ ସେ କଠୋରହୃଦୟ, ନିଷ୍ଠୁରତମ । ତାହାର ଦୋଷଦୁର୍ବଳତା ସେ ଲୁଚାଇ ଦିଏ ନାହିଁ । ପଦାରେ ପକାଇ ଦିଏ, ଯେଉଁଠା ନିନ୍ଦା ପାଏ, ବେହିଆ ଅପମାନିତ ହୁଏ । ଗୋଟାଏ ବ୍ୟଙ୍ଗ ବା ବିଦ୍ରୁପାତ୍ମକ ଢଗ ଶୁଣିଲେ, ହାଡ଼ କଡ଼ କଡ଼ ଡାକେ, ଯାହା କହନ୍ତି—'ଋଷି ବାଳ ଛୁଣ୍ଡାଇ ମରେ ।' ଏହା ବନ୍ଧୁ ବନ୍ଧୁଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି କରେ । ବ୍ୟଙ୍ଗରେ ପ୍ରଶସ୍ତ ହେଲେବି ପ୍ରୟୋଗ କ୍ଷେତ୍ରରେ ସଂଯମ ଏକାନ୍ତ ଆବଶ୍ୟକ । ସାହିତ୍ୟର ରମ୍ୟ ରୂପ ବା କମ୍ରଭାବ ଏଥିରେ ଦୁର୍ଲଭ, ଯଦିବା ତୀକ୍ଷ୍ଣ ଶିକ୍ଷଣ ଦିଗପ୍ରତି ଲୋକକବି ସର୍ବଦା ସଚେତନ । ଗୋଟିଏ ଗୋଟିଏ ଗଳ୍ପ ବା ଉପନ୍ୟାସର ଅସ୍ପଷ୍ଟ ସଂକେତ, କିନ୍ତୁ ଅନ୍ତରେ ନାଟକୀୟତା ତାର ପୂର୍ଣ୍ଣ ଭାବରେ କ୍ରିୟାଶୀଳ; ସେ ନଗ୍ନ ଏ; କଦାପି, ନାଟକର ଚରମ ଆବେଦନରେ, ସନ୍ଧି ବା ଜଟିଳତାରେ; ସମସ୍ୟାମାନ ଉପରେ ତୀବ୍ରତମ ଭାବେ ଆଘାତ କରେ । କଥାକୁ କଥା ଯୋଡ଼ି ଦେଲେ ଯୁଦ୍ଧ ଘନାଇ ନ ପାରେ, ଗୋଟାଏ ଢଗ କିନ୍ତୁ ଏ କ୍ଷେତ୍ରରେ ବ୍ରହ୍ମଶର—ବାକ୍ ଯୁଦ୍ଧର ଉପସଂହାର ସେ । ଏ ଯୁଦ୍ଧ ଅବଶ୍ୟ ନାରୀ ନାରୀ ମଧ୍ୟରେ ହୁଏ—ଏ ପଟେ ଚମ୍ପା ସେ ପଟେ ଶଶିକଳା । ଯେଉଁ ନାରୀକୁ ସମାଜ ମୂକ କରିଥିଲା ବୋଲି ଅଭିଯୋଗ, ସେହି ନାରୀ ଉଭୟଙ୍କର ଭାବେ ମୁଖର ହୋଇଥିଲା ତାର ଢଗଢମାଳରେ । ସତେ ଯେପରି ପ୍ରତିକ୍ରିୟା ସ୍ୱରୂପ ଏହା ପ୍ରକାଶ ପାଇଥିଲା ।

ଢଗଢମାଳ ଖାଦ୍ୟ ପଦାର୍ଥ, ଗୃହୋପକରଣ, ଗାର୍ହସ୍ଥ୍ୟ ଜୀବନରେ ଯାବତୀୟ ସୁଖ ଦୁଃଖ ଅନୁଭବ, ପଡ଼ୋଶୀର ହିଂସା, ଦ୍ୱେଷ, ଦ୍ୱନ୍ଦ୍ୱ, କଳହ, ଉତ୍ତେଜନା, ଅବସାଦ, ଦୈନ୍ୟ, ସଂକୀର୍ଣ୍ଣତା ଅସହିଷ୍ଣୁତା ପ୍ରଭୃତି କ୍ଷୁଦ୍ରାତିକ୍ଷୁଦ୍ର ବିଷୟମାନଙ୍କୁ କେନ୍ଦ୍ର କରି ରଚିତ । ଲୋକ-କବି ଫୁଙ୍କେ ତୋଫାନ ଉଠାଇଛି, ଚା କପ୍‌ରେ ଝଡ଼ ସୃଷ୍ଟି କରିଛି । ଅଧିକାଂଶ ତଳ ସ୍ତରର ହେଲେବି ଜୀବନର ରୁକ୍ଷ ଏ ସବୁ, ଢଳନ୍ତୀ ଜୀବନର ଭୂମିକା, ସମାଲୋଚନା ।

ଗାଆଁରେ ଜଣେ [illegible] ଓ ଚାଣ୍ଡିଲିଆ ଲୋକ ଥାନ୍ତି । ସେ ଗାଆଁର [illegible] ଓ ସରସ ବର୍ଣ୍ଣନ୍ତି । ସେ ଆଶୁକବି, ବ୍ୟକ୍ତି ଓ ଅବସ୍ଥାକୁ ଲକ୍ଷ୍ୟ ମୁହେଁ ମୁହେଁ କବିତା ରଚିଥାନ୍ତି । ହାସ୍ୟରସାତ୍ମକ ଉକ୍ତି ସେଇମାନଙ୍କର ସର୍ଜନା ।

ହାସ୍ୟ ଅପେକ୍ଷା ବ୍ୟଙ୍ଗାତ୍ମକ ରଚନା ସଂଖ୍ୟାରେ ଅଧିକ, ତଳେ ହାସ୍ୟରସର କେତେକ ଦୃଷ୍ଟାନ୍ତ ଦିଆଗଲା—

(କ) କର୍ମକୋଢ଼ୀ ଲୋକମା ଉପଲକ୍ଷ୍ୟରେ—

'ବଗୁଲି ଲୋ, ଧାନ କୁଟିବୁ ?'
'ମୋ ନଳି ଗୋଡ଼ ଭାଙ୍ଗିଯିବ !'
'ବଗୁଲି ଲୋ, ମାଛ ଖାଇବୁ ?
ଚର୍ଦ୍ଦିକ ଆଗ !'

(ଖ) ଅବସ୍ଥାର ଗୁରୁତ୍ୱ ଉପଲବ୍ଧି ନ କରୁଥିବା ବ୍ୟକ୍ତି ପ୍ରତି—

ଘର ବୁଢ଼ୀ ପାଣି ଆଣୁ ଏ ହେଲଣି
ମାଧିଆ କହୁଛି ମେଘ ଦୁଲୁକୁଛି !

(ଗ) ଦୁର୍ବଳ ବଳର ବଡ଼େଇ ଦେଖେଇବାରେ—

ପକ୍ଷୀ ଛୁଆ କହିଲା—''ମାଆଲୋ ମା, ମୁଁ ଯୋଉ ଡାଳରେ ବସୁଛି, ସେ ଡ଼ାଳ ଭାଙ୍ଗି ଯାଉଚି'' ।
ମାଆ—''ତୋ ଚାଙ୍କ ଲଞ୍ଜରୁ ଜଣାଯାଉଚି !''

(ଘ) ଅସମ୍ଭବର ଅବତାରଣାରେ—

ଛ'ଟି ଦାନାକୁ ନ ଜଣ କୁଣିଆଁ
ପାଣି ବୋହୁଛନ୍ତି ଦ ଜଣ ବେଠିଆ
ଗୋଟାଏ ଗଇଣ୍ଠ ଗଛକୁ
ଦ ଜଣ ଧୋବା
ଖର ଖର କର ଠିଆ ।

(ଙ) ନିର୍ଲଜ୍ଜତା—

ଅଲଜୁକ ଗଲା ମରିବାକୁ
ତାକୁ ତିନି ଜଣ ଗଲେ ଧରିବାକୁ !

(ଚ) ସ୍ୱାର୍ଥପରତା—

ତୋ କଥା କରିବ
ମୋ କଥା କରିବ
ତୋ କଥା ହୃଦର ହାର
ସମୟ ପଡ଼ିଲେ
ମୋ କଥା କରିବ
ତୋ କଥା ପାଣିର ଗାର ।

(ଛ) ସୁନ୍ଦର ପଦାର୍ଥର ଅପବ୍ୟବହାରରେ--

ଘୁଷୁରିକ କାନ୍ଧେ
ପାଟଲ କଦଳୀ
ଅନ୍ଧ ହାତେ ରତ୍ନମୁଦ
ଚେପ୍ଟ ଚଢ଼େଇକ
ସୁବର୍ଣ୍ଣ ପଞ୍ଜୁରି
କୋରଡ଼ ସୁମର କାନ୍ଦ ।

(ଜ) ପ୍ରତିଶୋଧରେ ଆନନ୍ଦ—

ମାଡ଼ ତ ମାଇଲୁ ବେଶ୍ କଲୁ
ହାତେ ଗନ୍ଧକର ଖା
ଚୂଲି ଫୁଙ୍କୁ ଫୁଙ୍କୁ ନିଶ ପୋଡ଼ିଗଲା
ମାଡ଼ର ଅସୁଲ ପା ।

(ଝ) ଫୁଟୁଲି ବୈଦ୍ୟର କୁଚିକିତ୍ସାରେ—

ମନ୍ତ୍ର ଲେଉଟିଥିଲା ପଇଡ ପାଣି
ବଇଦ କହିଲା ଦେ ତୋରଣି ।

(ଞ) କର୍ମ-କୋଡ଼ୀ ଝିଅର ଗେଲ୍ହାପଣରେ—

ଅଣ୍ଟ ସେରେନ୍ତାରେ ସେରେନ୍ତା
ଝିଅ କା'ନ୍ଧେନା
ଚୂଡ଼ଲ ପଞ୍ଛକେ ଖାଇବା
ଘାଟ ଘା'ନ୍ଧେନା ।

(ଟ) ସାମାନ୍ୟ ଉପକାରର ପ୍ରତ୍ୟୁପକାର ଆଦାୟରେ—

ମାଉସୀଲୋ, ଟିକିଏ ଡିଙ୍ଗି ଦଅନ୍ତୁ
ପୂତରେ, ଟିକଏ ସୁଖେଇ ଦେଲୁ !

(ଠ) ସ୍ୱେଜନୀ ଓଷେଇଣା ନଷ୍ଟା ଦେଖେଇ ହେବାରେ—

ଅଖାଇ କରନ୍ତୁ ଓଷା
ଢୋଲକ ଚୂଡ଼ଲ ଓଳିକେ ଖାଇଲା
ଦାନ୍ତ ଅଛୁ ଦରଘଷା ।

(ଡ) ଶତ୍ରୁର ଷଡ଼ଯନ୍ତ୍ର ଫିଟି ପଡ଼ିବାରେ—

ଘଷର ଘଷର ଆଉର ଘଷର
ପୁଣି ଘଷର ପାଣି
ତୁମେ ଯନ୍ତ୍ରଁ ପାଇଁ ନସର ପସର
ଆମେ ସେ କଥାଟି ଜାଣି ।

(ଢ) ମଗା ଜନଷରେ ବଢ଼େଇ ଦେଖେଇ ହେବାରେ—

ପର ଲୁଗା ପିନ୍ଧି ଯାତକୁ ଯାଏ,
ପଚ୍ଛରିଲେ ମୁଣ୍ଡ ଠୁଙ୍ଗାରୁଥାଏ ।

(ଣ) ସାମାନ୍ୟ ଲୋକ ଫୁଲପଣ ଦେଖେଇ ହେବାରେ —

ମୁଁ କଅଣ ଏମିନ୍ତ ସେମିନ୍ତ ପୋଇଲ ?
ଠାଙ୍ଗର ମୁଣ୍ଡରେ ମାରଣ ଖଡ଼ା
ପାଗଲ ଆମ୍ବର କୋଇଲ ।

(ଢ) ଦୋଷୀ ଅନ୍ୟର ଦୋଷ ଦେଖି ସମାଲୋଚନା ନ କରି-ବାରେ —

ଆ ଲୋ ମୂତୁଣୀ ଶୋଇବା
ତୁଚ ମୁତୁଣୀ, ମୁଁ ଚ ମୁତୁଣୀ
ଶେଯ କାହିଁ ପାଇଁ ଧୋଇବା ?

(ଥ) ଖାରୁ ବାହାଦୁରୀ ଦେଖେଇ ହେବାରେ :—

ଏସା କରେଙ୍ଗେ
ତେସା କରେଙ୍ଗେ
ସିପାହି ଦେଖିଲେ
ଶୋଇ ପଡ଼େଙ୍ଗେ ।

(ଦ) ନିଜର ରନ୍ଧୁଣିପଣ ବଖାଣିବାରେ—

ନିଜେ ରାନ୍ଧେ ନିଜେ ଖାଏ
ସୁଆଦ ସୁଆଦ ବୋଲୁଥାଏ ।

(ଧ) ନିଜ ପୁଅର ସୁନ୍ଦର-ପଣ ଓ ଗୁଣ ବଖାଣିବାରେ--

ଆପଣା ପୁଅଟି ଖାଏ ଏତୁଟି
ନାଚେ ଯେମିତି ନାଟିସଦା
ପର ପୁଅଟା ଖାଏ ଏତୁଟା
ନାଚେ, ଯେମିତି ଘୋଡ଼ାମୁହାଁଟା ।

ଇଙ୍ଗିତ କରିବା କିମ୍ବା ଅନ୍ତା-ପରିହାସ ପୂରେଇ କଥା କହିବା ଲୋକଙ୍କ ପ୍ରକୃତି । ତଗଡମାଳ ବନିଷ୍ଠାକ୍ରୁଭବ । ଲୋକପ୍ରକୃତି ସରଳ ହୋଇପାରେ, କିନ୍ତୁ ଲୋକ-ସାହିତ୍ୟ ବା ତଗଡମାଳ ଜୀବନର ଏକ ସରଳ, ସଂକ୍ଷିପ୍ତ ଟିପ୍ପଣୀ ବା ବ୍ୟାଖ୍ୟା ନୁହେଁ । ବହୁ ସ୍ଥଳରେ ପ୍ରତୀକ ବା ଶବ୍ଦକଳ୍ପ ସଂଯୋଜନାରେ ଲୋକକଳ୍ପନା ବିଦଗ୍ଧ ସ୍ତରକୁ ଗତି କରିଛି । ତଳେ କେତୋଟି ବ୍ୟଙ୍ଗ ଉଦ୍ଧୃତ ହେଲା ।

(କ) ଉପକୃତ ବ୍ୟକ୍ତି ଉପକାର ନ ଶୁଝି ଓଲଟି କୃତଘ୍ନତା ଦେଖାଇବାରେ—

ଛୁ ଛୁରେ ପଡ଼ୁ ପଇଡ
ଭସି ଯାଉଥିଲୁ ମଝି ନଈର
ଧରି ଆଣିଥିଲି ତୋତେ
ତୋ ଦେହରେ ଚେରମି ଲାଗିଲା
(ଝାଙ୍କୁଆ ଗାଲରେ ମାଉଁସ ଲାଗିଲା)
ଜବାବ୍ ଦେଉଛୁ ମୋତେ ?

(ଖ) ପୂର୍ବ ଦୁରବସ୍ଥା ଭୁଲି ଆଡ଼ମ୍ବର ଦେଖାଇ ହେବାରେ—

ଝୋକା କେତେ ଦେଖାଉଛୁ ଗୃହର
ବୋପା ବିକୁଥିଲା ଚଙ୍ଗୁଡ଼ି ଶୁଖୁଆ
ମାଆ ବିକୁଥିଲା ପତର ।

(ଗ) ଧନୀର କୃପଣତାରେ—

ବଡ଼ ଘର ବୋଲି ନାଁ ପଡ଼ୁଛି
ଅଢେଇ କୁଳ ଶାଗ ଶିଝୁଛି ।

କମ୍ବା

ବଡ଼ ଘର ଠାଣି ମାଣି
ଖା ଖା ବୋଲି ଡାକ ପଡ଼ୁଛି ଲୋ
ତନ ଓଳି କାଞ୍ଜି ପାଣି ।

(ଘ) ସ୍ୱଭାବଗୁଣରୁ ସ୍ତ୍ରୀ ଆଗରେ ବାହାଦୁରୀ ଦେଖାଇବାରେ ସ୍ତ୍ରୀର ଉକ୍ତି—

ଝାଣ କରୁଥାଇ ମାଇପ ଆଗେ
ବୁଦ୍ଧି ନ ଆସଇ ପାଇକ ଆଗେ ।

(ଙ) ବୋଦ୍ ର ପୁଅାଣି ସଜର ଅଳ୍ପଚାରେ—

ଆଲେ ରକ୍କୁଣୀ ଟେଶ
ଗେଣ୍ଡାରେ ଆଣିଚ୍ଛ ତେଲ
ଭଙ୍ଗା ଗଜଣୀରେ ଜଖ୍ଡ଼ା ଦାନ୍ତ
ଘଇଚା କରୁଛ୍ଛ ଗେଲ ।

ଲୋକଙ୍କ କଥାକଥିତ ବନ୍ଧୁ ଚର୍ଚ୍ଚେ ଇଷ୍ଟ ସମାଲୋଚନାର ଶରବ୍ୟ ହୋଇଛି । କୁଣିଆ ଚର୍ଚ୍ଚାରେ ଆନ୍ତରିକତା ଓ ନିଷ୍ଠା ଆବଶ୍ୟକ । କିନ୍ତୁ 'ଭୁଣ୍ଡ କହୁଛି ଥାଅ, ମନ କହୁଛି ଯାଅ ।' ଘରେ ଯେତେ ଆଦର, ବିଦାୟ ନେଲାବେଳେ ବା ବାଟ କଢ଼େଇ ନେଉଥିବା ବେଳେ ଆଦର ବହୁତ ବଢ଼େ—ଆଜ ଦିନଟା ରହିଥିଲେ ହୋଇ ନ ଥାନ୍ତା !

ସମଗ୍ର ଓଡ଼ିଆ ସାହିତ୍ୟରେ ଉଚ୍ଚର ସ୍ଥାନ ସମୁଚ । ଫକୀର ମୋହନ ଓ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କୁ ବ୍ୟଙ୍ଗ ଶୈଳୀ ନିର୍ମାଣରେ ଏହା ଯୋଗାଇଛି ନମୁନା ।

ଲୋକସାହିତ୍ୟରୁ ଆସି ଅନ୍ୟ ବହୁ ବିଭାବ ପରି କ୍ରମେ ଏହି ଧାରା ଓଡ଼ିଆ ବିଦଗ୍ଧସାହିତ୍ୟକୁ ପ୍ଲାବନ କରିଛି—

'ଆସିଲ ହେ ବନ୍ଧୁ
ଭଅଲ କଲ
ବସିବାକୁ ନାହିଁ ଠାଅ
ଯେଉଁ ବାଟେ ବାଟେ
ଆସିଛ ହେ ବନ୍ଧୁ
ସେହି ବାଟେ ବାଟେ ଯାଅ ।
ପାଣି ମୁନ୍ଦାଏ ଦିଅନ୍ତି ବନ୍ଧୁ
ଦେଦରି ମାଠିଆ
ପିଢ଼ା ଖଣ୍ଡିଏ ଦିଅନ୍ତି ହେ ବନ୍ଧୁ
ବଢେଇ ଘରେ ବିହା

ପଇଡ଼ିଟିଏ ଦଅନ୍ତ ହେ ବନ୍ଧୁ
ବାଜଣାକ ହୋଇଛୁ ଜର
ଯେଉଁ ବାଟେ ବାଟେ ଆସିଛ ହେ ବନ୍ଧୁ
ସେଇ ବାଟେ ବାଟେ ଫେର ।'

ଲୋକ ବଚନିକାରେ କାଞ୍ଜି ଗୀତ ନିଶ୍ଚିତ ହାସ୍ୟରସର ଏକ ଝରଣା । 'ଏଣେ ନାହାକାଣୀ ତେଣେ ନାହାକ, 'କାଞ୍ଜି କ କହୁଲେ ପାଞ୍ଜି ଦେଖ', 'ଏଣେ—ବଢ଼ଉଣୀ ତେଣେ ବଢେଇ, କାଞ୍ଜି କ କଲେ ଗଡ଼ଉଇ ଚଢ଼େଇ'; 'ଏଣେ ଗଉଡୁଣୀ ତେଣେ ଗଉଡ, କାଞ୍ଜି କ ଦେଲେ ବାଡ଼ଗି ମାଡ଼', ଏଣେ ଧୋବଣୀ ତେଣେ ଧୋବା, କାଞ୍ଜି କ ଦେଲେ କୁସଡ଼ି ଖୋବା', ଶେଷରେ କାଞ୍ଜି ନିରାଶ ହୋଇ ବ୍ରାହ୍ମଣ ଘରେ ଆଶ୍ରୟ ନେଲା ।

ସେହିପରି ହାତୀ, ବେଙ୍ଗ ଓ ଏଣ୍ଡୁଅ ବଚନିକା ମଧ୍ୟ ହାସ୍ୟ ଓ ବ୍ୟଙ୍ଗ ଭରା—

ବେଙ୍ଗ କହିଲା (ହାତୀକୁ) —ଲମ୍ବାନା ରେ ଗୋବର-ଗୋଡ଼ା ତୁ ମାଣିକ କପାଇଁ ମାଡ଼ୁ ?

ହାତୀ—ଚେପ୍‌ଟି-ନାକାଲେ ବହି-ସୁଡ଼ୁକ ତୁ
ବାଟରେ କପାଇଁ ପଡ଼ୁ ?

ବେଙ୍ଗ ପାଚଲା ଏଣ୍ଡୁଅକୁ ସାକ୍ଷୀ ଜଣବା —
ଶ୍ରୀଧର ପଣ୍ଡିତରେ ଶ୍ରୀଧର ପାଣ୍ଡ
ମୁଁ କ ନା ଦେଲି ଚେପଟି-ନାକୀ ?
ଏଣ୍ଡୁଅ (ବେଙ୍ଗକୁ)—ତୁମ୍ଭେ ହ'ଲେ ସ୍ୱର୍ଗ-ଅପସରୀ
ନେଉଁ ଲୋକ ପଟେ ନକର କଳି ।

ଲୋକ କଳନାରେ ମନୋହର ଓ ଉପାଦେୟ ହୋଇ ଉଠିଛି—
ଓଡ଼ିଆ ମାଛ
ପଶ୍ଚିମା ଗାଛ

ବଙ୍ଗାଳୀ କେଶ
ତେଲଙ୍ଗା ବେଶ ।

ବେଳେ ବେଳେ ଗୋଟିଏ ଗୋଟିଏ ବୃହତ୍ ଗଳ୍ପ ଗୋଟିଏ ଗୋଟିଏ ଢଗରେ ମାତ୍ର ସୂଚିତ ହୋଇଥାଏ । ଢଗଟି ବୋଲିଲା କ୍ଷଣି ଗଳ୍ପଟି ମନେ ପଡ଼ିଯାଏ । । ସେପରି କେତୋଟି ଢଗକୁ ଏକାଠି କରିଦେଲେ ଗୋଟିଏ ଗୋଟିଏ କାହାଣୀ ପୁସ୍ତକ ହୋଇଯିବ ।

(କ) ଢଟ୍‌ରେ ପୂଚା, ମାଣ ପୂଚିଲା ।

(ଖ) ମୋ ଗଣ୍ଡି ଘୋଡ଼ା ବେଇଛୁ ।

(ଗ) ଆଜ ନାଠ କ ନାଠ ?
କାଲ ନାଠ ଯେ ନାଠ
ତୋ ପାଇଁ ଆସିବ
ଠେଙ୍ଗା ପାହୁରଣୀ
ମୋ ପାଇଁ ଆସିବ ଖଟ !

(ଘ) ଆଗ ପଛକୁ ଗୃହ୍ୱଁ ବଗୁର କର ।

(ଙ) ଆଇଁଷି ମନ୍ତର କାଇଁଣି ମନ୍ତର
ନାଗକି ମନ୍ତର ମରଦ
ଦଶଗଣ୍ଡା ଓଜ ପିଠିରେ ପଡ଼ିଲା
ଫୁଲକୁ ଧରିଲା ଶରଦ ।

(ଚ) କଡ଼ାକେ ଚର
କଡ଼ାକେ ମର
କଡ଼ାକେ ଘର ଦୁଆର କର ।

(ଛ) ସାତ ଚକୁଲ ଚଉଦ ଚେଁ
ଜୋଇଁ ଆମର ସବଙ୍କେ

ଚମ୍ପୁଟି ଚମ୍ପୁଟି ପାଇଲା ଫାଳେ
ରାଜାଙ୍କ ହାତରେ ମଲା ।

(ଜ) ସାତ ତକଟା, ପୋଡ୍ରୁହ ଘଣ୍ଟା
ବିଭୂତି ଭୂଷଣ ହଗାଲ କଟା
ଚାଲ ପ୍ରସାଦରେ ଚଉଦ ଭୁବନ ଦେଖିଲ
ଆରେ ଆରେ ଆରେ
ପଠାଣ ଟୋକା
ପୁଣି ଦେଖାଉଛୁ ବାଦଶା କଣ୍ଡା !

କେତେକ ଢଗରେ ଲୋକ ଅନ୍ତରର ଦୃଢ଼ ଧର୍ମବିଶ୍ୱାସ ରୂପାୟିତ । ଲୋକ ଅନ୍ୟ ଜୀବନର ମୂଲ୍ୟମାନ କରେ, ପରିଣତି ଦେଖିପାରେ । ଯେ କୌଣସି ଉପାୟରେ ଧନ କମେଇ ପାରେ, ମାତ୍ର କୌଣସି ଅପକର୍ମ କରି କେହି ବେଶୀକାଳ ଉଧେଇ ପାରେ ନାହିଁ ।

(କ) ପାପ ଧନ ପ୍ରାୟଶ୍ଚିତ୍ତରେ ଯାଏ
ବା
ଓର ଧନ-ଯାକ ବୋର୍ଡ଼ରେ ଯାଏ ।

(ଖ) ଧର୍ମରୁ ଜୟ ଅଧର୍ମରୁ କ୍ଷୟ

(ଗ) ଅଧର୍ମବିତ୍ତ ବଢ଼େ ବହୁତ
ଗଲାବେଳେ ଯାଏ ମୂଳ ସହିତ ।

କାହିଁରେ କାହିଁରେ ସତ୍ୟ ଅନୁଭବ ପ୍ରକାଶିତ । ଯଥା—

(କ) ଇନ୍ଦ୍ର ପାଳିଲେ ଗୃହ
ଯମ ପାଳିଲେ ବାଘ

(ଖ) ଆପେ ମରେ ବଢ଼େଇ
ପର ମାରେ କମାର

ଘଇତା ମାରେ କେଉନ୍ଟୁଣୀ
ବଂଶ ମାରେ କୁମ୍ଭାର ।

କାହିଁରେ କାହିଁରେ ଦାର୍ଶନିକ ଚିନ୍ତା ମଧ୍ୟ ରୂପାୟିତ—

ତଳ ବରଡ଼ା ଖସୁଚି
ମଝି ବରଡ଼ା ହସୁଚି
ଉପର ବରଡ଼ା
ଥାଇ ବୋଲୁଛି
ମୋ ଦିନ କାଲ ଆସୁଛି ।

ଏକା ସ୍ୱପ୍ନକୁ ରାତି ନାହିଁ ।
ଆଜ କଥା କାଲକ ଅନ୍ତର ।

କେଉଁ କେଉଁ ଢଗ ବେଶ୍ ଉପଦେଶାତ୍ମକ ଓ ଶିକ୍ଷଣୀୟ ।

(କ) ଏକା ମନ ହେଲେ ସମୁଦ୍ର ଶୁଖେ

(ଖ) ସାଇ ପଡ଼ଶାରେ କରିବ ଘର
ଅଧେ ଆପଣା ଅଧେ ପର ।

(ଗ) ଅସଙ୍ଗରେ ସଙ୍ଗିତା
ଅସଙ୍ଗରେ ସଙ୍ଗୀ ହେଲେ
କାଠ ଘଣ୍ଟି ଲମ୍ବିତା ।

(ଘ) ଚୁର୍ ନ ଚୁର୍ ଖା ପିତା
ବୁଝ୍ ନ ବୁଝ୍ ପଢ଼ ଗୀତା ।

ଭାଷା ବିନ୍ୟାସର ସଂଯତ ସଂକ୍ଷିପ୍ତତା ଯୋଗୁଁ ମନ୍ତ୍ରୋକ୍ତି ପରି ଢଗ ସଂକ୍ଷିପ୍ତ, କାବ୍ୟ ପଦବାଚ୍ୟ । ଭାଷାର ଲାଳିତ୍ୟ ଯୋଗୁଁ ମନୋରଞ୍ଜକ, କାବ୍ୟର ଧ୍ୱନି ବା ବ୍ୟଞ୍ଜନା ଢଗଢମାଳିର ଏକ ବିଶେଷତ୍ୱ । ଉପମା ଦେବାରେ କାଳିଦାସ ସିଦ୍ଧ । କିନ୍ତୁ ଲୋକକବିଙ୍କ

ଉପମା ବାସ୍ତବତା ଉପରେ ପର୍ଯ୍ୟବସିତ । ଥରେ ଶୁଣିଲେ ଏହା ଚିତ୍ତରେ ଲାଗିଯାଏ ।

ଏଇ ବାଟେ ଯାଉ
କଥା ଟୁ ନ କହୁ
    କଥା କ ମଣିଷ ଖାଇବ ?
ରଙ୍ଗ ଟହ ଟହ
ଶିମିଳି ଫୁଲ
    ସବୁଦିନେ ସେ କ ରହିବ ?
ବାଆ ମୁଠା କଲ—
ବାଆ ମୁଠା କଲ
    ବାଆ କ ମୁଠାରେ ରହିବ ?
ଯେତେ ପରକାରେ
ବୁଝାଇ କହିଲେ
    ପର କ ଆପଣା ହୋଇବ ?

ପ୍ରଶ୍ନାକ ବା ଚଇକଲ୍ପ ରଚନାରେ ଲେଖକଙ୍କ ପ୍ରବର୍ତ୍ତକ ଗୌରବର ଅଧିକାରୀ । ଗ୍ରାମ୍ୟ ଜୀବନର ଛୁଟାଛୁଟିଆ ଘଟଣାକୁ କେନ୍ଦ୍ରକରି ନାଁ ଢଗ ସବୁ ରଚିତ ।

'ହଳଧର ପଚାରିଲେ ଜଳଧରକୁ
ଚକ୍ରଧର କମ୍ପା ମଲେ ?
ସ୍ୱର୍ଗରୁ ପଡିଲେ ପଞ୍ଚ ପାଣ୍ଡବ
  ମାଈ ବନବାସ ଗଲେ ।

ହଳିଆ ପୋଖରୀକି ପଚାରୁଛି—ସାପ କେମିତି ମଲା ? ଗଛର ଓଉ ସାପ ମୁଣ୍ଡରେ ପଡ଼ିଲା, ସାପ ମଲା । ଓଉ ପାଣିକି ଗଡ଼ିଗଲା । ଏହା ଉପରେ ସଂସ୍କୃତ ଅଳଙ୍କାର ଶାସ୍ତ୍ରର ପ୍ରଭାବ ପ୍ରତିଫଳିତ । ଏହା ଶ୍ଲେଷାତ୍ମକ ।

# ତଗତମାଲି

ହଳଧର ଅର୍ଥ ବଳରାମ ନୁହେଁ, ହଳିଆ; ଜଳଧର ଅର୍ଥ ମେଘ ନୁହେଁ, ପୋଖରୀ; ବନ ଅର୍ଥ ଅରଣ୍ୟ ନୁହେ, ଜଳ; ପଞ୍ଚ ପାଣ୍ଡବ ଅର୍ଥ ଭୀମ ଅର୍ଜୁନାଦ ନୁହନ୍ତି, ପାଞ୍ଚଟି ଫଡ଼ା (ମ ଦେଖିଲ ଓଜ ଛଫଡ଼ା) ଥିବା ଓଜ; ଚକ୍ରଧର ଅର୍ଥ ଶ୍ରୀକୃଷ୍ଣ ନୁହନ୍ତି, ସାପ, ଯାହା ମୁଣ୍ଡରେ ଚକ୍ର ଚିହ୍ନ ଅଛି।

କିନ୍ତୁ ପୂର୍ବପୁରୁଷ ଦେଶୀୟ କଳ୍ପନାରେ ନିମ୍ନ ଚଉ ପ୍ରସ୍ତୁତ।

ଗଛଟି ଲଣ୍ଡା
ଉପରେ ବସିଛି ଫକୀର ପଣ୍ଡା

ଲଣ୍ଡାଗଛ—ଚୂଲ୍ଲୀ, ଫକୀର ପଣ୍ଡା—ହାଣ୍ଡି। ଏଥିରେ ଫକୀର ପଣ୍ଡା ମହାଶୟ ଲଣ୍ଡା ଗଛରେ ଚଢ଼ି ବସି ନାହାନ୍ତି, ଚୂଲ୍ଲୀ ଉପରେ ହାଣ୍ଡିମାତ୍ର ବସିଛି। ଏଇ ସାଧାରଣ ଅର୍ଥରେ ପହଞ୍ଚିବା ଲାଗି ପଣ୍ଡିତଙ୍କ ବୁଦ୍ଧି ମଧ୍ୟ ବାଉଳା ହୋଇଯାଏ।

ଏହି ସଂକଳନରେ ମୋଟରେ ୧୨୬୭ଟି ଢଗ ସ୍ଥାନ ପାଇଛି। ଢଗର ଅର୍ଥ ମୋତେ ଯାହା ଦେଖାଯାଇଛି ମୁଁ ଦେଇଛି। କେଉଁଠି ଭୁଲ୍ ଭଟକା ଦେଖାଇଲେ ପରବର୍ତ୍ତୀ ସଂସ୍କରଣରେ ସଂଶୋଧନ କରିବାର ବାସନା ରହିଲା।

ତା ୧-୧୦-୬୩
କଟକ

କୁଞ୍ଜବିହାରୀ ଦାଶ

# ଢଗଢ଼ମାଳି

୧ । ଅଁଳା ଖାଇଲେ ପାଟି ସୁଆଦ
ମଦ୍ଧକୁ ଲୁଟି ଖାଇଲେ ସୁଆଦ
ଗରଭ ହୋଇଲେ ମାଟି ସୁଆଦ
ଫୁଟି ପାଚି ଫାଟିଗଲେ ସୁଆଦ
ଦନାଇ ପାଟିକୁ ନାମ ସୁଆଦ—ଦନାଇ ବଚନ

—ଗର୍ଭିଣୀ ସ୍ତ୍ରୀମାନେ ମାଟି ଖାଇବାକୁ ସୁଖ ପାନ୍ତି ।
ଫୁଟି—ଏକ ପ୍ରକାର କାକୁଡ଼ି; ପାଚିଲେ ଖିଆଯାଏ; ନାମ—ହରିନାମ ।

୨ । ଅଇ ଘରକୁ ବାଇଗଣ ପୋପାଡ଼ିବା ନ୍ୟାୟ ।—ନ୍ୟାୟ

—ମାଘପୂର୍ଣ୍ଣିମାକୁ ଅଇଘର ପୂର୍ଣ୍ଣିମା କହନ୍ତି । ସେଦିନ ଗୋଟିଏ କୁଡ଼ିଆ କରି ପୋଡ଼ାଯାଏ । ଦୋଳ ପୂର୍ଣ୍ଣିମା ଦିନ ମଧ୍ୟ 'ମେଣ୍ଢା କୁଡ଼ିଆ' ପୋଡ଼ିବା ବା 'ଅଗି ଜାଳିବା' ବିଧି ପ୍ରଚଳିତ ଅଛି । ପରବର୍ତ୍ତୀ ଗ୍ରୀଷ୍ମ ଋତୁରେ ଘରପୋଡ଼ିରୁ ରକ୍ଷା ପାଇବା ଆଶାରେ ଅଗ୍ନିଙ୍କର ସନ୍ତୋଷ ବିଧାନ ଲାଗି ଏହି ଚେଷ୍ଟା ହୋଇଥାଏ । ଜଳନ୍ତା ନିଆଁକୁ କେହି କେହି ବାଇଗଣ ଫିଙ୍ଗିଥାନ୍ତି । ଏହି ଅଗ୍ନି ମୁଖରୁ ପୋଡ଼ା ବାଇଗଣ ପାଇବା ଆଶା ଦୁରାଶାମାତ୍ର । ସାଫଲ୍ୟର ଆଶା ନ ଥାଇ କୌଣସି କର୍ମ କରାଗଲେ ଏହି ନ୍ୟାୟର ପ୍ରୟୋଗ ହୁଏ ।

୩ । ଅଇଁଠା ହାତେ ଘିଅ
ପ୍ରେତେ ଖାଇତେ ଦିଅ ।—ଢଗ

—ଅଇଁଠା ହାତରେ ଘିଅ ଖାଇବାକୁ ଦେବା ଅବିଧି । ଏହା ମଣିଷ ପାଟିକୁ ଯାଏ ନାହିଁ, ପ୍ରେତ ଖାଏ । ତେଣୁ ଖାଇବାକୁ ଆରମ୍ଭ କରିବା ପୂର୍ବରୁ ହାତରେ ଘିଅ ଦିଆଯାଏ । ଏହା ଏକ ଲୋକ ଚଳଣି ।

୪ ।

ଅଇ ପରିବର୍ତ୍ତନ
କଇ ପରିବର୍ତ୍ତନ
ବାଟରେ ଦେଖିଲି ଚେଙ୍କା ବର୍ତ୍ତନ
ଭୁଠରେ ଦେଖିଲି ନା
ଗୋଟିଏ ଜୀବ ଜଗି ବସିଛି
ସତର ଖଣ୍ଡି ଗାଆଁର ନାଆ ।—ନାଁ ଦଆ

—ଛେଳି, ପତର

୫ । ଅଇର ଖପର ବଇର ବାଆ—ରୂଢ଼ି ପ୍ରୟୋଗ

—ଯାହାର ଘରଦୁଆର, ଜମିବାଡ଼ି, ଧନସମ୍ପଦ କିଛି ନ ଥାଏ ।

୬ । ଅଇରବଇର ଝୁଙ୍କା ବଣ୍ଡିକ, କଞ୍ଚାପତରିଆ ଧନୁପନତ
ଆଗର ମୂରତି ବୁଢ଼ି ହଜଗଲା ଦେଖିଲେ ଲାଗଇ ବାନ୍ତ—

ତଗ—(କୋରାପୁଟ)

୭ ।

ଅଇଲା କଳା ପାହାଡ଼
ଭାଙ୍ଗିଲା ଲୁହାର ବାଡ଼
ପିଇଲା ମହାନଦୀ ପାଣି
ସୁବର୍ଣ୍ଣ ଥାଳୀରେ ହୀରା ପରଷିଲେ
ମୁକୁନ୍ଦଦେବଙ୍କ ରାଣୀ—ଛଟା

—କଳାପାହାଡର ଓଡ଼ିଶା ଆକ୍ରମଣ, ଓଡ଼ିଶାର ସ୍ୱାଧୀନତା ଲୋପ ସଂପର୍କରେ କରୁଣ ଜନଶ୍ରୁତି । ହୀରା ସ୍ଥାନରେ ହେଡ଼ା(ଗୋମାଂସ) ଶବ୍ଦର ପ୍ରୟୋଗାନ୍ତର ମଧ୍ୟ ଅଛି ।

୮ ।

ଅଇଲା ରାବଣ ହରିଲା ସୀତା
ଏଥିପାଇଁ କିଆଁ ପୋଥି ସାତୁଟା ?—ତଗ

—ବ୍ୟଙ୍ଗ । ରାବଣର ସୀତା ହରଣ ପରି ତ ପ୍ରତିଦିନ କେତେ ଘଟଣା ଘଟୁଛି । ଏଥିରେ ସାତଖଣ୍ଡ ରାମାୟଣ ଲେଖିବାର କି ପ୍ରୟୋଜନ ଥିଲା ? ସାମାନ୍ୟ ଘଟଣାକୁ ବଢେଇ କହୁଥିବା ଲୋକ ପ୍ରତି ଏହା ପ୍ରଯୁଜ୍ୟ ।

୯ । ଅଇଲରେ କଲା ପାହାଡ଼
ବସିଲରେ ମାଢ଼
ଗୃଣ ସଂସାର ବୁଲି ଅଇଲ
କେହ୍ବ ନ ପାରଲେ ଛଡ଼ । —ନିଂ । ଦଆ

—ଗନ୍ଧ ।

୧୦ । ଅଇଲ ଲେ ମା ଡେଙ୍ଗା ଶ୍ରାବଣ
ଭାଦ୍ରବ ଭରେଣ ଦନ
ଅଶିଣ ମାସରେ ଗହଲା ଗହଳ
କାର୍ତ୍ତିକରେ ଯେ ପାଇବ ଧନ । —କୃଷି ବଚନ

—ଧାନ ବୋଇବା ସମ୍ବନ୍ଧରେ ବଧି । ବୋଇବା ଲଗି ଶ୍ରାବଣ, ଭାଦ୍ରବ ପ୍ରଶସ୍ତ, ଆଶ୍ୱିନରେ ଧାନ ପିଲ ଦେବାର ଆଶା ନ ଥାଏ । ତେଣୁ ଲଗାଲଗି କର ବୋଇଁବାକୁ ହେବ । କାର୍ତ୍ତିକରେ ବୋଇଲେ କଛୁ ହୁଏନାହିଁ ।

୧୧ । ଅଇଲ ସଂକ୍ରାନ୍ତି ନାମ, ପୁନଅ ପରବ ସାଙ୍ଗରେ ଘେନ ।—ନିଂ । ଦଆ

—ଦକ୍ଷିଣାୟନ, ଶ୍ରାବଣ ସଂକ୍ରାନ୍ତି ବା ଦକ୍ଷିଣା ସଂକ୍ରାନ୍ତି ଶ୍ରାବଣ ମାସରେ ପଡ଼େ । ତାପରେ ଭାଦ୍ରବ ମାସରେ ବହୁ ଓଷା-ବ୍ରତ, ପୁନଅ ପର୍ବ ପଡ଼େ ।

୧୨ । ଅଇଲ ଗଲି
ଯାହା ଦେଖିଥି(ଥେ)ଲ ତାହା କହଲ । —ଉଗ

—ଘଟଣାର ଗହନରେ ପଶୁ ନ ଥିବା ବ୍ୟକ୍ତି ପ୍ରତି ପ୍ରଯୁକ୍ତ ।

୧୩ । ଅଇଲ ମୁହିଁ (ଧାଇଁ),
ଚଟି ପିଠ କର ଧଇଲ ଯାଇଁ । —ଉଗ

—କୌଣସି କଥା ନବୁଝି ହଠାତ୍ ପହଞ୍ଚି ମାଡ଼ ମାରବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୧୪ । ଅଇଲେଣି ବଡ଼ ଘରଣୀ, ତାଙ୍କୁ ଦିଅ ପୀଢ଼ା ପାଣି ।
ଅଇଲଣି ଦୁଃଖୀ ଘଣ୍ଡୀ, ତାକୁ ଦିଅ ଅରଟ ଟଣ୍ଡି । — ଢଗ

—ବଡ଼ ଲୋକଙ୍କୁ ଆଦର ଗୌରବ, ଗରିବ ପ୍ରତି ଅବହେଳା ଅନାଦର କରୁଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୧୫ । ଅଇଲେ ନାରଦ ଋଷି,
କଳି ନଧାକଡ଼ିକ କାଖରେ ଖୋସି । —ଢଗ

—ଅନ୍ୟ ବ୍ୟକ୍ତିମାନଙ୍କ ପରିବାରରେ କଳି ଲଗାଇ ଦେଉଥିବା ବ୍ୟକ୍ତି ପ୍ରତି ଅଙ୍ଗ ।

୧୬ । ଅଇଲେ ପଣ୍ଡୁ, ମଲେ ମଶା,
ଗୋଡ଼ଫାଟୁ ଦେଲେ ମୂରୁକ ହସା । —ନାଁ ଦିଅା

—ମାର୍ଗଶୀର ମାସରେ ପଣ୍ଡୁ ପୂର୍ଣ୍ଣିମା, ସେହି ଦିନଠାରୁ ଶୀତ ଆରମ୍ଭ ହୁଏ, ମଶା କମିଯାନ୍ତି ଓ ଶୀତ ଋତୁରେ ଗୋଡ଼ ଫାଟୁଆ ଲୋକଙ୍କର ଗୋଡ଼ ଫାଟିବାରୁ ସେମାନେ ଫାଟ ଗୋଡ଼ରେ ଚାଲିଲାବେଳେ ପୀଡ଼ା ହେବାରୁ ଦାନ୍ତ ନକୁଟନ୍ତି । ଏହା ମୂରୁକହସା ନୁହେଁ, ଯନ୍ତ୍ର ବା ଯେପରି ଦିଶେ ।

୧୭ । ଅଇଲ ଧାଇଁ, ପଡ଼ିଲ କାହିଁ,
ସୁଆଦ ଶବଦ ଟିକିଏ ନାହିଁ ।
(ଗଟା କାଞ୍ଜିପାଣି ଉଅ ଲୁଣି, ତାକୁ ଯାଚୁଥିଲ ସମୁଦୁଣୀ) —ଛଟା

—ଉଅ ଲୁଣି—ଲୁଣିଆ । ସମୁଦୁଣୀର କୁଣିଆଁ ଚର୍ଚ୍ଚା ପ୍ରତି ଅଙ୍ଗ ।

୧୮ । ଅଇଲେ ଅମିନ ମାଇଲେ ମେଖ,
ବାରହାଣ୍ଡିଆଙ୍କ ଚୁଲ୍ଲୁସି (ତାରଫ) ଦେଖ—ଢଗ

—ବ୍ୟଙ୍ଗ; ବନ୍ଦୋବସ୍ତ ଅମିନମାନେ ଭୂମି ମାପ କରି ସୀମାରେ ଖିଲା ମାରନ୍ତି । ସେମାନେ ଏକ ସ୍ଥାନରେ ବହୁଦିନ ରହିପାରନ୍ତି ନାହିଁ,

ବହୁ ଜାଗାରେ ସେମାନଙ୍କ ଭେଟ ପଡ଼େ, ବହୁ ସ୍ଥାନରେ ଖାନ୍ତି । ତେଣୁ ସେମାନଙ୍କୁ 'ବାରହାଣ୍ଡିଆ' କହନ୍ତି ।

୧୯ । ଅଇଲେରେ ବାବା ଅମିନ ବନ୍ଧୁ,
କର ଚରନ୍ତୁ, ଢିଅ ଖରନ୍ତୁ, ନଅ ପାରନ୍ତୁ । —ଢଗ

—ବନ୍ଦୋବସ୍ତ ଅମିନମାନଙ୍କ ଲାଞ୍ଚଖିଆ ପ୍ରକୃତି ପ୍ରତି ବ୍ୟଙ୍ଗ । ସେମାନଙ୍କୁ ଭଲ ଚର୍ଚ୍ଚା ନ କଲେ ସେମାନେ ଯା' ଜମି ତା' ନାଆଁରେ, ତା ଜମି ଯା' ନାଆଁରେ କରି ଦିଅନ୍ତି, ବହୁତ ହଇରାଣ ହରକତ କରନ୍ତି ।

୨୦ । ଅଇଲେ ଶଗଡ଼ିଆ
ପଇଲେ ଢେଣ୍ଡା ମୂଳେ
ବାନ୍ଧଲା ସୂଆକୁ ଭଙ୍ଗିବ ନାହିଁ,
ଆସିବେ ବେଳବୁଡ଼େ—ଛଟା

—ଏହି ଛଟାଟି ଶଗଡ଼ିଆ ବା ହଳିଆ ଗୀତ ସ୍ତରକୁ ଉନ୍ନୀତ ହୋଇ ଅଛି । ପ୍ରେମାତ୍ମକ ବ୍ୟଙ୍ଗ । ଢେଣ୍ଡା—ପାଣିବୁହା ଯନ୍ତ୍ର ।

୨୧ । ଅଇ ସୁଲକ୍ଷଣୀ ହୋଇଥା
ମଥାରେ ସିନ୍ଦୂର ନାଇଥା, —ଲୋକୋକ୍ତି

—ଅଧ୍ୟ ସ୍ତ୍ରୀଙ୍କ ପ୍ରତି ଆଶୀର୍ବାଦ ।

୨୨ । ଅଇଲା ମାଳୀ
ମାଇଲା ଚାଲ
ଧରି ପଳାଇଲା ଖେଚଡ଼ି ଥାଳୀ । —ଛଟା ।

—ଠାକୁରଙ୍କୁ ପୂଜା କରିବା ଲାଗି ପ୍ରକୃତରେ ମନ ନଥିଲା, ଭୋଗ ଉପରେହିଁ ଆଖି ଥିଲା । ପୂଜାର ନାଁ ଗାଁ ନ ଥିଲା । ଖାଲି ଲୋକ ଦେଖାଣିଆକୁ ପାଡ଼ା ଚାଳଟାଏ ମାରିଥିଲା । ତଥାକଥିତ ପୂଜା ପ୍ରତି ବ୍ୟଙ୍ଗ ।

୨୩ । ଅଞ୍ଚଳ ପନ୍ତ ବଜଳ ବାଆ, କୋଳ ଗଣ୍ଡାକର ଘର !
ଷାଠିଏ ଟଙ୍କାର ବଳଦ ବାନ୍ଧି, ନାଥେ ହେଲେ ହରବର !
—କୃଷି ବଚନ

—ନାଥେ ଅତି ଗରବ । ସେକାଳ ମୂଲ୍ୟରେ ଷାଠିଏ ଟଙ୍କା ମୂଲ୍ୟର ବଳଦ କିଣିବାକୁ ଅସମର୍ଥ । ପୁଣି ତାକୁ ଖୋଇବା ପେଇବା ଓ ପାଳିବାକୁ ଅଧିକ ଅସମର୍ଥ । ବଳଦଟି ଭଲ ନ ପଡ଼ିଲେ ପୁଣି ତାକୁ ବିକିବା କଷ୍ଟକର ।

୨୪ । ଅକର୍ମ ଶିଳା, କୁଳ କାଳୁଙ୍ଗା । —ରୂଢ଼ି ପ୍ରୟୋଗ
—ଯେଉଁ ପଥର ଏତେ ଟାଣ ଯେ ତାକୁ ହାଣି କୌଣସି କାର୍ଯ୍ୟରେ ବ୍ୟବହାର କରିହୁଏ ନାହିଁ; ତାକୁ ଅକର୍ମଶିଳା କହନ୍ତି । କାଳୁଙ୍ଗା ଯେପରି ବଳରେ, ପୁଅ ସେହିପରି କୁଳରେ କ୍ଷତି କରିଥାଏ ।

୨୫ । ଅକର୍ମଶିଳା ମିସ୍ତିରି,
ତିନିଟଙ୍କା ଦରମାକୁ ଦଶଟଙ୍କା (ମୁକା)ଦସ୍ତୁରି —ବ୍ୟଙ୍ଗ,

—ଦସ୍ତୁରି—ଦଲାଲି । ଯାହାର କର୍ମକୁଶଳତା ଅପେକ୍ଷା ମାମଲତକାରି ଅଧିକ ତାହା ପ୍ରତି ଏହା ପ୍ରଯୁକ୍ତ ହୁଏ ।

୨୬ । ଅକଳ ଗଛର ବକଳ
କୁହୁମ ଗଛର ପାନିଆଁ
ସହସ୍ର କୁଟୁମ୍ବ ଜଗି ବସିଛନ୍ତି
କୋଉବାଟେ ଗଲୁ କନିଆଁ ? —ନିଁ । ଢଗ

—ଆତ୍ମା ବା ଜୀବନ ।

୨୭ । ଅକର୍ମୀ ଯେଉଣେ ଯାଏ
ଗମ୍ଭୀର ଲିଙ୍ଗ ଗୁଡ଼ ପଳାଏ । —ଢଗ

—ଯାହା ଭାଗ୍ୟ ମନ୍ଦ, ତା ପ୍ରତି ଦେବତା ପ୍ରସନ୍ନ ହୁଅନ୍ତି ନାହିଁ ।

୨୮ । ଅକସ୍ମାତ୍, ବଜ୍ରପାତ୍ । —ରୂଢ଼ି ପ୍ରୟୋଗ
—ହଠାତ୍ ବିପଦ ।

୨୯ । ଅକାଳ କାଣ୍ଡ କପାଳେ ବାଜେ —ଢଗ

—ପଣ୍ଡୁରାଜାଙ୍କ ପ୍ରତି ଅଭିଶାପ ଥିଲା—'ସ୍ତ୍ରୀ ସହବାସ କଲେ ମୃତ୍ୟୁ ମୁଖରେ ପଡ଼ିବେ ।' ସେକଥା ସତ ଫଳିଲା । କୁଆଡ଼ୁ ଗୋଟାଏ କାଣ୍ଡ ଆସି ତାଙ୍କ କପାଳରେ ବାଜିଲା ଓ ତାଙ୍କର ମୃତ୍ୟୁ ହେଲା । ହଠାତ୍ ଅପ୍ରତ୍ୟାଶିତ ଭାବେ ବିପଦ ଘଟିଲେ ଏହି ଢଗ ବ୍ୟବହୃତ ହୋଇଥାଏ ।

୩୦ । ଅକାଳେ (ଆତୁରେ) ନିୟମୋ ନାସ୍ତି । —ସଂସ୍କୃତ ବଚନ

—ଅକାଳ ବା ଦୁର୍ଭିକ୍ଷ ପଡ଼ିଲେ ପାରମ୍ପରିକ ବିଧିନିଷେଧ ମାନିବା ସମ୍ଭବ ହୁଏନାହିଁ ।

୩୧ । ପ୍ରଶ୍ନ—ଅକାଳେ ଯୋଗୀ ସକାଳେ ?
ଉତ୍ତର—ପଥ ବଡ଼ ଦୂର !
ପ୍ରଶ୍ନ—ନଦୀ ତରଙ୍ଗ ।
ଉତ୍ତର—ନା, ନାବିକ ଧୀର ।

—ଯୁବତୀର ପ୍ରଶ୍ନ ଓ ବୈଷ୍ଣବଙ୍କର ଉତ୍ତର । ଏତେ ଚଞ୍ଚଳ ସକାଳୁ ଆସି କପଟ ପହଞ୍ଚିଲ ? ରାତିସାରା ଚାଲି ଚାଲି ଆସୁଛି (କେବଳ ତୁମ ସକାଶେ) । ନାନା ବାଧାବିଘ୍ନ ଅଛି ! ସେପରି ଭଲ ନାଉରିଆ ତେଜ ଢ଼ଆଇଁ ନୌକା ଚଲାଇ ନିଏ, ମୁଁ ସେହିପରି ବାଧାବିଘ୍ନ ଅତିକ୍ରମ କରିଯିବି । ଏଥିରେ ପ୍ରେମର ସଂକେତ ସ୍ପଷ୍ଟ ।

୩୨ । ଅକାଳନନ୍ଦ, ବାଳଗୋବିନ୍ଦ, ବାଳ କେଶ କେଶ ପକାଏ ଛନ୍ଦ ।
—ପ୍ରବାଦ

—ପୁରାଣ ପ୍ରସିଦ୍ଧ ନନ୍ଦଙ୍କର ବୁଢ଼ାକାଳେ ପୁଅ ହୋଇଥିଲା । ସେହିପରି ବୁଢ଼ାକାଳେ କାହାର ପିଲା ହେଲେ ଓ ସେ ତାକୁ ଗେଲ-ବସର କଲେ ତା ପ୍ରତି ଏହି ବ୍ୟଙ୍ଗାତ୍ମକ ଭାବ ପ୍ରଯୁକ୍ତ ହୋଇଥାଏ ।

୩୨ ।　　ଅକାମାବୈ, ପାନଗୁଆ ଖାଇ
　　ତୋ ପାନଗୁଆ ତୋର, ମାସକ ଧରମ ମୋର　—ଢଗ ।

—(ସ୍ତ୍ରୀମାନେ କାର୍ତ୍ତିକ ମାସରେ ପ୍ରାତଃ ସ୍ନାନ କରି ପୂର୍ଣ୍ଣିମା ଦିନ ସ୍ନାନ କଲାବେଳେ ପାଣିରେ ପାନ ଗୁଆ ଫିଙ୍ଗି, ଆଳତକାଠି ଜଳା କଦଳୀ ପାଟୁକାଡଙ୍ଗା ଛାଡ଼ି ଏହିପରି ବୋଲନ୍ତି । ବର୍ଷକେ ଗୃହସ୍ଥି ଧର୍ମମାସ (ଅ, କା, ମା ବୈ) ସ୍ମରଣ କରାଯାଏ । ଏହି ଡ଼ଙ୍ଗାଛାଡ଼ା ଅତୀତ ଉତ୍କଳର ବାଣିଜ୍ୟ ଗୌରବର ସ୍ମୃତି ।

୩୪ । ଅକାମିକା, କାମ କରୁଛୁ (କରୁଥାଏ)ବଙ୍କା ଢ଼ (ଟ) ଙ୍କା ।—ଛଟା

—କାର୍ଯ୍ୟ ଯାହାର ସୁନ୍ଦର ନ ହୁଏ, ତା ପ୍ରତି ସମାଲୋଚନା ।

୩୫ ।　　ଅକାଳଯୋଗୀ ସକାଳେ ।—ଢଗ

—ସକାଳୁ ଯୋଗୀ ବା ଲୁଣିଆ ଆସନ୍ତି ନାହିଁ । ଆଶା କରାଯାଉ ନ ଥିବା ବ୍ୟକ୍ତି ହଠାତ୍ ପହଞ୍ଚିଗଲେ ଏହି ଢଗର ପ୍ରୟୋଗ ହୁଏ ।

୩୬ ।　　ଅକାଳେ, ଗୋଦରା କଲା ବେଉସା
　　ଲାଭ ଖାଇଗଲେ ଚୁଟିଆ ମୂଷା
　　　　(ନିତି ଖାଉଥାଏ ଟାଙ୍ଗିଆ ପଶା)—ଢଗ

—ବ୍ୟବସାୟ ବୁଦ୍ଧି ନ ଥିବା ଲୋକ ବ୍ୟବସାୟ କଲେ କ୍ଷତି ହୁଏ ।

୩୭ । ଅକାଳେ ଗଲା ଋଷି ସାଉଁଟି, ଘରେ ଥିଲେ ସୁଖ ପାଉଥାଆନ୍ତି ।
—ଛଟା

—ଯେଉଁ କାର୍ଯ୍ୟ ଯେତେବେଳେ କରିବାର କଥା, ସେତେବେଳେ ନ କଲେ କାର୍ଯ୍ୟର କୌଣସି ମୂଲ୍ୟ ନ ଥାଏ । ବରଂ ଏହା ସମସ୍ତ ବିନଷ୍ଟି ଓ ଅଯଥା ଦୁଃଖଭୋଗ ।

୩୮ । ଅକାଳେ ପୁଣି ଗୋବିନ୍ଦ ଦ୍ୱାଦଶୀ ।—ଢଗ

—ଗୋବିନ୍ଦ ଦ୍ୱାଦଶୀ—ପୁଷ୍ୟାନକ୍ଷତ୍ର ଯୁକ୍ତ ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀ, ସେହି ଯୋଗରେ ତୀର୍ଥସ୍ନାନ ଶ୍ରେଷ୍ଠ । ଅକାଳେ ଗୋବିନ୍ଦ ଦ୍ୱାଦଶୀ

ପଡ଼େ ନାହିଁ । କେହି ସେପରି ଘଡ଼ିଆ କଥା କହୁଥିଲେ ତାଙ୍କୁ ବ୍ୟଙ୍ଗ କରାଯାଏ ।

୩୯ । ଅକାଳେ ମାଇଲା ଘାଏ,
ଗଲା ଶିରବଣ ଯାଏ ।—ଢଗ

—ମଝେ ମଝେ କାର୍ଯ୍ୟ କରି ଅଳସପଣରେ ସମସ୍ତ ଗଡ଼ାଉଥିବା ବ୍ୟକ୍ତିପ୍ରତି ବ୍ୟଙ୍ଗ ।

୪୦ । ଅକାଳେ ଗଉଡ଼ ପଥର ବୁହେ । —ଢଗ

—ଗୋଟିଏ ଅଙ୍ଗାରେ ବୋଝ ଓ ଭାରସାମ୍ୟ ଠିକ୍ ରଖିବା ଲାଗି ଆର ଅଙ୍ଗାରେ ଗଉଡ଼ ପଥର ବୁହେ ଓ ତଦ୍ଦ୍ୱାରା ତାର ଭାର ଲଘୁତର ହୁଏ ।

୪୧ । ଅକାଳେ ସକାଳେ କଲା ବେଉସା
ମୁଣ୍ଡରେ ବାଜିଲା କୁରାଢ଼ି ପସା । —ଢଗ

—ଯେ ବ୍ୟବସାୟ ଜାଣିନାହିଁ ସେ ବ୍ୟବସାୟ କଲେ କ୍ଷତି ହୁଏ ।

୪୨ । ଅକୁଳୀନ ଯେବେ ହୁଅଇ ରଜା
କୁଳୀନ ଯେବେ ହୁଅଇ କରଜା
ଭରୁଆ ହୋଇଲେ କାନ୍ଧ ଦରଜା
ଦେଶ ମେଳ ଯେବେ ହୁଅନ୍ତି ପ୍ରଜା
ଭେଣ୍ଡା ପୁଅ ଯେବେ ନୁହେଁ ଅରଜା
ଚଣ୍ଡକାର ଯେବେ ହୁଏ ଗରଜା
ବୋଲେ ଦନାଇ ଏ ନୁହେଁ ଫରଜା —ଦନାଇ ବଚନ

—ନୀଚ କୁଳର ଲୋକ ରାଜଗାଦିରେ ବସିଲେ ତାର ଶାସନ ଉଚ୍ଚ ସ୍ତରର ନୋହିପାରେ । ଉଚ୍ଚବଂଶୀୟ ଲୋକ କରଜ କଲେ ମର୍ଯ୍ୟାଦାହାନି ହୁଏ । ଭରୁଆର କାନ୍ଧ ଦରଜ ହେଲେ ସେ ଭାର ବୋହିପାରେ ନାହିଁ । ପ୍ରଜା ମେଳ କଲେ ଦେଶରେ ଅରାଜକତା ଉପସ୍ଥିତ ହୁଏ । ଭେଣ୍ଡା

ବୟସରେ ଯଦି ଲୋକ ରୋଜଗାର ନ କରେ, ପରିବାରର ଦୁଃଖ କଷ୍ଟର ସୀମା ରହେ ନାହିଁ ।

ଚଣ୍ଡକାର— ଯେ ଅର୍ଥଦଣ୍ଡ ଦିଏ । ଗରଜା—କ୍ରୋଧରେ ଯେ ଗର୍ଜେ; ଫରଜା - ଭଲ ।

୪୩ । ଅକୁଣ୍ଠୁ କୁଣ୍ଠୁ
ତିନିଜଣଙ୍କର ପ୍ରାଣ କୁଣ୍ଠି
ଭଲ ଲୋ ବୁଢ଼ୀ ଭଲ
ତିନିଜଣଙ୍କର ପ୍ରାଣ ଗଲା । —ନାଁ । ଦିଆ

—ଲଙ୍ଗଳ ।

୪୪ । ଅକୁଳୀନୋସ୍ତୁ ଯୋ ରାଜା
ମୂର୍ଖ ପୁତ୍ରସ୍ତୁ ପଣ୍ଡିତଃ
ଅଧନେନ ଧନଂ ପ୍ରାପ୍ତଂ
ତୃଣବତ୍ ମନ୍ୟତେ ଜଗତ୍

—ସଂସ୍କୃତ ଶ୍ଲୋକ

—ନୀଚ ବଂଶର ବ୍ୟକ୍ତି ରାଜାହେଲେ, ମୂର୍ଖ ପଣ୍ଡିତ ହେଲେ, ଗରିବ ଧନୀ ହେଲେ, ପୃଥିବୀକୁ ସାମାନ୍ୟ ଏକ ଘାସ ପରି ଅବହେଳା କରନ୍ତି ।

୪୫ । ଅର୍କଟ ମର୍କଟ ସିଂହ ଶୁକାଏ କନ୍ୟେ କାନେ କାନ
ଚଷା ବୋଲେ ଗୃହିଣୀ ଲୋ କାହିଁ ରଖିବୁ ଧାନ ? —କୃଷି ବଚନ

—ସିଂହ ମାସରେ ଜଳ ଶୁଖିଲେ ଧାନ ମୂଳରୁ ପିଲ ବାହାରେ । କନ୍ୟା ମାସରେ ଧାନର କାନ ଯାଏ ପାଣି ଲାଗିଲେ ଧାନ ଭଲ ହୁଏ ।

୪୬ । ଅଖ ଚଳୁଥିଲେ ଚକ ଚଳୁଥାଏ
ବୁଲି ଯାଉଥାଏ ପଦ୍ମ
ସଂସାର ଭିତରେ ଘର କରିଥିଲେ
ପଥର ପଡ଼ିଲେ ସଦ୍ମ । — ଢଗ

—ସଂସାର କଲେ ବାଧାବିଘ୍ନ ଆସିବ, ବିପଦ ପଡ଼ିବ । ସେ ସବୁର ସମ୍ମୁଖୀନ ହେବାକୁ ହେବ । ଏହା ଅନୁଭବ କଥା । ବିପଦରେ ଅସ୍ଥିର ଆକୁଳ ହେଲେ ଏହି ଢଗ ଆଶ୍ୱାସନା ବାଣୀ ରୂପେ ବ୍ୟବହୃତ ହୋଇଥାଏ । ପହି—ଶଗଡ଼ ଚକର ଅଂଶ ବିଶେଷ ।

୪୭ ।   ଅଖିଳ ମଖିଳ ଚିତ୍ତ ଯାର
ପଦ୍ମପତ୍ରେ ମୂତ ତାର ।—ଢଗ

—ନିର୍ମଳମନାର ପୂନ ନିର୍ମଳ, ପବିତ୍ର ଓ ସୁନ୍ଦର ହୁଏ ।

୪୮ ।   ଅଖାଇ କରିଛୁ ଉଷା
ନଡ଼ିଆ ଗୋଟାକ ଛ' ପଇସା ।—ଢଗ

—ଉଷା କଲେ ଲୋକେ ଭାତ ନ ଖାଇ ଜଳଖିଆ ଖାଇଥାନ୍ତି ଓ ଯାଥିକି ନଡ଼ିଆ ଲୋଡ଼ା ହୋଇଥାଏ । କିନ୍ତୁ ଯେଉଁଠା ଲୋକ ନଡ଼ିଆ ମହଙ୍ଗା (ସେ କାଳେ ଗୋଟାଏ ନଡ଼ିଆକୁ ଛ' ପଇସା ହେଲେ ବହୁତ ଦର ହୋଇଛି ବୋଲି ଧରା ଯାଉଥିଲା) ହୋଇଛି ବୋଲି ଭାବେ ନାହିଁ ।

୪୯ ।   ଅଖାଇ କରିଛୁ ଉଷା, ଡୋଲିକ ଚୂଡ଼ା ଓଳକେ ଖାଇଲୁ
ଦାନ୍ତ ଅଛି ଦରଘଷା ।—ଢଗ

—ଉଷାରେ ଉପାସ କରିଛୁ ବୋଲି ଛଳ କରି ବହୁତ ଖାଇଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୫୦ ।   ଅଖାଇ ଖାଇଲୁ, ଖାଜା ଖାଉ ଖଜା ବାଡ଼ିକ ଖାଇଲୁ,
ସୁଆଦ ନ ପାଇଲୁ ।—ଢଗ

—କିଛି ଖାଏ ନାହିଁ ବୋଲି ଛଳ କରୁଥିବା ସର୍ବଗ୍ରାସୀ ବ୍ୟକ୍ତି ପ୍ରତି ବ୍ୟଙ୍ଗ । ଗୋଟିଏ ଜିନିଷକୁ ବାରମ୍ବାର ଖାଇଲେ ଖାଇବାରେ କିଛି ଆନନ୍ଦ ନ ଥାଏ ।

୫୧ । ଅଖାଇ ଖାଇ
ସବୁ ଜଣାପାଏ ଯାଷା ଠାଇଁ ।—ଛଟା

—ଯାଷା ବା ମେଳଣକୁ ଗଲେ ଲୋକେ ପାଦା ପଇସା ନେଇଥାନ୍ତି ଭଲ ମନ୍ଦ କଣିଖାନ୍ତି । ଯେଠି କିଏ ଖାଇଲାବାଲା, କିଏ ବା ନୁହେଁ, ଜଣାପାଏ । ଗ୍ରେଠା ପଇସା ଥିବା ସତ୍ତ୍ୱେ କିଛି କିଣି ଖାଏନାହିଁ ।

୫୨ । ଅଖାଇ ଗଉଷ ପାନ ଖାଇଛି,
ଢାଇକଲ ପିକ ବୋହି ପଡୁଛି ।—ଛଟା

—ପାନ ନ ଖାଇଥିବା ବ୍ୟକ୍ତି ଦିନେ ପାନ ଖାଇ ପିକ ବୋହିପଡ଼ିଲେ ତା ପ୍ରତି ଏହି ଛଟାର ପ୍ରୟୋଗ ହୁଏ । ଅନଭିଜ୍ଞ ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୫୩ । ଅଖାଇ ନ ଖାଇ ଆହାର
ଯୋଉ ଗୁରଗୁଣ୍ଡା ଅଖାଇ ଖାଅଇ
ଦୁନିଆପାକର ବାହାର ।—ଢଗ

—ଅଖାଇର ଗୁଣ୍ଡା ଫାଲ୍ତୁଆ ଗୁଣ୍ଡା । ଯେଉଁ କେତେଗୁଣ୍ଡା ଯେ ଖାଏ ସେଥିରେ ପେଟ ପୂରିବା କଥା । ସ୍ୱଳ୍ପ ଲାଞ୍ଚ ଖାଉଥିବା ବା ମୋଟେ ଲାଞ୍ଚ ନେଉ ନାହିଁ ବୋଲି କହୁଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୫୪ । ଅଖାଇ ନାମ୍ନି ଖାଇ ମନ କଲା,
ବାରବାଟୀ ଗୃଷ ଧୋଇରେ ଗଲା । —ଢଗ

—ଖାଉ ଖାଉ ସବୁତକ ଜମି ବନ୍ଧକ ରଙ୍ଗି ଖାଇ ଦେଲେ ଏହା ବ୍ୟବହୃତ ହୁଏ ।

୫୫ । ଅଖାଇ ନାମର ବାର ବରତ,
ସକାଳୁ ଖାଇଲା (ମାଇଲା)ପଖାଳ (କଂସାକ) ଭାତ । —ଢଗ

—ଖିଡମଟେ ବାହାରକୁ ଦେଖାଇ ଓଷା କରିଥିବା ସ୍ତ୍ରୀ ପ୍ରତି ବ୍ୟଙ୍ଗ । ତାପକ୍ଷେ ଓଷା ଗୋଟାଏ ଛଳ । ସେଥିରେ ତାର ନିଷ୍ଠା ନ ଥାଏ, ଭୋଜନ ଉପରେ ଲକ୍ଷ୍ୟ ।

୫୬ ।　　ଅଖାଇ ନାଣି, ସରୁ କାଟେଣୀ, ବସିଥାଏ ଚୂଲିମୁଣ୍ଡେ,
ଘଇତା ପଛରେ (ଆଗରେ) ଣେକଇ କହେ
(କେହି ପଚାରିଲେ ଶାଗରେ କହେ) କିଛି ଦେଇ ନାହିଁ ତୁଣ୍ଡେ ।
—ଡଗ

—ସବୁ ଖାଇ ଅଖାଇ ବୋଲି ଛଳନା କରୁଥିବା ସ୍ତ୍ରୀ ପ୍ରତି ବ୍ୟଙ୍ଗ ।

୫୭ ।　　ଅଖାଇ ମଙ୍ଗଳଚଣ୍ଡୀ
ଭାତ ଖାଉ ନାହିଁ　　ପେଜ ପିଉନାହିଁ
କେମେନ୍ତ ବଢ଼ିଛୁ ଗଣ୍ଡି ?　　—ଛଟା

—ଅଖାଇ ବୋଲି ଦେଖାଇହୋଇ ଭିତରେ ଭିତରେ ଖାଉ-ଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୫୮ ।　　ଅଖାଇ ମନ କଲା
ରାଡ଼ି ଘରେ ନାହିଁ ଚୁଡ଼ା ।—ଛଟା

—ରାଡ଼ି—କେଉଟ । ବ୍ୟଙ୍ଗ ।

୫୯ ।　　ଅଖାଇ ରୁକ୍ମଣୀ ନ ଖାଏ ଭାତ,
ମାରି ଦେ(ଦ)ଉଥାଏ ପିହାଣ ପାତ ।

—ପିହାଣ—ତେଲୁଣି । ଭୋଜନ, କିନ୍ତୁ କିଛି ଖାଏ ନାହିଁ ବୋଲି ଦେଖାଇ ହେଉଥିବା ସ୍ତ୍ରୀ ଲୋକ ପ୍ରତି ବ୍ୟଙ୍ଗ ।

୬୦ ।　　ଅଖା ଧୋଉଥିବ, ଗୁଣ ଗାଉଥିବ ।—ଡଗ

—ଅଖା ପେଟେ ଯୋଉଲେ ବି ଏହା ସଫା ହୁଏ ନାହିଁ । ସେହିପରି ମନ୍ଦ ବ୍ୟକ୍ତିର ଦୁର୍ଗୁଣ ମଧ୍ୟ ଲୋକେ ଆଦୌ ଭୁଲି ପାରନ୍ତି ନାହିଁ ।

୬୧ । ଅଖା ପଟକ, ଏ ଦେଶର ଘର ନାହିଁ,
ଯିବା କଟକ ।—ଢଗ

—ଯେ ଆପଣା ଲୋକଙ୍କ ସଙ୍ଗେ ମିଶିପାରେ ନାହିଁ, ତା ଛତି ଭ୍ରଷ୍ଟ ।

୬୨ । ଅଖିଆ ବାବାଜୀ ଭଜନ ଟାଣ
ଅଖିଆ ଗଉଡ଼, କଣ୍ଟା ପଠାଣ
ଅଖିଆ ଶାଗୁଣା ଉଡଇ ଉଞ୍ଚ
ଅଖିଆ ମହାନ୍ତ କରଇ ପାଞ୍ଚ
ଅଖିଆ ଦନାଇ କଥା ପ୍ରପଞ୍ଚ । —ଦନାଇ ବଚନ ।

—ଯେଉଁ ସନ୍ନ୍ୟାସୀ ନ ଖାଇଥାଏ ତାର ପ୍ରାର୍ଥନାରେ ଅଧିକ ଆନ୍ତରିକତା ବା ଗମ୍ଭୀରତା ଫୁଟିଉଠେ । ଖାଇ ନଥିଲେ ଗଉଡ଼ ବା ପଠାଣ ଭୟଙ୍କର ହୋଇ ଉଠନ୍ତି । ଖାଇ ନ ଥିଲେ ଶାଗୁଣା ବହୁତ ଉଞ୍ଚକୁ ଉଠି ଆହାର ଖୋଜେ । ଖାଇବାକୁ ନ ପାଇଲେ ମହାନ୍ତ କିଛି ଫନ୍ଦି ଫିକର କରି ଆହାର ଆୟୋଜନରେ ଲାଗିପଡ଼େ ।

ପ୍ରପଞ୍ଚ—ମନ୍ଦ ପ୍ରକୃତିକ, ଲକ୍ଷ୍ମୀଛଡ଼ା ।

୬୩ । ଅଖିର ଭିତରେ ପଖିର ପାନ
ସୁରସ୍ ଭିତରେ ଗ୍ରନ
ଏ ଧାନ୍‌ଦା ଜାନ ସଖି
ତେବେ ଖାଅ ପେଜ୍‌ପାନ । —ନାଁ ଦଆ (କୋରାପୁଟ)

—ଆଖିର ଭିତରେ—ନଡ଼ିଆ ଭିତରେ; ଧାନ୍‌ଦା—ନାଁ ଦଆ ।

୬୪ । ଅଗନ ଗଛର ମୁଣ୍ଡି ହଲଘା ଲେ
ଝିଙ୍କର ଗଛର ଛାଇ
ଆଡ଼ ହୋଇ ପାଅ ଟୋକା ଦଅର
ମୁଁ ପିବ ଚୂଉଲ ଧୋଇ । —ଛଟା

—ଆଡ଼ କର ଦଅ—ବାଟ ଛାଡ଼ ଦଅ । ଅଗନ—ଜଙ୍ଗଲ ; ମୁଣ୍ଡି ହଲଘା—ମୁଣ୍ଡା ବା ବଡ଼ ବଡ଼ ହଲଘା, ଛୋଟ ଛୋଟ ହଲଘା ଖଣ୍ଡକୁ ଡାଳୀ ହଲଘା କହନ୍ତି ।

୬୫ ।— ଅଗଟା ମିଠା ଲାଗେ
ମଝିଟା ଖଟା ଲାଗେ
ମୂଳଟା ବାସେ
ଢଗ ଦେଇଗଲେ ଗୋପାଳ ଦାସେ ।—ନାଁ । ଦଅ

—ଦହି, ଦୁଧ ।

୬୬ । ଅଗଡ଼ ମଗଡ଼ (ବଗଡ଼) ଖାଏ ଯେ,
ଶଗଡ଼ ଭଳିଆ ହୁଏ ସେ । —ଢଗ

—ଯେ ମୋଟା ସୋଟା ଖାଏ, ସେ ବଳୁଆ ହୁଏ ଓ ଶଗଡ଼ ପରି ବୋଝ ବୋହିପାରେ ।

୬୭ । ଅଗଣି ଖଟୁଆ, ଗୁଆ ନାହିଁ ପାନ
(ଗୁଣ୍ଡି) ନାହିଁ ଖାଲି (ଭୁଛା) ବଟୁଆ ।—ଛଟା

—ଧନହୀନ ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୬୮ । ଅଗସ୍ତି ଦେଲେ ଦାନ,
କଣା ଗୁଆ ପୋଚ୍ଛ ପାନ ।—ଢଗ

—କୃପଣର ନିକୃଷ୍ଟ ଦାନ ପ୍ରତି ବ୍ୟଙ୍ଗ ।

୬୯ । ଅଗସ୍ତି ଦେଲେ ଦାନ
ମାଛି ଗୁଡ଼ର ପରମାଣ । —ଛଟା

ଗୁଡ଼—ଗୋଡ଼; ମାଛି ଗୁଡ଼ର ପରମାଣ—ଅତି ଅଳ୍ପ । ସ୍ୱଳ୍ପ ଦାନ ପ୍ରତି ବ୍ୟଙ୍ଗ ।

୭୦ । ଅଗିବାସି ଦୋଳବାସି ଜନବାସି
କି କରିବୁ ପୁତା ଖଡ଼ ଘସି ? —କୃଷି ବଚନ

—ଅଗି ପୋଡ଼ା ବାସିଦିନ, ଦୋଳପୂର୍ଣ୍ଣିମା ବାସି ଦିନ, ବର୍ଷା ହେବା ବାସିଦିନ ଭୂଇଁ ଚଷ ହେଲେ ଫସଲ ଭଲ ହୁଏ । ଫସଲ ଭଲ ହେବ ନ ହେବ ସେଥିଲାଗି ଖଡ଼ ପକାଇ ଲାଭ କଣ ?

୭୧ । ଅଗା ବଗା ସଗା
ତିନିହେଁ ତିନି ଅଲଗା । —ଢଗ

—ତିନି ଜଣ ଏକାଠି ହୋଇଛନ୍ତି ଅଥଚ କାହା ସଙ୍ଗେ କାହାର ମେଳ ନାହିଁ, ଏହି ପରିସ୍ଥିତିରେ ଏ ଢଗର ପ୍ରୟୋଗ ହୁଏ ।

୭୨ । ଆଗାଧୂଆରେ ଯେଉଁ ଘରଣୀଟା
ପଖାଳ ଭାତ ଖାଏ
ଭୂଆସୁଣୀକୁ ସେ ଏକଲା ଦେଖି
ଶ୍ଳୋକାର ଗୀତ ଗାଏ ।
ହାତରେ କଣ୍ଟି ନଧର
ଯେହ୍ନୁ ଭଉଣୀ ଘରକୁ ଯାଏ
ସବୁ କଥାରେ ଏଣ୍ଡୁଅ ପରି
ସେ ମୁଣ୍ଡ ଟେକାଉଥାଏ
ସମୟରେ ଚୁଟି ଧର
ଯେହ୍ନୁ ସମୟେ ପଡ଼ଇ ପାୟେ
କାତ ମାର ନ ଜାଣିଣ
ଯେହ୍ନୁ ଦଦରା ଡଙ୍ଗାକୁ ବାହେ ।

ମାଇପ ବୋଲରେ କର୍କଶ କଥା
କହଇ ଯେତୁ ମାଏ
ଅଉ ଆପଣାର ହେଲେ ଦନାଇ
ଏହାଙ୍କ ପାଖକୁ ନ ଯାଏ । —ଦନାଇ ବଚନ

—ପାପେ —ପାଦ ତଳେ । ଚରଣଚୁଟିଆ — କେତେବେଳେ ଚୁଟିଧରେ ପୁଣି କେତେବେଳେ ଗୋଡ଼ ତଳେ ପଡ଼େ ।

ମାଏ—ମାଆଙ୍କୁ ! ଏଣୁଅର ପ୍ରକୃତ ମୁଣ୍ଡ ଝୁଙ୍କାଇବା ।

ଯେଉଁପରି ଯେ ବୁଝି ନ ବୁଝି ଅନ୍ୟ କଥାରେ 'ହଁ' ମାରେ ।

ଘେଉକାର—ଅଶ୍ଳୀଳ, ଅସଭ୍ୟ, ଧିକ୍କାର ବା 'ଛି' ପଦ ପାଇବାକୁ ଯୋଗ୍ୟ । ଦଦରା—ଭାଙ୍ଗିବା ଅବସ୍ଥାକୁ ଆସିଥିବା ।

୭୩ । ଅଗି ଜଳଲା ଶୀତ ଟଳଲା,
ବୋଲ ହରିବୋଲ । —ପ୍ରବଚନ

—ମାଘ ପୂର୍ଣ୍ଣିମା ପରେ ଶୀତର ପ୍ରକୋପ କମେ ।

୭୪ । ଅଗ୍ନିକ ପବନ ସାହା । —ପ୍ରବଚନ

—ନିଆଁ ନ ଲେଉଡ଼ିଲେ ବି ପବନ ତାକୁ ସାହାଯ୍ୟ କରିବାକୁ ଧାଇଁ ଆସେ । ସେହିପରି ପ୍ରକୃତ କର୍ମୀକୁ ଲୋକେ ସ୍ୱତଃ ପ୍ରବୃତ୍ତ ହୋଇ ସାହାଯ୍ୟ କରିଥାନ୍ତି ।

୭୫ । ଅଗ୍ନି, ରାଜା, ରୋଗୀ, ଦୁହିତା, ଚୋର
ଗୋରୁ, ମଇଁଷି ଅଉ ଲେଖା ନର
ବେଶ୍ୟା, ହସ୍ତିନୀ, ମଦୁଆ, ମହାନ୍ତ
ଯେତେ ପାଇଲେ ଏ ବୋଧ ନୁହନ୍ତି । —ଦନାଇ ବଚନ

—ଦୁନିଆ ପୋଡ଼ିଜାଳି ଦେଲେ ବି ଅଗ୍ନି ତୁଷ୍ଟ ନୁହେଁ, ପ୍ରଜାଙ୍କୁ ଶୋଷଣରେ ନିଃଶେଷ କରି ରାଜା ତୁଷ୍ଟ ନୁହେଁ, ଯେତେ ଚୋରି କରି ଚୋର, ବାପଘରୁ ଯେତେ ଜିନିଷ ନେଲେ ବି ଝିଅ, ଯେତେ ପିଇଲେ

ମଦୁଆ, ଯେତେବେଳେ ମଦାନ୍ଧ, ବେଶ୍ୟା, ଯେତେ ରକ୍ତକଲେ ହସ୍ତିନୀ କାଷ୍ଠପ୍ରା ସ୍ତ୍ରୀ, ଯେତେ ଖାଇଲେ ବି ଗୋରୁ ମଇଁଷି ତୃପ୍ତ ନୁହନ୍ତି ।

୭୬ । ଅଗ୍ନି ଜଳକୁ ନିଷେଧ କରଇ
ବାକି ସବୁକୁ ଗ୍ରାସ କରଇ ।—ନାଁ ଦିଅ

—ଘାଇ ।

୭୭ । ଅଙ୍ଗି, ଘୃତଚଜିତଆ ଭଙ୍ଗି
ଅଙ୍ଗି କି ଦୋଷ କଲା ?
ଟାଁ ବାହାରିବାକୁ । —ନାଁ ଦିଅ

—ଖଲପଟ ।

୭୮ । ଅଗ୍ନିପୋଡ଼ ଯେଉଁ ଘର
ଆମ ଗରମିରେ ଜର
ଭାଗରୁ ବଳକା କର
ଦୁହାଁଳିଆ ଗାଈ ଖର
ବହୁ ମୂରବିର ଘର
ବୋଲେ ଦମ ହରବର ।—ଦନାଇ ବଚନ

—ଅଗ୍ନି କୋଣକୁ ଘର ପୋଡ଼ ହେଲେ କ୍ଷତିକାରକ । ଝାଡ଼ା ହେଉଥିବା ବେଳେ ଜର ଭୟଙ୍କର ।

ଖର—ଅସ୍ଥିର, କର—ଖଜଣା; ଗୋଟିଏ ଘରେ ବହୁ ଲୋକ ମାମଲତକାର ହେଲେ ସେ ଘର ଭାଙ୍ଗେ । ହରବର—ହଇରଣ ।

୭୯ । ଅଗ୍ନି ଯେସନେ ସର୍ବ ଖାଇ
ବସ୍ତୁରେ ଗୁଣ ଦୋଷ ନାହିଁ ।

—ବଶିଷ୍ଠ କବିଙ୍କ ବଚନ ।

—ଅଗ୍ନି ସର୍ବଗ୍ରାସୀ—ଭଲମନ୍ଦ, ପିତାକଷା ସେ ବାରେ ନାହିଁ ।

୮୦ । ଅଗ୍ରଭକ୍ଷ୍ୟଂ ଅନୁର୍ଗୁଣଂ । —ସଂ—ଶ୍ଲୋକାଂଶ

—ପ୍ରଥମେ ଯାହାତାହା ଜିନିଷ ଖାଇ ପଛରେ ଭଲ ଜିନିଷ ଖାଇବା । ମନ୍ଦ ଖାଉଁ ଖାଉଁ ଜୀବନ ଯାଇପାରେ, ଭଲ ଜିନିଷ ଭୋଗ ହୋଇ ନ ପାରେ । ତେଣୁ ଲୋକେ ପ୍ରକୃତ ଗୁଡ଼, ଉତ୍ତମ ଦ୍ରବ୍ୟ ଖାଇବା ଉଚିତ । ବଳୁଆ ପାଇଥିବା ମୃତ ଶିକାରୀ ଦେହ, ହରିଣ, ସାପ ଆଦି ଗୁଡ଼ ଧନୁରେ ବନ୍ଧା ଶୁଖିଲା ଗୁଣକୁ ଖାଉଥିବା ବେଳେ ତାର ପ୍ରାଣ ଗଲା ।

୮୧ । ଅଗ୍ରେ ପୂଜ୍ୟଃ ଗଣାଧିପଃ ।—ସଂ-ଶ୍ଳୋକାଂଶ

—ପ୍ରଥମେ ବିଘ୍ନବିନାଶନ ଗଣେଶଙ୍କର ପୂଜା କରିବା ଉଚିତ ।

୮୨ । ଅଙ୍ଗାଏ ମହାର୍ଦ୍ଧ ଛୁଇଁଲେ ଯେ
କଣିକାଏ ନିର୍ମାଲ୍ୟ ଛୁଇଁଲେ ସେ ।—ଢଗ

—ମହାପ୍ରସାଦ ଅଳ୍ପ ବହୁତ ସମାନ । ମହାପ୍ରସାଦ ଛୁଇଁ ନିୟମ କରାଯାଏ । କଣାଏ ହେଉ ବା କୁଢ଼ାଏ ହେଉ, ଫଳ ଏକା ।

ଅଙ୍ଗା—ଦୁଇ ଅଙ୍ଗାରେ ଗୋଟିଏ ଘର ହୁଏ । ଏବେ କାନ୍ଧରେ ଘର ବୋହିବା ରୀତି ପ୍ରାୟ ବନ୍ଦ ହୋଇଯାଇଛି ।

୮୩ । ଅଙ୍ଗ କଉଡ଼ି ଭଙ୍ଗରେ ଯାଏ
ଚିତା କଉଡ଼ି ସଙ୍ଗରେ ଯାଏ ।—ଢ଼ଗ

—ସ୍ତ୍ରୀ ଲୋକ ଦେହ ଦାନ କରି ଯେଉଁ ପଇସା ରୋଜଗାର କରେ, ତାହା ସ୍ୱାସ୍ଥ୍ୟ ଲାଭ ଲାଗି ଖର୍ଚ୍ଚ କରେ । ପଇସା ଖର୍ଚ୍ଚ କରି ଦେହରେ ଯେଉଁ ଚିତା କୁଟା ହୋଇଥାଏ, ତାହା ମୃତ୍ୟୁପରେ ସଙ୍ଗରେ ଯାଏ ବୋଲି ଲୋକ ବିଶ୍ୱାସ ପ୍ରଚଳିତ ।

୮୪ । ଅଙ୍ଗାର ଶତ ଧୌତେନ ମଳିନତ୍ୱଂ ନ ମୁଞ୍ଚତି ।
ସଂ— ଶ୍ଳୋକାଂଶ

—ଅଙ୍ଗାରକୁ ବାରମ୍ବାର ଧୋଇଲେ ବି ତାର କାଳିମା ଛାଡ଼େ ନାହିଁ । ସେହିପରି ଯେତେ ଚେଷ୍ଟାକଲେ ବି ଦୁଃସ୍ୱଭାବକୁ ବଦଳାଇ ହୁଏ ନାହିଁ ।

ଅଛୁ ଧନ ନାହିଁ
ନାହିଁ ଧନ ଅଛୁ । —ଲୋକୋକ୍ତି

—ବହୁତ ଧନ ଥିଲେ ବି ଯେ ଉପଯୁକ୍ତ ସତ୍କାର କରେ ନାହିଁ; ତାର ଧନ ଥିବା ନ ଥିବା ସମାନ । ଯେ ବ୍ୟକ୍ତିତ୍ୱ ବା ମଣିଷପଣ କମାଇ ଥାଏ, ସେ ନିର୍ଦ୍ଧନ ହେଲେ ବି ତାର ଧନ ସର୍ବସ୍ୱ ।

୮୫ । ଅଙ୍ଗୁଳି ପ୍ରବେଶାତ୍ ବାହୁ ପ୍ରବେଶଃ—ସଂସ୍କୃତ ବଚନ

—ଓଡ଼ିଆରେ "ଆଙ୍ଗୁଳି ପଶୁ ପଶୁ ବାହା ପଶିଲା" କିମ୍ବା "ଆଙ୍ଗୁଠି ଗିଳୁ ଗିଳୁ ବାହା ଗିଳିଲା" ଢଗ ପ୍ରଚଳିତ । ଥରେ କୌଣସି ପ୍ରକାରେ ଅନୁଷ୍ଠାନରେ ପଶିଗଲେ ଅଧିକାର ଜାହିର କରିହୁଏ ।

୮୬ । ଅଘଟ କଥା ଘଟଇ ଦେଖ,
ଫେଜପିଆଠେଇଁ ବାଜଇ ଶଙ୍ଖ । —ଢଗ

—ଦରିଦ୍ରର ଆଡ଼ମ୍ବର ପ୍ରତି ବ୍ୟଙ୍ଗ ।

୮୭ । ଅଘଟ ଘଟା, ମଲ୍ଲୀ ଫୁଲଠାରେ ଉଠିଛି କଣ୍ଟା ।
—ଢଗ

—ଅଘଟଣ ପ୍ରତି ବ୍ୟଙ୍ଗ ।

୮୮ । ଅଘଟ ଘଟଇ କହୁଛି କଥା,
ଗୋଟାଏ ଗଣ୍ଡିକି ଚାରିଟା ମଥା । —ଛଟା
—ଅସମ୍ଭବ କଥା କହୁଥିବା ଧୀ ଲୋକ ପ୍ରତି ବ୍ୟଙ୍ଗ ।

୮୯ । ଅଘରୁଆ ପୁଅ ଜାଣିବ ଯେହୁ
କଥାକେ କହେ 'ହୁଁ' କାର
ଡର ନାହିଁ ପର ଭୁଆସୁଣୀଙ୍କୁ
ତାଙ୍କୁ ଜାଣିବ ଛୋକାର

ବରଷା ନ ଥାଇ ପଡର ଚନ୍ଦା
ତାକୁ ଜାଣିବ କାକର
ମୁହଁ ଲେସୁଡ଼ ଦନାଇ ବୋଲେ
ତାକୁ ଜାଣିବ ଗୁକର ।
—ଦନାଇ ବଚନ

—ଘରୁଆ ଘର ପିଲ ଭଲ, ତା ଭୁଣ୍ଡରୁ ସହଜରେ ଅକଥା ବାହାରେ ନାହିଁ । ପରର ଯୁବତୀ ପ୍ରତି ଯେ ଭଲ ବ୍ୟବହାର କରେନାହିଁ, ସେ ଧିକ୍‌କାରଯୋଗ୍ୟ, ଅଭଦ୍ର ।

ଲେସଡ଼ବା—ନେଫଡ଼ବା, ଗ୍ଲେକାର—ଧିକ୍‌କୃତ ।

୯୦ । ଅଘୋଡ଼ା ନ ରଖିବ ଦୁଧ
ଗାଆଁରେ ନ ରଖିବ ଶୁଦ ।
ବଲରେ ନ ରଖିବ କୁଦ
ଦନାରେ ନ ରଖିବ ବାଦ । -ଦନାଇ ବଚନ

—ଶୁଦ - ଚଷାଜାତି ବିଶେଷ । କୁଦ—ଉଚ୍ଚସ୍ଥାନ ।

୯୧ । ଅଚନ୍ଦା ନାଣ୍ଡ ବାପଘର ଯାଏ
ମନ ଫୁଲ୍‌ଣିଆ ଗୀତ ଗାଏ । —ତଗ

—ସଂସାରଜଞ୍ଜାଳ ଲଗିଗଲ ପରେ ଅଯୁସରେ କୌଣସି ସ୍ତ୍ରୀ ବାପଘରକୁ ଯାଏ ନାହିଁ । ମନଫୁଲ୍‌ଣିଆ—ଫୂର୍ତ୍ତିବାଜ୍ ।

ଅଜା ପିବେ ଗାଧୋଇ
ଆଈ ପିବେ ପାଲଟା ଧୋଇ । —ତଗ

--ମଧୁର ଦାମ୍ପତ୍ୟ ପ୍ରେମର ଇଙ୍ଗିତ ।

୯୨ । ଅଟୁ ମାଆକୁ ଗଟୁ ଦେବା ନ୍ୟାୟ । —ନ୍ୟାୟ

—ଉପମାର ଅଯୋଗ୍ୟ ବିଷୟକୁ ଟାଣି ଓଟାର ଉପମା ଦେବା ନ୍ୟାୟ ।

ଗଣ୍ଠୁଦେବା—ସଜାଡ଼ି ଦେବ ।

୯୩ । ଅଛୁଆଁ ଘରେ ରହିଲେ ଲୁଣିଆ
ଅଛୁଆଁ ରୋଗୀ ହୋଇଲେ କୁଣିଆ
କାଛୁଆ ଯେବେ ହୁଏ ପୂଜାହାରୀ
ବାଛୁଆ ଯେବେ ହୁଅଇ ମାହାରୀ
ମିଛୁଆ ପିଲା ନାଚୁଆ ପୂଜକ
ଛୁଆ ଛୁଆ ବୋଲି ଧନାଇ ଡାକ ।

—ଧନାଇ ବଚନ

—ଅଛୁଆଁ—ଯେଉଁ ଘର ଛପର ହୋଇନାହିଁ ।
ଲୁଣିଆ—ଲୁଣବ୍ୟବସାୟୀ, ଅଛୁଆଁ ରୋଗୀ—କୁଷ୍ଠରୋଗୀ ।
କାଛୁଆ—କାଛୁରୋଗୀ, ବାଛୁଆ—ଯେ ଭଲମନ୍ଦ ବାଛେ ।
ମାହାରୀ—ବେଶ୍ୟା । ନାଚୁଆ—ଯେ ନାଚ ଶୁଙ୍ଘେ ।

୯୪ । ଅଜଗରକୁ ଦାତାରାମ୍
ଅଧେ ତୁଷ ଅଧେ ଧାନ । —ଢଗ ।

—ଅଜଗର ସାପ ପଡ଼ିଥାଏ, ଭଲ ମନ୍ଦ ନ ବାଛି ଯାହା ମିଳେ ଖାଏ । ସେହିପରି ଗରିବ ଲୋକ । ତାକୁ ଧାନ ସଙ୍ଗେ ଚଷୁ ମିଶାଇ ଦେଲେ ବି ସେ ମୁହଁ ଫିଟାଇ ପ୍ରତିବାଦ କରେନାହିଁ, ଗ୍ରହଣ କରେ । ଦେବାବାଲାର ଦାତାପଣ ସାବ୍ୟସ୍ତ ହୁଏ ।

୯୫ । ଅଜଗରକୁ ଦାତାରାମ,
ମୁଖେ ପଡ଼ିଲେ ରାମ୍ ରାମ୍ । —ଢଗ

—ଅଜଗର ପଡ଼ିଥାଏ । ଆହାର ନ ଖୋଜି ପାହା ମୁହଁ ପାଖକୁ ଆସେ, ଖାଏ । ସେହିପରି ନିଷ୍କର୍ମା ବ୍ୟକ୍ତି କୌଣସି ଉଦ୍ୟମ କରେ ନାହିଁ । ତା ପ୍ରତି ବ୍ୟଙ୍ଗ ।

୯୬ । ଅଜଣା ବୃଷଳର ଘିଅ ଖାଇବା ।—ରୂଢ଼ି ପ୍ରୟୋଗ

—ଅତି ସାଧାରଣ ବିଷୟରେ ଜ୍ଞାନ ନଥିବା ବ୍ୟକ୍ତି ପ୍ରତି ପ୍ରଯୁକ୍ତ ।

୯୭ । ଅଜର ଜର, କଷି କଲର
ଲୁଣ ଦେଇ ତୋତେ ଜାରମି ପର । —ଢଗ

— ଛୁଗୁଲେଇବା, ପ୍ରତିଶୋଧ ନେବାଲାଗି ଧମକାଇବା । ଜାରମି—ଲୁଣଦେଇ ତାକୁ ଆହୁର ପର କରି ଦେବି ।

୯୮ । ଅଜା ଜାଣି ନାତି
ମାଛ ଜାଣି କାତି । —ଢଗ

—କାତିକୁ ଦେଖି ମାଛ ଜାଣି ହୁଏ । ସେହିପରି ନାତିର ଆକୃତି-ପ୍ରକୃତିରୁ ଅଜାଙ୍କ ଗତିସ୍ଥିତି ଓ ଆକୃତି ଜଣାଯାଏ ।

୯୯ । ଅଜା ଯୁଦ୍ଧେ ଋଷିଶ୍ରାଦ୍ଧେ
ପ୍ରଭାତେ ମେଘଡ଼ମ୍ବରେ
ଦାମ୍ପତ୍ୟ କଲହେ ଚୈବ
ବହ୍ୱାରମ୍ଭଃ ଲଘୁକ୍ରିୟା ।—ସଂ. ଶ୍ଳୋକ

—ଛେଳିଙ୍କ ଭିତରେ ଲଢାଲଢି, ଋଷିଙ୍କର ଶ୍ରାଦ୍ଧ, ସକାଳୁ ମେଘର ଘଟା ଓ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ାରେ ଆଡ଼ମ୍ବର ବେଶୀ, ଗୁରୁତ୍ୱ ଅଳ୍ପ ।

୧୦୦ । ଅଜା ଗଜା, ବୁଢ଼ା ମେଣ୍ଢ
ଦୁଧର ଉପର, ଦହିର ଶେଷ
ମାଛର ମା, ଶାଗର ଝି
ଯେଉଁ ନ ଖାଇବ ଖାଇବ କି ?

—ଛୋଟ ବୋଦା ଛେଳି ଓ ବୁଢ଼ା ମେଣ୍ଢାର ମାଂସ, ଦୁଧସର, ଚଳଚଳିଆ ଦହି, ମଞ୍ଜିଆ ବଡ଼ମାଛ, କଅଁଳିଆ ଶାଗ—ଏ ସବୁ ଉତ୍କୃଷ୍ଟ ଖାଦ୍ୟ ।

୧୦୧ । ଅଜାତିକ (ଅପାଠୁଆଙ୍କୁ) ବଣିଜ ଅଡ଼ୁଆ । —ଢଗ

—ଯେ କୌଣସି ଜାତିର ଲୋକ ବେପାର କରି ପାରେନାହିଁ । ପୃଥିବୀର ଜଇ, ଇଂରେଜ, ମାରୱାଡ଼ି ପ୍ରସିଦ୍ଧ ବ୍ୟବସାୟୀ ଜାତି । ଅନ୍ୟ ଜାତିର ଲୋକଙ୍କୁ ବ୍ୟବସାୟ ଅସୁବିଧାଜନକ ବୋଧହୁଏ । କିନ୍ତୁ ଏବେ ଜାପାନୀ, ଜର୍ମାନ୍, ଆମେରିକାବାସୀ ମଧ୍ୟ ବ୍ୟବସାୟ କ୍ଷେତ୍ରରେ ସୁନାମ ଅର୍ଜିଛନ୍ତି । ଅପାଠୁଆ ଲୋକ ବ୍ୟବସାୟ କଲେ ଠିକ୍‌ଭାବେ ହିସାବ କରି ନ ପାରି ଠକାମିରେ ପଡ଼େ ।

୧୦୨ । ଅଜାଗଳ ସ୍ତନ ନ୍ୟାୟ । —ନ୍ୟାୟ

—ଛେଳିର ବେକରେ ଓହଳିଥିବା ସ୍ତନଦୁଇଟି ଅଦରକାରୀ । ସେଥିରୁ ଦୁଧ ବାହାରେ ନାହିଁ । ସେହିପରି ଅନାବଶ୍ୟକ ବସ୍ତୁ ପ୍ରତି ଏହି ନ୍ୟାୟର ପ୍ରୟୋଗ ହୁଏ ।

୧୦୩ । ଅଜାଗାର ଘା ଦେଖି ହୁଏ ନାହିଁ କି ଦେଖେଇ ହୁଏ ନାହିଁ ।
—ଢଗ

—ଯେପରି ଅସ୍ଥାନର ଘାଆ, ସେହିପରି ମର୍ମସ୍ଥଳର ଆଘାତ ଦେଖିବା, ଦେଖାଇବା କଷ୍ଟକର । କିନ୍ତୁ କଷ୍ଟ ଭୋଗ କରିବାକୁ ହୋଇଥାଏ ।

୧୦୪ । ଅଗାଧ ଗିଳଛି ଗାଧକୁ
ଗାଧ ଉଚାଟ ହେଉଛି ପିବାକୁ ।—ନାଁ ଦଅ

—ଦାନ୍ତୁଆ ଓ ମାଛ

୧୦୫ । ଅଗାଧ ମୁଣ୍ଡରେ ଗାଧ ବାପ କଲା
ବାପ କଲା ବୁଢ଼ିଆଣୀ
ବୁଢ଼ି ପାହୁଆ ପରେ ନ ପାହୁଆ ପଡ଼ିଲା
ଉ ପାହୁଆ ନେଲା ଟାଣି । —ନାଁ ଦଅ

—ପାଣିରେ ପୋଡ଼ ପଡ଼ିଥିବା ବେଳେ ମାଛ ପୋଡ଼ ଉପରକୁ ଡେଇଁଲା । ମାଛକୁ ଚିଲ ଝାମ୍ପି ନେଲା।

୧୦୬ । ଅଗାଧ ଧରିଛି ଗାଧକୁ
ଗାଧ ବାଉଳିଇ ହେଉଛି ପିବାକୁ । —ନାଁ ଦଅ

—ଜାଲରେ ମାଛ ପଡ଼ିବା ।

୧୦୭ । ଅର୍ଜନ ସାଧନ ପଞ୍ଚସ୍ୱ
ଧନ ସେ ସର୍ବଦୁଃଖମସ୍ୱ । —କବିବଚନ

—ଜଗନ୍ନାଥ ଦାସଙ୍କ ପଦ ।

୧୦୮ । ଅର୍ଜିତସ୍ୟ ଦ୍ୱୟୋର୍ଭାଗଂ । —ସଂ· ଶ୍ଳୋକାଂଶ

—ଅର୍ଜି ସମ୍ପତ୍ତି କରିଥିବା ଲୋକ ବଣ୍ଟା ଆଗ ବେଳେ ଭାଇମାନଙ୍କ ଭାଗର ଦୁଇଗୁଣ ପାଇବାକୁ ହକ୍‌ଦାର ।

୧୦୯ । ଅର୍ଜିଲ୍ଲ କର୍ମ ଫଳ ଫଳେ,
ପ୍ରାଣୀ ଭ୍ରମନ୍ତି ମର୍ତ୍ତ୍ୟତଳେ । - କବିବଚନ

—ଜଗନ୍ନାଥ ଦାସଙ୍କ ଉକ୍ତି ।

୧୧୦ ।  ଅର୍ଜୁନ ବାଙ୍କେ ବାଙ୍କେ
ସେଥିରେ ବସିଛୁ ବଢ଼ିଆ କାଙ୍କେ
କାଙ୍କେ ତ ଉଡ଼ିଗଲା
ସଂସାରଯାକ ବୁଡ଼ିଗଲା ।—ନାଁ । ଢଆ

—ସୂର୍ଯ୍ୟ ।

୧୧୧ ।  ଅର୍ଜୁନ ଚଢ଼ ଧାଡ଼ ଧାଡ଼
ଘୂମ କରିଛୁ ମଝିରେ ବସା
ଏ ଅରଥ ଯେ ନ କହିବ
ମୋର ଗୋଡ଼ ଘଷା—ନାଁ ଢଆ

—ଦାନ୍ତ ଓ ଜିଭ ।

୧୧୨ ।  ଅର୍ଜୁନ ଗଛଟି ଝାମ୍ପ ଡ଼ା
ସେଠିକି ନ ପାଏ ଆଙ୍କୁଡ଼ା ।  —ନାଁ ଢଆ

—ମେଘ ।

୧୧୩ ।  ଅଟକଲା ବଣିଆଁ ସଉଦା ଦିଏ ।  —ଠଗ

—ଦୋକାନର ବାକି ଥିଲେ ସେ ପଇସା ପାଇବା ପାଇଁ ପୁଣି ଗରାକକୁ କାଳ ଦିଏ । ବଣିଆ–ପୁଟୁଳି ବଣିଆଁ, ସେ ଗୁଆ, ମସଲା ପ୍ରଭୃତି ବିକେ ।

୧୧୪ ।  ଅଟୁ ମଙ୍ଗରାଜ ଘଟୁ ପାହାଡ଼
ରାଜା ଯାଇଛନ୍ତି ବାଙ୍କ ନଗର
ରାଜା ଯାଇଛନ୍ତି ବାଳକ
ଛମାସ ହେଲା ଯୁବତୀ ମଲାଣି
ପୁଅ ହେଇବ କାଲିକ ।  —ନାଁ ଢଆ

—ସାବୁଗଛ ।

୧୧୬ । ଅଟା ଡିଲକୁ ଚକ ଢଙ୍ଗ । ଢଗ

—ଚକ ଢିଲ ହେଲେ ଚୂରପାରେ ନାହିଁ । ଅଟା ବା ହେମ ଓଦା ଥିଲେ ଚୂର ହୁଏ ନାହିଁ । ଦ ପଟେ ଗଲ୍ତି ଥିଲେ, ଏକାଠି ହେଲେ ବ କୌଣସି କାର୍ଯ୍ୟ ସାଧନ କର ହୁଏନାହିଁ ।

୧୧୭ । ଅଠାକାଠେ ଷୋଳ ଚଞ୍ଚୁର
ପେଟ ଭିତରେ ଅନ୍ତ ବୁଜୁଳା
ବ୍ରାହ୍ମଣ ନୁହଇ ପଇତା ଥାଏ
ବାଘ ନୁହଇ ଘୁମୁରୁ ଥାଏ
ତା ଅଇଁଠା ଯେ ନ ଖାଏ
ଲଙ୍ଗଳା ହୋଇ ବୁଲୁଥାଏ ।– ନାଁ ଦଅ

—ଅରଟ ।

୧୧୮ । ଅଠାକାଠିରେ ପଡ଼ିବା । —ରୂଢ଼ି ପ୍ରୟୋଗ

—ଅଠାକାଠି, ଅଠାକାଣ୍ଡିଆ ଏକା । ଅଠାଦିଆ କାଠିରେ ଚଢ଼େଇର ଡେଣା ଲାଗିଗଲେ ସେ ଆଉ ଉଡିପାରେ ନାହିଁ । ସେହିପରି ମନୁଷ୍ୟ ସଦୃଶ ଭଦ୍ରଙ୍କର କୌଣସି ସମସ୍ୟାରେ ପଡ଼ିଲେ ଅଠାକାଠିରେ ପଡ଼ିଛି ବୋଲି କୁହାଯାଏ ।

୧୧୯ । ଅଠାକାଣ୍ଡିରେ ପକାଇବା । ରୂଢ଼ି ପ୍ରୟୋଗ

—ଅସୁବିଧାରେ ପକାଇବା । ଅଠାକାଣ୍ଡିଆ—ଅଠା ଲଗିଥିବା ନଳ । ଏଥିରେ କେଳା ଚଢେଇ ଧରନ୍ତି ।

୧୨୦ । ଅଡ଼ ବସିଛନ୍ତି ଗେହ୍ଲାପୁଅ,
ବାଘ (ବଳଦ) ଦୁଧ ଆଣି ଟୋପା (ପି) ଏ ଦଅ — ଢଗ

—ପୁଅର ଗେହ୍ଲାପଣ ପ୍ରତି ବ୍ୟଙ୍ଗ । ସେ ବେଳେ ବେଳେ ଅସମ୍ଭବ କଥା ଲାଗି ଅଡିବସେ ।

୧୨୧ । ଅଡ଼ୁଆ ସୂତାରୁ ଖିଏ, ଆଉ ଦାଦାଙ୍କର ଲାଗିଛି କଳି,
ଏ କଳି ଭାଙ୍ଗିବ କିଏ ?—ଢଗ

—ଅଡ଼ୁଆ ସୂତାକୁ ସଜାଡ଼ିବା କଷ୍ଟକର । ସେହିପରି ଜଟିଳ କଳହର ନିଷ୍ପତ୍ତି କରିବା ମଧ୍ୟ କଷ୍ଟକର ।

୧୨୨ । ଅଡ଼ୁଆ ସୂତାରୁ ଖିଏ, ଅଡ଼ୁଆ କଥାରୁ ପଦେ । —ଢଗ

—ଅଡ଼ୁଆ ସୂତାର ଗଣ୍ଠି ଫିଟାଇ ଖିଅ କାଢିବା କଷ୍ଟକର । ସେହିପରି ଅଡ଼ୁଆ କଥାର ଅଗ ମୂଳ ଠିକ୍ କରିବା ମଧ୍ୟ କଷ୍ଟକର ।

୧୨୩ । ଅଡ଼େଇ, ମୁଣ୍ଡଧରି ବାଡ଼େଇ । —ଛଟା

—ଅଡ଼େଇ—ଯେ ଅଡ଼ିବସେ, ଜିଦ୍ ଧରେ । ଅଡ଼ି ଜିଦ୍ ଧରୁଥିବା ବ୍ୟକ୍ତି ଠୋକ୍କର ଖାଏ ।

୧୨୪ । ଅଡ଼ଙ୍ଗର ଢଙ୍ଗ ନାହିଁ; କଟକ ବାଇଦ ଶୁଭେ ନାହିଁ ।
—ଢଗ

—କଟକ ଜିଲ୍ଲାର ଅଡ଼ଙ୍ଗ ନାମକ ଗ୍ରାମ ସମ୍ବନ୍ଧେ ବ୍ୟଙ୍ଗ ।

୧୨୫ । ଅଡ଼ା ଶ୍ରେଷ୍ଠ ଭାଉ ଠାଣ
କେଉଁଠି ନ ମିଳିଲେ ଘୁଙ୍ଗାଠୁଁ ଆଣ । —ଢଗ

—ମାପ କମ୍, ଦାମ୍ ବେଶୀ । ଆଉ କୋଉଠି ନ ମିଳିଲେ ଏକ ଦୋକାନରୁ ଲୋକ ବାଧ୍ୟ ହୋଇ ଜିନିଷ କିଣେ ।

୧୨୬ । ଅଡ଼ିଶା ପଚୁର ପଡ଼ଶା ପଚୁର
ଯା ପଚୁର ତମ ମାଇଁକି
କଦଳୀ ଗଛର ପୁରୁଷ ନାହିଁରେ
ପିଲା ବେଉଅଛୁ କାହିଁକି ?—ନାଁ ଦିଆ ।

୧୨୭ । ଅଡ଼େଇ ଦିନକୁ ବଡ଼େଇ ଘଇତା । —ଲୋକୋକ୍ତି

—ନିଜର [illegible] ଉପରେ [illegible] ର କଣ ଯେ ଗର୍ବ କରେ ତା ପ୍ରତି ବ୍ୟଙ୍ଗ ।

୧୨୮ । ଅଢ଼େଇ ଧନକୁ ବଢ଼େଇ କଥା,
ଝୁରି ମରିବାକୁ କଲି ବଧାଇ । —ଢଗ

—ଗର୍ବ ଅଳ୍ପକ୍ଷଣ ସ୍ଥାୟୀ; ଗର୍ବର କାରଣ ଲୋପ ପାଇଯାଏ, ଗର୍ବ ଖର୍ବ ହୁଏ ।

୧୨୯ । ଅଣ, କଆବଣ (ମାଛ ଭଅଣ) ।—ଛିଟା

—ପଦ୍ୟପାଦରେ ନିରର୍ଥକ ପଦ ପୂରଣ ।

୧୩୦ । ଅଣ ଅଣ ଖାଇବ
କି ଫଳ ଖାଇବ ? —ଲୋକୋକ୍ତି

—କବି କାଳିଦାସଙ୍କ ସମ୍ପର୍କୀୟ ଗଳ୍ପ । କାଳିଦାସ ଜଣକ ଘରେ ଅତିଥି ହେଲେ । ଗୃହିଣୀ ମାଛ ରାନ୍ଧି ଅତିଥିଙ୍କୁ ଉକ୍ତ ପ୍ରଶ୍ନ ପଚାରିଲି । ଅର୍ଥାତ୍ ଝୋଳ ଖାଇବ କି ଫଳ ଖାଇବ ? କବି କହିଲେ 'ଫଳ' । ମାଛ ଗିଡ଼ି ଝୋଳ ସଙ୍ଗେ ମିଶି ଯାଇଥିଲି । କବିଙ୍କ ଭାଗରେ ପଡ଼ିଲି କେବଳ କଣ୍ଟା ।

୧୩୧ । ଅଣ କୋଇଲି (ପୋଇଲି),
ବାପ ନାହିଁ ପୁଅ କାହୁଁ ଅଇଲି ? —ନାଁ ଢଆ

—ଛତୁ ।

୧୩୨ । ଅଣ ପୁରୁଷା (ମଣିଷା),
ନିତି ଘିଅପିଠ (ଘିଇ ପିଠା) ନଇତି ରୁଷା । —ଢଗ

—ଅର୍ଜିବାକୁ ଅସମର୍ଥ, କିନ୍ତୁ ଭଲ ଖାଇବାକୁ ଇଚ୍ଛା । ଭଲ ରନ୍ଧାବଢ଼ା ନହେଲେ ରୁଷି ବସେ । ଅପଦାର୍ଥ ପ୍ରତି ବ୍ୟଙ୍ଗ ।

୧୩୩ । ଅଣକ ଫୋଡ଼ ପେଟ କଣକ ପୋଷୁ
ଜଣକ ଲଗି ଭୁକ୍ତ ସଭରେ ବସୁ । —କବି ବଚନ

—ପଦ୍ମମଣିଙ୍କ ବ୍ୟଙ୍ଗୋକ୍ତି । ପଦ୍ମମଣି ପ୍ରସିଦ୍ଧ କବି । ରାଜଦ୍ୱାରରେ ତାଙ୍କର ଆଦର । ତାଙ୍କ ଯୋଗୁଁ ତାଙ୍କ ବନ୍ଧୁକୁଟୁମ୍ବଙ୍କର ମର୍ଯ୍ୟାଦା ବହୁତ ବଢ଼ି ଯାଇଥିଲା ।

୧୩୪ । ଅଣଖୁଆ କାହିଁ ଆଖୁ ହୋଇବ କି
ବଣଭୁଆ ହେବ ବାଘ ?
କଣ ଭୁଆସୁଣୀ ସଭାରେ ବସିବ
ଲୁଣ ଗୁଣ୍ଡି ହେବ ଶାଗ । —ଦନାଇ ବଚନ

—ଅଣଖୁଆ— ବିଲର ହିଡ଼ରେ ଜନ୍ମୁଥିବା ଏକପ୍ରକାର ତୃଣ, ଏହାର ରସ ଈଷତ୍ ମିଠା, ପାଣିଚିଆ ଲାଗେ । ବଣଭୁଆ—ବଣ ବିରାଡ଼ି, କଣ ଭୁଆସୁଣୀ—କଣରେ ଲୁଚିଥିବା ଯୁବତୀ ।

୧୩୫ । ଅଣ ବାହୁଡ଼ା ରୁକୁଣା ରଥ
ଅଣ ବାହୁଡ଼ା ଶର
ଅଣ ବାହୁଡ଼ା ଭୁଣ୍ଡର କଥା
ଅଣ ବାହୁଡ଼ା ଝର । —ଦନାଇ ବଚନ

—ରୁକୁଣା ରଥ—ଅଶୋକାଷ୍ଟମୀ ଦିନ ଲିଙ୍ଗରାଜ ମହାପ୍ରଭୁଙ୍କ ରଥ ମାଉସୀ ମା ଦେଉଳରେ ପହଞ୍ଚିବା ପରେ ଆଉ ମୁହାଁ ଫେରାଏ ନାହିଁ ।

ଶର ଥରେ ହାତରୁ ଖସିଗଲେ ଆଉ ଫେରେ ନାହିଁ । ସେହିପରି ଭୁଣ୍ଡର ବଚନ ଓ ଝରଣା ।

୧୩୬ । ଅଣବାବୁଆର ଘୁତର
ଠୋକା ଘୁକରର ଉତ୍ତର

କଣ୍ଠା ଯେ ଶଉଚ ପାତର
ବାଞ୍ଝ ଗାଈ ଦେଖିବା ବଛର
ଘୋଳା ବନ୍ଧା ଆମ ବାଛର
ବୋଲେ ଦନାଇ ସନ୍ଧି ନୁହଇ
ଗୁଣ୍ଡ କରିଥିଲେ ପଥର । —ଦନାଇ ବଚନ

ଅଣବାବୁଆ— ଯାହାର ବାପ ଠିକ୍ ନାହିଁ । ବଛର ଦେବା— ଋତୁମତୀ ହେବା ।

୧୩୭ । ଅଣବିଶ୍ୱାସୀ ଯା ଘରେ ଚାକର
କଳିଆ ଭାଇ, କାମୁଡ଼ା କୁକୁର
ସଦା ରୋଗୀ, ନାରୀ, ବିଧବା ଝିଅ
ନଅଣ୍ଟ ଧନ, ଅମାନିଆ ପୁଅ
ଧଡ଼ିଆ ଗାଈ ଗୋରୁ ଯା'ର ଘରେ
ଦନାଇର ଶାନ୍ତି କାହିଁ ସେଠାରେ ? —ଦନାଇ ବଚନ

—ଯାହା ଘରେ ଚାକର ଅବିଶ୍ୱାସୀ, ଭାଇ କଳିଆ; ସ୍ତ୍ରୀ ରୋଗିଣୀ, ରାଣ୍ଡି ଝିଅ, ପୁଅ ଅମାନିଆ, ଗୋରୁଗାଈ ଭଲ ଖାଇବାକୁ ପାନ୍ତି ନାହିଁ, ସର୍ବଦା ଧନର ଅଭାବ, ସେ ଘରେ ଶାନ୍ତି ନାହିଁ ।

୧୩୮ । ଅଣବିଶ୍ୱାସୀ ହୁଣ୍ଡିଆ
ଦଣ୍ଡିମାରୁ ଦଣ୍ଡିଆ
ନାରୀ ଗହଣ-ଖଣ୍ଡିଆ
ଅଷ୍ଟାଙ୍ଗ ରମ୍ଭା କୁଣ୍ଡିଆ
ମନ୍ଦ ଦରକାଣ୍ଡିଆ
ବଡ଼ା ଗଛ ମାଣ୍ଡିଆ
ଅନ୍ତ ବାଉଁଶ ଗାଣ୍ଠିଆ
ବାଲ ମେଣ୍ଢା ମୁଣ୍ଡିଆ
ବଆଳ ବଳ ମୁଣ୍ଡିଆ

ଧାନ ଛେଉ କେଣ୍ଡିଆ
ବଡ଼ ଦାଣ୍ଡ ଖାଣ୍ଡିଆ
ବାଟକୁ ଗର ଗଣ୍ଡିଆ
ବୋହୂ ବଡ଼ ଭୁଣ୍ଡିଆ
ସନ୍ତ ବାଟକୁ ଚଣ୍ଡିଆ
କଣପଶା ଭେଣ୍ଡିଆ
ଟୋକାର ମୁଣ୍ଡ ଲଣ୍ଡିଆ
ବଣ ନଥାଇ ମୁଣ୍ଡିଆ
କଟେହ ଦନାଇ ଘଣ୍ଡିଆ । —ଝନାଇ ବଚନ

—ମୂଣ୍ଡିଆ—ପାହାଡ଼, ଏକପ୍ରକାର ଘାସ; ବଡ଼ ଭୁଣ୍ଡିଆ—କଳକାଣ୍ଡେଇ, ଗରଗଣ୍ଡିଆ—କାଠଗଡ଼ ପରି ଗଣ୍ଡି ବୋହିଥିବା ଲୋକ । ଖାଣ୍ଡିଆ—ଖାଣ୍ଡିଖିଆ, ଦେଉଳରୁ ଆସୁଥିବା ମାହାନ୍ତି ଯେ ମାଗିଖାନ୍ତି । ଛେଉ କେଣ୍ଡିଆ—ଧାନ ଗଛରୁ ବାହାରୁଥିବା ଛୋଟ ଛୋଟ କେଣ୍ଡା; ଅନ୍ତ ବାଉଁଶ ଗାଣ୍ଡୁଆ—ବାଉଁଶ ଅନ୍ତରେ ବୁଣା ହୋଇ ବେଶୀଦିନ ଯାଏନାହିଁ । ବଢ଼ା ଗଛ ଲଣ୍ଡିଆ—ଗଛ ଖୁବ୍ ବଢିଲେ ଭଲ ମାଣ୍ଡିଆ କେଣ୍ଡା ବାହାରେ ନାହିଁ । ଗ୍ରହଣ ଖଣ୍ଡିଆ—ଜନ୍ମରୁ ଯାହାର ଓଠ ଖଣ୍ଡିଆ ଥାଏ । ଦଣ୍ଡିମାରୁ ଦଣ୍ଡିଆ—ଯେଉଁ ମାପୁଣି ମାପଚୁପରେ ଠକ ନଏ । ଚଣ୍ଡିଆ—ଚଣ୍ଡୀ ସାଧକ ସଙ୍ଗରେ ସନ୍ତରେ ଗଲେ ଅଣ୍ଡ ବିକଟାଳ ରୂପ ଆଖିରେ ପଡ଼େ । ହୁଣ୍ଡିଆ—ବ୍ୟବସାୟ ସମ୍ପର୍କରେ ଟଙ୍କା ଦେବାଲାଗି ବସିଦ ଚିଠି । ଏଠି ସେହି ଚିଠି ନେଇଥିବା ଲୋକ ।

୧୩୯ । ଅଣପୁରୁଷାର— ଅ
ଧିକ୍ ଜୀବନର— ଧି
କାଳ ପୁରୁଷାର—କା
ରୁଣ ଲୋଚର—ର
ଏ ଚାରି ମିଳି ଅଧିକାରୀ— ନାଁ ଦିଅ

—ସାହୁକାର ।

୧୪୦ । ଅଣ୍ଟା ଖୋସା (ଗୁଞ୍ଜା) ଧନ ରଖି ଦେ,
ତୋ କାମ କୁ ବୁଝି ନେ । —ଛଟା

—ଲଞ୍ଚ ଦିଆନିଆ ବିଷୟରେ ବ୍ୟଙ୍ଗ ।

୧୪୧ । ଅଣ୍ଟାରେ କୁଦିଲେ କେଁ କରିବ ।—ନାଁ ଦିଆ (କୋରାପୁଟ)
—ଡିଙ୍କି

୧୪୨ । ଅଣ୍ଟା ଦରଣ୍ଡିଲ କଉଡ଼ି ନାହିଁ,
ଦୁଧ ଦହି ଗଲା ଦୁଆର ଦେଇ (ଡେଇଁ) । —ଛଟା

—ସ୍ୱ ଦାରିଦ୍ର୍ୟର ବର୍ଣ୍ଣନା ।

୧୪୩ । ଅଣ୍ଟା ନଡ଼ ନଡ଼ ବାଉଁଶ କଣି
କେମିତି କାଟିବୁ ବାମ୍ଫିରୁ ପାଣି ? —ଛଟା

—ଏତେ ଦୁର୍ବଳ ଦେହରେ ଶାଶୁଘରେ କଠିଣ କାମ କରିବା କଷ୍ଟକର । ପହିଲିପାଲି ଯାଉଥିବା ଝିଅ ପ୍ରତି ଦରଦ ।

୧୪୪ । ଅଣ୍ଟା ଛୁରୀ ତଣ୍ଟି କାଟେ । —ଢଗ

—ଅତି ଆପଣାର ହୋଇ ଚଳୁଥିବା ବ୍ୟକ୍ତି ସର୍ବନାଶ ସାଧନ କଲେ ଏହି ଉକ୍ତି ପ୍ରଯୁକ୍ତ ହୁଏ ।

୧୪୫ । ଅଣ୍ଟାଭଙ୍ଗା ଗୁଆକାତି, ପାଖରେ ବସାଇ ପାନ ଖୁଆନ୍ତି,
ନୁହନ୍ତି ଆମଣା ଜାତି । —ଛଟା

—ପ୍ରେମିକାର ଉକ୍ତି ।

୧୪୬ । ଅଣ୍ଟା ଭଙ୍ଗା ହୋଇ ଯେବଣ ଦାରୁ
ପୂଇଁ ହୋଇ କରି ଯେଉଁ କଖାରୁ
ଯେଉଁ ସ୍ତ୍ରୀଙ୍କର ଅଣ୍ଟାରେ ବାରୁ
କହେ ଦନାଇ ଏ ତିନହେଁ ମାରୁ । —ଦନାଇ ବଚନ

—ଦାରୁ—କାଠ, ପୁର୍‌—ପଗ୍ଧ, ବାରୁ—ଘୋଡ଼ା, ଅଶ୍ୱିମ-ଜାଣସ୍ତା ସ୍ତ୍ରୀଙ୍କୁ ବୁଝାଇପାରେ ।

୧୪୭ । ଅଣ୍ଟାର ସୁନା ତ ଭେଣ୍ଡି
ସୁନାର ସଙ୍ଗରେ ଗୋଲ କାହିଁକ ? —ଢଗ

—ଅତ୍ତ ଆପଣାର ଲୋକ ମନ୍ଦ ଥିବା ସ୍ଥଳେ ଅନ୍ୟମାନଙ୍କ ସଙ୍ଗେ ଗୋଳ ହୁଆଇବା ବୃଥା ।

—ଭେଣ୍ଡି ନିକୃଷ୍ଟ ଧାତୁ ମିଶ୍ରିତ ସୁନା ।

୧୪୮ । ଅଣ୍ଟାରେ ଦଉଡ଼ ବେକରେ ପଘା । —ଢଗ

—ବାଧ୍ୟବାଧକତାରେ କିଂକର୍ତ୍ତବ୍ୟବିମୂଢ଼ ହେବା ।

୧୪୯ । ଅଣ୍ଟା ଭଙ୍ଗା ଗୁଆକାତି
କାହାପାଇଁ ଆଜ ଗୋଟା ପାନ ଭଙ୍ଗା
ଲବଙ୍ଗରେ ଗୁଜୁରାତି ? ଛଟା

—କୌଣସି ପୁରୁଷ ପ୍ରତି ଆକର୍ଷଣର ସୂଚନା ମିଳିବାରେ ଯୁବତୀ ପ୍ରତି ବ୍ୟଙ୍ଗ ।

୧୫୦ । ଅଣ୍ଟାରେ ନଥାଇ ଧନ,
ପୁଅ ବାହା (ଭୁଆ, ବଣ୍ଡ) କରି ମନ । —ଢଗ

—ହାତରେ ପଇସା ନଥାଇ ବଡ଼ ବଡ଼ କାମ ଇଚ୍ଛା କରୁଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ । ଦରିଦ୍ରର ଉଚ୍ଚ ଆକାଂକ୍ଷା ପୋଷଣ ପ୍ରତି ବ୍ୟଙ୍ଗ ।

୧୫୧ । ଅଣ୍ଟାରେ ନାହିଁ ଡାବୁ,
ଫଳ ଖାଇବୁ ସବୁ । —ଢଗ

—ଅଣ୍ଟାରେ ପଇସା ନାହିଁ, ଏଣେ ସବୁ ଫଳ ଖାଇବାକୁ ଇଚ୍ଛା ।

୧୫୨ । ଅଣ୍ଟାରୁ ପଇସା ସରିବ ନାହିଁ
ପୁଅକୁ ବୁଝୁଣ ରଖିବ ନାହିଁ । — ଡଗ

— ଏବେଣ ପଇସା ସରିବ ନାହିଁ, ତେଣେ କାମ ଠିକ୍ ଚାଲିଥିବ, ଏଇ ଦୋଷାଇଟରେ ପଡ଼ି ହନ୍ତସନ୍ତ ହେଉଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୧୫୩ । ଅଣ୍ଟରେ ଭୁଜା ଥିଲେ କେତେ କାଉ ଆସିବେ । —ଲୋକୋକ୍ତି

— ଧନ ଦେଲେ କାର୍ଯ୍ୟ କରିବା ଲାଗି ବହୁତ ଲୋକ ମିଳନ୍ତି ।

୧୫୪ । ଅଣ୍ଡିରା ନାଗ, ମାଈ ଧମଣା । — ଲୋକୋକ୍ତି

— ଅଣ୍ଡିରା ନାଗ ସାପ ଅଧିକ କ୍ରୋଧୀ । ମାଈ ଧମଣାର ବିଷ ନଥିଲେ ବି ସେ କ୍ରୋଧରେ କାମୁଡ଼ି ମାଂସ ଛିଣ୍ଡାଇ ଦିଏ ।

୧୫୫ । ଅଣ୍ଡିରା ବିଲୁଆ ଡାକ
ମଡ଼ାସାଙ୍ଗିଆଙ୍କୁ ଡାକ । — ଡଗ

— ଅଣ୍ଡିରା ବିଲୁଆ ବୋବାଇଲେ କାହାର ମୃତ୍ୟୁ ହୁଏବୋଲି ଲୋକବିଶ୍ୱାସ ପ୍ରଚଳିତ । ମଡ଼ାସାଙ୍ଗିଆ – ମାଲିଭାଇ, ଯେଉଁମାନେ ମଡ଼ାକୁ କାନ୍ଧେଇ ମଶାଣିକୁ ନଅନ୍ତି ।

୧୫୬ । ଅଣ୍ଡିରା ଶିଙ୍ଗୀ, ମାଈ ମାଗୁର । — ଲୋକୋକ୍ତି

— ଏ ଦୁଇ ମାଛ ଖାଇବାକୁ ସୁସ୍ୱାଦୁ ।

୧୫୭ । ଅଣ୍ଡିରେ ପୁଅ ଉର୍ଦ୍ଧ୍ୱ । — ଲୋକୋକ୍ତି

— ବେଶଭୂଷଣ ପିନ୍ଧୁଥିବା ଅଯୋଗ୍ୟ, ଅପଦାର୍ଥ ଦୁଷ୍ଟ ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୧୫୮ । ଅଣ୍ଡିରପୁଅର ଲଣ୍ଡି
ମାଇକିନିଆ ଝିଅର ଗଣ୍ଡି । — ଡଗ

— ପୁରୁଷଙ୍କର କୋଷ୍ଠଶୁଦ୍ଧି ହେଲେ, ସ୍ତ୍ରୀଙ୍କ ଶରୀର ହୃଷ୍ଟପୁଷ୍ଟ ଦେଖାଗଲେ ସ୍ୱାସ୍ଥ୍ୟ ଭଲ ଅଛି, ଧରାଯାଏ ।

୧୫୯ । (କ) ଅଛ କରମ, ସଚ କରମ
(ଖ) ଗୋରୁ ମାଇଲେ ବଡ଼ ଧରମ
(ଗ) ଗଙ୍ଗା ଗୟା ଗଲେ ବଅଁଶ ନାଶ
(ଘ) ସ୍ତ୍ରିରି ହତ୍ୟା କଲେ ବଇକୁଣ୍ଠେ ବାସ । — ତଗ (କେଉଁଝର)

— ବେପାର କର, ବଣିଜ କର, ମଜୁରି ଲାଗ, ଚୋରି ହାରି କର — ପେଟ ପୋଷିବା ପାଇଁ ଯାହା କର ସବୁ ସତ୍ କର୍ମ — ପେଟ ପୋଷ ନାହିଁ ଦୋଷ୍ ।

— (ଖ) ହଳ କରିବା, ମଇ ଦେବା, ବେଉଷଣ କରିବା ଆଦି କୃଷିବାସ କାମରେ ବଳଦଙ୍କୁ ମାରିପିଟି ଲଗାଇବା ଭଲ । ତାହାହେଲେ କୁଟୁମ୍ବ ସୁଖରେ ଚଳିବେ ।

(ଗ) ଗଙ୍ଗା ଗୟା ଯେ ବାହାରିବ, ଧନଦରବ ସଂଗ୍ରହ ଲାଗି ବଳଦ, ଛେଳି, ମେଣ୍ଢା ବିକିବ, ଶହେ ଦୁଇଶହ ଟଙ୍କା ଧରି ତୀର୍ଥବ୍ରତ କରିଯିବ । ଏଣେ କୁଟୁମ୍ବ ଉପାସରେ ମରିବେ ।

(ଘ) ସ୍ତ୍ରୀ ମଲେ ବୈକୁଣ୍ଠକୁ ଯିବ । ଅଭାବ, ଅନାଟନ, ରୋଗ ବ୍ୟାଧି, ପିଲାଛୁଆ ସଂସାର ଚିନ୍ତା ନଥିବ । ସ୍ୱାମୀ ମଧ୍ୟ ଗୃହରେ ଆଧ୍ୟାତ୍ମିକ ଚିନ୍ତା କରିବା ଫଳରେ ବୈକୁଣ୍ଠ ସୁଖ ଲାଭ କରିବେ ।

୧୬୦ । ଅଡଡ଼ା ଝଡ଼ିଲେ କି ଡଡ଼ା ରହିବ ?
ଅଭଡ଼ା ଆସିଲେ କି ବଡ଼ା ରହିବ ?
ଅଗଣାରେ ଥୋଇଲେ କି ଗଣା ରହିବ ?
ଅମଡା ବାଟ ଯୋଗୁଁ କି ମଡା ରହିବ ?
ଅକଥା ଦେଖିଲେ କି ଦନାଇର କଥା ରହିବ ?

— ଦନାଇ ବଚନ ।

—ମାଟି ଅଡଡ଼ା ଖସିଲେ କମ୍ପା ପବଚ ଛୁଟଲେ ତାକୁ ତଡ଼ା ଅଟକାଇ ରଖି ପାରବ ନାହିଁ । ମହାପ୍ରସାଦ ଆସିଗଲେ ବଡ଼ାରେ ହେଳା ହେବ ନାହିଁ । ଜନାସ୍ତ ଅଗଣାକୁ ଆସିଲେ ଅତି ସହଜରେ ଗଣା ଯାଇ ପାରବ । ଲୋକେ ଅମଡ଼ା ଗ୍ଭଲଲେ ବାଟ ତିଆର ହୋଇ ଯିବ ।

ଅବଡ଼ା—ମହାପ୍ରସାଦ, ଯା ନ ବାଡ଼ି କୁଡ଼ୁଆରେ ଖିଆଯାଏ । ଅକଥା—ଅକାର୍ଯ୍ୟ । ଅକାର୍ଯ୍ୟ ଦେଖିଲେ କବ ଅବଶ୍ୟ ପଦେ କହିବ ।

୧୬୧ । ଅଡଡ଼ ଉପରେ କରେ ଯେ ଘର
ପଚ୍ଛଣ ଟପିଲେ ହୁଅଇ ବର
ଖାଇବାକୁ ଯାକୁ ନ ମିଳେ ଚର
ବେଳରେ ନ ଢଏ ରଜାର କର
ଗାଡ ଗୋଟା ଗୋଟା ଘର ଭିତର
ବୋଲେ ଦନାଇ ଏ ଅତି ଇତର । —ଦନାଇ ବଚନ ।

—ନଈ ଅଡଡ଼ ଉପରେ ଘର କଲେ ଘର ଭାଙ୍ଗେ; ବୁଢା କାଳରେ ଯେ ବାହା କରେ ସେ ଅବବେକୀ । କାର୍ଯ୍ୟରେ ଏତେ ବ୍ୟସ୍ତ ଯେ ଖାଇବାକୁ ବେଳ ମିଳେ ନାହିଁ, ଯେ ଯଥା ସମୟରେ ରାଜସ୍ବ ଢଏ ନାହିଁ, ଘରଯାକ ଗାଡ ଭରା, ସେ ମଧ୍ୟ ଅବବେକୀ ।

୧୬୨ । ଅତି ଅଧରମ ନୁହଇ ପାର
ଏକଥା ହୋଇଛି ବେଦର ଗାର । —ଢଗ

—ପାପକୁ କେହି ଏଡ଼ାଇ ଦେଇ ପାରବ ନାହିଁ । ତାର ଫଳ ଅବଶ୍ୟ ଭୋଗ କରବାକୁ ହେବ ।

୧୬୩ । ଅତି ଉତୁକୁଳ ହୁଅନା କରଡ
ବଢିଗଲେ ହେବୁ ବାଉଁଶ
ଚିରଦେଲେ ହେବୁ କୁଲ ବାଉଁଶିଆ
ପୋଡ଼ଦେଲେ ହେବୁ ପାଉଁଶ । —ଢଗ

—ଜଲୁକୁଲ ହୁଅନା—ଜଳୁଜଳୁନା । କରଡ଼—ଗଜା ବାଉଁଶ, ବଢ଼ିଉଠି ଦେଖାଯାଉଥିବା ପିଲା ପ୍ରତି ବ୍ୟଙ୍ଗ ।

୧୬୪ । ଅତି କୃପଣଠାରୁ ଲୋଡ଼େ ଧନ
ଚୋରଠାରୁ ଲୋଡ଼େ ସତ୍ୟ ବଚନ,
ନୃପତିଠାରୁ ଲୋଡ଼ଇ ବିଶ୍ୱାସ
ଅସଜ୍ଜଠାରୁ ପତିଭକ୍ତିରସ,
ବାଞ୍ଝ ଗାଈଠାରୁ ଲୋଡ଼େ ଗୋରସ
ବରଗୀଠାରୁ ଦୟାକଲେ ଆଶ
ବେଶ୍ୟାଠାରୁ ଯେ ସ୍ନେହ କରେ ଆଶା
କହେ ଦନାଇ ଏ ଫସର ଫସା । —ଦନାଇ ବଚନ

— ବରଗୀ—ବର୍ଗୀ, ମରହଟ୍ଟା । ସେମାନେ ଓଡ଼ିଶା ଅଧିକାରରେ ଥିଲାବେଳେ ଲୁଟ୍‌ପାଟ କରୁଥିଲେ, ବଡ଼ ନିଷ୍ଠୁର ଥିଲେ ବୋଲି ଜନଶ୍ରୁତି ଅଛି । ଫସର ଫଜା—ବୃଥା । ବାଞ୍ଝ—ବନ୍ଧ୍ୟା, ଗୋରସ—ଦୁଧ ।

୧୬୫ । ଅତି ଅଲକ୍ଷଣା ଦିଲଠା କୁଣିଆ
ଦିନେ ଛାଡ଼ି ଦିନେ ଆସେ
ଅତି ଅଲକ୍ଷଣୀ ବୁଢା ବରକୁ ଯେ
କର୍କଶ ବଚନ ଭାଷେ ।
ଅତି ଅଲକ୍ଷଣା ଖିଦସା ବାଳକ
ବାପ ପାଖରେ ନ ପଶେ,
ଅତି ଅଲକ୍ଷଣା ଶବୁଡ଼ି ନଈଟି
ଖଟ ତଳେ ହଗି ବସେ
ଅତି ଅଲକ୍ଷଣା ଚଗଲା 'ଦନାଇ
ହରି ପଦକୁ ନ ଘୋଷେ ।

—ଦନାଇ ବଚନ

—ଯେଉଁ କୁଣିଆଁ ବାରମ୍ବାର ବନ୍ଧୁ ଘରକୁ ଯାଏ, ସେ ଶ୍ରଦ୍ଧା, ପାଏ ନାହିଁ । ନିଲଠା—ନିର୍ଲଜ୍ଜ, ଖଡସା—ଦୁଷ୍ଟ ।

୧୬୬ । ଅତି ଟେହ୍ଳା ପୁଅ ବାବୁ ମୁଣ୍ଡରେ ହଗେ —ଢଗ

—ବାବୁ—ବାପ; ଅତି ଗେଲବସର କଲେ ପୁଅ ଅବାଗିଆ ହୋଇ ବଢ଼େ, ବାପର ବଦ୍‌ନାମ କରେ ।

୧୬୭ । ଅତି ନିଜଛଣା ଅନ୍ଧାର ଘର
ଅତି ନିଜଛଣା ଗୋଲାମ ଜାତି । —ଢଗ

—ଅନ୍ଧାର ଘରରେ କଛି କାର୍ଯ୍ୟ କରି ହୁଏ ନାହିଁ । ଗୋଲାମ ବା ଦାସ ଦ୍ୱାରା ଦେଶର କୌଣସି ହିତ ସାଧିତ ହୋଇ ପାରେନାହିଁ । ଅନ୍ଧାର ଘରରେ କେଉଁ ଆଡ଼େ ଯିବା ବିପଜ୍ଜନକ । ସେହିପରି ଗୋଲାମ ଅବିଶ୍ୱାସୀ, ସୁଯୋଗ ପାଇଲେ ବିଶ୍ୱାସ-ଘାତକତା କରିପାରେ ।

୧୬୮ । ଅତି ପରିଚୟେ ଗୌରବ ନଷ୍ଟ । —ଢଗ

—ଅତି ଦେଖାଦେଖି ହେଲେ ସମ୍ମାନ ନଷ୍ଟ ହୁଏ । ବାରମ୍ବାର ଗୋଟିଏ ସ୍ଥାନକୁ ଗଲେ ଗୌରବହାନି ହୁଏ । ବେଶୀ ବନ୍ଧୁତା ଜମେଇଲେ ତାର ମଧ୍ୟ ହାନି ଘଟେ ।

୧୬୯ । ଅତି ନିଲଜ ଗୀତ ଗାଏ
ଅତି ପୋଡ଼ାମୁହାଁ ନାଚ ଯାଏ । —ଢଗ

—ସଂକୋଚ ନ ଛାଡ଼ିଲେ କେହି ନୃତ୍ୟ ଗୀତରେ ପାରଦର୍ଶିତା ଲାଭ କରିପାରେ ନାହିଁ ।

୧୭୦ । ଅତି ପଣ୍ଡିତରେ ବାଇ
ତାକୁ ମୂରୁଖ ଭୂଲାଇ ଥାଇ । —ଢଗ

—ଅତ୍ୟଧିକ ପାଣ୍ଡିତ୍ୟ ଅର୍ଜନ କରିଥିବା ଲୋକଙ୍କର ସାଧାରଣ ବ୍ୟାବହାରିକ ଜ୍ଞାନ ଅଳ୍ପ । ତେଣୁ ତାଙ୍କୁ ମୂର୍ଖ ଠକ ଦେଇପାରେ ।

୧୬୧ । ଅଛି ବଡ଼ ବଡ଼ ବୃକ୍ଷ ଦ୍ୱାଦଶ
ପ୍ରତ୍ୟେକର ପୁଣି ଶାଖା ତିରିଶ
ଯହିଁ ପୋଚା ତହିଁ ଅଟେ ସମାନ
କହି ପାରିବ କି ସେ ବୃକ୍ଷ ନାମ ? —ନାଁ ଢଗ

—ବର୍ଷ, ମାସ ।

୧୬୨ । ଅଛି ଅଜଜୁକ ଚଲଣି ଘେର,
ଅଣ୍ଟି ନ ପୂରିଲେ ଆହୁରି ତୋଳ । —ଢଗ

—ଶ୍ରେଷ୍ଠ ଶ୍ରେଷ୍ଠ ଜିନିଷ ଖୋଜୁଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ । ଏଥିରେ ବଦ୍‌ନାମ ମାତ୍ର ସାର ହୁଏ ।

୧୬୩ । ଅତି ଗଉରବ କଲେ,
କଲସି କାଞ୍ଜି କି ଠଙ୍କ ପଖାଳ,
ଦହି ସୋଡ଼କାଏ ଦେଲେ । —ଢଗ

—ବନ୍ଧୁ ଘରର ତୁଚ୍ଛ ଚର୍ଚ୍ଚା ପ୍ରତି ବ୍ୟଙ୍ଗ । ସୋଡ଼କାଏ—ଢୋକେ ।

୧୬୪ । ଅତି ଚଲାଖ (ଚତୁର) କୁଆ ଗୁହ ଖାଏ । —ଢଗ

—ଅତି ସିଆଣା ଲୋକର ଅଧୋଗତି ହୁଏ ।

୧୬୫ । ଅତି ଭଲ ନୁହେଁ ଚବର ଚବର
ଅତି ଭଲ ନୁହେଁ ଚୁପ
ଅତି ଭଲ ନୁହେଁ ବର୍ଷା ବାଦଲ
ଅତି ଭଲ ନୁହେଁ ଧୂପ । - ପ୍ରବଚନ

—ସବୁବେଳେ ବକ୍ ବକ୍ ହେବା କିମ୍ବା ଚୁପ୍ ରହିବା ଠିକ୍ ନୁହେ । ଅତି ଖରା ବା ବର୍ଷା ଭଲ ନୁହେଁ । ଧୂପ—ଖରା ।

୧୭୬ ।   ଅତି ଭକ୍ତି ଚୋରର ଲକ୍ଷଣ ।   —ଢଗ

—ଯେଉଁ ଲୋକ ଅତି ଭକ୍ତି ଦେଖାଏ, ତାକୁ ଚିହ୍ନି ରଖିବା ଉଚିତ । କୌଣସି ସ୍ୱାର୍ଥ ସାଧନ ଲାଗି ସେ ସେପରି କରେ । ସେ ଭକ୍ତି ଭିତରର ଭାବ ନୁହେଁ, ଏକ ବାହ୍ୟାବରଣ ମାତ୍ର ।

୧୭୭ ।   ଅତି ମଧୁର କୀରା ଖାଏ । —ପ୍ରବଚନ (ସମ୍ବଲପୁରୀ)

—ଅତି ମଧୁର ଦ୍ରବ୍ୟରେ ପୋକ ଲାଗନ୍ତି । କୀରା--ପୋକ

୧୭୮ ।   ଅତି ଲେମ୍ବୁ ଚିପୁଡ଼ିଲେ ପିତା ।   —ଢଗ

—ବେଶୀ ଚିପୁଡ଼ିଲେ ଲେମ୍ବୁରୁ ତିକ୍ତ ରସ ବାହାରେ । ସେହିପରି ଗୋଟାଏ କଥାକୁ ବେଶୀ ଘାଣ୍ଟିଲେ ବା ଫେଣେଇଲେ ବିଷ ବାହାରେ ।

୧୭୯ ।   ଅତି ମଧୁର ପୋକ ଖାଇ,
ଅତି ସୁହାଗ ରହେ ନାହିଁ ।   —ଢଗ

୧୮୦ ।   ଅତି ଲୋଭେ ତନ୍ତୀ ମରେ ।   —ଢଗ

—ଲୋଭ ହିଁ ମନୁଷ୍ୟର ସର୍ବନାଶର ହେତୁ ।

୧୮୧ ।   ଅତି ମନ୍ଥନେ ବିଷ ଜନ୍ମେ । —ଲୋକୋକ୍ତି ।

—କୌଣସି କଥାକୁ ବେଶୀ ଘଣ୍ଟାଘାଣ୍ଟି କରିବା କଥା ବଢ଼େଇବା ଉଚିତ ନୁହେଁ । କାରଣ ସେଥିରୁ ବିଷ ବାହାରେ ଓ ଅନେକଙ୍କୁ ନାଶ କରେ ।

୧୮୨ ।   ଅତି ସୁନ୍ଦରୀ ନୋ ଚଇତ ଗୋରୀ
ଆଗ ଛୋଟେ ହେଲ ବିଭା
ଏବେ ଯହୁଁ ଧନ ବୟସ ସରିଲା
ଦାଣ୍ଡେ ବସାଉଛୁ ସଭା ।   —ଢଗ

—ପୁରୁଷର ଧନ ଶେଷ ହେଲେ ବୟସ ଖସିଗଲେ ସାଂସାରିକ ଜୀବନ ଦୁଃସହ ହୁଏ, ନିଜ ସ୍ତ୍ରୀ ସହିତ ବେଳେ ବେଳେ ଅପଦସ୍ଥ ହୁଏ ।

୧୮୩ । ଅତି ସୁକୁମାରୀ ରାଜଦୁହିତା ଲୋ
ଅତି ସୁକୁମାରୀ ଦାସୀ
ଅତି ସୁକୁମାର ବୁଦ୍ଧିକାର ମନ୍ତ୍ରୀ
ଯାହା କରେ ମନ ଖୁସି । —ଢଗ

—ଉଚ୍ଛ.ସନର ବ୍ୟକ୍ତି, ତାର ଅନୁଚର ଓ ତାର ତଥାକଥିତ ମନ୍ତ୍ରଣାଦାତା ପ୍ରତି ବ୍ୟଙ୍ଗ । ଖିଆଲରେ ସବୁ କାର୍ଯ୍ୟ କରୁଥିବା, ମନେ ମନେ ବୁଦ୍ଧିମାନ ବୋଲିଉଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୧୮୪ । ଅତି ସମରଥ ଯେବଣ ଲୋକ
ବୋଝଭାର ବୋହି ଲୋଡ଼ୁ ତା ବେକ । —ଢଗ

—ସବଳ ଲୋକକୁ ବୋଝ ବୋହି ନେବା ଦାୟିତ୍ୱ ଦିଆ ହୋଇଥାଏ ।

୧୮୫ । ଅତି ସର୍ବତ୍ର ବାଧତେ—ସଂସ୍କୃତ ଶ୍ଲୋକାଂଶ

—କୌଣସି ବିଷୟ ବେଶୀ ବଢ଼ିଗଲେ କ୍ଷତିକାରକ ହୁଏ ।

ଯେପରି କି ବେଶୀ ଗର୍ବରେ ଲଙ୍କାର ସର୍ବନାଶ ହେଲା, ଅତି ମାନରେ କୌରବ ଧ୍ୱଂସ ପାଇଲେ, ଅତି ଦାନ କରି ବଳି ପାତାଳକୁ ଗଲା ।

୧୮୬ । ପ୍ରଶ୍ନ—ଅତି ହିଁ କଠିଣ ପୁଣି ଯୁଗଳ ଶରୀର
ସ୍ତ୍ରୀ ପୁରୁଷ ସବେ ରହିଥାଏ ନିରନ୍ତର
ନାରୀମାନେ ତାହାକୁ ଯେ ବେଭାର କରନ୍ତି
ସେ ଯୁଗଳ ମୂର୍ତ୍ତି ବିଷ୍ଣୁ ସମସ୍ତେ ଭକ୍ଷନ୍ତି
ଏମନ୍ତ ସେ କେ ଅଟଇ କହିଦିଅ ଭୁଇଁ
ତୋ ପରିଗ୍ରହିକା ରୂପେ ରହିଥିବି ମୁହିଁ । —ନାଁ ଦିଆ

ଉତ୍ତର—ଜଣା ପଡ଼ିଗଲା ତୋର କଥାର ମରମ
ଯା କହିଲୁ ଛୁଟିଲା ମୋ ମନର ଭରମ
ଚକ ବୋଲି ନାମ ତାର କହିଦେଲି ମୁହିଁ
ନିଃସନ୍ଦେହ ରୂପେ ଏବେ ବୁଝିଥାଅ ଭୁହି ।

୧୮୭ । ଅଛି ହୀନ ଜନ୍ମ ବ୍ରହ୍ମ ଆଗ୍ରର
ଅଗ୍ନି ଭସ୍ମରେ ଶଯ୍ୟନ ତାହାର
ଚଳିଲେ ଜିହ୍ୱା କରେ ଥର ଥର
ନୂଆ ଲୋକ ଗଲେ
ଉଚ୍ଚ ରବେ ସ୍ତୁତି କରଇ ଭଲେ । —ନାଁ ଢଅ

—କୁକୁର ।

୧୮୮ । ଅଛି ସୁକୁମାରୀ ରଜା ଦୁହିତା,
କେମନ୍ତେ ବରିବେ ଯୋଗୀ ଘରଚା ? —ଢଗ

—ବଡ଼ ଘର ଝିଅ ଗରିବ ସ୍ୱାମୀ ବରିହେବା ପରିସ୍ଥିତିରେ ପ୍ରଯୁକ୍ତ ବଚନ । ଶିବଙ୍କ ସହିତ ପାର୍ବତୀଙ୍କ ବିବାହ ହିଁ ରଚନାର ଉତ୍ସ ।

୧୮୯ । ଅଛି ସେଉନ୍ତାରେ ସେଉନ୍ତା, ଝିଅ କା-ନ୍ଦେ-ନା,
ରୁଚିଲ ପଇକେ ଖାଇବା, ହାତ ର-ନ୍ଧେ-ନା । —ଢଗ

ବୋହୂର ଗେହ୍ଲାପଣ ଓ ଅକର୍ମଣ୍ୟତା ପ୍ରତି ବ୍ୟଙ୍ଗ ।

୧୯୦ । ଅଛି ସେଉନ୍ତାରେ ସେଉନ୍ତା,
ଗୁଡ଼ କୋଚିଲା ଖାଇଲେ ମରନ୍ତା । —ଢଗ

—କୋଚିଲା ଫଳ ସହିତ ଗୁଡ଼ ମିଶିଲେ ବିଷ । ଅତି ଗେହ୍ଲେଇ, ଗୃହ କର୍ମରେ ଅନିପୁଣା ବୋହୂକୁ ତା ଦେବା ଉଚିତ ବୋଲି ଶାଶୁ କ୍ରୋଧରେ ପ୍ରକାଶ କରିଛି ।

୧୯୧ । ଅତ୍ରୋ ନଷ୍ଟ, ତତୋ ନଷ୍ଟ
କୁମ୍ଭକାର 'ଭ' କାର ବତ୍ର । ସଂସ୍କୃତ ଶ୍ଳୋକାଂଶ

—'ମ'ରେ 'ଭ' କମ୍ବା 'ମ'ର ମୌଳକତା ନାହିଁ ; ଏହା ଏକ ସ୍ୱତନ୍ତ୍ର ଅକ୍ଷର । ଯେ ଉଭୟ ଦିଗରୁ ବଞ୍ଚିତ, ତା ପ୍ରତି ଏହା ପ୍ରଯୁକ୍ତ ହୁଏ ।

୧୯୨ । ଅତ୍ୟନ୍ତ ପ୍ରୀତି କରେ ଲଣ୍ଡ ଭଣ୍ଡ
ଅତ୍ୟନ୍ତ ପ୍ରୀତି ହଗେ ବାବୁ ତୁଣ୍ଡ । —ଢଗ

—ଅଧିକ ପ୍ରୀତି କ୍ଷତିକାରକ । ବାବୁ—ବାପା ।

୧୯୩ । ଅଥୁଆ ଲାଗି ପଥୁଆ ଗଲା । —ଢଗ

—ଅଧିକ ଆଶାରେ ମୂଳ ବୁଡ଼ିଲା ।

୧୯୪ । ଅର୍ଥ କହୁଁ କହୁଁ ଗ୍ରନ୍ଥ ବାହାରିଲା
ପାଣିରୁ ବାହାରିଲା ଘିଅ

ନିଆଁରୁ ବାହାରିଲା କାଠ ଗୁଣ୍ଡଖଣ୍ଡ
ଇଆର ଅରଥ କୁହ । - ନାଁ ଦିଅ

ଘିଅ, କାଠ, କୋଇଲା ।

୧୯୫ । ଅର୍ଥ ଅର୍ଜନେ ଅବରତେ
ଦେଖ ବଡ଼ଇ ସବମତେ । —କବ ବଚନ

— ଜଗନ୍ନାଥ ଦାସଙ୍କ ଉକ୍ତି ।

୧୯୬ । ଅର୍ଥଗ୍ରାହୀ ସନ୍ନ୍ୟାସୀ କ ଦଣ୍ଡ ପ୍ରଣାମରେ ସନ୍ତୋଷ ?
—ପ୍ରବଚନ

ଯେଉଁ ବ୍ୟକ୍ତି ସହଜ ଜୀବନ ଯାପନ ଲାଗି ସନ୍ନ୍ୟାସୀ ବେଶ ଧରିଛନ୍ତି, ସେ ସଇଁ ମୁଣ୍ଡାନ୍ତି । ଦଣ୍ଡପ୍ରଣାମରେ ସେ ଖୁସି ହୁଅନ୍ତି । ତଥାକଥିତ ସନ୍ନ୍ୟାସୀମାନଙ୍କ ପ୍ରତି ବ୍ୟଙ୍ଗ ।

୧୯୭ । ଅର୍ଥ ପ୍ରେମ ଲଗାଏ, ଅର୍ଥ ପ୍ରେମ ଭଙ୍ଗାଏ । —ପ୍ରବଚନ

—ଅନୁଭବ କଥା ।

୧୯୮ । ଅର୍ଥ ମନର୍ଥଂ ଭାବୟ ନିତ୍ୟଂ । —ସଂ-ଶ୍ଳୋକାଂଶ

—ଅର୍ଥ ହିଁ ଯାବତୀୟ ଅନର୍ଥର ମୂଳ ।

୧୯୯ । ଅର୍ଥସ୍ୟ ସର୍ବେ ବଶାଃ । —ସଂ ଶ୍ଳୋକାଂଶ

—ଅର୍ଥରେ ବଶୀଭୂତ ସମସ୍ତେ ।

୨୦୦ । ଅର୍ଥହୀନ କସ୍ତୂରୀ ବାସ୍ନା ବୁଲେ କୁକୁର ପରି । —ପ୍ରବଚନ

—ସେ ସର୍ବତ୍ର ଅନାଦୃତ, ଅବହେଳିତ ହୁଏ ।

୨୦୧ । ଅର୍ଥହୀନ ଯେବେ ହୁଅଇ ଲୋକ
ଅର୍ଥ ଥାଇ ଯେବେ ନ ବଢ଼େ ଟେକ ।
ଅର୍ଥ ଜାଣି ଭୁଣ୍ଡ ଫିଟଇ ନାହିଁ
ଅର୍ଥଗ୍ରାହୀ ଯେବେ ସନ୍ନ୍ୟାସୀ ହୋଇ
ଅର୍ଥ ଧର୍ମ, ମୋକ୍ଷ ନ କରେ ଆଶା
ଅର୍ଥ ନ ଜାଣି ଯେ ବୋଲଇ ଭାଷା
ଅର୍ଥ ଲଭ ଅର୍ଥେ ମିଛ ସେବଇ
ଅନର୍ଥ ବୋଲଣ ଦଳାଇ କହି । —ଦଳାଇ ବଚନ

—ଅଭାବରେ ସ୍ୱଭାବ ନଷ୍ଟ ହୁଏ । ଧନୀ ଲୋକ ନିଜ ଗାରିମାର ଛତି ଉଡ଼ାଇ ନ ପାରିଲେ ମନ୍ଦ । କବିତାର ଅର୍ଥ ଜାଣି କହି ନ ପାରୁଥିବା ଲୋକ, ଅର୍ଥଲୋଭୀ ସନ୍ନ୍ୟାସୀ, କଣ କହୁଛି ତାର ଅର୍ଥ ନ ଜାଣି

କହୁଥିବା ଲୋକ, ଅର୍ଥ ଲାଭ ଲାଗି ମିତ ପାଖରେ ଖୁବ୍ କସରତ କରୁଥିବା ଲୋକର ଷଣ୍ଢ ଘଟେ ।

୧୦୨ । ଅଦା ଦେ (ଦି)ନ ଖାଇବ, ଓଳୁ ଦେ (ଦି)ନ ଖାଇବ,
ଏତେବଡ଼ ମହା କାର୍ତ୍ତିକ, ଆଉ କାହିଁ (ହୁଁ) ପାଇବ ?

—ଛଟା

—ହବିଷ୍ୟାଳୀ ବିଧବାମାନେ କାର୍ତ୍ତିକ ମାସରେ ଓଳ ଓ ଅଦା ଘେନ ବେଳାଏ ଅରୁଆ ଅନ୍ନ ଖାଇଥାନ୍ତି । ଧର୍ମ ମାସରେ ଏ ନିବୃତ୍ତି ପନ୍ଥା ।

୧୦୩ । ଅଦା, ପରଜା
ଛେଚିଲେ ରସ ବାହାରେ । —ଢଗ

—ନିପୀଡ଼ନ ଦ୍ୱାରା ପ୍ରଜାମାନଙ୍କଠାରୁ ଅର୍ଥ ଆଦାୟ କରିହୁଏ । ଗଡ଼ଜାତ ରାଜା ଓ ଜମିଦାରଙ୍କ ମତ ଏଥିରେ ପ୍ରକଟିତ ।

୧୦୪ । ଅଦା ବେପାରୀ ଜାହାଜ (ବୋଇତ) ଖବର ଲୋଡ଼ୁଛି !

—ଢଗ

—ନିମ୍ନ ପରିବେଶର ଲୋକ ବଡ଼ ବଡ଼ କଥା କହିଲେ ତା ପ୍ରତି ଏ ବ୍ୟଙ୍ଗାତ୍ମକ ଉକ୍ତି ପ୍ରଯୁକ୍ତ ହୁଏ ।

୧୦୫ । ଅଦାତା ବଂଶ ଦୋଷେଣ
ପିତୃ ଦୋଷେଣ ମୂର୍ଖତା । —ସଂ-ଶ୍ଳୋକାଂଶ

—ଯାହାର ପିତା, ପିତାମହ ଦାନ କରି ନାହାନ୍ତି, ସେ ଦାତା ହେବ କିପରି ? ବାପର ଚେଷ୍ଟା ଅଭାବରୁ ପୁଅ ପାଠ ପଢି ପାରେ ନାହିଁ ।

୧୦୬ । ଅଦାନେନ ଅମାନେନ
ଗୂଢ଼ ତଥ୍ୟ ନ ଭାଷଣେ
ଷପୃସ୍ତୁ ନରକଂ ଯାନ୍ତି
ରାଜା ଶିଳ୍ପକରଃ କବିଃ । —ସଂ-ଶ୍ଳୋକ

—ଦାନ ନ ଦେଲେ ରାଜା ନରକରେ ପଡ଼ନ୍ତି । ସ୍ୱେଚ୍ଛାଚାରିତା ଯୋଗୁଁ ଶିଳ୍ପୀ, ଗୂଢ଼ ତତ୍ତ୍ୱ ପ୍ରକାଶ କରୁ ନ ଥିବା କବି ମଧ୍ୟ ନରକଗାମୀ ହୁଅନ୍ତି ।

୧୦୭ । ନଦିଆ ଗୋପେଇଁ
ଗୁଳ ସନ୍ଧିରୁ କଥା ଜାଡ଼ନ୍ତି । —ରୁଚି ପ୍ରୟୋଗ

—ନ ଦେବା ଲୋକ କୌଣସି ଛଳର ଆଶ୍ରୟ ନିଏ ।

୧୦୮ । ଅଦିନ କୁହୁଡ଼ି କଲା;
ପଢ଼ା ସାଙ୍ଗକ ମୋ କଏ ସେ ନେଲା ?
ବନସ୍ତରେ ଭାବ ଦେଲା । —ଛଟା

—ପ୍ରିୟତମା ହସ୍ତାନ୍ତରିତା ହୋଇଯିବାରେ ବିଳାପ ।

୧୦୯ । ଅଦିନ ସାଗ କଅଁର
ଅଦିନ କଙ୍କେଇ ଡାକ ଆଇଲା ଲୋ
ମୁଁ ତୋର କୋଳ ଝିଆଣି ? —ଛଟା

ଆଇଲା—ଆସିଛି । ଅଦିନ କଙ୍କେଇ—ଯୋଉ କଙ୍କେଇ କେବେ ଆସନ୍ତି ନାହିଁ ।

୧୧୦ । ଅଦିନେ ଆମ୍ବ ବଉଳ,
କାଖ କରି ନେବ, ଯାତ ଦେଖାଇବ,
ଭୁବନେଶ୍ୱର (ଭୋବନେଶ୍ୱର) ଦେଉଳ । —ଛଟା

—ପ୍ରିୟା ପ୍ରତି ଗଭୀର ଅନୁରାଗ ପ୍ରକାଶ ।

୨୧୧ । ଅଦନେ କୁହୁଡ଼ ଆସିଲା ମାଡ଼ି
ଅଦନେ ମିଳଲା ଦେଖା
ପର ପୁଅ ଅଣି ପୋଷା ପୁଅ କଲେ
କେଉଁ ପୁଅକୁ କେ ଲେଖା ? — ଢଗ

—ପୋଷିଆଁ ପୁତ୍ର ପ୍ରତି ବ୍ୟଙ୍ଗ । ଜନ୍ମିତ ପୁଅର ସ୍ଥାନ ପୋଷିଆଁ ପୁଅ ଅଧିକାର କରିପାରେ ନାହିଁ ।

୨୧୨ । ଅଦନେ କୁହୁଡ଼ି କଲା
ପୋଇ-ଖାଡ଼ ଝୁରୁଥିଲା । —ଛଟା

—ପୋଇ ଖାଡ଼ ପିଚା ଶୁଖୁଆକୁ ବାଇ । ଉଭୟଙ୍କୁ ମିଶାଇ ତରକାରି କଲେ ଭଲହୁଏ । ଜଣକର ପ୍ରିୟାକୁ ଆଉ ଜଣେ ହରଣ କରିନେବା ଓ ସେ ଦୁଃଖରେ ଝୁରିହେବା ପ୍ରତି ବ୍ୟଙ୍ଗ କରା ଯାଇଛି ।

୨୧୩ । ଅଦନେ ଖ୍ୟାଁଣି ପଡ଼ନ୍ତ
ଅଧେ ପିତ୍ତଳ ଅଧେ ସୁନା
ହେବ ବୋଲି କିଏ ଜାଣିଥିଲା କି ? —ଛଟା

—ଖାଣ୍ଟି ପଡ଼ିବ ବୋଲି ବିଶ୍ୱାସ କରିଥିବା ଜିନିଷ ଖାଣ୍ଟି ନ ପଡ଼ିଲେ ଏହି ବ୍ୟଙ୍ଗ ପ୍ରଯୁକ୍ତ ହୁଏ ।

୨୧୪ । ଅଦେଇ ଅଦେଇ କହୁଛ ମୋତେ
ମୁଁ କାହାକୁ ନ ଦିଏ କହ ?
ଧୁଆ ଚାଉଳକୁ କୁଆକୁ ଦେଇ
ଚୂଲିକି ଝିଙ୍କିଏ ଡୋଷ । —ଛଟା

- ଅଦେଇ—ଯେ ଦିଏ ନାହିଁ । ଧୁଆ ଚାଉଳକୁ କୁଆକୁ ଦେବା ଦାନ ଧାନ ନୁହେଁ, ଅସତର୍କତାର ପରିଚୟ ମିଳିଥାଏ । ଏହି ତଥା-

କଥିତ ବାକ୍ୟକୁ ବ୍ୟଙ୍ଗ କରି ପାଉଛୁ । ଛିଞ୍ଚିଏ, ଛିଞ୍ଚିବା—ଗୋବର ପାଣିରେ ଛିଞ୍ଚିବା ।

୨୧୫ ।   ଅଟଦଇ ଘରର ଖୁଦୁରୁକୁଣୀ ଓଷା ।   —ଭଗ

—ଯେ ଗେଠା, କାହାକୁ କିଛି ଦିଏ ନାହିଁ, ସେ ଘରେ ଖୁଦୁରୁକୁଣୀ ଓଷା ପାଳି କି ଲାଭ ? ଭୋଗରାଗର କିଛି ଆଶା ନ ଥାଏ ।

୨୧୬ ।   ଅଦୃଷ୍ଟେ ଅଛି ତୋର କୋଶଳି ଫଳ,
ଭୁଇଁ କି ବସି ତୁ କର୍ମ ଦେଖୁ ବିକଳ ?   —ଛଟା

—ଦୁଃଖ ଭୋଗୁଥିବା ବ୍ୟକ୍ତିକୁ ଆଶ୍ୱାସନା ।

୨୧୭ ।   ଅର୍ଦ୍ଧ ଜରତୀ ନ୍ୟାୟ ।   —ନ୍ୟାୟ

—ଜଣେ ବ୍ରାହ୍ମଣ ଥିଲେ ଯେ ବେଶ ଧର୍ମଶାସ୍ତ୍ରଜ୍ଞ; କିନ୍ତୁ ତାର ବିଷୟ-ଜ୍ଞାନ ଅଳ୍ପ । ବ୍ରାହ୍ମଣର ଧାରଣା ଯେ ବୁଢ଼ା ଲୋକଙ୍କୁ ସମସ୍ତେ ସମ୍ମାନ କରନ୍ତି; ହାଟରେ ଗୋଟିଏ ଗାଈ ବିକିବାକୁ ଯାଇ କହିଲେ—ମୋ ଗାଈଟି ବୁଢ଼ୀ, କିଏ ନେବ ନିଅ । କେହି ନେଲେ ନାହିଁ, ଜଣେ ଲୋକ ହସି କହିଲା—ଏମିତି କଣ ବେପାର କରାଯାଏ ? ଗାଈକୁ ବୁଢ଼ୀ କାହିଁକି କହୁଛ ? କୁହ 'ଏକପଲୀ', ଗୋଟିଏ ଛୁଆ ମାତ୍ର ଜନ୍ମ କରିଛି । ବ୍ରାହ୍ମଣ ଆଉ ହାଟପାଳି ବିନା ପୂର୍ବ କଥାକୁ ମନେ ନ ଉଲଟାଇ କହିଲେ-ମୋ ଗାଈଟି ଦରବୁଢ଼ୀ ! ଲୋକେ ବୁଝିଲେ ଯେ ବ୍ରାହ୍ମଣର ବିଷୟ ଜ୍ଞାନର ଅଭାବ ଥିବାରୁ ଏପରି କହୁଛନ୍ତି । ଯେତେବେଳେ ବାଦୀ ପ୍ରତିବାଦୀ ଉଭୟଙ୍କ କଥାର କିଛି ଅଂଶ ଗ୍ରହଣ କରି ବାକି ଗୁଡ଼ା ବାଦ ଦିଆଯାଏ, ସେତେବେଳେ ଏହି ନ୍ୟାୟର ପ୍ରୟୋଗ ହୁଏ ।

୨୧୮ ।   ଅଧଡ଼ ଧଡ଼ (ଅଦଡ଼ ଦଡ଼),
ଘରେ ଘର ନାହିଁ ବୁଢ଼ୀକି (ବୁଢ଼ାକୁ) ଚଢ଼ । —ଛଟା

—ବୁଢ଼ା ବୁଢ଼ୀଙ୍କୁ ବ୍ୟଙ୍ଗ । ଘରେ ଘିଅ ନ ଥିଲେ ବୁଢ଼ା ବୁଢ଼ୀଙ୍କ ପେଟରୁ ଆଗେ କଟାଯାଏ ।

୨୧୯ । ଅଧ ନଈକୁ ଠେଲି ଦେବା । —ରୂଢ଼ି ପ୍ରୟୋଗ

—ଲୋକ ଅତର୍କିତ ଭାବେ ଥିଲାବେଳେ ଭୟଙ୍କର ବିପଦରେ ପକାଇ ଦେବା ।

୨୨୦ । ଅଧମ ଧମ
ତାଳଗଛ କଲା ଚଗଟ କମ
ଆମ୍ବ ଗଛ କଲା ପାନ
ଅଧମ ସାଙ୍ଗରେ ପୀରତି କରି
କଛୁ ନ ଜାଣିଲୁ ମନ । —ଢଗ

—ପ୍ରେମିକ ପ୍ରେମିକା ଉଭୟଙ୍କର ରସିକତା ନ ଥିଲେ ପ୍ରୀତିର ଆସ୍ୱାଦ ମିଳେ ନାହିଁ । ଅଧମ ପୁରୁଷ ସହିତ ରସିକା ସ୍ତ୍ରୀର ପ୍ରୀତି ନିରର୍ଥକ ।

୨୨୧ । ଅଧମ ବୋଲି କଛୁ ନ ଜାଣିଲି
ସୁନ୍ଦରପଣକୁ ରହିଲି । —ଢଗ (କୋରାପୁଟ)

୨୨୨ । ଅଧର୍ମ ବିତ୍ତ, ବଢ଼େ ବହୁତ
ଗଲାବେଳେ ଯାଏ ମୂଳ ସହିତ । —ଢଗ

—ଅନ୍ୟାୟ ଉପାୟରେ ବହୁ ଧନ ଅର୍ଜନ କରାଯାଏ । କିନ୍ତୁ ସେ ଧନ ରହେ ନାହିଁ । ତାର ମୂଳ ବୁଡ଼ିଯାଏ ।

୨୨୩ । ଅଧିଲଟାକର ଫିକା ସିନ୍ଦୁର
ହାତ ଧରାଧରି ଦୁଖିଅ ଘର

ଛତେ ମିଶାଇ ଦେଲା ଦଣ
ନଇଁ କର ଘରେ ପଣ
କହଲୁ ସେବେ ପଶୁଛୁ ନଇଁ
କୋଡ଼ ପୂରଗଲା ତୋହର ଠାଇଁ । —ଢଗ

—ସ୍ୱାମୀ ଆଗରୁ ନଅଟି ବଣ୍ଣ କରଥିଲେ । ଏ ହବାଦ ଦଶମ । ସ୍ତ୍ରୀ କହଲା—ତୁମଠାରେ ମୋର କୋଡ଼ଏ ପୂରଲା ଅର୍ଥାତ୍ ତୁମ ଆଗରୁ ମୁଁ ୧୯ଟି ବଣ୍ଣ କରଛୁ । ଏହା ଢଗ ବ୍ୟଙ୍ଗାତ୍ମକ ।

୨୨୪ । ଅଧକାନ୍ଥି ପାଣି ନଳଣ
ନଣନ୍ଦ ଗୋଡ଼ରେ ବଳା
ଥିର ଥିର କର ଆସିବୁ ଟେର
ପୁଅକୁ ଝୁଣ୍ଟିବୁ ସବା । —ଢଗ

—ପ୍ରେମିକକୁ ପ୍ରେମିକାର ସଂକେତ—ମୁଁ ଯେଉଁ ଘରେ ଶୁଏ, ସେ ଘରେ ଅଧା କାନ୍ଥି, ବାଟରେ ପାଣି ମାଠିଆ, ବଳା ପିନ୍ଧଥିବା ନଣନ୍ଦ ଓ ମୋ ପୁଅ ଶୋଇଛନ୍ତି, ଦୈବାତ୍ ଝୁଣ୍ଟିଲେ ନଣନ୍ଦ ଉଠିବେ, ମାଡ ପକାଇଲେ ପୁଅ କାନ୍ଦବ, ଝୁଣ୍ଟିଲେ ମାଠିଆ ଭାଙ୍ଗିଯିବ—ସାବଧାନ ହୋଇ ଆସିବ ।

୨୨୫ । ଅଧାପଞ୍ଜରିଆ ଗୋସେଇଁଖିଆ
ଦୂରୁ ଦେଖି ଫେଡ଼ବୁ
କୁଣ୍ଡଳ ଶିଙ୍ଘାରେ ବଡ଼ ଶରଧା
ଦୂରୁ ଦେଖି ଆଣିବୁ । —କୃଷି ବଚନ

—ମେରୁଦଣ୍ଡ ଗ୍ରେଟ ଥିବା ବଳଦ ଅଲକ୍ଷଣା, ଏହା ମାଲିକର ମୃତ୍ୟୁର କାରଣ ହୋଇଥାଏ । ଶିଙ୍ଘ ବଙ୍କୁଲିଥିବା ବଳଦ ଲକ୍ଷଣବନ୍ତ ।

୨୨୬ । ଅଧା ପେଟରେ ଗୃଲବ ବାଟ
ଅଧା ପେଟରେ କରବ ନା

ଅଧା ପେଟରେ ପିଠଜ ବାଟ
କହେ ଡକାଇ ଏ କଥା ନବଟ । —ଡକାଇ ବଚନ

—ପେଟ ପୂରାଇ ଖାଇ କଷ୍ଟ କାର୍ଯ୍ୟ କରିବା କଷ୍ଟକର, ସେ କାର୍ଯ୍ୟ-ବାଟଚଳ, ନାଟ କମ୍ପା ଚିଠାଲଗ ପିଠଜବଟା, ଯାହା କଷ୍ଟ ଦେଉ ।

୨୨୭ । ଅଧା ଭୋଜନ, ବୁଢ଼ୀଗାଈ ଦାନ । —ଢଗ ।
—ଏଥିରେ ଅଦୌ ପୁଣ୍ୟ ହୁଏ ନାହିଁ ।

୨୨୮ । ଅଧିକନ୍ତୁ ନ ଦୋଷାୟ । —ସଂସ୍କୃତ ଶ୍ଳୋକାଂଶ
—ଯାହା ଲୋଡ଼ା ତା ଅପେକ୍ଷା କଷ୍ଟ ଅଧିକ ମିଳିଗଲେ କ୍ଷତି ନାହିଁ ।

୨୨୯ । ଅଧୀର ହୋଇ ନ ଖାଇବ ଭାତ
ଅଧୀର ହୋଇ ନ ଚାଳିବ ହାତ
ଅଧୀର ହୋଇ ନ ମାରିବ କାତ
ବୋଲେ ଡକାଇ ପଡେ ଉତପାତ । - ଡକାଇ ବଚନ

—ଧୀର ସ୍ଥିରଭାବେ ସବୁ କାର୍ଯ୍ୟ କରିବା ଶ୍ରେୟସ୍କର । ଅସ୍ଥିରତା ବା ତତ୍ପର ଶୃଙ୍ଖଳା କ୍ଷତିକାରକ ।

୨୩୦ । ଅଧିଆମୁହଁ । ହାତରେ ଚୁଲି ଜଳେନାହିଁ ।
—ଲୋକୋକ୍ତି

—ଯେ ସକାଳୁ ଉଠି ମୁହଁ ଧୁଏ ନାହିଁ, ସେ ଲଗାଇଲେ ଚୁଲି ଜଳେ ନାହିଁ, ଲୋକ ବିଶ୍ୱାସ ।

୨୩୧ । ଅଧିଆ ମୂଳା ଯେ ଧୁଆ ମୂଳା ସେ । —ରୂଢ଼ି ପ୍ରୟୋଗ
—ଭଲ ମନ୍ଦର କୌଣସି ବାଛ ବିଚାର ନ କରିବା ।

୨୩୨ । ଅଧୂଲି ହଜାଇଲି ପରି ମୁହଁ କରିବା —ରୂଢ଼ି ପ୍ରୟୋଗ

ଅଧୂଳ—ପରଗୁଣ ଗଚ୍ଛପା । ଅର୍ଥନାଶ ମନସ୍ତାପରେ ମୂର୍ଖ ବିକୃତ ହେବା ।

୨୩୩ । ଅଧେ ଆପଣା ଅଧେ ପର
ତେବେ ଓଡ଼ିଶାରେ କରିବୁ ଘର । —ଢଗ

—ଅତି ସ୍ୱାର୍ଥପର ହେଲେ ଲୋକ ସଂସାରରେ ଚଳି ପାରନ୍ତି ନାହିଁ । ମଣିଷକୁ ପରାର୍ଥପର ହେବାକୁ ହିଁ ହେବ ।

୨୩୪ । ଅନଳ ନଳ, ଓଦା କଞ୍ଚା ସବୁ ଜଳ । —ଢଗ

—ଅଗ୍ନି ଓଦା କଞ୍ଚା ସବୁ ଗ୍ରାସ କରେ ।

୨୩୫ । ଅନଳ ନଳା, ଧଳା ବଳଦକୁ କରୁଛି କଳା । —ଢଗ

—ସତ ଘଟଣାକୁ ଓଲଟାଇ ଦେଇଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୨୩୬ । ଅନା ପତରକୁ ବନା ପତର
ମୂଳ ଲାଗୁଥାଏ ପର ଖେତର,
ପିଠି ଖାଉଥାଏ ଖରା;
(ଆଗେ) ଅନ୍ନ ନ ଥିଲା ତ କୁଣ୍ଡା ଚକୁଳି,
(ଏବେ) ରୁଚୁ ନାହିଁ ବରବରା । —ଢଗ

—ଦରିଦ୍ରରୁ ଧନୀ ହୋଇଥିବା ବ୍ୟକ୍ତି ଆଡ଼ାଟୌଡ଼ା ଦେଖାଇଲେ ତା ପ୍ରତି ବ୍ୟଙ୍ଗ । ଖାଦ୍ୟ ନଅଣ୍ଟ ହେଲେ ଗରିବ ଲୋକ କାଣ୍ଡିଆ କୁଣ୍ଡା ପିଠା କରି ଖାନ୍ତି ।

୨୩୭ । ଅନାଇ ଦେଲରୁ ଅକୃଷ୍ଣ ଦେଖିଲୁ
ପ୍ରକୃତ ଦେଖିଲୁ କେଣେ ?
ବାହା ହେବା ପାଇଁ ସକେଇ ସକେଇ
କାନ୍ଦୁଛି କବାଟ କଣେ ।—ଢଗ

ରୂପରୁ ଚରିତ୍ର ବୁଝା ଯାଏନାହିଁ । ଖାଲି ରୂପ ଦେଖି ବାଘ ହେବାକୁ ଜିଦ୍ ଧରି ବସିବା ଉଚିତ୍ ନୁହେଁ । ପରେ ବିପଦରେ ପଡ଼ିବାକୁ ହୁଏ ।

୧୩୮ । ଅନାନା ଗୁ ବନମାଳୀ କ, ଟାଣି (କାନ୍ଦ) ଝିଙ୍କି ନବ ବନ
ଥଲକ (ଢ଼ିଙ୍କି ଗୁଲକ) । —ଢଗ

—ପ୍ରେମିକା ପ୍ରତି ବ୍ୟଙ୍ଗାତ୍ମକ ଉକ୍ତି ।

୧୩୯ । ଅନା ମନା ପଡ଼ିର, ଘଡ଼ ଭିତରେ ମୂଷା କାଟେ କଟର
କଟର । —ଛଟା

—ଘର ପଦାକୁ ଠିକ୍ ଦିଶିଲେ ବି ଭିତରେ କିଛି ଦୋଷ ଦୁର୍ବଳତା ଘଟୁଥିବାରେ ଏହି ବ୍ୟଙ୍ଗାତ୍ମକ ଉକ୍ତି ପ୍ରଯୁକ୍ତ ହୁଏ ।

୧୪୦ । ଅନାଲେ, ଯମୁନାକୁ ଜଳ (ହେଲା) ମନା ଲୋ । —ଛଟା

ପ୍ରେମିକାକୁ ଅଭିସାର ସ୍ଥଳ ମନା ହେବାରେ ଉକ୍ତି ।

୧୪୧ । ଅନଭ୍ୟାସେ ବିଷଂ ବିଦ୍ୟା
ଅଜୀର୍ଣ୍ଣେ ଭୋଜନଂ ବିଷଂ । —ସଂସ୍କୃତ ଶ୍ଳୋକାଂଶ

—ଅଭ୍ୟାସ କରି ନ ପଢିଲେ ପାଠ ପାସୋରି ଯାଏ । ଅଜୀର୍ଣ୍ଣ ହୋଇ ଥିଲା ବେଳେ ଖାଇଲେ ତାହା ବିଷ ପରି କାର୍ଯ୍ୟ କରେ ।

୧୪୨ । ଅନୁଭବୀ ଥିଲେ କହ
ପାଠ ପଢିଥିଲେ ଗୀତ ଗାଉଥାଏ
ବାଉରି କଣ୍ଡରି ପୁଅ —ଢଗ

—ସଂସାରର ଅନୁଭୂତି ବଡ଼ କଥା । ପାଠ ପଢ଼ିଥିଲେ ସେ କେହି ବ୍ୟକ୍ତି ଗୀତ ଗାଇପାରେ । ଅନୁଭବ ନ ଥିଲେ ସେ ଅସାର ।

୨୪୩ । ଅନୁକୂଳ ପେଚ୍ଛ
ଅମଙ୍ଗଳ ବଗୁଡ଼ । —ରୁଡ଼ି ବଚନ

—ପେଚ୍ଛ ବା ବଗୁଡ଼ ମୁହଁ ଦୃଷ୍ଟି କୌଣସି କାର୍ଯ୍ୟରେ ଗଲେ ସିଦ୍ଧି ହୁଏ ନାହିଁ ।

୨୪୪ । ଅନେଇ ଦେଲୁ, ଦନେଇ ବହୁରୁ ପୁଲା (ଳ) ଏ ନେଲୁ ।
— ଛଟା

—ଦନେଇ ନାମକ ବାଳକ ପ୍ରତି ବିଦ୍ରୁପ ।

୨୪୫ । ଅନ୍ୟ ସଉତୁଣୀ ପାଳ ନାଳ ନଏ
ଭଉଣୀ ସଉତୁଣୀ ବିଷ ଦେଇ ମାରେ । — ଢଗ

—ଭଉଣୀ ସଉତୁଣୀ ହେଲେ ଅଧିକ ଭୟଙ୍କର ହୋଇଉଠେ । ଆତ୍ମୀୟ ଶତ୍ରୁ ହେଲେ ସେହିପରି ଅତି ଭୟଙ୍କର ହୋଇପାଏ ।

୨୪୬ । ଅନ୍ୟେପରେ କା କଥା । ସଂ ଶ୍ଳୋକାଂଶ

—ଅନ୍ୟକଥା କଣ କହିବ (ମୋ ନିଜ ଅବସ୍ଥା ଯେତେବେଳେ ଏମିତି ) ବା ବିଚାର କରିବ ?

୨୪୭ । ଅନ୍ତ କୋଷିଆର ଉଠିଲେ କାଶ
ବିଦେଶୀକୁ ଯେବେ ନ ମିଳେ ବାସ
ବହୁ କୁଟୁମ୍ବୀର ନ ଥିଲେ ଗ୍ରାସ
ଦୁର୍ବଳ ଗାଈ ନ ପାଇଲେ ଘାସ
ଚୂଲି କରି ଯେବେ ନ କାଟେ ଧାସ
ଚୂନ ଟାଣ ନୋହି ଯେବଣ ନାସ
ମୂର୍ଖ ଟାରୁ ଗାରୁ ଯେବଣ ଭାଷ
ଶୀତ ଟାଣ ହେଲେ କାର୍ତ୍ତିକ ମାସ
ସଣ୍ଢନାରୀକୁ ଯେ କରଇ ଆଶ
ବୋଲେ ଦନାଇ ଏ ବଡ଼ ନିରାଶ । —ଦନାଇ ବଚନ

—ଧାସ – ଚାଉ; ନାସ —ଗୁଣ୍ଡି । ଗ୍ରସ – କଥା

୨୪୮ । ଅନ୍ତ ମୋଟ ପୁଅ ହଗଣା ସହେ । – ଢଗ

—ବଳବାନ୍ ଶିଶୁକୁ ହଗା ହେଲେ ତାକୁ ଶୀଘ୍ର ବାଧେ ନାହିଁ ।

୨୪୯ । ଅନ୍ତରୁ ରୋଗ, ମେଘରୁ ମହରଗ । —ଢଗ

—ରୋଗ ଜଳ ଭିତରୁ ବାହାରେ । ବର୍ଷା ନ ହେଲେ ଫସଲ ଭଲ ହୁଏ ନାହିଁ । ଜିନଷପତ୍ର ମହର୍ଗ ହୁଏ ।

୨୫୦ । ଅନ୍ତରେ ଗୁହ, ଆଖିରେ ଲୁହ । —ଢଗ

—ଅନ୍ତର କପଟୀ ଲୋକ ପ୍ରତି ବ୍ୟଙ୍ଗ ।

୨୫୧ । ଅନ୍ତେ (ଅନ୍ତରେ) କପଟ, ମୁଣ୍ଡରେ ଜଟ
ଶୋଇ ପଡ଼ିଥାଏ ଲଟପଟ
(କୁଆ ହଗିଦେଲା ଲଟପଟ) । —ଛଟା

– ଅନ୍ତରକପଟୀ ଲୋକ ହଟହଟା ହେଲେ ତା ପ୍ରତି ବ୍ୟଙ୍ଗ ।

୨୫୨ । ଅନ୍ତେ ଯେଉଁକ ଜୀବ ଯିବ
ତାହା ନ ଜାଣେ ବ୍ରହ୍ମା ଶିବ । – ଢଗ

– ମୃତ୍ୟୁପରେ କଏ କେଉଁଟିକି ଯାଏ ତାହା ସବଜ୍ଞ ଦେବତା ମଧ୍ୟ ଠଉରାଇ ପାରନ୍ତି ନାହିଁ ।

୨୫୩ । ଅନ୍ତ ତିକ୍ତ ଦନ୍ତେ ଲୁଣ
ପେଟ ପୂରିବ ତିନ କୁଣ (କୋଣ)
ମଥାରେ କାପଡ଼ (ମୁଣ୍ଡେ ଠେକା) ପାଦ୍ୱେ ତେଲ
ବଇଦ ସାଙ୍ଗେ କରିବ ଗେଲ । —ପ୍ରବଚନ

—ସ୍ୱାସ୍ଥ୍ୟରକ୍ଷା ଉପଦେଶ । ଖାଇପାରି ଲୁଣଟିକଏ ଖାଇବ । ପେଟର ତିନିଭାଗ ଖାଦ୍ୟରେ ପୂରିବା ଆବଶ୍ୟକ । ଶୀତରୁ ରକ୍ଷା ଲାଗି ମୁଣ୍ଡରେ ପଗଡ଼ି ଭିଡ଼ିବ, ପାଦରେ ଶୋଇବା ଆଗରୁ ଟିକଏ ତେଲ ମାରିବ ।

୨୫୪ । ଅନ୍ଧକୁ ଦର୍ପଣ ଦେଖାଇବା—ନ୍ୟାୟ

—ଅନ୍ଧ କିଛି ଦେଖି ନ ପାରୁଥିବା ଦୃଷ୍ଟିରୁ ତାକୁ ଦର୍ପଣ ଦେଖାଇବାରେ କିଛି ତାତ୍ପର୍ଯ୍ୟ ନାହିଁ । କେବଳ ତା ଅନ୍ଧତ୍ୱର ସୁଯୋଗ ନେବା କଥା ।

୨୫୫ । ଅନ୍ଧ, ଚ୍ଛେଟା, ରୋଗୀ, ସେବକ, ବର
ଯୋଗୀ, କାମମତ୍ତ ବୃଷଭ, ଖର
ବୋଝିଆ, ଭରୁଆ, ଗର୍ଭିଣୀ ନାରୀ
ବାଟ ଛାଡ଼ିବ ଏ ନାଇ ବିଚାରି । —ଦନାଇ ବଚନ

—ମରତର ବିପରୀତ ଦିଗରୁ ଆସୁଥିଲେ ଅନ୍ଧ, ଚ୍ଛେଟା, ଗର୍ଭିଣୀ, ଯୋଗୀ, ବର, ଭରୁଆ ପ୍ରଭୃତିଙ୍କୁ ବାଟ ଛାଡ଼ିଦେବା ଉଚିତ । କାରଣ ଅନ୍ଧ ସହିତ ଧକ୍କା ହୋଇ ପାରେ । ଚ୍ଛେଟା, ରୋଗୀ, ବୋଝିଆ ପ୍ରଭୃତିଙ୍କୁ ବାଟ ଆଡ଼େଇ ଯିବାକୁ କଷ୍ଟ ହୋଇ ପାରେ, ଯୋଗୀ ଅଭିଶାପ ଦେଇପାରେ, ଷଣ୍ଢ ଭୁଷି ଦେଇପାରେ । କାମୋନ୍ମତ୍ତର ହିତାହିତ ଜ୍ଞାନ ନ ଥାଏ । ସେ ହତ୍ୟା କରିପାରେ । ସେବକକୁ ବାଟ ନ ଛାଡ଼ିଲେ ସେବା କାର୍ଯ୍ୟରେ ବାଧା ଘଟିପାରେ । ବର ବିବାହ ଦିନ ଅତି ସମ୍ମାନିତ ବ୍ୟକ୍ତି, ରଜା ସେ । ତାକୁ ସମସ୍ତେ ନମସ୍କାର କରି ପାରନ୍ତି । ସେ ସେଦିନ କାହାକୁ ନମସ୍କାର କରେ ନାହିଁ ।

୨୫୬ । ଅଂଧ ଗୋଲାଙ୍ଗୁଳ ନ୍ୟାୟ । —ନ୍ୟାୟ

—ଜଣେ ଅଂଧ ଶ୍ୱଶୁର ଘରକୁ ଯାଉଁ ଯାଉଁ ଗାଈଜଗାଳଙ୍କୁ କହିଲା—ମତେ ଟିକଏ ବାଟ ଦେଖାଇ ଦିଅ । ଗାଈଜଗାଳ କହିଲା—

ତୋ ଶଶୁର ଘର ଗାଈ ଏ ଗୋଠରେ ଅଛନ୍ତି । ତୁ ଗୋଟିକ ଲାଙ୍ଗୁଡ଼ ଧରି ଗୁଲଲେ ସଂଧ୍ୟା ବେଳକୁ ଶ୍ୱଶୁର ଘରେ ପହଞ୍ଚିବୁ । ଅଂଧ ସେଇଆ କଲା । ଗାଈଠାରୁ ବହୁତ ନାତ ଖାଇଲା । ଖଣ୍ଡ ଆଖାବଗ ହୋଇ ଯାଇ ଶ୍ୱଶୁର ଘରେ ପହଞ୍ଚିଲା । ଗାଈଚୋର ବୋଲି ଲୋକେ ତାକୁ ଛେଚିଲେ । ନିର୍ବୋଧର ଉପଦେଶ ଅନୁସରଣ କଲେ ମୂର୍ଖକୁ ଏହିପରି ବିପଦରେ ପଡ଼ିବାକୁ ହୁଏ ।

ଗୋଲାଙ୍ଗୂଳ—ଗୋରୁ ଲାଙ୍ଗୁଡ଼ ।

୨୫୭ । ଅନ୍ଧ ଥରେ ବାଡ଼ି ହଜାଏ । —ଢଗ

—ଥରେ ବାଡ଼ି ହଜାଇଲେ ତାକୁ ଖୋଜି ପାଇବା ଅନ୍ଧ ପକ୍ଷରେ କଷ୍ଟକର । ତେଣୁ ପରେ ଯେପରି ନ ହଜାଇବ ସେଥିଲାଗି ସେ ସାବଧାନ ହୁଏ ।

୨୫୮ । ଅନ୍ଧ ଦେଶକୁ ଗଲା ଦର୍ପଣ ବିକି
କନ୍ଧ ହାତରେ ଦେଲା ଗୋଦାନ ଟେକି
ଜଡ଼ା ମଧ୍ୟରେ ଖଣ୍ଡା କଲା ରନ୍ଧନ
କାମୁଡ଼ା ଘୋଡ଼ା ମୁଖେ ଦେଲା ଚୁମ୍ବନ ।—କବି ବଚନ

—କବି ପଦ୍ମମଣିଙ୍କ ରହସ୍ୟ ବଚନ ।

୨୫୯ । ଅନ୍ଧ ପଙ୍ଗୁ ନ୍ୟାୟ । —ନ୍ୟାୟ

– ଅନ୍ଧ ଦେଖି ପାରେନାହିଁ । ପଙ୍ଗୁ ଚାଲିପାରେ ନାହିଁ, କିନ୍ତୁ ଦେଖିପାରେ । ଦୁହିଙ୍କ ମିଳିତ ଶକ୍ତି ଦ୍ୱାରା ବହୁତ କାର୍ଯ୍ୟ ହୋଇପାରେ । ତେଣୁ ଅନ୍ଧ ପଙ୍ଗୁକୁ କାନ୍ଧରେ ବସାଇ ନିଏ । ଯେଉଁଠି ଏକାଧିକ ବ୍ୟକ୍ତି ପୃଥକ୍ ପୃଥକ୍ ଭାବେ କାର୍ଯ୍ୟ କରିବାକୁ ଅସମର୍ଥ, ସେମାନେ ସମ୍ମିଳିତ ହେଲେ ସହଜରେ କାର୍ଯ୍ୟ କରି ପାରିବେ । ସେଠାରେ ଏହି ନ୍ୟାୟର ଦୃଷ୍ଟାନ୍ତ ଦିଆଯାଏ ।

୧୬୦ । ଅନ୍ଧ ପରମ୍ପରା ନ୍ୟାୟ । — ନ୍ୟାୟ

—ଅନ୍ଧ ଦଳ ବାନ୍ଧି ଚାଲିଲା ବେଳେ ଜଣେ ଖାଲରେ ପଡ଼ିଲେ ଅନ୍ୟ ସମସ୍ତେ ପଡ଼ନ୍ତି । ସେହିପରି ଜଣେ ଯାହା କଲା ନ ବୁଝି ନ ବିଚାରି ଅନ୍ୟ ଲୋକ ସେଇଆ କଲେ ଏହି ନ୍ୟାୟର ପ୍ରୟୋଗ ହୋଇଥାଏ ।

୧୬୧ । ଅନ୍ଧ ପାଣିବୁହାକୁ ତିନି ଜଣ ଲୋଡ଼ା । —ନ୍ୟାୟ

—ଶେଣାରେ ପାଣି ବୋହିବାକୁ ଦୁଇ ଜଣ ଲୋକ ଲୋଡ଼ା । କିନ୍ତୁ ଅନ୍ଧକୁ ଛୁଡ଼ା କରାଇଲେ, ଶେଣା ଧରାଇବା ପ୍ରଭୃତି ଲାଗି ଆଉ ଜଣେ ଲୋକ ନିକମା ହୁଏ । ତେଣୁ ସେପରି ପାଣିବୁହାରେ ଅଧିକ ଖର୍ଚ୍ଚ ହୁଏ ।

୧୬୨ । ଅନ୍ଧର ଗାଈକୁ ଖୋଦାର ଗୁହାଳ । —ଢଗ

ଅନ୍ଧର ଗାଈକୁ ବ୍ୟାଘ୍ର, ହିଂସ୍ର ଜନ୍ତୁ କବଳରୁ ଭଗବାନ୍ ହିଁ ରକ୍ଷା କରିପାରନ୍ତି ।

୧୬୩ । ଅନ୍ଧର ଲେଖାରେ ଚନ୍ଦ୍ର ସୂର୍ଯ୍ୟ ନାହାନ୍ତି । —ପ୍ରବଚନ

—ଅନ୍ଧ ନିକଟରେ ଚନ୍ଦ୍ରସୂର୍ଯ୍ୟଙ୍କ ଅସ୍ତିତ୍ୱର କୌଣସି ମୂଲ୍ୟ ନାହିଁ । ସେହିପରି ଧନ ଓ କ୍ଷମତା ପ୍ରମାଦରେ ଅନ୍ଧ ବ୍ୟକ୍ତି ପ୍ରବଳତର ଶକ୍ତିର ଅସ୍ତିତ୍ୱ ଅନୁଭବ କରିପାରେ ନାହିଁ ।

୧୬୪ । ଅନ୍ଧରେ ମଣ୍ଡନାହିଁ
ପୁରିଲ ମଣିଲା ନାହିଁ । —ନାଁ ଦଣ୍ଡା

—ମଣ୍ଡାପିଠା ।

୧୬୫ । ଅନ୍ଧ ସାକ୍ଷୀ ସୁରଦାସର । —ନ୍ୟାୟ

—ଅନ୍ଧ ଅନ୍ଧଲାଗି ସାକ୍ଷୀ ଦେବାପରି ।

ସୁରଦାସ—ପ୍ରସିଦ୍ଧ ହିନ୍ଦୀ କବି, ଭୀମ ଭୋଇଙ୍କର ଗୁରୁଦତ୍ତ ନାମ ମଧ୍ୟ ସୁରଦାସ । ଭୀମ ଜନ୍ମାନ୍ଧ ଥିଲେ ।

୨୬୬ । ଅନ୍ଧକ ଚିହ୍ନିବ ମାଣିକ୍ୟ ମୁଦ ଯେ
କନ୍ଧ କ କହିବ ସଂସ୍କୃତ ବାଣୀ ?
ଚଣ୍ଡାଳ ସଭାରେ ପଢ଼ିତ ବେଦ
ସୁଧାଠୁ ମଦ ଲାଗୁ ଛି ମୋଦ । —ଲୋକ ବଚନ

—ଆଖି ନଥିବା ଲୋକ ସୁନା ବା ମଣିର ମୁଦ ଚିହ୍ନି ପାରେ-ନାହିଁ । କନ୍ଧ ସଂସ୍କୃତରେ କହିପାରେ ନାହିଁ । ଚଣ୍ଡାଳ ସଭାରେ ସେହିପରି ବେଦ ଶୋଭା ପାଏନାହିଁ, କାରଣ ସେଠି ଅମୃତ ଅପେକ୍ଷା ମଦକୁ ଲୋକ ଅଧିକ ପସନ୍ଦ କରନ୍ତି ।

୨୬୭ । ଅଂଧସ୍ୟ ଦୀପଂ ବଧିରସ୍ୟ ଗୀତଂ
ମୂର୍ଖସ୍ୟ କିଂ କୃଷ୍ଣ କଥା ପ୍ରସଙ୍ଗଃ । —ସଂ: ଶ୍ଳୋକାଂଶ

—ଅନ୍ଧ ଲୋକଆଗରେ ଦୀପ, କାଲ ଆଗରେ ଗୀତ, ମୂର୍ଖ ଆଗରେ ଭକ୍ତିରସ ନିରର୍ଥକ ।

୨୬୮ । ଅନ୍ଧ ସ୍କନ୍ଧ ଗତସ୍ୟୈବ
ଖଞ୍ଜସ୍ୟ ପଦେ ପଦେ । —ସଂ: ଶ୍ଳୋକାଂଶ

—ଅନ୍ଧ କାନ୍ଧରେ ଚଢ଼ି ବସିଯାଏ, ତାର ପ୍ରତି ପଦକ୍ଷେପରେ ପଡ଼ିଯିବାର ଭୟ । ମୂର୍ଖ ଉପରେ ନିର୍ଭର କରୁଥିବା ବ୍ୟକ୍ତି ମଧ୍ୟ ସେହିଭଳି ଦୁରବସ୍ଥାରେ ପଡ଼େ ।

୨୬୯ । ଅନ୍ଧ ହାତରେ ବଇଠା ଥିଲେ
କି ପଦାର୍ଥ ତାକୁ ଦିଶେ ? —ଲୋକୋକ୍ତି

—ବଇଠା-ଘିପ । ଆଲୁଅ ଅନ୍ଧର କିଛି ହେଲେ ଉପକାର କରେ ନାହିଁ ।

୨୭୦ । ଅନ୍ଧ ହାତୀ ଦେଖିବା ନ୍ୟାୟ । —ନ୍ୟାୟ

—ଅନ୍ଧ ବର୍ଣ୍ଣି ବର୍ଣ୍ଣି ହାତୀର କୌଣସି ଗୋଟିଏ ଅଙ୍ଗକୁ ହାତୀ ବୋଲି କହେ—ହାତୀ ଗୋଟାଏ ଖମ୍ବ, ହାତୀ ଗୋଟାଏ କୁଲା, ହାତୀ ଗୋଟାଏ ସାପ । କିନ୍ତୁ ଖମ୍ବ, କୁଲା ବା ସାପ ହାତୀ ନୁହେଁ । ଏହା ହାତୀର ଗୋଟିଏ ଗୋଟିଏ ଅଙ୍ଗର ବର୍ଣ୍ଣନା ମାତ୍ର । ସେହିପରି ବସ୍ତୁର ଅଂଶ ଜାଣି ତାକୁ ପୂର୍ଣ୍ଣ ବୋଲି ବର୍ଣ୍ଣନା କଲେ ଏହି ନ୍ୟାୟର ପ୍ରୟୋଗ ହୁଏ ।

୨୭୧ । ଅନ୍ଧାରକଣା ପୁଅିଆ
ଚଳ ବଦଗ୍ର ମାଠିଆ
ଅନ୍ତକୋଷିଆ ବେଠିଆ
ଖାଉ ଚରଣଚଟିଆ । —ବନାଇ ବଚନ

—ଅନ୍ଧାର କଣା—ଏହି ରୋଗରେ ଅନ୍ଧାରରେ ଆଦୌ ଦିଶେ ନାହିଁ । ଅନ୍ତକୋଷିଆ—ଅନ୍ତକୋଷ ରୋଗ ଭୋଗୁଥିବା ବେଠିଆ କୌଣସି କାର୍ଯ୍ୟରେ ଆସେ ନାହିଁ । ଚରଣ ଚଟିଆ—କାମ ସାଧିବା ଲାଗି ଲୋଡ଼ା ହେଲେ ଗୋଡ଼ ଧରନ୍ତି, କାମ ସରିଲେ ଚଟି ଧରନ୍ତି ।

୨୭୨ । ଅନ୍ଧାର ଘରେ ମାଣିକ । —ରୂଢ଼ି ପ୍ରୟୋଗ

—ମାଣିକ ଯେପରି ଅନ୍ଧାର ଘରକୁ ଆଲୁଅ କରେ, ସେହିପରି ଯୋଗ୍ୟ ପୁଅ କୁଳ ଉଜ୍ଜ୍ୱଳ କରେ ।

୨୭୩ । ଅନ୍ଧାର ଘରେ ବାଡ଼ି ବୁଲାଇବା । —ରୂଢ଼ି ପ୍ରୟୋଗ

—କୌଣସି ଉଦ୍ଦେଶ୍ୟ ସାଧନ କରିପାରେ ନାହିଁ । ଏହା ଏକ ବୃଥା ଚେଷ୍ଟା ।

୧୭୪ । ଅନ୍ଧାର ଘରେ ଜହ୍ନର ଆଲୁଅ
ଯେତକ ଦିନ ଜଳିଲ ସେତକ ଦିନ ଭଲ । —ପ୍ରବଚନ

—ବାହାର ସାହାଯ୍ୟରେ ମାଗଣାରେ ଯେତେ ଦିନ ଘର ଚଳିବ ଚଳୁ, ଜହ୍ନ ଆଲୁଅ ଅସ୍ଥାୟୀ ହେଲେ ମଧ୍ୟ ଉପକାରୀ, ସେହିପରି ପରର ସାହାଯ୍ୟ ବା ଉପକାର ।

୧୭୫ । ଅନ୍ଧାର କଣା
ରାତି ହେଲେ ହୁଏ ବଣା ବଣା । —ଛଟା

—ଅଂଧାରକଣା ରୋଗ ହେଲେ ରାତିରେ ରୋଗୀ କିଛି ଦେଖି ପାରେ ନାହିଁ, ସେ ବାଟବଣା ହୁଏ ।

୧୭୬ । ଅଂଧାର (ଅବୁଝ) ନଗରୀ ଅବୁଝା (ବେବୁଝା) ରଜା
ଟଙ୍କା ସେର ଭାଜି ତ, ଟଙ୍କା ସେର ଖଜା । —ଢଗ

—ଅବୁଝା ରାଜା ରାଜୁତି କରୁଥିବା ରାଜ୍ୟରେ କିଛି ବିଚାର ବା ବୁଝାମଣା ନ ଥାଏ । ସେଇ ରାଜୁତି ପ୍ରତି ବ୍ୟଙ୍ଗ ।

୧୭୭ । ଅଂଧ ଗାଁକୁ ଏକ ଆଖିଆ ରଜା । —ଢଗ

—ଯେଉଁ ରାଜ୍ୟରେ କାହାରି ଆଖି ନାହିଁ, ସେଠି ଏକ ଆଖିଆ ବା କଣା ରଜା ପରି ସମ୍ମାନିତ ହୁଏ ।

୧୭୮ । ଅଂଧାର କଣା, ଯେଣେ ଗଲେ ତେଣେ ବଣା । —ବ୍ୟଙ୍ଗ

—ଅଂଧାରକଣା— ଯାହାକୁ ଅଂଧାରରେ ମୋଟେ ଦିଶେ ନାହିଁ । ଏଠି ନବୁଝିଆ । ସେ କୌଣସି କାର୍ଯ୍ୟ କରିବାକୁ ଅସମର୍ଥ ।

୧୭୯ । ଅଂଧାର ଘରେ କାଣୀ (କଣା) ଝମକେ (ହଲଚଲେ),
ଯାହାଥାଏ (ଯାଏ) ତାହା ଅଣ୍ଟାରେ ଯାଚେ (ଖୋସେ) ।
—ଢଗ

—ସ୍ୱଇସ୍ୱେରଣୀ ପ୍ରତି ଗାଳି ।

୨୮୦ । ଅଂଧାର ରାତକୁ ଜୁଳୁଜୁଳା ପୋକ,
ସୁନ୍ଦର ଦ (ଦୁ)ଶନ୍ତ ବାଙ୍ଗୁର ଲୋକ । —ଛିଟା

—ଅଂଧାରରେ ଜୁଳୁଜୁଳିଆ ପରି ଜନସମାଜରେ ଗେଡ଼ା ଲୋକ ସୁନ୍ଦର ଦଶନ୍ତ ।

୨୮୧ । ଅଂଧାର ଡୋଇଣ ଯୌବଣ ଘର
ଶିଶୁପାଳିଆ ବାହାଇ ଯିବା ବର
ପାଦଫୁଲ୍ ସଙ୍ଗେ ଯେ ଦ୍ୱାଗାଜର
ଗ୍ରାମ ଧର୍ମରେ ଯା ନିଃଶ୍ୱାସ ଖର
ବାଟରେ ଅଚିହ୍ନା ଲୋକ ଆଦର
ବୋଲେ ଦନାଇ ଏ ପରମାଦର । —ଦନାଇବଚନ

—ଶିଶୁ ପାଳିଆ—ପୁରାଣରେ ଶିଶୁପାଳ ପରି ବିଭା ନ ହୋଇ କନ୍ୟା ଗୃହରୁ ପରାଜିତ ଓ ଲାଞ୍ଛିତ ହୋଇ ଫେରିଯିବା ବର । ଗ୍ରାମ ଧର୍ମ—ରତିକ୍ରିୟା । ପରମାଦର—ପ୍ରମାଦର ବା ବିପଦର ।

୨୮୨ । ଅଂଧା ନଗରୀମେ କ୍ୟା ଲଣ୍ଠନ ? —ହିନ୍ଦୀ ଢଗ

—ଅଂଧ ରାଜ୍ୟରେ ଆଲୋକର ମୂଲ୍ୟ କିଏ ବୁଝିବ ?

୨୮୩ । ଅଂଧାର ବଣରେ ଧଇଲ ଖଙ୍ଗାର
ନଖ ମୁଣ୍ଡରେ ଫେଲ ବିଘୁର । —ନାଁ ଦିଆ

—ଓଳୁଣି ।

୨୮୪ । ଅଂଧାର ମୁଲକେ ଭକୁଆ ରଜା ।
ଟାକାସେର ଭାଜି ଟାକା ସେର ଖାଜା । —ବଙ୍ଗଳା ଢଗ

—ଅଂଧାରି ମୁଲକରେ ଜିନିଷ ଜିନିଷ ମଧ୍ୟରେ ବାଛ ବିଚାର ନଥାଏ । ଭକୁଆ—ଉଲୁ, କାବଡ଼ା ।

୨୮୫ । ଅଂଧାରୁଆ ଗଜା ଚୋଟା, ଅଂଧାରୁଆ ଜର ଭିଡ଼ିଲେ ଅଣ୍ଟା, ହଜଲା କମର ପଟା (ଚୋଟାରେ ଭେଟିଲ ସାଇ ପଡ଼ଶା, ମନ୍ଦୁ ଛୁଡ଼ିଗଲା ଦକା ) —ଢ଼ଗ

—ଗୁପ୍ତ ପ୍ରୀତି କରୁଥିବା ତରୁଣୀ ପ୍ରତି ବ୍ୟଙ୍ଗ ।

୨୮୬ । ଅଂଧାରୁଆ ଗୋହିରିକ କଅା ଘୋଡ଼ ଫୋପଡ଼ ମାଡ଼
—ରୁଚି ବଚନ

—ଏହା କୌଣସି ଉଦ୍ଦେଶ୍ୟ ସାଧନ କରି ପାରେ ନାହିଁ ।

୨୮୭ । ଅଂଧାରେ ଖାଇଲେ ଗୁଡ଼, ଆଲୁଅରେ ଖାଇଲେ ଗୁଡ ।
—ନ୍ୟାୟ

—ଅଂଧାର ବା ଆଲୁଅରେ ଦ୍ରବ୍ୟର କୌଣସି ଗୁଣ ପରିବର୍ତ୍ତନ ହୁଏ ନାହିଁ ।

୨୮୮ । ଅନ୍ନଚିନ୍ତା ଚମତ୍କାର, କାଳରେ କବିତା କୁତଃ ।
—ସଂ. ଶ୍ଳୋକାଂଶ

—ଅନ୍ନାଭାବ ଘଟିଲେ ଯେଉଁ ଦୁଶ୍ଚିନ୍ତା ଆସେ ତାହା ଭୟଙ୍କର । ସେହି ଦୁଃଖରେ ବିହ୍ୱଳ ବ୍ୟକ୍ତି ପକ୍ଷରେ କବିତା ରଚନା ଏକ ବିଡମ୍ବନା ।

୨୮୯ । ଅନ୍ନ ପଶିଲେ ବର୍ଣ୍ଣ ବାହାରେ । —ପ୍ରବଚନ

—ପେଟରେ ଭାତ ପଡ଼ିଲେ ଦେହରେ ବର୍ଣ୍ଣ ଫିଟେ ।

୨୯୦ । ଅନ୍ନ ବିନା ତନୁ ଖିନ ଭଇ
ଜଲ୍ ବିନା ଜୀଭ ଯାତି ହେ
ଅର୍ଥ ବିନା ଦମ୍ ଛୁଟଗଇ
ବମ୍ ଛୁଟାଗଇ, ଦମ୍ ଛୁଟଗଇ । —ହିନ୍ଦୀ ଦୋହା

—ଅନ୍ନାଭାବରେ ଶରୀର କ୍ଷୀଣ ହୁଏ, ଜଳାଭାବରେ ପ୍ରାଣ ଛୁଡ଼ିଯାଏ । ଏହା ଘଟିଲେ ପ୍ରାଣ ଥାଇ ନ ଥିଲା ପରି ବୋଧହୁଏ ।

୨୯୧ । ଅନ୍ନ ବସ୍ତ୍ରେନ ହଂସହାନ
ଯୋଗ ସାଧିବୁ କାହା ଯେନ ? —କବି ବଚନ

— ଜଗନ୍ନାଥ ଦାସଙ୍କ ଉକ୍ତି । ହଂସ-ପ୍ରାଣ

୨୯୨ । ଅନ୍ନସୁନ୍ଦର ମଣିଷ
ଚରଣ ସୁନ୍ଦର ଘୋଡ଼ା । —ଢଗ

—ଖାଦ୍ୟହିଁ ସ୍ୱାସ୍ଥ୍ୟର ଏକ ପ୍ରଧାନ କାରଣ ।

୨୯୩ । ଅପନ୍ତରା କୋଣେ
ମହରଗ ମାସେ । —ଢଗ

—କିଛିଦୂର ଅପନ୍ତରା ଚାଲିବାକୁ ହୁଏ, କିଛିକାଳ ମହରଗ ଭୋଗିବାକୁ ହୁଏ । ଅବସ୍ଥା ବଦଳେ । ତେଣୁ ଅବସ୍ଥାପନ୍ନ ଲୋକ ଦୁଃଖୀ ଗରିବଙ୍କ ପ୍ରତି ସୁଦୃଷ୍ଟି ଦେବା ଉଚିତ ।

୨୯୪ । ଅପନ୍ତି ଅପା
ଖଜା ଭୁଜଣରେ ପାଣ୍ଡୁଅ ପକା
ହାତକୁ ନ ଦେଇ ହାପୁର ପକା । —ଢଗ

—ଦାରିଦ୍ର୍ୟ ଓ କାଙ୍ଗାଳପଣ ପ୍ରତି ବ୍ୟଙ୍ଗ ।

୨୯୫ । ଅପର୍ତ୍ତିଆଣି, କାନରେ ପାଣିଆରୁ ଜାଣି । —ଢଗ

—ଯାହାର ଉପର ଭାଇ ବା ଭଉଣୀ ମରିଥାଏ, ତାକୁ ଅପର୍ତ୍ତିଆଣି କହନ୍ତି । ଅପର୍ତ୍ତିଆଣିର କାନ ଫୋଡ଼ି ପାଣିଆ ପିନ୍ଧାଇ ଦିଆ ହୁଏ । ପିଲା ଅପର୍ତ୍ତିଆଣି ହେଲେ ଯମ ଛୁଏଁ ନାହିଁ, ଲୋକବିଶ୍ୱାସ ।

୨୯୬ ।    ଅପମାରଙ୍ଗର ଅପାର ଗୁଣ
ଯନ୍ଦ ଘଷିବ ମୂଳେ
କୁମ୍ଭାଟୁଆ ଯେ ରାଜବଲଭ
ଚର୍ମରୁ ଘଷିବ ଯାଳେ
ଚୂତ ପତର ଯେ ଲକ୍ଷ୍ମୀ ଦାୟକ
ପାଶ ପଡଥିଲେ ତଳେ
ସାହାଡ଼ା କାଠି ଯେ ଭଲ ଭୋଜନ
ଚର୍ମରୁ ଘଷିବ ଡାଳେ ।    —ଛଟା

—ଦାନ୍ତକାଠିର ଉପକାରିତା ବର୍ଣ୍ଣିତ । ସାହାଡ଼ା ଦାନ୍ତକାଠିରେ ଦାନ୍ତ ଘଷିଲେ ଭଲ ଭୋଜନ ମିଳେ । ପାଚିଲା ଆମ୍ବ ପତ୍ରରେ ଘଷିଲେ ଧନସମ୍ପଦ ବଢ଼େ । କୁମ୍ଭଟୁଆ ଦାନ୍ତକାଠି ରାଜପ୍ରିୟ, ଅପମାରଙ୍ଗ ମୂଳରୁ ବହୁତ ଉପକାର ମିଳେ ବୋଲି ଲୋକବିଶ୍ୱାସ ପ୍ରଚଳିତ ।

୨୯୭ ।    ଅପମାରଙ୍ଗର ଅପାର ଗୁଣ
ଯନ୍ଦ ଘଷୁଥିବ ମୂଳେ
ଚୂତ ପତ୍ରେ ଭବେତ୍ ଲକ୍ଷ୍ମୀ
ଯନ୍ଦ ପଡଥିବ ତଳେ
ସର୍ଗୀକାଠିରେ ସ୍ୱର୍ଗ ଲଭ
ଯନ୍ଦ କରୁଥିବ ଡାଳେ
ମୂତରି କାଠିରେ ଖାଦ୍ୟର ମିଳେ
ଯନ୍ଦ କରୁଥିବ ଯାଳେ ।    —ଛଟା

—ବିଭିନ୍ନ ଦାନ୍ତକାଠିର ଗୁଣ ବର୍ଣ୍ଣନା । ଦ୍ୱିତୀୟ ପାଦଟି ସଂସ୍କୃତ । ସର୍ଗୀ—ଶାଳଗଛ, ମୂତରି—ଏକ ପ୍ରକାର କଣ୍ଟକୀ ଲତା, ଦାନ୍ତକାଠି ରୂପେ ବ୍ୟବହୃତ ।

୨୯୮ ।    ଅପର ଘରେ ରୋଗ, ରଜା ଘରେ ସଦା ଭୋଗ ।—ଢଗ

—ଭଜା ଘରର ଲୋକେ ଖୁବ୍ ସୁଖରେ ଥାନ୍ତି, ବିଶ୍ବାସ ।

୨୯୯ । ଅପରନ୍ତି, ଡମ୍ବ ମାର (ତ) ଗଲ ପଚରନ୍ତି ।—ଛିଟା

—ଅପର୍ତ୍ତିନାମକ ବାଳକ ପ୍ରତି ବ୍ୟଙ୍ଗ ।

୩୦୦ । ଅପଶାଗର, ବଲେଇ ବୈଇଛି ପୋଇ ପଚର । —ଛିଟା

—ଅପସନ୍ଦ କଥା ପ୍ରତି ବ୍ୟଙ୍ଗ ।

୩୦୧ । ଅପଦନ୍ଦ କଥା ଶୁଣ ମାଇପେ,
ଧାନ ଶୁଖୁଥିଲା ବଉଁଶାଟାକେ । —ଛିଟା

—ବଉଁଶାରେ ବା ପଙ୍ଖାରେ ଧାନ ଶୁଖିବା ଅସମ୍ଭବ, ଏଇ କଥାର ବ୍ୟଙ୍ଗାତ୍ମକ ବିବୃତି ।

୩୦୨ । ଅପରେ କଂ ଭବିଷ୍ୟନ୍ତି ?—ସଂ: ଶ୍ଲୋକାଂଶ
(ଭୋଜନଂ ଯତ୍ର କୁତ୍ରାପି
ଶୟନଂ ହଟ୍ଟ ମନ୍ଦିରେ
ମରଣଂ ଗୋମତୀ ତୀରେ
ଅପରେ କ ଭବିଷ୍ୟନ୍ତି ?)

—ଏଠି ସେଠି ଖିଆ, ହାଟବୁଲିରେ ଶୁଆ, ଗୋମତୀ ନଦୀ କୂଳରେ ମରଣ—ଏହାଠାରୁ ବଳି ଭାଗ୍ୟର ଆଉ କି ବିଡମ୍ବନା ହୋଇପାରେ ?

୩୦୩ । ଅପା, ଡୋଳ ଯାଉ (ବସୁ) ଥାଉ କପା । —ଛିଟା

—ଅପା ପ୍ରତି ବ୍ୟଙ୍ଗ ।

୩୦୪ । ଅପା ଘରକୁ ଗଲି କପା କଣି
ମୂଳରୁ କରି ହାନ
ମେଞ୍ଚେ ପକାଇ ଦେଲି । —ପ୍ରବଚନ

—ଆତ୍ମୀୟଠାରୁ ଲଜ୍ଜା ଆଣି କ୍ଷତଗ୍ରସ୍ତ ହେବାରେ ଏହି ପ୍ରବଚନ ପ୍ରଯୁକ୍ତ । ବ୍ୟଙ୍ଗ । ସେ ଲଜ୍ଜା ଭିକ୍ଷା କରି ଦିଏ । ଗର୍‌ହାକ ମନ ଭିକ୍ଷା କରିବ ବୋଲି ଲାଜ ଦିଏ, ଆତ୍ମୀୟ ହୋଇଥିବାରୁ ଲାଜ ଦେଇଛି ବୋଲି କହେ । କିନ୍ତୁ ବଂଧୁତା ହାନି ଭୟରେ କିଛି କହି ହୁଏ ନାହିଁ ।

୩୦୮ । ଅମାଟିବ (ଣ) କଥା, ମନେ ଥିଏ କଥା ।
ନାହିଁ ବାଡ଼ବତା —ଛଟା

—ଅସଂଯତ କଥା ଦୁଃଖଦାୟକ ।

୩୦୯ । ଅପାତ୍ରରେ ଦାନ
ପରଠାରେ ମାନ
ମଦୁଆ କଥାରେ କାନ
ନଣ୍ଡା ବାଲିରେ ଯାନ
ଚୂନ ବହଳିଆ ପାନ
ଅଖଟୁ ଲୋକର ଚାନ
କାର୍ତ୍ତିକ ମରୁଡ଼ି ଧାନ
ବୋଲେ ଦନାଇ ବଡ଼ ହାନିମାନ । —ଦନାଇ ବଚନ

—ନଣ୍ଡା ବାଲିରେ ଯାନ ଚଳିଲେ ଗଳିପଡ଼େ । ପାନରେ ବେଶୀ ଚୂନ ଦେଲେ କଳ ଖାଇଯାଏ । ଅଖଟୁ—ଅଳସୁଆ ।

୩୧୦ । ଅପାଳକ, ଅବହୁଡ଼ା
ଅବସ୍ଥା, ଅରାଜକ ସବୁ ସମାନ । —ଡ଼ଗ

ଆଦୌ ଫସଲ ନ ହେବା, ବଳି ଅବହୁଡ଼ା ଅବସ୍ଥାରେ ରହିବା, ଦେଶ ଅରାଜକ ହେବା ଏକା କଥା । ନଅଙ୍କ ହେଲେ ଲୋକଙ୍କୁ ଖାଇବାକୁ ଯୋଗାଇ ନ ପାରିଲେ ବିପ୍ଳବ ହେବା ସମ୍ଭବ ।

୩୦୮ । ଅପାଳ ପାଉଁଶିଆର କପାଳ ବଡ଼ । —ଲୋକୋକ୍ତି

—ଅଭାଗା ବ୍ୟକ୍ତି ବୈବାଡ଼ ବହୁ ସମ୍ପତ୍ତିର ଅଧିକାରୀ ହେଲେ ଏହା ପ୍ରଯୁକ୍ତ ହୁଏ ।

୩୦୯ । ଅପାଳକ ରାଜ୍ୟକୁ ବଜୁଳି ଲକ୍ଷେ ଟଙ୍କା । —ଢଗ

—ଯେଉଁ ରାଜ୍ୟରେ ମରୁଡ଼ି, ସେଠି ବଜୁଳିଟିଏ ମାଇଲେ ବହୁ ଆଶା ସୃଷ୍ଟି ହୋଇଥାଏ । ସେଠି ବଜୁଳି ମୂଲ୍ୟବାନ୍ ।

୩୧୦ । ଅପୂଜା ଦେବତାଙ୍କୁ ଦେହୁରୀ ବୁଝାଏ । —ନ୍ୟାୟ

—ଦେହୁରୀ—ଶବର ପୂଜକ, ସେ ବଣର ଅପୂଜା ଦେଅଙ୍କୁ ପୂଜା କରେ ।

୩୧୧ । ଅପୂର୍ବ କାନ୍ତି, ରୂପ ଦେଖି କର ମାଡ଼ୁଛି ବାନ୍ତି ।

—ଅସୁନ୍ଦରୀ ପ୍ରତି ବ୍ୟଙ୍ଗ । —ଛଟା

୩୧୨ । ଅପୂର୍ବ ଲତା ନବ ବନିତା
ଷୋଳ ପୁଷ୍ପରେ ନିର୍ମାଣି ବିଧାତା । —କବି ବଚନ

—ମୁଖ—ପଦ୍ମ, ନାସା—ତିଳଫୁଲ, ଦେହ—ଶିରୀଷ ଫୁଲ, ଚକ୍ଷୁ—ଦେଲଶ ଫୁଲ, ସ୍ତନ—ଅଶୋକ, ଅଙ୍ଗୁଳି—ଚମ୍ପାକଢ଼ି, ଅଧର—ମନ୍ଦାର, ଦନ୍ତ—କୁନ୍ଦ, କାନ—ଅପରାଜିତା, ବାହୁ—ମୃଣାଳ, ପାଦ—ପଦ୍ମ ପ୍ରଭୃତି ଷୋଳଟି ଫୁଲରେ ବିଧାତା ସ୍ତ୍ରୀକୁ ଗଢ଼ିଛି ।

୩୧୩ । ଅପେଟା କଦଳୀ ମଞ୍ଜି ଯେ କାଟେ
ଗୋଡ଼ ଲମ୍ବାଇ ଖଣ୍ଡ ମାଜେ ଘାଟେ
ବୃଦ୍ଧ ପାହାର ମାରଇ ଯେ ଗୁଟେ
ଧକାକୁ ଉଠି ଯେ ଘର ନ ଝାଡ଼େ

ଗୁରୁଜନଙ୍କୁ ଯେ କହଇ ଆଗେ
ମଦ୍ଦଳ ଭର ଏକା ସଙ୍ଗେ ବାଟେ
ପୀଡ଼ା ବହଇ ଯେ ପଣ୍ଡିତ, ଘଟେ
ଘଣ୍ଟ ବଢ଼ାଇ ବହଇ ଯେ ହାଟେ
ପାଣି କଖାରୁ ଯା ପେଡ଼ରେ ଫାଟେ
ନୂଆ ପୁଆଁଣିଆ ପଶିଲେ ନାଟେ
ବୋଲେ ଦନାଇ ସ୍ବାଙ୍କ କର୍ମ ଫାଟେ ।

— ଦନାଇ ବଚନ

—ବୃଦ୍ଧ ପାହାର – ବର୍ଷୀୟାନ୍‌ଆ ପାହାର,ଝାଣ୍ଡିବା—ଓଳାଇବା, ମଦ୍ଦଳ ଭର ଏକା ସଙ୍ଗେ ବାଟି ପିଠା କରିବା ମନା । କାରଣ ତାହା ଜୀର୍ଣ୍ଣ ହୁଏ ନାହିଁ । ନୂଆ ବଣ୍ଡ ହୋଇଥିବା ଯୁବକ ଯାତ୍ରାରେ ପଶିଲେ ନିଜ ଘରେ ରହିପାରେ ନାହିଁ ।

୩୧୪ । ଅଫୁଲ ଗଇଣ ଫୁଲୁ ଛୁ କେତେ ?
ଫୁଲିବାକୁ ଦନ ନାହିଁ କ ଡରେ ? —ଢଗ

—ମଣିଷର ଫୁଲପଣ ପ୍ରତି ସମାଲୋଚନା ।

୩୧୫ । ଅଫୁଲ ଫୁଲ
ନା ତାଳଗଛ ମୂଳେ ପାଖଲ ଚୂଲି । — ଛଟା

—ଗର୍ବ କରିବା ଭଳି ଯାହାର ରୂପ, ଯୌବନ, ଧନ, ସନ୍ତାନ ନାହିଁ, ସେ ଗର୍ବ କଲେ ଉପହାସାସ୍ପଦ ହୁଏ । ଯେପରି ତାଳଗଛ ମୂଳେ ଚୂଲି ପାରି ଜାଳି ଗଛ ଅଗରେ ହାଣ୍ଡି ବାନ୍ଧି ବେଷାଇ କଲେ ଲୋକ ଉପହାସାସ୍ପଦ ହୋଇଥାଏ ।

୩୧୬ । ଅବଧାନ ! ଆଗ (କାଳୀ) ମାଇପକୁ ତଳ ଗୁପଡ଼ (ଗୁପୁଡ଼, ଗୁଧୁଡ଼ା, ଗୁପୋଡ଼ା) ପଛ (ଗୋରୀ) ମାଇପକୁ ସାବଧାନ । —ଢଗ

—ପତ୍ନୀର ବୟସ ଅଳ୍ପ, ସ୍ୱାମୀ ବୟସ୍କ । ସ୍ୱାମୀ ଦେହରେ ଦୁର୍ବଳ । ବସ୍ତ୍ରାଳଙ୍କାର, ପ୍ରସାଧନ ଓ ସ୍ନେହାଦରର ଦ୍ୱାରା ସେହି ଅଭାବ ପୂର୍ତ୍ତି କରିବାକୁ ହେବ । କଠୋର ଶାସନ ଚଳାଇଲେ ସେହି ସ୍ତ୍ରୀ ତାହା ସହିବ ନାହିଁ । ସଂସାର ଭାଙ୍ଗିଯିବ ।

୩୧୭ । ଅବଧାନେ ଗଲେ, ଟୋକେଇ ଭୂମରେ ମାଟି, କୁକୁର ଭୂମରେ ଅଜା, ଖାଇବ ଖଣ୍ଡ ଖଜା । —ଛଟା

—ଚାଟଶାଳୀର ଅବଧାନ ଚାଟମାନଙ୍କୁ ବହୁତ ମାଡ଼ ଦେଉଥିଲେ । ଚାଟଶାଳୀ ଛାଡ଼ି ଗଲା ପରେ ବୟସ୍କମାନେ ମାଡ଼ର ପ୍ରତିହିଂସା ସ୍ୱରୂପ ଅସ୍ଥିରର ସେଇ ଗୁରୁଙ୍କୁ ବଦ୍ରୂପ କରୁଥିଲେ ।

୩୧୮ । ଅବଳ କର୍ମକୁ ଅଣ୍ଟାସୂତା ନାଗଯାପ ହୁଏ । —ପ୍ରବଚନ

—ଭାଗ୍ୟ ମନ୍ଦ ପଡ଼ିଲେ ଅତି ଆପଣାର ଲୋକ ଶତ୍ରୁ ପାଲଟନ୍ତି ।

୩୧୯ । ଅବଳା ଯତ୍ର ପ୍ରବଳା । —ସଂ ଶ୍ଳୋକାଂଶ

—ଯେଉଁ ଘରେ ମାଇପେ ମାମଲତକାର ହୁଅନ୍ତି, ସେ ଘର ନଷ୍ଟ ହୁଏ ।

୩୨୦ । ଅବଧାନକୁ କୁଣ୍ଡା ଦେଇ ପାଠ ପଢ଼େଇବା । —ନ୍ୟାୟ

—ପଇସା ପାଇଥିଲେ ଅବଧାନେ ପୁଅକୁ ମନ ଦେଇ ପାଠ ପଢ଼ାଇଥାନ୍ତେ । କୁଣ୍ଡାପରି ତୁଚ୍ଛ ପଦାର୍ଥ ମାତ୍ର ଦେଇଥିବାରୁ ଶିଲ୍ ବାଜୁଙ୍ଗା ହୋଇଗଲା । ବ୍ୟଙ୍ଗ ।

୩୨୧ । ଅବଳା ବଳା, ଘରେ ଭାତ ନାହିଁ ଦାଣ୍ଡକୁ ପଳା । —ଢଗ

—ଘରେ ଯେତେବେଳେ ଅନ୍ନର ଅଭାବ ଘଟେ, ସ୍ତ୍ରୀ ଓ ପିଲାମାନେ ସଦାକୁ ବାହାର ପଡ଼ନ୍ତି, ଯେ ଯାହାର ପେଟ ପୋଷିବା ପାଇଁ ।

୩୨୨ । ଅବଳୀ ଗୋଡ଼କୁ ବଳା ଗଲ, ବଳା ବୋଇଲ ମୋ
ପ୍ରାଣ (ଜୀବନ) ଗଲ । —ଛଗ

— ଅଳଙ୍କାର ପିନ୍ଧ ନଥିବା ସ୍ତ୍ରୀର ଦେଖେଇ ହେବା ଚେଷ୍ଟାରେ ଅଳଙ୍କାରର ଅବସ୍ଥା ଶେଷ ହୁଏ । ଅବଳୀ — ଯେ ଜୀବନରେ ବଳା ପିନ୍ଧ ନାହିଁ ।

୩୨୩ । ଅବସ୍ଥା ବୁଝି ବ୍ୟବସ୍ଥା କରିବା । —ଲୋକୋକ୍ତି
— ପରିସ୍ଥିତିକୁ ଦେଖି ପ୍ରତିକାର କରିବା ।

୩୨୪ । ଅବାଣି କାଟଇ ଝୋଟ, ଠାଏ ସରୁ ଠାଏ ମୋଟ ।
—ଛଟା

— ଅନିପୁଣତା ପ୍ରତି ବ୍ୟାଙ୍ଗ । ଅବାଣି — ଝୋଟରୁ ଟାକୁଆରେ ଯେ ବାଣି (ଢୀଡ) କାଟି ଜାଣେ ନାହିଁ ।

୩୨୫ । ଅବିବେକୀ ରଜାଠାରେ ବୁଦ୍ଧିର ଇଚ୍ଛା
ମାଟି ଘୋଡ଼ା ଚଢ଼ି ଯୋଜନ ଯିବାର ବାଞ୍ଛା । —ଛଗ

— ମାଟିଘୋଡ଼ା ଜଡ଼, ତା ଉପରେ ଚଢ଼ି ଗତିକରିବା ମୂର୍ଖତା । ସେହିପରି ବିବେକ ବୁଦ୍ଧିହୀନ ରଜାଙ୍କ ଦ୍ୱାରା କୌଣସି ଆଶା-ପୂରଣ ଚିନ୍ତା ବୃଥା ।

୩୨୬ । ଅବିବେକୀରେ ବିବେକୀ ଚିହ୍ନି ଜଣେ ଗୋଟିଏ ନାହିଁ
ଯେତେକ ଅଛନ୍ତି ବିବେକୀ ଚୂଡ଼ାକୁଟା ଯେ ସେହି
ଚୂଡ଼ାକୁଟା ପରି ଦିଶନ୍ତି ଚୂଡ଼ା କୁଟନ୍ତି ନାହିଁ
ଭଲ ଲୋକ ପରି ଦିଶନ୍ତି ଭଲ ନୁହନ୍ତି କେହି । —ଛଗ

— ଗାଆଁ ଲୋକଙ୍କର ଏକ ସମାଲୋଚନା । ପ୍ରକୃତ ବିବେକୀ ଦୁର୍ଲଭ । ଲୋକଙ୍କର ମୁହଁରେ ଗୋଟାଏ କଥା, ମନରେ ଅନ୍ୟ ପ୍ରକାର

ଚନ୍ଦ୍ର । ତେଣୁ ବେଶଭୂଷଣ ପିନ୍ଧି ଭଦ୍ରଲୋକ ପରି ଦିଶିଲେ ବି ଭଦ୍ର ନୁହନ୍ତି । ବିଷକୁମ୍ଭ ପ୍ରୟୋମୁଖ ।

୩୨୭ । ଅଷାଢ଼ୀଂ ଶୂକରସ୍ୟ ମାଂସଂ —ନାଁ ଦିଅ

—ଛତ୍ରୁ ।

୩୨୮ । ଅବୁଝାମଣା ରଜାକୁ ଫାଲବଣ୍ଡା ମନ୍ତ୍ରୀ ।
—ରୂଢ଼ି ପ୍ରୟୋଗ

—ରଜା ଅବିବେକୀ, ତାଙ୍କ ମନ୍ତ୍ରୀ ବୁଦ୍ଧିମାନ୍ ବୋଲି ଖ୍ୟାତ । କାଳେ ମୁଣ୍ଡରୁ ଫାଟିବାରେ ବୁଦ୍ଧି ବାହାରିପଡ଼ିବ ସେଥିଲାଗି ସେ ବେଶୀ କଥା କହନ୍ତି ନାହିଁ । ମୁହଁରେ ଗୋଟାଏ ଫାଲବଣ୍ଡା ମାଡ଼ିଥାନ୍ତି । ଯେଉଁ ଦେଶରେ ସୁବିଚାର ମିଳେ ନାହିଁ, ସେଠି ଅବୁଝାମଣା ରଜା ଓ ଫାଲବଣ୍ଡା ମନ୍ତ୍ରୀ ଦୃଷ୍ଟାନ୍ତ ଦିଆଯାଏ ।

ରଜା ଯେପରି ମୂର୍ଖ, ମନ୍ତ୍ରୀ ମଧ୍ୟ ସେହିପରି ।

୩୨୯ । ଅବେଳରେ ଆଜି ବାଜିଲା ଶଙ୍ଖ
ମାଛ ନ ପାଇଣ ମନ୍ଥିଲି ପଙ୍କ
କପାଳ ମୋହର ପୋଡ଼ା
କାଏ ନେଇ ଖାଉଛି ଘିଅ ଶାକର
ମୋତେ ମିଳୁନାହିଁ ଖଡ଼ା । —ଛଟା

—ନିଜର ଦୁରବସ୍ଥାରେ ଅନୁଶୋଚନା । ନାନା ଦୁଃଖ ଭୋଗରେ ଦୁଃଖୀର କ୍ଷୋଭ । ସୁଖ ଖୋଜିବାକୁ ଯାଇ ବିଫଳ ହୋଇ ସେ ଭାଗ୍ୟ ମୁଣ୍ଡରେ ଦୋଷ ଢାଳି ଦେଇଅଛି ।

୩୩୦ । ଅବୋଲକରା ଭଣ୍ଡାରୀକି ପଞ୍ଚ ଭଙ୍ଗା ସାଆନ୍ତ । —ଢଗ

—ଭଣ୍ଡାରୀ ଯେପରି ଗାଲୁଆ, ସାଆନ୍ତ ସେହିପରି ରାଗୀ ।

୩୩୧ ।      ଅବ୍ୟବସ୍ଥିତଚିତ୍ତସ୍ୟ ପ୍ରସାଦୋପି ଭୟଙ୍କରଃ
—ସଂ. ଶ୍ଳୋକାଂଶ

—ଯାହାର ମୁଣ୍ଡ ଠିକ୍ ନାହିଁ, ଘଡ଼ିକ ଘଡ଼ି ବିଚାର ବଦଳାଏ, ତାର ଅନୁଗ୍ରହ ମଧ୍ୟ ଭୟଙ୍କର । ଅର୍ଥାତ୍ ତା ପାଲରେ ପଡ଼ିଲେ ରକ୍ଷା ନାହିଁ । ତାର କରୁଣା ଲାଗି ଚେଷ୍ଟା କଲେ ବିପରୀତ ଫଳ ଲାଭ ହୁଏ ।

୩୩୨ ।      ଅବ୍ୟାପାରେଷୁ ବ୍ୟାପାରଂ      —ସଂ. ଶ୍ଳୋକାଂଶ

—ଯାହାର ଯେଉଁ କାର୍ଯ୍ୟ ନୁହେଁ, ସେଥିରେ ହାତ ଦେଲେ ସେ ବିଫଳ ହୁଏ କିମ୍ବା ଅସୁବିଧାରେ ପଡ଼େ ।

ପୂର୍ଣ୍ଣ ଶ୍ଳୋକ (ଅବ୍ୟାପାରେଷୁ ବ୍ୟାପାରଂ ଯୋ ନରଃ କର୍ତ୍ତୁମିଚ୍ଛତି, ସ ଏବ ନିଧନଂ ଯାତି, କୀଲୋତ୍ପାଟୀବ ବାନରଃ )

୩୩୩ ।      ଅଭାଗା ଯିବ ତ ଗୃହସ୍ଥ
ସାଗର ଶୁଖାଇ ଯାଉ ।      —ଢଗ

—ହତଭାଗ୍ୟର ଦୃଷ୍ଟିପାତରେ ସମୁଦ୍ର ଶୁଖିଯାଏ, ଅର୍ଥାତ୍ ସମୁଦ୍ରର ବିରାଟ ଭଣ୍ଡାର ମଧ୍ୟ ତାକୁ ନିରାଶ କରେ । କୌଣସି ଆଡ଼େ ତାର ଆଶା ପୂର୍ଣ୍ଣ ହୁଏ ନାହିଁ ।

୩୩୪ ।      ଅଭାଗ୍ୟ କାଳେ ବିପରୀତ ବାଣୀ
ଗୁଳରୁ ମୁଷା ପଡ଼ି ମାରିଲେ କହୁଣି ।  —ଢଗ

—ବ୍ୟଙ୍ଗାତ୍ମକ । ଭାଗ୍ୟ ଖରାପ ପଡ଼ିଲେ ଅତି ଦୁର୍ବଳ, ଅସମର୍ଥ ମଧ୍ୟ ଆଘାତ କରଥାନ୍ତି ।

୩୩୫ । ଅଭାଗ୍ୟ କାଳକୁ, ଭଞ୍ଜ ପଳାଇଲେ କେରାଣ୍ଡି ମାଳକୁ । —ଢଗ

—କେଉଣ୍ଡିମାଳ—ବ୍ରହ୍ମପୁର ନିକଟବର୍ତ୍ତୀ ପର୍ବତମାଳ । ଘୁମୁସରରେ ବିଦ୍ରୋହ ହେବାରୁ ଉପେନ୍ଦ୍ର ଭଞ୍ଜ ଆତ୍ମରକ୍ଷାର୍ଥେ ଏହି ପର୍ବତମାଳାରେ ଆଶ୍ରୟ ନେଇଥିଲେ । ଦୁର୍ଭାଗ୍ୟ ପଡ଼ିଲେ ଲୋକେ ନିରାପତ୍ତା ଲାଗି ସ୍ଥାନାନ୍ତରକୁ ଗମନ କଲେ ଏଇ ଢ଼ଗ ପ୍ରଯୁକ୍ତ ହୁଏ ।

୩୩୬ । ଅଭାଗ୍ୟକୁ ଏପରି ଘଟେ
ଖାଣ୍ଟି ସୁନା ପିତ୍ତଳ ପାଲଟେ । —ଢଗ

—ଭାଗ୍ୟ ଖରାପ ପଡ଼ିଥିବାବେଳେ ପାଖରେ ଥିବା ଖାଣ୍ଟି ସୁନାକୁ ବିକିଲାବେଳେ କିଣାଳି ପିତ୍ତଳ ବୋଲି କହନ୍ତି ।

୩୩୭ । ଅଭାଗ୍ୟ କାଳକୁ,
ଘେରର ପଳା (ଲେ)ଇଲେ ଭଳମାଳକୁ —ଢଗ

—ଦୁର୍ଭିକ୍ଷ ପଡ଼ିଲେ ଘେରର ଆଉ କିଏ ଖୋଜ କରିବ ? ତେଣୁ ସେ ଫସଲ ହୋଇଥିବା ସ୍ଥାନକୁ ଚାଲିଯାଏ ।

୩୩୮ । ଅଭାବ ଘାରଇ ଯୁବା ବୟସ
ଯୁବତୀ ନାସା ପଞ୍ଚ ନାହିଁ ପାଶ
ଧପାଡ଼ୀଙ୍କୁ ଯେ କରଇ ବିଶ୍ୱାସ
ପୁଷ ମାଘରେ ଯେ ରହେ ଉପାସ
ପାହାନ୍ତିଅ କୁ ଉଠେ ଦମା କାଶ
ବରଗୀ ପାଖରେ ଯେ ରହେ ଦାସ
ବଡ଼ ହରବର ଦନାଇ ଭାଷ । —ଦନାଇ ବଚନ

—ଧପାଡ଼ୀ—ଠକ ; ବରଗୀ—ମରହଟ୍ଟା ; ସେମାନେ ଅତି ନିଷ୍ଠୁର ଥିଲେ ବୋଲି ଲୋକବିଶ୍ୱାସ ପ୍ରଚଳିତ । ଦମାକାଶ—ଶ୍ୱାସ ଜନିତ ଭୟଙ୍କର କାଶ ।

୩୩୯ । ଅଭାବରେ ସ୍ୱଭାବ ନଷ୍ଟ । —ଢଗ

—ଅଭାବର ତାଡ଼ନାରେ ଲୋକ ଚେଷ୍ଟା ଉଦାସ୍ତଙ୍କ ପଳିତ ଦୁଷ୍କର୍ମ କରେ । କିନ୍ତୁ ଏହା ସବୁବେଳେ ସତ୍ୟ ନୁହେଁ । କେତେକ ଲୋକ ଖାଇବା ବିନା ମରିଯାନ୍ତି ପଛକେ ଚେଷ୍ଟା କରନ୍ତି ନାହିଁ ।

୩୪୦ । ଅକ୍ରୋଧେ କ୍ରୁନ୍ଦନଂ ଶ୍ରେୟଃ । —ସଂ. ଶ୍ଳୋକାଂଶ

—ଦୁଃଖ ଦୂର କରିବାର ଅଧମ ଚେଷ୍ଟା, ତଥାପି ଦୁଃଖ କରିବା ଲାଗି କୌଣସି ଉପାୟ ନ ମିଳୁଥିବାବେଳେ ଏହା ଶ୍ରେୟସ୍କର ।

୩୪୧ । ଅଭିଆଡ଼ୀ, ଅମଙ୍ଗୁଳୀ, ନାହିଁ ନାହିଁ ଲୁଣ୍ଡୀ, ଅପାଳକ ମୁଣ୍ଡୀ, ଖଇରୁଣ୍ଡା ଖୁଣ୍ଟୀ, ଦାନ୍ତକଲୁଟୀ, ଲେଞ୍ଜବର ମୁଗୀ, ଏସାତଙ୍କ ନାଆଁ ଧରନ୍ତେ, ଆଜ ରାତ ସୁଫଳେ ପାଆନ୍ତି । —ଛଟା

—ବ୍ରହ୍ମାଙ୍କର ଏଇ ସାତୋଟି ଝିଅ । ସେମାନଙ୍କ ନାମ ଧରି ଶୋଇଲେ ରାତିରେ କୌଣସି ବିପଦ ଘଟେ ନାହିଁ ବୋଲି ଲୋକବିଶ୍ୱାସ ପ୍ରଚଳିତ ।

୩୪୨ । ଅଭିଆଡ଼ୀ ସୂତା କାଟିଲେ ରାଣ୍ଡେ,
ଅଭିଆଣ କଥା ଦେଖି ଲୋ ଦାଣ୍ଡେ । —ଛଟା

- ଅସାଡ଼ୁଆ ସୂତା (ମଙ୍ଗଳସୂତ୍ର) ଅଦ୍ୟ ସ୍ତ୍ରୀ କାଟିବା ବିଧି । ବିଧବାମାନେ ସେ ସୂତା କାଟିବା ଅବିଧି —ବ୍ୟଙ୍ଗାତ୍ମକ ।

୩୪୩ । ଅଭିଆଣରେ ଭିଆଣ
ନା ଗୋଦର ଗୋଡ଼ରେ ପିନ୍ଧାଣ । —ଢଗ

—ଗୋଦର ଗୋଡ଼ ଉପରେ ଗୋଟାଏ ଚେଲୁଣି ଘୋଡ଼ାଇବା ଏକ ଅଜବ କଥା । ସେହିପରି ସବୁ ଅଜବ ବା ଅସମ୍ଭବ କଥା ।

୩୪୪ । ଅଭିଲିଭିଲି, ଅଭିଲି ବେଇଛୁ ମାଙ୍କଡ଼ (ବିରାଡ଼ି) ପିଲି ।
—ଛଟା

—ଅଭିଳ—ନିଲଜ୍ଜ । —ବ୍ୟଙ୍ଗ

୩୪୫ । ଅଭେ (ଅଭସ୍ଥ) ବର ନେଇ ମତେ,
ଘଣ୍ଟ ଯୋଗେଡ଼ି ରଖିବ ତତେ । —ଢଗ

–ନିରାଶ୍ରୟ ବ୍ୟକ୍ତି ଅନ୍ୟ ବ୍ୟକ୍ତି ନିକଟରେ ଅନୁଗ୍ରହପ୍ରାର୍ଥୀ ହୋଇ ଭବିଷ୍ୟତରେ ପ୍ରତ୍ୟୁପକାର କରିବାର ଆଶା ଦେଖାଇବା ସ୍ଥଳରେ ବ୍ୟଙ୍ଗ ।

୩୪୬ । ଅମଡ଼ା ଗାଈ ଧରଷ
ମା' ହୋଇଛୁ ନା ବାପ ହୋଇଛୁ
ଜାଣିବ ଦେହ ପରସ । —ଢଗ

–ବାପା ମାଆଙ୍କ ଛଡ଼ା ପେଟବ୍ୟଥା, ଦେହର ପୀଡ଼ା କେହି ବୁଝି ପାରନ୍ତି ନାହିଁ । ଧରଷ – ଅମାନିଆ ପଣ ।

୩୪୭ । ଅମନି ମାଇପ ମନ କରିଛୁ
ମନର ମାଇପ ଶେଯ ପାରିଛୁ
ବେଶି ମାଇପର ପାଳ
ପୋଇଲି ମାଇପ ବନ୍ଧାପନା ଦନ
ଘଇତା ବସିଛୁ ଖାଳ । —ଢଗ

–ବହୁ ସ୍ତ୍ରୀ ବିବାହ କରିଥିବା ଲୋକ ବିଶେଷ ହଟାହଟା ହୁଏ । ସେଥିପ୍ରତି ଏ ଢଗରେ ବ୍ୟଙ୍ଗ କରାଯାଇଛି ।

୩୪୮ । ଅମନି ମାଇପ ମନ କଲା, ଜଟିଆ ବାବାଜୀ ସାଙ୍ଗରେ
ଗଲା । —ଛଟା ।

–ବାବାଜୀଙ୍କ ଶିଖାଣରେ ପଳାଇ ଯାଇଥିବା ସ୍ତ୍ରୀ ଲୋକ ପ୍ରତି ବ୍ୟଙ୍ଗ । ବାବାଜୀମାନେ ନାରୀହରଣ କରି ନେଉଥିବା ଘଟଣା ଏଥିରେ ସୂଚିତ ।

୩୪୯ । ଅମଞ୍ଜି ମଞ୍ଜା, ସୁନାର ଗଞ୍ଜା
ନେଲେ ପଣବାଣ
ଯେଉଁ ପଣବାର ପତର ନାହିଁ
ସେ ପଣବାକୁ ତରକାଣ । — ନାଁ ଦିଆ

— ଛଡ଼ୁ ।

୩୫୦ । ଅମଞ୍ଜି ମଞ୍ଜା
ମଞ୍ଜି ନାହିଁ ତାର ଭୁଇଁରୁ ଗଜା । — ନାଁଦିଆ

— ଛଡ଼ୁ ।

୩୫୧ । ଅମର ଘୋଣ୍ଡ, ତାଡ଼ିବ ତା ପୁ ରୁଣା ଗୋଇ ।
— ଛଟା।

— ବିପକ୍ଷର ଯେତେ ପାପ, ମିଥ୍ୟାଚାର ବା ଗଲ୍‌ତି ଖୋଲି କହି ଦେବ ବୋଲି ଧମକ ଦେଖାଇବା ।

୩୫୨ । ଅମର ଜୁମର ନଟଠଇ ଘୋଷ
ଆଜ ସବୁ ପାଠ ସ୍କୁଲରେ ଖୋସ । — ପ୍ରବଚନ

— ଅମର – ଅମରକୋଷ, ଜୁମର – ଜୁମର ବ୍ୟାକରଣ । ଏହି ଦୁଇଟି ପୁସ୍ତକ ପୂର୍ବକାଳରେ ପାଠର ପ୍ରଧାନ ଅଙ୍ଗ ଥିଲ ।

୩୫୩ । ଅମାନିଆଁ ପୁଅ କଣରେ ପଶେ
ମାନିଆଁ ପୁଅ କୋଳରେ ପଶେ । — ଢଗ

— ଅମାନିଆଁ ପୁଅ ଲୁଚେ । ମାନିଆଁ ପୁଅକୁ ବାପ ସ୍ନେହରେ କୋଳରେ ବସାନ୍ତି ।

୩୫୫ । ଅମିନ ଅଇଲେ ହଜାର
ରହିଲେ ମଟି ଖଞ୍ଜାର
ଖାଇଲେ ବଡ଼ ମଜାର
ବୁଲିଲେ ଯାଇ ବଜାର
ପାଳ ପକାଇଲେ ସୁଜାର
ଶେଷ ବେଳକୁ କହିଗଲେ
ଯେଝା ଜମି ସେଝାର । —ଛିଟା

— ବନ୍ଦୋବସ୍ତ ସମ୍ପର୍କରେ ଉକ୍ତିଟ ଛିଟା । ବନ୍ଦୋବସ୍ତରେ ପାଳ ଅନୁସାରେ ଗାଆଁର ଲୋକେ ଅମିନଙ୍କ ଲୁହା ଚେନ ଧରନ୍ତି, ସେ ଲୁହା ଚେନ ଧରିବା କଥା ପୂର୍ବ ରାତ୍ରିଦିନ ତା ଘରକୁ ଅମିନ ଗୋଟିଏ ସୁଜା ପଠାଇ ଦିଅନ୍ତି । କିନ୍ତୁ ଅମିନ ସେଥିଲାଗି ସ୍ୱତନ୍ତ୍ର ଅନୁଗ୍ରହ ପ୍ରକାଶ କରନ୍ତି ନାହିଁ । ବନ୍ଦୋବସ୍ତ ଅମିନଙ୍କ ପ୍ରତି ବ୍ୟଙ୍ଗ ।

ଯେଝାର—ଯେ ଯାହାର; ସୁଜା—ଲୁହା କଳା ।

୩୫୬ । ଅମୁକ ଦାସଙ୍କ ଘୋଡ଼ା, ସେଥିକି ତିନିଜଣ ଲୋଡ଼ା;
ଜଣେ ଚଢ଼ା, ଜଣେ ଓଢ଼ା (ଅଢ଼ା) ଆଉ ଜଣେ ବାଟକଢ଼ା ।

—ଘୋଡ଼ା ଚଢ଼ି ନ ଜାଣିଥିବା ବ୍ୟକ୍ତିପ୍ରତି ବ୍ୟଙ୍ଗ ।

ଅଢ଼ା—ଯେ ଅଢ଼ାଏ, ବାଟକଢ଼ା—ଯେ ବାଟ ଦେଖାଏ ।

୩୫୭ । ଅମୁହାଁ ବେଦନାର ମୁହଁ ନାହିଁ
ଉଆଁସ ରାତିର ଜହ୍ନ ନାହିଁ । —ଢଗ

—ଅନେକ ସମୟରେ ଦୁଃଖର ମୂଳ କିଏ ଗଣ୍ଡି କିଏ ସ୍ଥିରକର ହୁଏ ନାହିଁ, ତାର ପ୍ରତିକାରର ବାଟ ମିଳେ ନାହିଁ, ଯେପରି ଉଆଁସ ରାତିରେ ଜହ୍ନ ଉଦୟ କରିବା କଷ୍ଟକର ।

୩୫୭ । ଅମୋଘା ଦକ୍ଷିଣା ବିଦ୍ୟୁତ୍
ଅମୋଘା ପୂର୍ବବାୟୁର୍ବୈ
ଅମୋଘା ପଶ୍ଚିମା ମେଘାଃ
ଅମୋଘୋତ୍ତରଗର୍ଜନଂ । —ସଂ. ଶ୍ଳୋକ

—ଦକ୍ଷିଣ ଦିଗରୁ ବିଜୁଳି ମାଇଲେ, ପୂର୍ବରୁ ପବନ ବହିଲେ, ପଶ୍ଚିମଅ‌ଞ୍ଚଳରୁ ମେଘ ଆସିଲେ, ଉତ୍ତର ଦିଗରେ ମେଘ ଗର୍ଜିଲେ ବର୍ଷା ଅବଶ୍ୟ ହୁଏ ।

୩୫୮ । ଅମୃତ ବିନସ୍ତୁ ବଚନ
କହି ତୋଷିବ ପ୍ରାଣୀ ମନ । —କବି ବଚନ

—ଜଗନ୍ନାଥ ଦାସଙ୍କ ପଦ ।

୩୫୯ । ଅମୃତ ଭଣ୍ଡାର ହସ ବଦନ
ଲୁଚୁଥିଲେ ମନ ଜାଣି ପାଉଥିବ
ନୋହିବ ପୃଥ୍ୱୀରେ ସେତେ ରତନ । —ଛାନ୍ଦ

—ଅମୃତଭଣ୍ଡା ଫଳର ମହତ୍ତ୍ୱ କୀର୍ତ୍ତନ ।

୩୬୦ । ଅମୃତ ହାଣ୍ଡିକେ ବିଷ କଣିକାଏ । —ଲୋକୋକ୍ତି

—କଣିକାଏ ବିଷ ହାଣ୍ଡିଏ ଅମୃତ ବିଷାକ୍ତ କରିଦିଏ ।

୩୬୧ । ଅମୃତଂ ବାଲଭାଷିତଂ । —ସଂ-ବଚନ

—ଶିଶୁଙ୍କ ଦିବେଳି ସୁମଧୁର ।

୩୬୨ । ଅଯୋଗ ଯୋଗ
କୁଣ୍ଡାଖାଇକି ନୃପତି ଭୋଗ । —ଢଗ

—ଦରିଦ୍ରା, ଗୁଣହୀନା ସ୍ତ୍ରୀ ସତ୍‌ ପାଖରେ ବଖାହେଲେ ଲୋକେ ସେହି ସ୍ତ୍ରୀକୁ ଏପରି ଟାହୁଲି କରିଥାନ୍ତି । ସୌଭାଗ୍ୟ ପଡ଼ିଲେ ଏପରି ଯୋଗ ଘଟେ, କିନ୍ତୁ ସେଇ ସ୍ତ୍ରୀ ଏହି ସୌଭାଗ୍ୟକୁ ସୁଦୃଷ୍ଟିରେ ନ ଦେଖିଲେ ଲୋକେ ତାକୁ ଉପହାସ କରିଥାନ୍ତି ।

୩୭୩ । ଅରଖ ପତର ଦୁଦୁରା ପତର
ଆମେ ହୋଇଥିଲୁ ଘର ବତର
ଅଜା ଆଈର ଜନମ ନାହିଁ
ବାପ ମାଆ ଥିଲେ ପେଟରେ
ଆମେ ଖେଳୁଥିଲୁ ବାଟରେ । —ନାଁ ଦିଅ

—ମହୁଲି

୩୭୪ । ଅରଜନ ନାହିଁ ପଣେ, ଅବସର ନାହିଁ ଗୁଣେ । —ଢଗ

—ପଇସାଟିଏ ରୋଜଗାର କରି ପାରେନାହିଁ, ଅଥଚ ଦିନସାରା କାର୍ଯ୍ୟବ୍ୟସ୍ତ ।

୩୭୫ । ଅରଜ ଛିଞ୍ଚି କୃପଣ ମରେ
ଗୁଡ଼ ମାଠିଆ ମାଲୁଆ ମାରେ । —ଢଗ

—ମାଲୁଆ—ମାଲ, ବନ୍ଧୁଆ । ଛିଞ୍ଚି ଛିଞ୍ଚି କୃପଣର ଜୀବନ ଯାଏ । କଥା ଅଛି—'ଜୋରଯ ର ମୂଳକ ଚାର ।' କୃପଣର ଧନସମ୍ପତ୍ତି ବନ୍ଧୁଆ ହାତରେ ପଡ଼େ ଓ ସେ ତା ଭୋଗ କରେ ।

୩୭୬ । ଅରଜିଲା ଧନ ପରକୁ ଦେଇ
ଗରଜ ମରୁଛୁ ଯାହା
ଦରଜ ନ ମେଣ୍ଟି ହଇରାଣ ହେଲୁ
ଦରଜ ହେଲାଣି ବାହା । —ଢଗ

—ପରକୁ ଉଧାର ଦେଲେ ଧନ ଯଥା ସମୟରେ ମିଳେ ନାହିଁ, ଗରଜ ମେଣ୍ଟେ ନାହିଁ, ହଇରାଣରେ ପଡ଼ିବାକୁ ହୁଏ ।

୩୬୭ । ଅରଜ ନ ପାରେ ମୁଣ୍ଡ ଭଲ ଲୋଡ଼ୁ (ଖୋଜୁ) ଥାଏ ଭୁଣ୍ଡ
(ଗରଜ ପାରେ ତୁଣ୍ଡ) । —ଛଟା

—ବେଶୀ ଅର୍ଜନ ନ କରି ଭଲ ଖାଇବାକୁ ଲୋଡ଼ୁଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୩୬୮ । ଅରଜେ ଜଣେ, ଖାଆନ୍ତି ପଣେ
ତା ଘରଟି ଡୁବଇ ଦିନେ । —ଢଗ

—ଜଣେ ରୋଜଗାରି ଓ ସମସ୍ତେ ଅକର୍ମା ରହିଲେ ଘରର ସର୍ବନାଶ ହୁଏ ।

୩୬୯ । ଅରଟ କପାଖାଇ ଗୁଡ଼ ନାହିଁ ଟି,
ଘଇତା ଦେ (ଦ)ବାର ଥପ୍ପ ନାହିଁ ଟି । —ଢଗ

—ଆଗେ ଅରଟରେ ସୂତା କାଟି ବହୁ ନିଆଶ୍ରୀ ବିଧବା ଚଳୁଥିଲେ । ଏ ଢଗରେ ସେମାନଙ୍କୁ ବ୍ୟଙ୍ଗ କରାଯାଇଛି ।

୩୭୦ । ଅରଡ଼ ଚଢ଼େଇ ବରଡ଼ ପକ୍ଷୀ
କେଉଁ ଚଢ଼େଇର ତିନଟା ଆଖି ? —ନାଁ ଦିଆ

—ନଡ଼ିଆ ।

୩୭୧ । ଅରଡ଼ ଚଢ଼େଇ ବରଡ଼ ପକ୍ଷୀ
କେଉଁ ଚଢ଼େଇର ଷାଠିଏ (କାହାଣେ) ଆଖି ?
—ନାଁ ଦିଆ

—ଝୁଲୁଣି ।

୩୭୨ । ଅରଣ୍ୟ କଣ୍ଟା ଦଇବେ ଗୋଜା । —ଢଗ

—ଜଙ୍ଗଲର କଣ୍ଟାକୁ ମୁନିଆ କରିବାକୁ ପଡ଼େ ନାହିଁ । ସେ ସ୍ୱଭାବତଃ ମୁନିଆଁ । ସେହିପରି ଘରୁଆ ଓ ଦାଣ୍ଡୁଆଙ୍କ ପିଲା ଓଳଆରୁ ପଡ଼ ଗଜା । ସେମାନଙ୍କୁ ବୁଦ୍ଧି ଶିଖାଇବାକୁ ହୁଏ ନାହିଁ ।

Organisations Working Public
Libraries/MSS. Libraries in the Year

୩୭୩ । ଅରଡ ଭିତରୁ ଭରଡ ବାହାରିଲା
ପାଣିରୁ ବାହାରିଲା ଘିଅ
ନିଆଁରୁ ବାହାରିଲା କାଠ ଗୁରିଖଣ୍ଡ
ଏହାର ଅର୍ଥ କୁହ । —ନଁ । ଢଆ

—ଦହି, ଛେନା ।

୩୭୪ । ଅରସଲକେ ଅରସଲୀ
ଦଇବ ଦେଇଛି ଭେଟ କରି । —ଢଗ (ସମ୍ବଲପୁରୀ)

ସ୍ତ୍ରୀ ପୁରୁଷ ଉଭୟଙ୍କ ଅଯୋଗ୍ୟତାକୁ ଉପଲକ୍ଷ୍ୟ କରି ବ୍ୟଙ୍ଗ । ସେହିପରି 'କଣାକୁ କାଣୀ, ଭଲ ଭିଆଇଛି ଚକର ପାଣି ।'

ଅରସଲ—ଅରସିକ ।

୩୭୫ । ଅରସିକେଷୁ ରସସ୍ୟ ନିବେଦନଂ । —ସଂ. ଶ୍ଳୋକାଂଶ
ପୂର୍ଣ୍ଣ ଶ୍ଳୋକ—

ଇତରତାପଶତାନି ଯଥେଚ୍ଛୟା
ବିଲିଖିତାନି ସହେ ଚତୁରାନନ,
ଅରସିକେଷୁ ରସସ୍ୟ ନିବେଦନଂ
ଶିରସି ମା ଲିଖ ମା ଲିଖ ମା ଲିଖ ।

ଅର୍ଥ—ହେ ସୃଷ୍ଟିକର୍ତ୍ତା, ମୋତେ ଯେତେ ଦୁଃଖ ଦେବ ଦିଅ ପଛକେ ମୁଁ ସହିବାକୁ ପ୍ରସ୍ତୁତ, କିନ୍ତୁ ଅରସିକଠାରେ ରସର ନିବେଦନ କରିବା ଦୁଃଖ ମୋ କପାଳରେ ଲେଖ ନାହିଁ । ଯେ ରସ ଗ୍ରହଣ କରିବାକୁ ଅସମର୍ଥ ତା ନିକଟରେ ରସୋକ୍ତି ପ୍ରକାଶ ନିଷ୍ଫଳ ହେବାରେ ଏହି ଶ୍ଳୋକାଂଶ ପ୍ରଯୁକ୍ତ ହୁଏ ।

୩୭୬ । ଅରକ୍ଷ ରକ୍ଷକ ପତିତପାବନ
ଅନ୍ଧର ରକ୍ଷକ ବାଡ଼
ଶୀତକୁ ରକ୍ଷକ ବହଳ କମ୍ବଳ
ଘରକୁ ରକ୍ଷକ ବୁଢ଼ୀ । —ଢଗ

—ଭଗବାନ ଅରକ୍ଷିତର ରକ୍ଷାକର୍ତ୍ତା । ବାଡ଼ ସାହାଯ୍ୟରେ ଅନ୍ଧ ବାଟ ଚାଲେ । କମ୍ବଳ ଯୋଗେ ଶୀତରୁ ରକ୍ଷା ମିଳେ । ସାଂସାରିକ ଜୀବନରେ ପ୍ରବୀଣା ବୃଦ୍ଧା ଯୋଗେ ଅଚଳ ଗୃହ ସଚଳ ହୁଏ ।

୩୭୭ । ଅରକ୍ଷିତକୁ ଦଇବ ସାହା । —ଢଗ

—ଯେ ଅରକ୍ଷିତ ତାର ରକ୍ଷାକାରୀ ସ୍ୱୟଂ ଭଗବାନ୍ ।

୩୭୮ । ଅରକ୍ଷିତ ମଢ଼ା
ନା ଦୁଆରେ ଦେଇଛନ୍ତି ଛେଚା । —ଢଗ

—ନିରାଶ୍ରୟ, ଦରିଦ୍ରର ଶବ ଉଠିଲାବେଳେ କର୍ପୂର ଚନ୍ଦନ ଛୁଆଁ ହେବାର ଅବାସ୍ତବତା ପ୍ରତି ବ୍ୟଙ୍ଗ ।

୩୭୯ । ଅରୁଆ ଚାଉଳ ଖିରି, ଝୁଣ୍ଟିଆ ଗଢ଼ାଇ ଦେଲି,
ଏହିବାଟେ ଗଲି ଗୋରି । —ଛଟା

—ପ୍ରେମିକର ଉତ୍‌କଣ୍ଠାଭରା ଉକ୍ତି । ଝୁଣ୍ଟିଆ—ଗୋଡ଼ ଅଙ୍ଗୁଠିରେ ଅଳଙ୍କାର ।

୩୮୦ । ସ୍ତ୍ରୀ—ଅରୁଆ ଚାଉଳ ଖିରିକି
ତୁମ ବଇଜର ନୂଆ ହେ ରେ କାଳିଆ
କେତେ ଚୂଡ଼ି ଥାଉ ନାଉଛି ?
ଲେଉଟିଆ ମୂଳେ କଂସା ମୁଁ ମାଜୁଛି
ଲେଉଟି ନ ଚାହାଁ ମତେ ରେ
ମୋର ଗୁଣମଣି ତୋଠୁଁ ସୁନ୍ଦର
ଗୋଲାମ ରଖିବ ତତେ ରେ ।
ପୁରୁଷ—ଛୁଲେ ଛୁକୁଣି ତୋ ମୁଣ୍ଡେ ଉକୁଣି
ତତେ କିଏ ମୋର ଚାହୁଁଛି ?
ମୋହର ଘରଣୀ ତୋଠୁଁ ସୁନ୍ଦର
ଶାଶୁକାଳେ ଧନ ନଉଛି । —ଢଗ

—ଅଚଷ୍ଟା କନ୍ଦ ପରସ୍ପର ପ୍ରତି ଆକୃଷ୍ଟ ଯୁବକ ଯୁବତୀଙ୍କ ମଧ୍ୟରେ ବ୍ୟାଙ୍ଗାତ୍ମକ ଉକ୍ତି ପ୍ରତ୍ୟୁକ୍ତି । ପ୍ରେମ ସଂପର୍କରେ କେହି କାହାର ଦୁର୍ବଳତା ପ୍ରକାଶ କରିବାକୁ ଅନିଚ୍ଛୁକ । ବରଂ ତାହା ଆବରଣ କରିବା ଚେଷ୍ଟାରେ ପରସ୍ପର ପ୍ରତି ନିଷ୍ଠୁର ବ୍ୟଙ୍ଗ ପ୍ରୟୋଗ କରିଥାନ୍ତି ।

୩୮୧ । ଅଡୁଆ ବାଳକୁ ଖଣ୍ଡିଆ (ଦନ୍ତୁରା) ପାନିଆ<br>
ଯୁଆଁକୁ ଦେଖି ନ ହୋ ଗ୍ଲାନିଆ । —ଢଗ

—ଅଡୁଆ ବାଳକୁ ଖଣ୍ଡିଆ ପାନିଆ ସଜାଡ଼ି ପାରେନାହିଁ । ସେହିପରି ବିଶୃଙ୍ଖଳ ଗୃହକୁ ଅଯୋଗ୍ୟ ବ୍ୟକ୍ତି ବାଗକୁ ଆଣିପାରେ ନାହିଁ ।

୩୮୨ । ଅରୁଚି ଧଇଲେ ଅମୃତ ପିତା<br>
ଜୋଇଁ ନ ମିଳିଲେ ପିତା ଦୁହିତା<br>
ବୃଦ୍ଧକୁ ତରୁଣୀ ଅଟଇ ପିତା<br>
ଭୁଣ୍ଡ ଘାଆକୁ ଯେ ପିତା ଗଇତା<br>
ସହଜେ ପିତା ଯେ କୁଆଁମଇତା<br>
ଦରିଦ୍ରକୁ ପିତା ଧନସାଇତା । —ଦନାଇ ବଚନ

—ଅରୁଚି ହେଲେ ସୁସ୍ୱାଦୁ ଦ୍ରବ୍ୟ ରୁଚେ ନାହିଁ । ବିଭା ହେବାକୁ ଖୋଜି ଖୋଜି ଜୋଇଁ ନ ମିଳିଲେ ଝିଅକୁ ଚାହିଁଲେ ବିରକ୍ତି ଆସେ । ଭୁଣ୍ଡ ଘା ହୋଇଥିବା ବେଳେ ଗଗୁଆ ଗଇ ଖାଇଲେ ପୋଡ଼େ । ଧନସାଇତା—ଧନସଞ୍ଚୟ । କୁଆଁମଇତା—ଏକ ପ୍ରକାର ବନ୍ୟ ଲତାର ଫଳ, ପିତା ଲାଗେ । ଭୁଣ୍ଡ ଘା—ଶୀତଦିନେ ହୁଏ, ଘୋଳଦହି ଖାଇଲେ ଭଲ ହୋଇଯାଏ ।

୩୮୩ । ଅରୁପପାକରେ ସ୍ୱରୂପ ମିଠା<br>
ମନୁଷ ମିଠା ଗୋଷ<br>
ଦେବତାପାକରେ କାକୁଆ ମିଠା<br>
ସବୁରି ମିଠା କୋଷ । —ଢଗ

—ଅନୁରାଗ ଧାରଣାରେ ଅଜ୍ଞାନ, ରୂପ ଚକ୍ଷୁର ରୋଚକ, ଦେବତାମାନଙ୍କ ମଧ୍ୟରେ ରାମଚନ୍ଦ୍ର ଓ କୃଷ୍ଣଙ୍କର ବର୍ଣ୍ଣ କଳା ହେଲେ ମଧ୍ୟ ଚିତ୍ତାକର୍ଷକ, ପଦବୀ ମଣିଷଙ୍କ ମଧ୍ୟରେ ଗୌରବର୍ଣ୍ଣର ଆଦର ଅଧିକ ।

୩୮୪ । ଅଳକା ପାଟି, ପିନ୍ଧି ଥୋପି ଥୋପି ବନ୍ଧା ପଡ଼ୁଛି
(ଓଢ଼ଣା ଭିତରେ ଦିଶୁଛି ଫୁଟି, ଲୁଗା କାଢ଼ି ଦେଲେ
ଦିଶେ ଚହ୍ନଟି) । —ଛଟା

—ଯୁବତୀର ବେଶଭୂଷଣ ପ୍ରତି ବ୍ୟଙ୍ଗ ।

୩୮୫ । ଅଳଙ୍କାର ପିନ୍ଧିଥିଲେ ଓଢ଼େଇ ଚାଲ
ପୁଅ ବେଇଥିଲେ ଘୋଡ଼େଇ ଚାଲ । —ଢ଼ଗ

—ଓଢ଼େଇ—ଦେଖେଇ, ଘୋଡ଼େଇ—ଲୁଚେଇ । ଅନ୍ୟମାନଙ୍କୁ ଦେଖେଇବା ଅଳଙ୍କାର ପିନ୍ଧିବାର ଉଦ୍ଦେଶ୍ୟ । ତେଣୁ ଘୋଡ଼େଇ ଚାଲିବାରେ ଅଳଙ୍କାର ପିନ୍ଧିବାର ଅସାର୍ଥକତା । ସ୍ତ୍ରୀ ପକ୍ଷରେ ପୁଅର ମାଆ ହେବା ଗର୍ବର ବିଷୟ ହେଲେ ବି ତାକୁ ଦେଖେଇ ଚାଲିଲେ ଲୋକେ ତାକୁ ଗର୍ବିଣୀ ବୋଲି କହିବାର ସମ୍ଭାବନା ଥାଏ ।

୩୮୬ । ଅଳଙ୍କାର ମଇଧେ ନାକକାଠି ଥାନେ । —ଛଟା

—ବାପଘରୁ ଅତି ସାମାନ୍ୟ ଅଳଙ୍କାର ପିନ୍ଧି ଆସିଥିବା ନୂଆ-ବୋହୂ ପ୍ରତି ସାଇପଡ଼ିଶାଙ୍କ ବ୍ୟଙ୍ଗ । ମଇଧେ—ମଧ୍ୟରେ । ଥାନେ—ଗୋଟିଏ ଅଳଙ୍କାରକୁ ଥାନେ ଅଳଙ୍କାର କହନ୍ତି ।

୩୮୭ । ଅଳପଆୟୁ ବହୁତବ୍ୟୟୀ
ଘୋଟ ପଣତ ପରଏ ନେଇ । —ଢଗ

—କଥା ଅଚ୍ଛି - ଲମ୍ବ ପଣତ ସବୁ ଆଡ଼କୁ ଯାଏ । ଓ୍ଵେଷ୍ଟ ପଣତ ଏଣୁ ଭାଡ଼ଲେ ତେତିକ ଅସ୍ତ୍ରନ ହଁ । ତେଣୁ ଲୁଡଲେ ଏଣିକ ଅଣ୍ଟେ ନାହିଁ । ଯେ ଅଳ୍ପ ଆୟ କରି ବହୁତ ଖର୍ଚ୍ଚ କରେ ତା ଅବସ୍ଥା ସେଇଆ ହୁଏ । ସେ ନିଜର ମର୍ଯ୍ୟାଦା ରଖି ପାରେନାହିଁ ।

୩୮୮ । ଅଳ୍ପନ ନେଟେତ ମ ତର, କଣ୍ଠାନ ନେଟେତ କଲମର ।
— ଡଗ

—ଯେଉଁ ଜନିଷ କମ୍ ଥାଏ, ଖାଇଲାବେଳକୁ ଅଣ୍ଟେନାହିଁ । ସେହିପରି କଡ଼ାଏ କଉଡ଼ି ଦେଲେ ସେଥିଲାଗି କିଛି ସୁଧ ମିଳେନାହିଁ ।

୩୮୯ । ଅଲପ ଚେଷା, ମାଛପ ଗୋଷା
ମଠୁଆ ବଳଦ ଯା'ର
ଯମ ଘର ଯାଇ କ ଫଳ ପାଇବ ?
ନିତି ମରଣ ତାର । —ଡଗ

—ଯାହାର ସ୍ତ୍ରୀ କଳକାରୀଣୀ, ତା ଘରେ ଶାନ୍ତି ନାହିଁ, ମଠୁଆ ବଳଦ ଥିଲେ କୃଷିକାର୍ଯ୍ୟରେ ବଡ଼ ହଇରାଣ ହେବାକୁ ହୁଏ । ଏହିଭଳି ହତଭାଗ୍ୟ ବ୍ୟକ୍ତି ପ୍ରତିଦିନ ମୃତ୍ୟୁର ଯନ୍ତ୍ରଣା ଭୋଗ କରେ ।

୩୯୦ । ଅଲପ ଦିନକୁ ବହୁତ ପୀରତି
ମନ୍ଦିଲା ନାହିଁ ଦଇବ । —କବି ବଚନ

—ଉପେନ୍ଦ୍ର ଭଞ୍ଜଙ୍କ ଉକ୍ତି ।

୩୯୧ । ଅଳ୍ପ କଉଡ଼ିରେ କାଣୀ ମାଇପକୁ ବିଭାହେଲେ
ଧାଣ୍ଡି ଭାଙ୍ଗଇ ପଛେ ।

—ଅଳ୍ପ ପଇସା ପଡ଼ିବ ବୋଲି ଭାବି କାଣୀ ସ୍ତ୍ରୀଟିକୁ ବିଭା ହେଲେ ପଛରେ ଚତୁର୍ଗୁଣ ଖର୍ଚ୍ଚ କରିବାକୁ ହୋଇଥାଏ । ସେ ଭଲଭାବେ ଦେଖି ନ ପାରି ଧାଣ୍ଡି ଭାଙ୍ଗେ, ତା ସାମ୍ନାରେ ଘରୁ ଜିନିଧ ଚୋରି ହୋଇଯାଏ ।

୩୯୨ । ଅଲପ ଦୁହିଁଲେ ଗୋସେଇଁ ରୁଷେ
ବହୁତ ଦୁହିଁଲେ ବାଛୁରି ରୁଷେ
ଘର ଗାଈଦୁହାଁ ମୋତେ ନ ଆସେ । —ଢଗ

—ଯେ ଗାଈ ପାଳିଛି ତାକୁ ଅଳ୍ପ ଦୁଧ ଦୁହିଁକରି ଦେଲେ ସେ ଅସନ୍ତୁଷ୍ଟ ହୁଏ । ବେଶୀ ଦୁହିଁଲେ କଅଁଳା ବାଛୁରି ପିଇବାକୁ ପାଏ ନାହିଁ, ଘରେକରେ ଅଡ଼ୁଆପାଡ଼ୁଆ ହୁଏ । ତେଣୁ ଘରଘର ଗାଈ ଦୁହିଁବା ମୁସ୍କିଲ ।

୩୯୩ । ଅଲପ ଧନ, ବିକଳ ମନ । —ଢଗ

—ଯାହା ହାତରେ ବେଶୀ ପଇସା ନାହିଁ, କିଛି ବେଶୀ ଖର୍ଚ୍ଚ ହୋଇଗଲେ ସେ ବ୍ୟସ୍ତ, ବିକଳ ହୁଏ ।

୩୯୪ । ସାଆନ୍ତାଣୀ—ଅଲପ ନ ମଣ ସଲପ ନମଣ
ସୁଆଦ ବାରିବୁଟି । —ପ୍ରବାଦ

—ଖାଇବାକୁ ଅଲପ ଦେଲକ ବହୁତ ଦେଲ ସେ ବିଷୟରେ ବାଛିବୁ ନାହିଁ । ବରଂ ସୁଆଦ ଅସୁଆଦ ହୋଇଥିଲେ କହିବୁ ।

କୋଠିଆ—ଅଲପ ନ ମଣ ସଲପ ନମଣ
ସଲଖ ବାରିବଟି !

—କାମର ହିସାବ ନେଲାବେଳେ ବେଶୀ ଢଲ ଢଳ କଲ କି ନ କଲ ସେ ବିଷୟ ବାଛି ବସିବ ନାହିଁ । ଲଙ୍ଗଳ ସିଆର ସଲଖ ହୋଇଛି କି ବଙ୍କା ହୋଇଛି, ବରଂ ସେ ବିଷୟରେ କହିବ ।

୩୯୫ । ଅଲପ ଲୋକ ବଡ଼ପଣ ପାଏ
ହଗୁଣୁ ମୁତୁଣୁ ଗୀତ ଗାଏ । —ଢଗ

—ଛୋଟଲୋକ ଉଚ୍ଚାସନ ଲାଭ କରି ବାହାଦୁରି ଦେଖାଇଲେ ତା ପ୍ରତି ଏହି ବ୍ୟଙ୍ଗ ପ୍ରଯୁକ୍ତ ହୁଏ ।

୩୯୬ । ଅଳପ ଲୋକର ବହୁତ ଗର୍ବ
ଧନ୍ତ୍ର ଯାଗ ପ୍ରାପ୍ତ ହେଲେ ମେରୁ । —ଡଗ

—ଶ୍ରେଷ୍ଠ ଲୋକ ନଜର ଗୌରବ ଗୁରୁତ୍ୱ ଦେଖାଇ ହେଲେ ତା ପ୍ରତି ବ୍ୟଙ୍ଗ କରାଯାଏ । ସେ ଅତି ତୁଚ୍ଛ ଧନ୍ତ୍ର ସାପ ସଙ୍ଗେ ତୁଳନୀୟ ହୁଏ । ଧନ୍ତ୍ର ସାପ ମେରୁ ପର୍ବତ ହେବା ଅସମ୍ଭବ । ସେହିପରି ତା ଦ୍ୱାରା କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସିଦ୍ଧ ହୁଏନାହିଁ ।

୩୯୭ । ଅଳପ ଲୋକେ ଅଧିକାର
ତୁ କମା ଦେଲୁ ଦାମୋଦର ? —କବି ବଚନ

—ଜଗନ୍ନାଥ ଦାସଙ୍କ ଉକ୍ତି । ଶ୍ରେଷ୍ଠ ଲୋକ କ୍ଷମତା ପାଇଲେ ଲୋକଙ୍କୁ ବଡ଼ ହଇରାଣ କରନ୍ତି, ଋଷିତ୍ରୁତମ ଲୋକଙ୍କୁ ବୋଝଁଭର ବୃଦ୍ଧାନ୍ତ ।

୩୯୮ । ଅଳ୍ପ (ଅଳପ) ଜାଣେ, ବହୁ ବଖାଣେ, ମଣିବା ଗାଇବା
ଦୁଇ ନ ଜାଣେ । —ମା ଦଥା ।

—ଜ୍ୟୋତିଷବିଦ୍ୟା ।

୩୯୯ । ଅଳ୍ପ (ଅଳପ) ଦିନକୁ ବହୁତ କଥା, ଝିଅ ମରିବାକୁ କଲ
ବଧାଡା । —ଡଗ

—ମଣିଷ ଜୀବନ ଅଳ୍ପସ୍ଥାୟୀ । ସେଥିରେ ବହୁତ ଦୁଃଖ ଭୋଗିବାକୁ ହୁଏ । ତା ମଧ୍ୟରେ ବିରହଦୁଃଖ ପ୍ରଧାନ ।

୪୦୦ । ଅଳ୍ପତୋ ବକ୍ ବକ୍ କୃଚମ୍ଭା ଅଳ୍ପକ୍ଷୀର ଗବାସ୍ତୁତେ
ଅଳ୍ପବୁଦ୍ଧି ମନୁଷ୍ୟାଣାଂ ଶପଷ ଚତ୍ ଫଟାସ୍ତୁତେ ।

—ସଂସ୍କୃତ ଶ୍ଳୋକ ଅନୁକରଣରେ ରଚିତ ଅଶୁଦ୍ଧ ଶ୍ଳୋକ । ଅଳ୍ପ ପାଣିଥିବା ମାଠିଆ ବେଶୀ ଶବ୍ଦ କରେ, ଅଳ୍ପ ଦୁଧ ଦେଇଥିବା ଗାଈକୁ ବେଶୀ ହମ୍ବାଳେ । ଅଳ୍ପବୁଦ୍ଧି ଲୋକ କେଉଁଠି ମାଛ ପରି ଫରଫର ହୁଏ ।

୪୦୧ । ଅଳ୍ପକେ। ସ୍ୱଳ୍ପକେ। ଲୋକେ ମନେ କରନ୍ତି ଗର୍ବିତା
କଚୁ ବୃକ୍ଷ ମୂଳେ ଭେକାଃ ଚଣ୍ଡଛତ୍ର ଧରାପତେ ।

—ସଂସ୍କୃତ ଶ୍ଳୋକ ଅନୁକରଣରେ ରଚିତ ପଦ । ଯେପରି ସାନୁ ଗଛମୂଳେ ବେଙ୍ଗ ବସି ଚଣ୍ଡଛତ୍ରଧାରୀ ରଜା ବୋଲି ଗର୍ବ କରେ, ସେହିପରି କ୍ଷୁଦ୍ର ଲୋକେ ନିଜକୁ ବଡ଼ ମନେ କରନ୍ତି ।

୪୦୨ । ଅଳ୍ପ ଲୋକର ବସ୍ତ୍ର ବୋଝ ତାକୁ ଜାଣିବ କପା
ମହର୍ଘ କାଳରେ ଯାଚ ପରଖେ ତାକୁ ଜାଣିବ ଅପା
—ଢଗ

—ଅପା ଥିଲେ ନଅଣ୍ଟକାଳରେ ଯାଚ ଖାଇବାକୁ ଦିଏ ।

୪୦୩ । ଅଳ୍ପ ବିଦ୍ୟା ଭୟଙ୍କରୀ । —ଢଗ

—ଅଳ୍ପ ପାଠ ପଢ଼ିଥିବା ବ୍ୟକ୍ତି କୌଣସି ବିଷୟ ଭଲ ଭାବରେ ଜାଣି ନ ଥାଏ । ନିଜର ସ୍ୱଳ୍ପ ବୁଦ୍ଧି ନ ପାଇ ଔଦ୍ଧତ୍ୟ ଦେଖାଏ ।

୪୦୪ । ଅଳପା (ପେ)ଇସିଆ ପୁଅକୁ ଜଆଁସିଆ ଝିଅ । ---ଢଗ

—ଜଆଁସ ତିଥିରେ ଜାତ କନ୍ୟାର ସ୍ୱାମୀ ଅଳ୍ପାୟୁଷ ହୁଏ, ଲୋକବିଶ୍ୱାସ ।

୪୦୫ । ଅଳସ କରଇ କାଲୁଆବେଳେ
ଦବଣ୍ଡି ହୁଅଇ ଦୁଇ ପ୍ରହରେ
ପର ଦୋଷଯାକ ବାଛୁ ବସଇ
ଦେହକୁ ପଡ଼ିଲେ ସବୁ କରଇ
ଦଇବ ସୁମର ଅଛିସେ ହୁଆ
ବୋଲେ ଦନାଇ ଏ ଭୂତ ଖଣ୍ଡିଆ । —ଦନାଇ ବଚନ

କାଲୁଆ—ଅଣ୍ଡା । ଭୂତଗଣ୍ଡିଆ—ଯେ ମିଛକୁ ଗଣ୍ଡିଟିଏ ବନ୍ଧି ଥାଏ, କୌଣସି କାମର ନୁହେଁ । ସେ ପରର ଦୋଷ ବାଛେ, ନିଜ ମୁଣ୍ଡ ଉପରେ ଦାୟିତ୍ୱ ପଡ଼ିଲେ କହେ, ନଇଲେ କିଛି କରେନାହିଁ । ସେ ଭାଗ୍ୟ ବିଶ୍ୱାସୀ । ଅଣ୍ଡାବେଳେ ବିଶ୍ରାମ ନିଏ, ଖିଆବେଳେ ଯତ୍ ସାମାନ୍ୟ କାର୍ଯ୍ୟ କରେ ।

୪୦୬ । ଅଳସପଣରେ ତୋଟାକୁ ନ ଗଲି
ଆମ୍ବ ଖାଇଗଲା ଭାଲୁ
ଅଳସପଣରେ ଔଷଧ ନ ଦେଲି
ପିଠି ଜାବୁ କଲା ଗଲୁ । —ଛଟା

—ଆଳସ୍ୟରେ ଅନୁଶୋଚନା । ଗଡ଼ଜାତ ବା ପାହାଡ଼ ଜଙ୍ଗଲ ଅଞ୍ଚଳରେ ଭାଲୁଙ୍କର ଉପଦ୍ରବ । ଯଥା ସମୟରେ ଝଡ଼ା ଆମ୍ବ ଗୋଟାଇ ନ ଆଣିଲେ ଭାଲୁ ଖାଇଯାନ୍ତି ।

୪୦୭ । ଅଳସୁଆ ହାତେ ନଖ ବଙ୍କା —ଢଗ (କୋରାପୁଟ)

୪୦୮ । ଅଳସୀ ମାରଇ ଫାଲୁଆ ଗୁଣ୍ଡା, ବୁଢ଼ୀ ରହିଥାଏ
ଗେ (ଗ୍ର)ରସ୍ତ ହୁଣ୍ଡା । —ଛଟା

—ଅଳସୀ ସ୍ତ୍ରୀ ସ୍ୱାମୀ ସମକ୍ଷରେ ଗିଳିବା ଅପ୍ରାକୃତିକ । ଏଠି ସେହି ଚିତ୍ର ଅଙ୍କନ କରାଯାଇ ହାସ୍ୟରସ ସୃଷ୍ଟି କରାଯାଇଛି ।

୪୦୯ । ଅଳସୁଆ ଆଉ ଡାଠଇଁ ନାହିଁ
କୁଠାକୁ ଦିଖଣ୍ଡ କରଇ ନାହିଁ । —ଛଟ

—କର୍ମକୋଢ଼ି ପ୍ରତି ବ୍ୟଙ୍ଗ ।

କୁଠାଖଣ୍ଡକୁ ଦିଖଣ୍ଡ ନ କରିବା ଅର୍ଥ କୌଣସି କର୍ମ ନ କରିବା ।

୪୧୦ । ଅଳସୁଆ କପାଳକୁ ଗଙ୍ଗା ହଜେ କରିବା । —ଢଗ

—ଅଳସୁଆ ଗଙ୍ଗାସ୍ନାନକୁ ଯାଇପାରେ ନାହିଁ । ବାରୁଣୀ ଯୋଗ ପଡ଼ିଲେ ଗଡ଼ିଆ, ପୋଖରୀ, ନଈ, ନାଳ ଯହିଁରେ ଗାଧୋଇଲେ ବି ଗଙ୍ଗା ସ୍ନାନ ଫଳ ମିଳେ । ଅଳସୁଆ ବାଡ଼ି ପୋଖରୀରେ ଗାଧୋଇ ସେଇ ଫଳ ପାଏ । ଯେଉଁ ବ୍ୟକ୍ତି ପାଖକୁ ଯିବାର କଥା ସେ ଯଦି ପାଖକୁ ଆସିଯାଏ, ଏହି ଢଗ ପ୍ରଯୁକ୍ତ ହୁଏ ।

୪୧୧ । ଅଳସୁଆ ଘୋଡ଼ାକୁ ମେଘ ଆଶ୍ରା । —ଢଗ

—ବର୍ଷା ହେଲେ ଘୋଡ଼ା କର୍ମରୁ ଅବ୍ୟାହତି ପାଏ, ଅଳସୁଆ ଘୋଡ଼ାକୁ ଏହା ସୁହାଏ । ମଣିଷ ପକ୍ଷେ ମଧ୍ୟ ଏହା ପ୍ରଯୋଜ୍ୟ ।

୪୧୨ । ଅଳିଆ ଘରକୁ କଳିଆ ଝିଅ
ବଳୁଆ ପଡ଼ଶା ଚଳୁଆ ଧାଙ୍ଗ
ଢଳୁଆ ଗଡ଼ିଆ ଖଳୁଆ ନାଆ
ନାଥ ବୋଲେ ପୁତା ପାଅ ବାହାର —ଦନାଇ ବଚନ

—ସ୍ତ୍ରୀ କଳିକାଣ୍ଡେଇ, ପାଖରେ ପାଣି ଗଡ଼ିଆ, ଧାଙ୍ଗମାନେ କଥାକେ ଚଢ଼ି ଉଠନ୍ତି, ଝିଅ କଳିଆ, ଘର ଅଳିଆମାଳିଆ ହୋଇ ପଡ଼ିଥାଏ, ପାଇପଡ଼ଶା ପ୍ରବଳ । ଏଭଳି ଛତରି ଘରେ ରହିବାର ନୁହେଁ ।

୪୧୩ । ଅଲଗେ ଗଲି, ବଲଗେ ଗଲି
କରମେ ଥିଲା, ପୁଅ ପାଇଲି । —ଛଟା

—ମଣିଷ ବହୁ ଚେଷ୍ଟା କରେ, କିନ୍ତୁ ଭାଗ୍ୟରେ ନଥିଲେ ତାର ପୁତ୍ରପ୍ରାପ୍ତି ଘଟେ ନାହିଁ ବୋଲି ବିଶ୍ୱାସ ପ୍ରଚଳିତ ।

୪୧୪ । ଅଲଜ ବାଇକି ସଲଜ ବାଇ
ଅତି ଅଲଜୁକୁ ନାଚ କରଇ । —ଢଗ

—ଲୋକ ଦାଣ୍ଡରେ ସମସ୍ତଙ୍କ ଆଗରେ ଯଦି ନାଚେ ତାକୁ ଅଲଜୁକ କହନ୍ତି ।

୪୧୫ । ଅଲଣା କଥାରେ ଯାଇ ଗ୍ରାମରେ
ବୁଲଇ ଯେତୁ ଅପଡ଼
କାମ ନ କରି ଖାଲି ସବୁବେଳେ
କରେ ବଢ଼ଡ଼ଧାପଡ଼
ଗାଈଗୋରୁଙ୍କୁ ନପ୍ରାପିଆ କରି
ମାରଇ ଯେତୁ ଫୋପଡ଼ ।
ଘୋର ଜାଡ଼ରେ ନିଜେ ଘୋଡ଼ି ହୋଇ
ପିଲାଙ୍କୁ ନ ଦିଏ କାପଡ଼
ବୋଲେ ଦନାଇ ଏମାନଙ୍କ ଗାଲରେ
ବସିଯାଏଁ ଚାପଡ଼ । —ଦନାଇ ବଚନ

—ଅଲଣା—ବୃଥା, କାପଡ଼—ଲୁଗାପଟା, ନପ୍ରାପିଆ—ନର୍ଘଞ୍ଚିଆ ।

୪୧୬ । ଅଲଣା ଖିଆଯାଏ
ଲୁଣିଆ ଫିଙ୍ଗାଯାଏ । —ଛଟା

—ତରକାରି ଅଲଣା ହୋଇଥିଲେ ଲୁଣ ପକାଇ ଖିଆଯାଏ, କିନ୍ତୁ ଲୁଣିଆ ହୋଇଥିଲେ ଉପାୟ ନାହିଁ । ଅନୁଭବ କଥା ।

୪୧୭ । ଅଲଣା ମୁହଁକୁ ନାହିଁ ଲାଜ
ଚୁଲିରେ ପକାଇ ବରି ଭଜ । —ଢଗ

—ନିର୍ଲଜ୍ଜ ପ୍ରତି ବ୍ୟଙ୍ଗ ।

୪୧୮ । ଅଲଣାରେ ସୁଆଦ କି ?
ପରଠାରେ ମାନ କି ? —ଢଗ

—ମାନଅଭିମାନ କଲେ ଅସ୍ନେହୀ ପରଲୋକ ତାର ମୂଲ୍ୟ ଦିଏ ନାହିଁ । ଲୁଣ ନ ପଡ଼ିଥିବା ତିଅଣରେ ଯେପରି ସ୍ୱାଦୁତା ନ ଥାଏ, ସେହିପରି ପର ଲୋକଠାରେ ମାନର କୌଣସି ମୂଲ୍ୟ ନ ଥାଏ ।

୪୧୯ । ଅଲ୍ପଇ ବଲ୍ପଇ ମାକଡ଼ ମୁଣ୍ଡ । —ଢଗ

—ଯାହା କିଛୁ ଦୋଷତ୍ରୁଟି ଦୁର୍ବଳ ମୁଣ୍ଡରେ ନନ୍ଦ ଦେବା ଚେଷ୍ଟାରେ ଏହି ଢଗ ପ୍ରଯୁକ୍ତ ହୁଏ ।

୪୨୦ । ଅଲଜୁକକୁ ଲଜ ନାହିଁ,
ସଭାରେ ବସିଛି ଗୋଡ଼ ଲମ୍ବା (ମ୍ଭେ)ଇ । —ଛଟା

—ସଭାରେ ଗୋଡ଼ ଲମ୍ବାଇ ବସିବା ଅଭଦ୍ରତା । କିନ୍ତୁ ନିଲଜ ଲୋକ ସବୁ କରେ, ଗାଳି ଖାଏ ।

୪୨୧ । ଅଲଜୁକକୁ ମରଣ ନାହିଁ
ସଭାରେ ବସିଛି ଗୋଡ଼ ଲମ୍ବାଇ । —ଛଟା

—ଲଜ୍ଜାସଂକୋଚହୀନ ଅଭଦ୍ର ପ୍ରତି ବ୍ୟଙ୍ଗ ।

୪୨୨ । ଅଲଜୁକ ଗାଣ୍ଡିରେ ବଥ ହେଲା,
ସେ ବୋଲେ ମୋତେ ଗୁଇ ହେଲା । —ଢଗ

—ନିଲଜ ପ୍ରତି ବ୍ୟଙ୍ଗ ଗୋଟିଏ ଦୁର୍ଘଟଣାକୁ ଉପକାରୀ ବୋଲି ବର୍ଣ୍ଣିବାରେ ହାସ୍ୟରସ ସୃଷ୍ଟି ହୁଏ ।

୪୨୩ । ଅଲଜୁଗ ବାଟରେ ଗଛ ଉଠିଲେ ବଂଶଯାକ ଗୁଇ ।
—ଢଗ

—ଘରକୁ ଗଲା ବାଟରେ ଗଛ ଉଠି ବଢ଼ିଲେ ଘରଯାକ ଗୁଇ ହୁଏ । ସେହିପରି ବଂଶରେ ନିଲଜ ଜନ୍ମିଲେ ବଂଶ କଳଙ୍କିତ ହୁଏ ।

୪୨୪ । ଅଲଜୁକ ଘର ମଞ୍ଜାସି,
ପୋକ ଖାଇଗଲେ ଝିଞ୍ଜାରି । —ଢଗ

—ମଣ୍ଡାସ୍ତ —ବଗଡ଼ । ଛାଅନ୍ୟା ବଗଡ଼ଙ୍କୁ ଜଡ଼ ଦ୍ରବ୍ୟ ପରି ପୋକ ଖାଇବା ଅସମ୍ଭବ । କିନ୍ତୁ ନିର୍ଲଜ ଏପରି କରେ, ହାସ୍ୟରସ ସୃଷ୍ଟି ହୁଏ ।

୪୨୫ । ଅଲଜୁକ ଷାଠିଆ
ପାନ ନାହିଁ ଗୁଆ ନାହିଁ ଖାଲି ବଟୁଆ । —ଛଟା

—ଧନଧାନ୍ୟ ନାହିଁ, ଖାଲି ଘର । ଏହିଭଳି ଦରିଦ୍ର ପ୍ରତି ବ୍ୟଙ୍ଗ ।

୪୨୬ । ଅଲଜୁକା ଘରଣୀ ମରେ
ଲାଜକୁଳୀ ମାହାସ୍ତ
ଚରବରିଆ ଗହକ ମରେ
ମଚକୁହା ବେପାସ୍ତ । —ଢଗ

—ଅଲଜୁକା—ନିଲଜା, ମାହାରୀ—ବେଶ୍ୟା ଗହକ—ଗରାହକ । ଲଜ୍ଜା କୁଳବଧୂର ଭୂଷଣ, କିନ୍ତୁ ବେଶ୍ୟା ଲାଜକୁଳୀ ହେଲେ ତା ବେପାର ବୁଡେ । ଗରାହକ ଚରବର ହେଉଥିବାର ଦେଖିଲେ ବେପାରୀ ତାଙ୍କୁ ଠକିବାର ସୁଯୋଗ ପାଏ । ମଚ କହିଲେ ବେପାରରେ ବେଶୀ ଲାଭ ହୁଏ ନାହିଁ ।

୪୨୭ । ଅଲିଅଳ ହୋଇ ବଢ଼ିଛି ଝିଅ,
ଝିଅକୁ ମିଳେ ତୋରାଣି ଦିଅ । —ଛଟା

—ଅଲିଅଳ ଝିଅକୁ କୋରା, ଖଇ, ମିଠାଇ ଦିଆଯାଏ, ତୋରାଣି ନୁହେ । ଗେଲବସରୀ ଝିଅ ଲାଗି ତୋରାଣି ବାଢ଼ୁଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୪୨୮ । ଅଲପା ଭୂଇଁରେ ଅକଭ୍ୟା ରଜା ଅଛି
ମୁଣ୍ଡ ନାହିଁ ମନ୍ତ୍ରୀ କହୁଛି
ନିଗୋଡ଼ିଆ ବାଘ
ଗୋଡ଼େଇ ଗୋଡ଼େଇ ଖାଉଛି । —ନାଁ ଦିଆ

—କୁମ୍ଭୀର, କଙ୍କଡ଼ା, ବେଙ୍ଗ, ସାପ ।

୪୨୯ । ଅଲେଇଟାଏ ! ଅଲେଇ ପାଖରେ (ଦୁଆରେ) ବ'ଲେଇଟାଏ ।
—ଛଟା

—ଅଲେଇ—ଓଲମୀ, ବ'ଲେଇ—ଅଲସି, ଯେ ଘାଣ୍ଟି ଚକଟି ଅଳଆ କରିଦିଏ । ଅଲେଇ ସଙ୍ଗତ ବ'ଲେଇ ଯୁଟିଲେ ସବୁକାମ ଗୋଳମାଳିଆ କରି ଦିଅନ୍ତି ।

୪୩୦ । ଅଲେଇ ବଲେଇ ରଜା ମୁଣ୍ଡେ । —ଢଗ

—ରାଜ୍ୟର ଦୋଷ, ଦୁର୍ବଳତା ଓ ପାପ ପାଇଁ ରଜା ଦାୟୀ ହୁଅନ୍ତି ।

୪୩୧ । ଅ'ଲେଇମେଣ୍ଡି, ଖାଲେ ପାଉଥାଏ ପଥର ଖଣ୍ଡ । —ଛଟା

—ମେଣ୍ଡି—ଯେ ବେଙ୍ଗ ପରି ମେଞ୍ଚାଏ ହୋଇ ବସେ । ଖାଲରେ ପଥର ପଡ଼ିବା ଅର୍ଥ ଝିଙ୍ଗ ବା ଡାଳି ବୋହି ଯିବନାହିଁ, ଭଲଭାବେ ଖାଇହେବ ।

୪୩୨ । ଅଶକ୍ତସ୍ତସ୍କରଃ ସାଧୁଃ
କୁରୂପା ଚେତ୍ ପତିବ୍ରତା
ରୋଗୀ ଚ ଦେବତା ଭକ୍ତଃ
ବୃଦ୍ଧା ବେଶ୍ୟା ତପସ୍ୱିନୀ । —ସଂ. ଶ୍ଳୋକ

—ତସ୍କର ଦୁର୍ବଳ, ଅସମର୍ଥ ହେବାପରେ ସନ୍ନ୍ୟାସୀ ହୁଏ, ଅସୁନ୍ଦରୀ ସ୍ତ୍ରୀ ପତିବ୍ରତା ହୁଏ, ରୋଗ ସହଜରେ ଆରୋଗ୍ୟ ନ ହେଲେ ରୋଗୀ ଦେବତାଙ୍କର ଭକ୍ତ ହୁଏ, ବୃଦ୍ଧା ବେଶ୍ୟା ଦେହ ଓ ରୂପ ବିକି ଚଳିବାକୁ ଅସମର୍ଥ ହେଲେ ତପସ୍ୱିନୀ ହୁଏ ।

୪୩୩ । ଅଶରଣକୁ ଭଉଣୀ ଜୋଇଁ ଘଇତା
ପେଲପେଲ କରି ଧନ ନେଇଥା । —ଢଗ

—ଅରକ୍ଷିତା ଆପଦବିପଦରେ ଭଉଣୀ ଜୋଇଁର ଆଶ୍ରୟ ନଏ ଓ ଦୁଃଖକଷ୍ଟରେ କୌଣସିମତେ ଦିନ କଟାଏ।

୪୩୪। ଅଣୀ ଗରଗଡ ନଜ ବାଜୁଙ୍ଗା । —କୃଷି ପ୍ରବଚନ

— ଗରଗଡ଼ ଅଣୀ ଦିନରେ, ବାଜୁଙ୍ଗା ନବେ ଦିନରେ ପାଚେ ।

୪୩୫। ଅଣୀ ଗୁଡ଼ ଚାର ଅଣିକ ଚଞ୍ଚୁଖ
ନକୁଞ୍ଜା ବଣରେ ଥାଇ
ସୀତା ପଚ୍ଛରଲ୍ ଲକ୍ଷ୍ମଣ ଭାଇ
ସି ଜନ୍ତୁ କ ଫଳ ଖାଇ ? —ଦାଁ ଦିଆ, (କୋରାପୁଟ) ।

—ଶମିପୋକ ଛତ୍ରୁ ଖାଇବା ।
ଗୁଡ—ଗୋଡ଼, ସି—ସେ ।

୪୩୬। ଅଣୀ ଗୋଡ ଅଣୀ ହାତ
ଅନେକ ବନରେ ଥାଆନ୍ତି
ସୀତା ପଚ୍ଛରଲେ ରାମ ହେ
ଏ ଜନ୍ତୁ କ ଫଳ ଖାଆନ୍ତି ? -ଦାଁ ଦିଆ

—ତେଲୁଣୀ ପୋକ ।

୪୩୭। ଅଣୀ ବରଷରେ ହେଉ ନାଶ ଯାଏ
କଷି ନାଶଯାଏ କୁହୁଡ଼ି ପାଟେ
ବସି ଖାଇଲେ ଯେ ଧନ ନାଶ ଯାଏ
ଅସ୍ତ୍ର ନାଶ ଯାଏ ହାତୁ ଦି ହାତେ । —ଠଗ

—ଅଣୀ ବର୍ଷ ପୂରିଗଲେ ଆଉ ଜ୍ଞାନ ଚେତନା ରହେ ନାହିଁ, କୁହୁଡ଼ି କାକରରେ କଷି ନଷ୍ଟ ହୋଇ ଝଡ଼ି ପଡ଼େ। ବସି ଖାଇଲେ ନଈବାଲି ସରେ। ଅସ୍ତ୍ରଶସ୍ତ୍ର, ଜନିଷ ପତ୍ର ଏକହାତ ହୋଇ ରହିଲେ

ବହୁତ ଧନଯାଏ । ଅନ୍ୟ ଦ୍ୱାରା ବ୍ୟବହୃତ ହେଲେ ଏହା ଅଳ୍ପ ଦିନରେ ନଷ୍ଟ ହୋଇଯାଏ ।

୪୩୮ । ଅଶୀ, ବୁଦ୍ଧିନାଶୀ । —ଛଟା

—ଅଶୀ ବର୍ଷ ପଶିଲେ ମଣିଷର ବୁଦ୍ଧି ସ୍ଥିର ରହେ ନାହିଁ ।

୪୩୯ । ଅଶୁଖା ଧାନକୁ ଯେ ନାରୀ କୁଟେ
ଗରା ଭିତରକୁ ନ ମାଜେ ମୋଟେ
ପରଛିଦ୍ର ଗପେ ଗାଧୁଆ ଘାଟେ
ଖାଇସାରି ହାତ ନଟେଇ ଗୁଟେ
ସକାଳେ ସଞ୍ଜରେ ଘର ନ ଝାଣ୍ଟେ
ଘର କାନ୍ଥରେ ଯେ ଶିଙ୍ଘାଣି ଛାଟେ
ପାଟି ତୁଣ୍ଡ କରେ ସଙ୍ଗୀତ ନାଟେ
ଘଇତାକୁ ଯେବେ ବୁଲଇ ଡାଟେ
ବଗାଡ଼କୁ ଯେହୁ ଅଣଟେ ପିଟେ
ଅତି ଅଲକ୍ଷଣୀ ଦନାଇ ରଟେ । —ଦନାଇ ବଚନ

—ଗରା—ପାଣି ଆଣିବା ପାତ୍ର ; ଛିଦ୍ର—ଦୋଷ ; ଝାଣ୍ଟେ—ଓଳାଏ ; ରଟେ—କହେ ବା ଘୋଷଣା କରେ ।

୪୪୦ । ଅଶ୍ୱ, ଅସ୍ତ୍ର, ବସ୍ତ୍ର, ଅବଳା
ଉଧାର ନ ଦେବୁ କାହାକୁ ବଳା । —ଢଗ

—ଉପଦେଶ ବଚନ । ବଳା—ପୁଅ । ଉଧାର ଦେଲେ ଅସ୍ତ୍ର ବସ୍ତ୍ର ନଷ୍ଟ ହୁଏ, ଅଶ୍ୱ ଅନ୍ୟର ପୋଷା ମାନେ, ସ୍ତ୍ରୀର ଚରିତ୍ର ନଷ୍ଟ ହୁଏ ।

୪୪୧ । ଅଷ୍ଟବାଙ୍କି ଖୋଳଇ ମାଟି
ମୁଣ୍ଡ ତଳକୁ ଛ'ଟା ଆଖି । —ନାଁ ଢଗ

—ବଳଦ ଓ ହଳଆ ।

୪୪୨ । ଅସକରା ମସକରା ତିନ କୂଳ
ଭିତରେ ଭିତରେ ପାଣି ଥିଲା । —ଦାଁ ଢଆ

— ନଡ଼ିଆ ।

୪୪୩ । ଅସଙ୍ଗରେ ସଙ୍ଗିତା
ଅସଙ୍ଗରେ ସଙ୍ଗୀ ହେଲେ କାଠଘଣ୍ଟି ଲମ୍ବିତା ।
—ଢଗ

— କୁସଙ୍ଗ ଫଳରେ ନିର୍ଦ୍ଦୋଷିକୁ ଦଣ୍ଡ ଭୋଗ କରିବାକୁ ହୁଏ ।

୪୪୪ । ଅସଜର ଘାଆ ଦେଖାଇଲେ ମଲା ନ ଦେଖାଇଲେ ମଲା—
—ଲୋକୋକ୍ତି

—ଜନନେନ୍ଦ୍ରିୟର ଘାଆ ଦେଖାଇବାକୁ ଲଜ୍ଜା ଲାଗେ, ନ ଦେଖାଇଲେ ଘାଆ ପ୍ରକୋପରେ ମୃତ୍ୟୁ ହୋଇପାରେ ।

୪୪୫ । ଅସତୀ ନିନ୍ଦଇ ଛତି
ନାସ୍ତିକ ନିନ୍ଦଇ ଯତି
ଅଢର ନିନ୍ଦଇ ରତି
ଲମ୍ପଟ ନିନ୍ଦଇ ସତୀ
ଦନାଇ ନିନ୍ଦଇ ଗୁଆର ମତି । —ଦନାଇ ବଚନ

ଗୁଆଁର—ମୂର୍ଖ । ଲମ୍ପଟ—ଚରିତ୍ରହୀନ, ଅଢର—ବୁଢ଼ା ।

୪୪୬ । ଅସତୀ ଭୁଞ୍ଜଇ ପଲଙ୍କ ସୁପାତି
କୁଳବତୀ ହୁଏ ଦାସୀ
ଘାଇ ଘାଇ ହୋଇ ବିକାଏ ଗୋରସ
ସୁରା ବିକାପାଏ ବସି । -ଢଗ

—ଅନୁଭବ କଥା । ଶରୀର ପକ୍ଷେ ଉପକାରୀ ଦ୍ରବ୍ୟ ଅପେକ୍ଷା କ୍ଷତିକାରକ ଦ୍ରବ୍ୟର କାରବାର ବେଶୀ । ଚରିତ୍ରହୀନ ବ୍ୟକ୍ତିର ମୂଲ୍ୟବୋଧ ଭିନ୍ନ । ତା ନିକଟରେ କ୍ଷୀର ଅପେକ୍ଷା ସୁରା, କୁଳବଧୂ ଅପେକ୍ଷା ଅସତୀର ମାନ ଅଧିକ ।

୪୪୭ । ଅସନ ସୂତା, ସରୁ ପଇତା
ଛେଉଁଲେ ଶୁଣଇ ନାହିଁ
ଖାଇ ଦେଇଥିଲେ ବୋଝ ପଡ଼ୁଥାଇ
ଘସାର ଭିତରେ ନାହିଁ । —ଢଗ ଢମାଳି

—କୁଆପଥର

୪୪୮ । ଅସରପା ଥିଲେ ଅଧରପି ମିଳେ । —ଲୋକବିଶ୍ୱାସ

- ଅତୀତ ପୁରୁଣା ଘରମାନଙ୍କରେ ବହୁ ଅସରପା ରହୁଥିଲେ । କିନ୍ତୁ ଲୋକେ ସେମାନଙ୍କୁ ମାରୁ ନ ଥିଲେ । ଘରେ ଅସରପା ରହିଲେ ଧନରତ୍ନ ବଢ଼େ ବୋଲି ଲୋକବିଶ୍ୱାସ ଥିଲା । ତାର କାରଣ ବଡ଼ ଲୋକଙ୍କ ଆଣ୍ଟୁଘରେ ବା କୋଠରେ, ପେଡ଼ି, ପେଟରାରେ ବହୁତ ଅସରପା ରହୁଥିଲେ ।

୪୪୯ । ଅସଲ ଯୋ ଅସଲ
କମସଲ ଯୋ କମ୍‌ସଲ । —ହିନ୍ଦୀ ଢଗ

—ଭଲ ଲୋକ ମନ୍ଦ ହୁଏନାହିଁ, ମନ୍ଦ ଭଲ ହୁଏନାହିଁ ।

୪୫୦ । ଅସନା କଥା,
ଗୋଡ଼ ନାହିଁ ଖାଲି (ଭୁଞ୍ଚା)ହାତ ଦଇଟା । —ଛଟା

୪୫୧ । ଅସଲ କଥା, ମୋ ଗାଣ୍ଡି ବେଇଚୁ ଚେଙ୍ଗଳ ଦାଇଟା
(ଦୁଇଟା) —ଛଟା

—ଅସମ୍ଭବ କଥା କହି ବ୍ୟଙ୍ଗ ସୃଷ୍ଟି ।

୪୫୨ । ଅସୁନ୍ଦରସ୍ତ ଜନ୍ମ ହେଲେ କାହିଁକି ?
ସୁନ୍ଦରସ୍ତଙ୍କି ବାହୁନିବା ପାଇଁ କି ? —ଛଟା

—କଟାକ୍ଷପୂର୍ଣ୍ଣ ବ୍ୟଙ୍ଗ ।

୪୫୩ । ଅସୁର ନୋହି ଲଙ୍କାରେ ଖେଳନ୍ତି
ଋଷି ନୋହିଁ ଫଳ ମନେ ବଞ୍ଚନ୍ତି ।
—ନାଁ ଢଅ; ଲଇଡ଼ା, (ସମ୍ବଲପୁର)

—ମାଙ୍କଡ଼ ।

୪୫୪ । ଅସୁରେ ଜାଣନ୍ତି ଅସୁରଙ୍କ ମାୟା । —ଛଟା

—କପଟୀଙ୍କ କପଟ କପଟୀ ବୁଝେ ।

୪୫୫ । ଅସ୍ତବେଳେ ଉଦୟ ନାହିଁ କି ଉଦୟବେଳେ ଅସ୍ତ
ନାହିଁ । —ପ୍ରବଚନ

—ଭାଗ୍ୟ ଭଲ ପଡ଼ିଥିବା ବେଳେ ସବୁ ଭଲ କଥା ଘଟେ । ଭାଗ୍ୟ ମନ୍ଦ ପଡ଼ିଥିଲା ବେଳେ ଭଲ କଥା ଘଟେନାହିଁ ।

୪୫୬ । ଅହଙ୍କାରେ ମତ୍ତ ହଇୟା
ନଚାଇ ପଦ ପାସୋଶୟା । —ବଙ୍ଗଳା ଢଗ

—ଅହଙ୍କାରରେ ଉନ୍ମତ୍ତ ହୋଇ ଈଶ୍ୱରଙ୍କୁ ଭୁଲିଯାଏ ।

୪୫୭ । ଅହ୍ୱଅ ମଣ୍ଡଳେ ଜାଣ ଯେଉଁ ନାରୀ ଥାଇ
ତାହାଠାରୁ ସୁଲକ୍ଷଣୀ ବ୍ରହ୍ମାଣ୍ଡରେ ନାହିଁ ।
—କବିବଚନ

—ଅହ୍ୟ ସ୍ତ୍ରୀ ଭାଗ୍ୟବତୀ, ସୁଲକ୍ଷଣୀ ।

୪୫୮ । ଅହି, ଜଳ (ଲୋପ, ଚନ୍ଦ, ଝଙ୍କାର, ତଳସ୍ଥ, ପାବନ,
ପବ, ଶଶୀ, ପରିମାଣ । ଅଙ୍ଗୁଠି ଦେଖାଇ ମାତ୍ରା କରିବ
ବଖାଣ । —ଛଡ଼ା

—ଅକ୍ଷରଠାର ନାମକ ଠାର ଠରିବାର ନିୟମ ।

୪୫୯ । ପ୍ରଶ୍ନ – ଅହି ମସ୍ତକରେ ବସିଛି ହର
ଅହିଅ ସ୍ତ୍ରୀ ହେଲା ବିଧବା ନାରୀ
କହି ଦେବ ଏହା ଭବ
ତେବେଟି ତୁମର ବଚନ ପାଳଣ
ଦାସୀ ଘର ପାଶେ ଥିବ । —ନାଁ ହଆ

ଉତ୍ତର—ନଦୀ ବୃଦ୍ଧି ହୋଇ ସର୍ପ ଭସୁଥିଲା
ତା ଉପରେ ମଣ୍ଡୂକା ଯାଇ ବସିଲା
ବିଧବା ହୋଇଲା ତାରା
ବାଲୀ ମରିଥିଲା ସୁଗ୍ରୀବେ ବରିଲା
ଶୁଣ ହେ ବଚନ ଖାରା

୪୬୦ । ଅହଂ ପ୍ରକୃତଂ ମୁଞ୍ଚାମି
ପ୍ରକୃତ ନୈବ ମୁଚ୍ୟତେ
ଶୁଷ୍କ କାଷ୍ଠଞ୍ଚ ମୂର୍ଖଶ୍ଚ
ଭଜ୍ୟତେ ନ ତ ନମ୍ରତେ । —ସଂଶ୍ଳୋକ

—ମୁଁ ଦୁରଭ୍ୟାସ ଛାଡ଼ିବାକୁ ପ୍ରସ୍ତୁତ, କିନ୍ତୁ ଦୁରଭ୍ୟାସ ମୋତେ ଛାଡ଼ୁ ନାହିଁ । ଶୁଖିଲା କାଠ, ମୂର୍ଖ—ଭାଙ୍ଗି ଯାନ୍ତି ପଛେ ନଇଁନ୍ତି ନାହିଁ ।

୪୬୧ । ଅହିଂସା ପରମୋ ଧର୍ମଃ । —ସଂସ୍କୃତ ଉକ୍ତି ।

—ଅହିଂସାରୁ ବଳି ବଡ଼ ଧର୍ମ ନାହିଁ ।

୪୬୨ । ଅହିଃ ସର୍ବସ ବଧତେ । ସଂ· ଶ୍ଳୋକାଂଶ

—ଘାଟକୁ ଯେଉଁଠି ଦେଖିବ ମାଣବ ।

୪୬୩ । ଅକ୍ଷର ଝକ ମାଗଇ ଭକ
କରଣ କୂଳକୁ କୂଳନାସ୍ତକ
ଅକ୍ଷର ବଙ୍କା ଅରଜେ ଟଙ୍କା
କରଣ କୂଳକୁ କୂଳକଳଙ୍କା । —ଛଟା

—କଥାରେ ଅଛି—ଲେଖି ଲେଖି କରଣ । କରଣର ଅକ୍ଷର ଭଲ । ଯେଉଁ କରଣର ଅକ୍ଷର ଖରାପ ସେ କରଣ କୂଳର କଳଙ୍କ, ଯେତେ ଟଙ୍କା ରୋଜଗାର କଲେ କଣ ହେଲା ।

୪୬୪ । ଅସ୍ତୁମାରମ୍ଭଃ ଶୁଭମସ୍ତୁ ଭବତୁ । —ସଂସ୍କୃତ ଶ୍ଳୋକାଂଶ

—ଏଇ କାର୍ଯ୍ୟାରମ୍ଭ ହେଲା । ଏହା କଲ୍ୟାଣକର ହେଉ ।

# ଆ

୧ । ଆଇଗଣ କ ବାଇଗଣଟା
ଗାଈ ଗୋରୁ ନୁହେଁ ଶିଙ୍ଗ ଦୁଇଟା
ମଣିଷ ନୁହଇଁ ଚାଲଇ ବାଟ
ଛୁଇଁ ଦେଲେ ପିନ୍ଧା ପଡେ କବାଟ —ଦାଁ ଢଆ ।

—ଗେଣ୍ଡା

୨ । ଆଇ ଫଳକୁ ଜାଇ ଫଳ
ସ୍ବାମୀ ଦେଇଥିଲେ ଯେଉଁ ଫଳ
ରଜା ନଅରରେ ନାହିଁ
ବଣିଆଁ ବଜାରେ ନାହିଁ
କଟକ ସହରରେ ନାହିଁ
କାହୁଁ ଆଣିଦେବ ସେହି ଫଳ ? —ଦାଁ ଢଆ

—କଆ ପଥର ।

୩ । ଆଇଲା ବୁଢ଼ା ଦେଖିଲା ଗୃହି
ଗଛେ ଗୋଟିଏ ପତ୍ର ନାହିଁ । —ଦାଁ ଢଆ

—ଫୁଟି-ଫୁଟିକଆ, ଏହା ଶୀତଦିନରେ କୋଳଥ କିଆରିରେ ଜନ୍ମେ । ଫଳ ପାଣ୍ଡୁର, ଚିପିଲେ ଫୁଟେ ।

୪ । ଆଇଲା ମାଳୀ, ମାଇଲା ଚାଳ,
ଧରି ପଳାଇଲା ଖେଳୁଡ଼ି ଥାଳୀ —ଢଗ

—ଠିକ୍ ଭାବେ ଦିଅଙ୍କ ମନ୍ତ ନ କରି ଯାହାତାହା ଭୋଗ କରି ମାଳୀ ଭୋଗ ନେଇଯିବାରେ ଏହା ପ୍ରଯୁକ୍ତ ହୁଏ ।

୫ । ଆଇଲା ରାତି, ଗଲା ପାହି, କି ଗୁଣ କରିଛୁ ମତେ ?
କି ବୋଲି କାନ୍ଦିବି ତତେ ?

—ସ୍ୱାମୀ ଜୀଇଁଥିବା ବେଳେ ସ୍ତ୍ରୀକୁ ବହୁତ ଦୁଃଖକଷ୍ଟ ଦେଇଥିଲା; ସେ କାନ୍ଦି କାନ୍ଦି ମରୁଥିଲା । ସ୍ୱାମୀ ମଲା ପରେ ସେ କାନ୍ଦିଲା ନାହିଁ, ବରଂ ନିଜକୁ ସୁଖିନୀ ମନେ କଲା ।

୬ । ଆଇଲେ ଝୋକଲ, ଭୁ ପଣ
ଝିଁଣ ଲଗିଅଛି ତିନ କେଶ
ଝିଁଣ ଲଗା ଘରେ ଶୋଇଲୁ
ମତେ ଦହଗଞ୍ଜ କରି ମାଇଲୁ । —ଛଟା
ଝୋକଲ-ଝୋଳୀ
ଝିଁଣ—ଫୁଲମାଳ, ଜୁଡ଼ାର ଅଳଙ୍କାର ।

— ପ୍ରେମିକା ପ୍ରତି ବ୍ୟଙ୍ଗ ।

୭ । ଆଛି ଚୁ ଚୁ
ମୁହଁ ବାଳ ଧରି ପାଣି ପିଉଚୁ ? —ନାଁ ଦିଆ

—ଚୁଙ୍ଗୁଡ଼ି ମାଛ, ବ୍ୟଙ୍ଗାତ୍ମକ ।

୮ । ଆଛି ଚୁ ଚୁ
ନିଶ ମୋଡ଼ି ପାଣି ପିଉଚୁ
ମାରିବ ନାଚେ
ପଡ଼ିବୁ ହାତେ
ସଂସାର ଲୋକ ହସିବେ କେତେ । —ନାଁ ଦିଆ

—ମୁରୁଗ ଓ ମାଛ ।

୯ । ଆଛିର ଭାଇ ନାହିଁ
ଦେଶଯାକ ପଚ୍ଛରିଲି
ଖୁଣ୍ଟି କେହି ନାହିଁ । —ନାଁ ଦିଆ

—ସ୍ୱର୍ଗ ।

୧୦ । ଆଇଁଷ ପରମାଇଁଷ — ଛଡ଼ା ।

—ପରମାଇଷ—ପରମାୟୁ । ମାଛ ଖାଇଲେ ପରମାୟୁ ବଢ଼େ ବୋଲି ଲୋକବିଶ୍ୱାସ ପ୍ରଚଳିତ ।

୧୧ । ଆଇଁଷି ମନ୍ତ୍ରର କାଇଁଶି ମନ୍ତ୍ରର
ପିଠାକୁ ମନ୍ତ୍ରର ଜୁଆଣି
ତୁମେ ଯନ୍ତ୍ରି ପାଇଁ ନପର ପପର
ଆମେ ସେ କଥାଟି ଜାଣି ।
(ନମୋ ଠଉଁ ଯେ ମନ୍ତ୍ରର ଶିଖିବ
ତିନି ବେଳେ ତିନି କହୁଣୀ) —ଛଡ଼ା ।

—ମନ୍ତ୍ର ତନ୍ତ୍ର ବାକ୍ୟମାନଙ୍କ ବ୍ୟଙ୍ଗାନୁକରଣ; ଅନ୍ୟ ପକ୍ଷର ଭିତର ମତଲବ ଜାଣି ପାରିବା ପରେ ଏଇ ଛଡ଼ାର ପ୍ରୟୋଗ ହୋଇଥାଏ ।

୧୨ । ଆଇଁଷି ପତର କାଇଁଶି ପତର
ନାଗକ ମନ୍ତର ମରଦ,
ଦଣଗଣ୍ଡା ଓଜ ପିଠିରେ ପଡ଼ିଲା
ଫୁଲରେ ଧଇଲା ଶରଦ । — ଢ଼ଗ

— ବାପ ମା' ଛେଉଣ୍ଡ ଭାଇ ଭଉଣୀ । ଅତି ଗରିବ ଅବସ୍ଥାରେ ଭାଇ ଭଉଣୀ ଓଜ ବିକି ଚଳୁଥିଲେ । ଓଜ ତଳେ ପଡ଼ି ଛେଚଡ଼ା ହେବାରୁ କେହି କିଣିଲେ ନାହିଁ । ତେଣୁ ଭଉଣୀ ମୁହଁମାଡ଼ି ଶୋଇଲା । ଭାଇ ଗଛରେ ଚଢ଼ି ତା ପିଠିକି ଓଜ ପକେଇଲା । ଏହିପରି ସେମାନେ ଚଳୁଥିଲେ । ଥରେ ରାଜା ପାରିଧିକି ଆସି ତାର ସୁନ୍ଦରୀ ଭଉଣୀକି ସାଙ୍ଗରେ ନେଇଗଲେ । ବିଭା ହୋଇ ତାକୁ ରାଣୀ କଲେ । ଭଉଣୀ ଗରିବ ଭାଇ କଥା ଭୁଲିଗଲା । ଭାଇ ଥରେ ଦେଖା କରିବାକୁ ଯିବାରୁ ଉଆସରୁ ଖବର ଆସିଲା—ମାଲୁଣୀ ଦେଇଥିବା ଫୁଲମାଳାରୁ ପାଣି ଲାଗି ରାଣୀଙ୍କୁ ଜର । ଭାଇ କହିଲା—ମୁଁ ଜର ଭଲ କରିଦେବି । ତା'ପରେ ସେ

ଉକ୍ତ ବ୍ୟଙ୍ଗାତ୍ମକ ଢ଼ଗଟି ପଢ଼ିଲି । ଗୁଣୀ ଏହାର ଅର୍ଥ ବୁଝି ପାରିଲେ । ଯେଉଁମାନେ ସାମାନ୍ୟ ଅବସ୍ଥାରୁ ଉଚ୍ଚ ସ୍ତରକୁ ଉଠିଲା ପରେ ସୁକୁମାରପଣ ଦେଖାନ୍ତି, ସେମାନଙ୍କ ପ୍ରତି ଏହା ପ୍ରଯୁକ୍ତ ହୁଏ ।

୧୩ । ଆଉକି ଅଛୁ ? ମୋ ପିଣ୍ଡାରେ ତୋ ଗାଣ୍ଡି ବେଇଛୁ ।
(ତୋ ପିଣ୍ଡାରେ ମୋ ଗାଣ୍ଡି ବେଇଛୁ) —ଛିଟା

—ଦୈବାତ୍ ଏହିଭଳି ଏକ ଘଟଣା ଛଳରେ ବନ୍ଧୁତା ସ୍ଥାପନ କରୁଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୧୪ । ଆଉରି ହେଉ, ଆଉରି ହେଉ
ଖୋସା ଉପରେ ଚଉଁରି ହେଉ । —ଢଗ

—'ବୃଦ୍ଧି ଉପରେ ବୃଦ୍ଧି ହେଉ' ବୋଲି କଲ୍ୟାଣ ବା ଆଶୀର୍ବାଦ ।

୧୫ । ଆଉଁସିଲା କୁକୁର ମୁହଁରେ ବୋକ । —ଲୋକୋକ୍ତି ।

—ଛୋଟ ଲୋକକୁ ମୁହଁ ଦେଲେ ସେ ଉପରେ ଚଢ଼େ ।

୧୬ । ଆଉ ବୟସ ମୋର କାହିଁ ?
ପାରିବି ପୁଣି ଉପୁଜାଇ । —କବି ବଚନ (ଭାଗବତ)

—ଏହା ଏକ ପ୍ରବଚନ ହୋଇ ଯାଇଛି । ବୟସର ଆଧିକ୍ୟ ହେତୁରୁ କିଛି ନୂତନ ସୃଷ୍ଟି କରିବାର ଅସାମର୍ଥ୍ୟରେ କବି ଜଗନ୍ନାଥ ଦାସଙ୍କର ଏହି ବଚନ ପ୍ରଯୁକ୍ତ ହୋଇଥାଏ ।

୧୭ । ଆଉଥିଲି କଥା ନେଉଛି ଗଳି
ଦେଢ଼ଶୁର ପୁଅ ଅଡ଼ୁଆ କଲି । —ଛିଟା

—ପ୍ରତିକୂଳ ବ୍ୟକ୍ତିର ଉପସ୍ଥିତିରେ ମନର କଥା ପ୍ରକାଶ କରିବାକୁ ଅସମର୍ଥ ହେବାରେ ଏହି ଢ଼ଗ ପ୍ରଯୁକ୍ତ ହୁଏ ।

୧୮ । ଆଜ ଦିନ କାଲ ଆସିବ ?
ବାଉଁଶ ଗଛରେ ମଳୟ ଲାଗିଲେ
ଚନ୍ଦନ ପରି କି ବାସିବ ? —ଢଗ ।

—ଚନ୍ଦନ ଗଛରେ ମଳୟ ପବନ ବାଜିଲେ ଚନ୍ଦନର ବାସନା ବଢ଼େ, କିନ୍ତୁ ବାଉଁଶର କିଛି ଉପକାର ହୁଏନାହିଁ । ସେହିପରି ପ୍ରେମ ଲାଗି ତରୁଣ ବୟସ ଓ ମାନସିକ ପରିବେଶ ଲୋଡ଼ା । ସେ ସବୁ ନ ଥିଲେ ମଳୟର ସ୍ପର୍ଶ କୌଣସି ସୁଫଳ ସୃଷ୍ଟି କରି ପାରେନାହିଁ ।

୧୯ । ଆଉ ସେ ଭାବ ନାହିଁ ଲୋ ସଜନି
କୃଷ୍ଣ ଯମୁନା ପାର ହୋଇ ଗଲେଣି । —ଢଗ

—ପୂର୍ବ ପ୍ରେମିକାକୁ ଭୁଲି ପ୍ରେମିକ ଚାଲିଗଲେଣି ।

୨୦ । ଆଉ ସେ ଖୋସା ପାରିବି ନାହିଁ
ଦିଅର ଆଗରେ ବସିବି ନାହିଁ
ଅର୍ଦ୍ଧେ ର ଲାଗି ଭଉଁ ର ମଲି
ଖୋସା ଲାଗି ଦିଅର ମଲି,
ଯେବେ ପାରିଥିବି ଡାଲିଆ ଖୋସା
ରୁପା ଲାଗିଥିବ ଦି ସିକିକା
ସୁନା ଲାଗିଥିବ ପାଏ
ଝର ଝର ହୋଇ ଝରି ପଡ଼ୁଥିବ
ସୁଆମୀ ଆସିବା ଯାଏ
ସୁଆମୀ କାଲି ଆସିବେ
ଦାଣ୍ଡ ପିଣ୍ଡାରେ ବସିବେ
ଝାଳ ଗମ ଗମ ବୋହି ପଡ଼ୁଥିବ
କାନି ପଣତେ ପୋଛିବେ । —ଛାଟ।

—ଅନ୍ୟ ଆକର୍ଷଣକୁ ତୁଚ୍ଛ କରି ସ୍ୱାମୀଙ୍କ ପ୍ରତି ଗଭୀର ସୋହାଗ ପ୍ରକାଶ, ପ୍ରେମଶୀଳା ନାରୀର ପ୍ରୀତି ଓ ପାତିବ୍ରତ୍ୟ ।—ଡାଲିଆ—ଗ୍ଲେଟ କଳସୀ ବା ଘଡ଼ା । ଦି ସିକିକା—ପଚିଶ ପଇସା; ପିଣ୍ଡା—ପାହାଚ ।

୨୧ ।  ଆଇ ଲୋ ଆଉ
ଉଲଗି ଦେଉ
ଆଉ ଦନା ଗୁର ରହ
ଉଷା ବରଛରେ ଯେଉଁଦନ ଫିବୁ
କ କ ମାନ ମେଲୁ କହ ?  —ଛତା

ଉଷା—ଓଁଷା; ଉ-ଲଗି ଦେବା--ଫିଙ୍ଗବା

୨୨ ।  ଆଉ ଦୁଡା ଉଠିବ ନା ଘାସ ଖାଇବ ।  —ଲୋକୋକ୍ତି ।

—ବୁଢ଼ା ବଲଦ ବା ମଣିଷକୁ ଉପଲକ୍ଷ୍ୟ କର ରଚତ ।

୨୩ ।  ଆଏ ଖୁଡୁ ଖୁଡୁ ଯାଏ ଖୁଡୁ ଖୁଡୁ
ଲୁହା ଖୁଡୁ ଖୁଡୁ ଖାଏ

ଫିଠି ମେଲ ଦେଇ ଚମ ଖୁଡୁ ଖୁଡୁ
ଠୁଡ଼ୁକୁ ଠୁଡ଼ୁକୁ ଯାଏ ।  —ନାଁ ଦଆ

—ଘୋଡ଼ା ; ଲୁହା ଖୁଡୁ ଖୁଡୁ—ଲଗାମ

୨୪ ।  ଆ କଉଡ଼, ମାରେ କଉଡ,
କଉଡ ନ ଥିଲେ ଯା ବାହୁଡ଼ ।  —ଡ଼ଗ (କୋରାପୁଟ)

୨୫ ।  ଆଁ କଲେ ବତଶ ଦାନ୍ତ ଦଶେ ।  —ଲୋକୋକ୍ତି ।

—ଭତର ଗୁମର ପଦାରେ ପଡଯାଏ ।

୨୬ ।  ଆଁ କରଛି ପାଟି
ଗାଣ୍ଡି ଖାଉଛି ମାଟି ।  —ନାଁ ଦଆ

—ଜଆନାଡ଼ ।

୨୭ ।   ଆଁ କରୁଛୁ
ଟେକ ଧରୁଛୁ, ଗିଳୁନାହୁଁ ।   —ଦାଁ । ଦଆ ।

—ଖୁମ୍ପ ।

୨୮ ।   ଆ କଲାକୁ ଯା କଲାକୁ
ବେକ ଚନାମାଳୀ ନେ ଗଲାକୁ ।   —ଛୁଟା

—ଉପହାର ଯେନ ପ୍ରେମ ବଢ଼ଉଥିବା ତଥାକଥିତ ପ୍ରେମିକା ପ୍ରତି କଟାକ୍ଷ ।

୨୯ ।   ଆକଟ କାମକୁ ଥିଇର ଗୃନ୍ଥ
ତାକୁ ଜାଣିବ ପର
ହାଇ ଘନ ଘନ କେଶ ମୁକୁଳା
ତାକୁ ଜାଣିବ ଜର ।

କଳ ପଛେ ପଛେ କଅଁଳା କଥା
ତାକୁ ଜାଣିବ ବର
ସଞ୍ଜ ବେଳରୁ କବାଟ ଦଆ
ଗତ ନଥିଲା ଘର ।   —ଢ଼ଗ

—ଯେତେବେଳେ ଖୁବ୍ କାମ ପଡ଼ୁଛୁ, ସେତେବେଳେ ଯେ ଧୀରେ ସୁସ୍ଥେ କାମ କରେ ସେ ପରଂଲକ ବୋଲି ଜାଣି ରଖିବ । ବେଶ-ଭୂଷଣ ଅବନ୍ୟସ୍ତ ହେଲେ ଲୋକ ରୋଗଗ୍ରସ୍ତ ବୋଲି ବୁଝିବ । ଦାମ୍ପତ୍ୟ-କଳହ କ୍ଷଣସ୍ଥାୟୀ । କଳହ ପରେ ଯେ ସ୍ତ୍ରୀକୁ କଅଁଳ କଥା କହେ ସେ ତାର ସ୍ୱାମୀ ବୋଲି ଜାଣିବ । ଆଗେ ଆଲୁଅ ଅଭାବରୁ ଗରିବ ଘର କବାଟ କଳା ହୋଇ ଯାଉଥିଲା । କାମ ବାଧାରେ କଟି-କଟିଆ ଅଂଧାର ଭିତରେ କଏ କୁଆଡ଼େ ଶୋଇ ପଡ଼ୁଥିଲେ ।

୩୦ ।   ଆକଟ ଗଛରେ କାକଟ ନ ବସି
ଚନ୍ଦୁ ଝୁଁରୁ ଝୁଁରୁ କରୁଛୁ

ନବ ନାଗରୀକୁ ପଢଏ କହନ୍ତ
ଗାଳ ଦେବା ପାଇଁ ଡରୁଛୁ । —ଛଟା

—ପ୍ରେମରେ ଶଙ୍କା । ଆକଟ—ଆଖି, କାକଟ—କୁଆ ।

୩୧ । ଆକଟ ପଡ଼ିଲେ ଅପାକୁ ଡାକ (ଡାକର) —ଢଗ

—ଆକଟ—ଆପଦ; ବିପଦ ପଡ଼ିଲେ ଯେ ବନ୍ଧୁର ସାହାଯ୍ୟ ନିଏ, ସଂପଦ ବେଳେ ମୋଟେ ବନ୍ଧୁ କଥା ମନେ ପକାଏ ନାହିଁ, ତା' ପ୍ରତି ବ୍ୟଙ୍ଗ ।

୩୨ । ଆକଟ କାମ ଧୀର ଗମନ
ଚାକୁଟି ଜାଣିବ ଘର
ଢ ପହରିଆ ବସନ ଘୋଡ଼ା
ଚାକୁଟି ଜାଣିବ ଜର । —ଢଗ

—ଯେ ଆସ୍ତେ ଆସ୍ତେ ଚାଲେ, ଧୀରେ ସୁସ୍ଥେ କାମ କରେ ସେ ପରଲୋକ, ଯେ ଢ ପହରେ ଘୋଡ଼ି ହୋଇ ଶୁଏ, ସେ ଜର ଭୋଗୁଛି ବୋଲି ଜାଣିବ ।

୩୩ । ଆଜ୍ଞା ଆଜ୍ଞା ମାଲ ମାଲ
ଦେବା ନେବା ବାଘର ବାଳ । —ଢଗ

—ମାନ୍ୟ ଧର୍ମରେ ଊଣା ନାହିଁ, କିନ୍ତୁ ଦେବା ନେବା ଭାବ ଶୂନ୍ୟ ।

୩୪ । ଆକାଶ କସୁଁ । ଚଳକା ମାଛ । —ଢଗ

—ଆକାଶରେ କସୁଁ । ଫଳିବା ଅସମ୍ଭବ, ସବୁବେଳେ ଚଳକା ମାଛ ମିଳିବା ସମ୍ଭାବନା ମଧ୍ୟ ଅଳ୍ପ । ପୁଣି ତରକାରୀ କରେଇରେ (ମାଛ ତିଅଣରେ ତନ୍ତୁଳ ପଡ଼େ) ଉଭୟଙ୍କ ଭେଟ ଅସମ୍ଭବ ମଧ୍ୟରେ ଆହୁରି ଅସମ୍ଭବ । ସେହିପରି ପରସ୍ପରର ଦୂରବର୍ତ୍ତୀ ଦୁଇ ବସ୍ତୁର ମେଳ ସହଜରେ ସମ୍ଭବ ହୁଏ ନାହିଁ ।

୩୫ । ଆକାଶ କଣ୍ଢ଼ା ଚଳକା ମାଛ
କେତେ କରୁଅଛ ଅପାଙ୍ଗ ପାଙ୍ଗ । —ଛଟା

—ଗଛ ଅଗର କଣ୍ଢ଼ା, ଚଳକା ହ୍ରଦର ମାଛ--ଏ ଉଭୟଙ୍କର ମିଳନ ଆଶା ଅଳ୍ପ, ପରର ଅମଙ୍ଗଳ ପାଞ୍ଚିବା ଖରାପ । କୌଣସି ଦୁଇ ବ୍ୟକ୍ତି ଏକାଠି ହୋଇ ଅନିଷ୍ଟ ଘଟ ଇବାର ଆଶଙ୍କା ହେଲେ ଓ ସେମାନଙ୍କ ବିରୁଦ୍ଧରେ କେହି ଅମଙ୍ଗଳ ପାଞ୍ଚିଲେ ଏଇ ଢଗର ପ୍ରୟୋଗ ହୁଏ ।

୩୬ । ଆକାଶକୁ ଢେଲା ମାରିଲେ
ଆପଣାର ମୁଣ୍ଡରେ ପଡ଼େ । —ଲୋକୋକ୍ତି

—ଆକାଶକୁ ଟେକା ପକାଇଲେ ଆକାଶରେ ତ ବାଜେ ନାହିଁ, ଓଲଟି ପକେଇବାବାଲାର ମୁଣ୍ଡ ଉପରେ ପଡ଼ିଯିବାର ସମ୍ଭାବନା ଥାଏ । ସେହିପରି ଅସମ୍ଭବ ପ୍ରଚେଷ୍ଟା ଦ୍ୱାରା ନିଜର କ୍ଷତି ହିଁ ଅଧିକ ହୁଏ ।

୩୭ । ଆ କୁରାଢ଼ି ବେକରେ ବସ । —ରୂଢ଼ି ପ୍ରୟୋଗ

—ଜାଣିଶୁଣି ହାଣମୁହଁକୁ ଯିବା କମ୍ବା ବିପଦ ବରଣ କରିବା ।

୩୮ । ଆକୁଲ କାଠ କ ବାକୁଲ କାଠ
ଶିଶୁ କାଠ କଲ ପାନିଆଁ
ସକଳ କୁଟୁମ୍ବ ଜଗି ବସିଥିଲେ
କୋଉ ବାଟେ ଗଲ କନିଆଁ ? —ଡାଗ ଢଗ

—ଜୀବ ।

୩୯ । ଆଖଡ଼ିଆ ଚମ୍ପା, ଆଖଡ଼ା ସରିଲେ ଫମ୍ପା । —ଢଗ

—ଚମ୍ପା ଏକ ପ୍ରକାର ବାଣ । ଆଖଡ଼ା ବା ଯାତ୍ରାରେ ଏ ପ୍ରକାର ବାଣ ମରେ । ବାଣ ମରା ସରିଲେ ଖାଲି କୁମ୍ପାମାନ ପଡ଼ିରହେ ।

ସେହିପରି କୌଣସି ବ୍ୟକ୍ତିକୁ ଯେନ କୌଣସି କୌଣସି କାର୍ଯ୍ୟ ସାଧନ କରାଯାଏ । ଉଦ୍ଦେଶ୍ୟ ସିଦ୍ଧ ହେବା ପରେ ସେ ବ୍ୟକ୍ତିର ଆଉ ପ୍ରୟୋଜନ ରହେ ନାହିଁ ।

୪୦ । ଆଖିରୁ ବାଳ ତ ଟିକ ଟିକକା ଲେ
ନାନା ରଙ୍ଗେ ଦେଖୁଥିବ । —ଛିଟା

—ଆଖି ସଂସାରରେ ନାନା ବିଚିତ୍ର ଜିନିଷ ଦେଖେ ।

୪୧ । ଆଖି କେ ଘୁମ ଘମ
ଆଖିକେ ଡାମସ୍ର ଲୁଆ । (କାଉ) —ଢ଼ଗ

—ଗୋଟିଏ ଆଖି ସଂସାରର ମାୟା ପ୍ରତି, ଅନ୍ୟ ଆଖିଟି ଧର୍ମ ପ୍ରତି ଆକୃଷ୍ଟ ।

୪୨ । ଆଖିରେ ପକେଇ ଦେଉଛୁ ଧୂଳି
ମାଡ଼ ମାରି ଫେର୍‌ କରୁଛୁ କଳି । —ଛିଟା

—ଠକ, ହିଂସ୍ର ବ୍ୟକ୍ତି ନିଜେ ମାଡ଼ ମାରି ତା ପରେ କଳି ଲଗାଇବା ପାଇଁ ଚେଷ୍ଟା କରେ ।

୪୩ । ଆଖି ଥାଉ ଥାଉ ଅନ୍ଧ (କଣା) —ରୂଢ଼ି ପ୍ରୟୋଗ

—ଯେ ଦେଖି ନଦେଖିଲା ପରି ଭାବ କରେ, ତା' ପ୍ରତି ବ୍ୟଙ୍ଗ ।

୪୪ । ଆଖି (ଆଖିଟି) ବଡ଼,
ପେଟ (ପେଟଟି) ସାନ । —ଲୋକୋକ୍ତି

— ଯେ ଖାଇବା ଲାଗି ବହୁତ ବାଢ଼େ, କିନ୍ତୁ ଖାଇପାରେ ନାହିଁ; ତା' ପ୍ରତି ବ୍ୟଙ୍ଗ ।

୪୫ । ଆଖି କଜଳ ସହି ହୁଏ
ଟିରିକି କଜଳ ସହି ହୁଏ ନାହିଁ । —ଢ଼ଗ

—ଏକେତ ଶରୀରର ବିଳାସଆନନ୍ଦ ସହ୍ୟ ହୁଏ ନାହିଁ, ପୁଣି ଅସ୍ଥାନରେ କଳା ଘେନିଲେ ବା ବିଳାସ ଦ୍ରବ୍ୟ ବ୍ୟବହାର କଲେ ଆହୁରି ଅସହ୍ୟ ହୁଏ ।

ଟିକଳ—ଗୃହ୍ୟଦ୍ୱାର ।

୪୬ । ଆଖି ଫୁଟୁ ବିଥା ଯାଉ । —ଢଗ

ଆଖି ବିନ୍ଧିଲା ବେଳେ ସେଇ ଭାବ ମନକୁ ଆସେ । ଅନୁଭବ । କିନ୍ତୁ ଅନ୍ଧ ହେବାରୁ ବଳି ଯେ ଦୁଃଖ ନାହିଁ ସେ ଧାରଣା ଆସେ ନାହିଁ । କ୍ଷୁଦ୍ର ଦୁଃଖଟି ଦୂର କରିବା ଲାଗି ସେ ବଡ ଦୁଃଖ ବରଣ ଲାଗି ସତେ ଯେପରି ପ୍ରସ୍ତୁତ ହୋଇଥାଏ ।

୪୭ । ଆଖି ଗଲେ ସବୁ ଗଲା । —ଅନୁଭବ କଥା

୪୮ । ଆଖି ବୁଜିଲେ କୁଆଙ୍କର ବଇଜ । —ଢଗ

—ନଜର ବିଷୟସମ୍ପତ୍ତି ପ୍ରତି ଦୃଷ୍ଟି ନ ରହିଲେ ଭୂତ ଖାଇ ଯାନ୍ତି । ମଲା ପରେ ଶବକୁ କୁଆ ଖାଆନ୍ତି, ଉପଯୁକ୍ତ ଉତ୍ତରାଧିକାରୀ ନ ଥିଲେ ସମ୍ପତ୍ତି ନଷ୍ଟଭ୍ରଷ୍ଟ ହୋଇଯାଏ ।

୪୯ । ଆଖି ନ ଫିଟୁଣୁ ମହାଭାରତ । —ଢଗ

—ବଡ଼ ବଡ଼ କଥାରେ ମୁଣ୍ଡ ପୂରାଇଥିବା କମ୍ବା କଳ ଲଗାଉ-ଥିବା ପିଲା ପ୍ରତି ଏହା ପ୍ରଯୁଜ୍ୟ ।

୫୦ । ଆଖିର ଭୋକ କେବେ ମରେ ନାହିଁ । —ଲୋକୋକ୍ତି ।

—ଯେତେ ସୁନ୍ଦର ଦୃଶ୍ୟ ଦେଖିଲେ ବି ଆଖି ଆହୁରି ଦେଖିବାକୁ ଲୋଡ଼େ ।

୫୧ । ଆଖି ଆଗରେ ଅଙ୍ଗୁଠି ହଲାଇବା । —ରୂଢ଼ି ପ୍ରୟୋଗ

—ଅବଜ୍ଞା ପ୍ରକାଶ କରିବା

୫୨ । ଆଖି ବୁଜିଲେ ଦୁନିଆଁ ଅନ୍ଧାର । —ଅନୁଭବ ବଚନ

—ଆଖି ବୁଜିଲେ—ଆଖି ବନ୍ଦ କଲେ ବା ମଲେ ।

୫୩ । ଆଖିରୁ କଜ୍ଜ୍ୱଳ କାଢ଼ିନେବା । —ନ୍ୟାୟ

—ଜାଣି ଜାଣି ଠକିଦେବା ବା ଆଖି ଆଗରେ ଚୋରି କରି ଘେନିଯିବା ।

୫୪ । ଆଖିରେ ଦେଖି ମୁଆଜ୍ଜା ଘୁଞ୍ଚେ
ତାଠାରୁ ଓଲମା ଅଛି କି କିଏ ? —ଢଗ

—ଓଲମା—ଓଲ; ମୁଆଜ୍ଜା—ପ୍ରମାଣ ।

୫୫ । ଆଖି ବଡ଼ ପେଟ ସାନ
ହାଣ୍ଡି କୁଣ୍ଡେଇ ଗୋଟିକର ଆଣ । —ଢଗ

ପେଟକୁ ଅଟକଳ ନାହିଁ । ସବୁ ଖାଇଦେବ ବୋଲି ହାଣ୍ଡିରେ ଯାହା ଅଛି ଗୋଟିଗାଟି ଆଣେ । କିନ୍ତୁ ପେଟଟି ସାନ, ଖାଇ ପାରେ ନାହିଁ ।

୫୬ । ଆଖି ନଥିଲା ପାଇକ ଗଲା
ମେଖ ଜ ଆଣିବା ପାଇଁକି । —ନାଁ । ଦାଆ (ଜୋଗ୍ୟୁଟ)

—ଜୋକ ।

୫୭ । ଆଖିକୁ ଅଞ୍ଜନ
ଗାତକୁ ବଂଞ୍ଜନ
ଜିଭକୁ ବ୍ୟଞ୍ଜନ
ଦେହକୁ ତେଲ ମରଦନ
ଦନାଇର ନାମ କରିଦନ । —ଦନାଇ ବଚନ

ବ୍ୟଞ୍ଜନ—ବାଞ୍ଛଣା ।—ଆଖିକୁ କଳା, ଗାତକୁ ଚିରକାଞ୍ଜ, ଗୁଳୁଗୁଳାକ ବାଞ୍ଛଣା, ଦେହକୁ ତେଲ ଘଷା ପୂର୍ବକର ।

୫୮ । ଆଖି ଅଛି, ଡ଼ମ୍ବା ନାହିଁ
କାନ ଅଛି, ଶୁଣୁ ନାହିଁ
ପାଦ ଅଛି, ଚାଲୁ ନାହିଁ
ମୁଖ ଅଛି, ଖାଉ ନାହିଁ । —ନାଁ ଦିଅ (କୋରାପୁଟ)
—ପାପ କାଡ ।

୫୯ । ଆଖି
ଆଖି ଉପରେ ପକ୍ଷୀ
ବଡ଼ ତେଜଲର ଧଣ୍ଡା
ଏ ନାଁଟି ଯେ କହି ନ ପାରିବ
ତା ବଂଶଯାକ ନଣ୍ଡା । — ନାଁ ଦିଅ
—ନଡ଼ିଆ ।

୬୦ । ଆଖି ଅଛି ଡ଼ମ୍ବ ନାହିଁ । ନାଁ ଦିଅ (କୋରାପୁଟ)
—ମାଛ ।

୬୧ । ବାଘ—"ଆଖି ମଟ ମଟ କାନ କଟ କଟ
ଏ ମୋ ବସାରେ କଏ ରେ ?"
ଛେଳି—"ବାଘ ଖାଇଲି ବାଘୁଲି ଖାଇଲି
ଖାଇଲି ଶହେ ପଚିଶ
ଏଇ ବଉଳା ବାଘ ଲାଗି ବୁଲୁଛି ବନବାସ ।"—ନାଁ ଦିଅ

—ବାଘ ଓ ଛେଳିର ପ୍ରଶ୍ନୋତ୍ତର ବ୍ୟଙ୍ଗାତ୍ମକ ।
ବାଘୁଣୀ ସ୍ଥାନରେ 'ବାଘୁଲି' ପ୍ରୟୋଗ ସୁନ୍ଦର ହୋଇଛି ।

୬୨ । ଆଖି ଥିଲି ବୋଲି ଦେଖି ପକାଇଲି
ଗୋଡ ଥିଲି ବୋଲି ଦଉଡ଼ି ଗଲି ।
ଥାପୁଡ଼ି କାନ, ଥାପୁଡ଼ି କାନ । —ଛଟା
—ଠେକୁଆର ବ୍ୟ[redacted]

୬୩ । ଆଖୁ ବାଡ଼ିରେ ଜହ୍ନ
ଆଖୁଆ ମାଇପ ଟୋପି ଚନ୍ଦନ
ପାଜି ଆସୁ ବରଣନ । —ଛଟା

—ଆଖୁଆ—ଆଖୁଗଛ ପାହାର ହୃଦସ୍ଥରେ ମିଷ୍ଟତା ଅଛି । ମାଇଗୁଲିଆ ପ୍ରତି ବ୍ୟଙ୍ଗ ।

୬୪ । ଆଖୁ ଖଣ୍ଡିଏ ଦବୁନ ଗୁଡ଼ ଖଣ୍ଡିଏ ଦବୁ । —ଲୋକୋକ୍ତି

—ବେଳେ ବେଳେ ସେପରି ହୋଇଥାଏ । ଯେ ଆଖୁ ଖଣ୍ଡିଏ ଦେବାକୁ ରାଜି ହେଉ ନଥାଏ, ତାକୁ ଗୁଡ଼ ଖଣ୍ଡିଏ ଦେବାକୁ ପଡ଼େ । ଲୋକ ଅଳ୍ପ ଋଣ ଶୁଝୁ ନଥାଏ, କିନ୍ତୁ ଶେଷରେ ତାକୁ ବହୁ ଟଙ୍କା ଦେଇ ଋଣମୁକ୍ତ ହେବାକୁ ପଡ଼େ । ଆଖୁ ଖଣ୍ଡିଏ ମାଗିଲେ ଆଖୁ ନାହିଁ, ଗୁଡ଼ ଖଣ୍ଡିଏ ନେଇନୁ ବୋଲି କୃପଣ ଅନ୍ତା କରେ ।

୬୫ । ଆଖୁ, କାକୁଡ଼ି, ନଡ଼ିଆ, ମଜା
ଦାନ୍ତ ପଡ଼ିଲେ ତଳକୁ ପକା । — ଡାକ

—ବୁଢ଼ାକାଳରେ ଦାନ୍ତ ଖସିପଡ଼ିଲେ ଉକ୍ତ ଦ୍ରବ୍ୟମାନ ଚୋବାଇ ଖାଇହୁଏ ନାହିଁ କିମ୍ବା ସେ ସବୁର ଆସ୍ୱାଦ ଉପଭୋଗ କରି ହୁଏ ନାହିଁ ।

୬୬ । ଆଖୁ ବାଡ଼ିରେ ଭାଲୁ ପଶିବା । —ନ୍ୟାୟ

—ଭାଲୁ ଆଖୁ କ୍ଷେତରେ ପଶିଲେ ଧ୍ୱଂସ କରି ପକାଏ । ସେ ପେଟରେ ଖାଏ ତା ଅପେକ୍ଷା ଅଧିକ ଭାଙ୍ଗି ନଷ୍ଟ କରିଦିଏ ।

୬୭ । ଆଖୁନ୍ କା ଦଉଡ଼ ମସ୍‌ଜିଦ୍ ତକ ।
—ପାରସୀ ପ୍ରବଚନ

—'ଏଣ୍ଡୁଅ ଦଉଡ଼ ଶିଝୁବଣ ଯାଏ'ର ସମାର୍ଥବୋଧକ ପ୍ରବଚନ । ଆଖୁନ୍—ପାର୍ସୀ ବା ଆରବୀ ଶିକ୍ଷକ ।

୬୮ । ଆଖୁ ରସ ବଡ଼ ପିଠା

ଲକ୍ଷ୍ମୀନା ଗୃହକ ଅଠା

ନେଟାକାଠା ସାଟରେ ଲଗାଇ ଦେଲ

ତାଙ୍କୁ ବସାଇଲେ ତଟା । —ଛଟା

—ପ୍ରେମିକା ଯୁବତୀର କଳଙ୍କମୂର୍ତ୍ତିପୂଜା ପ୍ରତି କଟାକ୍ଷ ।

୬୯ । ଆଖୁ ମାରି ରସ ଖୁଆଇବାର । —ଲୋକୋକ୍ତି

—ବ୍ୟଙ୍ଗାତ୍ମକ, ଆପଣା ସବାହ୍ନରା ସ୍ତ୍ରୀର ସନ୍ତାନମାନଙ୍କୁ ନ ପାଳି ରକ୍ଷିତା ସ୍ତ୍ରୀର ପିଲଙ୍କୁ ପାଳିଲେ ଏହି ଢଗ ପ୍ରଯୁକ୍ତ ହୁଏ ।

୭୦ । ଆଖୁର ମୂଳେ ପାଣି ଦେଲେ ପିଚା କି ? —ଲୋକୋକ୍ତି

—ଅର୍ଥାତ୍ ଆଖୁ ମୂଳରେ ପାଣି ଦେଲେ ବୃଥା ହୁଏନାହିଁ । ଭଲ ପୁଅ ପିଛୁ ପଇସା ଖର୍ଚ୍ଚ କଲେ ପଇସା ନଷ୍ଟ ହୁଏନାହିଁ । ଭଲ କାମରୁ ମନ୍ଦ ଫଳ ମିଳେ ନାହିଁ ।

୭୧ । ଆଖୁ ଗୁଣ୍ଡ, କପା ବର୍ଣ୍ଣନ

ଶୁଣ୍ଠି ସାଙ୍ଗରେ ଭାଗ

କଅଣ କରିବ ବୁଦ୍ଧି ବଇଦ୍ୟନାହିଁ

କାହାକୁ କରିବ ଆଗ ? —ଢଗ

—ଏକୋବେଳକେ ଅଧିକ ଜରୁରୀ କାର୍ଯ୍ୟ ପଡ଼ିଥାଏ । କେଉଁଟି ଆଗେ କେଉଁଟି ପଛେ କରିବ ମଣିଷ ସ୍ଥିର କରି ପାରେ ନାହିଁ ।

୭୨ । ଆଖୁ ନାସ ଖାଇ

ଖଣ୍ଡ କରନ୍ତାରେ ବେଗେ ନ ମନ୍ଦ ।

ଚଲୁଆ ଦନାର ମୁହଁକୁ ଟାଣ

ନଷ୍ଟ ଅରଜଇ ଧନ କାହାଣ

ମୂଳ ରଖି ଯେବେ କାଟୁଏ କ୍ଷେତ

ଅଳପ ଶ୍ରମରେ ପିକଇ ନେତ । —କୃଷି ପ୍ରବଚନ

—'ଖାରି' ଜାଗାରେ ଆଖୁ ଉପାଦେୟ । ସେଥିରେ ସହଜରେ ମରେ ନାହିଁ । ବହୁ ବର୍ଷ ଧରି ତାର ଖୁଣ୍ଟ କଟାଯାଇପାରେ ନାହିଁ । ବିଶେଷ ଟାଣ ହୋଇଥିବାରୁ ଏହାକୁ ବିଲୁଆ ନଷ୍ଟ କରି ପାରେ ନାହିଁ । ଏହି ଆଖୁର ଉତ୍ପାଦନରେ ଚଷା ଲାଭବାନ ହୋଇଥାଏ ।

ନେତ—ପଟୁ ପାଟଖଣ୍ଡ ।

୭୩ । ଆଖୁର ମଝିଖଣ୍ଡି
ମାଛର ମଝି ଖଣ୍ଡି । —ଅନୁଭବ ବଚନ

—ବଡ଼ ମାଛର ମଝି ଖଣ୍ଡି ସୁସ୍ୱାଦୁ । ଆଖୁ ଖଣ୍ଡାର ମଝି ଖଣ୍ଡି ରସୁଆଳ ଓ ମିଠା ।

୭୪ । ଆଗ କାଳିଆ (ମଧୁଆ, ମାଧୁଆ, ଯୋଗିଆ) କି ?
କାଳିଆ ହାତରେ ଟଙ୍କା ନିଠାକର,
କାଳିଆ ମଣିଷ ଚିହ୍ନିବ କି ? —ଢଗ

—ଦରିଦ୍ର ବ୍ୟକ୍ତି ଧନୀ ହୋଇଗଲେ ପୂର୍ବ ପରିଚିତ ଦରିଦ୍ର ବ୍ୟକ୍ତିମାନଙ୍କ ପ୍ରତି ଅବହେଳା ପରି ବ୍ୟବହାର କରେ । ଏହାଭଳି ଉଦ୍ଧତ ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୭୫ । ଆଗ, ସୁନା ପାଗ
ପଛ, ଗୁହ ପୋଛ । —ଢଗ

—ଅଗେ ଆଗେ କାର୍ଯ୍ୟ କରିଗଲେ ସୁଫଳ ପ୍ରାପ୍ତି ହୁଏ । ପଛରେ ପଡ଼ିଲେ ଫଳ ବିପରୀତ ହୁଏ । ମାଆମାନେ ଖୁଆଇବା ବେଳେ ପିଲାମାନଙ୍କ ପ୍ରତି ଏହି ଉତ୍ସାହବାକ୍ୟ ପ୍ରୟୋଗ କରିଥାନ୍ତି ।

୭୬ । ଆଗ ଚଳାଏ
ପଛ ବୋଲାଏ
ମଝି ବନ୍ଧୁ ଦର୍ଶନ କରାଏ । —ଛଟା

—ଗୋଡ଼ର ଆଗ ଅଂଶ କୁଣ୍ଡାଇ ହେଲେ କୌଣସି ଆନନ୍ଦ ମିଳିବାର ଯୋଗ ଘଟେ, ପଛ ଅଂଶ କୁଣ୍ଡାଇ ହେଲେ ଗାଳି, ଅପମାନ ଶୁଣିବାକୁ ହୁଏ । ମଝି ଅଂଶ କୁଣ୍ଡାଇ ହେଲେ କୌଣସି ଅନ୍ତରଙ୍ଗ ବନ୍ଧୁ ସହିତ ମିଳନ ହୁଏ ।

୭୭ ।    ଆଗଚଳା (ଆଗେଇ ଚଳା)
ପର ଗାଣ୍ଡ ଦୁହାଁ, ବଣ୍ଡା ପେଲା
ନାଥ ବୋଲେ ପୂଚାରେ,
ଖାଁ ଆଉଁ ଥାଉଁ ମଲା ।    —ଡାଗ

—ଯେ ଭବିଷ୍ୟତ କାର୍ଯ୍ୟ କରେ ନାହିଁ, ହଠାତ ଆଗେଇ ଯାଏ, ହ' ପକ୍ଷକୁ ସନ୍ତୁଷ୍ଟ କରିବା ଲାଗି ଚେଷ୍ଟା କରେ, ଯେ ଘାସ ଚେଳେ ଅର୍ଥାତ ଅନ୍ୟକୁ ଉତ୍ତେଜିତ କରେ, ଯେ ବଗଦରେ ପଳାଏ, ତାକୁ ବିଶ୍ୱାସ କରିବା ଉଚିତ ନୁହେଁ । ନ ପରୁରୁଣ୍ଡ କଥା କହିବା ଭଲ ନୁହେଁ । ବିନା ଅନୁମତିରେ ପରର ଗାଣ୍ଡ ଦୁହିଁବା ଅନୁଚିତ । ଘାସରେ କେତେ ତେଲ ଅଛି ନ ଦେଖି ବଳତା ଚେଳିଲେ ବଳତା ଜଳିଯାଏ ।

୭୮ ।    ଆଗ ସାର ପାଗ ତାର ।    —କୃଷି ବଚନ

—କୃଷି ପାଣିପାଗ ଉପରେ ନିର୍ଭର କରେ । ଯେ ପାଗ ଦେଖି ଫସଲ ବୁଣେ ତା ଫସଲ ଭଲ ହୁଏ । ପାଗରେ ନ ବୁଣି ନ ରୋଇ ଯେତେ ସାର ପିଙ୍ଗଆ ଦେଲେ ବି ଅବଶେଷ ଫଳ ଲାଭ ହୁଏନାହିଁ ।

୭୯ ।    ଆଙ୍ଗ୍ ଆଙ୍ଗ୍ କାମ କଥାକୁ ଭାଙ୍ଗ୍ ଭାଙ୍ଗ୍ ।    —ଛଟା
—କାମ କରିବାକୁ ଅନିଚ୍ଛୁକ ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୮୦ ।    ଆଗ (ଆଗେ) ଧୋ, ଗୋଡ଼ ଧୋ ।    —ଛଟା

—କୌଣସି ଜିନିଷ ଧାର ନେଇଥିଲେ ତାକୁ ଆଗେ ଶୁଝିଦେବା ଲାଗି କହିବା ଓ ତା ପରେ କୁଣିଆକୁ ଚର୍ଚ୍ଚା କରିବା ପ୍ରତି ବ୍ୟଙ୍ଗ ।

୮୧ । ଆଗତ ଚଢ଼େଇକ ବେସର ବଟା । —ଢଗ

—ଶିକାର ମିଳିବ କି ନାହିଁ ଠିକଣା ନାହିଁ, କିନ୍ତୁ ମାଂସ ତରକାରୀ ଲାଗି ବେସର ବଟା ସରିଲାଣି । ସେହିପରି ଅନିଶ୍ଚିତ ଫଳପ୍ରାପ୍ତି ଲାଗି ଆଗରୁ ପ୍ରସ୍ତୁତ ରହିବା ।

୮୨ । ଆଗତ ଭବିଷ୍ୟ ଜାଣଇଁ ଯେ
ଗଣ୍ଡିଆ ପାଖରୁ ଟାଣଇ ସେ । —ଢଗ

—ଜଉତିଷ ଅତି ଲୋଭୀଙ୍କଠାରୁ ମଧ୍ୟ ପଇସା ଖସେଇ ନେଇ ପାରେ । ଗଣ୍ଡିଆ—କୃପଣ ।

୮୩ । ଆଗତ ପାଞ୍ଚ, ସବୁ କଞ୍ଚା । —ପ୍ରବାଦ

—ଭବିଷ୍ୟତରେ କଅଣ ଘଟିବ କେହି ଜାଣେ ନାହିଁ, ସେଥିପାଇଁ ବର୍ତ୍ତମାନର ଚିନ୍ତା, କଳ୍ପନା ହୁଏତ ବୃଥା ହୋଇଥାଏ । କଞ୍ଚା ଫଳ ପାଚିଲେ ଖାଇବା ଆଶା ମଣିଷ କରେ । କିନ୍ତୁ ସେ ଫଳଟି ଝଡ଼ି ଯାଇପାରେ । ସେହିପରି ଭବିଷ୍ୟତ ଫଳ ଲାଭ ଆଶା ମଧ୍ୟ ବ୍ୟର୍ଥ ହୋଇ ଯାଇପାରେ ।

୮୪ । ଆଗ ପୁଅ ବାଘ । —ଢଗ

—ପିତୃମାତୃ ସ୍ନେହବଳରେ ବଡ଼ପୁଅ ବଳୀୟାନ । ତେଣୁ ସେ ବାଘ ପରି ନିଜର ଦାବୀ ବା ଅଧିକାର ସାବ୍ୟସ୍ତ କରେ । ଭାଇମାନଙ୍କ ମଧ୍ୟରେ ଭିନେ ହେଲେ ବଡ଼ ଅଂଶକୁ ଅଧିକ ସମ୍ପତ୍ତି ଦିଆ ହେଉଥିଲା । ରାଜକୁଳର ଜ୍ୟେଷ୍ଠ ପୁତ୍ର ପିତୃ ସିଂହାସନର ଅଧିକାରୀ ହେଉଥିଲା ।

୮୫ । ଆଗରେ ଯାଇ ଯେ ପଛରେ ଆସଇ
ତାକୁ ଜାଣିବ କନ୍ଦୁଆ
ଗନ୍ଧାର ମଝିରେ ଧୋବଧାବଳିଆ
ତାକୁ ଜାଣିବ ନନ୍ଦୁଆ

କମର ସରୁ ଯେ                ଗୁଡ ଓଠାଣ୍ଟା
ତାକୁ ଜାଣିବ ବକ୍ରୁଆ
ପିଙ୍ଗଳ ଆଖି କ                 କହଗ ଯେ କେଶ
ତାକୁ ଜାଣିବ ଚକ୍ରୁଆ ।
ଲଙ୍ଗୁଡ଼କୁ ଟେକ                ବୋବାକ ଗୁଡ଼ାଲ
ତାକୁ ଜାଣିବ ହକ୍ରୁଆ ।
ମୂର୍ଦ୍ଧ ଉପରେ                  ଚରସ୍କାର କଲେ
ଦନାଇଁ ନୂର୍ଦ୍ଧଇ ଛକ୍ରୁଆ ।

—ଦନାଇ ବଚନ

କକ୍ରୁଆ—କୌଶଳୀ, ନକ୍ରୁଆ— ଜମିମାପ କଲ ଲୋକ, କମର—ଅଣ୍ଟା, ଚକ୍ରୁଆ - ରଗୀ; ହକ୍ରୁଆ—ଋତୁମତୀ ଗାଈ, ଛକ୍ରୁଆ—ଯେ ଛଳ କରେନାହିଁ ।

୮୬ । ଆଗ (ବୁଝି) ଶତ୍ରୁର କାର୍ଯ୍ୟ କଲେ,
ପ୍ରମାଦ ନ ପଡ଼ଇ ଭଲେ ।                    —ଭଗ

—ଭଲ ମନ୍ଦ ଭଲରୂ ବଗ ବନ୍ଧୁକ ଯେ କାର୍ଯ୍ୟ କରେ ତା ଉପରେ ସହଜରେ ବିପତ୍ତି ପଡ଼େନାହିଁ ।

୮୭ । ଆଗରେ ମଲେ ଜଟାଧାରୀ
ପଛରେ ମଲେ ଛତାଧର
ରଜା ଶୋଇଲେ କୁଟା ପାର ।                 —ନାଁ. ଦଆ
—କଥାରୁ

୮୮ । ଆଗ କଥା ଗଲ ପଛକୁ
ଟୋକା ଚଢ଼ିଲଣି ଗଡ ଗଛକୁ ।                 —ଛଟା
ଅନଭିଜ୍ଞ ଲୋକର ଦୁର୍ବଳ ଅବଲମ୍ବନ ପ୍ରତି ବ୍ୟଙ୍ଗ ।

୮୯ । ଆଗ କଥା ନାଇଁଲେ ଯଣୀ
କାଣ୍ଡ ଗଢ଼ଜୁଟି କଣେ ଦେଖି ।                 —ଛଟା

—ଆଗେ ଯେ ପର ଦୁଃଖରେ ଦୁଃଖୀ ଥିଲେ, ଏବେ ଦୁଃଖୀ ଦେଖିଲେ ମାରିବାକୁ ଆଗଭର ।

୯୦ ।    ଆଗ ପଛକୁ ବୁଝି ବିଚାର କର ।    —ପ୍ରବାଦ

—ମାକଡ଼ ବର୍ଷାରେ ତିନ୍ତୁଥିଲା । ଚଢ଼େଇ ଆନନ୍ଦରେ ବସାରେ ଥିଲା । ମାକଡ଼ ତା ସୁଖ ସହି ନ ପାରି ବସା ଭାଙ୍ଗିଦେଲା । ଚଢ଼େଇ ଦୁଃଖରେ ରଜାଙ୍କ ଆଗରେ ଗୁହାରି କଲା । ରଜା ବିଚାର କରି ବସିଥିବା ବେଳେ ମାଙ୍କଡ଼ ଖାଲି କହୁଥାଏ—ହୁମୁଁ ଆଗକୁ ପଛକୁ ବୁଝି ବିଚାର କରନ୍ତୁ । କଥାର ମର୍ମ ବୁଝି ନ ପାରି ରଜା ବୁଝିଦେଲା ବେଳକୁ ପଛରେ ଗୋଟାଏ ପାଚିଲା କଦଳୀକାନ୍ଦି । ମାକଡ଼ ପଟକୁ ରଜାଙ୍କ ବିଚାର ଢଳିଗଲା । ପ୍ରବଳ ଓ ଲାଞ୍ଚ ଦେଇଥିବା ବ୍ୟକ୍ତି ସପକ୍ଷରେ ବହୁ କ୍ଷେତ୍ରରେ ରାୟ ମିଳେ । ଏହି ତଥାକଥିତ ବିଚାର ପ୍ରତି ଆକ୍ଷେପ ।

୯୧ ।    ଆଗ ରୁଆ ଘରକୁ, ପଛ ରୁଆ ଗୋରୁକୁ । —କୃଷିବଚନ

—ଆଷାଢ଼, ଶ୍ରାବଣରେ ରୁଆ ଧାନ ଭଲ ହୁଏ । ପଛରେ ରୋଇଲେ କିଛି ଧାନ ହୁଏ ନାହିଁ । ଗୋରୁ ଚରିଯାନ୍ତି ।

୯୨ ।    ଆଗରୁ ଦାସୀ
ଏବେ ହୋଇଛି ବ୍ରହ୍ମଋଷି ।    —ଢଗ

—'ବୃଦ୍ଧାବେଶ୍ୟା ତପସ୍ୱିନୀ' ଢଗର ଅନୁରୂପ ।

୯୩ ।    ଆଗରେ ଥିଲେ ମୋର ମୋର
ପିଠେ କଲେ କିଏ କାର ?    —ଢଗ

—ମୁହାଁମୁହିଁ ହେଲେ କେତେ ପ୍ରେମ ବାହାରେ, କିନ୍ତୁ ଦୂରବର୍ତ୍ତୀ ହେଲେ ସେଇ ପ୍ରେମ ବା ସ୍ନେହ ନ ଥାଏ । ଏହା ଅବଶ୍ୟ ପ୍ରକୃତ ପ୍ରେମ ନୁହେଁ, ଦେଖେଇ ହେବା ଭାବ ।

୯୪ ।    ଆଙ୍ଗୁଠି ଦେଖାଇଲେ ବାହା ଗିଳିବା ।
—ରୂଢ଼ି ପ୍ରୟୋଗ

—ଗ୍ରହଣ କରିବା ଲାଗି ଉଲାଈଁ ଇଙ୍ଗିତ ଦେବା ମାତ୍ର ଚାପିଯିବା ।

୯୫ । ଆଙ୍ଗୁଠି ଭିତରେ ମଳି
ଭିତରେ ଭିତରେ ସନ୍ଧ୍ୟା ସୂତର
(କବାଟ କଣରେ ଛେନା ଚକଟା)
ଜୁପରେ ଜୁପରେ କଳି । —ଡଗ

—ଭିତରେ ବନ୍ଧୁତା, ବାହାରେ ଶତ୍ରୁତାର ଭାବ; କୌଣସି ଉଦ୍ଦେଶ୍ୟ ସିଦ୍ଧି ଲାଗି ସେପରି କରାଯାଏ । ବ୍ୟଙ୍ଗ ।

୯୬ । ଅଙ୍ଗୁଆ, ଅଳପ କଥାରେ ରାଗୁଆ । —ଛଟା
—ଯେ ଟିକିଏ କଥାରେ ରାଗିଯାଏ ତା ପ୍ରତି ବ୍ୟଙ୍ଗ ।

୯୭ । ଆଗେ ନ ରଖିଲୁ ଜାଗି
ଏବେ ଅଂସୁ ପଡ଼ା ମାଗି । —ଡଗ

—ସତର୍କ ନ କଲେ ବହୁ ଦୁର୍ଦ୍ଦଶାରେ ପଡ଼ିବାକୁ ହୁଏ । ଭିକ ମାଗିବାକୁ ପଡ଼ିପାରେ । ପଡ଼ା—ମହାଭାରତର ପାଣ୍ଡବ ରାଜପୁତ୍ରଙ୍କ ଲାଗି ଶ୍ରୀକୃଷ୍ଣ ପଡ଼ା ମାଗିଯିବା କଥା ସୂଚିତ ।

୯୮ । ଆଗେ ମଙ୍ଗଳ ପଛେ ରବି,
ଘର ଘରକେ ପଡ଼ିଇ ବୋବ । —ଖନା ବଚନ

—ମଙ୍ଗଳ ପଛରେ ରବି ଚଳନ ହେଲେ ଦୁର୍ଭିକ୍ଷ ପଡ଼େ, ମହାମାରୀ ହୁଏ । ବୋବ—କାନ୍ଦବୋବାଳି ।

୯୯ । ଆଗେ ଗୁନ୍ଦ, ପଛେ ଗୁନ୍ଦ
ତାକୁ ନେଇ ମଝି ଖୁଣ୍ଟରେ ବାନ୍ଧ । —ପ୍ରବଚନ
—ଭଲ ଦୁଧିଆଳୀ ଗାଈର ଲକ୍ଷଣ ।

୧୦୦ । ଆଗେ ଉଦର
ପଛେ ସୋଦର । —ଡଗ

—ପଢ଼ିଲେ ନିଜ ପେଟ ପୂରିବା ଦରକାର । ତା ପରେ ଭାଇ ବନ୍ଧୁ କୁଟୁମ୍ବଙ୍କ ଖବର ନେବାକୁ ହୁଏ ।

୧୦୧ । ଆଗେ ପୁଅ ପଛେ ଦିଅଁ । —ଢଗ

—ଦିଅଁ ପୂଜା ହେଲା ପରେ ଘରେ ସମସ୍ତେ ଖାଆନ୍ତି, କିନ୍ତୁ ବାଳୁତ ପୁଅ ଭୋକରେ ଆଉଟୁପାଉଟୁ ହୋଇ ଯାଉଥିବାରୁ ଦିଅଁଙ୍କ ପୂଜା ଆଗରୁ ତାକୁ ଖାଇବାକୁ ଦେବାକୁ ହୁଏ । ଦିଅଁ ବାଳୁତ ଖାଇବା ଦୋଷ ଧରନ୍ତି ନାହିଁ ।

୧୦୨ । ଆଗେ ଗଲେ ବାଘ ଖାଏ
ପଛେ ଗଲେ ସୁନା ପାଏ । —ଛିଟା

—ସମସ୍ତଙ୍କ ଆଗରେ ଯାଉଥିବା ଲୋକ ଉପରେ ପଡ଼ିଲେ ବିପଦ ପଡ଼େ । ପଛ ଲୋକ ସତର୍କ ହୋଇଯାଏ । ଆଗ ଲୋକର ଯଦି କିଛି ଜିନିଷ ହଜିଯାଏ, ପଛଲୋକ ତା ପାଏ ।

୧୦୩ । ଆଗେ ବୁଣ୍, ପଛେ ବୁଣ୍
ଗର୍ଭିଣୀକୁ ଟାଣଟୁଣ । —କୃଷି ବଚନ

—ଗର୍ଭିଣୀ ସଂକ୍ରାନ୍ତିକୁ ଲଘୁ, ଶାରଦ ସବୁଧାନ ଥୋଡ଼ ହୋଇଯାଏ ।

୧୦୪ । ଆଗେ ତେନ୍ତୁଳି ପଛେ ତାଳ
ଘର ଗୁସିଆର ପୂରିଲା କାଳ । —ପ୍ରବାଦ

—ଘର ପଛରେ ତାଳଗଛ ଓ ଆଗରେ ତେନ୍ତୁଳି ଗଛ ଲଗାଇବା ଅଶୁଭ । ଲୋକବିଶ୍ୱାସ, ତାହାଘ ଘର ମାଲିକ ପ୍ରତି ବିପଦ ପଡ଼େ ।

୧୦୫ । ଆଗେ ଧରମ, ପଛେ କରମ । —ଢଗ

—ଆଗେ ଧର୍ମକାର୍ଯ୍ୟ ପଛେ ସଂସାରକାର୍ଯ୍ୟ କରିବା ଉଚିତ ।

୧୦୬ । ଆଗେ ଖୁନ୍ଦ ପଛେ ଖୁନ୍ଦ
ତାକୁ ନେଇ ଖୁଆଡ଼ରେ ବାନ୍ଧ । —କୃଷି ବଚନ

—ମୁଣ୍ଡରେ ଚନ୍ଦ ପଛରେ ଗୁନ୍ଦ ଥିଲେ ଗାଈ ଲକ୍ଷଣବନ୍ତ ।

୧୦୭ । ଆଗେ ଦୁଃଖ ପଛେ ସୁଖ । —ଲୋକୋକ୍ତି

—ବାଲ୍ୟ ଜୀବନରେ ଦୁଃଖକଷ୍ଟ ସହ୍ୟ ସାଧନା କଲେ ପରବର୍ତ୍ତୀ ଜୀବନରେ ମଣିଷ ସୁଖଲାଭ କରେ ।

୧୦୮ । ଆଗେ ଆଗେ ଚାଲ ଥିବୁରେ ଭଗତ
ମୁଁ ତୋ ପଛେ ପଛେ ଚାଲିଥିବି
ମୁଣ୍ଡି ମାଡ଼ିଥିବ ଝୁମୁକ କଣ୍ଠଉ
ଶବଦ ଶୁଣାଉଥିବ
ଆଗେ ଆଗେ ଯିବୁ ପଛକୁ ନ ଚାହିଁ
ଚାଲିବୁ ମୁଁ ଚାଲୁଥିବି
ଯେଉଁ ଠାଇଁ ତୁମ୍ଭ ପଛକୁ ଚାହିଁବୁ
ଥକ୍କା ହୋଇ ରହିଯିବ । —ପ୍ରବାଦ

—ସାକ୍ଷୀଗୋପାଳ ଭକ୍ତ ବ୍ରାହ୍ମଣ ଲାଗି ସାକ୍ଷୀ ଦେବାକୁ ଆସି ସେ ପଛ ଆଡ଼କୁ ଚାହିଁ ଦେବାରୁ ଅଚଳ ବିଗ୍ରହ ହୋଇ ରହିଯିବା କିମ୍ବଦନ୍ତୀ ଏଥିରେ ସୂଚିତ । କେନ୍ଦୁଝରର 'ତାରିଣୀ'ଙ୍କ ଆବିର୍ଭାବ କାହାଣୀ ମଧ୍ୟ ଅବିକଳ ସେହିପରି ।

୧୦୯ । ଆଗରେ କାଳିଆ ନାହିଁ କରୁଥିଲୁ
(ଗଞ୍ଜି ମାରୁଥିଲୁ) ନାକର ସିଙ୍ଘାଣି ଦେଖି
ଏବେରେ କାଳିଆ ଝୁରି ମରୁଅଛୁ
ଥନ ଯଉବନ ଦେଖି । —ଢଗ

—ପିଲା ଦିନର ଅନାଗ୍ରହ ଭାବ ଯୌବନ ବୟସରେ ବଦଳିଯାଏ, ଯେଉଁ ବ୍ୟକ୍ତି କଳାକୋଚିଲା ଚେହେରାକୁ ଘୃଣା କରୁଥିଲା, ସେ ଯୌବନ ପ୍ରତି ଆକୃଷ୍ଟ ହେଲେ ତା ପ୍ରତି ବ୍ୟଙ୍ଗ ।

୧୧୦ । ଆଗେ ନାଚ ପଛେ ବାଚ । —ଢଗ
—ଆଗେ ମାଡ଼ ପଛେ ବିଚାର ।

୧୧୧ । ଆଗେ ମାଡ଼ ପଛେ ବିଚାର । —ଢଗ

—ଆଗେ ମାଡ଼ ମାରି ପ୍ରତିଦ୍ୱନ୍ଦ୍ୱୀଂଯା ନଆଯାଏ । ପଛରେ ଦୋଷ ବିଷୟ ବିଚାର ପାଇଁ ପ୍ରସ୍ତୁତ ହେବାକୁ ହୁଏ । ସାଧାରଣ ଏହି ମତ ତା ପ୍ରତି ବ୍ୟଙ୍ଗ । ରାଜରାଜୁଡ଼ା, ଜମିଦାରି ଶାସନରେ ଏହି ମତ ପ୍ରଯୁକ୍ତ ହେଉଥିଲା ।

୧୧୨ । ଆଘ୍ରାଣଂ ଅର୍ଦ୍ଧ ଭୋଜନଂ । —ସଂସ୍କୃତ ଶ୍ଲୋକାଂଶ

—ଆଘ୍ରାଣ ଅଧାଖିଆ ସଙ୍ଗେ ସମାନ ।

୧୧୩ । ଆଚାରେ ଲକ୍ଷ୍ମୀ ବିଚାରେ ପଣ୍ଡିତ । —ଢଗ

—ଉତ୍ତମ ଆଚାରରେ କାହାରେ ଲକ୍ଷ୍ମୀ ରହନ୍ତି । ବିଚାରରେ ବିବେକବୁଦ୍ଧିର ପରିଚୟ ମିଳିଲେ ଲୋକକୁ ଜ୍ଞାନୀ ବୋଲି କୁହାଯାଏ ।

୧୧୪ । ଆଚାରେ ବ୍ରାହ୍ମଣ ବିଚାରେ ପଣ୍ଡିତ । —ଢଗ

—ଆଚାର ଓ ବିଚାର ଉଭୟରେ ଶ୍ରେଷ୍ଠ ।

୧୧୫ । ଆଚାରବିହୀନ ଯେବଣ ଦ୍ୱିଜ
କୁଳ ଭୁଆସୁଣୀ ନ କରେ ଲାଜ
ବେଶ୍ୟା ଆସକ୍ତ ହୁଏ ଯେ ପଣ୍ଡିତ
ଜ୍ଞାନୀ ହୋଇ ଯେ କରେ ପକ୍ଷପାତ
ଦରିଦ୍ର ହୋଇ ଯେବେ ଅତି ମାନୀ
ଅତି କୃପଣ ଯେବେ ହୁଏ ଧନୀ
ଲୋଭୀ ସନ୍ନ୍ୟାସୀ କଟୁଭାଷୀ ବୁଢ଼ା
ବ୍ରଡ଼ୀଦିନେ ଯେ ମୁଣ୍ଡେ ମାରେ ଜୁଡ଼ା
କଥା କଥାକେ ଯେ କାଢ଼େ ବଡ଼'ଇ
ଦଣ୍ଡବତ ନାହିଁ ବୋଲେ ଦନାଇ ।

—ଦନାଇ ବଚନ

—ଆଚାରହୀନ ବ୍ରାହ୍ମଣ, ଲଜ୍ଜାହୀନା କୁଳ ସ୍ତ୍ରୀ, ବେଶ୍ୟାସକ୍ତ ଜ୍ଞାନୀ, ଅଭିମାନୀ ଦରିଦ୍ର ଲୋକ, ପକ୍ଷପାତୀ ଜ୍ଞାନୀ, କୃପଣ ଧନୀ, କଟୁକଥା

କହୁଥିବା ଯୋଗୀ, ବୃଦ୍ଧ ବୟସରେ ସୁବେଶିତା ନାରୀ ଓ ଗର୍ବୀ ବ୍ୟକ୍ତି ନମସ୍କାରର ଅଯୋଗ୍ୟ ।

୧୧୬ । ଆଜ୍ଞା କଲୁ
ଗୋଡର କଠଜ କାହାକୁ ଦେଲୁ
ଗୋ'ଇଠି ଖାଇଲୁ ଜନ୍ଦା
ଯାହା ସଙ୍ଗେ ମୂର୍ଖ ପୀରତି କଲୁ
କାନ ନୋଳ ନେଲୁ ବଂଧା । —ଢଗ

—ଜନ୍ଦା—ବାଲିଜନ୍ଦା; ବର୍ଷାକାଳରେ ଗୋଡକୁ ବାଲି ଖାଇଯାଏ । ବାଲି ରୂପକ ଜନ୍ଦା ବାଲିଜନ୍ଦା । ଯେଉଁଠି ସାହୁକାର ପ୍ରେମିକ ସେଠି ପ୍ରେମ ଏକ ଶାଠ୍ୟ, ଫନ୍ଦରେ ପକାଇବାର ଏକ ଉପାୟ ।

୧୧୭ । ଆଜହୁଁ (ଆଝୁ) ଏଡ଼େ ।
ବୁଢ଼ି ପଶଗଲେ (ପାଣି ପଡ଼ଗଲେ) ହୋଇବ (ହୋଇବୁ)
କେଡ଼େ । —ଛଟା

—ପାଣି ପଡ଼ଗଲେ—ବାଢ଼ୁଅ ପାଣି ପଡ଼ଲେ ବା ବଡ଼ ମଣିଷ ହେଲେ । ପିଲାଦିନେ ଯେ ଏଡ଼େ ଦୁଷ୍ଟ ବଡ଼ ହେଲେ ସେ କେଡ଼େ ଦୁଷ୍ଟ ନ ହେବ ।

୧୧୮ । ଆଜ ନାଠ କ ନାଠ ?
କାଲି ନାଠ ସିନା ନାଠ;
କା ପାଇଁ ଆସିବ ଠେଙ୍ଗା ପାହୁଗଣୀ
କା ପାଇଁ ଆସିବ ଖଟ । —ଢଗ

—ଟଳୁ—ଗୋଟିଏ ବଳଦ ଚରୁ ଚରୁ ଗୋଟିଏ ପୋଖରୀର ପଙ୍କରେ ପଡ଼ିଗଲା । ତାକୁ ଖାଇବା ଲାଗି ବାଘ ଡେଉଁଲା । ପଙ୍କରୁ ଉଠି ନପାରି ଉଭୟେ ପଡ଼ି ରହିଲେ । ବଳଦ ବାଘକୁ ଲକ୍ଷ୍ୟ କରି କହୁଛି, "ମୋତେ ପଙ୍କରୁ ଉଠାଇ ନେବାକୁ ଲୋକେ କାଲି ଖଟ ନେଇ ଆସିବେ ।

ତୋତେ ମାରି ପକାଇବାକୁ ଠେଙ୍ଗା ଆଣିବେ।" ବଳଦର ବାଘ ପ୍ରତି ବ୍ୟଙ୍ଗ। ପାତୁଆଣୀ—ଠେଙ୍ଗା।

୧୧୯। ଆଜ ମଙ୍ଗଳ କାଲ ବାହା
କସ କରୁଛୁ କନିଆଁ ମାଆ ? —ଢଗ

—ସଉକୁଣୀର ପୁଅ ବା ଝିଅର ବାହାଘରକୁ କନିଆଁ ମାଆର କ୍ଷୀଣ ଓ ନଗଣ୍ୟ ଆୟୋଜନ ପ୍ରତି ବ୍ୟଙ୍ଗ।

୧୨୦। ଆଜି କଥା କାଲକ ଅନ୍ତର। —ଢଗ

—ମଣିଷ ଜୀବନ କ୍ଷଣସ୍ଥାୟୀ। ଆଜି ଯେ ଅଛି ସେ ହୁଏତ କାଲକ ନଥିବ।

୧୨୧। ଆଜି ଖାଉଁ କାଲି ଖାଉଁ
କୁଦ ପୁଆଳେ ଜୁଇ ଲଗାଇ ଦେଉଁ। —ଢଗ

—କୁଦ—କୋଦୁଅ, ଘୁଆଁପର ଏକ ଜାତୀୟ ଶସ୍ୟ। ଧାନ ସହିତ ଜନ୍ମେ ଓ ଧାନକୁ ରକ୍ଷା କରିବା ଲାଗି ଓପଡ଼ା ହୁଏ। ଗରିବ ଲୋକେ ତାକୁ ଖାନ୍ତି। ପୁଆଳ—କୁଟା, ଜୁଇ—ନିଆଁ।

ଦରିଦ୍ର କପରି ଏ ଗାଆଁରୁ ସେ ଗାଆଁ ହେଉଥାଏ, କେଉଁଠି ସ୍ଥାୟୀଭାବେ ବସବାସ କରି ପାରେ ନାହିଁ, ଏହି ଢଗରେ ତାହା ସୂଚିତ।

୧୨୨। ଅଜି ଦେବା ମାସମେକୋ
କାଲି ଦେବା ପମୁସ୍ତରେ
ଦେବା ଦେବା କହୁଥିବା
ଯାବଚ୍ଚନ୍ଦ୍ର ଦିବାକରେ
(ନାହିଁ ନ ଦେବା ନ କରିବା)
—ସଂସ୍କୃତ ଓଡ଼ିଆ ମିଶା ଶ୍ଳୋକ।

—ପଇସା ଉଧାର ନେଇ ନ ଶୁଝିବା ଲୋକ ସଂସାରରେ ବେଶୀ। କା'ଲି ଦେବା ପଅରଦିନ ଦେବା କହି ଦିନ ଗଡ଼େଇ ନେଉଥିବା

ଓ ମୋଟେ ନ ଦେବା ପ୍ରକୃତିର ବହୁଲୋକ ଅଛନ୍ତି । ସାହୁକାର ଦେବା-ବେଳେ ସେଥି ହେତୁରୁ ଅଧିକ ସତର୍କ ହୋଇଥାନ୍ତି, ଜିନିଷ ବନ୍ଧା ରଖି କରଜ ଦିଅନ୍ତି । କରଜ ନେଇ ଶୁଝୁ ନଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୧୬୩ । ଆଜି ମଙ୍ଗନ କାଲି ବାହା
କୁଲ ଡାଉଁ ଡାଉଁ ବଜାଉଥା । —ଢଗ

—ବ୍ୟର୍ଥ ପ୍ରେମିକ ପ୍ରତି କଟାକ୍ଷ ।

୧୬୪ । ଆଜି କାଲି କରି ହେଲା ବରଷେ
ପଅର ଦିନକୁ ହେବ (ହବ) ପୁରୁଷେ । —ଢଗ

—ଉଧାର ନେଇଥିବା ବ୍ୟକ୍ତି "ଆଜ ଦେବି" "କାଲି ଦେବି" କହି ଦିନ ଗଡ଼ାଏ । କିଛି ଦିନ ଗଡ଼ିଗଲେ ଦିଏନାହିଁ, ଶେଷକୁ ଫାଙ୍କେ । ତା ପ୍ରତି ବ୍ୟଙ୍ଗ ।

୧୬୫ । ଆଜି କାଲି ହୋଇ ପୂରିଲା ମାସ
ଲେଉଟ ବୋଲୁଛି କାଲିକ ଥାସ । —ଢଗ

—ଉଧାର ନେଇ ଶୁଝିବାକୁ ଦିନ ଗଡ଼ାଉଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୧୬୬ । ଆଜି ଖୁଦ ଜାଉ କାଲି ଟଇଁଠା
ପଅର ଦିନକୁ ଦାଣ୍ଡ (କୁଆ) ଅଇଁଠା । —ଢଗ

—ଯେଉଁଦିନ ଯାହା ମିଳିବ ତାହା ଖାଇଦେବା, ପର ଦିନକୁ କିଛି ସଞ୍ଚୟ ନ କରିବା । କେଉଁ ଦିନ ଖୁଦ ଜାଉ, କେଉଁ ଦିନ ପିଠା; ତା ପରଦିନ କିଛି ନ ମିଳିଲେ ଦାଣ୍ଡର ଅଇଁଠା ଖାଇବାକୁ କୁଣ୍ଠିତ ହୁଏ ନାହିଁ । ବ୍ୟଙ୍ଗ ।

୧୬୭ । ଆଜି ମଲେ କାଲିକି ଦି ଦିନ ।
(ଆଜି ମଲେ କାଲିକି ମାଟି) —ଲୋକୋକ୍ତି

—ଦିନ ଗଡ଼ିଯାଏ, କାହାର ଜୀବନକୁ ମରଣ ଭ୍ରୂକ୍ଷେପ କରେ ନାହିଁ । ଯେତେ ସୁନ୍ଦର ହେଉପଛେ ଦେହସବୁ ଦିନେ ମାଟିରେ ପରିଣତ ହୁଏ ।

୧୨୮ ।  ଆଜିର ମଲ୍ଲ କାଲିକି ବଇଦ ।  —ଢଗ

—ଅଭିଜ୍ଞତାରୁ ମଣିଷ ଶିଖେ । ଭୋଗୀ ବହୁତ ଦିନ ଭୋଗିଲା ପରେ ଚିକିତ୍ସକର ଯୋଗ୍ୟତା ହାସଲ କରେ ।

୧୨୯ ।  ଆଜି ମୋହର ଭାଗ୍ୟ ଦେଖ
ଦେଖିଲି ବନ୍ଧୁ ଜନ ମୁଖ ।  —କବି ବଚନ
(ଭାଗବତ)

—ବନ୍ଧୁ ଦର୍ଶନ ସବୁବେଳେ ଏକ ସୌଭାଗ୍ୟର ବିଷୟ ।

୧୩୦ ।  ଆଜି କାମ ଯେହୁ ରଖେ କାଲିକୁ
ବେଉସା କରେ ଯେ ପଣାପାଲିକୁ
ନକଲ କରେ ପସରବାଲିକୁ
ଘର ଓଳାଇ ମୁହାଁଏ ଚୂଲିକୁ
କଞ୍ଚା ଗଛରୁ ଛଡ଼ାଏ ଛେଳିକୁ
ବ୍ରାହ୍ମଣ ରସେ ସିନ୍ଦୂର କଲିକୁ
ଦେଖି ଦନାଇ ଆଉଁସେ ଗାଲିକୁ ।  —ଦନାଇ ବଚନ

—ଆଜିର କାର୍ଯ୍ୟ ଆଜି ନ କରି କାଲିକି ପକାଇ ରଖିବା କ୍ଷତିକାରକ । ପଣାଖେଳ ଏକ ମନ୍ଦ ଅଭ୍ୟାସ । ପସାରିଣୀ ସଙ୍ଗେ ଥଟ୍ଟା ଖେଳିବା ଦୁଷ୍ଟମନତା । ଅଳଆକୁ ଚୂଲିକୁ ମୁହାଁଇବା ଏକ ପାପ, ଅଳଆରେ ପିମ୍ପୁଡ଼ି ଆଦି ଜୀବନ୍ତ ପ୍ରାଣୀ ଥାଇପାରନ୍ତି । ସାମାନ୍ୟ ଜାଳ ଲାଗି ଜାଅନ୍ତା ଗଛରୁ ଛେଳି ଛଡ଼ାଇଲେ ଗଛଟି ମରିଯାଏ ।

୧୩୧ ।  ଆଜି କୁରୁ କୁରୁ ହସ
କାଲି ଲଙ୍ଗଳ ଦେଇ ଚଷ ।  —ଛଟା

—ଆଜି ମଉଜମଜଲିସ୍‌ରେ କାଳ କାଟୁଛୁ । କାଲି କଠିନ ପରିଶ୍ରମ କରିବାକୁ ହେବ ।

୧୩୨ । ଆଟିକା ଦଉଡ଼ି ଧୋଇଥୋଇଲି ଲୋ
ନଗିଡ଼ ପଡ଼ିଲା ଘିଅ
ଲୋକେ ପଚାରିଲେ କି ବୋଲି କହିବ ଲୋ
ମୁଁ ତ ଗାଆ ମକଦ୍ଦମ ଝିଅ । —ଢଗ

—ବଡ଼ ଘର ଝିଅ ବୋଲି ବୃଥା ବଡ଼େଇ କରୁଥିବା ବୋହୂ ପ୍ରତି ବ୍ୟଙ୍ଗ । ଆଟିକା ଧୋଇଲାପରେ ଘିଅ ନଗିଡ଼ିବା ଅସମ୍ଭବ । ବୋହୂ ଦେଖେଇ ହୋଇ କହେ ଓ ଠୋକ୍‌କର ଖାଏ ।

୧୩୩ । ଆଟିକା, ଗୋରୁ ମାଉଁସ କାଟି ଖା
(ହାଡ଼ରୁ ମାଉଁସ ଛୁଟି ଖା) ! —ଛଟା

—ପିଲାଙ୍କୁ ପିଲାଏ ଚଢ଼ାଇବା ପଦ-ଡୁଡୁ ଖେଳରେ ଗାହାଧରା ଗୀତ ।

୧୩୪ । ଆଟିକାଚହ୍ଣାଁର ମାଇପ ମରେ । —ଢଗ

—ଆଟିକାଚହ୍ଣାଁ—ଯେଉଁ ସ୍ୱାମୀ ନିଜେ ଖାଇ ସାରିବା ପରେ ଆଟିକାରେ ଅଳ୍ପ କେତେ ରଖିଲା ଜଣେ । ତା ସ୍ତ୍ରୀ ଭଲ ଓ ଯଥେଷ୍ଟ ଖାଇ ପାରେ ନାହିଁ, ତା ସ୍ୱାସ୍ଥ୍ୟ ଖରାପ ହୁଏ ।

୧୩୫ । ଆଟିକା ମାପକୁ ପଲମ । —ଢଗ
—ବାପକୁ ଯାହିଁ ପୁଅ, ଯେମିତି ପ୍ରସୁତ ସେମିତି ସ୍ତ୍ରୀ ।

୧୩୬ । ଆଟିକା ପରି ମୁହଁକୁ ଯୋରସେ ଲାଜ ନାହିଁ ।—ଲୋକୋକ୍ତି

—ଲଜ୍ଜାହୀନତା ପ୍ରତି କଟାକ୍ଷ ।
ଆଟିକା ପରି ମୁହଁ—ବଡ଼ ମୁହଁ, ଯୋରିସେ—ଅତି ଅଳ୍ପ ।

୧୩୭ । ଆଟିକା ଭିତରେ ସୋରଷ
କେତେ ରଙ୍ଗେ ଫୁଟଇ
କେତେ ଟୁପୁ ଟୁପୁ ହେଉଛ
ସବୁ ମୋତେ ଶୁଭଇ । —ଛଟା

—କୌଣସି ନାରୀ ବିରହରେ ଟୁପୁ ଟୁପୁ ଭାଷାରେ ବନ୍ଧୁର ପକେଇଥିବା ପ୍ରତି କଟାକ୍ଷ ।

୧୩୮ । ଆଟୁ ମାଟୁ, ଭେକ (ଖ)ରେ ହଉଚି ପାଟୁ ପାଟୁ ।—ଛଟା
—ରାଧାଧର ଗୀତଭାବରେ ବ୍ୟବହୃତ ।

୧୩୯ । ଆଠଖଣ୍ଡି କାଠିକ ଷୋଳଖଣ୍ଡି ଫନ୍ଦୀ
ଅବୁଝାମଣା ରାଇଜରେ (ରଜା ସାଙ୍ଗକୁ) ପାଳବଣ୍ଡା ମନ୍ତ୍ରୀ,
ପାଳବଣ୍ଡା ମନ୍ତ୍ରୀଙ୍କର ଗୋଟିଏ ଆଖି କଣା,
ଗୁଡ଼ ପଳାଇବା ଏ ରାଇଜ, କୋଦଣ୍ଡା ବୁଝାମଣା ।
—ଢଗ

—ରାଜା ଅବୁଝା, ମନ୍ତ୍ରୀ ଅବୁଝା, ବନ୍ଧୁର ଏକପାଖିଆ, ସେ ରାଜ୍ୟ ଗୁଡ଼ ଯିବା ଲାଗି ଚିନ୍ତା ।

୧୪୦ । ଆଠ ଦୁମୁକାଣି ଷୋଳ ଅସାର
ବତିଶି ଝିପି ଝିପି ଚୌଷଠି କୁଣ୍ଡାଙ୍କର
ତେବେ ଯାଇଁ ଚଷାର ହୁଏ ପେଟପୂର । —କୃଷି ପ୍ରବଚନ

—ଧାନ ଫସଲ ପାଇଁ କି ପ୍ରକାରର କେତେ ବର୍ଷା ଲୋଡ଼ା, ତାର ସୂଚନା ।

୧୪୧ । ଆଠରେ ଚକା ଷୋଳ ବଢ଼ି
ତେବେ ଦେଖିବ ଧାନର କଡ଼ି ।
—ବଢ଼ି ଯୋଗେ ପଟୁ ପଡ଼େ, ଧାନ ଭଲ ହୁଏ । —କୃଷି ପ୍ରବଚନ

୧୪୨ । ଆଠ ବନ୍ଧୁଡ଼ା ଷୋଳ କୋଡ଼ା
ତେବେ ଖାଇବ ବାଇଗଣ ପୋଡ଼ା । — କୃଷି ପ୍ରବଚନ

—ବାଇଗଣଗଛ ସମ୍ବନ୍ଧରେ ଉକ୍ତି । ଆଠ ଥର ବଛା, ଷୋଳଥର କୋଡ଼ାହେଲେ ଭଲ ବାଇଗଣ ହୁଏ ।

୧୪୩ । ଆଠ ହଗା ଷୋଳ ମୂତା
ତେବେ କରିବୁ ବ୍ରାହ୍ମଣର ବୃତ୍ତି —ଛଟା

—ବୃତ୍ତି —ବୃତ୍ତି ବା ଗୃହକର୍ମ । ବାହ୍ମଣ ଘରେ ଗୃହକର୍ମ କରିବା କଷ୍ଟକର । ପ୍ରକୃତିର ଆହ୍ୱାନ ଛଳରେ ଯିବାରେ ହୁଏତ କାର୍ଯ୍ୟରୁ ଅବ୍ୟାହତି ମିଳେ ।

୧୪୪ । ଆଠ କାଠି ଷୋହଳ ପଞ୍ଜରା
ପେଟ ଭିତରେ ଅନ୍ତବ୍ରୂଳା
ବ୍ରାହ୍ମଣ ପଢ଼ି ପଇତା ଥାଇ
ବେଦ ପଢ଼ ବୋଇଲେ ଘୁଙ୍ଗୁର ଯାଇ । —ନାଁ ଢଆ

—ଅରଟ ।

୧୪୫ । ଆଠ ଗୋଡ଼ ସେ ଯେ ଭୂଇଁରେ
ଚାରି ଗୋଡ଼ ଉପରକୁ
ପାଞ୍ଚ ମୁଣ୍ଡ ଚାର ଗୋଟେ ଲାଙ୍ଗୁଡ଼
କହ ଏବେ ଅରଥକୁ । —ନାଁ । ଢଆ

—ମଲ୍ଲ ଗାଈକୁ ବୋହି ନେବା । (ଓଲଟ ବାଗରେ ଗୋଡ଼ ଉପରକୁ, ମୁଣ୍ଡ ତଳକୁ ।)

୧୪୬ । ଆଠଟା ଡ଼ଙ୍ଗର ନଅଟା ଝିଲ୍ଲ
ଆଖି ଦେଖୁନାହିଁ ପାଣି ଖାଉନାହିଁ
କି ଜନ୍ତୁ ବୋଲଇ ମଲ୍ଲ ।
—ନାଁ ଢଆ (କୋରାପୁଟ)—ଖୋସାପୋକ ।

୧୪୭ । ଆଠ ହାତ ଅନ୍ତର ଦେଢ଼ ହାତ ଗାତ
ଜ୍ୟେଷ୍ଠ ମାସରେ କଦଳୀ ପୋତ

ପଣଖଣ୍ଡିକରେ ନ ଦେବୁ ହାତ
ମଳମୂଳ ଖୋଳ ମାଟିରେ ପୋତ
ଖରା ଦିନରେ ଯେ ଢେଣ୍ଡିବ ପାଣି
ପୁଆ କାଢୁଥିବୁ ସମସ୍ତ ଜାଣି
ଗୃହଖଣ୍ଡେ ଗୁଡ଼ଣ କାଟିବୁ ଭଣ୍ଡା
ତେବେ ଦେଖିବୁରେ କଦଳୀ ପେଣ୍ଡା । —କୃଷି ପ୍ରବଚନ

—କଦଳୀ ବୃକ୍ଷ କରିବାର ଗଣ୍ଡ ।

୧୪୮ । ଆଠ ଗୋଡ଼ ତାର ଲଙ୍ଗୁଡ଼ ମାଥେ
ମୋଡ଼ମାଡ ହୋଇ ଶୋଇଲା ଗାତେ
ଯେ ଜନ ଧରନ୍ତେ ଜାଣନ୍ତେ
ଏକ ଗୁନାକେ ଦି ଗୁନା ଆନେ । —ନାଁ ଦିଅ

—ଚଉଳ ।

୧୪୯ । ଆଠ ହାତ ପଙ୍କରୁ ସାତ ହାତ ପାଣି
ତା ଭିତରେ ଅଛି ସର୍ପ ଲୁହାଗୁଣି
ତାର କେତେ ଛୁଆ କହରେ ପାଠୁଆ ପୁଣି । —ନାଁ ଦିଅ

—ପୋଖରୀରେ ଥିବା କନ୍ଦା ।

୧୫୦ । ଆଠ ଗୋଡ଼ ଚୌଖାନ
ରଜାଦ୍ୱାରେ ବତାପନ
କହିବୁ ମନ୍ତ୍ରୀ କହିବୁ ନାଆଁ
ତେବେ ପାଇବୁ ଗୁଆ ଶାସନ ଗାଆଁ । —ନାଁ ଦିଅ

—କୁକୁର କୁକୁରୀ ମେଳ ।

୧୫୧ । ଆଡଡପସ ସାଇଲ, ମୁହଁମାଡ କରି ଶୋଇଲ । —ଛିଟା

—ବରହିଣୀ ବଧୂର ଅନୁଚନ୍ତା ।

୧୫୨ । ଆଡ଼ତପସ ସାରିଲ, ବାଡ଼ଆଡେ କାନ ପାରିଲ ।—ଛିଟା

—ବରହିଣୀ ବଧୂର ଦୁଃଖ

୧୫୩ । ଆଉ ନୟନ ବଙ୍କା ଭ୍ରୂନ୍ତ
ତାଙ୍କୁ ଜାଣିବ ଠକଙ୍କ ଗୁରୁ । —ଢଗ

—ଠକଙ୍କ ମନୋଭାବ ଆଖିରେ ହିଁ ଫୁଟିଉଠେ । ତାହା ଜାଣି ପାରିଲେ ଆଉ ଠକାମିରେ ପଡ଼ିବାକୁ ହୁଏନାହିଁ ।

୧୫୪ । ଆଉ କଅଁଳିଆ ମଞ୍ଜି
ଟୋକଲୀ ମନରେ ନାହିଁ ଶରଧା
କେତେବେଳେ ହେବ ସଞ୍ଜ ? —ଛଟା

—କାମାତୁର ପ୍ରତି ବ୍ୟଙ୍ଗ ।

୧୫୫ । ଆଉଆ ଉପରେ ଛୁଟିଛି ଘୋଡ଼ା
ମଝିଆଁ ବୋହୂ ତାର ପାଲିଙ୍କିଚଢ଼ା । —ଛଟା
(ମେଦିନୀପୁର)

—ମଝିଆଁ ବୋହୂ ଶାଶୂ ଘରକୁ ପାଲିଙ୍କି ଚଢ଼ି ଆସିଥିଲା ବୋଲି ଘର ଆଉଡ଼ା ଦେଖାଏ ।

୧୫୬ । ଆଣରେ ପିଲାଏ ମାଳି,
ଛଡ଼ାକାଟି କରି ଜଟା ବାନ୍ଧି ଦେବା
ହାଟରେ ପାଉଁଶ ବୋଳି । —ଛଟା

—ଭେକଧାରୀ ବାବାଜୀଙ୍କ ପ୍ରତି ବ୍ୟଙ୍ଗ ।

୧୫୭ । ଅଣରେ ପିଲେ ମୂଷା ମାଟି
ମେଘ ଯାଉ ଫସର ଫାଟି । —ଛଟା

—ମୂଷା ମାଟି ପକାଇଲେ ମେଘ ଭାଙ୍ଗିଯାଏ, ବିଶ୍ୱାସ । ଖେଳରେ ବାଧା ଆସିଲେ ପିଲାମାନେ କୌତୁକରେ ଏ ଗୀତ ବୋଲୁଥାନ୍ତି ।

୧୫୮ । ଆଣ୍ଠୁ ଲୋକକୁ ଭାତ ଦେଲେ
ଢ଼ିଲା ଲୋକକୁ ପେଜ । —ଢଗ

—କାର୍ଯ୍ୟ ଅନୁସାରେ ଫଳ ମିଳେ । ଯେ କଠିନ ପରିଶ୍ରମ କରେ ତାକୁ ଭଲ ମିଳେ, ଯେ କାର୍ଯ୍ୟରେ ହେଳା କରେ ତା ଲାଗି ଖରାପର ବ୍ୟବସ୍ଥା ।

୧୫୯ । ଆଣି ଏଗାରଲି ତାଳ
ସେ ହେଲା ମୋତେ କାଳ —ଛଟା

—ଘର ପାଖରେ ତାଳଗଛ ପୋତିଲେ ସେ ବିପଦର କାରଣ ହୁଏ ବୋଲି ଲୋକବିଶ୍ୱାସ । ସେହିପରି ଆତ୍ମୀୟଙ୍କୁ ପାଖରେ ଆଣି ରଖିଲେ ସେ ବେଳେ ବେଳେ ଅନିଷ୍ଟର କାରଣ ହୋଇଥାଏ ।

୧୬୦ । ଆଣିଥିବୁ ମୂଳାଶିଙ୍ଗାକୁ ରସି
କାନ୍ଦୁଥିବୁ ହିଡ଼ ମୁଣ୍ଡାରେ ବସି । —କୃଷି ପ୍ରବଚନ

—ମୂଳାଶିଙ୍ଗା ବଳଦ ଭଲ ହୁଏନାହିଁ । ସେ ଭଳି ବଳଦ କିଣିଥିଲେ ଯାଗବେଳେ ଚାଷ କରି ନ ପାରି ଚାଷୀକୁ ହିଡ଼ମୁଣ୍ଡାରେ ବସି କାନ୍ଦିବାକୁ ହୁଏ ।

୧୬୧ । ଆଣ୍ଟିକ ପାଣିରେ ଟୁବୁକ ନାଚେ
ରଙ୍ଗଧାନ ଗଉଣିଏ ପାଚେ । —ଢଗ ଢମାଳି
—କାକରା ପିଠା ।

୧୬୨ । ଆଣ୍ଟିଏ, କୁଟା ଖାଏ ଗାଣ୍ଟିଏ । —ଢଗ ଢମାଳି
—ଚୁଲି ।

୧୬୩ । ଆଣ୍ଟିକ ପାଣିରେ ଡାହୁକ ନାଚେ । —ଢଗ ଢମାଳି
—ଘି ପିଠା ।

୧୬୪ । ଆଣ୍ଡକୁଡ଼ା ଘରେ ଶୁକୁଟା ଟିକକ ଲକ୍ଷେ ଟଙ୍କା । —ଢଗ

—ଶୁକୁଟା—ବେଗିଣା, ଯାହାର ପିଲାଛିଆ ନାହିଁ ତା ଘରେ ବେଗିଣା ପିଲାଟିର ମୂଲ୍ୟ ବହୁତ ।

୧୬୫ । ଆଣ୍ଠୁକୁଡ଼ାର ମୁହଁ ଗୁହଁଲେ ଅମଙ୍ଗଳ । —ଲୋକୋକ୍ତି

—ଆଣ୍ଠୁକୁଡ଼ା-ସନ୍ତାନହୀନ ବ୍ୟକ୍ତି । ଏହା ଏକ ଲୋକବିଶ୍ୱାସ ।

୧୬୬ । ଆଣ୍ଠୁକୁଡ଼ା ଘରେ ଡଙ୍ଗାବୁଡ଼ି ପୁଅ । —ଢଗ

—ଆଣ୍ଠୁକୁଡ଼ା ସନ୍ତାନହୀନ ବ୍ୟକ୍ତି । ଆଣ୍ଠୁକୁଡ଼ା ଆଣ୍ଠୁକୁଡ଼ୀ ପୁଅ ହେଉନାହିଁ ବୋଲି ଦୁଃଖ କରୁଥିଲେ । ଶେଷକୁ ପୁଅଟିଏ ହେଲା । ସେ ବାପମାଆଙ୍କୁ ପୋଷିବ କଅଣ ଓଲଟି ସଂସାର ନାଆକୁ ବୁଡ଼େଇବାକୁ ଚେଷ୍ଟା କଲା ।

୧୬୭ । ଆଣେ ଭୁତ ଖାଏ କୁଟି
କାମକୁ ଯାଏ ସକାଳୁ ଉଠି । —ଢଗ

—ମୂଲିଆ ସକାଳୁ ଉଠି ମୂଲ ଲାଗିଯାଏ, ଯାହା ମୂଲ ଆଣେ ତାକୁ ଉଷେଇ କୁଟିଖାଏ ।

୧୬୮ । ଆଣେ ସେଠକୁ ସପୁର ଗୁଡ଼ଲ
ତିଲ ପଶୁକୁ ବଗଡ଼ା ଗୁଡ଼ଲ । —ଢଗ
—ସପୁର—ସରୁ । (ସମ୍ବଲପୁର)

୧୬୯ । ଆତଙ୍କ କାଳେ ଯାଚନ୍ତି କୁକୁଡ଼ା
ଅତାଙ୍କ ଗଲେ ଦିଅନ୍ତି ନେଫଡ଼ା । —ଢଗ

—ଆତଙ୍କ ପଡ଼ିଲେ ଲୋକେ ଦେବତାଙ୍କୁ ନାନା ମାନସିକ କରନ୍ତି । ବିପଦ ଦୂର ହୋଇଗଲେ ମାନସିକ କଥା ଭୁଲିଯାନ୍ତି ।

ନେଫଡ଼ା—ବଣର କୌଣସି ଗଛର ଫଳ ।

୧୭୦ । ଆଡ ବଣକୁ ଯାତ
ଯେଉଁ ଫଳର ମଞ୍ଜି ନାହିଁ ଖା'ତ । —ଧାଁ ଧିଆ
—ଲୁଣ ।

୧୭୧ । ଆତୁରେ ନିୟମୋ ନାସ୍ତି । —ସଂସ୍କୃତ ଶ୍ଲୋକାଂଶ

—ବିପନ୍ନ ବା ରୋଗୀର କୌଣସି ଗତାନୁଗତିକ ନିୟମ ମାନିବାର ଧୈର୍ଯ୍ୟ ନ ଥାଏ ।

Purchased with the assistance of the Govt. of India Under the Scheme of Financial Assistance Voluntary Educational Organisations Working Public Libraries/M... Libraries in the Year

୧୭୨ । ଆତାପି ଭକ୍ଷନ୍ତେ ଜୀର୍ଣ୍ଣଂ
ବାତାପି ଚ ମହାସୁରଃ
ସପ୍ତ ସମୁଦ୍ରଂ ଶୋଷିତେ ଯେନ
ଅଂଗୁଷ୍ଠି ବଡ଼ବାନଳଃ ।

—ସଂସ୍କୃତ ଅନୁକରଣରେ ରଚିତ ଶ୍ଳୋକ

—ଆତାପି ବାତାପି ଦୁଇ ଭାଇ । ଆତାପି ମୃଗ ହୋଇ ଋଷିଙ୍କ ଶ୍ରାଦ୍ଧରେ ନିହତ ହୁଏ । ଋଷିଙ୍କ ପେଟରେ ମାଂସ ରୂପରେ ରହେ । ବାତାପି ନାମ ଧରି ଡାକିବା ମାତ୍ରେ ସେ ଋଷିମାନଙ୍କ ପେଟ ଫଟାଇ ବାହାରି ଆସେ । କିନ୍ତୁ ସେ କୌଶଳ ଅଗସ୍ତି ଋଷିଙ୍କ କ୍ଷେତ୍ରରେ ଖଟିଲା ନାହିଁ । ଅଗସ୍ତି ଖାଇ ସାରିବା ମାତ୍ରେ ହେଉଡ଼ ମାରି ଆତାପିକୁ ଜୀର୍ଣ୍ଣ କରି ଦେଲେ ।

ଅଗସ୍ତି ସାତ ସମୁଦ୍ରକୁ ଚଳୁ କରିଦେଲେ । ସେ ବଡ଼ବାଗ୍ନି ସହିତ ତୁଳନୀୟ ।

୧୭୩ । ଆଦର ପଡ଼ୁଛି ସୋଦରକୁ (ଷୋଦରକ)
କୁଆ ନେଇଗଲା ଗୋଦରକୁ (ଗୋଦରକ) —ଛଟା

—ଗୋଦର ପ୍ରତି ବ୍ୟଙ୍ଗ ।

୧୭୪ । ଆଦର ପଡ଼ୁଛି ଗୋଦରକ
କୁଣ୍ଡା ପିଠା ଦେଇ ସୋଦରକ ।

—ବଦରସିକର ପ୍ରେମ ପ୍ରତି ବ୍ୟଙ୍ଗ ।

୧୭୫ । ଆଦର ପଡ଼ିଚି କୁଣ୍ଡାଖାଇକ
କୁଣ୍ଡାଖାଇ ଯାଏ ଆଉ ଖାଇକ । —ଛଟା

— ତଥାକଥିତ ପ୍ରେମିକା ପ୍ରତି ବ୍ୟଙ୍ଗ ।

୧୭୬ । ଆଦର ଆଦର କାହାକୁ
ପାଇଲା ବାନ୍ଦରମୁହାଁକୁ । —ଛଟା

—ବାନ୍ଦରମୁହାଁ —ମାଙ୍କଡ଼ମୁହାଁ

—ଅସୁନ୍ଦରୀ ସଧବା ବା ଅସୁନ୍ଦର ମୃତଦାର ବ୍ୟକ୍ତିର ଦୁଃଖପ୍ରଦ ହେବା ପ୍ରତି ବ୍ୟଙ୍ଗ ।

୧୭୭ । ଆଦର ନ ଥାଇ ଯେଉଁ ଭୋଜନ
ଲବଣ ନ ଥାଇ ଯେଉଁ ତିଅଣ
ଗାମୁଛା ନ ଥାଇ ଯେଉଁ ସ୍ନାହାନ
ସଖୀ ଗୋ ମନ୍ଦ ଏ । —ଢଗ

—ସ୍ନେହାଦରମୟ ଆତିଥ୍ୟ ସୁଖପ୍ରଦ । ଲବଣହୀନ ବ୍ୟଞ୍ଜନ ଅସ୍ୱାଦୁ । ବିନା ଗାମୁଛାରେ ସ୍ନାନ ସୁଖକର ନୁହେଁ ।

୧୭୮ । ଆଦରେ ଭୋଜନ କି କରେ ବ୍ୟଞ୍ଜନ ? —ଢଗ

—ସ୍ନେହାଦରରେ ଯାହା ଖାଇବାକୁ ଦିଆଯାଏ, ତାହା ତୃପ୍ତି-ଦାୟକ ହୋଇଥାଏ । ତ ତିଅଣ ନ ଭଜା ନ କଲେ କଅଣ ହେଲା ?

୧୭୯ । ଆଦମୀ ଆଦମୀ ଅନ୍ତର
କୋଇ ହୀରା କୋଇ ପଥର । —ହିନ୍ଦୀ ପ୍ରବଚନ

—ଜଣଙ୍କଠାରୁ ଆଉ ଜଣେ ଭିନ୍ନ । ଜଣେ ହୀରା ପରି ସମାଜରେ ଉଚ୍ଚ ସମ୍ମାନ ଲାଭ କରେ । ଆଉ ଜଣେ ପଥର ପରି ମୂଲ୍ୟହୀନ ବିବେଚିତ ହୁଏ ।

୧୮୦ । ଆଦର ନ ଥାଇ ଯେଉଁ ଭୋଜନ
ନିଶ୍ଚିନ୍ତ ନ ହୋଇ ଯେଉଁ ଶୟନ
ଗୃହିଣୀ ନଥାଇ ଯେଉଁ ଭବନ
ଚିତ୍ତ ଥୟ ନାହିଁ ଯେଉଁ ଭଜନ
ବୋଲେ ଦନାଇ ଅତି ହୀନମାନ । —ଦନାଇ ବଚନ

—ମନରେ ଚିନ୍ତା ପଶିଲେ ନିଦ ହୁଏ ନାହିଁ, ଯାହାର ଘରଣୀ ନାହିଁ ତା ଘରେ କିଛି ଆନନ୍ଦ ନାହିଁ । ମନ ସ୍ଥିର ନଥିଲେ ପ୍ରାର୍ଥନା ବୃଥା ।

୧୮୧ । ଆଦ୍ୟ ଅବତାରେ ମୁଣ୍ଡାର ଟୋପି
କୃଷ୍ଣ ଅବତାରେ ମୋହିଲେ ଗୋପୀ
ରାମ ଅବତାରେ ରାବଣ ମାର
ଆଜ ହୋଇଛୁ ସେଣ୍ଡ୍ର ତରକାରୀ । —ନାଁ ଢଗ

—ଜହ୍ନି ।

୧୮୨ । ଆଦର ଚଢ଼ିଲେ ଠାପୁଣୀକି
ଠାପୁଣୀ ଯାଏ ଆର ସାଇକି । —ଢଗ

—ଠାପୁଣୀ କାହା ଦୁଆରକୁ ଯାଏନାହିଁ । ତାକୁ ଆଦରସନମାନ ମିଳିଲେ ଯାଏ, ପୁଣି ଗୋଡ଼ ଲମ୍ବାଏ, ଧରାଛୁଅଁ ଦଏନାହିଁ । ଠାପୁଣୀ ପ୍ରତି ବ୍ୟଙ୍ଗ । ଅନ୍ୟ ନଗଣ୍ୟ ଲୋକ ଆଦର ଲୋଡ଼ିଲେ ତା ପ୍ରତି ଏହା ପ୍ରଯୁକ୍ତ ହୁଏ ।

୧୮୩ । ଆପ୍ କଅଁାକୁ ଇଲଜ୍ ନାଆଁ ।
ଆପଣ କଅଁାକୁ ଇଲଜ୍ କଅଁା ! —ଢଗ

—ଇଲଜ୍—ଔଷଧ ବା ଯନ୍ତ୍ରମନ୍ତ୍ର ପ୍ରୟୋଗ । ନିଜ କଲା କର୍ମର ଫଳ ମଣିଷକୁ ଭୋଗିବାକୁ ହୁଏ । ଅନ୍ୟ ଲୋକ ଯନ୍ତ୍ରମନ୍ତ୍ର କରିଛି କହିବା ବୃଥା ।

୧୮୪ । ଆପଣା ବେଳ (ପୁଅ)କୁ ଫାଲୁଆ ଗୁଣ୍ଡା
ପର ବେଳ (ପୁଅ)କୁ ଗୋବର ଲଣ୍ଡା । —ଢଗ

—ସ୍ୱାର୍ଥପର, ନିଜେ ଖୁବ ଖାଏ, ଅନ୍ୟକୁ ଭଲ ଖାଇବାକୁ ଦଏନାହିଁ । ଏହିପରି ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୧୮୫ । ଆପଣାର ପାଚିଯିବ
ପରର ଦେଖିଲେ କାଠଭୂତ । —ଢଗ

—ନିଜର ଯେତେ ଧନ ଜନ ଥିଲେ ହି ଅଧିକ ଦିଶେନାହିଁ । ପରର ଧନ ଜନ ଦେଖିଲେ କାବାକାଠ ହୋଇଯାଏ । ଈର୍ଷାରେ ଜର୍ଜରିତ ଏହିପରି ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୧୮୬ । ଆପଣା ପୁଅ ସୁନ୍ଦର
ପର ପୁଅ ବାନ୍ଦର —ଢଗ

—ନିଜ ପୁଅ ବାପମା'ଙ୍କୁ ସୁନ୍ଦର ଦିଶେ, ସେମାନେ ଅନ୍ୟ ପିଲାର ଖୁଣ ବାଛନ୍ତି । ମଣିଷର ଏତାଦୃଶ ସ୍ୱାର୍ଥପରତା ପ୍ରତି ବ୍ୟଙ୍ଗ ।

୧୮୭ । ଆପଣା ବେଳକୁ ପାଞ୍ଚ କଡ଼ା
ପର ବେଳକୁ ତିନ କଡ଼ା । —ଢଗ

—ନିଜେ ବେଶୀ ଭାଗ ନେଇ ଅନ୍ୟକୁ କମ୍ ଦେବା ପ୍ରତି ବ୍ୟଙ୍ଗ । କଡ଼ା—ଗୋଟାଏ କଉଡ଼ି ବା ନଉଆ ।

୧୮୮ । ଆପଣା ସୁନା ତ ଭେଣ୍ଡି
ପର ସଙ୍ଗେ କର୍ଣ୍ଣ ବାଳ (ଚୁଟି) ଧରାଧରି ? —ଢଗ

—ଭେଣ୍ଡି—ଭେଲ (ଧାତୁମିଶା) ସୁନା । ନିଜ ଲୋକ ଯେତେବେଳେ ଠିକ୍ ନାହିଁ, ଅନ୍ୟ ପଛରେ ଝଗଡ଼ା କରି କି ଲାଭ ?

୧୮୯ । ଆପଣା ଘରେ କୁକୁର ରଜା । —ଲୋକୋକ୍ତି

— ନିଜ ଘରେ ପ୍ରତ୍ୟେକ ବଡ଼ ଓ ବଳୁଆ ।

୧୯୦ । ଆପଣା ହସ୍ତେ ଜିହ୍ୱାଚ୍ଛେଦ, କେ ଅଛି ତାର ପ୍ରତିବାଦୀ ?
—କବି ବଚନ

—ଏହା ଢଗ ପରି ଲୋକରେ ପ୍ରିୟ । ନିଜେ ନିଜର ଶତ୍ରୁ ହୋଇ ମଣିଷ ବହୁ ଅନିଷ୍ଟ କରେ । ନିଜେ ନିଜର ଜିଭ କାଟି ବସିଲେ କିଏ କଅଣ କରିବ ? ନିଜକୁ ଇନ୍ଦ୍ରିୟମାନଙ୍କ କବଳରୁ ରକ୍ଷା କରିବା କର୍ତ୍ତବ୍ୟ ।

୧୯୧ । ଆପଣା ବୁଦ୍ଧିରେ ଠାକୁର
ପର ବୁଦ୍ଧିରେ କୁକୁର । —ଢଗ

ଆପଣା ବୁଦ୍ଧିରେ ମଣିଷ ଚାଲିଲେ ଦେବତା ପରି ମହାସ୍ଥାନ୍ ହୁଏ । ପରବୁଦ୍ଧି କ୍ଷତିକାରକ । କୁକୁର ପରି ସେ ସର୍ବହରା ହୁଏ, ପର ପଛରେ ଗୋଡ଼ାଇ ଗୋଡ଼ାଇ ତା ବୁଦ୍ଧି ଅତି ହୀନ ହୋଇଯାଏ ।

୧୯୨ । ଆପଣା ଦେଶେ ଠାକୁର, ପର ଦେଶେ କୁକୁର —ଢଗ

—ମଣିଷ ନିଜ ଦେଶରେ ସମ୍ମାନ ପାଇଲା ଭଳି ଅନ୍ୟ ଦେଶରେ ପାଏନାହିଁ । 'ସ୍ୱଦେଶେ ପୂଜ୍ୟତେ ରାଜା'; ଯେପରି ରାଜା ସେପରି ପ୍ରଜା । କିନ୍ତୁ ବିଦ୍ୱାନ ସର୍ବତ୍ର ସମ୍ମାନ ପାଏ ।

୧୯୩ । ଆପଣା ବୁଦ୍ଧିରେ ଯୋଗୀ ହେବ ପଛକେ
ପର ବୁଦ୍ଧିରେ ରଜା ହେବ ନାହିଁ । —ଲୋକୋକ୍ତି

—ଯୋଗୀ—ଭିକାରି । ନିଜ ବୁଦ୍ଧି ନିଜ ପକ୍ଷରେ ହିତକାରୀ । ନିଜେ ଯଦି ନିଜର ଉପକାର କରି ନ ପାରିଲ ପର କିପରି କରିବ ? କଥା ଅଛି—"ପର ବୁଦ୍ଧି ପ୍ରଳୟ ।"

୧୯୪ । ଆପଣା ହାତ, ଜଗନ୍ନାଥ । —ଢଗ

—ଆପଣା ହାତରେ କର୍ମ କଲେ ବିଶେଷ ତୃପ୍ତି ମିଳେ । ଜଗନ୍ନାଥ ଆତ୍ମନିର୍ଭରଶୀଳ ବ୍ୟକ୍ତି ପ୍ରତି ପ୍ରସନ୍ନ ହୋଇଥାନ୍ତି ।

୧୯୫ । ଆପଣା ଚିତ୍ତ ଯେବେ ଦୃଢ଼
ତେବେ ଦାଣ୍ଡ ପାହାଚରେ ଘର । —ଢଗ

—ମନ ଦୃଢ଼ ଥିଲେ ଘୋର ପ୍ରତିକୂଳ ପରିସ୍ଥିତିରେ ବିଚଳିତ ହୁଏ ନାହିଁ ।

ଆପଣା ଦହିକୁ ଖଟା କହେ କିଏ ? —ଲୋକୋକ୍ତି

୧୯୬ । ଆପଣା ଆପଣା ରାଜି
କିସ କରିବ କାଜି ? —ଢଗ

— ପକ୍ଷମାନେ ପରସ୍ପର ମଧ୍ୟରେ ସାଲିସ୍ ଲାଗି ରାଜି ହୋଇଗଲେ, ବିଚାରପତିଙ୍କ ପ୍ରୟୋଜନ ହୁଏ ନାହିଁ ।
କାଜି—ବିଚାରକ ।

୧୯୭ । ଆପଣା ଗାଁ ମଶାଣି, ପର ଗାଁ ପାଣି । —ଢଗ

କେଉଁଠି ଭୂତ ଚଣ୍ଡୀ ଅଛନ୍ତି ସେ ଜାଣେ, ତେଣୁ ନିଜ ଗାଁ ମଶାଣିକୁ ଭୟ । ପର ଗାଆଁରେ ବହୁତ ସ୍ଥାନରେ ପାଣି ଅତିକ୍ରମ କରି ଲୋକକୁ ଯିବାକୁ ହୁଏ, କିନ୍ତୁ ପାଣି କଣ୍ଡେ ନଥିବାରୁ କେଉଁଠି କେତେ ପାଣି ହେବ, ସେ ଜାଣେନାହିଁ । ତେଣୁ ତାକୁ ଡର ମାଡେ ।

୧୯୮ । ଆପଣା ଦେଶରେ ଭିକ୍ଷା କଲେ କୁକୁର
ପର ଦେଶରେ ଭିକ୍ଷା କଲେ ଠାକୁର । —ଢଗ

—ଅତି ହେୟଦଶା ହୋଇ ଚଳୁଥିବାରୁ ଓ ତାର ପୂର୍ବ ଇତିହାସ ଜଣାଥିବାରୁ ସ୍ୱଦେଶରେ ଭିକାରିଆ କୁକୁର ପରି ଗୋଡ଼ାଣିଆ ବୋଲି ନିନ୍ଦନୀୟ ହୁଏ, ଅନ୍ୟ ଦେଶରେ ସମ୍ମାନିତ ହୋଇଥାଏ ।

୧୯୯ । ଆପଣା ଦୋଷେ ମରଣ ଯାର
କି କରିବେ ବ୍ରହ୍ମା ଶଙ୍କର ତାର ? —ଢଗ

—ମଣିଷ ପରର ଯେପରି ନିଜର ସେହିପରି ବହୁତ କ୍ଷତି କରିପାରେ । ନିଜର କ୍ଷତି କରୁଥିବାବେଳେ ବା ଆତ୍ମହତ୍ୟା କରୁଥିବାବେଳେ ଭଗବାନ ତାକୁ ଅଟକାଇ ପାରନ୍ତି ନାହିଁ ।

୨୦୦ । ଆପଣା ଶିଙ୍ଗରେ ଭୂଇଁ ତାଡ଼ିବା । —ରୂଢ଼ି ପ୍ରୟୋଗ
—ସ୍ୱାବଲମ୍ବୀ ହେବା ।

୨୦୧ । ଆପଣା ଦୋଷେ ଆପେ ମରି
ପର ଦୋଷରେ ବ୍ରହ୍ମହତ୍ୟା । —ଢଗ

—ନିଜ ଦୋଷରେ ନିଜର କ୍ଷତି ଘଟେ । ଅନ୍ୟ ଲୋକ ସ୍ତ୍ରୀକୁ ହରଣ କରି ନେଇଗଲେ ଲୋକ ବ୍ରହ୍ମହତ୍ୟା ହେବାକୁ ବାଧ୍ୟ ହୁଏ ।

୨୦୨ । ଆପଣା ଗୋଦର ଗୋଡ଼ ଦୁଆରେ ଚଳୁନାହିଁ,
ପରଘରେ ବାତ ଛକାଛି କରୁଛୁ ! —ଢଗ

—ନିଜ ଦୋଷ ଦୂର କରିବା ଲାଗି ଚେଷ୍ଟା ନ କରି ପରକୁ ଉପଦେଶ ଦେବା କିମ୍ବା ପର ଦୋଷ ଦୂର କରିବାକୁ ଚେଷ୍ଟା କରିବା ।

୨୦୩ । ଆପଣା ମୁହଁରେ ଆପେ ମିଆଁ ମିଠୁ ବନିବା ।

—ଲୋକୋକ୍ତି

—ଆତ୍ମବଡ଼ିମା ଦେଖାଇ ହେବା ।

ମିଆଁ—ମୁସଲମାନଙ୍କ ସମ୍ମାନପ୍ରଦ ପଦବୀ ।

୨୦୪ । ଆପଣା ସେରକ ଯେ ପରକୁ ଦିଏ, ତା ମୁଣ୍ଡରେ ପୋଡ଼ୁ ।

—ଲୋକୋକ୍ତି

- ନିଜ ଅଧିକାର ଅନ୍ୟକୁ ଦେଇଥିବା ବ୍ୟକ୍ତି ପ୍ରତି ଧିକ୍କାର ।

୨୦୫ । ଆପଣାକୁ ଆପେ ବୁଝିଲେ ସରଇ ଅଡ଼ୁଆ
ବଳଦକୁ ଯେସନ ଲଦନ ଗରୁଆ । —ଢଗ

—ଲଦନ—ବୋଝ; ଗରୁଆ - ଭାରି । ନିଜ ଦାୟିତ୍ୱ ନିଜେ ବୁଝିଲେ ବହୁ ଅସୁବିଧାରୁ ରକ୍ଷା ମିଳେ । ବଳଦ ନିଜ ଭାର ଠିକ୍ ଭାବେ ବୋହିଲେ ଶଗଡ଼ଆର ଦାୟିତ୍ୱ ଊଣା ହୋଇଯାଏ ।

୨୦୬ । ଆପଣା ନାକ କାଟି ପରର ଯାତ୍ରାଭଙ୍ଗ । —ନ୍ୟାୟ

—ପରର ସାମାନ୍ୟ ଅନିଷ୍ଟ କରିବାକୁ ଇଚ୍ଛା କରି ନିଜର ଘୋର କ୍ଷତି ଘଟାଇବା ।

୨୦୭ । ଆପଣା ସ୍ୱାର୍ଥିକ ବଣୀ ଚଢ଼େଇ —ଲୋକୋକ୍ତି

—ଅତ୍ୟନ୍ତ ସ୍ୱାର୍ଥପର ବ୍ୟକ୍ତି ।

୨୦୮ । ଆପଣା ପୁଅଟି ଖାଏ ଏଟୋଟି
ନାଚେ ଯେମିତି ନାଟିମଟି
ପର ପୁଅଟା ଖାଏ ଏତୁଟା
ନାଚେ ଯେମିତି ଘୋଡ଼ାମୁହାଁ ବାନ୍ଦରଟା ।

—ଢଗ

—ଅତି ସ୍ୱାର୍ଥପର ବ୍ୟକ୍ତି ପ୍ରତି ବ୍ୟଙ୍ଗ । ନିଜ ପୁଅ ଅଳ୍ପ ଖାଏ । ତା ନାଚ ମାଆ ଆଖିରେ ସୁନ୍ଦର । ପର ପିଲାର ଖାଦ୍ୟ ଉପରେ ତାର ଆଖି । ସେ ବହୁତ ଖାଏ, ମାକଡ଼ ପରି ନାଚେ ।

୨୦୯ । ଆପଣା ଗାଣ୍ଡି କି ଲୁଗା ନାହିଁ
ପରଗାଣ୍ଡି ଘୋଡ଼ାଉଛୁ ! —ଲୋକୋକ୍ତି

—ନିଜ ସୁଖଦୁଃଖ ପ୍ରତି ଦୃଷ୍ଟି ନ ଦେଇ ଯେ ପର ଦୁଃଖ ଦୂର କରିବାକୁ ଚେଷ୍ଟା କରେ, ତା ପ୍ରତି ବ୍ୟଙ୍ଗ ।

୨୧୦ । ଆପଣା ଘରେ ଆପେ ରଜା —ଢଗ

—ପ୍ରତ୍ୟେକ ନିଜ ଘରେ ପ୍ରବଳ ଶକ୍ତିମନ୍ ରାଜା । ଯେ ଅଧିକାର ସେ ଅନ୍ୟ କେଉଁଠି ଜାହିର କରିପାରେନାହିଁ ।

୨୧୧ । ଆପ କଥା, କାଟେ ମଥା । —ଢଗ

—କଥାରେ ସଂଯତ ନ ହେଲେ ମଣିଷ ନିଜର ବହୁ କ୍ଷତି ଘଟାଇଥାଏ ।

୨୧୨ । ଆପ କଥା, ଲୋକ ବ୍ୟଥା । — ଢଗ

—ମଣିଷ ଭାବୁରେ, ଦୁନିଆଁସାକର ଲୋକ କେବଳ ତାରି କଥା ଭାବୁଛନ୍ତି । ସେଭଳି ଭାବନା ପ୍ରତି ବ୍ୟଙ୍ଗ । ଲୋକେ ପ୍ରକୃତରେ ନିଜ ନିଜ ଜଞ୍ଜାଳରେ ବ୍ୟସ୍ତ । ଅନ୍ୟ କଥା ଭାବିବା ପାଇଁ ସେମାନଙ୍କର ବେଳ କାହିଁ ?

୨୧୩ । ଆପ କାର୍ଯ୍ୟଂ ତାତପର୍ଯ୍ୟଂ
ପର କାର୍ଯ୍ୟଂ ହେବାଗେବା ।
— ସଂସ୍କୃତ ଶ୍ଳୋକ ଅନୁକରଣରେ ରଚିତ ପଦ

—ମଣିଷ ନିଜ କାର୍ଯ୍ୟପ୍ରତି ଯେମିତି ଦୃଷ୍ଟି ଦିଏ, ଅନ୍ୟ କାର୍ଯ୍ୟ ପ୍ରତି ସେପରି ଦୃଷ୍ଟି ଦିଏନାହିଁ ।

୧୧୪ । ଆପ ରୁଚି ଭୋଜନ
ପର ରୁଚି ପହରଣ । —ଢଗ

—ପହରଣ - ପିନ୍ଧିବା । "ଆପରୁଚି ଖାନା, ପରରୁଚି ପରନା" ଏହା ହିନ୍ଦୀ ପ୍ରବଚନ ଅନୁକରଣରେ ରଚିତ । ନିଜ ରୁଚି ଅନୁସାରେ ଖାଇବା ଉଚିତ, କିନ୍ତୁ ପିନ୍ଧିବାବେଳେ ଦୁନିଆର ରୁଚି ପ୍ରତି ଦୃଷ୍ଟି ଦେବା ଉଚିତ ।

୧୧୫ । ଜ୍ଞାନ ଖାଏ ଗୀତା
ବଂଶ ଖାଏ ଚଣ୍ଡୀ । —ଢଗ

—ଗୀତାପାଠରେ ଭୁଲ କଲେ ପାଠକର ନିଜର କ୍ଷତି ହୁଏ । କିନ୍ତୁ ଚଣ୍ଡୀପାଠରେ ଭୁଲ କଲେ ବଂଶନାଶ ହୁଏ ।

୧୧୬ । ଆ ପଛକୁ ଯା ପଛକୁ
ବାଉଣା ପାରିଲି ଫୁଲଗଛକୁ
ଫୁଲଗଛ ପାଣି ମଳୀରେ
କାଳିଆ ସାଙ୍ଗରେ ପୀରତି କରି
ଝୁରି ଝୁରି ମଲି ଗଲାରେ । —ଢଗ
—ବିରହ ଅନୁଶୋଚନା ।

୧୧୭ । ଆପଣ ବେହେଲ ହୋଇଲେ ଗ୍ରେଠା
ବୁଲି ଭିକାରି ପେଟେ ହୁଏ ମୋଟା
କୂଅରେ ପଡ଼ିଲେ ଅପଣା କୁଟା
ବାପ ପୁଅ ମନ ହୋଇଲେ ଖଟା
ଗାରଡ଼ି ହୋଇଲେ ଲଙ୍ଗୋଇ ହଟା
ପାକୁଆ ଶିଖି ଧରିଗଲେ ଗେଠା
କୋଶଳା ଶାଗ ହେଲେ ମଞ୍ଜି ଫୁଟା
ହଳଦୀ ନୋହିଲେ ଚକ୍‌କଣ ବଟା
ବୋଲେ ଦନାଇଁ ଏ ଭଲ କେଉଁଟା ? —ଦନାଇ ବଚନ

—ସ୍ଥେଠା ଗଜଉ଼ ସବାସ ବୋଲ୍ବ ପାରେନାହିଁ । ଭକାରୀ ମୋଟା ହେଲେ କେହି ତାକୁ ଭିକ ଦିଅନ୍ତିନାହିଁ । କୂଅରେ ମଇଲା ପଡ଼ିଲେ ପାଣି ପିଇ ହୁଏନାହିଁ । ବାପ ପୁଅଙ୍କ ମଧ୍ୟରେ ନ ପଡ଼ିଲେ ଘରେ ଅଶାନ୍ତି ଲାଗିରହେ । ମେଣ୍ଢା (ଗାରଡ଼) ଲଢ଼େଇରେ ହଟିଲେ ମନ ଖରାପ ହୁଏ । ଗୋଲାପଗାଛ ଦୋଷରୁ ଗେଠା ଧରିଲେ ପାଲୁଅ ଖିରୀ ସୁସ୍ୱାଦୁ ହୁଏନାହିଁ । ମଞ୍ଜି ହୋଇଥିବା କୋଶଳା ଶାଗ ଭଲ ଲାଗେନାହିଁ ।

୨୧୮ । ଆପୁଆର ମାଇପ କହିଲା
ମୋର ଅଣ୍ଡିରା ଦୁଇ ଜଙ୍ଘ ତଳେ ମୁଣ୍ଡ
ଗଞ୍ଜିଆର ମାଇପ କହିଲା
ମୋର ଅଣ୍ଡିରା ହେଲା ହଳଦୀର ପିଣ୍ଡ
ମଦଖିଆର ମାଇପ କହିଲା
ମୁଁ ଖାଇଁ ଥାଉଁ ଥାଉଁ ରଣ୍ଡ
ମଦୁଆର ମାଇପ କହିଲା
ମୋର ଅଣ୍ଡିରା ଗର୍ଜି ଆସୁଛି ଷଣ୍ଢ ।—ଢଗ (କୋରାପୁଟ)

—ଆପୁଆ—ଅଫିମିଆ ଘୁମାଏ, ଦୁଇ ଜଙ୍ଘରେ ମୁଣ୍ଡ ଦେଇ ଶୁଏ । ଗଞ୍ଜିଆ—ଗଞ୍ଜେଇଖିଆ; ମଦଖିଆ—ସେ ଗୁଣ୍ଡ ଖାଏ—ସର୍ବସ୍ୱ ବିକ୍ରି କରେ, ସ୍ତ୍ରୀ ଦେହରେ ଖଣ୍ଡେ ଅଳଙ୍କାର ବି ରହି ଦିଏନାହିଁ । ସ୍ୱାମୀ ଖାଇଁ ଥାଉଁ ଥାଉଁ ସେ ଜାଣ ରଣ୍ଡ ହୁଏ । ଅଣ୍ଡିରା-ପୁରୁଷ ।

୨୧୯ । ଆପୁ ଜଡ଼ାତେଲ କଇଞ୍ଚ ବକଳ
ଗୁଆ ଦହି ସଙ୍ଗେ ଖାଇ
ମହା ଆନନ୍ଦରେ ଭାଇଙ୍କ କାନ୍ଧରେ
ମଶାଣି ଭୁଇଁକି ଯାଉ —ଢଗ

ଗୁଆ—ଗାଣ୍ଡ; ଅଫିମ ଜଡ଼ାତେଲ, କରଞ୍ଜ ଛେଲି ରସ, ଦହି ମିଶିଲେ ବିଷାକ୍ତ ହୁଏ । ବିଷ ଖାଇ ମର୍ ବୋଲି ଗାଳି ।

୨୨୦ । ଆପୁଆ ଝୋରେ, ଗଞ୍ଜେଇଆ ଝୋଲ
ଧୂଆଁ ପତ୍ରଚରଆର ଘରେ ନାଞ୍ଚ ଗୋଳ । —ଢଗ

ଧୂଆପତ୍ରଚରଆ—ଯେ ଧୂଆଁ ପତ୍ରର ଏ। ଗୁଣ୍ଡି ଖାଏ ।

ଅଫିମିଆ ଅଫିମ ଖାଇବାକୁ ପଇସା ନ ମିଳି ଝୋରୀ କରେ । ଗଞ୍ଜେଇଆର ମୁଣ୍ଡ ଠିକ୍ ନଥାଏ । "ଟସ ନେଇଗଲ, ମୋ ପାଇଁ ନାହିଁ" —ଏହି ଗଣ୍ଡଗୋଳ ଗୁଣ୍ଡି ଖାଉଥିବା ଲୋକର ଘରେ ନାଞ୍ଚ ଲଗିଥାଏ ।

୨୨୧ । ଆପେ ବଣିଜ, ପୁଅେ ଚାଷ
ଗୋଣ୍ଡ କରେ ସର୍ବନାଶ । —କୃଷି ପ୍ରବଚନ

—ନିଜେ ବ୍ୟବସାୟ କରିବ, ପୁଅ ଉପରେ ଚାଷର ଦାୟିତ୍ୱ ଦେବ । ଗୋଣ୍ଡ ବା ପର ଦୁଆରେ ମୁଣ୍ଡ ଝୁକଥିବା ମୂଲଆଠାରୁ ଦୁଃଖୀ ଆଉ କେହି ନାହିଁ ।

୨୨୨ । ଆପେ ରଣ୍ଡ ତ ସାହି ପଡ଼ୋଶୁଣୀ ଗୋଟେଇ ରଣ୍ଡ ।
—ଢଗ

—ବିଧବା ଅନ୍ୟମାନଙ୍କୁ ବୈଧବ୍ୟ ଅବସ୍ଥାରେ ଦେଖିବାକୁ ଇଚ୍ଛିବା ।

୨୨୩ । ଆପେ ଚଷିବୁ ପୂରା ଚାଷ
ଛଡ଼ା ଯୋଚା ଅଧା ଚାଷ
ମୂଲଆ ଚାଷ ଫସର ଫାସ । —କୃଷି ପ୍ରବଚନ

—ମୂଲଆ ସଙ୍ଗରେ ମିଶି ଯେ ନିଜେ ଚାଷ କରେ, ସେ ଜମିରୁ ପୂରା ଫସଲ ଆଦାୟ କରେ । ଜୋଚା ମାଡ଼ ଛଡ଼ା ଜାଣି ଯେ ମୂଲଆ କାମ କଲେ କି ନକଲେ ଦେଖିବାକୁ ଯାଏ, ସେ ଜମିରୁ ଅଧା ଫସଲ ମାତ୍ର ଆଦାୟ କରେ । ଯେ କେବଳ ମୂଲଆଙ୍କ ଉପରେ ନିର୍ଭର କରି ଚାଷ କରେ, ଚାଷରୁ ତା ର କିଛି ଲଭ ହୁଏ ନାହିଁ ।

୨୨୪ ।    ଆପେ କଲା କାମ ବାପ କରେ ନାହିଁ ।

—ନିଜ କାମ ନିଜକୁ କରିବାକୁ ହେବ । ଯେତେ ଆପଣାର ହେଲେ ବି କାହା କାମ କେହି କରି ଦିଏନାହିଁ ।

୨୨୫ ।    ଆପେ ମଲେ ଯୁଗ ବୁଡ଼
ପର ମଲେ ପାଣି ବୁଡ଼ । —ଢଗ

—ପର ମଲେ ଶୌଚ ହେବା ଲାଗି (କୁଟୁମ୍ବ ଭିତରୁ କିଏ ହୋଇଥିଲେ ) ପାଣିରେ ବୁଡ଼ ଦେବାକୁ ହୁଏ । କିନ୍ତୁ ନିଜେ ମଲେ କଥା ସରିଯାଏ, ପରିବାରରେ ବହୁ ପରିବର୍ତ୍ତନ ଘଟେ ।

୨୨୬ ।    ଆପେ ଚଷା, ଉତ୍ତମ ଦଶା
ଛତାଧରିଆ ମଧ୍ୟମ ଚଷା
ଘରେ ଥାଇ କହେ ଯେ
ମାଇପ ଅଇଁଠା ଖାଏ ସେ । —କୃଷି ବଚନ

—ଯେ ନିଜେ ଚାଷ କରେ, ସେ ବହୁତ ଧାନ ଅମଳ କରେ । ଯେ ଖରା ବର୍ଷାରେ ଛତା ଟାଣି ହିଡ଼ ଉପରେ ବସି କାମ ତଦାରଖ କରେ ସେ ଅଳ୍ପ ଧାନ ଅମଳ କରେ । ଯେ ମୋଟେ ବିଲ ମୁଣ୍ଡକୁ ଯାଏନାହିଁ, ସେ ଅଧମ । ତାକୁ ଲୋକେ ମାଇପ ଅଇଁଠାଖିଆ ବୋଲି କହନ୍ତି ।

୨୨୭ ।    ଆପେ ମଲେ ସ୍ୱର୍ଗ ଯାଏ
ପର ମଲେ ବୁଡ଼ ଦିଏ । —ଢଗ

—ମଣିଷ ନିଜର ପାପପୁଣ୍ୟ ବିଷୟରେ ଅଜ୍ଞ । ମୃତ୍ୟୁ ପରେ ସ୍ୱର୍ଗବାସ ହେବ ବୋଲି ତାର ନିଜ ବିଷୟରେ ଚିନ୍ତା । ଅନ୍ୟର ( ବନ୍ଧୁ କୁଟୁମ୍ବଙ୍କର) ମୃତ୍ୟୁ ପରେ ସେ ବୁଡ଼ ପକାଏ, ବିଶ୍ୱାସ-ସେମାନଙ୍କ ପାପର କିଛିଟା ନିରାକରଣ ହେବ; ତା ପର ଅନ୍ୟ କାହାର ସ୍ୱର୍ଗବାସ ହେବ ବୋଲି ସେ ବିଶ୍ୱାସ ପାରେନାହିଁ ।

୨୨୮ । ଆପେ ମଲେ ଯୁଗ ଯାଏ ।
ପର ମଲେ କାନ୍ଦୁଥାଏ । —ଢଗ

—ଅନ୍ୟ ଲୋକ ମଲେ ସେ ଦୁଃଖ କରେ; କିନ୍ତୁ ତା'ନିଜ ମୃତ୍ୟୁ ପରେ କିଏ କାନ୍ଦୁଛି କି ନ କାନ୍ଦୁଛି ତାର ଜାଣିବାର ଉପାୟ ନାହିଁ । ମରିବା ପରେ ସବୁ କଥା ସରିଯାଏ ।

୨୨୯ । ଆପେ ଜାଣେ ପାପ, ମା'ଆ ଜାଣେ ବାପ

—ନିଜେ କରିଥିବା ପାପ ଲୋକ ଲୁଚାଇ ରଖେ । ସ୍ତ୍ରୀ ମଧ୍ୟ ନିଜ ବ୍ୟଭିଚାରର କଥା ଘୋଡ଼ାଇ ରଖେ ।

୨୩୦ । ଆପେ ନ ମଲେ ସ୍ୱର୍ଗଦର୍ଶନ ନାହିଁ । —ଢଗ

—ପ୍ରତ୍ୟକ୍ଷ ଅନୁଭୂତି ବିନା ପ୍ରକୃତ ଜ୍ଞାନଲାଭ ଅସମ୍ଭବ ।

୨୩୧ । ଆପେ ବଞ୍ଚିଲେ ବାପର ନାମ । —ଢଗ

—ଆପେ ବଞ୍ଚିଥିଲେ ସେ କହିବ—"ଅମୁକ ଲୋକର ପୁଅ ।" ପୁଅ ଯୋଗୁଁ ବାପର ନାଁ ପଡ଼େ, ନାମ ଖ୍ୟାତ ହୁଏ । ପ୍ରକୃତ ପକ୍ଷେ ଏହା ଏକ ସ୍ୱାର୍ଥପରର ଉକ୍ତି । ଛଳ ବଳେ କୌଶଳେ ନିଜକୁ ବଞ୍ଚାଇ ରଖିବା ତାର କାର୍ଯ୍ୟ ।

୨୩୨ । ଆପେ ଅସମର୍ଥା, ମଙ୍ଗନ୍ତି ପାଞ୍ଚପ୍ରାଣୀ । —ଢଗ

—ନିଜେ ନିଜକୁ ପୋଷିବା ଯାହା ପକ୍ଷେ କଷ୍ଟକର, ସେହି ଲୋକ ପୋଷିବା ଲାଗି ପାଞ୍ଚ ଜଣ ସଙ୍ଗରେ ରଖିଛି ।

୨୩୩ । ଆପେ ମଲା
ସଙ୍ଗେ ନେଲା । —ଢଗ

—(ସ୍ୱାର୍ଥପର) ଦୁଃଖୀ ଅନ୍ୟକୁ ଦୁଃଖିତଭାବେ ଦେଖିବାକୁ ଇଚ୍ଛା କରେ ।

୨୩୪ । ଆପେ ରାନ୍ଧି ଆପେ ଖାଏ
ସୁଆଦ ସୁଆଦ ବୋଲୁଥାଏ । —ଢଗ

—ଆତ୍ମପ୍ରଶଂସା ଗାଇ ବୁଲୁଥିବା ଲୋକ । ଆତ୍ମପ୍ରଶଂସାରେ ଅନ୍ଧ ହୋଇଥିବାରୁ ଅନ୍ୟର ସଦ୍‌ଗୁଣ ତା ଆଖିରେ ପଡ଼ୁନାହିଁ । ଅନ୍ୟ ଲୋକ ପ୍ରଶଂସା କଲେ ସିନା ଭଲ । ନିଜ ପ୍ରଶଂସା ନିଜେ ଗାଇ-ବାରେ କୌଣସି ମହତ୍ତ୍ୱ ନାହିଁ ।

୧୩୫ । ଆପେ ଢଳ ପଡ଼ିଲେ ସଂସାର ତୁଚ୍ଛା । —ଲୋକୋକ୍ତି

—ଅନୁଭବ ବଚନ । ନିଜେ ମଲାପରେ ସଂସାରରେ ତାର ସ୍ଥାନ ଖାଲି ପଡ଼େ ।

୧୩୬ । ଆପେ ଖାଇବ ନାହିଁ କି ପରକୁ ଖୁଆଇବ ନାହିଁ ।
—ଲୋକୋକ୍ତି

—ଅତି ସ୍ୱାର୍ଥପର ବ୍ୟକ୍ତିକୁ ଗାଳି ।

୧୩୭ । ଆପେ ଭଲ ତ ଜଗତ ଭଲ । —ଲୋକୋକ୍ତି

— ଅନୁଭବ ବଚନ । ନିଜେ ଭଲ ରହିଲେ ସଂସାର ତା ପ୍ରତି ଭଲ ବ୍ୟବହାର କରିଥାଏ ।

୧୩୮ । ଆପେ (ଆପଣା) ପାଆନ୍ତି କଣ୍ଟକ ଯାଏ
ଭଣ୍ଡାଣୀ ହାତରେ ଚଟୋଉ ଦଏ । —ଛିଟା

—ନିଜେ ନ କରି ଅନ୍ୟଦ୍ୱାରା କରାଉଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୧୩୯ । ଆପେ ଥିଲେ ଜଗତ ଅଛି
ପର କଥା କିଆଁ ବସିବ ବାଛି ? —ଢଗ

—ନିଜର କର୍ତ୍ତବ୍ୟ କର୍ମ ପ୍ରତି ସର୍ବଦା ଦୃଷ୍ଟି ଦେବ । ଅନ୍ୟକୁ ସମାଲୋଚନା କରି ଲାଭ ନାହିଁ ।

୧୪୦ । ଆପେ ମରେ ବଢ଼େଇ
ପର ମାରେ କମାର
ଘଇତା ମାରେ କେଉଟୁଣୀ
ବଂଶ ମାରେ କୁମ୍ଭାର । — ଢଗ

—ଅଣକପୋଡ଼ା, ହଳଦକାଠୁଆରୁ ଲଙ୍ଗଳଗଡ଼ା, ଖଟ ପଲଙ୍କ ତିଆରି ପର୍ଯ୍ୟନ୍ତ ସବୁ କାମ ବଢ଼େଇ ନିଜେ କରିଥାଏ, ସ୍ତ୍ରୀ ବା ପିଲାମାନଙ୍କ ସହଯୋଗ ସେ ଲୋଡ଼େ ନାହିଁ ।

କମାର ଶାଳ କରେ, ଲୁହା ତାତିଲେ ଉପସ୍ଥିତ ଲୋକମାନେ ତାକୁ ହାତୁଡ଼ିରେ ବାଡ଼ାନ୍ତି । କମାର ଅନ୍ୟ ଲୋକମାନଙ୍କୁ କାମରେ ଖଟାଇଥାଏ ।

ଚୂଡ଼ାକୁଟା ଭରଟା କେଉଟ ଉପରେ ପଡ଼େ । କିନ୍ତୁ କୁମ୍ଭାର ଘରେ ସମସ୍ତେ ଖଟିଥାନ୍ତି । କୁମ୍ଭାର ମାଟି ଚକଟେ, ଚକରେ ହାଣ୍ଡି ଗଢ଼େ, ହ ଣ୍ଡି ବାଜାଏ । ଉହା ପୋଡେ । କୁମ୍ଭାରୁଣୀ ଉହା ପୋଡ଼ିବା ଲାଗି ଝାଟି, କଆପତର କାଟିଆଣେ ।

୨୪୧ । ଆପେ କଷଣ କରଇ ଯେ
ଷୋଳପଣ କୃଷି କରଇ ସେ
ଛଡା ପୋତ କରି ବସଇ ଯେ
ଆଠପଣ କୃଷି କାଟଇ ସେ
ଟହଲ ଚାକର କରଇ ଯେ
ଖବର ପଚାରଇ ବୁଲଇ ସେ । —କୃଷି ବଚନ

—ଯେ ହାତଭଙ୍ଗା ଖଟଣି ଖଟେ, ସେ କୃଷିରୁ ପୂରା ଲାଭ କରେ । ଯେ ମୂଲିଆଙ୍କୁ ଜଗି ଛଡା ଠାଣି ହିଡ଼ ମୁଣ୍ଡରେ ଜଗି ବସେ, କୃଷିରୁ ଅର୍ଦ୍ଧେକ ଆୟ କରେ ମାତ୍ର । ଯେ ହସଖେଳରେ ଦିନ କଟାଏ, ଚାଷବାସ କଥା ବୁଝେ ନାହିଁ, ସେ କୃଷିରୁ କିଛି ଆୟ କରିପାରେନାହିଁ ।

୨୪୨ । ଖବର ପଚାରଇ ମାଗିଖାଏ
ଆପେ ବୁଝିଁ ନ ପାରଇ
ପରକୁ ବୁଝାଏ
ମଣିଷ ନୁହଇଁ ଦିନ ଗଣ୍ଡ ବୁଲୁଥାଏ । —ନାଁ ଦିଅ

—ଘଣ୍ଟା ।

୨୪୩ । ଆପେ, ନା ବାପେ
ଆରିଷା ପିଠା କେମିତିକା ଲାଗେ ? —ଛିଟା

—ନିଜେ ଅନୁଭବୀ ନ ହେଲେ ବିଷୟର ଭଲ ମନ୍ଦ ବିଚାର କରି ପାରିବ ନାହିଁ ।

୨୪୪ । ଆ ଫୁଟୁକି
ଯା ଫୁଟୁକି
ବାଦୁଡ଼ି ଖାଇଲା ରସ
ସ୍ତ୍ରୀ ଘର ହୋଇ ପଣନ୍ତ ପାରିଲୁ
ପୁରୁଷର କେଉଁ ଦୋଷ ? —ଛିଟା

—ପ୍ରେମରେ ସ୍ତ୍ରୀର ଅସଙ୍କୋଚ ଓ ଅଗ୍ରଚେଷ୍ଟା ପ୍ରତି କଟାକ୍ଷ ।

୨୪୫ । ଆ ବଳଦ, ମୋତେ ବିନ୍ଧ୍ । —ରୂଢ଼ି ପ୍ରୟୋଗ
—ଜାଣିଶୁଣି ବିପଦକୁ ବରଣ କରିବା ।
ବିନ୍ଧ୍—ଶିଙ୍ଗରେ ମାର୍ ।

୨୪୬ । ଅବେ ପଶୁଁଆ, ଯାବେ ପଶୁଁଆ
ବାବୁ ପଶୁଁରାମ । —ଢଗ

—ତାର ଅନ୍ୟ ଧାଡ଼ି ହେଉଛି—"ପଇସା କ୍ୟା ନକରେ କାମ୍ ?" ଅଧା ହିନ୍ଦୀ ଅଧା ଓଡ଼ିଆ ଢଗ । ଟଙ୍କାପଇସା ହାତରେ ନ ଥିଲେ ଲୋକଙ୍କୁ ସମାଜରେ କେହି ଖାତିର କରନ୍ତିନାହିଁ । 'ଅବେ' 'ଯାବେ' ପ୍ରଭୃତି ଅସମ୍ମାନସୂଚକ ଶବ୍ଦ ତା ପ୍ରତି ପ୍ରୟୋଗ କରନ୍ତି । କିନ୍ତୁ ସେ ଧନୀ ହେଲପରେ ତାକୁ ପଶୁଁରାମବାବୁ ବୋଲି ଡାକନ୍ତି ।

୨୪୭ । ଆବୁ ଆବୁକା ବାଡ଼ରେ
ଗାବୁ ଗାବୁକା ବାଡ଼
ଯିଏ ଯେ କହି ନ ପାରିବ
ତା ବାପ ହେବ ହାଡ଼ । —ଦାଁ ହିଆ
— କଳହ ।

୧୪୮ ।  ଆବ୍ ବଥାଏ ନା ବଥ ବଥାଏ ?  —ଲୋକୋକ୍ତି

—ଦୁଇଟି ଦୁଃଖ ମଧ୍ୟରେ ଯେଉଁଟି ଅଧିକ ବେଦନାଦାୟକ ତା ପ୍ରତି ପ୍ରଥମ ଦୃଷ୍ଟି ଦିଆଯାଏ ।

୧୪୯ ।  ଆମ ଭିଖୁଡ଼ା ସେରକ ଦିଅ
ଭୂମର ନାଁ ଫେରାଇ ନିଅ ।  —ଛଟା

—'ନାଁ ଦିଆ ପ୍ରତିଯୋଗିତାରେ ବ୍ୟବହୃତ ବ୍ୟଙ୍ଗ ।

୧୫୦ ।  ଆମ ବାପାଙ୍କ ଅମଳରେ ଅନେକରେ ଘିଅ ପରଷା
ହେଉଥିଲା ।  —ଲୋକୋକ୍ତି

—ଅତୀତ ସମୃଦ୍ଧିର ବଢ଼େଇ କରୁଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୧୫୧ ।  ଆମ ପିଠି ପଛେ ରକତ ପୁଂଛୁ,
ବଡ଼ଦେଉଳକୁ ପଥର ଉଠୁ  —ଢଗ

—ବଡ଼ ଦେଉଳକୁ ପଥର ବୋହି ମଣିଷ କୁର୍ମ ପାଲଟିଥିଲେ, କମ୍ବଦନ୍ତୀ ଅଛି । ସେହିପରି ଅସହ୍ୟ କଷ୍ଟ ସହି ଅସାଧ୍ୟ ସାଧନ କରିବା ଲାଗି ଅଗୁସାର ହେବାରେ ଏହି ଢଗ ପ୍ରଯୁକ୍ତ ହୁଏ ।

୧୫୨ ।  ଆମ ଘରେ କୋହ୍ଲୁଟିଏ
ଏ କଣ ସେ କଣ ହେଉଥାଏ ।  —ନାଁ ଦିଆ

—ଛୁଞ୍ଚୁଣି ।

୧୫୩ ।  ଅମ ଘରେ ଅଛି ବୁଢ଼ୀକ ଟୁସି
ସକାଳେ ଗୁରୁଣ୍ଡି କାହ୍ନେ ସବୁରି ।  —ନାଁ ଦିଆ

—ଲିପାଲୁଣ୍ଡା ।

୨୫୪ ।        ଆମର ନନ୍ଦ ଲଗପା ଜର ଧଣ୍ଡଲା ମକେ
ମେଷର ବାଳ ଠିଆହେଲେ ଧର ପଳାଇବ ଚୋକେ ।

—ନାଁ ଦଅ

—ମୁଖାକୁ ବଟଲଇ ଖେଦଦେବା ।

୨୫୫ ।        ଆମ୍ଭ କଟକରେ        ବଡ ଗୁଟେ ଅଛୁ
ଚହ୍ଲିରେ ହଂସ ଖେଳୁଛୁ
ପକ୍ଷୀ ଗୁଟେ ନାହିଁ        ଡେଣା ଯୁଡ଼ି ଅଛୁ
ଗଗନେ ଉଡ଼ ଯାଉଛୁ ।        —ନାଁ ଦଅ
(କୋରପୁଟ)

—ଉଡ଼ା ଜାହାଜ ।

୨୫୬ ।        ଆମର ଏତେ ଚହ୍ଲିରରେ ଗୃଷ କଅଁ ?
ଗ୍ରତ ପାହିଲେ ହେବ ପୁଅ ଝଅ (ବାହା) !        —ଢଗ

—ଗୋଟିଏ ଜଞ୍ଜାଳ ଥିଲେ ଆଉ ଗୋଟିକରେ ପଶିବାକୁ ଇଚ୍ଛା ନ କରୁଥିବା ବ୍ୟକ୍ତି ପ୍ରତି ପ୍ରଯୁକ୍ତ ।

୨୫୭ ।        ଆମ ଡ଼ା ଗାଳେ ଦହି ଚେକେଡ଼ା
ଫକଡ଼ା ଦାନ୍ତେ ଗୁଡ଼ ଚେକେଡ଼ା ।
—ଢଗ ( ମେଦନୀପୁର )

—ଆମ୍ଡ଼ା—ଆମ୍ବଡ଼ା, ଗୁଡ଼ ଚେକେଡା—ଚଟାଗୁଡ଼, ଫକଡ଼ା-ପୋକଖିଆ । ଆମ୍ବଡ଼ା ତ ଆମ୍ବିଲା । ତା ସଙ୍ଗେ ଆମ୍ବିଲା ଦହି ଖାଇ ହୁଏ ନାହିଁ । ଚଟାଗୁଡ଼ ଦାନ୍ତରେ ଲଗିଯାଏ ।

୨୫୮ ।        ଆତ୍ମବତ୍ ମନ୍ୟତେ ଜଗତ୍ ।—ସଂସ୍କୃତ ଶ୍ଲୋକାଂଶ ।

—ନିଜ ସଦୃଶ ସଂସାର ହୋଇଥିବ ବୋଲି ମନୁଷ୍ୟ ମନେ କରେ ।

୧୫୯ । ଆମ୍ବ ଗଛଟରେ ଆବୁ
ମତେ କହୁଅଛୁ ( କକଡ଼ ଭୁ ) ଯାକ ବୋଲ
ମୁଁ ତ ଯୋଡ଼ାକର ବାବୁ । —ଛଗ

—ବାବୁ—ବାପ ;ଯୋଡ଼ାକର ବାବୁ—ଦୁଇଟି ସନ୍ତାନର ପିତା ।

୧୬୦ । ଆମ୍ବ ଡାଳ୍ବ ଖଣ୍ଡ ନଡ଼କଲ,
ହାଟକୁ ଯାଉଛୁ ରୁକୁଣୀ ନାମା
(ବାଟେ ଯାଉଥିଲ ଗେଣ୍ଡେଇ ନାମା)
ଗଭା ମଲ୍ଲୀଫୁଲ ମଡ଼କଲ । —ଛଟା

—ସୁବେଶିତା ଯୁବତୀ ପ୍ରତି ବ୍ୟଙ୍ଗ ।

୧୬୧ । ଆମ୍ବକ (ଆମ୍ବ)ଢଳେ ପଣସ
କଥା ନ କହନ୍ତୁ ମଣିଷ । —ଛଟା

—ପୁରୁଷର ଅଭିମାନରେ ସ୍ତ୍ରୀର ଉକ୍ତି

୧୬୨ । ଆମ୍ବ ଫଳେ ପେନ୍ଥା ପେନ୍ଥା
କଦ୍ଳୀ ଫଳେ ବଙ୍କା
ପୁଅ ଯାଇଥିଲ କଲିକତା
ଆଣିଛୁ ମୁଠିଏ (ଅଣ୍ଟିଏ) ଟଙ୍କା ।
—ଛଟା

—କଲିକତା ଯାଇ କଳକାରଖାନାରେ କାମ କରି ଆଗେ ଓଡ଼ିଆମାନେ ବହୁ ଟଙ୍କା ପଇସା ରୋଜଗାର କରି ଆଣୁଥିଲେ । ଓଡ଼ିଶାରେ ସେତେବେଳେ ଉପାର୍ଜନ ଲାଗି ବିଶେଷ ଉପାୟ ନ ଥିଲ ।

୧୬୩ । ଆମ୍ବ ଡାଳ୍ବ ଖଣ୍ଡେ ବଙ୍କା
ମୋତେ କାହିଁପାଇଁ (କୋଉକଥା ପାଇଁ)
ମୁହଁ ଟା ବଙ୍କା
କାଲି ପିନ୍ଧାଇବ ଶଙ୍ଖା । —ଛଟା

—ଶଙ୍ଖା ପିନ୍ଧାଇବ ଅର୍ଥ ହାତଧରି ବିଭା ହେବ ।

୨୬୪ । ଆମ୍ବ କଷ
କଥା ନହସରେ ପଶି ଆଇଲା
(ବାହାର ଗଲା, ଆଇଲା ପଶି)
ମତେ ନ ବୋଲିବୁ ବଳ-ପଶୀ (ବଳେ ପଶି) । —ଛଟା

—ବ୍ୟଙ୍ଗ; ବଳପଶୀ—ବିନା ନିମନ୍ତ୍ରଣରେ ବଳେ ବଳେ ଯେ ଆସେ । କଥା ଲହସରେ—କଥାର ନିଶାରେ ଅନ୍ୟ ପରିସ୍ଥିତି ଭୁଲିଯିବା ।

୨୬୫ । ଆମ୍ବ ପାଇଁ ଗଲି ଅବାଟେ ପଶିଲି
ହଜାଇଲି ଗୋଡ ମୁଦ
ସଞ୍ଜୁ ସଞ୍ଜୁ କଟି ସୂତା କାଟୁଥିବୁ
ବୁଣିଦେବ କଳାଖଦ । —ଛଟା

—ପ୍ରଥମ ଧାଡିରେ ଗୋପନ ପ୍ରୀତିର ସଙ୍କେତ । ସୂତାକଟା ଓ ଲୁଗାବୁଣା ଯେ ଘରେ ଘରେ ହେଉଥିଲା ଦ୍ୱିତୀୟ ଧାଡ଼ିରେ ତାର ସଙ୍କେତ ।

୨୬୬ । ଆମ୍ବ ଗଛ ଭିନ କେନା
କୁଣିଆଁ ପଡ଼ିଲେ ବୋଲି ଏବେ କଲୁ
ଭାତ ଗୁଣ୍ଡକିଆ ପିନା । —ଛଟା

—ଭିନ କନା—ଭିନ କେନା ବା ଶାଖା ହୋଇ ବାହାରିବା ଗୁଣ୍ଡକିଆ—ଭାତ ଭଲ ଭାବେ ନ ସିଝିଥିବା, କୁଣିଆଙ୍କ ଲାଗି ଭଲ ରାନ୍ଧିବା ଚେଷ୍ଟାରେ ବେଳେ ବେଳେ ମନ୍ଦ ହୋଇଯାଏ ।

୨୬୭ । ଆମ୍ବ କୋଇଲି
ମୋ ଧନକୁ ଖଟୁଛନ୍ତି ଯୋଡ଼ା ପୋଇଲି । —ଛଟା

—ବିଳାସିନୀ ସ୍ତ୍ରୀ ପ୍ରତି ବ୍ୟଙ୍ଗ । ଦାସୀ ରଖିବାର ସଙ୍ଗତି ନାହିଁ ଅଥଚ ଆଡ଼ମ୍ବର ଦେଖାଏ, ଅନ୍ୟ ପକ୍ଷକୁ ଜଣାଏ, ତା ପ୍ରତି ଆଘାତ କରିବା ଲାଗି ମଧ୍ୟ ଏହି ଛଟା ପ୍ରଯୁକ୍ତ ହୁଏ ।

୨୬୮ । ଆମ୍ବ, ବଉଳ,
ସରଗଲା (ଗ୍ରଢିଗଲା)
ତୁମ୍ଭ ଆମ୍ଭର ମେଳ (ନଖଳ) । —ଛଟା

—ଶାଶୁଘରକୁ ଯାଉଥିବା ଝିଅର ସଙ୍ଗିନୀମାନଙ୍କ ପାଖରେ ବାତୁନା ।

୨୬୯ । ଆମ୍ବ ଗଛର ଶିଅ,
ବୁଢା ଆଗେ ବୁଢ଼ୀ ସକେଇ ଜାଣେ
ଖଡ଼ୁ ବଦଳେଇ ଦଅ । —ଢଗ

—ଅଳଙ୍କାର ପିନ୍ଧିବାର ଗୋଟାଏ ବୟସ ଥାଏ । ସେ ଅଭ୍ୟାସ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ଯେଉଁ ସ୍ତ୍ରୀ ଲୋକର ଥାଏ, ସେ ବ୍ୟଙ୍ଗର ପାତ୍ର ହୁଏ ।

୨୭୦ । ଆମ୍ବ ଗଛରେ ଆମ୍ବ ନାହିଁ
ଫୋପଡ଼ କାହିଁକି ମାରୁ ?
ଅଣ୍ଟା କୁଣ୍ଡେଯାଏ ପଇସା ନାହିଁ
ଆଖି କାହିଁପାଇଁ ଠାରୁ ? —ଢଗ

—ଗଛରେ ଆମ୍ବ ନ ଥିଲେ ଫୋପଡ଼ ମାରିବା ବୃଥା । ସେହିପରି ଅର୍ଥ ନଥିଲା ଲୋକ ପକ୍ଷରେ ପ୍ରୀତିଚେଷ୍ଟା ଏକ ଅପଚେଷ୍ଟା ।

୨୭୧ । ଆମ୍ବ କାଳେ ହାଣ୍ଡିକୁ ଜାଗିର । —ଢଗ

—ଜମିଦାର ଓ ବଡ଼ଲୋକମାନେ ଆମ୍ବ ତୋଟାଙ୍କୁ ନୀଚ କୁଳର ବ୍ୟକ୍ତିଙ୍କୁ ରଖି ଜଗାଉଥିଲେ । ଅପମାନଭୟରେ ଉଚ୍ଚ କୁଳର ବ୍ୟକ୍ତିମାନେ ସେ ତୋଟା ମାଡ଼ୁ ନଥିଲେ । ଆମ୍ବ ଜଗୁଥିବା ଲୋକ ସେହି ଜଗୁଆଳୀକୁ ହାଣ୍ଡିବୋଲି କହି ଆଣୁଥିଲେ ।

୨୭୨ । ଆମ୍ବ ଦେଲେ ପଣସର ଚିନ୍ତା । —ଛଟା

—ମିଳୁଥିବା ସୁଖ ଭୋଗ ନ କରି ଅନ୍ୟ ସୁଖ ଭୋଗ ଲାଗି ଚିନ୍ତା କରିବା । ତାହାରି ଉପସ୍ଥିତ ସୁଖଭୋଗ ହୋଇପାରେ ନାହିଁ ।

୨୭୩ । ଆମ୍ବ ନିମ୍ବ ଅଢ଼େଇ ଦନ
ଘୃତ ଦମ୍ଭ କର ମଣିଷ ଶନ୍ଧ । —ଡାକ

—ନଶ୍ୱର ସଂପଦରେ ଉନ୍ମତ୍ତ ହୋଇ ବନ୍ଧୁକୁଟୁମ୍ବଙ୍କୁ ଭୁଲି ନଯିବା ଲାଗି ଉପଦେଶ ।

୨୭୪ । ଆମ୍ବ ଝଡ଼ିବାକୁ କାଉ ଖୁମ୍ପିବାକୁ । —ଢଗ

—କାଉ ଖୁମ୍ପୁ ନ ଖୁମ୍ପୁ ଆମ୍ବ ଝଡ଼ି ପଡ଼ିବା । କାର୍ଯ୍ୟ କାରଣ ସଂପର୍କ ନ ଥାଇ ଆଗପଛ ଘଟିବା ଘଟଣା ।

୨୭୫ । ଆମ୍ବ ଗଛରେ ପାଣି ଦଉଁ ଦଉଁ ଶିମ୍ବଗଛ ମଲା । —ଢଗ

—ଜଣକୁ ରକ୍ଷା କରିବାକୁ ଯାଉ ଯାଉ ଅନ୍ୟ ଜଣଙ୍କର ମୃତ୍ୟୁ ହେବା ।

୨୭୬ । ଆମ୍ବ ନାଁରେ ଅମ୍ବଡ଼ା ଭଣ୍ଡାଇବା ନ୍ୟାୟ । —ନ୍ୟାୟ

—ଅସଲ ବୋଲି ନକଲ ଦେଇ ଠକିବା ।

୨୭୭ । ଆଂବର ପଣ
ଆଂବ ସରିଗଲେ ଠାକୁଆ ବଣ । —ଛଟା

—ଅନୁଭବ କଥା ।

୨୭୮ । ଆଂବ ଦିନେ ପଣସ
କଥା ନ କହନ୍ତି ମଣିଷ । —ଢଗ

—ସଂପଦର ପ୍ରାଚୁର୍ଯ୍ୟରେ ଗର୍ବ କରିବା

୨୭୯ । ଆଂବଖିଆ ପୁଅ କି ଠାକୁଆରେ ବୋଧ ହେବ ?
—ଲୋକୋକ୍ତି

—ସାର ସରସ ଜିନିଷ ଖାଉଥିବା ଲୋକ ଠାଣ ନୀରସ ଅଖାଦ୍ୟରେ ବୋଧ ହେବ କି ?

୨୮୦ ।        ଆଂବ ସଢ଼ିକା ଶମ୍ବୁକ ବଙ୍କା
କୁକୁର ଲାଙ୍ଗୁଳ ନୁହେ ସଳଖା ।        —ଢଗ

—ଯେତେ ଚେଷ୍ଟା କଲେ ବି ବଙ୍କା ଆଂବ, କସ୍ତୁରି ପ୍ରଭୃତି ଫଳ ଓ କୁକୁର ଲାଙ୍ଗୁଡ଼ କେବେ ସଳଖ ହୁଅନ୍ତିନାହିଁ । ମଣିଷର ପ୍ରକୃତି ମଧ୍ୟ ସହଜରେ ବଦଳେନାହିଁ ।

୨୮୧ ।        ଆଂବ ପାଚିଲେ ଡମ ରଜା
ନଡ଼ା ବଢ଼ିଲେ କେଉଟ ରଜା ।        —ଢଗ

—ଡମ—ଘୃଣ୍ୟ, କୃପଣ, ନୀଚ ଶ୍ରେଣୀର ଲୋକେ ତୋଟାର ଜଗୁଆଳି । ସେମାନେ ଆଂବ ପାଚିଥିବା ତୋଟାରେ କାହାକୁ ପୂରାଇ ଦିଅନ୍ତିନାହିଁ ।

କେଉଟ ରଜା—ନଈ ପାରି ହେବା ଲାଗି ଲୋକେ କେଉଟ ଉପରେ ନିର୍ଭର କରନ୍ତି, ତାର ଅନୁଗ୍ରହପ୍ରାର୍ଥୀ ହୋଇଥା'ନ୍ତି ।

୨୮୨ ।        ଆଂବ ଗଛ ଧାଡ଼ି ଧାଡ଼ି
ପଣସଗଛ ଲଣ୍ଡା
ସାତ ଭାଇ ଆସୁଛନ୍ତି
ହଣିଗଲା ଖଣ୍ଡା ।        —ନାଁ ଢଗ

—ବଜୁଲି ।

୨୮୩ ।        ଆଂବ ପାଚେ ପଣସ ପାଚେ
ତନ୍ତି ସଙ୍ଗେ ନେଉଳ ନାଚେ ।        —ଢଗ

—ଯେଉଁ ଜନିଷ ସହିତ ଯେ ସଂଯୁକ୍ତ ତାର ପକ୍ୱତା ବା ପରିଣତିରେ ସେ ଆନନ୍ଦିତ ହୁଏ । ନେଉଳ ଏଠି ମଣିଷର ପ୍ରତୀକ ।

୨୮୪ ।        ଆଂବ ବଉଳ, ମାଛ ମଞ୍ଜି
ଖଟୁଆ ଭୁଣ୍ଡ ନାହାକ ପାଞ୍ଜି
ସତ କେବେ ମିଛ ନକହେ ।        —ଢଗ

—ଆଂବ ବଉଳରୁ କିଏ ଝଡ଼ିଯିବ, କାହିଁରୁ ଆଂବ ହେବ, ମାଛମଞ୍ଜିରୁ କେଉଁଟି ଛୁଆ ଫୁଟିବ କହିବା ଅସମ୍ଭବ । ଖରୁଆ ଯା ଚାର୍ନାରେ ଲଗାଇ କେତେ ଖତ କରନ୍ତି । ନାହାକ କେତେ ଭବିଷ୍ୟବାଣୀ କରେ । ସେଥିରେ କେତେ ସତ ବା ମିଛ ଅଛି, କିଏ କହିବ ?

୨୮୫ । ଆଂବ ଦିନ ଡ଼ାଂବ ରଜା
ଆଂବ ସରିଲେ ଟମକ ବଜା ।

—ଆଂବ ତୋଳା ଜଗୁଆଳୀ ଭାବେ ଡ଼ାଂବ ମାଲିକର ଗୁମାନ କାଢ଼େ । କିନ୍ତୁ ଆଂବ ଶେଷ ହେଲାକ୍ଷଣି ସେ ବିଚରା ପୁଆଣୀରେ ବଜନ୍ତି ହୋଇଯାଏ ।

୨୮୬ । ଆଂବଗଛ ବଉଳିଲା
ମୋତେ କହୁଥିଲୁ ଅଣପୁରୁଷା
ତୋ ପେଟ କେମିତି ଉହ୍ଲିଲା ? —ଛଟା

—ଯୁବତୀର ଅସତ୍ ଚରିତ୍ର ପ୍ରତି କଟାକ୍ଷ ।

୨୮୭ । ଆଂବ ଗଛରେ ଆଂବ ନାହିଁ
ଫୋପଡ଼ କାହିଁକି ମାରୁ ?
ତୋହର ମୋହର ପୀରତି ନାହିଁ
ନୟନ କମାଇ ଠାରୁ ? —ତଗ

—ଶୂନ୍ୟ ଗଛରୁ ଫଳ ତୋଳିବା ଚେଷ୍ଟା ବୃଥା । ସେହିପରି ପ୍ରେମ ନଥିବା ବ୍ୟକ୍ତିଠାରୁ ପ୍ରେମ କାଢ଼ିବା ପ୍ରୟାସ ବିଫଳ ହୁଏ ଏଭଳି ଚେଷ୍ଟା ପ୍ରତି ବ୍ୟଙ୍ଗ ।

୨୮୮ । ଆଂବ ଆଂବିଳା ପଣସ ଦମିଳି ଗୁଆ ସମୁଦର ବନରେ
ତିନି ସମୁଦର ଫୁଟି ବାହାରୁଛି କଞ୍ଚା ଖାଇବାକୁ ମନରେ ।
—ନଁ ଦିଆ

—ନଡ଼ିଆ ।

୧୮୯ । ଆମ୍ବ ମଧ୍ୟରେ ରସୁଣିଆ
ନାଗ ମଧ୍ୟରେ ହସୁଣିଆ
ପାଇକ ମଧ୍ୟରେ ଖସୁଣିଆ
ବୋଲେ ଦନାଇ ଏ ଧସୁଣିଆ । —ଦନାଇ ବଚନ

—ରସୁଣିଆ—ରସୁଣ ମତ ଗନ୍ଧ କରେ । ହସୁଣିଆ—ସବୁବେଳେ ସେ ହସେ । ଖସୁଣିଆ—ଅସଲ ଯୁଦ୍ଧବେଳେ ସେ ଯୁଦ୍ଧକ୍ଷେତ୍ର ଛାଡ଼ି ଖସି ପଳାଏ । ଧସୁଣିଆ—ଗାଳି ଖାଇବାର ଯୋଗ୍ୟ ।

୧୯୦ । ଆମ୍ବ ନାଆରେ ଆମ୍ବଡ଼ା ଭଣ୍ଡାଇବା । —ରୂଢ଼ି ପ୍ରୟୋଗ

—ଆଂବ ଓ ଅଂବଡ଼ା ଦୁଇଟିଯାକ ଫଳ ଆଂବଭଳି ହେଲେହେଁ 'ରସାଳ ଅଟଇ ସାର ଫଳମାନଙ୍କରେ ।' ଆମ୍ବ ଫଳ ସ୍ୱଭାବରେ ଅଂବଡ଼ା ଠାରୁ ଉତ୍କୃଷ୍ଟ । ଅସଲ ଜିନିଷ ପରିବର୍ତ୍ତେ ନକଲ ଜିନିଷ ଦେଇ ଭଣ୍ଡିବାରେ ଏହି ନ୍ୟାୟ ବ୍ୟବହୃତ ହୁଏ ।

୧୯୧ । ଆଂବ ଫଳିଲେ ହାଡ଼ିକୁ ଜୁହାର । —ରୂଢ଼ି ପ୍ରୟୋଗ

—ଆଂବ ଫଳିଲେ କାଳେ କିଏ ତୋଳି ନେଇଯିବ, ଏଥିଲାଗି ଆଗେ ଗଛର ଡାଳେ ଡାଳେ ମାଲିକ ହାଡ଼ିଦ୍ୱାରା କନା ବନ୍ଧାଉଥିଲେ । ଛୁଆଁ ହେବା ଭୟରେ କେହି ଗଛରେ ଚଢ଼ୁ ନଥିଲେ । ଏହି କନା ବାନ୍ଧିଦେବା ଲାଗି ମାଲିକ ହାଡ଼ିକୁ ଅନୁରୋଧ କରୁଥିଲେ । ଏହାର ଅର୍ଥ କାମ ପଡ଼ିଲେ ନୀଚ ଲୋକର ଶରଣାପନ୍ନ ହେବାକୁ ହୁଏ । ଏବେ ଏହି ଉକ୍ତି ନିରର୍ଥକ ହୋଇ ଯାଇଅଛି । ଛୁଆଁ ଅଛୁଆଁ ଭେଦ ଆଉ ନାହିଁ ।

୧୯୨ । ଆଂବ ପଣସ ଅଟଇ ଦାନ
ଛାଡ଼ ଦମ୍ଭ କର ମଣିଷ ଜ୍ଞାନ । —ଢଗ

—ଆଂବ ଫସଲ ଅସ୍ଥାୟୀ । ସେ ଫଳ କାହାକୁ ଦେବାରେ କୁଣ୍ଠିତ ହେବ ନାହିଁ । ମାଲିକ ଫସଲବେଳେ କାହା ମୁହଁକୁ ନ ଚାହିଁଲେ ତା ପରେ କେହି ତା ମୁହଁକୁ ଚାହିଁବେ ନାହିଁ । ଛାଡ଼ ଦମ୍ଭ କର—ଗର୍ବିତ ମନକୁ ଅସ୍ତ କର ।

୧୯୩ । ଆଂବ କଷି ନୁହେଁ ପଣସ କଷି
ଧୋବା ଘର ବାଟେ ଆଇଲ ପଶି
ଧୋବା ପୋଡ଼ୁଥିଲ ଖାର
ଭଉଜ ବାଢ଼ୁଛୁ ମଞ୍ଜୀ ପଖାଳ ଲେ
ଦିଅର ମାରୁଛୁ ଠାର । —ଛଟା

—ଦିଅର ଭଉଜଙ୍କ ଥଟ୍ଟା ପରିହାସ ପ୍ରତି କଟାକ୍ଷ ।

୧୯୪ । ଆଂବ ଗଛରେ ପାଣି ଦେଉଁ ଦେଉଁ
ଶିଂବ ଗଛ ମଲା
ଦଉଡ଼ ଆସରେ ଗୁହାଳିଆ ପିଲା
ଅବଧାନ ବୁଡ଼ିମଲା । —ଛଟା

—ଅବଧାନଙ୍କ ପ୍ରତି ବ୍ୟଙ୍ଗ ।

୧୯୫ । ଆଂବ ବଉଳିଲା ଶିଂବ ବଉଳିଲା
ପଛେ ବଉଳିଲା କେନ୍ଦୁ
ଝୋଟିଣି ନଦେଇ ମେଲାଣି ଦେଲେ
ସଉକତିଆ ବନ୍ଧୁ । —ଛଟା

—କୁଣିଆଁ ଚର୍ଚ୍ଚା ନହେବା ପ୍ରତି କଟାକ୍ଷ ।

୧୯୬ । ଆଂବ ଗଛରେ ବଉଳ
କାହିଁ ଯାଇଥିଲ ନୂଆ ସମୁଦି
ଏତେ ଦିନେ ଭେଟ ହୋଇଲ ? —ଛଟା

—ସମୁଦିଙ୍କୁ ଦେଖିବାରେ ଆନନ୍ଦ ପ୍ରକାଶ ।

୧୯୭ । ଆଂବ ରଡ଼ମଡ଼ ତିନୁଳି ଟେମଡ଼ ବରୁଣ ଲୁହା
କେଉଁ ଚଢ଼େଇର ପେଟରେ ଛୁଆ ? —ନି: ଦାଆ

—ବାଦୁଡ଼ି ।

୨୯୮ । ଆତ୍ମାନଂ ସତତଂ ରକ୍ଷେତ୍ । —ସଂସ୍କୃତ ଶ୍ଳୋକାଂଶ

—ଆପଣାକୁ ସର୍ବଦା ରକ୍ଷା କରିବା ଉଚିତ, ଏହା ନୀତି ଉପଦେଶ ।

୨୯୯ । ଆତ୍ମ କୁଶଳେ ସର୍ବ ସିଦ୍ଧି
ତରନ୍ତି ସଂସାର ଜଳଧି । —କବିବଚନ (ଭାଗବତ)

—ଆତ୍ମୋନ୍ନତି ସବୁ ସିଦ୍ଧିର ମୂଳ । ସଂସାରସମୁଦ୍ରକୁ ପାରି ହେବାର ଏହାହିଁ ଉପାୟ ।

୩୦୦ । ଆଂବଳ ଡରେ, ପାଇଁ ପଶିଲି ତିନ୍ତୁଳି ସରେ । —ଢଗ

—ଗୋଟାଏ ସ୍ୱେଚ୍ଛ ବିପଦକୁ ଡରି ବଡ଼ ବିପଦ କୋଳକୁ ଚାଲିଯିବା ।

୩୦୧ । ଆମିଷ ଖାଏ ବୈଷ୍ଣବ ବାନ୍ଧ କଣ୍ଠି
ଅନ୍ୟ ନାରୀ ମୁଣ୍ଡେ ନାହିଁ ଗଣ୍ଠି
ବେପାର କରେ ହାତେ ନାହିଁ ପାଣ୍ଠି
ଚଷାପୁଅ ସେବେ ନଧରେ କଣ୍ଟି
ଦେବପୂଜାରେ ନ ବଜାଏ ଘଣ୍ଟି
ଘରେ ଧନ ଥାଇ ପଚାଏ ଅଣ୍ଟି
ବୋଲେ ଦନାଇ ଶପ ସ୍ୱାଙ୍କ ଚଣ୍ଡି । —ଦନାଇ ବଚନ

—ବୈଷ୍ଣବ ପକ୍ଷେ ଆମିଷ ନିଷିଦ୍ଧ । ସଧବା ପକ୍ଷେ ବାଳ ମୁକୁଳା ରଖିବା ସଚ୍ଚରିତ୍ରର ପରିଚ୍ଛୟକ ନୁହେଁ । ବିନା ପୁଞ୍ଜିରେ ବେପାର କଲେ ବେପାର ବୁଡ଼ େ। ଚଷାପୁଅ ନିଜେ କାମ ନ କଲେ ଚାଷ ଭଲ ହୁଏନାହିଁ । ପଇସା ଥାଇ ଯେ ଭିକ ମାଗେ, ସେ ଅତି ଲୋଭୀ ଓ କୃପଣ ।

୩୦୨ । ଆମେ ହୋଇଥିଲୁ କାଶୀ ଦେଶର ବାଂସି
ବର୍ତ୍ତନ ନ ମିଳି ହେଲୁ ସନ୍ନ୍ୟାସୀ
ଏଣ୍ଡ ଘରକୁ ଏଣ୍ଡ ନଉମୀ
ଉଷ୍ଣାବଢ଼ା କରି ଭୁଞ୍ଜିବା ବସି ।

—ପୂର୍ବେ ସାମୀ ନୌକର ଥିଲ । ଜଗତରେ ଖାଇବା ନବାଦ ନ ହେବାରୁ ସନ୍ନ୍ୟାସୀ ହେଲ । ବର୍ତ୍ତମାନ ଏ ଘରେ ମୁଁ ସନ୍ନ୍ୟାସୀ, ରୋଷାରନ୍ଧ କର, ସମସ୍ତେ ମିଶି ଖାଇବା ।

ମଣିଷ ବାଲ୍ୟରୁ ବେଉସାରେ ଅପାରଗ ହେଲେ ସଂସାର ଗୃହ ସନ୍ନ୍ୟାସୀ ହୁଏ । ଜଗତରେ ପେଟ ପୋଷି ନ ପାରିଲେ ତପସ୍ୟା କରେ, ବସ୍ତ୍ର ଚେଲା ଆସନ୍ତି । ପର୍ଯ୍ୟାପ୍ତ ଖାଦ୍ୟ ମିଳେ । ମଣିଷ କୌଣସି ବ୍ୟବସାୟ କରି ଚଳି ନ ପାରିଲେ ଭେକ ମାରେ । ଏହି ଅର୍ଥରେ 'ଭଗ୍ନା କୃଷି ଭ'ଗବନ୍ତ ଭବନ୍ତି ।'

୩୦୩ । ଆମେ ଗୋରୁ ଚରଉଛୁ
ଆପଣ (ତମେ, ତେମେ, ତୁମେ, ମଣିମା) ମଣିଷ ଚରଉଛ
—ସ୍ତୁତି ବଚନ

—ଗୋରୁଜଗା ଗୋରୁ ଚରାଏ । ଯାହା ହାତରେ ବହୁ ମଣିଷଙ୍କ ଭାଗ୍ୟଡୋର ସେ ମଣିଷ ଚରଉଛି ବୋଲି କୁହାଯାଏ । କାର୍ଯ୍ୟ ସାଧିବା ଉଦ୍ଦେଶ୍ୟରେ ରାଜା ଜମିଦାର, ହାକମଙ୍କ ପ୍ରତି ଏହି ଉକ୍ତି ପ୍ରଯୁକ୍ତ ହେଉଥିଲ ।

୩୦୪ । ଆମେ ଦୁଇଜଣ ସଂସାର ଭାଇ
କେବେ ହେବା ନାହିଁ ଛଡ଼ାଛଡ଼ି । —ଛଟା

—ହୁହେଁ ଚିରକାଳ ବନ୍ଧୁ ହୋଇ ରହିବେ ବୋଲି ବିଶ୍ୱାସ ।

୩୦୫ । ଆମେ ପାଞ୍ଚଜଣ ବେଣ୍ଟ କୁଲିଗଲୁ
ପାଚଟା ଉଗର ଆଠଟା ଖୋଲ
କାଟକୁଟା କରି ଭାଗ ପକାଇଲୁ
ଜଆଦ ରହିଲା ଶୋଳା ।
—ନାଁ ଦିଆ (କୋରପୁଟ)

—ପଥରରେ ଟାଙ୍ଗିଆ ଘଷିବା ।

୩୦୬ । ଆମ୍ବୁଲ ମାଠିଆ ଯେଉଁଠି
ବୁଡ଼ା ଗଡ଼ ଗଡ଼ ଯାଇ ସେଇଠି । —ଢଗ

—ଯାହାର ଯେଉଁ ଦ୍ରବ୍ୟ ପ୍ରତି ଲୋଭ ଥାଏ, ସେ ଅବଶ୍ୟ ସେଠି ଯାଇ ପହଞ୍ଚେ ।

୩୦୭ । ଆମ୍ବୁଲ ମାଠିଆ କଣା
ଝାଳ ଠୋପି ଠୋପି ନାକରେ ଗୁଣା
ଖରାବେଳେ ପାଣି ଅଣା (ହେଲିବଣା) । —ଛଟ ।

—ଖରାଦିନେ ଦୂରରୁ ପାଣି ବୋହି ଆଣିବାର ଦୁଃଖ ବର୍ଣ୍ଣନା ।

୩୦୮ । ଆମ୍ବୁଲ ମାଠିଆ ଯେଠ
ଛ ମାସ ଜଗିଲି ଦେଇଲ ବାଟ (ଯମୁନା ଘାଟ)
ଦିନେ ନ ପାଇଲି ଭେଟ । —ଛଟା

—ଅଭିସାରର ବ୍ୟର୍ଥତାରେ ନାୟକର ଅନୁଶୋଚନା ।

୩୦୯ । ଆମ୍ବୁଲ ମାଠିଆ ଫଟା
ଘଣ୍ଡିର ଗାଈକି ଗୋଡ଼େଇ ଗଲି
ମାଡ଼ିଲି ବାଉଁଶ କଣ୍ଟା । —ଛଟା

—ଘଣ୍ଡିର ଗାଈ—ମଣିଷ ପରି ଗାଈକୁ ଗାଳିଦେବା । ଗାଈକୁ ଗୋଡ଼ାଇ ଅମଡ଼ାରେ ପଶି କଣ୍ଟା ମାଡ଼ିବା ଓ ସେଥିଲାଗି ଗାଈକୁ ଦୋଷୀ କରିବା ।

୩୧୦ । ଆମ୍ବୁଲ ଟାକୁଆ ଖଡ଼ା ବଡ଼,
ଦାନ୍ତ ଥିଲି ଲୋକ ରେକଟି ଖାଇଲି
ପାକୁଆ ଜୀବନ ଗଲି ଗୁଡ଼ । —ଛଟା

—ପାକୁଆ ଚୋବେଇ ନ ପାରିବାରେ ହାସ୍ୟରସ ସୃଷ୍ଟି ।

୩୧୧ । ଆପ୍ତ ଦେଖି ବ୍ୟସ୍ତ କର,
ଶରୀର ଦେଖି ଧର୍ମ କର । —ପ୍ରବଚନ

—ଅପ୍ତକୁ ଷ୍ରଭାଗରେ ବିଭକ୍ତ କରିବ—ଖାଦ୍ୟ ଲାଗି, ବସ୍ତ୍ର ଲାଗି, ଧର୍ମାଚରଣ ଲାଗି ଗୋଟିଏ ଗୋଟିଏ ଭାଗ ରଖିବ, ଗୋଟିଏ ଭାଗ ସଞ୍ଚୟ କରିବ ।

୩୧୨ । ଅର୍ ନାଇଁ ଠାର୍ ନାଇଁ
କେଉଁପାଏ ତର ବାସା
ଶୁନ୍ ଶୁନ୍‌ରେ ପଣ୍ଡିତଭାଇ
ବାଗ କେ ନେଲା ମୁଷା । — ଛିଟା
(କୋରାପୁଟ)

ଆର ନାଇଁ ଠାର ନାଇଁ—ଜଣା ନାହିଁ କି ଶୁଣା ନାହିଁ ।
କେଉଁ ପାଏ ତର ବାସା—ତୋର ବସା କେଉଁଠି ?

—ଜଣେ ସନ୍ନ୍ୟାସୀ ବାଘ ଛାଲ ଉପରେ ବସି ତପସ୍ୟା କରୁଥିଲେ । ଲୋକେ ପଚାରିଲେ ଜଣା ନାହିଁ, ଶୁଣା ନାହିଁ, ତୁମେ କେଉଁଠୁ ଆସିଲ ? ଏହି ସମୟରେ ମୂଷା ଖଣ୍ଡିଏ ବାଘଛାଲ ଟାଣିନେବାରୁ ଲୋକେ କୌତୁକ କରି କହିଲେ, ଏହି ବାଘକୁ ମୂଷା ନେଇଗଲା !

୩୧୩ । ଆରମ୍ଭ ଭୁବନାନନ୍ଦ
ଆଚରଣ (ପ୍ରକୃତ) ହାଡ଼ରୁ ମନ୍ଦ । —ବ୍ୟଙ୍ଗ

—ବଡ଼ ବଡ଼ କଥା କହେ, କିନ୍ତୁ କାର୍ଯ୍ୟରେ ଘୃଣ୍ୟଲୋକର ପରିଚୟ ମିଳେ ।

୩୧୪ । ଆର ଜନମରେ ସଉତୁଣୀ
ଏ ଜନମରେ ଶାଶୁ
ବଅସ (ବୟସ) ଦିନେ ଲୁହ ଗଡ଼ୁଥି (ଥିଲା)
ବୁଢ଼ୀ ଦିନକୁ (ବୁଢ଼ୀଦିନେ ଏବେ) ହସୁ
—ଛିଟା

—ବୋହୂ ପ୍ରତି ଶାଶୂର ବ୍ୟବହାର ଅତି ନିଷ୍ଠୁର ଥିଲା । ବୋହୂ କହୁଛି—ଏ ଜନ୍ମରେ ଶାଶୂ, କିନ୍ତୁ ପୂର୍ବ ଜନ୍ମରେ ସେ ସଉତୁଣୀ ଥିଲେ । ସେତେବେଳେ ଈର୍ଷାରେ ଆଖିରୁ ଲୁହ ଗଡ଼ୁଥିଲା । ଏବେ ଶାଶୂ ହୋଇ ସେ ହସୁକୁଷ ହୋଇଛନ୍ତି ।

୩୧୫ । ଆରତ ମାରୁ, ଖାଏ କନ୍ଦମୂଳ ହରେ ସାରୁ ।
ମାଇପ ବୋଇଲା—ଇଏ କଅଣ ?
ଆଲେ କଳହୁଡ଼, ମୂଗ ଭଅଣ ! —ଢଗ

—ଆରତ ମାରମ୍ଭକ, ସ୍ତ୍ରୀ ସହିତ କଳହରେ ଅତି ମାତ ସ୍ତ୍ରୀରକୁ ବ୍ଲିଲପାଏ । ତା ପ୍ରତି ବ୍ୟଙ୍ଗ ।

୩୧୭ । ଆର ଜନମରେ ଲୁହାବେଙ୍କରଣୀ
ଏ ଜନମରେ ପେଙ୍କୁ । —ଲୋକୋକ୍ତି

—ପୂର୍ବ ଜନ୍ମରେ ଲୁହା ବେଙ୍କ କରିଥିଲେ (କିମ୍ବା ଦେଉଁଶୁର ଅଇଣ୍ଠା ଖାଇଥିଲେ) ଏ ଜନ୍ମରେ ସ୍ତ୍ରୀ ପେଙ୍କୁ ହୋଇ ଜନ୍ମ ପାଇଥାଏ—ଲୋକବିଶ୍ବାସ ।

୩୦୩ । ଆର ଜନ୍ମର ଋଣ ଲଙ୍କାମରିଚ ହୋଇ
ଏ ଜନ୍ମରେ ଶୁଝିବା । —ଲୋକୋକ୍ତି

—ଯେ ଯାହାଠାରୁ ଧାରିଥାଏ, ଶୁଝିନ ପାରେ, ମୃତ୍ୟୁ ପରେ ସେ ସାହୁର ବାଡ଼ରେ ଲଙ୍କାମରିଚ କିମ୍ବା ଲେଉଟିଆ ଶାଗ ହୋଇ ଶୁଝେ— —ଲୋକବିଶ୍ବାସ ।

୩୧୮ । ଆର ପାଖେ ଜାକୁଟ ରଉଳ
କାହାଘରେ ଅଛି ସରୁ ଚାଉଳ ? —ନାଁ ଢଅା

—ସାପଦାନ୍ତ ।

୩୧୯ ।
ଆର ଘରରେ ବାଘ ମଲା
ଏ ଘରକ ଗନ୍ଧ ହେଲା । —ନାଁ ଦିଆ

—ମୂର୍ଖର ବଳିତା ।

୩୨୦ । ଆଙ୍ଖି ଫୁଲଇ କାକରୀ ଫୁଲଇ
ଫୁଲୁଥାଇ ବରିବରା
ଭୁଛାକୁ ଭକୁଆ ଫୁଲ ମରୁଥାଏ
ମୂର୍ଖର ଚଡ଼ୋଉ ପର । —ଢଗ

—ଫୁଲପଣ ପ୍ରତି ବ୍ୟଙ୍ଗ ।

୩୨୧ । ଆରେ ଅଳସୁଆ, ମଠ ନ କର
ଯେତେବେଳେ ହେଲେ (ଚୋଦ) ଉପର । —ଢଗ

—ଯେତେବେଳେ ହେଲେ ନିଜ କାର୍ଯ୍ୟ ନିଜକୁ ହିଁ କରିବାକୁ ହେବ । ଅଳସୁଆ ହୋଇ ଲାଭ କଅଣ ? ନିଜ ମୁଣ୍ଡ ଉପର କାର୍ଯ୍ୟ ଆଗରୁ ଶେଷ କରିଦେଲେ କ୍ଷତି କଅଣ ?

୩୨୨ । ଆରେ ଆରତ
ଗାଣ୍ଡ ଦୁହିଁ ଦୁହିଁ ମାଇଲା ନାତ । —ଛଟା

—ଆର୍ତ୍ତ ନାମକ ବ୍ୟକ୍ତି ପ୍ରତି ବିଦ୍ରୂପ ।

୩୨୩ । ଆରେ ଆରତା
ମା ମରିଗଲା ଦେ ବାରତା
(ବାପ ମରିଗଲେ ହବୁ କରତା) —ଛଟା

—ଆର୍ତ୍ତ ନାମକ ବ୍ୟକ୍ତି ପ୍ରତି ବିଦ୍ରୂପ ।

୩୨୪ । ଆରେ କରୁଣା
ନୂଆ ଦେଖି ପାସୋରିଲୁ ପୁରୁଣା ? —ଛଟା

—ବ୍ୟଙ୍ଗ ।

୩୨୬ । ଆରେ କାଉ,

ମଲା ଉପରେ ଶଗଡ଼ ଟାଣ । —ଛଟା

—ମୃତ୍ୟୁ ପରେ ଶାସ୍ତିର କି ମୂଲ୍ୟ ? କିନ୍ତୁ ପ୍ରତିହିଂସା ସେ କଥା ବିଚାରେ ନାହିଁ । ଶବ ଉପରେ କ୍ରୋଧରେ ସେ ଶଗଡ଼ ମଡ଼ାଏ ।

୩୨୭ । ଆରେ ଘରଣା

ଘର ଥାଉଁ ଥାଉଁ ଗୁହାଳ କଣା । —ଛଟା

—ଘରେ ଗୁହାଳ ଥାଉଁ ଥାଉଁ ଯେ ଗୁହାଳ କଣେ ତା ପ୍ରତି ବ୍ୟଙ୍ଗ । ଘରୁଆ ଲୋକ ପକ୍ଷରେ କଣି ଖାଇବା ସମ୍ମାନ ଜନକ ନୁହେଁ ।

୩୨୮ । ଆରେ ଚଇତା

ଦି ମାଇପର ଘଇତା

ଚବର (ଚଡ଼ଲ) ଖାଇବୁ କି ପଖାଳ ଖାଇବୁ

ଦିନ ଥାଉଁ ଥାଉଁ କହିଥା । —ଛଟା

—ଦି ମାଇପର ଘର ଏକ ଅଶାନ୍ତିର ସଂସାର । ସ୍ୱାମୀଙ୍କୁ ବେଳେ ବେଳେ ଉପାସ ରହିବାକୁ ପଡ଼େ । ବ୍ୟଙ୍ଗ ।

୩୨୯ । ଆରେ (ହେ) ରସିକ ।

କଖାରୁ ଫୁଲକୁ ପାରୁଡ଼ା ପୋକ । —ଛଟା

—ତଥାକଥିତ ରସିକ ପ୍ରତି ବ୍ୟଙ୍ଗ ।

୩୩୦ । ଆରେ ଚେଙ୍ଗପା ମିସ୍ତ୍ରି ।

ବାରପଣ ପାଇଁ ଗୁହାର କର

କାହାଣେ ଦେଉଛୁ ଦସ୍ତୁରି । —ଛଟା

—ଦସ୍ତୁରି—ଦଲାଲି । ଚାକିରିରେ ଦରମା ମିଳେ ଯେତିକି, ତା ଅପେକ୍ଷା ଲାଞ୍ଚ ଦିଆହେଉଛି ବେଶୀ । ଏହିଭଳି ଦଲାଲି ପ୍ରତି ବ୍ୟଙ୍ଗ ।

୩୩୧ ।  ଆରେ ଭେମଣା (ଭମଣା)
ବୁଲି ବୁଲି ଆସି (ଫେରି) ସେହି ଅଗଣା ।  —ଢଗ

—ଅଧିକ ଉପକାର ପାଇବା ଆଶାରେ ବହୁ ସ୍ଥାନରେ ବୁଲି ବୁଲି ପୁଣି ପୂର୍ବ ସ୍ଥାନରେ ପହଞ୍ଚିଲେ ଏହି ବ୍ୟଙ୍ଗାତ୍ମକ ଢଗ ବ୍ୟବହୃତ ହୁଏ ।

୩୩୨ ।  ଆରେ ବୁଧାଚା,
ଆପେ ଜୀଇଁଥିଲେ ପୁଅ, ଘଇତା ।  —ଢଗ

—ନିଜେ ସଂସାରରେ ବଞ୍ଚିରହିଲେ ସ୍ୱାମୀ ବା ପୁତ୍ରସୋହାଗିନୀ ହୋଇପାରିବ । ଜୀବନ ଯିବା ପରେ ଏ ସବୁର ମୂଲ୍ୟ କଅଣ ?

୩୩୩ ।  ଆରେ [illegible]ଲ !
ଅରଜ ପାରିଲେ ଗରଜ ଖାଇ ।  —ଢଗ

—ନିଜ ରୋଜଗାର ନିଜେ ଖାଇବାରେ ଗର୍ବ ଥାଏ । ପର ଉପରେ ନିର୍ଭରଶୀଳ ବ୍ୟକ୍ତିର ସେ ଆନନ୍ଦ ନଥାଏ ।

୩୩୪ ।  ଆରେ ମେରି ବାପରେ ।
ଅଠା ଗାଣ୍ଡିଆରେ କାଦୁଅ ମେଞ୍ଚାଏ
ନିତି ନିତି ମାପରେ ।  —ଢଗ

—ଠକ ବ୍ୟବସାୟୀ ପ୍ରତି ବ୍ୟଙ୍ଗ ।

୩୩୫ ।  ଆରେ ରାବଣ,
ଅଳପ କଥାରେ ଗଲା ତୋ ପ୍ରାଣ
(ଆପଣା ଘରେଁ ହରେଇଲୁ ପଣ) ।  —ଢଗ

—ବଡ଼ ବଡ଼ ପାପାତ୍ମାମାନେ ଅତି ସାମାନ୍ୟ କାରଣରୁ ମୃତ୍ୟୁ ମୁଖରେ ପଡ଼ିଥାନ୍ତି ।

୩୩୬ ।  ଆରେ ନଲଠା,
ହଗିଗଲାବେଳେ ମିଛକୁ ମଠା ! —ଛଟା
—ନିଲଜ୍ଜ ଲୋକ ପ୍ରତି ବ୍ୟଙ୍ଗ ।

୩୩୭ ।  ଆରେ ମୋହନା,
ବାଘ ଶିଆଳକୁ ପିଉଁଥା ଦନା । —ଛଟା
—ମୋହନ ନାମକ ପିଲାକୁ ବିଦ୍ରୂପ ।
ଦନା—ପଣସ ପତ୍ର ବା ଶାଳ ପତ୍ରରେ ତିଆରି ପାତ୍ର ।

୩୩୮ ।  ଆରେ ଭକା,
ପେଟଗଲା ପାଟିକ ପକା ।
ଭକାସ୍ତ·ନାମକ ପିଲାକୁ ବିଦ୍ରୂପ ।

୩୩୯ ।  ଆରେ ଲଣ୍ଡା,
ମୋ ଭାତ ଖାଇ ମୋତେ ଖଣ୍ଡା ! —ଛଟା

—ପୂର୍ବ ଉପକାର ସୁମରଣା କରାଇ କୃତଘ୍ନ ପ୍ରତି ବ୍ୟଙ୍ଗ ।

୩୪୦ ।  ଆରେ ଚଷାଭାଇ; ମୋ ବୋଲ ଶୁଣ
ବେଳ ଥାଉଁ ଥାଉଁ ବୁଣିବୁ ଧାନ । —କୃଷିବଚନ
—ଯଥାସମୟରେ ଧାନ ନ ବୁଣିଲେ ଅସୁବିଧାରେ ପଡ଼ିବାକୁ ହୁଏ ।

୩୪୧ ।  ଆରେ ଦେ, ଯେତେବେଳେ ଯେ । —ଢଗ

—ଅଳସୁଆ ଲୋକ ପ୍ରତି ଚେତାବନୀ । ସେ ଯେତେବେଳେ ଯେଉଁ କାମ କରିବାର କଥା, କରେ ନାହିଁ ।

୩୪୨ ।  ଆରେ ଭ୍ରମର
ଅତି ସ୍ନେହ ନ କର
ଆସିଲେ ଗଜପତି
ପଡ଼ିବୁ ଧରା । —ନାଁ ଢଆ
—ହରିଣ ।

୩୪୩ ।    ଆରେ ଚଉଚା
ମୋଡ଼ମାଡ଼ ହୋଇ ଘରେ ରହିଆ
ମୁହଁ ଟେକ ସୁହାଁ ନାହିଁରେ
ପତଙ୍ଗ ହୋଇଣ ଅନଳେ ପଶିଲେ
ମରିବୁ ଜାଣିଥା ତୁହିରେ ।    —ଛଟା

—ପ୍ରେମରେ 'ପଡ଼ିଥିବା ତରୁଣ ପ୍ରତି ତାଗିଦ୍ । ପ୍ରେମ ନିଆଁ, ପ୍ରେମିକ କ୍ଷୁଦ୍ର ପୋକଟିଏ ମାତ୍ର । ନିଆଁର ରୂପମୋହରେ ପଡ଼ିଲେ ତାକୁ ପୋଡ଼ି ମରିବାକୁ ହିଁ ହେବ ।

୩୪୪ ।    ଆରେ ଜଳକା, କୁଳକଳଙ୍କା
ଖଉଜ ମାଇପ ଗନ୍ଧୁଛୁ
ଗେରସ୍ତ ସାଙ୍ଗରେ କଳିତକରାଳ
ନିଜର ଖରଚା କାଢୁଛୁ ।    — ଛଟା!

—ଦାମ୍ପତ୍ୟ କଳହ ଓ କୁପୁରୁଷ ପ୍ରତି କଟାକ୍ଷ ।

୩୪୫ ।    ଆରେ ଚହଟା,
ଝିଟାନଟା ତଳେ ନ କର ହଟା
ମୋର ଘରଣୀ, ତୋର ଭଉଣୀ
ତଅଣରେ ଦିଏ ଅଣୁଏ ପାଣି ।    —ଛଟା

—ଘରଣୀ ତଅଣ ପାଣିଆ କରେ-ଏହାର ଉଲ୍ଲେଖ ଦେଇ ଶ୍ୟାଳକ ପ୍ରତି କଟାକ୍ଷ ।

୩୪୬ ।    ଆରେ ମୁଣା, ତା ପିଠିକୁ ସ୍ୱା ଥୁମୁଣା ।    — ନାଁ ଦିଆ
— ଗାଈ ଦୁହାଁ । ଥୁମୁଣା — ଥୋମଣି ।

୨୪୭ ।    ଆରେ ଚଉଚା,
ହାତ ଗୋଡ଼ ଥିଲେ ପୁଅ, ଘଇତା ।    — ଭଗ

– ନିଜ ହାତଗୋଡ଼ ଚଳୁଥିବା ପର୍ଯ୍ୟନ୍ତ ପିତା, ପୁଅଙ୍କ ଆଦର ସୋହାଗ ମିଳେ ।

୩୪୮ । ଆରେ କାଉ,
ମଲା ପରେ କି ଶଗଡ଼ ଯାଉ ?
ଯାହାକୁ କହିଛୁ ଛୁଇଁ
ତା ଗୋଡ଼ଧୁଆ ପାଣି ପି । —ଛଟା

—ଧିକ୍କୃତ ବ୍ୟକ୍ତିର ଶରଣ ପଶୁଥିବା ଲୋକ ପ୍ରତି କଟାକ୍ଷ ।

୩୪୯ । ଆରେ ଆମ୍ବୁଲ,
ତୋତେ ଦେଖି ମୋର ବହିଲା ଲାଳ । —ଛଟା

୩୫୦ । ଆଲ୍ ବୋଇଲେ କାଲ୍ ଶୁଣେ (ଶୁଭେ)
ଘରପୋଡ଼ ବୋଇଲେ ବଣପୋଡ଼ ଶୁଣେ (ଶୁଭେ) —ଢଗ
—ବାସ୍ତବତାକୁ ଏଡ଼ି ଚାଲିଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୩୫୧ । ଆଲ୍ଲା ଯବ୍ ଦେଗା ଛପର ଫାଡ଼କେ ଦେଗା ।
—ହିନ୍ଦୀ ପ୍ରବଚନ

—ଭଗବାନ୍ ଚାହିଁଲେ ଚାଳ ଉପର ଘର ଭିତରକୁ ଧନସମ୍ପତ୍ତି ପକାନ୍ତି । ଭାଗ୍ୟବାନଙ୍କ ନିକଟରେ ଭଗବାନଙ୍କ ଦାନ ଏପରି ଆଚମ୍ବିତ ଭାବରେ ପହଞ୍ଚେ, କେହି ତାକୁ ଅଟକାଇ ପାରେନାହିଁ ।

୩୫୨ । ଆଳ ଫୁଲଣ
ପୁଷି ଚନ୍ଦନ
ଓଳକଣା ମେଳଣ
ଚନ୍ଦ୍ରଭାଗା ସ୍ନାନ
କଣ୍ଠେଇ ବାସନ
ମାଣିଆ ବନ୍ଦୀ ବସନ
ମାଳତିର ବାସନ
କାହିଁ କୁଞ୍ଜବନ ନାହିଁ ସମାନ । —ଛଟା

—ଚନ୍ଦ୍ରଭାଗା ସ୍ନାନ—କୋଣାର୍କର ଚନ୍ଦ୍ରଭାଗା ନଦୀରେ ମାଘ ସପ୍ତମୀ ବୁଡ଼ । କଣ୍ଟିଳୋ ବାସନ—କଂସା ପିତ୍ତଳ ବାସନ, ମାଣିଆବନ୍ଧ ବସନ—ମାଣିଆବନ୍ଧୀ ଗ୍ରାମର ଲୁଗାପଟା । ମାଳତୀର ବାସନ—ପଥର ଥାଳୀ, ଟଥିଆ ।

୩୫୩ । ଆଳ ଝୁଲଣ, ଓଳକଣା ମେଳଣ
ଅସୁରେଶ୍ୱର ରାମନବମୀ, ପୁରୀ ଚନ୍ଦନ । —ଲୋକୋକ୍ତି

—ଉକ୍ତ ଯାତ୍ରା ବା ଉତ୍ସବଗୁଡ଼ିକ ଧନେ ଓଡ଼ିଶାରେ ପ୍ରସିଦ୍ଧ ଥିଲା । ଏବେ ପୁରୀର ଚନ୍ଦନ ଯାତ୍ରା କେବଳ ପୂର୍ବ ଗୌରବ ରକ୍ଷା କରି ରହିଛି ।

୩୫୪ । ଆଳ ରାଜ୍ୟ (ରାଇଜ)କୁ ସହଜପୁର ବାଟ । —ଲୋକୋକ୍ତି
—ଉଦ୍ଦେଶ୍ୟସିଦ୍ଧିର ସରଳତମ ପନ୍ଥା ।

୩୫୫ । ଆଳ ରାଇଜରେ ଭଲେ ହିଶାପ
ପାଟରେ କମ୍ଭୀର ଖାଏ । —ଢଗ

—ହିଶାପ—ନ୍ୟାୟ । ଆଳ ଚଳମାଳ ରାଜ୍ୟ । ନଈ କମ୍ଭୀରଆ । କୌଣସି ଗୋପନୀୟ ସ୍ଥାନରୁ ହଠାତ୍ କୁମ୍ଭୀର ଆକ୍ରମଣ କରିପାରେ । ସେଥିପାଇଁ ସେଠା ରାଜଦରବାର ଉପରେ ମଧ୍ୟ ଆସ୍ଥା ସ୍ଥାପନ କରାଯାଇ ନ ପାରେ । ହଠାତ୍ ବିପଦ ପଡ଼ିପାରେ ।

୩୫୬ । ଆଳ ରାଇଜର ଥାଳୀ ପଲମ
ଦକ୍ଷିଣୀ ରାଇଜ କମ
ନବାବ୍ ଭୂଆସୁଣୀ କଏ ସେ ଗଢ଼ିଛି
ତା ଦେହେ ପଥର ଖମ୍ ?

—ଖମ—ଖମ୍ବ ;

୩୫୭ । ଆଳ ରାଇଜର ଥାଳୀ ପଲମ
ଦୁବଗଛ କଲ ଚଟୁ
ମୋ' ଝିଅ ଯଦି ପିଣ୍ଡାରେ ଶୋଇଲା
ତୋ ପୁଅ ହଳଦୀ ବାଟୁ ! —ଛଟା

—ଶାଶୂଘରେ ପଢ଼ ଝିଅର ସବୁ ଦୁଃଖ, ଗଞ୍ଜଣା, ଅନୁଭବ, ତେବେ ଖାଲି ପର କାମ କରିବାକୁ ଝିଅ କେଉଁଠି ରହିବ କାହିଁକି ? ଝିଅର କାମ ନୋଇଁ କେହେ କରନ୍ତୁ । ଝିଅର ମାଆ କ୍ରୋଧରେ ସମ୍ଭୁଦୁଣୀକି ଏପରି କହୁଛି ।

୩୫୮ । ଆଳି ଗଛକର ନେଢ଼ୁ
ଆଳିଆ ନେଖାରେ ବାଳିଆ ବନ୍ଧୁ
କେତେ ବାହୁନେଇ କାନ୍ଦୁ ? —ଛିଠା

—ସମ୍ପର୍କ ନଥିବା ବ୍ୟକ୍ତିର ବିୟୋଗରେ ଶୋକ କରୁଥିବା ବ୍ୟକ୍ତିକୁ ଲକ୍ଷ୍ୟ କରି ।

୩୫୯ । ଆଳିଆ ନେଖାରେ ବାଳିଆ ବନ୍ଧୁ
ସମୁଦ୍ର ଲେଖାରେ ଅପା । —ଢଗ

—ଲେଖାଯୋଖାରେ ବନ୍ଧୁ ହୋଇପାରନ୍ତି । ଦୂରବର୍ତ୍ତୀ ସମ୍ପର୍କ । ରକ୍ତସମ୍ପର୍କୀୟ ବନ୍ଧୁ ନୁହନ୍ତି । ଲୋକେ ଦୂର ସମ୍ପର୍କ ଯୋଡ଼ି ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ସ୍ୱାର୍ଥସିଦ୍ଧି ଲାଗି ଚେଷ୍ଟା କରିଥାନ୍ତି ।

୩୬୦ । ଆଜ୍ଞା ବ ଇଗଣ ସାନ୍ତୁ ପରିବା
ଗୋଦର ଗୋଡ଼କୁ ହଲେଇ ଦବା । —ଛିଠା
—ଗୋଦର ପରିବାବାଲାଙ୍କ ପ୍ରତି ବ୍ୟଙ୍ଗ ।

୩୬୧ । ଆଜ୍ଞାପଚରିଲୁ ପାନ୍ତୁପଚର
ପିଠି ଖାଉଥିଲ ଖରା
ଆଗେ ଅଣ୍ଟ ନଥିଲା (ଖାଉଥିଲୁ) କୁଣ୍ଡାଚକୁଳି
ଏବେ ଛୁରୁନାହିଁ (ପିନ୍ଧୁଥାଉ) ଝରିବରା । —ଢଗ

—ଅବସ୍ଥାର ପରିବର୍ତ୍ତନରେ ଖାଦ୍ୟପେୟ ଓ ଚଳଣିରେ ପରିବର୍ତ୍ତନ ହୁଏ, ନିମ୍ନ ସ୍ତରର ଖାଦ୍ୟ ଖାଉଥିବା ବ୍ୟକ୍ତି ଉଚ୍ଚ ସ୍ତରର ଖାଦ୍ୟକୁ ଅବହେଳା କରିବାର ଦେଖିଲେ ତା ପ୍ରତି ବ୍ୟଙ୍ଗ କରାଯାଏ ।

୩୬୨ । ଅଁଜ୍ର ବାରଫଳ ସାନ୍ତୁ ବାରମଳ
ବାର ବାର ଫଳ ଚବଣ ଫଳ । —ଲୋକୋକ୍ତି

—ର ଳ ର ଅନୁପ୍ରାସଯୁକ୍ତ ପଦ । ଜିଭ୍ର ସଳଖ କରିବା ଲାଗି ଏହାକୁ ଖୁବ୍ ତରତରରେ କହିବାକୁ ହୁଏ । ଠିକ୍ ଭାବରେ କହି ପାରୁ ନଥିବା ବ୍ୟକ୍ତି ହାସ୍ୟାସ୍ପଦ ହୁଏ ।

୩୬୩ । ଆନ୍ତୁ ମୂଳରୁ ବାହାରିଲେ ଯାନ୍ତୁ
ଗୁଗୁଚିଆ ନ ଛୁଟିଲେ ଲୁଗାରୁ
ହାଣ୍ଡି ଫାଟିଯାଏ ତାଳବଢାରୁ
କଳ ଲାଗଇ ଭଲରେ ପନ୍ଥରୁ
ଘଇତା ନ ଉଠେ ବସିଲାଠାରୁ
ପହିଲ ରଜରେ ଯେ ହୁଏ ମାନ୍ତୁ
ବୋଲେ ଡକାଇ ଏ ଉତ୍ତମ କାନ୍ତୁ । —ଡକାଇ ବଚନ

—ଯାନ୍ତୁ ପରିବାହିସାବରେ ଅଁଜୁଠାରୁ ନିକୃଷ୍ଟତର । ଦୁର୍ଭାଗ୍ୟ ପଡ଼ିଲେ ଅଁଜ୍ର ମୂଳରୁ ଯାନ୍ତୁ ବାହାରେ, ଲାଉଗଛରେ ତଲଣା ଫଳେ । ଗୁଗୁଚିଆ—ଏକ ପ୍ରକାର ଘାସ ଫଳ । ବଣବୁଦାରେ ଗଲାଲାବେଳେ ଲୁଗାପଟାରେ ଲାଗିଯାଏ । ସହଜରେ ଛାଡ଼େନାହିଁ । ପହିଲ ରଜରେ ସ୍ତ୍ରୀ ଋତୁମତୀ ହେଲେ ତାକୁ ଖାଡ଼ା ଉପାସରେ ରହିବାକୁ ହୁଏ । ଏହା ଲୋକ ଚଳଣି ।

୩୬୪ । ଅଁଜୁ ଖୋଜୁ ଖୋଜୁ ମହାଦେବ ବାହାରିବା । —ଢଗ

—ଗୋଟିଏ ବିଷୟ ଅନୁଧ୍ୟାନ କରୁ କରୁ ଆଉ ଗୋଟିଏ ରହସ୍ୟ ପ୍ରକାଶ ପାଇବା ।

୩୬୫ । ଆଜ୍ର ସାରୁ, ବୋଇତିକଖାରୁ
ଚିଙ୍ଗୁଡ଼ି ଶୁଖୁଆରୁ ପୁଞ୍ଜିଏ ପଡିଲେ
ବୁଢ଼ା, ମଜା କାହିଁକି ପଚ୍ଛୁରୁ ? —ଛିଟା

—ସାନ୍ତୁ, ଆମ୍ବ, ବୋଇଣ୍ଡାଇଖାନ୍ତରେ ଛନ୍ଦି ଶୁଖୁଆ ପଡ଼ି ହୋଇଥିବା ତରକାରୀ ଜନସାଧାରଣଙ୍କ ପକ୍ଷେ ଏକ ସୁସ୍ୱାଦୁ ତରକାରୀ ।

୩୬୬ । ଆମ୍ବପତର ଚେକ ଚେକଳା
କଦମ୍ବପତର ବାସେ
ଏଇ ଦେଶରେ ନାହିଁ କାହାରି
ଯିବା କଟକ ଦେଶେ । —ନାଁ ଦଅ

—ନୋଟ୍ (ଟଙ୍କା) ।

୩୬୭ । ଆମ୍ବକୁଢ଼ ବୋଲ ମାଳକୁଢ଼ ବୋଲ
ଘଡପର କଏ ହେବରେ
ମାଉସୀ ବୋଲ ପିଉସୀ ବୋଲ
ମାଆ ପରି କଏ ହେବରେ ? —ଛଗ

—ମାଉସୀ ପିଉସୀ ପ୍ରଭୃତି ସମସ୍ତ ସମ୍ପର୍କୀୟାଙ୍କ ମଧ୍ୟରେ ମାଆର ସ୍ଥାନ ସର୍ବୋଚ୍ଚ ।

୩୬୮ । ଆମ୍ବ ବାଇଗଣ ପଡ଼ିକ ପଡ଼ି
ପା ମଣ୍ଡା ମଣ୍ଡି ଯାଇଛୁ
ବେପାର ଧନ୍ଦା ସାମକୁ ଯିବ ?
କେମିତି ଚିନ୍ତା ମତେ ଖାଉଛି । —ଛଗ

— ଦୋକାନରେ ପଡ଼ିଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୩୬୯ । ଆଲୋ ମାଗୁଣି,
ମାଆ (ଆଈ)ଟି ତୋର ବୁଢ଼ୀ ବାଘୁଣୀ । —ଛଟା
—ମାଗୁଣୀ ନାମ୍ନୀ ବାଳିକାକୁ ବ୍ୟଙ୍ଗ ।

୩୭୦ । ଆଲୋ କମଳା,
ସାନ ଭଉଣୀକୁ ଲୁଗାପିନ୍ଧା (ପିଲାଟି ଥରେ ଲୁଗା ପିନ୍ଧିଥାଉ)
ବଡ଼ ଭଉଣୀକୁ ଲଙ୍ଗଳା । —ନାଁ ଦଅ
—ବାଉଁଶ ଗଛ

୩୭୧ । ଆରେ ଆଳସୀ ।
ଖଡ଼ୁ ସନ୍ଧରେ ତୋ ମନ ଲାଗିଛୁ ।
ନ ଥାଏ ପିନା, ଭତ ଦଖୋଳଲେ ଯାଏକନା ।

—ଅପରିଚ୍ଛନ୍ନା ସ୍ତ୍ରୀ ପ୍ରତି ବ୍ୟଙ୍ଗ ।

୩୭୨ । ଆଲେ (ଆ ଆ) ମୁଚୁକ (ସଙ୍କୋଚ ବଳୟ) ଶୋଇବା
ତୁ ତ ମୁଚୁକି, ମୁଁ ତ ମୁଚୁକି ଶେଯ କାହିଁପାଇଁ ଧୋଇବା ?

—ପରସ୍ପର ସମ୍ବନ୍ଧ ସଂପୃକ୍ତ ଦୁଇଜଣ ଦୁର୍ଗତିଗ୍ରସ୍ତ ବ୍ୟକ୍ତିଙ୍କ ପ୍ରତି ବ୍ୟଙ୍ଗ ।

୩୭୩ । ଆଲେ ମୁକୁତି,
ଗୁରୁବାର ଦିନ ହବୁ ପୋଖତି
ପୁଅ ନାଁ ଦବୁ ଚକରଧର
ମୁଣ୍ଡ ପଟକେଇବ ତର୍ ତର୍ । —ଉଗ

—ମୁକ୍ତା ନାମ୍ନୀ ବାଳକା ପ୍ରତି ବଦ୍ରୂପ ।

୩୭୪ । ଆଲୋ ଗେନ୍ଧେଇ,
କେତେ ହଉଥାଉ ନୋଥ (ନେଥ) ହଲେଇ ? —ଛତା

—ଗେନ୍ଧେଇ ନାମ୍ନୀ ସ୍ତ୍ରୀ ପ୍ରତି ବ୍ୟଙ୍ଗ ।

୩୭୫ । ଅଲୋ ମୁକୁଟା, କୁହୁଳା ପଟକେଇ ଲୁଣ୍ଡା ପୁଙ୍କୁଥା ।—ଛତା

— ମୁକ୍ତା ନାମ୍ନୀ ବାଳକାକୁ ବଦ୍ରୂପ ।

୩୭୬ । ଆଲେ ମୁକୁତ,
ବାର ବରଷରେ ହବୁ ପୋଖତି
(ଆଲେ ମୁକୁଟା, ତୋ ପାଇଁ ଅଣିଚ କପଡା ଛଟା) ।
—ଛତା

— ମୁକ୍ତା ନାମ୍ନୀ ବାଳକାକୁ ବଦ୍ରୂପ ।

୩୭୭ । ଆଲେ ଆଣ୍ଟ, ଆଖି ନେଳକ ନେଳ ନେ୍ବେଇ ଖାଇ । —ଛଟା
—ପାକୋଇ ଅଣ୍ଟକୁ ପଲମାନଙ୍କର ବ୍ୟଙ୍ଗ ।

୩୭୮ । ଆଲେ ସଣ୍ଟ !
ବଡ଼ ଦେଉଳକୁ (ରେ) ପିମ୍ପୁଡ଼ି ଗିଲଲ
କୁଣ୍ଡାରେ ଗଲଲ ନଉଡ଼ି । —ଭଗ

—କୁଣ୍ଡା—ମାଣ; ନଉଡ଼ି—ଚୌଣୀ; ସଣ୍ଟ ଅସାଧ୍ୟ ସାଧନ କରିପାରେ । ଏଠି ସଣ୍ଟ-ପଣର ବଡ଼େଇ କରୁଥିବା କିମ୍ବା ଅନ୍ୟକୁ ଅସଣ୍ଟ ବୋଲି ଗାଳି ଦେଉଥିବା ସ୍ତ୍ରୀ ପ୍ରତି ବ୍ୟଙ୍ଗ ।

୩୭୯ । ଆଲେ ଶିଗ୍ଗ, ମଚର ଗଲଣି ରାତ୍ରି
କାହିଁରେ ଖାଇବୁ ଖିଗ୍ଗ ? —ଛଟା
—ଶିଗ୍ଗ ବା ଶ୍ରୀମଣ୍ଟ ନାମ୍ନୀ ବାଳକାକୁ ଚଟ୍ଟେଇବା ପଦ ।

୩୮୦ । ଆଲେ ବୋଉ, ଖୁଦୁ ଜାଉ ସଙ୍ଗେ ପିଙ୍ଖା ଓଉ । —ଛଟା

—ବାପ ଘରକୁ ଆସି ଝିଅ ଶଶୁରଘରର ଦାରିଦ୍ର୍ୟ ଓ ଦୁଃଖ ବର୍ଣ୍ଣନା କରିବା ।

୩୮୧ । ଅଲେ ଦଶୀ, ଆପଣା ମହତ ଆପେ ରଖି । —ଭଗ

—ନିଜ ସମ୍ମାନ ବା ମର୍ଯ୍ୟାଦା ନିଜ କାର୍ଯ୍ୟ ବା ଆଚରଣ ଉପରେ ନିର୍ଭର କରେ । ଯେ ତା ରକ୍ଷା କରି ନ ପାରେ, ସେ ଅନ୍ୟଠାରୁ ତାହା ଆଶା କରିବା ବୃଥା ।

୩୮୨ । ଆଲେ ସୀତା, ଫଳ ମଧୁବନ ପଚର ପିତା ।—ନାଁ ଦିଅ
—କାକୁଡ଼ି ।

୩୮୩ । ଆଲେ ମଉସା
ଜଡ଼ି ପଇସା । —ଭଗ

—ମଉସା ଫଳିକ ହେଉଛି ‘ଆଲେ’ ସ୍ଥାନରେ ଆଲେ ବ୍ୟବହୃତ ହୋଇଛି । କିନ୍ତୁ ଉପର କାରଣ ଜମସ୍ଥିତ ହେଲେ "ଆଲେ ମୋ ବୋପାଲେ" ବୋଲି ଉପ୍ରୋକ୍ତ ବ୍ୟକ୍ତି ଚିତ୍କାର କରିଥାଏ ।

୩୪ । ଆଲେ କଳିକତା ଲୋକେ
ଘୋଡ଼ା ଆଣିଥିଲେ ବାଖର ନାହିଁ । —ଢଗ

—ବାଖର—ସଇସ । ସଇସ ବିନା ଘୋଡାର ହେପାଜତ ହୋଇ ପାରେନାହିଁ ; ଘୋଡାଟିର କିଛି ମଜା ବି ମିଳେ ନାହିଁ । ସେହିପରି ବ୍ୟକ୍ତି ଗୋଟିଏ ଜିନିଷ ସଞ୍ଚୟ କରି ତା'ର ଆନୁଷଙ୍ଗିକ ଦ୍ରବ୍ୟ ନ ଆଣିଥିଲେ ତା ପ୍ରତି ଏହି ବ୍ୟଙ୍ଗ ବ୍ୟବହୃତ ହୁଏ ।

୩୫ । ଆଲେ ମଉସା ଜଡ଼ ପଇସା
ଏଇ କଥା ଯାହା କହିଲି
ଯାହା କହିଥିଲି ଅଳତେଣ ଧାନ
ଦୁଅର ପଇଠ ହୋଇଲି । —ଛଟା

—ପଇଠ ହୋଇଲି—ଦାଖଲ କରିଗଲି ବା ଜମା କରିଗଲି ।

୩୬ । ଆଲେ ରୁକ୍ମଣୀ ଟେଙ୍ଗ,
ଗେଣ୍ଡାରେ ଆଣିଚୁ ତେଲ
ଭଙ୍ଗା ଟେଙ୍ଗଣୀରେ ଜଟ୍ଟା ଦେଇ
ଘଇତା କରୁଛୁ ଗେଲ ! —ଢଗ

—ବୋହୂର ଓ ବୋହୂ ବାପଘରର କୃପଣତା ପ୍ରତି ବ୍ୟଙ୍ଗ । ଗେଣ୍ଡାରେ ତେଲ ଆଣିବା—କେତେ ହିସାବ ଘରେ (ବିଶେଷତଃ ଗରିବ ଘରେ) ଆଗେ ଗେଣ୍ଡା ଶାମୁକାର ବହୁ ବ୍ୟବହାର ଥିଲା । ଗିନା ଅଭାବରୁ ଗେଣ୍ଡ୍ରା ଖୋଳରେ ତେଲ ନେଇ ଲଗାଉଥିଲେ । ଧାନ ଚାଉଳ ମାପିବା ଲାଗି ଢଂଶେରିଆ, ଅନପେରିଆ, ଅଧପେରିଆ ଗଉଣୀର ବ୍ୟବହାର ହେଉଥିଲା ।

୩୮୭ । ଆରେ କାଳୀ, ବେକରେ ପିନ୍ଧୁଛୁ କୋଶଳ ମାଳ
ଚଣ୍ଡିକ (ରେ) ହୋଇଛୁ ଗଞ୍ଜଣା ପାଳ । —ଛଟା

—କାଳୀ ସ୍ତ୍ରୀ ପ୍ରତି ବ୍ୟଙ୍ଗ ।

୩୮୮ । ଆରେ ଚଢ଼ନାଖାଇ ବୁଝିନୁ
ଗଚ କାଢ଼ିଆ ଶୁଝିନୁ

—ଆର୍ଥିକ ଅବସ୍ଥା ଭଲ ନଥାଇ ଭଲ ଜନିଷ ଖାଇ ମନକଲେ ଉଧାର କରିବାକୁ ହୁଏ । ଉଧାର ନ ଶୁଝିପାରି ଉଧାର କରିବାକୁ ଯିବା ବିଡ଼ମ୍ବନା । ସେଥିପାଇଁ ବ୍ୟଙ୍ଗ ।

୩୮୯ । ଆରେ ଫୁଟି ଯିବା ହାଟକୁ
ଶୁଖିଲ ଗଛରେ ଫୁଲ ଫୁଟିଛୁ ଦେଖୁଅଛୁ ବାଟକୁ ।
—ନାଁ ଦିଅ

—ଆକାଶ ତରା ।

୩୯୦ । ଆରେ ମୋ ବାପ,
କାନ ମଲକଡ଼ ଝିଅପଝିପ
ଚୂଳ ମୁଣ୍ଡରେ ଦୁଇଟା ସାପ
ଆହୁରି ଗୋଟାଏ ଲଉପଲପ
କାଲି ଆସିବ
ଖଡ଼ୁଣ୍ଟୁଣୁକେଇ ତା ଜାଳା କିଏ ସମ୍ଭବ ?

—ନାରୀର କଟୂକଥା, ଦୁର୍ବ୍ୟବହାର ଓ ଦେଖେଇ ହେବା ମନୋବୃତ୍ତି ପ୍ରତି ବ୍ୟଙ୍ଗ ।

ଖଡ଼ୁଣ୍ଟୁଣୁକେଇ—ଯେ ଝଡ଼ୁ ଟୁଣୁଟୁଣୁ କରି ଅନ୍ୟର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରେ ।

୩୯୧ ।   ଆଲୋ ବାଣ୍ଡ କଣ୍ଟିଆ ମା
ଘର ଢାଣ୍ଡିଟାରେ ନଥର ମଜାଇ
ବାଡ଼ ଦୁଆରେ ହୋଇଲୁ ଠିଆ ।   —ଛଟା

—କ୍ରୋଧରେ ଅପକର୍ମ କରୁଥିବା ନାରୀ ପ୍ରତି କଟାକ୍ଷ ।

୩୯୨ ।   ଆଲୋ ମାଇଁ, ଯାହା ପେଟକୁ ସିଏ ଧାଇଁ ।   —ଛଟା
—ସଂସାରରେ ସମସ୍ତେ ନିଜ ନିଜର ପେଟ ପୋଷିବାରେ ବ୍ୟସ୍ତ ।

୩୯୩ ।   ଆ'ଲୋ ମୂତୁରି ଶୋଇବା
ସକାଳ ଚାଇଲେ ଧୂଇବା ।   —ଢଗ

—ଅକାର୍ଯ୍ୟ କରି ତାର ସଙ୍କେତକୁ ନଶାଇବାକୁ ଚେଷ୍ଟା କରିବା ।

୩୯୪ ।   ଆଲେ ଫୁଲ,
ଯାଉଥିଲି ତୋତେ ଦେଖିବି ବୋଲି
ତୁ ଯାଇଥିଲୁ ବଜାର ବୁଲି ।   —ଛଟା

—ପ୍ରେମିକା ଦର୍ଶନରେ ଯାଇ ନିରାଶ ହୋଇ ଫେରିଥିବା ନାୟକ ପ୍ରତି ବ୍ୟଙ୍ଗ ।

୩୯୫ ।   ଆଶା କରିଥା ଆଶଲି
ତୋର ମାମୁଁ ଯାଇଛନ୍ତି ଭଟଲି ।   —ଢଗ

—ଆଶଲି—ଆଶାୟୀ । ଅନିଶ୍ଚିତ ବସ୍ତୁ ପ୍ରାପ୍ତି ଲାଗି ଆଶାୟୀ ହୋଇ ରହିବା । ଭଟଲି—ସମ୍ବଲପୁର ଜିଲ୍ଲାର ଗୋଟିଏ ଗ୍ରାମର ନାମ ।

ଆଶ୍ୱିନ ମାସ ଧୋଇ
ନିଷ୍କଳଙ୍କ ହୋଇ ।   —କୃଷିବଚନ

—ଆଶ୍ୱିନ ମାସରେ ଧୋଇଗଲେ ଆଉ ହେଇବାର କୌଣସି ଆଶା ନଥାଏ ।

୩୯୬ । ଆଶା ଦେଲରୁ
ନାଇ ବୋଲୁଛୁ
ଆଶା କରିଥିଲି ଧନ
ଆଶା ଦେଇ କରି ନିରାଶ କଲେ ଲୋ
ଛୁଛୁ ଲାଗଇ ମନ । —ଛଟା

—ନାଇ ବୋଲୁଛୁ—ନାହିଁ ବୋଲି କହୁଛୁ । ଆଶା ଦେଇ ନିରାଶ କରିବା ଖରାପ ।

୩୯୭ । ଆଶା କରିଥିଲି ତୋତେ
କୁଆକୁ ଯେପରି କୋଇଲି କଲାଲୋ
ସେହିପରି କଲୁ ମୋତେ । —ଛଟା

—କୁଆକୁ ଯେପରି କୋଇଲି କଲାଲୋ—କୁଆ ବସାରେ କୋଇଲି ଡିମ୍ବ ପାରିଆସେ, ନିଜ ଡିମ୍ବ ଓ କୋଇଲି ଡିମ୍ବ ମଧ୍ୟରେ କୌଣସି ତଫାତ୍ ନ ଦେଖିପାରି କୁଆ ତାକୁ ରଖେ ଓ ଉଷୁମାଏ, କିନ୍ତୁ ଡେଣା ଲାଗିଲେ କୋଇଲି ଛୁଆ କୋଇଲି ବସାକୁ ଉଡ଼ିଯାଏ । କୁଆର ପାଳିବା ବୃଥା ହୋଇଯାଏ ।

୩୯୮ । ଆସ ପାଣ୍ଡେ ନ୍ୟାସ୍ତ କର । —ଲୋକୋକ୍ତି

—'ଭଲଲୋକ' ସହଜରେ ଓ ବିନା ବ୍ୟୟରେ ପାଇଲେ କଥା କଥାକେ କଳ ଭିଆଇ "ଆସ ପାଣ୍ଡେ ନ୍ୟାସ୍ତ କର" ବୋଲି ଲୋକେ ଡାକନ୍ତି ।

୩୯୯ । ଆସ ଯାଉ କଲେ ବନ୍ଧୁ ପର । —ଛଗ

—ବନ୍ଧୁତା କରିବା ବଡ଼କଥା ନୁହେଁ । ବନ୍ଧୁତା ରକ୍ଷା କରିବା ବଡ଼ କଥା । ବନ୍ଧୁଘରକୁ ଯିବା ଆସିବା, ଦିଆନିଆ କଲେ ବନ୍ଧୁତା ରକ୍ଷା ହୁଏ ।

୪୦୦ । ଅସନା ପାଅନା ମୁନକ ମଗ
ପାଣି ଅଣା ବଡ଼ ଦୁଃଖ ।
ଝଡ଼ଣା ବାଢ଼ଣା ବଡ଼ ଗଞ୍ଜଣା
ଧାନକୁଟା ବଡ଼ ଦୁଃଖ । —ଢଗ

—ପ୍ରେମିକକୁ ନବୃତ୍ତ ହେବାଲାଗି ପ୍ରାର୍ଥନା । କାରଣ ସେଣ୍ଟ ପ୍ରେମିକା ଯୁବତୀର ପାପାରକ କ୍ଲେଶର ସୀମା ନାହିଁ । ପରସ୍ଥିତି ଏକାନ୍ତ ପ୍ରତିକୂଳ ।

୪୦୧ । ଆସନା କାଳ ବାଡ଼ ଖାଆନ୍ତା ବୋଇଲେ
ନବର ଯାଆନ୍ତାଟି ପକ୍ଷିଚ (ଦଗିଚ) ହାତେ । —ଛଟା

—ଶାଶୂ ଘରେ ଉତ୍ପୀଡ଼ିତା ବଧୂର ଦୁଃଖ ।

୪୦୨ । ଆସରେ ପିଲାଏ ଦେଖିବ ଭଲ
ହେଁସ ବେଇ ଅଚ୍ଛି ବସନ୍ତ (ବଲେଇ) ପିଲ ! —ଛଟା

—ହେଁସ—ମୂଷା । ଅସମ୍ଭବର ଅବତାରଣାରେ ହାସ୍ୟରସ ସୃଷ୍ଟି ।

୪୦୩ । ଆମ ପାଆ କରୁଥା
କର୍ମ ପିନ ବୁଲୁଥା । —ଢଗ

—ମଣିଷ ଯୁଆଡେ ଯାଏ ଭାଗ୍ୟ ତା ପଛେ ପଛେ ଯାଏ ।

୪୦୪ । ଆସିଲ ତ ବନ୍ଧୁ ଭଅଲ କଲ
ବର୍ଷାକୁ ନାହିଁ ଠାଆ,
ପାଣି ମୁଢଏ ଦଅନ୍ତୁ ବନ୍ଧୁ
ଦଦର ମାଠିଆ
ପିଢ଼ା ଖଣ୍ଡିଏ ଦଅନ୍ତୁ ବନ୍ଧୁ
ବଢ଼େଇ ଘରେ ବାହା (ଭଆ)

ପଇଡ଼ଟିଏ ଦଅନ୍ତି ବନ୍ଧୁ
ବାଉରକୁ ହୋଇଛୁ ଜର
ଯେଉଁ ବାଟେ ବାଟେ ଆସିଛ ବନ୍ଧୁ
ସେହି ବାଟେ ବାଟେ ଫେର । —ଭଗ

—କୁଣିଆଁ ଚର୍ଚ୍ଚା କରିବାକୁ କୁଣ୍ଠିତ କୃପଣ କୌଣସିମତେ ବୋଧ ଶୋଧ କରି ବନ୍ଧୁକୁ ବିଦାୟ ଦେବା ପ୍ରନ୍ତ ବ୍ୟଙ୍ଗ । ଏହା ଏକ ଛଳ, ଅଥଚ ବିତାଡ଼ନର ଏକ ଫନ୍ଦ । ବ୍ୟଙ୍ଗସାହିତ୍ୟରେ ଏହାର ସ୍ଥାନ ଉଚ୍ଚ । ଏହାର ରଚୟିତା ଓଡ଼ିଆସାହିତ୍ୟରେ ଏକ ଅପୂର୍ବ ବାକ୍‌ଭଙ୍ଗୀର ପ୍ରବର୍ତ୍ତକ ।

୪୦୫ । ଆସିବୁ ସିବୁରେ କଳାମାଣିକ,
ବଣ୍ଟୁନାହିଁ ମତେ ବାଟ,
ତୋହର ନାଗି ମୋ ନନ୍ଦ ଗଞ୍ଜଣା,
ପିଠିରେ ଭଲୁକ ଘୁଷ,
(ନନ୍ଦ ବରକୋଳ ଘୁଷ, ନନ୍ଦ ଲଗିଛି ନାଠ
ନନ୍ଦ ଗରଜଇ ଘୁଷ, ତୋ ଲାଗି ପଡ଼ିଲା ବାଟ) । —ଭଗ ।

—ଯେତେ ବାଧାବିଘ୍ନ ହେଲେହେଁ, ଯେତେ ଦୁଃଖକଷ୍ଟ ସହିଲେ ବି ପ୍ରେମିକା ପ୍ରେମ ତ୍ୟାଗ କରିବାକୁ କୁଣ୍ଠିତା ।

୦୬ । ଆସିଲେ ଆସୁ ନ ଆସିଲେ ଆସୁ
ଆସିଲେ ବୋଲିବୁ ଯା ଯା,
ଉଠିଥିଲେ ଯିବ, ବସିଥିଲେ ଯିବ
ଶୋଇଲେ ନଯିବ କହ ଯା । —ଭଗ ।

—ଆସି ପହଞ୍ଚିବାଯାକେ ଆଦର, ପହଞ୍ଚିବାମାତ୍ରେ ବିଦାୟ ଦେବା ଲଗି ତତ୍ପର, କିନ୍ତୁ ବନ୍ଧୁ ଶୋଇଥିଲେ କୌଣସିମତେ ଯିବ ନାହିଁ ବୋଲି ସିଦ୍ଧ ।

୪୦୭ । ଆସିଲା ଏକା ଯିବ ଏକା
ସାଙ୍ଗରେ ନ ଯିବେ ପିଲାପିଚିକା ।—ଢ଼ଗ ।

—ବୈରାଗ୍ୟମୂଳକ । ଜନ୍ମବେଳେ ମଣିଷ ଏକୁଟିଆ ସଂସାରକୁ ଆସେ । ମଲାବେଳେ ମଧ୍ୟ ଏକୁଟିଆ ଫେରିବାକୁ ହୁଏ । ଯେତେ ପ୍ରିୟ ହେଲେବି କେହି ସଙ୍ଗରେ ଗୋଡ଼ାଇ ଯାଆନ୍ତି ନାହିଁ ।

୪୦୮ । ଆସିଲା ବଡ଼ ଚଢେଇ
ବସିଲା ପକ୍ଷୀ ମେଲେଇ
ଧଇଲା ମାଛ ଖାଇଲା ନାହିଁ ।—ନାଁ । ଦଅ ।

—ଜାଲ ।

୪୦୯ । ଆସିଲି ଧାଇଁ
ତମରି ପାଇଁ
ରହିବାକୁ ଥାନ ଦେବ କି ନାହିଁ ?—ଛଟା

—ପ୍ରେମିକ ନିକଟରେ ପ୍ରେମିକା ତାର ଆଶ୍ରୟ ନେବାଲାଗି ଆସିଛି ଓ ଦଇନ ପ୍ରକାଶ କରିଛି ।

୪୧୦ । ଆସିଲା ପଣ୍ଡିତ ପଚାରିଲା ମୋତେ
ବାରରୁ ତେରଣ ଗଲା ଆଉ ରହିଲା କେତେ ?
—ନାଁ ଦଅ ।

୧୨ ମାସ— ୩୦ ଦିନ ବା ଏକମାସ=୧୧ ମାସ ।

୪୧୧ । ଆସୁ ଲଙ୍ଗଳା ଯାଉ ଲଙ୍ଗଳା
ବାଟରେ ଦେଖିଲା ସବୁମଙ୍ଗଳା । —ଢଗ ।

—ମଣିଷ ।

୪୧୨ । ଆସୁଥିବ ଯାଉଥିବ ନ କରିବ ପର
ଦ୍ୱାରରୁ ଖାଇ ପିଣ୍ଡାରେ ଶୋଇବ
ଏ ତୁମର ଘର । — ଢଗ

—ମୁହଁରେ ମଧୁର କଥା । କିନ୍ତୁ କୁଟିଆଁଚର୍ଚ୍ଚା କରନ୍ତିନାହିଁ । ଏଭଳି ସ୍ୱାର୍ଥପର ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୪୧୩ । ଆସୁ ଲଙ୍ଗଳା, ଯାଉ ଲଙ୍ଗଳା,
ବାଟରେ ଖାଇଲୁ ସବୁମଙ୍ଗଳା । —ଢଗ

ମଣିଷ ଜନ୍ମବେଳେ ଖାଲି ହାତରେ ଆସେ, ମଲାବେଳେ ଖାଲି ହାତରେ ଯାଏ । ମଝିରେ ସାଂସାରିକ ମୋହରେ ସେ ସବୁ ଭୁଲିଯାଏ । ଏକଥା ଭାବି ସେ ଧର୍ମାଚରଣ କରିବା ଉଚିତ ।

୪୧୪ । ଆସୁଥିବ ଯାଉଥିବ ନ କରିବ ପର
ମନେ ରଖିଥିବ ସଦା ଏ ତୁମର ଘର । —ଢଗ

—ସ୍ନେହସମ୍ବନ୍ଧ ରଖିବା ଲାଗି ଅନୁରୋଧ ।

୪୧୫ । ଆସେ ମିରିଗି, ଯାଏ ମିରିଗି, ମିରିଗିର ପାଦ ନାହିଁ ।
—ନାଁ ଢଗ (କାଗପୂତ)

—ଉଙ୍କା ।

୪୧୬ । ଆସୁଥିଲି ବଡ଼ ଟୋକାପେ
ଧରି ପକାଇଲେ ବଟଣି ପଣତ
ସବୁ ଦୋଷ ହିଅ ମତେ । —ଛଟା

—ସ୍ୱାମୀ କ୍ଷମା ପ୍ରାର୍ଥନାରେ ସ୍ତ୍ରୀର ମାନଭଞ୍ଜନ ।

୪୧୭ । ଆସେ ମିଲିକ, ଯାଏ ମିଲିକ
ମିଲିକର ଖୋଜ ନାହିଁ । —ନାଁ ଢଗ ।

ଉଙ୍କା ।

୪୧୮ । ଆଷାଢ଼ ମାସରେ ବଜୁର ଚ୍ଛଷ
ପେଟ ଭରେ ଥିଲେ ପାଇ
ଠିଆ ହୋଇ ବୁଣିଥିଲେ ବସି କରି ଖାଇ ।
—କୃଷିପ୍ରବଚନ ।

—ଚ୍ଛଷ ଦୁଇ ପ୍ରକାର—ଖରୁଣ୍ଡ ଓ ବଜୁର । ବିଲ ଶୁଖିଲା ଠୋଅ ଠୋଅ, ଖରୁଣ୍ଡ ଚ୍ଛଷ ହୋଇ ଧାନ ବୁଣା ହୁଏ । ବର୍ଷା ହୋଇ ପାଗ ଥିଲାବେଳେ ଚ୍ଛଷ ହୋଇ ଧାନ ବୁଣା ହେଲେ ତାକୁ ବଜୁର ଚ୍ଛଷରେ ବୁଣା କହନ୍ତି । ଏଥିରେ ବାଲୁଙ୍ଗା ନଷ୍ଟ ହୋଇଯାଏ । ବଜୁ-ବର୍ଷରେ ବେଶୀ ଲଘୁଡ ଲାଗେ ନାହିଁ । ତେଣୁ ଏହାକୁ ସୌଭାଗ୍ୟର କଥା ବୋଲି ବୁଝାଯାଏ ।

୪୧୯ । ଆଷାଢ଼େ ରୁଏଁ ବଲକେ
ଶ୍ରାବନେ ରୁଏଁ ଫଲକେ
ଭାଦ୍ରବେ ରୁଏଁ ଭୁଷକେ
ଆଶ୍ୱିନେ ରୁଏଁ କସକେ । —କୃଷିପ୍ରବଚନ
(ସମ୍ବଲପୁର)

—ଆଷାଢ଼ରେ ରୁଇଁଲେ ଧାନର ବଳ ବଢ଼େ, ରୋଗ ତାର କ୍ଷତି କରି ପାରେନାହିଁ । ଶ୍ରାବଣରେ ରୁଇଁଲେ ଭଲ ଫଳ ଓ ଭାଦ୍ରବରେ ରୁଇଁଲେ ତଷୁ ବଢ଼େ, ଆଶ୍ୱିନରେ ରୁଇଁବା ନିଷ୍ଫଳ ।

୪୨୦ । ଆଷାଢ଼ୁଆ ଚଢ଼ ପଚର ସରୁ
ଘୁଣ୍ଟି ହେଲେ କ୍ଷୀର ବହୁଛି
ଛନକା ପାଖରେ ଛନକା ଶୋଇଲେ
ଝିପି ଝିପି ଝାଳ ବୋହୁଛି । —ଡଗ ।

—ଛଳ କରୁଥିବା ପ୍ରେମିକା ପ୍ରତି ବ୍ୟଙ୍ଗ ।

୪୨୧ । ଆଷାଢ଼ ମାସରେ ଛେଳି ବଚ୍ଛର
ଆଷାଢ଼ ମାସରେ ବାଢ଼ା
ଆଷାଢ଼ ମାସରେ ଧାନ ଉଷୁଆଁ
ପାଦ ଆଙ୍ଗୁଠିରେ ଘାଆ । —ଢଗ ।

—ଛେଳିକି ପାଣି ଅଡ଼ୁଆ । ଆଷାଢ଼ ମାସରେ ଛେଳି ଜନମ କଲେ ଅସୁବିଧାଜନକ । ଆଷାଢ଼ ମାସରେ ଉଷୁନା ଧାନ ସହଜରେ ଶୁଖେ ନାହିଁ, ହଳଦିଗୁଣ୍ଡି ମାରିଯାଏ । ଘାଆଗୋଡ଼ରେ କାଦୁଅରେ ଚାଲିବା କଷ୍ଟକର । ଏ ଦିନରେ ବାଢ଼ାଘର କପର କଷ୍ଟକର ଅନୁଭବୀମାନେ ଜାଣନ୍ତି ।

୪୨୨ । ଆଷାଢ଼େ ରୁଏଁ କ୍ଷେତକୁ
ଶ୍ରାବଣେ ରୁଏଁ ଫାଟକୁ । —କୃଷିବଚନ ।

—ସାଧାରଣ ଜମିକୁ ଆଷାଢ଼ରେ, ପାଟ, ଯୋଡ଼ ବା ଖାଲୁଆ ଜମିକୁ ଶ୍ରାବଣରେ ରୁଇଁଲେ ଭଲ ଧାନ ହୁଏ ।

୪୨୩ । ଆହା ହାହା ତୋର ଯୋଉ ଗୁଣ
ଛ ଭଜା ମୋର ନ ଭୁଣ
ଘାତ କୁ ନ ଅଣ୍ଟେ ଲୁଣ । —ଛଟା

—ଦରିଦ୍ରା ସ୍ତ୍ରୀ ନିଜର ଖାଦ୍ୟପେୟ ବିଷୟରେ ବଢ଼େଇ କରି କହୁଥିବାରେ ବ୍ୟଙ୍ଗ ।

୪୨୪ । ଆହା ଆହା
ଭୁଣ୍ଡିରେ ସାହା । —ଛଟା

—ପ୍ରକୃତ ପକ୍ଷେ ସେ ସହାୟକ ହୁଏନାହିଁ, କେବଳ ମୁହଁରେ ଆହା ଆହା କହେ ।

୪୨୫ । ଆହା କହିବାକୁ ସାହା କେହି ନାହିଁ
କାହାଠେ କହିବ ଦୁଃଖ ?
ବାହା କରିବାକୁ ଯାହାକୁ ଡାକିଲି
ତାକୁ ନ ଲଗିଲା ସୁଖ । —ଉ.ଂ

ସୁଖରେ ସୁଖୀ, ଦୁଃଖରେ ଦୁଃଖୀ ହେବା ଲୋକ ସଂସାରରେ ବିରଳ ।

୪୨୬ । ଆହା କ ହେଲା ।
ବାଜୁତ କନିଆ (ସେରନ୍ଧାର ଝିଅ, ଗେଲ୍ହା ଝିଅ ମୋର)
ପୂଅ ବେଇଲା (ପୋଖତ୍ତା ହେଲା, ପୂଆଣୀ ହେଲା)
—ଖଡ଼ି

—ଅଭିଆଡ଼ୀ ଝିଅ ମାଆ ହେବା ପ୍ରତି ବ୍ୟଙ୍ଗ ।

ପୂଆଣ୍ଡ—ପୁନବନ୍ତ, ପିଲେଇଣ୍ଡ । ପୋଖତ୍ତା ହେଲା—ଜନମ କଲା ।

୪୨୭ । ଆହା କ ହେଲା
ସଞ୍ଚି ରଖି ଥି(ଥୋ)ଲି ଖଣ୍ଡେ ଖାଇଲା
କାପାଇଁ ରଖିଲି କିଏ ଖାଇଲା ?
କିଏ ସଞ୍ଚିଥିଲା କିଏ ଖାଇଲା ?
କିଏ କମେଇଲା କିଏ ସେ ନେଲା ? —ଉଗ

—ବହୁ ଦୁଃଖକଷ୍ଟରେ ସଞ୍ଚିତ ଅର୍ଥର ଅପଚୟରେ କୃପଣର ଚିନ୍ତା ।

୪୨୮ । ଆହା ମୋ ଜୀବ ଜୀବନ
ପାନ ଖଣ୍ଡେ (ଖିଲେ) ଦେଇ ରଖ ଜୀବନ
ତୋ ଠଉଁ ନଛାଡ଼େ ମନ । —ଛତି

—ଯୁବତୀ ପ୍ରତି ଯୁବକର ପ୍ରେମାକର୍ଷଣ । ଯୁବତୀ ଯୁବକକୁ ପାନ ଭାଙ୍ଗି ଦେବା ଓଡ଼ିଆ ଲୋକସଂସ୍କୃତିରେ ପ୍ରେମର ସଂକେତ ।

୪୨୯ । ଆହା ଆହା କରୁଥାଏ, ସାହା ଦେବାକୁ ଡରୁଥାଏ ।

—ଢଗ

—ମୌଖିକ ସହାନୁଭୂତି ପ୍ରକାଶିତ । କିନ୍ତୁ ସାହାଯ୍ୟ କରିବାକୁ ଭୟ । କାଳେ ତା ଉପରକୁ ବିପତ୍ତି ଆସିବ !

୪୩୦ । ଆହାର ନିଦ୍ରା ଦ୍ୟୂତ ସେବ ପ୍ରୀତି
ମଦ୍ୟପାନ, ଲୋଭ, ସଞ୍ଚୟମତି
ଯେତେ ବଢ଼ାଇଲେ ବଢ଼ଇ ସେତେ
ବୋଲଇ ଦନାଇ ସତ୍ୟ ଚିତ୍ତେ । —ଦନାଇ ବଚନ

—ସଂଯମର ଅଭ୍ୟାସ ନଥିଲେ ଖାଦ୍ୟର ପରିମାଣ, ନିଦ୍ରାର ସମୟ ବଢ଼ିଯିବ; ସେହିପରି ପଶାଖେଳ, ମଦ୍ୟପାନର ମାତ୍ରା ଓ ସଞ୍ଚୟ କରିବା ଲୋଭ ମଧ୍ୟ ବଢ଼ିଯିବ ।

୪୩୧ । ଆହାରେ ଭଲ ମନ୍ଦ ନାହିଁ
ଯେ ସ୍ଥାନେ ଯେମନ୍ତ ମିଳଇ । —କବି ବଚନ
(ଭାଗବତ)

—ଯେଉଁଠି ଯାହା ମିଳିବ ମନକଷ୍ଟ ନକରି ଖାଇବ ।

ଆହାରଛଟା ଘାଟିଆ
ଅଂଧାରକଣା ଛାଟିଆ
ଟେଂଗଚକୁରା ବେଠିଆ
ଘୁଣ୍ଟିଜଳକା କୋଠିଆ
ମନ୍ତ୍ର ବଡ୍‌ମ ପାଠୁଆ
ଭାଗ ବଳଦ ମଠୁଆ
ତଳି ଦଦରା କାଠୁଆ
ବୋଲେ ଦନାଇ ଏ ଗଠୁଆ । —ଦନାଇ ବଚନ

—ଆହାର ଛଟା ଘାଟିଆ—ଜଳାତଙ୍କ ବା ଅପସ୍ମାର ରୋଗ ଭୋଗ କରୁଥିବା କେଉଟ । ଅଂଧାରକଣା ଛାଟିଆ—ରାତିରେ ଦେଖୁ

ନଥିବା ଜଗୁଆଳୀ; ଚେଂଗ ଚକ୍ରୁର—ଅନ୍ତ ସିଆଣିଆ; ଚାହିଁ ଜଳକା—ଚାହିଁଥାଏ, ତାକୁ ଦିଶେନାହିଁ । ଭାଗ ବଳଦ—ସାଉଁଳିଆ ବଳଦ; ଦିନେ ଏ ହଳ କଲେ ଆଉଦିନେ ଅନ୍ୟ ଜଣକ ହଳ କରିଥାଏ । ଗୋଟାଏ ବଳଦ ରଗୁଆ ହେଲେ ଆଉଟା ମଠୁଆ । ଏଥିରେ ହଳ ଭଲ ହୁଏନାହିଁ । କାଠୁଆ—ଛୋଟ ଡଂଗା; ଗାତୁଆ—ଚୋଠା ।

୪୩୩। ଆହାର ମୁହଁରେ ପାହାର ଦବ
କୁଟୁଥିଲେ ଧାନ ଉଷେଇଁ ଦବ । —(ବ୍ୟଙ୍ଗ)

—ବିପକ୍ଷର ନିଷ୍ଠୁର ଭାବକୁ ଉଦ୍ଦେଶ୍ୟ ବ୍ୟଙ୍ଗ ।

୪୩୪ । ଆହାର ଛାଟ
ଜଗି ନ ରହିଲେ ଯମର ଭେଟ । — ଲୋକୋକ୍ତି

—ଅପସ୍ମାର ରୋଗୀକୁ ସବୁବେଳେ ଜଗି ନ ରହିଲେ ମୂର୍ଚ୍ଛା ଯାଇ ମୃତ୍ୟୁ ଘଟିବା ନିଶ୍ଚିତ । ଆହାର ଛାଟ—ମୂର୍ଚ୍ଛାରୋଗ ।

୪୩୫ । ଆହାରେ ବ୍ୟବହାରେ ଚ ତ୍ୟକ୍ତଲଜ୍ଜଃ ସୁଖୀ ଭବେତ୍ ।
—ସଂସ୍କୃତ ଶ୍ଳୋକାଂଶ ।

—କିଏ କାହା ନିମନ୍ତ୍ରଣ କଲେ ଲଜ୍ଜା ସଂକୋଚ ଛାଡ଼ି ଆହାର କରିବ । ସେହିପରି ପରିଚୟ ଜମେଇବାରେ ଓ ବଂଧୁତା କରିବାରେ ଲଜ୍ଜା ଛାଡ଼ିବା ଉଚିତ ।

୪୩୬ । ଆହାଲୋ ଜଗତଜିତା
ହଲେଇ ଦଉଚୁ କାନ ମଲକତି
ଦେଖେଇ ଦଉଚୁ ବାହା ଛିତା । ଡଗ

—କୌଣସି ଯୁବତୀର ଦେଖେଇ ହେବା ମନୋବୃତ୍ତି ପ୍ରତି ବିପକ୍ଷ ପକ୍ଷର ବ୍ୟଙ୍ଗ ।

୪୩୭ । ଆହାଲେ ଲୋକଙ୍କର ମାଈ
ଦ କଡ଼କୁ ଦେଇଗାଡ଼ ଦେଇ
ମଝି ଭଣାରେ ଗଳେଇ ଦେ
ଟାଉ ଟାଉ କରି କାଢ଼େ
ଥପ ଥପ କରି ବୋହି ପଡେ । —ନାଁ ଢଗ

—ଆପାତତଃ ଅଶ୍ଳୀଳ ବୋଧ ହେଉଥିଲେ ଏହାର ଅର୍ଥ ଗଛରେ କୂଅରୁ ପାଣି କାଢିବା ଓ ପାଣି ଥପ ଥପ ହୋଇ ବୋହିବା ।

୪୩୮ । ଆହେ ଅଜା, ମୂଳିକ ନଡ଼ିଆ କେତେ ମଜା । —ଛଟା
—ଦାନ୍ତ ନଥିବା ବୁଢ଼ା ଅଜାକୁ ନାତିର ବ୍ୟଙ୍ଗ ।

୪୩୯ । ଆହେ ଜନା, ପେଟକୁ ନାହିଁ ଦାନା
ଚହିଁର ଅଧା ଜନା । —ଛଟା

—ଦାନ ଓ ଜନା ଏ ଦୁଇଟି ମଣିଷର ଏକାନ୍ତ ପ୍ରୟୋଜନୀୟ । ବ୍ୟଂଗାତ୍ମକ ।

୪୪୦ । ଆହେ ଗୋବନ୍ଧ
ଷୋଳଟା କୂଅରେ ଗୋଟାଏ ନନ୍ଦ
ଦଉଡ଼ା ଛ କୋଡ଼ ମାଠିଆ ପଣେ
ପାଣି କାଢ଼ିବାକୁ ମଣିଷ ଜଣେ । —ନାଁ ଢଗ

୪୪୧ । ଆୟୁ ଦେଖି ବ୍ୟୟ କର
ଶରୀର ଦେଖି ଧର୍ମ କର । —ଢଗ

—ଅଳ୍ପ ଆୟକରି ଅଧିକ ଖର୍ଚ୍ଚ କରୁଥିବା ଲୋକ ସଂସାରରେ ଅଧିକ । ତା ଫଳରେ ସେମାନେ କରଜ କରନ୍ତି ଓ ଜମିବାଡ଼ି ଘରଦ୍ୱାର ହରାଇ ଚଳ ପ୍ରରକୁ ଖସିପଡନ୍ତି । ସ୍ୱାସ୍ଥ୍ୟକୁ ଜଗି ଧର୍ମକାର୍ଯ୍ୟ କରିବାକୁ ବାହାରିବା ଉଚିତ ।

'ଶରୀର ମାଦ୍ୟଂ ଖଳୁ ଧର୍ମ ସାଧନମ୍ ।'

୪୪୨ ।
ଆୟ ଦଶ ବ୍ୟୟ ଦଶ
ସବୁବେଳେ ହସ ହସ
ଅୟ ଦଶ ବ୍ୟୟ ବାର
ଦଉଡ଼ରେ ଭାଇ ସାହୁଘର
ବ୍ୟୟ ଆଠ ଆୟ ଦଶ
ଜଣରେ ହାତମାରି ବସ ।  —ଛଟା ।

—ଆୟ ବ୍ୟୟ ଯାହାର ସମାନ ତା ମନ ଖୁସି । ଆୟ ଅପେକ୍ଷା ଯାହାର ବ୍ୟୟ ବେଶୀ, ସେ ଦୁଃଖୀ । ସାହୁଘରୁ କରଜ କରିବାରୁ ବଳି ଦୁଃଖ ନାହିଁ । ଏଥିରେ ସମ୍ମାନହାନି ହୁଏ । ସଞ୍ଚୟ କରିବା ସର୍ବଦା ଏକ ସଦ୍‌ଗୁଣ । ଆପଦବିପଦ ଲାଗି ଯେ ସଞ୍ଚୟ କରେ, ସେ ନିଃଶଙ୍କ ଓ ସେ ଭବେ ସୁଖୀ ।

# ଇ

୧ । ଇଅଁର ପୋଖରୀ ଉଅଁର ଗଣ୍ଡରେ
ଫୁଟିଅଛି ପଦ୍ମଫୁଲ
ଏବେ ତ କରୁଛୁ କେତେ ମଉଜ
କେ ଜାଣେ ପୀରତି ମୂଲ ?—ଛଟା

—ପ୍ରୀତିର ମୂଲ୍ୟ କଳନା କରାଯାଇ ନ ପାରେ । ସେ ଅତି ଦୁର୍ଲ୍ଲଭ, ଦୂରବର୍ତ୍ତୀ । କେଉଁ ଦୁରହ୍ରଦର ଗମ୍ଭୀରତମ ଜଳରେ ପଦ୍ମଫୁଲ ପରି ଫୁଟେ । ମାପରେ ତାର ଓଜନ ହୁଏନା, ପାର୍ଥିବ ଦ୍ରବ୍ୟ ସହିତ ତାର ଅଦଳ ବଦଳ ହୋଇପାରେନା ।

୨ । ଇଆଡ଼େ ଗଲି ସିଆଡ଼େ ଗଲି
ତାଳଗଛ ମୂଳେ ହାବୁଡ଼ି ଗଲି
ତାଳଗଛ ମୂଳେ ତେମଣା
ତୁ ଯଦି ପାଇଁ ନହର ପହର
ତତେ କିଏ ଦେବ ମାଗଣା ? —ଛଟା

—ନହର ପହର—ନସର ପସର ହେବା ।

୩ । ଇଙ୍କରକୁ ଝିଙ୍କର, ଶଙ୍ଖ ଭିତରେ ସମୁଦର ।
—ନଡ଼ିଆ । —ନାଁ ଦିଆ (କୋରାପୁଟ)

୪ । ଇଘର ବୁଢ଼ୀ ସିଘର ଯାଉଛି
ଚଣା ଭଜୁ ଭଜୁ ବଗୁବାଉଛି । —ନାଁ ଦିଅ
— ଘୋରଣା ।

—ପିଲାଙ୍କ ଖେଳ ଗୀତ ରୂପେ ବ୍ୟବହୃତ । ନିରର୍ଥକ

୯ । ଇଟିମିଟି କଣା ଠଇଁକି ଠିକଣା
ଫୁଲକଣ ବଡ଼ ଅନ୍ଧରେ
ପର୍ଦ୍ଦି ଯାଇଥିବ ନେକପତ କଣା
ଲାଗିଥିବ ବନ୍ଧ ଦ୍ୱନ୍ଦରେ । —ଢଗ

—ଅଳ୍ପ ଅଳ୍ପ କଣା, ପୁନ ବାହା ଯିବା ଆସିବା କରୁଥାରେ । ଆଖିରେ ଫୁଲପଡ଼ି ଯେ କଣା ହୋଇଛି, ସେ କୌଣସି ଜିନିଷ ଠିକ୍ ଭାବେ ଦେଖି ପାରେନାହିଁ । ଯେ ଅଧା ଦେଖିପାରେ, ସେ ସୁଆଡ଼େ ଯାଏ କଳ ଭୁଆଏ । କାରଣ କୌଣସି ବିଷୟରେ ପୂର୍ଣ୍ଣ ଙ୍କ ଧାରଣା ତାର ନ ଥାଏ ।

୧୦ । ଇଟି ମିଟି କଣା ନଥାଏ ଠିକଣା
ଟେରାକଣା ବଡ଼ ମନ୍ଦରେ
ପର୍ଦ୍ଦି ଥାଏ ଏକ— ଆଖିଆ କଣା
ନଇତ ଲଗାଏ ଦ୍ୱନ୍ଦରେ । —ଢଗ

—କେଉଁ କଣା କେଉଁଠ ଖରାପ ତାର ଆଭାସ ଦିଆ ହୋଇଛି । ଅଳ୍ପ ଅଳ୍ପ କଣା କୌଣସି ବିଷୟରେ ଠିକ୍ କଥା କହିପାରେ ନାହିଁ, ସଂଶୟାଚ୍ଛନ୍ନ । ଟେରକଣା କିଛି ଦେଖୁ ବା ନ ଦେଖୁ ଗୋଟାଏ ଦ୍ୱନ୍ଦ୍ୱା ମତ ବ୍ୟକ୍ତ କରେ । ଏକଆଖିଆ ସବୁବେଳେ କଳି ଲଗାଏ ।

୧୧ । ଇଠେଙ୍ଗରେ ଭୁରୁଭୁରୁ
ମୁଇଁ ରତନପୁର । —ନାଁ ଦିଆ

—ପାଦ ଶଙ୍ଖ ।

୧୨ । ଇଠି ହୁଙ୍କାର ବମ୍ବର ତୁକ । —ନାଁ ଦିଆ

—ନଳୀ ବଂଧୁକ ।

୧୩ । ଇଢ଼ି ଇଢ଼ି ଟିଜତ
ମୁଣ୍ଡେ ମୁଣ୍ଡେ ପଜତ
କନ ରଜାର ବେଟା
ଘତ ଘତ ବୁଲୁଚ । —ନାଁ ଦିଆ (ଟୋକାସୂତ)

ଗୋଟିଏ ଷଣ୍ଢ ଗଛତଳେ ମହୁଲ ଗୋଟାଇ ଖାଉଥିଲା । ଗୋଟିଏ ମହୁଲ ତା ମୁଣ୍ଡରେ ପଡ଼ିବାରୁ ସେ ରାଗିଯାଇ ମହୁଲକୁ କହିଲା—ତୁ ଏଡ଼େ ଶ୍ରେଷ୍ଠ ହୋଇ କି ସାହସରେ ଆସି ମୋ ମୁଣ୍ଡରେ ପଡ଼ୁଛୁ ? ମହୁଲ ଉତ୍ତର ଦେଲା—ତୁ ଏମିତି କୋଉ ରଜାର ପୁଅ ହୋଇଛୁ ଯେ ତୋ ଶ୍ରୀଅଙ୍ଗକୁ ବାଧୁଛି ? ଯଦି ବାଧୁଛି ତୁ ଗଛତଳେ ଆସି କାହିଁକି ଏ ବାଟରେ ବୁଲୁଛୁ ?

୧୪ । ଇତି ତୁରୁ ତୁରୁ ନ ଥାଏ ଦୁରୁ
କାନ୍ଦେ ଲୁଟୁପୁଟୁ ଭଇସା ସୁରୁ । —ନାଁ ଦଅ ।
—କୁମ୍ଭାର ଚକ ।

୧୫ । ଇତି ପିଚା, ଇତି ପିଚା
ମାଳପୀ ଦେଲା ନଳିତା ପିଚା । —ଛଟା ।

ପିଚା ଖାଇ ଖାଇ ପେଟେବେଳେ ଚମ୍ପା ଲାଗିଲା ଭଲ, ମନ୍ଦ ଖାଇବା ପାଇଁ ମାଳପୀ ଘରକୁ ଗଲା । ମାଳପୀ ନଳିତା ଶାଗ ଖରଡ଼ ଥିଲା ସେ ବି ପିଚା । ଭାଗ୍ୟ ମନ୍ଦ ଥିଲେ ଯେଉଁଠିକି ଗଲେବି ମନ୍ଦ ଫଳ ଭୋଗ କରିବାକୁ ହୁଏ ।

୧୬ । ଛନ୍ଦେ ଛନ୍ଦେ ଶୁକିଲା ସାଗର ନଈ
ଠାକୁର ଉପରେ କୁକୁର ମୁତିଲେ
ସ୍ନାହାନ କରିବା କାହିଁ ? —ନାଁ ଦଅ ।

—ଶୁକଲା—ଶୁଖିଲା । ଯେଉଁଠି ଦିଅଁ ଦେବତା ମେଲାରେ ପଡ଼ିଛନ୍ତି, ସେଠି ସେମାନଙ୍କ ଉପରେ କୁକୁର ମୁତିବା ସ୍ୱାଭାବିକ । କିନ୍ତୁ ଖରାଦିନେ କୂଅ ପୋଖରୀ ଶୁଖିଲା । କେଉଁଠୁ ପାଣି ଆଣି ଦିଅଁଙ୍କୁ ସ୍ନାନ କରାଇବେ ?

୧୭ । ଇନ୍ଦ୍ରପଡ଼ର ମାଇପ ମଲ୍ଲ,
ଝୋ କରି ବରଷି ଦେଲା । —ଛଗ ।

—ମେଘ ବର୍ଷାଶେଷବେଳକୁ ଗୁଡ଼ାଏ ବର୍ଷି ଦେଇ ଗ୍ଲଡ଼ଯାଏ । ଅନ୍ୟାର୍ଥ—ଯାହାର ସ୍ତ୍ରୀ ମରିଯାଏ, ତା ଆଖିରୁ ସବୁବେଳେ ଲୁହ ଝରୁଥାଏ ।

୧୮ । ଇନ୍ଦ୍ର ପାଳିଲେ ବୃଷ
ଯମ ପାଳିଲେ ବାସ । —ଡାଗ ।

—ବର୍ଷା ନ ହେଲେ ବା ଅତି ବେଶୀ ହେଲେ ଫସଲ ହୁଏ ନାହିଁ । ଇନ୍ଦ୍ରଙ୍କ ମରଜି ଉପରେ ବୃଷ ନିର୍ଭର କରେ । ସେହିପରି ଲୋକ ମଲାପରେ ଘରଦୁଆରକୁ ପଚାରେ କିଏ ? ଘର ଭାଙ୍ଗିଯାଏ, ଉଦ୍ଧ ମେଲା ପଡ଼େ ।

୧୯ । ଇନ୍ଦ୍ର ପଡ଼ିର ମାଇପ କାଣୀ,
ଶୋଇଲା ଶେଯରେ ଆଣିଏ ପାଣି । —ଡାଗ

—ସବୁବେଳେ ବର୍ଷା ହେଲେ ଶୋଇବା ଶେଯ ମଧ୍ୟ ଓଦାଯାଏ । କାଣୀର ଶେଯରେ ପାଣି ପଡ଼ିଲେ ସେ ଜାଣିପାରେ ନାହିଁ । କାଣୀ ପ୍ରତି ବ୍ୟଙ୍ଗ ।

୨୦ । ଇନାମ୍ ପାଇଁ ଇମାନ୍ ନ ଛାଡ଼ ।

—ଇନାମ୍—ପୁରସ୍କାର । ଇମାନ—ଇଜ୍ଜତ, ସାଧୁତା ।

୨୧ । ଇଲତ୍ ଧୋଇଲେ ଯାଏ
କି ଇଲତ୍ ମଲେ ଯାଏ । —ହିନ୍ଦୀ ପ୍ରବଚନ ।

—ଦୋଷ ମଇଳ ଧୋଇଲେ ଯାଏ, କିନ୍ତୁ ମନର ମଇଳା ମଲେ ହିଁ ଛାଡ଼େ ।

ଇଲତ୍—ମଇଳା ।

୨୨ । ଇଲିସି ମାଛର କଣ୍ଟା ସାର । —ଡାଗ ।

—ଇଲିସି କଣ୍ଟାପ୍ରଧାନ ମାଛ । କଣ୍ଟାକୁ ଡରିଲେ ଇଲିସିର ସ୍ୱାଦ ମିଳି ପାରିବ ନାହିଁ ।

୨୩ । ଈଶ୍ବରେଚ୍ଛା ବଲୀୟସୀ—ସଂସ୍କୃତ ବଚନ ।

—ଈଶ୍ବରଙ୍କ ଇଚ୍ଛା ସବୁ ଇଚ୍ଛାର ଉପରେ । ତାର ଅନ୍ୟଥା-ଚରଣ କରାଯାଇ ପାରେ ନାହିଁ । ତାକୁ ମାନିବାକୁ ହେବ ।

୨୪ । ଈଶ୍ବର ଯାହା କରନ୍ତି
ପ୍ରାଣୀର ମଙ୍ଗଳ ପାଇଁ । —ଲୋକୋକ୍ତି

—ଈଶ୍ବର ସଂସାରରେ ଭଲ ମନ୍ଦ ଯାହା କରୁଛନ୍ତି, ତାହା ପ୍ରାଣୀଙ୍କ ମଙ୍ଗଳ ଲାଗି । ବୁଦ୍ଧି ସାଗର ମନ୍ତ୍ରୀ ଏକଥା ରାଜାଙ୍କୁ ବାରମ୍ବାର ଶୁଣାନ୍ତି । ଦିନେ ଶିଅର ହେଉଁ ହେଉଁ ରାଜାଙ୍କ ଗାଲର କିଛି ଅଂଶ କଟିଯାଇ ରକ୍ତ ବହିଲା । ଏ ଦୁରବସ୍ଥାରେ ମନ୍ତ୍ରୀ କହିଲେ -"ଭଗବାନ ଯାହା କରନ୍ତି, ତାହା ପ୍ରାଣୀଙ୍କ ମଙ୍ଗଳ ନିମନ୍ତେ ।" ଏଥିରେ ବିରକ୍ତ ହୋଇ ରାଜା ମନ୍ତ୍ରୀଙ୍କୁ ବନ୍ଦୀ କଲେ । ତାପରେ ରାଜା ପାରିଧିକୁ ବିଜେ କଲେ, ଝଡ଼ ହେଲା । ସୈନ୍ୟସାମନ୍ତ କିଏ କୁଆଡ଼େ ପଳାଇଲେ । ଅନ୍ଧାରରେ ଦଳେ ଲୋକ ରାଜାଙ୍କୁ ଧରନେଲେ । କାଳୀଙ୍କ ପାଖେ ବଳି ଦେବେ, କିନ୍ତୁ ଆଲୁଅରେ ଦେଖିଲାବେଳକୁ ଲୋକଟି ଖଣ୍ଡିଆ-ଗାଲରୁ ଖଣ୍ଡେ କଟି ଯାଇଛି । 'ଖଣ୍ଡିଆ' ବଳିର ଅଯୋଗ୍ୟ ବିଚାରି ତାଙ୍କୁ ଛାଡ଼ିଦେଲେ । ରାଜା ମନ୍ତ୍ରୀଙ୍କ କଥା ଫଳିବା ଦେଖି ତାଙ୍କୁ ମୁକ୍ତ ଦେଲେ ଓ ବହୁ ପୁରସ୍କାର ଦେଲେ ।

୨୫ । ଇସର ବାଜେ ପେଁ
କବାଟ ଝୁଅଇ କେଁ
କବାଟ କଣରେ ଡାକଇ ଝୋଇଁ
ପାନ ଖଣ୍ଡେ ଦେ ଦେ । —ଢଗ ।

—ଇସର—ନାଗେଶ୍ବର, ଯାହାକୁ ବଜାଇ କେଳା ସାପ ଖେଳାନ୍ତି । ପାନଖଣ୍ଡେ ମାଗିବାରୁ ଯୁବକ ପ୍ରତି ଯୁବତୀର ଯେ ପ୍ରେମ ଅଛି, ତାର ସଂକେତ ମିଳେ ।

୨୬ । ଇଲେ ବୋପା

ରମ ଗଳ ପାଇ ରହିଲ ବଙ୍ଗା

ଠ'କୁର ଲୁହ

ଗୋମାଇଁ ଲୁହ

ଲୁ ଥିଲେ କ ପାଆନ୍ତ ମୁହିଁ ? —ଘାଁ ଦଆ ।

—ପାପକାଣ୍ଡ ଓ ବେଙ୍ଗ ।

୨୭ । ଇସ୍ ମିସ୍

କରମ୍ କସ୍

ଠାରେ ଠ଼ର

ଜ଼ାଣଇଛି ବଶ୍ । —ଛଟା

—ଲୁଚକାଳଖେଳରେ ଚୋର ବାଛିବାଲାଗି ନିରର୍ଥକ ପଦପଂକ୍ତି । ଯାହା ଉପରେ 'ବଶ୍' ବା କୋଡ଼ି ପଡ଼େ, ସେ 'ଚୋର' ହୁଏ । ଜଣେ ତା ଆଖି ବୁଜେ, ଅନ୍ୟମାନେ ଲୁଚନ୍ତି । ଚୋର ଲୁଚିଥିବା ପିଲାଙ୍କ ଭିତରୁ ଯାହାକୁ ଛୁଏଁ, ସେ 'ଚୋର' ହୁଏ । ପ୍ରଥମେ ଚୋର ହେବାକୁ କେହି ରାଜି ହେଉ ନଥିବାରୁ ଶବ୍ଦଦ୍ୱାରା ବାଛିବାରୀତି ଅବଲମ୍ବିତ ହୁଏ ।

୨୮ । ଇସ୍ ବୋଇଲେ କି ଶ୍ରେଷ୍ଠ କାଟେ ? —ଲୋକୋକ୍ତି

—କୁରାଢ଼ିରେ କାଠ କାଟିଲାବେଳେ ଚାରାଳୀ ଭୂଣ୍ଡରୁ 'ଇସ୍' ଛେ ବାହାରେ । ଏଇ ବଚନ ଦ୍ୱାରା ଶ୍ରେଷ୍ଠର ଗୁରୁତ୍ୱ ଆଦୌ ଜଣା ହୁଏ ନାହିଁ । କୁରାଢ଼ି ଯେପରି କାଟିବାର କଥା, କାଟେ ।

# ଉ

୧ ।  ଉଆ ଉସୁନା କେଉଟୁଣୀଙ୍କ ମୁହଁରେ ।  —ଲୋକୋକ୍ତି

—କେଉଟକେଉଟୁଣୀ ଚୂଡ଼ା କୁଟୁଥିଲେ (କଳକୁଟା ଆଗରୁ) କେଉଟୁଣୀ ଗାଆଁକୁ ଚୂଡ଼ା ବିକି ଆଣୁଥିଲେ । ଚୂଡ଼ା ଉଆ କି ଉସୁନା ପଚାରିଲେ କେଉଟୁଣୀ ଯାହା କହୁଥିଲା, ତାହା ଗ୍ରହଣ କରାଯାଉଥିଲା । ବିଧବାଙ୍କ ଏକାଦଶୀ, ପୂଜାପର୍ବ ପାଳନ ଓ ଦେବପୂଜା ଲାଗି ଉଆ ଚୂଡ଼ା ଲୋଡ଼ା ହେଉଥିଲା ।

୨ ।  ଉଆ ଚାଉଳର ମୁଣ୍ଡି,
ସମସ୍ତେ ହେଲେ ଶୁଖିଲା ଶୁଖିଲା
ବୋହୂଟି କରିଚି ଗଣ୍ଡି  —ଢଗ

—ବୋହୂକୁ ଲକ୍ଷ୍ୟ କରି ଶାଶୂର ଉକ୍ତି । ଖାଦ୍ୟାଭାବରେ ସମସ୍ତେ ଶୁଖି ଯାଉଥିଲେ ବି ବୋହୂ ଲୁଚାଇ ଖାଇପିଇ ଗଣ୍ଡି ବଢ଼େ । ବୋହୂ ପ୍ରତି ବ୍ୟଙ୍ଗ ।

୩ ।  ଉଆଁସୀ କନ୍ୟାକୁ ଅଟଲଇସିଆ ବର ।  —ଢଗ

—ଯେଉଁ ଝିଅ ଉଆଁସରେ ଜନ୍ମ ହୁଏ, ସେ ବିଧବା ହୁଏ ବୋଲି ଲୋକବିଶ୍ୱାସ ପ୍ରଚଳିତ । ତେଣୁ ଉଆଁସୀ କନ୍ୟାକୁ କେହି ଜାଣି ଜାଣି ବିଭା ହୁଅନ୍ତି ନାହିଁ । ମୃତ୍ୟୁକୁ କିଏ ଭଲ ପାଏ ? କିନ୍ତୁ ଏହା ଏକ ଅନ୍ଧ ବିଶ୍ୱାସ ।

୪ ।  ଉଆଁସୀ କନ୍ୟାକୁ ଜଗନ୍ନାଥ ବର
ତହିଁକି ଲାଗିଛି ମଲ୍ଲୀଫୁଲ ହାର ।  —ଢଗ

—ଉଆଁଶୀ କନ୍ୟାର ଗଣ ଅଳ୍ପାୟୁ ହୁଏ । ସ୍ୱୟଂ ଜଗନ୍ନାଥ ସେଉଁଠି ବର, ତାଙ୍କୁ ମାରବ କଏ ? ସେ ପ୍ରାଣୀମାନଙ୍କୁ ମାରନ୍ତି ବା ତାରନ୍ତି । ବରର ସୌଭାଗ୍ୟଶକ୍ତି କନ୍ୟାର ମନ୍ଦ ଗ୍ରହ ଦୂର କରିବାକୁ ସମର୍ଥ । ତେଣୁ ଏଇ ସୌଭାଗ୍ୟର ସଂକେତ ସ୍ୱରୂପ ମଲ୍ଲୀଫୁଲ ହାର ଆସିବା ଅସଙ୍ଗତ ନୁହେଁ ।

୫ । ଉଆଁସରେ ଜହ୍ନ ପଡ଼ିବା । —ଲୋକୋକ୍ତି

—ଅସମ୍ଭବ କଥା ଘଟିବା ।

୬ । ଉଇଁ ନ ଦିଶେ
ବୁଡ଼ି ପଶେ
ଉତ୍ତର ମେଘ ଦକ୍ଷିଣେ ଆସେ
ସଜ ଗୋବରରେ ଅଂସେଇ ବସେ
ନାଥ ବୋଲେ ପୃଥ୍ୱୀ ନଷ୍ଟେ ବରଷେ । —କୃଷି ବଚନ

—ଯଦି ସୂର୍ଯ୍ୟ ଟିକଏ ଦେଖା ଦେଇ ମେଘ ଭିତରେ ଲୁଚିଯାନ୍ତି, ସଜ ଗୋବରରେ ପୋକ ହୁଅନ୍ତି, ତେବେ ନଷ୍ଟପ୍ରୂ ବର୍ଷା ହୁଏ ।

ଅଂସେଇ - ଛୋଟ ଛୋଟ ଧଳା ପୋକ, ଗୋବରରେ ବା ଖତ ଗଦାରେ ବହୁ ପରିମାଣରେ ଦେଖାଯାନ୍ତି ।

୭ । ଉଇ, ଓଡ଼ଶ, ପିମ୍ପୁଡ଼ି, ମଶା
ଏ ଚାରିଂ ଜାତି ଭାଙ୍ଗନ୍ତି ବସା । —ଢଗ

—ଅନୁଭବ କଥା । ଏମାନଙ୍କ ଉପଦ୍ରବ ଅସହ୍ୟ, କାନ୍ଥରୁ ଦୁଙ୍କା ବାଢ଼ାରେ, ଲୁଗାପଟା, ବହିପତ୍ର, କାଠ ଜିନିଷପତ୍ରକୁ ଉଇ ଖାଇଯାନ୍ତି । ପିମ୍ପୁଡ଼ି, ଓଡ଼ଶ, ମଶାଙ୍କ କାମୁଡ଼ାରେ ଲୋକ ଶୋଇପାରେ ନାହିଁ । ଘର ଛାଡ଼ି ପଳାଇବାକୁ ଇଚ୍ଛା ହୁଏ ।

୮ ।　　ଜକୁଣି ମୁଣ୍ଡରେ ଖୋସା
　　ପଛବୁଣା ଚଷା
　　ଘୁଇଚଳଆ ବେଉସା
　　ଇନୁଡ଼ ପୁଅକୁ ଆଶା
　　　　ସଖୀ ମନ୍ଦ ଏ ।　　　— ଢଗ ।

—ଜକୁଣି ଥିବା କେଶରେ ଖୋସା ବାନ୍ଧିଲେ ବଡ଼ କଷ୍ଟ ପାଇବାକୁ ହୁଏ । ଧାନ ଡାଗରେ ନ ବୁଣି ପଛରେ ବୁଣିଲେ ଭଲ ହୁଏ ନାହିଁ । ଘୁଇ ତଳେ ବସି ବ୍ୟବସାୟ କରିବା ସମ୍ଭବ ନୁହେଁ । ଯେଉଁ ପୁଅ ଇନୁଡ଼ଶାଳରୁ ବାହାରେ ନାହିଁ, ତା ଉପରେ ଆଶା ବୃଥା ।

୯ ।　　ଉଖୁଡ଼ା ପାଇଲେ ପୁରାଣ ଶୁଣା ଶେଷ ।　— ଲୋକୋକ୍ତି

—ଯେଉଁମାନେ ଭୋଗପୁଞ୍ଜି ଏ ଖାଇବାଆଶାରେ ପୁରାଣ ଶୁଣିବାକୁ ଆସନ୍ତି, ସେମାନଙ୍କ ପ୍ରତି ବ୍ୟଙ୍ଗ ।

୧୦ ।　　ଉଖୁଡ଼ା ଖାଇଲବେଳକୁ ହଣ ହଣ
　　ବେଇଲ ବେଳକୁ ଏ କଣ ସେ କଣ ।　　— ଢଗ

—ବୋହୂ ଘରୁ ଯେଉଁ ଭୋଗର ଆସିଥିଲା । ଉଖୁଡ଼ା, ଚୁଡ଼ା ପୁଆ, ଗଜା, ମନୋହର, ଖଜା ସମସ୍ତେ ଖାଇଲେ, କିନ୍ତୁ ତାର ସନ୍ତାନ ଜନ୍ମ ଲାଗି ଘରେ ଜାଗା ଟିକିଏ ମିଳୁନାହିଁ । ତା ଅର୍ଥ ସୁଖର ସାଥୀ ସମସ୍ତେ, ଦୁଃଖ ବରଣ କରିବାକୁ କେହି ନାହିଁ ।

୧୧ ।　　ଜଚ (ଉଚ୍ଚ) ପିଣ୍ଡା ଦେଖି ବନ୍ଧୁ କଲ (କଲି)
　　ଝିଅକୁ (ଝିଅଟିକ) ନେଇ ଯମକୁ ଦେଲ (ଦେଲି) ।

—ଝିଅ ସୁଖରେ ରହିବ ବୋଲି ବାପ ତାକୁ ବଡ଼ ଘରେ ବିଭା ଦିଏ । କିନ୍ତୁ ବଡ଼ ଘରେ ଦୋଷ ବି ବଡ଼ । ଝିଅକୁ ବେଳେ ବେଳେ ବହୁ ଦୁଃଖ କଷ୍ଟ ଭୋଗ କରିବାକୁ ହୋଇଥାଏ । ଝିଅର ଦୁଃଖ ଭୋଗରେ ମାଆର ଅନୁଶୋଚନା ।

୧୨ । ଉଞ୍ଚ ପିଣ୍ଡଥିବ   କୁଞ୍ଚ ପିଣ୍ଡଥିବ
ପିଣ୍ଡଥିବ ଜଗମୋହନ
ବାଣ୍ଡବାର କଥା   ମନେ ପଡ଼ୁଥିବ
ବାଟ ଗୁଲଥିବ ଗହନ । —ଛଟା

—ଯୌବନକୁ ସ୍ୱର୍ଣ୍ଣ ବେଶଭୂଷଣ ଥିବ, ପ୍ରିୟାର କଥା ଭାବୁଥିବ, ତାହେଲେ ବାଟଚଲାବାଧା ଜଣାପିବ ନାହିଁ ।

୧୩ । ଉଞ୍ଜାଇଥିବୁ ମାରିବୁ ନାହିଁ
ଗୋଡ଼ାଇଥିବୁ ଧରିବୁ ନାହିଁ ।

—ମାଡ଼ ଦେବାର ପ୍ରତିକ୍ରିୟା ଭୟଙ୍କର । ତେଣୁ ମାଡ଼ଦେବାକୁ ଉଞ୍ଜାଇବା ବା ଧମକଦେବା ଯଥେଷ୍ଟ; ସେହିପରି ଜଣେ ଅପରାଧୀ ବ୍ୟକ୍ତିକୁ ଗୋଡ଼େଇବାରେ କ୍ଷତି ନାହିଁ, ଧରିବା ବିପଦ । ଗୁରୁତର ଘଟଣା ନ ଘଟେଇବା ଲାଗି ଏହି ଉପଦେଶ ଦିଆଯାଇଛି ।

୧୪ । ଉଞ୍ଚ ଗଛର ଚୋପାନକୁ ଡର । —ଲଗ

—କଥା ଅଛି—ବାଘର ଫାଗକୁ ଭୟ, ବଡ଼ ବଡ଼ ଗଛର ଝଡ଼କୁ ଡର, ବଡ଼ଲୋକଙ୍କର ଯୁଦ୍ଧ, ବିପ୍ଳବ ଓ ବେହୁରଣକେଇଙ୍କୁ ଭୟ । ଭୟ କାହାକୁ ଛୁଡନାହିଁ ।

୧୫ । ଉଚ୍ଚ ପରବତ କାଳିଆ
ତା ଦେହରେ ଭଲ ଭଲ ଲୋକ ମେଳିଆ
ନାଗ ସାପ ସବୁ ଖେଳୁଛି
ଆଲଟ ବଣିଣା ପଡ଼ୁଛି । —ଦାଁ ଦଆ

—ହାତୀ ।

୧୬ । ଜଙ୍ଗୁ କାଠୋଲୀ ଅସୁରା
ଧାଇଁ ଧାଇଁ ଖାଏ ଶଶୁରା । —ଛଟା

—ଶଗୁଣ—ଶ୍ୱଶୁର । ଯେଉଁ ସ୍ତ୍ରୀ ଉଞ୍ଜୁ କପାଳୀ ତା ଶ୍ୱଶୁରର ଅକାଳ ବିୟୋଗ ଘଟେ, ଲୋକବିଶ୍ୱାସ ।

୧୭ । ଜକ ଗାଆଁରେ କୁକ
ଯେଉଁ ଗାଆଁରେ ଦେବତା ନାହାନ୍ତି
ଶିଳ ଶିଳପୁଆ ପୂଜା । —ଢଗ

—ଯେଉଁ ଗାଆଁରେ କବି, ଜ୍ଞାନୀ, ପଣ୍ଡିତ ବା ବିଶିଷ୍ଟ ଲୋକ ନାହାନ୍ତି, ସେଠି ସର୍ବସାମାନ୍ୟ ବୈଶିଷ୍ଟ୍ୟଥିବା ବ୍ୟକ୍ତି ସମ୍ମାନିତ ହୋଇଥାଏ, ଯେପରି ସାଧାରଣ ଶିଳା ଦେବତା ରୂପେ ପୂଜିତ ହୋଇଥାଏ ।

୧୮ । ଉଠୁ ଠୁଙ୍ଗୁରୁ ବଠୁ ନାଚେ
ଚଙ୍ଗଧାନ ଭୂଗଲେ ପାଚେ । —ଦାଁ ଦଆ

—ଖଜୁରି ।

୧୯ । ଜଠିପଡ଼ ଧାଇଁ ଥି (ଥେ) ବ
ସୁନ୍ଦର ବଦନ ଚୁମ୍ବି ଥି (ଥେ) ବ । —ଛଟା

—କଷ୍ଟ ଓ ଦଣ୍ଡ ପାଇ ସୁଦ୍ଧା ପ୍ରେମିକାକୁ ପାଖରୁ ଛାଡ଼ିବ ନାହିଁ ? ଏପରି ପ୍ରେମୋକ୍ତି ପ୍ରକାଶ କରୁଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୨୦ । ଉ’ଠରେ ମନ୍ତ୍ର, ପଥି କରିବୁ
ଶିଳପୁଆ ଭଳି ଗୁଣ୍ଡା ବଳିବୁ । —ଢଗ

—ଖାଇଲାବେଳକୁ ଶେଯରୁ ଉଠି ଭଲ ମଣିଷ ଭଳି ଖାଏ । କିନ୍ତୁ କାମ କରିବାକୁ ପଡ଼ିବ ବୋଲି ରୋଗର ଛଳନା କରେ । ଏପରି ରୋଗୀ ଘରରେ ସୁଖ ଭୋଗୁଥିବା ଅଳସ, ଶଠ ସଂସାରରେ ଅଳ୍ପ ନାହାନ୍ତି । ସେମାନଙ୍କ ପ୍ରତି ବ୍ୟଙ୍ଗ ।

୨୧ । ଉଠିବ, ଚୁଟି ଧରକରି କୁଟିବ
(ଗୋଟା କେତେ କୁଟିବ
ଦୁଲ୍ ଦୁଲ୍ କୁଟିବ
ଦୁମ୍ ଦୁମ୍ କୁଟିବ) —ଛଟା

—ନ ବୁଝି ନ ଶୁଝି ହଠାତ୍ ମାଡ଼ ଦେଉଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୨୨ । ଉଠି ନପାରି ମାରେଙ୍ଗା (ମାରୁଙ୍ଗା) —ଛଟା

ଭଦ୍ରଲୋକ; ବସିବା ସ୍ଥାନରୁ ଉଠିବାର ଦୈହିକ ଶକ୍ତି ନାହିଁ । ମୁହଁରେ ଆସ୍ଫାଳନ କରୁଛି—'ମୁଁ ମାରିବି ।' —ବ୍ୟଙ୍ଗ

୨୩ । ଉଠିଲା ମାଛ ମୁହଁରେ ପାହାର । —ଢଗ

—ପୁରୁଣା ପୋଖରୀରେ ନୂଆ ବର୍ଷା ପାଣି ପଶିବାମାତ୍ରେ ସୁଅ ମୁହଁରେ ମାଛସବୁ ଉଠିଥାନ୍ତି ଓ ଲୋକେ ସେମାନଙ୍କୁ ମାରିଥାନ୍ତି । ସେହିପରି କୌଣସି ଆନ୍ଦୋଳନରେ ଆଗୁଆ ବ୍ୟକ୍ତି ମୁଣ୍ଡରେ ଆଗେ ପାହାର ବାଜିଥାଏ ।

୨୪ । ଉଠ୍ କହିଲେ ଉଠିବା
ବସ୍ କହିଲେ ବସିବା । —ରୂଢ଼ି ପ୍ରୟୋଗ

—ଅନ୍ୟର ଆଦେଶରେ ଯେ ଉଠେ, ବସେ ବା ଚଳାଚଳ ହୁଏ, ଅର୍ଥାତ୍ ଏକାନ୍ତ ଆଜ୍ଞାନୁବର୍ତ୍ତୀ ବ୍ୟକ୍ତି ବା ଭୃତ୍ୟ ।

୨୫ । ଉଠି ଯାଉଥିଲି କୋପେ
ଧରି ପକାଇଲେ ପଣତ କାନି
ସବୁ ଦୋଷ ମାଫ୍ ଦିଅ ମୋତେ । —ଛଟା

—ଦାମ୍ପତ୍ୟ ପ୍ରେମର ଛନ୍ଦ । ସ୍ତ୍ରୀର ମାନ ଓ ସ୍ୱାମୀର କ୍ଷମା ପ୍ରାର୍ଥନା ।

୨୬ ।
"ଉଠ୍‌ଲୋ ବୋହୂ, ବଅସ
ମୋର ଗୋଦର ଗୋଡ଼କୁ ଘଅଷ"
"ଉଠିବ ନାହିଁ କି ବସିବନାହିଁ
ଗୋଦର ଗୋଡ଼କୁ ଘଷିବନାହିଁ ।" —ଛିଟା

—ଶାଶୂ ଓ ବୋହୂଙ୍କ ମଧ୍ୟରେ ସଂଳାପ ; ଶାଶୂର ଆଦେଶ ଓ ଅବାଧ୍ୟତା ଏଥିରେ ସୂଚିତ । ଏଇ ତଥାକଥିତ ଶାଶୂ ବୋହୂ ସମ୍ପର୍କ ପ୍ରତି ବ୍ୟଙ୍ଗ ।

୨୭ ।
ଉଠିଆ ଭାତ
ପୁରୁକା ଗାଲ
ଦରୋଟି ଭଷା
ମଣ୍ଡୁଆ ମାଲ
ଅଲପ ନିଶା
ମାଆ ପରଷା
ଅତି ସୁଆଦ, ବନାଇ ଭଷା — ବନାଇ ବଚନ

—ଉଠିଆ ଭାତ—ମାଗଣା ମିଳୁଥିବା ଭାତ କମ୍ବା ଉପୁର ଭାତ । ମଣ୍ଡୁଆମାଲ—ଏକପ୍ରକାର ମିଷ୍ଟାନ୍ନ ।

୨୮ ।
ଉଠ୍ କୁଜ
କାନ୍ଦୁ ଆଉଜ । —ଦାଁ ଦଆ

—ଶିଳ ।

୨୯ ।
ଉଠିଲା ଗଛ ପତରୁ ଜାଣି । — ଢଗ ।

—ଉଠିଲା ଗଛର ପତ୍ର ଦେଖି ଗଛ ଚିହ୍ନାଯାଏ । ସେହିପରି ପିଲାଦିନରୁ ହିଁ ମଣିଷର ଭବିଷ୍ୟତ ଜାଣିହୁଏ ।

୩୦ ।
ଉଠ୍ ଦେଢ଼ଶୁର ପଲା
ମୁହଁରେ ଲାଗିବ କଲା । —ଛିଟା ।

—ମାନ୍ୟ ଦେଢ଼ଶୁର ହାଣ୍ଡିଶାଳ ପଟେ ଚଳାଚଳ ହେଲେ ବୋହୂମାନଙ୍କର ଅସୁବିଧା । ତେଣୁ ତାଙ୍କପ୍ରତି ବ୍ୟଙ୍ଗ ।

୩୧ । ଲଠ୍ ଦେଢଶୁର ବାହାରକୁ
ନଳଗୋଡ଼ୀ ଯିବେ ଘରକୁ । —ଛଟା

—ବୋହୂର ଅଙ୍ଗବୈକଲ୍ୟ ପ୍ରତି ବ୍ୟଙ୍ଗ ।

୩୨ । ଲଠା ଚୂଲ୍ଲ ଫଟା
ଅଠା ଫଳ ଲଟା
ଧନଙ୍କ ପାଖରେ ରତ୍ନର ମନ
ପାଟ ସଙ୍ଗେ ଦେବ ମଠା । — ଛଟା ।

—କନ୍ୟାର ବରପ୍ରତି ଆକର୍ଷଣ ଓ ପତ୍ରଲପାନ ଯିବାବେଳେ ମୁଲ୍ୟବାନ୍ ଦ୍ରବ୍ୟଲଗି ଅଳି ।

୩୩ । ଉଠଇ ସକାଳୁ, ନୁହେ ବ୍ରାହ୍ମଣ
ଯୋଦ୍ଧା ନୁହେ, ବହେ ମୁକୁଟ ଜାଣ
ଡାକଇ ଉଚ୍ଚରେ, ଡାକୁଆ ନୋହେ
ଋଷି ନୋହେ ଘରେ ବନେ ବା ରହେ । - ନାଁଢଆ

—କୁକୁଡ଼ା ।

୩୪ । ଉଚ୍ଚ ଘୂଲୀ ଦାଣ୍ଡେ ବଜ
ନୀଚ ଘୂଲୀ ଘରେ ପଣ । —ଢଗ

—ଅଗଣା ସମାନ ଅଥବା ଉଚ୍ଚକୁଳ ପ୍ରସୂତ ବ୍ୟକ୍ତି ସହିତ ବିବାଦ କଲେ ଲୋକେ ତାହାକୁ ଅଗୌରବ ଅବା ଅମାନ୍ୟ କରନ୍ତି ନାହିଁ । ମାତ୍ର ତାଠାରୁ ନୀଚ ବ୍ୟକ୍ତି ସହିତ ବନ୍ଧ ରଙ୍ଗରେ ବିବାଦ କଲେ ତାକୁ ଘୃଣାଚକ୍ଷୁରେ ଦେଖନ୍ତି।—ଅପନା ପଣ୍ଡା, ପାରଳାଖେମଣ୍ଡି ।

୩୫ ଉଡ଼ିଗଲେ ଗେଣ୍ଡାଳିଆ
ଛୁଟିଗଲେ ଘର
ଜେମାଦେଈ କାନ୍ଦୁଛନ୍ତି
ଦେଖି ବୁଢ଼ା ବର । —ଛଟା ।

—ବୁଢ଼ାବର ସହିତ ଯୁବତୀ ଜେମାର ବିବାହରେ ବ୍ୟଙ୍ଗ । ଉତ୍କଳୀୟ ସମାଜରେ ଯୁବତୀ ସହିତ ବୁଢ଼ାର ବିବାହ ବିଂଶଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ପ୍ରଚଳିତ ଥିଲା, 'ବୁଢ଼ାକାଳ ବିଭା ପରକୁ' ହେଲେ ମଧ୍ୟ ।

୩୬ । ଉଡିଗଲେ ଗେଣ୍ଡାଳିଆ
ପଡ଼ିଗଲା ଘାଇ
ଆସ ଆସ ଗଜାମୃଗ
ଖଞ୍ଜଣୀ ବଜାଇ । —ଛଟା ।

—ପରସ୍ପର ମୂର୍ଦ୍ଧରେ ମୁଗଗଜା ଦେଇ ଦୁଇ ବାନ୍ଧବୀ 'ଗଜାମୃଗ' ବସିଛନ୍ତି । ଏଠି ଗେଣ୍ଡାଳିଆର ଘାଇ ପଡ଼ିବାରେ 'ଗଜ ମୃଗ'ର ସ୍ମୃତି ଜାଗ୍ରତ ଓ ତାର୍ ଅଭ୍ୟର୍ଥନା କରିବାଲାଗି ବାନ୍ଧବୀ ପ୍ରସ୍ତୁତ ।

୩୭ । ଉଡ଼ିଗଲେ ଗେଣ୍ଡାଳିଆ
ଝାଡ଼ିଦେଲେ ଘର
ତୁ ଛାଡ଼ିଲୁ ବାପ, ଭାଇ
ମୁଁ ଛାଡ଼ିଲି ଘର । —ଛଟା ।

—ଏଠି ବେଶ୍ୟା ପ୍ରତି ବ୍ୟଙ୍ଗ କରାଯାଉଛି । କୁଳବଧୂ ବାପ, ଭାଇ ଘୁଚି ଶାଶୁଘରକୁ ଯିବାରେ ମହତ୍ତ୍ୱ ଅଛି । କିନ୍ତୁ ଚରିତହୀନା ଘର ଛାଡ଼ିପଳାଇବାରେ କୌଣସି ମହତ୍ତ୍ୱ ନାହିଁ ।

୩୮ । ଉଡ଼େଇ ଦେଲେ ଗୋଡ଼େଇ ଯାଏ
ବାନ୍ଧି (ଦୃଷ୍ଟି) ଦେଲେ ଗୋଟେଇ ଖାଏ । —ଢଗ ।

—ପରକୁ ଅତ୍ୟଧିକ ଅନୁସରଣ କରୁଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ । ପର ହାତକୁ ସେ ଖୁଣ୍ଟୁଥାଏ, ମାଗିଖାଏ, ଗୋଟେଇ ଖାଇବାରେ ତାର ଲଜ୍ଜା ନାହିଁ ।

୩୯ । ଉଡ଼ନ୍ତା ଖଇ ଗୋବିନ୍ଦାୟ ନମଃ ।—ବଙ୍ଗଳା ପ୍ରବଚନ ।

—ଲିଆ ପବନରେ ଉଡ଼ିଗଲାବେଳେ ଓ ତାକୁ ଅଟକାଇବାର କୌଣସି ଉପାୟ ନଥିଲାବେଳେ ଠାକୁରଙ୍କ ନାମରେ ନୈବେଦ୍ୟ କରିଦେବା ଏକ ହାସ୍ୟାସ୍ପଦ କଥା । ସେହିପରି ଯେଉଁ ସଂପତ୍ତି ନଷ୍ଟଭ୍ରଷ୍ଟ ହୋଇଯିବାର ସମ୍ଭାବନା ଅଛି, ତାକୁ କୌଣସି ବ୍ୟକ୍ତି ବା ଅନୁଷ୍ଠାନକୁ ଦାନକରିବାରେ ମଧ୍ୟ କୌଣସି ସାର୍ଥକତା ନାହିଁ । ଏହା ଏକ ବ୍ୟଙ୍ଗାତ୍ମକ ଡଗ ।

୪୦ । ଉଡ଼ିଗଲା ଚଢେଇର ପର ଗଣିଦେବା—ରୂଢ଼ି ପ୍ରୟୋଗ ।

—ଉଡ଼ନ୍ତା ପକ୍ଷୀର ପର କେହି ଗଣି ନପାରେ । ଏଠି ଲୋକର ପର୍ଯ୍ୟବେକ୍ଷଣ ଶକ୍ତି ଓ ବୁଦ୍ଧିମତ୍ତାର ସଙ୍କେତ ସ୍ୱରୂପ ଏହା ବ୍ୟବହୃତ ।

୪୧ । ଉଡ଼ ନ ଜାଣି ପୋଷା ମାନିବା— ରୂଢ଼ି ପ୍ରୟୋଗ

—ଉଡ଼ି ପଳାଇଯିବା ପକ୍ଷୀର ଆତ୍ମରକ୍ଷାର ପ୍ରଧାନ ବାଟ । ଯେଉଁ ଚଢ଼େଇ ଉଡ଼ିବାକୁ ଅସମର୍ଥ, ସେ ମଣିଷର ଶରଣ ନିଏ, ପୋଷା ମାନେ । ଏଇ ପରିଜାତ ଅସମର୍ଥ ପକ୍ଷୀଭଳି କେତେକ ମଣିଷ ଅଛନ୍ତି । ସେମାନେ ହାରୁଛନ୍ତି ବୋଲି ନିଶ୍ଚିତଭାବେ ଜାଣିବା ପରେ ଅନ୍ୟପକ୍ଷର ଶରଣ ପଶନ୍ତି । ନିଜକୁ ବଞ୍ଚାଇବାର ଏ ଏକ ଚତୁରତା ।

୪୨ । ଉଡ଼ିଗଲା ଚଲି
ବୁଡ଼ି ଗଲା ବଲି
ରୁପାର ପଞ୍ଜରୀ ସୁନାର ଖିଲି । —ନାଁ ଢଗ

—କୋଳପ ।

୪୩ । ଉଡ଼ ଗଲେ ସାଗ୍ର ଶୁଆ
ବସିଲେ ବାଉଁଶେ
ନଖ ପାଣି ମୁଖେ ମଲ
ଏ ଯୁବା ବୟସେ । —ଛଟା

— ଶାଶୁଘରେ ନାନା ଦୁଃଖରେ ବୋହୂର ଅନୁଶୋଚନା ।

୪୪ । ଉଡ଼େ ଫେରି ଫେରି ବସେ କପୋତ
ଯେ ନ କହିବ ତା ମା ସଜତ । —ନାଁ ଧଆ
ଶାଳଫଳ । ସଜତ—ସଜନ୍ତୁଣୀ ।

୪୫ । ଉଡ଼ ଯା କାକ-ପୋଇରେ
ଘେନ ଶୁଭ ବାରତା
ବନବାସୁ ଫେରି ଆସନ୍ତୁ
ରାମ ଲକ୍ଷ୍ମଣ ସୀତା । —ଛଟା

—କୁଆ ନାଗମାନଙ୍କ ବିଶ୍ୱସ୍ତ । ତିନ ଜାଗାରେ ଗୁଜଳ ବାଡ଼ି କୁଆ ଯେଉଁ ଖଗଟି ଖାଏ, ସେଥିରୁ ସେମାନେ ନିର୍ଦ୍ଦିଷ୍ଟ ପ୍ରିୟଜନର ଶୁଭାଶୁଭ ଜାଣିପାରନ୍ତି । ଏଠି ରାମ ଲକ୍ଷ୍ମଣ ସୀତାଙ୍କ ପ୍ରିୟଜନର ପ୍ରତୀକ । ବନବାସ ନ୍ହଁ ବିଦେଶ । କାକପୋଇ—ଶ୍ରେଷ୍ଠକାକ, ଏଠି କୁଆକୁ ପୁଅ ପରି ବିଶ୍ୱାସୀ ମନେ କରାଯାଇଛି ।

୪୬ । ଉଡ଼ିଲେ ଚକୁଆ
ବୁଡ଼ିଲେ ପାଣିକୁଆ । —ଢଗ

— ନ ଚିହ୍ନିବା ଲୋକେ ଉଡ଼ା ଚଢ଼େଇକୁ କହନ୍ତି ଚକୁଆ, ବୁଡ଼ା ଚଢ଼େଇକୁ ପାଣିକୁଆ ।

୪୭ । ଉଡ଼ ଉଡ଼ ଗଲ
ଧରଡ଼ଚଢ଼େଇ
ବଡ଼ ବଡ଼ ତାର ପକ୍ଷୀ

ଢିଅରି ଟୋକାଟା
ବଡ଼ ଚଲକ୍ଷା
ସଦା ମାରୁଥାଇ ଆଖି । —ଛଟା

—ଢିଅରିଟୋକାର ପ୍ରେମଭାବ ପ୍ରତି କଟାକ୍ଷ ।

୪୮ । ଉଡ଼ି ଆସି କରି ଘର କରନ୍ତି
କେତେ ଗରବରେ କଥା କହନ୍ତି । —ଛଟା

—ଯେ ଅନ୍ୟ ସ୍ଥାନରୁ ଆସି ଗ୍ରାମରେ ନୂଆ ହୋଇ ଘର କରିଥାଏ, ତା ପ୍ରତି ଅସନ୍ତୁଷ୍ଟତା ।

୪୯ । ଜଙ୍ଗଟା ନାନପିଲ ପେଣ୍ଡେ ଦାନ୍ତୁନ୍ କରେ ।
— ନାଁ, —ନାଁ । ଢଆ

ନାନ ପିଲ ପେଟଣ୍ଡ ଦାନ୍ତୁନ୍ କରେ—ଚୁଲିରେ କାଠ ଜଳାଯାଏ । ଚୁଲିକୁ ଶ୍ରେଷ୍ଠ ପିଲ ସଦୃଶ, କାଠବଡ଼ାକୁ ଦାନ୍ତକାଠି ସଦୃଶ ତୁଳନା କରା ଯାଇଛି ।

୫୦ । ଊଣା ଲୋକ ପଢ ପାଏ
ହଗିଗଲେ ଗୀତ ଗାଏ । —ଢଗ

—ଛୋଟ ଲୋକ ଆସନ ପାଇଲେ ନିଜ ଓଣ୍ଡ୍ରୀମ ସ୍ୱରଆଡ଼େ ପିଟେ । ତା ଟଙ୍କଅହଂକାରର ସୀମା ନଥାଏ ।

୫୧ । ଊଣା ଲୋକର ଦୁଇଗୁଣ ସରେ
କୃପଣ ଲୋକର ମାଇପ ମରେ । —ଢଗ

—ଅଳ୍ପ ଖର୍ଚ୍ଚ କରିବାକୁ ଚେଷ୍ଟା କରୁ କରୁ ବଦଲ ବଦଲ ଛୋଟ ଲୋକର ଦ୍ୱିଗୁଣ ଖର୍ଚ୍ଚ ହୋଇଥାଏ । ତାର ବ୍ୟୟ ବୃଥା ହୋଇଯାଏ । ଘରେ ତାର ସ୍ତ୍ରୀ ଟିକିଏ ଭଲ ଖାଇବାକୁ ପାଏ ନାହିଁ । ହାଣ୍ଡିରେ ବେଶୀ ଭାତ ତିଅଣ ରନ୍ଧା ଯାଉଛି କି, ବୋଲି କୃପଣ ଖୋଜ ଦେଖେ ।

୫୧ । ଉଣା ହୃଡ଼ ଯୋଉଠି
ପାଣି ଗଡ଼େ ସେଇଠି । —ଢଗ

—ଅନୁଭବ । ନୂଆଁଣିଆ ହୃଡ଼ ଉପରେ ବଳର ପାଣି ଗଡ଼ି ଯାଏ । ସେହିପରି ଦୁର୍ବଳତାର ସୁଯୋଗ ନେଇ ଲୋକେ ତା ପ୍ରତି ଦୁର୍ବ୍ୟବହାର କରନ୍ତି ।

୫୩ । ଉତ୍ତମ ଭୂମିଉଣ୍ଡା
ହାତ ଗୋଡ଼ ନାହିଁ ଧାଇଁଉଠା । —ନାଁ । ଢଗ

—ମାଣ ।

୫୪ । ଉତ୍ତରଦୁଆରୀ ହୁଅନ୍ତି ଭୋଗୀ
ଦକ୍ଷିଣଦୁଆରୀ ଜାଣିବ ଭୋଗୀ
ପୂର୍ବଦୁଆରୀ ମିଳିବ ଇଷ୍ଟ
ପଶ୍ଚିମଦୁଆରୀ ପାଆଇ କଷ୍ଟ । —ଛଟା

ଘରର ଦ୍ୱାର ଉତ୍ତର ଦିଗକୁ ରଖିଲେ ଗୃହସ୍ଥ ଭୋଗୀ ହୁଏ, ଦକ୍ଷିଣ ଦିଗକୁ ଦ୍ୱାର ରଖିବା ସୁବିଧା । ଗୃହସ୍ଥ ଉତ୍ତମ ଭୋଗ ଲାଭକରେ । ପୂର୍ବ ଦିଗକୁ ଯେ ଦ୍ୱାର ରଖେ ତାର ଇଷ୍ଟ ସିଦ୍ଧି ହୁଏ । ପଶ୍ଚିମଦ୍ୱାରୀକୁ ନାନା ଦୁଃଖକଷ୍ଟ ଭୋଗ କରିବାକୁ ହୁଏ ।

୫୫ । ଉପର ଉଙ୍ଗର ଚଢନ୍ତି ଘାଟି ବରକୋଳ ଦାନ୍ତକାଠି
ଆଗେ ଦେଲି ବନ୍ଧୁ ବୁଦ୍ଧି ଭରସା ପଛେ ଦେଲି
ଶଙ୍ଖକାଟି । —ଢଗ (କୋରାପୁଟ)

୫୬ । ଉତ୍ତରେ କଳା
ପୂର୍ବେ ନଳା
ଦକ୍ଷିଣେ ଜଳା
ପଶ୍ଚିମେ ଖଳା । —ଛଟା

—କଳା—ହାଣ୍ଡିଶାଳ; ଜଳା—ଜଳାକବାଟି; ଖଳା—ଖଳାବାଡ଼ି, ଯେଉଁଠି ଧାନ ଅମଳ ହୁଏ । ଉତ୍ତରରେ ହାଣ୍ଡିଶାଳ, ଦକ୍ଷିଣ ଦିଗକୁ ଝରକା ରଖିଲେ ଭଲ ।

୫୭ । ଉତ୍ତମ ଘରବା ସୁପିଙ୍ଖା କରବା
ଯାହା ମାଆ ରନ୍ଧକାଟଣେ ତା ଝିଅକୁ ବରବା ।
ସଖୀ ଗୋ ଭଲ ଏ ।  —ଢଗ

—କରବା—ଖମ୍ବଆଳୁପରି ଏକ ମୂଳ, ଲୋକେ ଶିଝାଇ ଖାଇଥାନ୍ତି ।

୫୮ । ଉତ୍ତର ଦିଗରୁ ବହେ ପବନ
ବାପ ବାହାଦିନ ପୁଅ ଜନମ
ପୁଅ ଯେଉଁ ଦିନ ଜନମ ହେଲା
ମାଆ ସେଇଦିନ ଘରେ ନଥିଲା ।  —ଦିଁ ଦିଆ

—ଅରଟ ।

୫୯ । ଉଦୁ ଉଦୁମା ବସେଇ ଦେବି
ହାଡ଼ ଗୋଡ ପଙ୍ଖା ଖସେଇ ଦେବି ।  (ଧମକାଣ)
—ଖେଳ ବଚନିକା

—ଉ ଉ ଖେଳର ସହାଧଗ- ବଚନିକା ।

୬୦ । ଉଦୟ ବେଳେ ଅସ୍ତ ନାହିଁ
କି ଅସ୍ତ ବେଳେ ଉଦୟ ନାହିଁ ।  —ଢଗ

—ସୂର୍ଯ୍ୟ ଉଇଁଲାବେଳେ ଅସ୍ତ ହୁଅନ୍ତି ନାହିଁ, ଅସ୍ତ ହେଲାବେଳେ ଉଦୟର ସମ୍ଭାବନା ନଥାଏ । ସେହିପ୍ରକାରେ ମଣିଷର ଉତ୍ଥାନ ପତନ । ଯେ ସମ୍ପଦରେ ଥାଏ, ସେ ସମ୍ପଦରୁ ସମ୍ପଦ କୋଳକୁ ଉଠି ଉଠି ଯାଏ, ଯେ ବିପନ୍ନ ହୁଏ, ସେ ଆଉ ଉଠିପାରେ ନାହିଁ । ସେଇଠିହିଁ ଲୀନ ହୁଏ ।

୬୧ । ଉଦାସ ପାଖରେ ଚତୁରୀ ଥାଏ
ପୁନଅଁ କେଉଁ ଦିନ ପରୁଚୁ ଥାଏ ?  —ଢଗ

—ଉଦ୍ଧାରୀ—ଉଦାସୀନ । ଚଲୁରୀ—ଜାଣିସିଆଣା, କିନ୍ତୁ ଜାଣେନାହିଁ ବୋଲି ସେ ଭାନ କରେ, ଅନ୍ୟ କିଛି ସମ୍ବାଦ ଯୋଗାଡ଼ କରିନେବ ଏଇ ଆଶାରେ ।

୭୨ । ଉଦାଲକ ଋଷିକୁ ଅଲକ୍ଷ୍ମୀ କନିଆଁ । —ଢଗ

—ଅଲକ୍ଷ୍ମୀ କନ୍ୟା ଲକ୍ଷ୍ମୀଙ୍କ ବଡ଼ ଭଉଣୀ । ତାଙ୍କ ପତି ଉଦ୍ଧାଲକ ଋଷି । ଋଷି ଖୁବ ଶାନ୍ତ ଶିଷ୍ଟ, କିନ୍ତୁ ତାଙ୍କ ପତ୍ନୀ ଅତି ଦୁଷ୍ଟା । ସେ ପତି ଆଜ୍ଞା ଲଙ୍ଘନ କରି ଅଶ୍ୱତ୍ଥ ବୃକ୍ଷ ମୂଳେ ବାସ କରେ, ଜୁଆ ଆଡ଼୍ଡ଼ାରେ ଓ ଆମିଷ ବର୍ଜିତ ସ୍ଥାନରେ ଭ୍ରମଣ କରେ । ଯେଉଁ ଭାର୍ଯ୍ୟା ଦୁଷ୍ଟା ତା ପ୍ରତି ଏହି ଢଗ ପ୍ରଯୁକ୍ତ ହୁଏ ।

୭୩ । ଉଦ୍ଧାଲକ ଋଷିଙ୍କ ଘରକୁ ଅଲକ୍ଷଣୀ
ଶିବଙ୍କ ଛାତି ଉପରେ କାଳୀ ଠାକୁରାଣୀ । —ଢଗ

— ଯାଜ୍ଞବଲ୍କ୍ୟଙ୍କ ଗୁରୁ ଉଦ୍ଧାଳକ ଅଲକ୍ଷ୍ମୀ ( ଲକ୍ଷ୍ମୀଙ୍କ ବଡ଼ ଭଉଣୀ )କୁ ଓ ଶିବ କାଳୀଙ୍କୁ ବିବାହ କରିଥିଲେ ବା ସ୍ତ୍ରୀ ରୂପେ ଗ୍ରହଣ କରିଥିଲେ । ଏହି କାହାଣୀଦ୍ୱୟ ପୁରାଣପ୍ରସିଦ୍ଧ । ପୁରୁଷ ଶକ୍ତିଶାଳୀ ହେଲେ ଯେ କୌଣସି ଉଦ୍ଧତା ନାରୀକୁ ସ୍ୱୀୟଭାବେ ଚଳାଇ ନେଇପାରେ । ସେଇ ସ୍ଥଳରେ ଏ ଢଗ ବ୍ୟବହୃତ ହୁଏ ।

୭୪ ଉଧାର ମାଣକ ଫେରା । —ଢଗ ।

—ଧମାନେଲେ ଧାନ କରଜ ଲଗାନ୍ତି, ଦେଲାବେଳେ ଖାତକକୁ ଯାହିତାହି ମାପି ଦିଅନ୍ତି । ଠିକ୍‌ଭାବେ ଗଉଣୀ ପୂରେ ନାହିଁ । କିନ୍ତୁ ନେଲାବେଳେ ସୁଧ ଛଡ଼ା ପୂରା ଗଉଣୀର ଧାନ ନିଅନ୍ତି । ନିତାନ୍ତ ଲୋଡ଼ାଥିବାରୁ ଖାତକ ଧାନ ନେଇଥାଏ । ସେ ମୁହଁ ଖୋଲି ସାହୁକାରକୁ କିଛି କହିପାରେନାହିଁ ।

୭୫ । ଉଧାର ମାଣକ ପାଞ୍ଚପା ଶୁଝ । —ଲୋକୋକ୍ତି ।

—ମାଣେ ଚାଉଳ ଉଧାର ଆଣିଲେ ପାଞ୍ଚପା ଶୁଝିବାର ରୀତି ପ୍ରଚଳିତ ଥିଲା ।

୬୬ । ଉଧାର ମିଳିଲେ ଖଣନ୍ତି ଦାଣ୍ଡ
ଶୁଝିଲେ ଶୁଝିବ ପୁଅର ନାତି । —ଢଗ ।

—ଅପବ୍ୟୟୀର ଏକ ମନ୍ଦ ପ୍ରକୃତି—ଯାହା ଉଧାର ମିଳେ, ସେ ଖଣିପକାଏ । କିନ୍ତୁ ଉଧାର ଆଣିଲେ ତାହା ଶୁଝିବାକୁ ହେବ ଏକଥା ତା ମୁଣ୍ଡରେ ପଶେ ନାହିଁ । ପୁଅ ନାତିଙ୍କ ମୁଣ୍ଡରେ କରଜ ଶୁଝିବାର ଭାର ଲଦି ଦେଇ ସେ ସଂସାରରୁ ବିଦାୟ ନିଏ ।

୬୭ । ଉଧାର ମାଗିଲି ସୁଜନ ସେରେ
ପଦରେ କମ୍ବଳ ବସ
କାଳ ସରିଗଲା ଜନ ମରିଗଲା
ତେବେ ନ ପୂରିଲା ଆଶ । —ଢଗ

—ପର ଘରୁ ଉଧାର ଆଣିବା କି ଅପମାନଜନକ ତାହା ଏହି ଢଗରେ ରୂପ ପାଇଛି । ଦରୁଆ ତା ବୁଝେ, ଯେତେ ଅସୁବିଧା ହେଉପଛକେ କେବେ ସାହୁକାର ଦୁଆରେ ଗୋଡ଼ ଭାଙ୍ଗି ଛିଡ଼ା ହୁଏ ନାହିଁ ।

୬୮ । ଉଧାରକୁ ବଦଳ । —ଢଗ

—ଉଧାର ପାଇବା ଆଶାରେ ପର ପାଖରେ ହାତ ପାତିଲେ ଅନେକ ସମୟରେ ଇଚ୍ଛା ହେଉ ନଥିବା ଜିନିଷକୁ ବଦଳ ଦେବାକୁ ପଡ଼ିଥାଏ ।

୬୯ । ଉନ୍ମତ୍ତ ବୃଷଭ ଗୁଡ଼େ ହେଣ୍ଟାଳ
ଉନ୍ମତ୍ତ କୁକୁର ମୁତଇ ମାଳ
ଉନ୍ମତ୍ତ ମୟୂର କରଇ ନାଟ
ଉନ୍ମତ୍ତ ମେଷ ଖୋଳଇ ବାଟ
ଉନ୍ମତ୍ତ ନାଗସି ଫୁଲାଏ ନାକ
ଉନ୍ମତ୍ତ ଗାଣ୍ଡି ଗୁଡ଼ଇ ଡାକ

ଜନ୍ମଗ୍ର ମର୍କଟୀ ହଲଏ ମୁଣ୍ଡ
ଜନ୍ମଗ୍ର ମାର୍ଜାର ଯେ ଲଣ୍ଡଭଣ୍ଡ
ଜନ୍ମଗ୍ର ହସ୍ତୀ ଗଣ୍ଡୁ ବହେ ବାର
ଜନ୍ମଗ୍ର ପୁରୁଷ ହୁଅଇ ଘାର
ଜନ୍ମଗ୍ର କୁକ୍କୁଟ ହଲଏ ପର
ଜନ୍ମଗ୍ର ଘୋଡ଼ାକୁ ଧରଇ ଜର
ଜନ୍ମଗ୍ର ଛାଗଲ ଯେ ବଂ ବଂ ବୋଲି
ଜନ୍ମଗ୍ର ବେଶ୍ୟା ଯେ ବଜାରବୁଲି
ଜନ୍ମଗ୍ର ଗଧୂଲ ଗଡ଼ଇ ଚଳେ
ଜନ୍ମଗ୍ର ଦନାଇ ପଶଇ ଜଳେ । —ଦନାଇ ବଚନ

—ହେଣ୍ଟାଳ—ବୋବାଳ । ଖୋଳଇ ବାଟ—ମେଣ୍ଢା ବୋଦା ଖୁରରେ ମାଟି ଖୋଳେ । ଜନ୍ମଗ୍ର ଦନାଇ—ଗାଧୋଇପଡିଲେ କାମ ଶାନ୍ତ ହୁଏ । ବାର—ହସ୍ତୀର ମଦ ଜଳ ।

୭୦ । ଉପକାରୀଙ୍କ ମୁହଁରେ ପାହାର । —ଲୋକୋକ୍ତି

—ଉପକାରୀର ପ୍ରତ୍ୟୁପକାର କରିବା ଉଚିତ, କିନ୍ତୁ ତାହା ହୁଏ ନାହିଁ । ଉପକୃତ ବ୍ୟକ୍ତି ତା ପ୍ରତି କୃତଘ୍ନତା ପ୍ରକାଶ କରିଥାଏ । ଏପରି ଘଟଣାକୁ ଉପଲକ୍ଷ୍ୟ କରି ବ୍ୟଙ୍ଗ ।

୭୧ । ଉ (ଓ) ପରେ ଉ (ଓ) ପରେ ଝଟାପଟା
କବାଟ କଣରେ ଛେନା ଚକଟା ଲଟାପଟା ।

—ଉପର ଲୋକଦେଖାଣକୁ ଝଟାପଟା କଲ, ଦୁହେଁ ଭିତରେ ଲୁଚି ଲୁଚି ମଉଜ ମାରନ୍ତି ।

୭୨ । ଉପର ବରଡ଼ା ହସୁଛି
ତଳ ବରଡ଼ା ଖସୁଛି
ମଝି ବରଡ଼ା ଥାଇଁ ବୋଇଲା
ମୋ ଦିନ କାଳ ଆସୁଛି । —ଢଗ

—ସଂସାରରେ ତିନି ଶ୍ରେଣୀର ଲୋକ ଅଛନ୍ତି—ବୃଦ୍ଧ, ଯୁବକ, ଶିଶୁ । ବୃଦ୍ଧ ଅଳ୍ପ ଦିନରେ ସଂସାର ଛାଡ଼େ । ଯୁବକ ତା ସ୍ଥାନ ଅଧିକାର କରେ । ଶିଶୁ ଭବିଷ୍ୟତ ସୁଖ କଳ୍ପନା କରେ । ଏ ଢଗଟିର ଅନ୍ୟରୂପ—

ତଳ ବରଡ଼ା ଖସୁଛି
ମଝି ବରଡ଼ା ହସୁଛି
ଉପର ବରଡ଼ା ଥାଇଁ ବୋଲୁଛି
ମୋ ଦିନ କାଳ ଆସୁଛି ।

୨୩ । ଉ (ଓ)ପରେ ଉ(ଓ) ପରେ ଲାଗିଛି କଳ
ଭିତରେ ଭିତରେ ( ହାପୁରି ହାପୁରି ) କବାଟ କଳ ।
—ଢଗ

—'ଭିତରେ ଭିତରେ ସଲସୁତର ଉପରେ ଉପରେ କଳ ।' ଭଳି ଏ ଢଗ । ଏହା ବ୍ୟଙ୍ଗାତ୍ମକ ।

୨୪ । ଉପରେ କେଡ଼େ ସୁନ୍ଦର
ଭିତର ପୋଡ଼ା ଅଙ୍ଗାର
ଜାଣି ମହାକାଳ ଫଳ । —ଢଗ

—ବାହାରେ ଚୁପଚକ୍‌ଚକିଆ ମଧୁର କଥା, ସହଜରେ ମନ ଆକର୍ଷଣ କରି ନେଇପାରେ । ଭିତରଟା କଦର୍ଯ୍ୟ, ନାନା କପଟତା ଛଳନାରେ ପୂର୍ଣ୍ଣ, ଅପରିଚ୍ଛନ୍ନ, ଅସୁନ୍ଦର ।

ମହାକାଳ ଫଳ—ଗାତ୍ର ଲାଲ, ସୁନ୍ଦର, ଭିତରଟା କଳା, କୁତ୍ସିତ ।

୨୫ । ଉପରକୁ ଦେଖିସି
ଗବ ପଗ ମାରିସି । —ଢାଁ ହୁଆ

—କୋଡ଼ ।

୭୬ । ଉପରେ ଉପରେ ପାଣି ଛୁଞ୍ଚୁଛି
ଭିତରେ ଭିତରେ ଶିଅ କାଟୁଛି । —ଉଗ

—ଉପରେ ପାଣି ଛୁଞ୍ଚି କଅଣ ଲାଭ ? ଶିଅ କାଟି ଦେଲେତ ସେ ମାଟିର ରସ ଟାଣି ନେଇ ପାରିବନାହିଁ । ଗଛଟି ମରିଯିବ । ସେହିପରି ଉପରେ ମିଠା କଥା କହି ପଛରେ ସର୍ବନାଶ ଘଟାଉଥିବା ବ୍ୟକ୍ତି ସଂସାରରେ ଯଥେଷ୍ଟ । 'ବିଷକୁମ୍ଭ' ସେମାନେ, କିନ୍ତୁ 'ପୟୋମୁଖ' ।

୭୭ । ଉପରେ ଛଡା ଭିତରେ ଜୋଡା । —ନାଁ ଦିଅ
(କୋରାପୁଟ)

—ସାରୁ ।

୭୮ । ଉପକାରୀଆ ବନ୍ଧୁ
/ ଆମ୍ଭ ଆଣି ନାହିଁ ଶିମ୍ବ ଆଣି ନାହିଁ
ଆଣିଅଛୁ କଷା କେନ୍ଦୁ ! —ଉଗ

—ବନ୍ଧୁର ଉପହାର ପ୍ରତି ବ୍ୟଙ୍ଗ । ଦିଆନିଆ ଉପରେ ବନ୍ଧୁ ସ୍ଥାନରେ ବନ୍ଧୁତା ପ୍ରତିଷ୍ଠିତ । ଦିଆରେ ଊଣା ହେଲେ ବା ଦ୍ରବ୍ୟ ପସନ୍ଦ ନ ହେଲେ ବନ୍ଧୁ ମନ ଊଣା କରିଥାଏ ।

୭୯ । ଉପଜୁଳ ଚାଷ
ଧୀର ବଣିଜ । —କୃଷି ଓ ଶିଳ୍ପ ସଂପର୍କୀୟ ପ୍ରବଚନ

—ଉପଜୁଳ—ତରତର । ଅନ୍ୟ ଏକ ପ୍ରବଚନ ମଧ୍ୟ ଏହିପରି— "ଚାଷ ତରତର ବଣିଜ ମଠ ।"

୮୦ । ଉପରୋଧ କଲି କୁକୁରକୁ
କୁକୁର ମୁତିଲା ଉପରକୁ । —ଭଗ

—ଉପରୋଧ—ଅନୁରୋଧ ବା ଆଶ୍ୱାସନା; ଛୋଟଲୋକଙ୍କୁ ମୁହଁ ଦେଲେ ବେଳ ପଡ଼ିଲେ ସେ ଉପରେ ଚଢ଼ିବସେ । ଅପାତ୍ରରେ ଆଶ୍ୱାସନା ବା ସ୍ନେହଶ୍ରଦ୍ଧାର ଫଳ ବିପରୀତ ହୁଏ ।

୮୧ । ଉପରୋଧିଆ ଶାଳୀ
ଉପ୍ରୋଧିଆ ଜଗୁଆଳୀ
ଉପରୋଧିଆର କାଳ
ଉପରୋଧିଆର ଗାଳ
ଉପରୋଧିଆ ଦେଲେ ପରକୁ ଥାଳୀ
ବୋଲେ ଦନାଇ ଏ ତୁଅନ୍ତୁ ଭଲ । —ଦନାଇ ବଚନ

ଉପରୋଧ—ଅନୁରୋଧ; କାଳ—ଉଧାର ଦେବା; ଶାଳୀ ଉପରୋଧ ରକ୍ଷା କରିବାକୁ ଯାଇ ଚରିତ୍ର ହରାଏ । ଜଗୁଆଳୀ ପକ୍ଷରେ ଉପରୋଧରକ୍ଷା ଏକ ଦୁର୍ବଳତା । ଉପରୋଧିଆ ପ୍ରକୃତିର ଲୋକ କାହାକୁ ବାକି ଦେଇଲେ ଆଦାୟ କରିପାରେନାହିଁ, ତାର ଗାଳ ମଧ୍ୟ କାହାକୁ କାଟେ ନାହିଁ । ଓଷବ୍ରତ, ପୁଣ୍ୟପର୍ବରେ ପରକୁ ଖାଦ୍ୟପୂର୍ଣ୍ଣ ଥାଳୀ ଦେଲେ ସେ ତାକୁ ଶୁଝି ନପାରେ । ମୋହମୂଲଜା ଯୋଗୁଁ ଏମାନଙ୍କୁ ପସ୍ତାଇ-ବାକୁ ପଡ଼େ ।

୮୨ । ଉପରୁ ପଡ଼ିଲା ପିଲଟେ
ତା ଗିଜଠା ଫୁଲଟେ ।; —ଧାଁ ଢଆ
—ମହୁଲ । ଗିଜ—ଗାଣ୍ଡି ।

୮୩ । ଉପରେ ଚହା ତଳେ ପଠା
ମଝିରେ ବସିଛୁ ରଜାର ବେଟା । —ଧାଁ ଢଆ
—ଜଭ ।

୮୪ । ଉପରୁ ପଡ଼ିଲା ପାନ
ତଳେ ପଣ୍ଡବାନ୍ତୁ ବାଇଶିଟି କାନ । —ଧାଁ ଢଆ
— ରାବଣ ଓ ସାରଥି ।

୮୫ । ଉପରେ ଫାଶି ତଳେ ବୁକୁ
ଧିପା ଦେଇଥା ଜଳାମୁହଁକୁ । —ଧାଁ ଢଆ
—ଦନ୍ତ ଖୁଆ ।

୮୬ । ଉପରେ ଚଷ ପଟ ପଟ
ଭିତରେ ପାପ ଭଟଭଟ । —ଛଟା

—କପଟାଚାରୀ ବ୍ୟକ୍ତି, ବଗଢ଼ ବୈଷ୍ଣବ, ବକଧାର୍ମିକ ।

୮୭ । ଉପବାସଠାରୁ ବିପତ୍ତି ନାହିଁ
ଘୋଡ଼ାଚଢ଼ାଠାରୁ ସପତ୍ତି ନାହିଁ । —ଢଗ

—ଅଭାବରୁ ଉପାସେ ରହିବା ସବୁଠାରୁ ବଡ଼ ଦୁଃଖ । ଆଗେ ଘୋଡ଼ାରେ ଚଢ଼ି ଯିବା ଆସିବାକୁ ବଡ଼ ସୌଭାଗ୍ୟ ମନେ କରା ହେଉଥିଲା । ଏବେ ସେ ସ୍ଥାନ ମଟରଗାଡ଼ି ପୂରଣ କରୁଛି ।

୮୮ । ଉପର ପଡ଼
କଖାରୁ ବଡ଼ । —ଛଟା

—ଯେ ଉପରେ ପଡ଼ି କଥା କହେ ତା ପ୍ରତି ବ୍ୟଙ୍ଗ । କଖାରୁ ବଡ଼—ପାଣି କଖାରୁ ଓ ବର ଯୋଗେ ଏହି ବଡ଼ ହୁଏ ।

୮୯ । ଉପର ଶାଳରେ ପାଣି ବୋହୁଥିବ
ବୋଝ ବୋହୁଥିବ କପା ।
ତେଲ ଲଗାଇବ ଖାବା ଡାବା
ମାଡ଼ି ବସିଥିବ ଚକା । —ଢଗ

—ଫସଲକୁ ଶେଣାରେ ପାଣି ବୋହିବା ଲାଗି ବେଳେ ବେଳେ ଅନେକଗୁଡ଼ିଏ ଶାଳ କରିବାକୁ ହୁଏ । ସବାତଳ ଶାଳରେ ପାଣି ବୋହିବା କଷ୍ଟକର । ଖାଲରୁ ପାଣି ଉଠାଇବାକୁ ପଡ଼େ । ଉପରେ ଶାଳରେ ପାଣି ବୋହିବା ସୁବିଧାଜନକ । ବେଶୀ ନଇଁବାକୁ ପଡ଼େ ନାହିଁ ।

ଖାବାଡାବା—ଘଷି ବା ବୋଳି ନ ହେବା, ଯାହିତାହି ତେଲ ଲଗାଇବା ।

ଚକା ପକାଇ ବସିବା—ଅଧିକ ଜାଗା ମାଡ଼ି ବସିବା ।

୯୦ ।　ଉପରେ ସାଙ୍ଗରୁ ଆସିଲା ଘୋଡ଼
ସେଇ ଘୋଡ଼ର ଗୋଟାଏ ଗୋଡ଼ ।　—ନାଁ ଦିଆ

—ଛତା ।

୯୧ ।　ଉପର ସାଙ୍ଗରୁ ଆସିଲା ଲଟି
ସବୁଙ୍କୁ ନେଲା ମାରପିଟି ।　—ନାଁ ଦିଆ (କୋରାପୁଟ)

—ନିଦ ।

୯୨ ।　ଉପରେ ଛତା ତଳେ ସୂତା ।　—ନାଁ ଦିଆ

— ସାରୁଗଛ ।

୯୩ ।　ଉଞ୍ଚ ମୁଠି
ଆଡ଼ ଦି ମୁଠି
କଆରି ମଝିରେ
ପୋତିବୁ କାଠି
ବିଲରେ ରଖିବୁ ପାଣି ସମାନ
ପର୍ବତ ଶିଖରେ ବୁଣିବୁ ଧାନ
ତେବେ କାଟିବୁରେ ଡାକର କାନ ।　— ଡାକ ବଚନ

—ଏହା କୃଷି ସମ୍ପର୍କୀୟ ଡାକ ବଚନ । କଆରୀରେ ଉଚ୍ଚ ଓ ଚଉଡ଼ା କରି ହିଡ଼ ବାନ୍ଧିବ ଓ ଗର୍ଭିଣୀ ସମ୍ବନ୍ଧୀୟ ଦିନ ଏକହାତ ଦି ହାତ ଛଡ଼ାରେ କାଠି ପୋତିବ । ବିଲ ମଝିରେ କାଠି ପୋତିବା ଅର୍ଥ ଥୋଡ଼ର ଘର ସମ୍ଭାଳିବା । ବିଲର ମାଟି ସମାନ ଥିଲେ ସବୁଆଡ଼େ ସମାନ ଭାବରେ ପାଣି ରହେ । ତାହେଲେ ଧାନ ଭଲ ହୁଏ ।

୯୪ ।　ଉଞ୍ଚ ଚାଳ
ପୋତା ଶାଳ
ରୁଅ ହେନ୍ତାଳ
ଗଣ୍ଡି ବେତାଳ
ଧରଣୀ ଟେତାଳ

ଚେଳବ ନେସ ଘର ରହେ
ଅପାର କାଳ ।  —ଡାକ

—ଶୂଳ ଘରେ ଏହି ସବୁ ଉପାଦାନ ବ୍ୟବହୃତ ହେଲେ ଘର ଟାଣ ରହେ । ଚାଳ ପୋତା ସନ୍ଧେ ବାନ୍ଧ । ବାଉ ମାଟି ଖାଇଯାଏ । ଏହା ଶ୍ରେଣୀ ରୂପେ ବ୍ୟବହୃତ ହେବା ଭଲ । ଶାଳକାଠକୁ ମାଟି ଖାଇ ପାରେ ନାହିଁ, ଶାଳଖମ୍ବ ବସିଲେ ଘରର ଭାରରେ ଲଚି ଯାଏନାହିଁ । ହେନ୍ତାଳର ରୁଅ ଓ ବେତଗଣ୍ଠି ବ୍ୟବହୃତ ହେଲେ ଘର ଟାଣ ରହେ । କିନ୍ତୁ ଏ ସବୁ ଥାଇ ଘରଣୀ ଚେତୁଆ ନ ହେଲେ ବୃଥା ।

୯୫ ।  ଉଚ୍ଚ ସରୁ ମୋଟା ଅଣ୍ଟା
ନଳ ଗୋଡ଼ରେ ରୋମ କଣ୍ଟା କଣ୍ଟା
ଉଚ୍ଚକପାଳୀ କଇଁଆ ଆଖି
କନ୍ୟା ନ କର ଏ ସବୁ ଦେଖି ।  —ଛଟା

—ଏସବୁ ଅଲକ୍ଷଣୀର ଦୁର୍ଲକ୍ଷଣ । କଇଁଆ—କର୍ଦ୍ଦମ !

୯୬ ।  ଉଲୁଗ ଘର
ମୁକୁଳା ଚାଳ
ଏହା ନ ରଖିବ
ବହୁତ କାଳ ।  —ଡାକ

—ଘରର ଶୂଳ ଓଳଗିବା ସଙ୍ଗେ ସଙ୍ଗେ ଛପର ନ କଲେ ବର୍ଷା ହୋଇ କାନ୍ଥ ନଷ୍ଟ ହୋଇ ଯାଇପାରେ । କେଶ ଦୀର୍ଘକାଳ ମୁକୁଳା ରଖିବା ଝିଅ ଯୁବତୀ ପକ୍ଷରେ ମର୍ଯ୍ୟାଦା-ହାନିକାରକ । ସେ ଓଢ଼ଣା ଦେଇ ପାରେନାହିଁ । ହୁଏତ ତା ଉପରେ କୁଦୃଷ୍ଟି ପଡ଼ିଯାଇ ପାରେ ।

୯୭ ।  ଉଳାଉଥିଲ ଖଳାମାଳ
ହଜାଇ ଦେଲ ଶଳାମାଳ

ଓନାମାନ କେ ଦଅନ୍ତା
ଲକ୍ଷେ ଟଙ୍କା ଯେ ନଅନ୍ତା । —ନାଁ ଦଅ

--ମନ୍ଦ ମଣିଷ ।

୯୮ । ଉଲଗଲ ଘର
ମଙ୍ଗୁଳିଲ ବର
ସ୍ତ୍ରୀଙ୍କୁ ନ ରଖିବ ବହୁତ କାଳ । —ଛଗ

—ମଙ୍ଗୁଳିଲ ବର ବା କନ୍ୟାକୁ ବିଭା ନ କରି ରଖିବା କ୍ଷତିକାରକ । ଲୋକବିଶ୍ୱାସ—କୌଣସି କନ୍ୟାକୁ ବର ଠିକ ନ ହୋଇ ବାହୁଡ଼ିଗଲେ, ସେଇ ବରପୂର୍ବା କନ୍ୟାକୁ କେହି ବିଭା ହେଉ ନଥିଲେ ।

୯୯ । ଉଲିଆ ଗାଈ
ବତିଂଶ ଖାଇ । —ଛଗ

—ଉଲିଆ ଗାଈ ମାଲିକକୁ ନାନା ବିପଦରେ ପକାଏ । ଯାହାର ଫସଲ ଖାଏ, ସେ ଦୁଆରକୁ ଆସି ଅପମାନ ଦିଏ । ଗାଈ କାଞ୍ଜିଆ ଘରେ ପଡ଼ିଲେ ଟଙ୍କା ଦେଇ ମୁକୁଳାଇବାକୁ ପଡ଼େ ।

୧୦୦ । ଉଷନା ଚୁଳିଲ ମଣ୍ଡା
ଗାଳି ନ ଦିଅନ୍ତି ମାଡ଼ ନ ମାରନ୍ତି (ଦିଅନ୍ତି)
ବଚନେ (କଥାରେ) କରନ୍ତି ଗୁଣ୍ଡା —ଛଟା

—ବୋହୂର ଉକ୍ତି । ଶାଶୁଘରେ ସେ ଗାଳି ବା ମାଡ଼ ଖାଇ ନାହିଁ, କିନ୍ତୁ ଶାଶୁ ବା ଶାଶୁଘରର ଲୋକମାନେ ଏପରି କଥା କହନ୍ତି ଯେ ସେଥିରେ ମର୍ମ ଗୁଣ୍ଡା ହୋଇଯାଏ ।

୧୦୧ । ଉଷୁନା ଧାନ,
ଘଣ୍ଟି ମାଇପର ପାତ ଭିଅଣ (ଅଣ୍ଟିରେ ଧନ) । —ଛଟା

—ବିଧବାର ବିଳାସବ୍ୟସନ ପ୍ରତି ବ୍ୟଙ୍ଗ ।

୧୦୨ । ଉଷୁନା ଧାନ କି ହୋଇବ ଗଜା ?
ପଖାଳ ଭାତକୁ କଦଳୀ ଭଜା
ଏବେ ମାରୁଥିଲ ଢେଣ୍ଡାରେ
ସୁନାଗୋଷା ମୁଖେ ଦକ୍ଷିଣୀ ନୋଥ
ଝିଙ୍କ ଲଗା ପେଣ୍ଡା ପେଣ୍ଡାରେ । —ଛଟା

—ଅର୍ଥର ସଂଲଗ୍ନତାର ଅଭାବ ।

୧୦୩ । ଉଷୁନା ଧାନର ଚଷୁ
ଝିଅଟି ଘି-ଆ-ଛ
ଡାଳପୋହଳା ଲୋ
ଗାଳଦେବ ଆସି ଶାଶୁ । —ଛଟା

ଡାଳପୋହଳା—ଏକ ·ପ୍ରକାର ଲାଲ ଧାନ; ଏହାର ଚାଉଳ ଅଲ୍ପ ହଳଦିଆ ଓ ସୁନ୍ଦର ଭାତ ହୁଏ ।

୧୦୪ । ଉଷୁମ ଚଣା ଆଉ ଥଣ୍ଡା ପାଣି
ଉଷୁମ ଭଜା ଆଉ ଥଣ୍ଡା ବାଣୀ
ସୁଖକର ବୋଲି ଦନା ବଖାଣି । —ଦନାଇ ବଚନ

୧୦୫ । ଉଷ୍ଟ୍ର କଣ୍ଟକ ଭୋଜନ ନ୍ୟାୟ । —ନ୍ୟାୟ

—ଶମୀ ବୃକ୍ଷ କଣ୍ଟାଭରା,ଓଟ ନିଜକୁ ବକ୍ଷତକରି ଏହାର ସ୍ୱାଦୁପତ୍ର ଖାଏ । ସେହିପରି ମଣିଷ ଆପାତ ସୁଖଲାଭ ଲାଗି ବହୁ ଦୁଃଖକଷ୍ଟ ସହେ ।

୧୦୬ । ଉଷୁନା ଧାନ ଗଜାହେବା ନ୍ୟାୟ । - ନ୍ୟାୟ

—କୌଣସି ଅସମ୍ଭବ କଥା ସତ ହେଲେ ଏହି ନ୍ୟାୟର ପ୍ରୟୋଗ ହୁଏ ।

୧୦୭ । ଉହୁଁ କରଟି ପିଠଉ ବାଟି
ରଙ୍ଗ ଦଉଡ଼ିଆ ଗୁଡି
ଭରତ ମାଇଲେ ଯୋଡ଼ା ବାଟୁଲି
ପଡ଼ିଗଲା ହନୁମନ୍ତ । —ନାଁ ଦିଆ

# ଏ

୧ । ଏଇ ଟୋକାଟା କଏ ରେ ।
ମୋ ନଡ଼ିଆ ପୁଞ୍ଜା (ପୁଞ୍ଜି)କ ନେ'ରେ
ନଡ଼ିଆପୁଞ୍ଜାକ ସରିଗଲା
ଏ ଟୋକାଟି ମରିଗଲା । —ଛଟା

—ପିଲାଙ୍କୁ ଚିଡ଼େଇବା ପଦ ।

୨ । ଏଇ କଥାକୁ, ନାଥା (ନାହା) ପେଲଦେଲ କଲଙ୍କଡାକୁ
—ଛଟା

—ଘଟଣା ବା ଉପଲକ୍ଷ୍ୟକୁ ଶ୍ରୋତା ପସନ୍ଦ କରି ନ ପାରି ହସି ଉଡ଼ାଇ ଦେଇଛି ।

୩ । ଏଇ କଥା
ଏଇଥି ପାଇଁକି ମଥା ବଥା ? — ଛଟା

—ବ୍ୟଙ୍ଗ । ଯାହାର ଧୈର୍ଯ୍ୟର ଅଭାବ, ସେ ଉତ୍ତୁଆ, ଅଳ୍ପିକିଆ ଲୋକ, ଅତି ସାମାନ୍ୟ ଘଟଣାରେ ତା ମୁଣ୍ଡ ବଥାଏ ।

୪ । ଏଇ କଥାକି କଥାରେ ଲେଖା ?
ଆଉ କଥା ଥିଲେ ଦାଣ୍ଡରେ ପକା (ଦେଖା) ! — ଛଟା

—ଅତି ଶ୍ରେଷ୍ଠ ଶ୍ରେଷ୍ଠ କଥା କାଢ଼ି ଲୋକଙ୍କୁ ନିନ୍ଦିତ କରିବାର ଚେଷ୍ଟାକରେ ନିନ୍ଦା କରି ମୁହଁ ବନ୍ଦ କରି ଦେବାଲାଗି ଛଟା ।

୫ । ଏଇ ପଦକ ଶୁଣୁଥିବ
ସୁନ୍ଦର ବଦନ ଚାହୁଁଥିବ
ଲୁଣ ଘିଅ ଭାତ ଖାଉଥିବ । —ଛଟା

—କର୍ମକୁ ସମସ୍ତେ ଭଲ ପା'ନ୍ତି । କଥା ବା ରୂପରେ ବଶୀଭୂତ ହୋଇ କେତେକାଳ ଲୋକ ରହିପାରିବ ? 'ଦେଖା ସୁନ୍ଦର କଖାରୁ ବଡ଼' ଓ କଥା ଚାତୁରୀରେ ମନ ହରଣ କରିବାକୁ ଚେଷ୍ଟା କରୁଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୬ । ଏଇ ପିଲାଟା କାହାର ବେଟା ? —ଛଟା

—ବ୍ୟଙ୍ଗ ।

୭ । ଏଇ (ଏହି) ଟୋକାଟି ଝୁଲକ ଝାଇଁ
ଆସୁଥିଲା ପାନ ଖିଲକ ପାଇଁ
ମୁଢ ହଜା(ଜେ)ଇଲା କାଦୁଅ ଠେଇଁ
ଖୋଜ ଖୋଜ ଏବେ ପାଇଲା ନାହିଁ । —ଛଟା

—ପୋଲଫାଙ୍କିଆ, ସଂସାରର ଦାୟିତ୍ୱ ବୁଝୁ ନଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୮ । ଏଇଠେଇଁ ଯେବେ ପାଇଲ କଳା
ଆଉ କଆଁ ଯିବ ସାରଙ୍ଗ ଯୋଡ଼ ? —ଛଟା

—ନିକଟରେ ଉଦ୍ଦେଶ୍ୟ ସିଦ୍ଧ ହେଲେ ଦୂରକୁ ଯିବାର ପ୍ରୟୋଜନ ନାହିଁ ।

୯ । ଏଇ ପେଟ
ଏଇ ପେଟ ଲାଗି ଲାଗିଛି ନାଟ
ଏଇ ପେଟ ଲାଗି ଛଟପଟ
ଏଇ ପେଟ ଲାଗି ବଙ୍ଗଳା ବାଟ
ଏଇ ପେଟ ଲାଗି ଢିଙ୍କିକୁଟ; ନଟକୁଟ, ମୁଣ୍ଡକାଟ ।
—ଛଟା

—ବଙ୍ଗଳାବାଟ—ଓଡ଼ିଶାର ବହୁ ଲୋକ ବିଭିନ୍ନ ଧନ୍ଦା ବା କର୍ମ ଅନ୍ୱେଷଣରେ ଶିଳ୍ପ ସମୃଦ୍ଧ ବଙ୍ଗଳାକୁ ବିଶେଷତଃ କଲିକତାକୁ ଯାଉଥିଲେ । ନଅଙ୍କ ଦୁର୍ଭିକ୍ଷ ରୁ (୧୮୬୬) ଏହି ସଂଖ୍ୟା ବଢିଥିଲା ।

ଢିଙ୍କିକୁଟ—ବହୁ ସ୍ତ୍ରୀ ଲୋକ ଢିଙ୍କିରେ ଅନ୍ୟ ଲୋକର ଧାନ କୁଟି ପେଟ ପୋଷୁଥିଲେ । ସେମାନଙ୍କୁ କୁଟଣୀ ବା କୁଟୁଣୀ କୁହାଯାଉଥିଲା ।

ନଟକୁଟ, ମୁଣ୍ଡକାଟ—ପେଟ ପୋଷିବା ଲାଗି କେହି କେହି ଡକେଇତବୃତ୍ତି ଅବଲମ୍ବନ କରନ୍ତି । ଯେତେ ଫନ୍ଦଫିକର ସବୁ ଏଇ ପେଟ ଲାଗି ଲାଗିଛି ।

୧୦ । ଏଇ ବି ଗୁଜର ଯାଏଗା । —ହିନ୍ଦୀ ପ୍ରବଚନ

—ଏକା ଅବସ୍ଥା ସର୍ବକାଳ ରହିବ ନାହିଁ । ଭାଗ୍ୟର ପରିବର୍ତ୍ତନ ଅବଶ୍ୟ ଘଟିବ । ଏ ବିଶ୍ୱାସ ରଖିଲେ ଉପସ୍ଥିତ ବିପଦ ବାଧେ ନାହିଁ ।

୧୧ । ଏଇ ମନ ଯେବେ ପ୍ରସନ୍ନ ହୁଅଇ
ଦିଅଇ ଅଭୟ ବର
ଏଇ ମନ ଯେବେ ବିମୁଖ ହୁଅଇ
କରଇ ନାରଖାର । —ଢଗ

—ମଣିଷ ମଣିଷର ଅଶେଷ ଉପକାର କରେ, ବିଶେଷ କ୍ଷତି ମଧ୍ୟ ଘଟାଇଥାଏ । ବନ୍ଧୁ ହେଲେ ଉପକାର, ଶତ୍ରୁ ହେଲେ ଅପକାର ହୁଏ ।

୧୨ । ଏଇ କଥାକୁ ଡର ନାହିଁ
ଗୃକୁଣ୍ଡା ଶାଗକୁ ମେଥି ପରଜା
କହୁଣିଖିଆକୁ ଡର ନାହିଁ । – ଢଗ

—ମେଥି ପରଜା—ମେଥି ଛୁଙ୍କ ହୋଇଥିବା । ଅକାଳ ପଡ଼ିଲେ ଲୋକେ ଗୃକୁଣ୍ଡା ଶାଗ ଖାଇଥାନ୍ତି । ଏଇ ତୁଚ୍ଛ ଶାଗକୁ କେହି ଛୁଙ୍କ କରେନାହିଁ । ମାଡ଼ ଖାଇ ଖାଇ ଯାର ଅଭ୍ୟାସରେ ପଡ଼ିଛି ସେ ମାଡ଼କୁ ଡରେନାହିଁ ।

୧୩ । ଏଇ ମଳ ଦେହକୁ ବଳ
ଏଇ ମଳ ଦେହକୁ କାଳ । —ଛଟା

—କୁଷ୍ଠି ଶୁଦ୍ଧି ନହେଲେ ବା ହଇଜା ହେଲେ ମଣିଷ ମରଣ ମୁହଁରେ ପଡ଼େ । କୁଷ୍ଠି ଶୁଦ୍ଧି ହେଲେ ମଳ ଦେହକୁ ବଳ ଯୋଗାଏ ।

୧୪ । ଏଇ ଲୋ ବାପ
ଘରେ ପଶିଗଲା ଢେବଣା ସାପ । —ଛଟା

—ଢେବଣା—ଢେମଣା, ବ୍ୟଙ୍ଗାତ୍ମକ । କାହାଘରେ କଚ୍ଛୁ ବିପଦ ଘଟିଲେ ବା ଜଟିଳ ପରିସ୍ଥିତି ଉପୁଜିଲେ ଶତ୍ରୁପକ୍ଷ ଏଇ ଉଗ ବୋଲିଥାନ୍ତି ।

୧୫ । ଏଇଠି ଅଛୁ, ଏଇଠି ନାହିଁ । —ନାଁ ଢଗ

—ଖବର ଓ ଗୁଜବ, ପବନ ।

୧୬ । ଏଇଠି ଅଛୁ
ଗାଁ ଗୁରପାଖ ବୁଲି ଆସିଛୁ । —ନାଁ ଢଗ

—ଆଖି ।

୧୭ । ଏଇଠି ଅଛୁ, ଏଇଠି ନାହିଁ
ଶହେ ଟଙ୍କା ଦେଲେ ମିଳିବ କାହିଁ ? —ନାଁ ଢଗ

—ବିଜୁଳି ।

୧୮ । ଏଇ ମାମୁଁ ଏଇ ମାଇଁ
ଏଇ ଉହର ଘର
ଏଇ ମାଇଁ ଭାତ ପରଷେ
ଝିଅ ସର ସର
ଏଇ ମାମୁଁ ଏଇ ମାଇଁ
ଏଇ ଉହର ଘର

ଏଇ ମାଇଁ ଘର ପରସେ
ପିହାଣ ଖଡ଼ଖଡ଼ । —ଛଗ

—ଯେଉଁ ସ୍ଥାନରେ ସ୍ନେହଶ୍ରଦ୍ଧା, ଆଦରଅଭ୍ୟର୍ଥନା ଓ ଉତ୍ତମ ଭୋଜନ ମିଳୁଥିଲା, ସେ ସ୍ଥାନରେ ଏବେ ତାହା ଦୁର୍ଲଭ । ବଧିରତା ମାତ୍ର ହେଉଛି ।

୧୯ । ଏଇ ଘର ଭୂମ ଢେଙ୍ଗା ଉଆସ
ଚଲ ପଶି ବଲ ଯାଉଛି
ଏଇ ଘର ଭୂମ ସୁଆଗୀ ମାଇପ
ଲୁଣ ନାହିଁ ପେଜ ପିଉଛି । —ଛଟା

—ନିଜର ସମୃଦ୍ଧି ବିଷୟରେ ବଡ଼ ବଡ଼ କଥା କହୁଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ । ଅଛପରି ଘର, ଘରେ ଚଲ ପଶି ପଦାକୁ ଘର କଣା ବାଟେ ଉଡ଼ି ଯାଉଛି । ଚୋରଣୀକୁ ଲୁଣ ନାହିଁ । ନିଜର ଦୁର୍ଭାଗ୍ୟ ଓ ଦୁରବସ୍ଥାକୁ ଲୁଚାଇ ବାହାପିଆମି ଦେଖାଇବା ଏକ ବିଡ଼ମ୍ବନା ।

୨୦ । ଏଇ ବାଟେ ଯାଉ
କଥା ତୁ ନ କହୁ
କଥା କି ମଣିଷ ଖାଇବ ?
ରଙ୍ଗ ଟହ ଟହ
ଶିମିଳି ଫୁଲ
ସେ କି ସବୁଦିନେ ରହିବ ? —ଛଗ

—ମାନଅଭିମାନ, କଳହ ଅସ୍ଥାୟୀ ହେବା ଉଚିତ, ଯେପରି ଶିମିଳି ଫୁଲର ରକ୍ତିମା ଅସ୍ଥାୟୀ ।

୨୧ । ଏଇ ବାଟେ ଗଲ
କଥା ନ କହିଲ
ଦହିଲ ମୋ ପଞ୍ଚ ମନ

ସବୁ ସଢ଼ିଯିବ
କଥାତ ରହିବ
କେତେ ଦିନର ଜୀବନ ! —ଢଗ

—ଜୀବନ ଅସ୍ଥିର, କ୍ଷଣସ୍ଥାୟୀ । ଅଯଥା କଳିରେ ସେ ସମସ୍ତ ନଷ୍ଟ କରିବା ବୋକାମି ।

୨୨ । ଏଇ ଚଣ୍ଡାକୁଣୀ ଯେବେ
ଟେକି ଦେବ ଅନ୍ନ
କାଳିଆ ସାଆନ୍ତ ତେବେ
କରିବେ ଭୋଜନ । —କବି ବଚନ

—ଲକ୍ଷ୍ମୀପୁରାଣର ଗୋଟିଏ ପଦ । ଏଠି ଚଣ୍ଡାକୁଣୀ ଘରଣୀ, କାଳିଆ ସାଆନ୍ତ ସାଧାରଣ ଗୃହସ୍ଥର ପ୍ରତୀକ ରୂପେ ବ୍ୟବହୃତ । ଘରଣୀ ହାତରନ୍ଧା, ପରିବେଷଣ ଓ ସ୍ନେହାତ୍ମକ ଭାବର ମାଧୁରୀ ଗୃହସ୍ଥର ଏକାନ୍ତ ଉପଭୋଗ୍ୟ ।

୨୩ । ଏକଆଖିଆ କଣା
ତାର ନାହିଁ ବୁଝାମଣା । —ଛଟା

କଣା ଗୋଟିଏ ପାଖ ଦେଖେ, ଅନ୍ୟ ପାଖ ଦେଖି ପାରେନାହିଁ । ସେହିପରି ଜଣ ଜଣଙ୍କର ଏକଦେଶଦର୍ଶୀ ଚରିତ୍ର ।

୨୪ । ଏକା କାଳିଆ ବାରଟଙ୍କା,
ବାର କାଳିଆ ବାରଟଙ୍କା । —ଢଗ

—ଗୋଟିଏ ଯୋଗ୍ୟ ପୁତ୍ର କୁଳକୁ କାରେଣି । ବହୁ ଅଯୋଗ୍ୟ ପୁତ୍ର ଥାଇ ନଥିଲା ପରି ।

୨୫ । ଏକାଦଶୀ ନିସ୍ତାର
ଉତରେ ଉତରେ ଚୂଡ଼ା (ଚକଟା) ମାର । —ଛଟା

—ଏକାଦଶୀ ବିଶେଷତଃ ବଡ଼ ଏକାଦଶୀ ଦିବସମାନଙ୍କରେ ନିରାହାର ରହିବା କଥା । କିନ୍ତୁ ସେଦିନ ଓଷେଇଣ୍ଟାମାନେ ଚୂଡ଼ାଦହି ଚକଟି ପେଟେ ପେଟେ ଖାନ୍ତି । ସେଥିପ୍ରତି ବ୍ୟଙ୍ଗୋକ୍ତି ।

୨୬ । ଏକା ଗଛର ଧାନ
କେହି କାହାକୁ ନୁହନ୍ତି ଆନ । —ଛିଟା

—ଏକା ଗଛର ଫଳ । ଗୋଟିକଠାରୁ ଅନ୍ୟଟି ଭିନ୍ନ ହେବା ସମ୍ଭବ ନୁହେଁ । ଯେପରି ପିତାର, ସେପରି ପୁତ୍ର ବା କନ୍ୟାର ବ୍ୟବହାର ଦେଖିଲେ ଏହି ଢଗର ପ୍ରୟୋଗ ହୁଏ ।

୨୭ । ଏ କି କଥା ? ଏକଇ କଥା । —ଛିଟା

—ପରିହାସ, ଗୋଟିଏ କଥାକୁ ଏପଟ ସେପଟ କରି କହିଲେ ହାସ୍ୟସୃଷ୍ଟି ହୁଏ ।

୨୮ । ଏ କୂଳରୁ ଯାଇ ସେ କୂଳରେ ପଶ୍
ଏ ଗୋତ (ଗୋତ୍ର)ରୁ ଯାଇ ସେ ଗୋତ
(ଗୋତ୍ର)ରେ ବସ୍ । —ଛିଟା

—କନ୍ୟା ବିବାହିତା ହୋଇ ଏକ ବଂଶରୁ ଯାଇ ଅନ୍ୟ ବଂଶ ଭୁକ୍ତ ହେବା ସମ୍ବନ୍ଧରେ ବିଦ୍ରୂପୋକ୍ତି ।

୨୯ । ଏକୁଟିଆ ବାହାଗ
ମୁଣ୍ଡି ମୁଣ୍ଡ ସାହାଡ଼ା (ବ) । —ଛିଟା

—ଜଣେ କିଛି ଦୁଷ୍ଟାମି କଲେ ବା ସ୍ୱାର୍ଥପରତା ଦେଖାଇଲେ କିମ୍ବା ନିତାନ୍ତ ଅସାମାଜିକ ହେଲେ ଅନ୍ୟ ପିଲାମାନେ ତାକୁ 'ଏକୁଟିଆ ବାହାଗ' କରନ୍ତି ଓ ଏହି କଥା କହି ଚିଡ଼ାନ୍ତି । ତା ସଙ୍ଗେ କେହି ମିଶନ୍ତି ନାହିଁ କିମ୍ବା କଥାଭାଷା କରନ୍ତିନାହିଁ, ଗାଆଁରେ ଯେପରି ଗୋଟିଏ ଘରକୁ 'ଏକଘରିଆ' କରାଯାଏ, ସେହିପରି ଜଣେ ପିଲାକୁ ଏକୁଟିଆ ବାହାଗ କରାଯାଏ ।

୩୦ । ଏକ ଗଣ୍ଡ, ଦୁଇ ଗଣ୍ଡ, ତିନ ଗଣ୍ଡ, ଦାଣ୍ଡ ଦାଣ୍ଡ । —ଛଟା

—ଯେଉଁ ପରିବାରରେ ଏକାଧିକ ବିଧବା ବାସ କରନ୍ତି, ସେ ପରିବାରରେ ବହୁତ କଳି ଲାଗେ । ଏ ଅନୁଭବ କଥା । ଏ କଳି ସ୍ୱର ପଦାକୁ ଶୁଭିଲେ ସେଥିପ୍ରତି ବିଦ୍ରୂପ କରାହୁଏ ।

୩୧ । ଏକେଇ ବାଇ
ତହିଁ ପାଗଳର୍ ଗଞ୍ଜେଇ ଖାଇ । —ଛଟା

—ଜ୍ୱର ବେଗରେ ଗଞ୍ଜେଇଖିଆ ବିପରୀତ ଫଳ ଦିଏ । ପ୍ରଥମରେ ପାଗଳ, ଦ୍ୱିତୀୟରେ ଜରରୋଗୀ, ତୃତୀୟରେ ଗଞ୍ଜେଇଖିଆ, ଏଇଭଳି ଲୋକ ପ୍ରତି ବ୍ୟଙ୍ଗ ।

୩୨ । ଏକେ ଖନ; ତହିଁ ଜାଡ଼ୁଆ ଗୋସେ (ସା)ଇଁ ପରସନ ।
—ଛଟା

—ବ୍ୟଙ୍ଗ; ଖନ—ଖନା, ଜାଡ଼ୁଆ—ଉଚ୍ଚାରଣ ଶକ୍ତିରହିତ । ଏକରେ ଖନା, ଦ୍ୱିତୀୟରେ ଜଡ଼ା, ଏପରି ଲୋକକୁ ସ୍ୱୟଂ ଭଗବାନ୍ ରକ୍ଷା କରିବା ଆବଶ୍ୟକ ।

୩୩ । ଏକା କହ୍ନା ଲାଗି ଗୋରୁ ଗୁହାଳ । —ଢଗ

—ପରିବାରକ ପ୍ରତି ପ୍ରଶଂସାବଚନ । ଶ୍ରୀକୃଷ୍ଣଙ୍କ ଲାଗି ଯେପରି ଗୋପର ଗୋଗୋଷ୍ଠ, ସେହିପରି କର୍ତ୍ତାଙ୍କ ଯୋଗୁଁ ଘର । କର୍ତ୍ତାଙ୍କର ମୃତ୍ୟୁ ହେଲେ ଘର ଭାଙ୍ଗିଯାଏ ।

୩୪ । ଏକରୁ ଦୁଇ ନାହିଁ
କି ଛୁଡ଼ (ଣ୍ଡି) ଗଲେ ଚେଇଁ ଠାଇବାକୁ ନାହିଁ ।
ହଜିଗଲେ ଖୋଜି ଯିବାକୁ ନାହିଁ । —ଲୋକୋକ୍ତି

—ଦାରିଦ୍ର୍ୟରେ ଅନୁଚିନ୍ତା । ଗୋଟିକରୁ ଦୁଇଟି ଜିନିଷ ନାହିଁ । ଖଣ୍ଡିକରୁ ଦୁଇଖଣ୍ଡି ଲୁଗା ନାହିଁ ।

୩୫ । ଏକ ସହସ୍ର ବଡା
ଦୁଇ ସହସ୍ର କଡା
ତିନି ସହସ୍ର ଗଣ୍ଠି
ଏ ନାଆଁଟି ଯେ କହିବ
ତାକୁ ଦେବି ସୁନାକଣ୍ଠି । —ନାଁ ଢଗ

—ଘର ଚାଳ ।

୩୬ । ଏକାକରେ ଦ୍ୱିକରେ ସ୍ତ୍ରୀକର ଧରି ଚତୁଷ୍କର ଦର୍ଶନକୁ ପଞ୍ଚକରେ ଷଡ଼କରେ ଯାଉଅଛନ୍ତି । —କବି ବଚନ (ଲୋକରେ ପ୍ରିୟ)

—କାର୍ତ୍ତିକମାସ ପଞ୍ଚକରେ ସ୍ତ୍ରୀ ପୁରୁଷମାନେ ରାଜଦାଣ୍ଡରେ ହାତ ଧରାଧରି ହୋଇ ଜଗନ୍ନାଥଦର୍ଶନକୁ ଯିବାର ଦେଖି କବି ଯଦୁମଣିଙ୍କ ଅନୁପ୍ରାସ ବଚନ ।

୩୭ । ଏକା କାଳୀଗାଈ ଶୋଇଛି
ସହସ୍ରେ ବାଛୁରୀ ପେଉଛି,
(ଶହେ ବାଛୁରୀଙ୍କୁ ପେଉଛି ।) —ନାଁ ଢଗ

—ଘରର ମଥାନର ଶେଣୀ ଓ ଚହ୍ଳରୁ ଲମ୍ବିଥିବା ଛୁଅ ।

୩୮ । ଏକା କାଳୀ ଗାଈ ଲଗି ଗୋଠ । —ଛଟା

—ଗାଈ ପ୍ରତି ପ୍ରଶଂସା ବଚନ । ଅନ୍ୟ ଅର୍ଥରେ ଗୁଣବନ୍ତୀ ଗୃହିଣୀ ଲାଗି ସଂସାର ।

୩୯ । ଏକ ଆକାଶରେ ଦୁଇ ଚନ୍ଦ୍ରମା ରହି ନପାରନ୍ତି । —ଲୋକୋକ୍ତି

—ଏକ ସ୍ଥାନରେ ଦୁଇ ତେଜସ୍ୱୀ ବ୍ୟକ୍ତି ରହି ନ ପାରନ୍ତି ।

୪୦ । ଏକା ଆଖି ଆଖି ନୁହେଁ,
ଏକା ସାକ୍ଷୀ ସାକ୍ଷୀ ନୁହେଁ । —ଢଗ

—ଗୋଟିଏ ଆଖି ଅତି ମୂଲ୍ୟବାନ୍ । ଅନ୍ଧ ହେବା ଅପେକ୍ଷା ଏକ ଚକ୍ଷୁ ଅଧିକ ଶ୍ରେୟସ୍କର । ଏକମାତ୍ର ସାକ୍ଷୀ କଚେରୀର ବିଚାର ଉପରେ ଯଥେଷ୍ଟ ପ୍ରଭାବ ପକାଇ ପାରେନାହିଁ । ତାର ସାକ୍ଷ୍ୟକୁ ଯଥେଷ୍ଟ ମନେ କରାଯାଏ ନାହିଁ ।

୪୧ । ଏକ ରାଣ୍ଡ
ଦୁଇ ରାଣ୍ଡ
ତିନି ରାଣ୍ଡ ଏକ ହେଲେ
କଂପଇ ବ୍ରହ୍ମାଣ୍ଡ । —ଛିଟା

—ଅନୁଭବ । ଯେଉଁ ପରିବାରରେ ଏକାଧିକ ବିଧବା ଥାଆନ୍ତି, ସେ ପରିବାରରେ କଳହ, ଅଶାନ୍ତି ଲାଗି ରହିଥାଏ ।

୪୨ । ଏକ ଦେଶର ଗାଳି ଅନ୍ୟ ଦେଶର ବୋଲି । —ଢଗ

—ଗୋଟିଏ ଦେଶର ଗାଳିଗୁଲଜସୂଚକ ଶବ୍ଦରେ ଅନ୍ୟ ଦେଶର ଭାଷାରେ ବିପରୀତ ଅର୍ଥ ବୁଝାଇ ପାରେ ।

୪୩ । ଏକ କୁଟା ଶଶୁର ଘରେ ଜ୍ୱାଇଁ
ଏକ କୁଟା ଭଉଣୀ ଘରେ ଭାଇ । —ଢଗ

—ଭଉଣୀ ଘରେ ଭାଇ ଓ ଶଶୁର ଘରେ ଜ୍ୱାଇଁ ବେଶୀ ଦିନ ରହିବା ସମ୍ମାନହାନିକର ।

୪୪ । ଏକ କୁଟା କୁଟା ପାଳେ
ଏକ କୁଟା କୁଟା ମାରେ । —ଢଗ

—ଗୋଟିଏ ଦାସ ଅନ୍ୟ ଦୁଆରେ ଖଟେଇବା ଲାଗି ଆଉ ଗୋଟିଏ ଦାସକୁ ପାଳେ । କିଏ ବା ଅନ୍ୟର ଦାନାପାଣି ହରଣ କରେ ।

୪୫ । ଏକ ଜାତିଆ ଦଳ ଥାଇ
ପାଣି ଉପରେ ଭାସେ
ଯେଉଁ ଆଡ଼କୁ ପବନ ବୁହେ
ସେଇ ଆଡ଼କୁ ଆସେ । —ଢଗ

—ବୋଉଝାଙ୍କି ଦଳ ଯେଉଁ ଆଡ଼କୁ ପବନ ବୁହେ, ସେ ଆଡ଼କୁ ଢଳିଯାଏ । ସେହିପରି କେତେକ ଅସ୍ଥିରମତି ଏପଟ ସେପଟ ହୁଅନ୍ତି, ସ୍ୱାର୍ଥସିଦ୍ଧି ଲାଗି ଏ ଦଳରୁ ସେ ଦଳକୁ ଯାଆନ୍ତି ।

୪୭ । ଏକ ଖୁଣ୍ଟରେ ଦୁଇଘୋଡ଼ା ବନ୍ଧାହେବା ନ୍ୟାୟ । —ନ୍ୟାୟ

—ଦୁଇଜଣ ପ୍ରତିଦ୍ୱନ୍ଦୀ ଏକ ଦ୍ରବ୍ୟ ଲାଗି ପ୍ରାର୍ଥୀ ହେଲେ ଅନର୍ଥ କଳହ, ଅଶାନ୍ତି ଅବଶ୍ୟ ସୃଷ୍ଟି ହୁଏ ।

୪୭ । ଏକା ଛେଳିକି ତିନି ଜବେ । —ନ୍ୟାୟ

—ଥରେ ହଣା ହୋଇଥିବା ଛେଳିକି ଆଉଥରେ ହାଣିବା ଅସଙ୍ଗତ । ସେହିପରି ଥରେ ଦଣ୍ଡ ଭୋଗିଥିବା ବ୍ୟକ୍ତିକୁ ଆଉଥରେ ଦଣ୍ଡ ଦେବା ଅନୁଚିତ ।

୪୮ । ଏକ ପାଆ ନ ଖାଏ ଭୋଗୀ
ଦି ପାଆ ନ ଖାଏ ରୋଗୀ
ତିନି ପାଆ ନ ଖାଏ ମୂଲିଆ ବାପୁଡ଼ା
ଚାରି ପାଆ ନ ଖାଏ ଯୋଗୀ । —ଡାକ

—ଏମାନେ କେହି ପେଟପୂରି ଖାଆନ୍ତି ନାହିଁ ବା ଖାଇ ପାରନ୍ତି ନାହିଁ । କେହି ଖାଦ୍ୟରେ ସଂଯତ କେହି ବା ପେଟପୂରି ଖାଇବାକୁ ଅସମର୍ଥ ।

୪୯ । ଏକ ପୁଅ ପୁଅକୁ ଲେଖା ନୁହେଁ । —ଲୋକୋକ୍ତି

—ଯାହାର ଗୋଟିଏ ପୁଅ ତା ମନ ସଦା ଶଙ୍କାକୁଳ । ଦୈବ-କ୍ରମେ ସେ ପୁଅଟି ମରିଗଲେ ତାର କୁଳ ବୁଡ଼ିଯାଏ ।

୫୦ । ଏକା ହାତକେ ତାଳି ବାଜେ ନାହିଁ । —ଲୋକୋକ୍ତି

—ଦୁଇ ପକ୍ଷ ନ ହେଲେ ବିବାଦ ବା କଳହ ହୋଇ ପାରେ ନାହିଁ । ଗୋଟିଏ ପକ୍ଷ ନୀରବ ରହିଲେ କଳି ଲାଗିବା ଅସମ୍ଭବ ।

୫୧ । ଏକା ଠେଙ୍ଗାକୁ ସହସ୍ରେ ହାଣ୍ଡି । —ନ୍ୟାୟ

—ଗୋଟିଏ ପାହାରରେ ହଜାରଟି ହାଣ୍ଡି ଗୁଣ୍ଡା କରାଯାଇ ପାରେ । ସେହିପରି ଜଣେ କ୍ଷମତାଶାଳୀ ଲୋକ ବହୁ ଧ୍ୱଂସ ସାଧନ କରିପାରେ ।

୫୨ । ଏ କାନରେ ପଶି ସେ କାନରେ ବାହାରିଯିବା ।
—ରୂଢ଼ି ପ୍ରୟୋଗ

—କିଛି ମନେ ନ ରଖିବା, ମନେ ରଖିବାକୁ ଚେଷ୍ଟା ନ କରିବା !

୫୩ । ଏକ କାନରୁ ଦୁଇ କାନ ହେଲେ ମନ୍ତ୍ରଭେଦ ।—ଲୋକୋକ୍ତି

—କୌଣସି ଗୁପ୍ତ କଥା ଜଣକରୁ ଅଧିକ ଲୋକ ଶୁଣିଲେ ଫୁଟିଆସି ହୋଇପଡ଼େ ।

୫୪ । ଏକା ନଈ ସହସ୍ରେ କୋଶ । —ତଗ

—ନଈ ପାର ହେବା ଅସୁବିଧାଜନକ । ଶହେ ବା ସହସ୍ରେ କୋଶ ପାଦରେ ଚାଲିବାଠାରୁ ଏହା କଷ୍ଟକର । ଏ ସେତୁମୟ ଯୁଗରେ ଅତୀତର ସେ ଦୁଃଖ ଅନୁଭବ କରିବା ସମ୍ଭବ ନୁହେଁ ।

୫୫ । ଏକା ବିଦ୍ୟା ସୁରକ୍ଷିତା —ସଂସ୍କୃତ ଶ୍ଳୋକାଂଶ

—ଗୋଟିଏ ପାଠକୁ ଭଲଭାବେ ଆୟତ୍ତ କରିଥିଲେ କାର୍ଯ୍ୟରେ ଲାଗେ । ଅଧାପନ୍ତରିଆ ଅନେକ ପାଠର କୌଣସି ମୂଲ୍ୟ ନାହିଁ ।

୫୬ । ଏକା ଭାର୍ଯ୍ୟା ସୁରକ୍ଷିତା । —ସଂସ୍କୃତ ଶ୍ଳୋକାଂଶ

—ବହୁ ବିବାହ ଅପେକ୍ଷା ଏକ ବିବାହ ଶ୍ରେୟସ୍କର । ଗୋଟିଏ ସ୍ତ୍ରୀ ବିଭା ହୋଇ ତାଙ୍କୁ ଉତ୍ତମଭାବେ ଲାଳନପାଳନ ଓ ରକ୍ଷା କରିବା ଉଚିତ ।

୫୭ । ଏକା ମାଢଙ୍କ ଶୀତ ଯାଏ ନାହିଁ । —ଲୋକୋକ୍ତି

ଏକା ଥରକେ ବିପଦ ଶେଷ ହୁଏନାହିଁ । ଅକାଳରେ ଅବେଳରେ ବିପଦ ପୁଣି ଆସେ । ଯେଉଁ ବ୍ୟକ୍ତି ଉପକାରୀ ପ୍ରତି କୃତଘ୍ନ ହୋଇଥାଏ, ତାକୁ ପସ୍ତାଇବାକୁ ପଡ଼େ । ସେ ପୁଣି ହୁଏତ ସାହାଯ୍ୟ ଭିକ୍ଷା କରେ ।

୫୮ । ଏକା ମାଳୀ ତିନି ଦେଉଳ ପୂଜିବା । —ନ୍ୟାୟ

—ଜଣେ ମାଳୀ ତିନିଗୋଟି ଦେଉଳରେ ସେବା, ପୂଜା ଆଦି କାର୍ଯ୍ୟ ଚଳାଇଥାଏ । ସେହିପରି ଜଣେ ବ୍ୟକ୍ତି ତିନି ଗୃହର, ତିନି ଗ୍ରାମର ହାନିଲାଭ ବୁଝିପାରେ ।

୫୯ । ଏକା ଭାର୍ଯ୍ୟା ସୁନ୍ଦରୀ ବା ଦରୀ ବା ।—ସଂସ୍କୃତ ଶ୍ଳୋକାଂଶ

—ସୁନ୍ଦରୀ ହେଉ ବା ଅସୁନ୍ଦରୀ ହେଉ, ଗୋଟିଏ ସ୍ତ୍ରୀ ଯେ ବିଭା ହୁଏ, ସଂସାରରେ ତାର ଦାମ୍ପତ୍ୟ ଜୀବନ ସୁଖମୟ ହୁଏ ।

୬୦ । ଏକେ ଶିରୀ ତ ଏକେ ହାତଶିରୀ । —ଢଗ

—ସଂସାରରେ ସମସ୍ତେ ଭଲ ବା ସମସ୍ତେ ମନ୍ଦ ନୁହନ୍ତି । ଜଣେ ଭଲ, ଜଣେ ମନ୍ଦ ହୋଇପାରେ । ସମାଜରେ ଭଲ ମନ୍ଦ ମିଶାମିଶି ହୋଇ ରହିଛନ୍ତି ।

୬୧ । ଏକ ଦେବୋ କେଶବୋ ବା ଶିବୋ ବା ।
—ସଂସ୍କୃତ ଶ୍ଳୋକାଂଶ

—ଶିବ ବା ବିଷ୍ଣୁ, କୌଣସି ଗୋଟିଏ ଶକ୍ତିଶାଳୀ ଦେବତାଙ୍କୁ ଆଶ୍ରୟ କରିବା ଉଚିତ । ସେହିପରି କୌଣସି ବିଶିଷ୍ଟ ଲୋକର ଶରଣ ନେଲେ ବିପଦକୁ ଏଡ଼ା ଯାଇପାରେ ।

୬୨ । ଏକ୍ ସଲାମ୍ ନେହ୍ନି ଦେଗା
ଏକଶ ସଲାମ୍ ଦେଗା । —ଢଗ

—ପାରସିକ ବଚନ । ଯାହାର ଯାହା ପ୍ରାପ୍ୟ ତାକୁ ଫାଙ୍କି ଦେଇ ଖାତକ ପଳାଏ । କିନ୍ତୁ ଅବସ୍ଥାନ୍ତରରେ ପଡ଼ି ତାକୁ ବହୁ ଗୁଣରେ ଶୁଝିବାକୁ ହୁଏ ।

୬୩ । ଏକ ପୁଅରେ ଆଶ
ନଈ କୂଳରେ ଗଛ । —ଢଗ

—ନଈ କୂଳର ଗଛ ଅନେକ ସମୟରେ ବଢ଼ିରେ ଧୋଇଯାଏ । ସେହିପରି ଏକମାତ୍ର ପୁତ୍ର ପ୍ରତି ଆଶା ଏକ ବିଡ଼ମ୍ବନା । କୌଣସି କାରଣରୁ ତାର ବିନାଶ ଘଟିଲେ କୁଳ ବୁଡ଼େ ।

୬୪ । ଏକ ମନ ହେଲେ ସମୁଦ୍ର ଶୁଖେ । —ଢଗ

—ଏକତାବଳରେ ଅସାଧ୍ୟ ସାଧନ କରିଯାଏ ।

୬୫ । ଏ କାନରୁ ସେ କାନ ନ ହେବା । —ରୂଢ଼ି ପ୍ରୟୋଗ

—ବିଷୟକୁ ଗୋପନୀୟ ରଖିବା ।

୬୬ । ଏକା ବୋକା । —ଢଗ

—ମଣିଷ ଏକୁଟିଆ ଥିଲେ ବିପଦବେଳେ ତାର ସବୁ ବୁଦ୍ଧି କୁଆଡ଼େ ହଜିଯାଏ ।

୬୭ । ଏକା ବୃହାଳୀର ବୃନ୍ଦ
ଏକା ଅବଧାନ ଚାଟ । —ଢଗ

—ଦୁଇଜଣ ଲୋକ ଏକ ପ୍ରକାର ବୁଦ୍ଧିକୌଶଳ ଓ ଜ୍ଞାନ ଗାରିମା ଦେଖାଇଲେ ଏହି ଢଗର ପ୍ରୟୋଗ ହୁଏ ।

୬୮ । ଏକା ମାଧିଆ ବାଇଶ ପଳ । —ଢଗ

—ବିଦ୍ୟାବୁଦ୍ଧିରେ ବୈଶିଷ୍ଟ୍ୟ ହାସଲ କରିଥିବା ବ୍ୟକ୍ତିର ଗୁରୁତ୍ୱ । ପଳ—ସୁନାତୋଳା ପରିମାଣ ।

୬୯ । ଏକା ଭୁଣ୍ଡରେ ଉଷ୍ମ ଉଷୁନା । —ରୂଢ଼ି ପ୍ରୟୋଗ

— ଜଣେ ଲୋକ ବର୍ତ୍ତମାନ ଯାହା କହେ କିଛିକାଳ ପରେ ତାର ଠିକ୍ ଓଲଟା କହେ—Blowing hot and cold in the same breath.

୭୦ । ଏକା ଲହରର ମଞ୍ଜି । —ଲୋକୋକ୍ତି

ଏକା ଆକାର ଓ ପ୍ରକୃତିବିଶିଷ୍ଟ ବ୍ୟକ୍ତି ।

୭୧ । ଏକୋଇର ବଳା ଋଷିକେଶନ । —ରୂଢ଼ି ପ୍ରୟୋଗ

—କର୍ଣ୍ଣଙ୍କର ଏକମାତ୍ର ପୁତ୍ର ଋଷିକେଶନ । ଯାହାର ଗୋଟିଏ ମାତ୍ର ପୁଅ, ସେଇ ପୁଅକୁ 'ଏକୋଇର ବଳା ଋଷିକେଶନ' ବୋଲି ସ୍ନେହରେ କୁହାଯାଏ ।

ବଳା—ପୁତ୍ର ।

୭୨ । ଏକା ହୋଇକରି ତପସ୍ୟା କରିବ
ଦୁଇଜଣ ମିଶି ପଢ଼ିବ ପାଠ
ତିନି ଜଣ ମିଶି ସଙ୍ଗୀତ କରିବ
ଚାରିଜଣ ମିଶି ଚାଲିବ ବାଟ
କୃଷି ଆରମ୍ଭିବ ମିଶି ପଞ୍ଚଜଣ
ବହୁ ଲୋକ ମିଶି କରିବ ରଣ । —ଛଟା

—ଉପଦେଶ ବଚନ । ତପସ୍ୟାରେ କୋଳାହଳ ଅସହ୍ୟ । ଦି ଜଣ ଆଲୋଚନା କଲେ ପାଠ ମନେ ରହେ । ଜଣେ ଗାଇବ, ଜଣେ ତାଳ ଧରିବ, ଆଉ ଜଣେ ବଜାଇବ । ଏହିପରି ତିନିଜଣ ମିଶିଲେ ସଙ୍ଗୀତ ହେବ । ବେଶୀ ଲୋକ ଏକାଠି ହୋଇ ଚାଲିଲେ କିଛି ଡର ନଥାଏ । ବେଶୀ ଲୋକ ମିଶି କୃଷି କଲେ ଅଳ୍ପ ଖର୍ଚ୍ଚ ପଡ଼େ ।

୭୩ । ଏ କଥା କହିବ କାହାକୁ
ଛୁଆ ପାଇଁ ସେଉଁ ଆହାର ଆଣିଲି
ଆହାର ଗିଳିଲା ଛୁଆକୁ । —ନାଁ ଦଆ

—ମଲ୍ଲାର ଜଣା ଯାଉଥିବା ଗୋଟିଏ ସାପକୁ ଚଲ ଅଣି ବସାରେ ରଖିଲା—ଛୁଆ ଖାଇବେ । ଛୁଆ ଖୁମ୍ପିବା ମାତ୍ରେ ସାପ ଉଠିଲା ଓ ଚଲର ଛୁଆମାନଙ୍କୁ ଗିଳିଦେଲା ।

୭୪ । ଏକାଦଶୀରେ ଯେଉଁ ଉପବାସ
ଉଙ୍ଗରଦ୍ୱୟଙ୍କୁ ଏକାନ୍ତ ବାସ
ସାଧୁ ଲୋକଙ୍କର ବଚବା ଧାଣ
ଏକଚକିଆ ଧୋଇ ଯେଉଁ ବୃଷ
ଦୁହାଁଙ୍କ ଚାଣ୍ଡକୁ ଯେ ଦୁବଘାସ
ବଂଷା ହୋଇଲେ ବୈଶାଖ ମାଧ
ନାଗଘର ଓଠ କଣରେ ହାସ
ଭଲ ବୋଲି କହେ ଦନାଇ ଦାସ । —ଦନାଇ ବଚନ

୭୫ । ଏକଇ ଗୋଡ଼ ଏକଇ ଟାଟି
ମୁଣ୍ଡ ନାହିଁ ଚାର ହାଏଁ ହାଉଁ ପାଟି
ଦଣଇ କଳା
ମଣିଷ ଦେଖିଲେ କହଇ ଟଳା । —ନାଁ ଦଅ

—ପଳାରେ, ନେଳ ଫୋ ଦାଉଥିଲା । ଏବେ ଚାର ବ୍ୟବହାର ଊଣା ହୋଇ ଯାଇଛି । ମାଟି ତେଲଘଡ଼ରେ ଲୁହା ପଳା ଏବେ କ୍ୱଚିତ୍ ଦେଖିବାକୁ ମିଳୁଛି ।

୭୬ । ଏକଡ଼େ ପର୍ବତ ସେ କଡ଼େ ପର୍ବତ
ମଝିରେ ଗିରଧ ବସା
ଖାଇ କାଏନସ କଣ୍ଟବରେ
ବାଘକୁ ଛକଛି ମୁଷା । —ନାଁ ଦଅ

—ଶଗଡ଼ ଚକ, ଅନକଳ ।
ଗିରଧ—ଗୃଧ୍ର, ଶାଗୁଣା ।

୭୭ । ଏ କନ୍ତେ ଲଟାଙ୍କଲ ଘଞ୍ଜ
ସେ ପଟକୁ ଗଲ ଡଙ୍କ
ସ୍ୱାକୁ ଯେ ନଲଉଟାଇ ଦେବ
ତାକୁ ଦେବ ସୁନା ଶଙ୍ଖ । —ନାଁ ଦଆ

—ପବନ ।

୭୮ । ଏକକୁ କନ୍ଧଲେ ଦ୍ୱଇଜ ବାଜେ
ଯେ ଯେ ନାଗର ସେ ସେ ବୁଝେ । —ଢଗ

—ଗୋଟିଏ କଥାର ତଳୁନ ପ୍ରୟୋଗରେ ଦୁଇଟି ଅର୍ଥ ବାହାରେ । ବାହାର ଅର୍ଥ ସମସ୍ତେ ବୁଝନ୍ତି । ଭତର ଅର୍ଥ ସମ୍ପୃକ୍ତ ବ୍ୟକ୍ତିର ମର୍ମରେ ବାଜେ ।

୭୯ । ଏ କଥାର କିଏ ପାଇବ ସନ୍ଧ ?
କଜ ଧାନ ଖାଏ ବୋଦକୁ ବାନ୍ଧ । —ଢଗ

—ଜଷନା ଧାନ ମୁଦବରେ ଶୁଖା ହୋଇଥିବାବେଳେ କୁଆ ଖାଇପାନ୍ତି । ସେ କାଳ ବୋଦ ଅତି ନିରୀହ । ପାଟି କରି ପାରିବ ନାହିଁ । କନ୍ତୁ ଗୋଟାଏ ହାତରେ ଧରି କୁଆକୁ ଗୋଡ଼ାଇଲେ ହୁଏତ କାହା ଆଖିରେ ପଡ଼ିବ । କୁଆମାନେ ଏକଥା ଜାଣନ୍ତି, ବୋଦକୁ ମାନନ୍ତି ନାହିଁ । ବୋଦର ନିରୀହତା ପ୍ରତି ବ୍ୟଙ୍ଗ ।

୮୦ । ଏକା ଧାକଡ଼ ମଲ
ବାର ଖଣ୍ଡ ପାଲ ବୁଡ଼ଲ । —ଢଗ

—ଧାକଡ଼—ଅଯୋଗ୍ୟ, ବର୍ଣ୍ଣସଙ୍କର । ପାଲ ବୁଡ଼ଲ—ଯାହାର ଜୀବନକୁ ଯେତେ ଲୋକେ ଚେଳୁଥିଲେ, ତାର ମୃତ୍ୟୁ ସଙ୍ଗେ ପଶାଖେଳ ଶେଷ ହୋଇଗଲ ।

୮୧ । ଏକ ବୃକ୍ଷ ତାର ମୁକୁଳ ନାମ
ଅର୍ଦ୍ଧ ଚନ୍ଦ୍ର ସମ ଫୁଟେ କୁସୁମ

ଘନ କାଳ ଶେଷେ ଦ୍ରୁଅଇ ଫୁଲ
କେଉଁ ବୃକ୍ଷ ଏହା ବଚ୍ଛର ବୋଲ । — ନାଁ ଦିଅ।

—ଅଗସ୍ତି ।

୮୨ । ଏକରେ ବନ୍ଧଲ
ସେ କରେ ବନ୍ଧଲ
ଗୃହ କରେ ବନ୍ଧଲ । — ନାଁ ଦିଅ

—ଦନା ।

୮୩ । ଏ କୋଠା ନପିନ ସେ କୋଠା ନପିନ
ନାଉ ଫୁଲ ଦେନ ଖୋଟି
ଶୋଇଲ ଶେଯରେ କଥା ନ କହିଲେ
ହୃଦୟ ଯାଉଛୁ ଫାଟି । —ଢଗ

—ଦେନ—ଦେଲି; ନପିନ—ଲିପିଲି । ପ୍ରେମିକ କଥା ନ କହିବାରେ ପ୍ରେମିକାର ଅନୁଶୋଚନା ।

୮୪ । ଏକ ଚଢ଼ି ମର୍ଣିକ୍ଷମଜ୍ଜି
ଦୁଇ ଚଢ଼ି କଚଡ଼ିମଡ଼ା
ତିନ:ଚଢ଼ି ଘରେ ପଶ
ଚାରି ଚଢ଼ି ନାହିଁ ଦୋଷ । — ଛଟା

—ଲୋକବିଶ୍ୱାସ । ଯାତ୍ରାରେ ଗୋଟିଏ ଚଢ଼ି ଦେଖିଲେ ସବୁ କେହି ମରେ, ଦୁଇଟି ଦେଖିଲେ କେହି କଚଡ଼ିଲଗା ହୁଏ, ତିନୋଟି ଚାଢ଼ି ଦେଖିଲେ ଘରେ ପଶିବା ଉଚିତ । ଚାରୋଟି ଚାଢ଼ି ଦେଖିଲେ କିଛି ଦୋଷ ନାହିଁ ।

୮୫ । ଏକବାର ଯୋଗୀ
ଦୁଇବାର ଭୋଗୀ
ତିନ ବାର ରୋଗୀ । —ଛଟା

—ମଳ ତ୍ୟାଗ ସଂପର୍କରେ ବଚନିକା ।

୮୬ । ଏକା ଥରେ ମେଘରୁ ପାଣି ହରିଯାଉ ନାହିଁ ।
ମୁଁ ହେଉ ଥାଇ ମାଇଁ ମାଇଁ
ମାଇଁର ଦୟା ଧରମ ନାହିଁ ।' —ଛଗ

—ଶ୍ରଦ୍ଧାର ଅସ୍ୱୀକୃତିରେ ଅନୁଶୋଚନା ।

୮୭ । ଏ କ୍ୟା ଫୁଲ୍
ନା କଅଁା ଫୁଲ । —ଲୋକୋକ୍ତି

—ଜଣେ ହିନ୍ଦୀ ଭାଷାଭାଷୀ ଓଡ଼ିଆଭାଷୀକୁ ପଚାରିଲେ ଏ କ୍ୟା ଫୁଲ୍ ? ଓଡ଼ିଆ ଉତ୍ତର ଦେଲା —କଅଁା ଫୁଲ । ହିନ୍ଦୁସ୍ଥାନୀ ବସ୍ୱରିଲେ— 'ଥଟ୍ଟା କରୁଛି, ମୁଁ ଯାହା କହୁଛି ସେ ତାର ପୁନରୁକ୍ତି କରୁଛି ।' କିନ୍ତୁ ଓଡ଼ିଆ ଥଟ୍ଟା କରୁ ନଥିଲା । ଗୋଟିଏ ଭାଷାର ଏକ ଶବ୍ଦ ଅନ୍ୟ ଭାଷାରେ ଅନ୍ୟ ଅର୍ଥରେ ବ୍ୟବହୃତ ହୋଇପାରେ । ହାସ୍ୟରସର ଏ ଏକ ଦୃଷ୍ଟାନ୍ତ ।

୮୮ । ଏକେ କାଳୀ
ଘେନିଛି କାଚ କୋଶଳ ମାଳୀ
ପିନ୍ଧିଅଛି ପୁଣି ନେଳିଆ ଶାଢ଼ୀ
ତହିଁରେ ହୋଇଛି ରାନ୍ଧଣା ପାଳି । —ଛିଟା

–ଯେଉଁ ବର୍ଣ୍ଣର ଦେହ ସେହି ରଙ୍ଗ ଶାଢ଼ୀ, ଓ ମାଳୀ ପିନ୍ଧିବା ସୁରୁଚିର ପରିଚୟ ନୁହେଁ । ରାନ୍ଧିଲେ ସେ ଦେହ ନିଆଁ, ଧୂଆଁରେ ଅଧିକ କଳା ପଡ଼ିଯିବାର ସମ୍ଭାବନା ।

୮୯ । ଏକ ସ୍ୱପ୍ନକୁ ରାତି କାହିଁ ? —ଲୋକୋକ୍ତି

—ଗୋଟାଏ ସ୍ୱପ୍ନ ଦେଖୁ ଦେଖୁ ବେଳେ ବେଳେ ରାତି ପାହିଯାଏ । ଏ ଜୀବନ ସୁଖ ଦୁଃଖ ବା ଉଭୟର ଏକ ମିଶାମିଶି ସ୍ୱପ୍ନ । ଆଶା ବା କାମନା ପୂର୍ଣ୍ଣ ହେବା ଆଗରୁ ଜୀବନ ସରିଯାଏ ।

୯୦ ।
ଏକ ବେଣ୍ଟିଆ ସାପା ନସାର
ଏକ ବେଣ୍ଟିଆ ଦେଡଶୁର ଆସର
ଏକ ବେଣ୍ଟିଆ ବାପାଙ୍କ ଜୋଇଁ
ଏକ ବେଣ୍ଟିଆ ଚଷା ଭାଇ । —ଛଗ

—ସାପା ଅର୍ଥ ଲେଷ୍ମୀ, ସବୁଦିନ ଟଙ୍କା ଗାଞ୍ଜିଆରେ ସାଇତି ଅଣ୍ଟାରେ ଗୁଡ଼ାଇ ରଖେ, ନିଜେ ଭଲ କରି ପେଟକୁ ମୁଠାଏ ଖାଏ ନାହିଁ କିମ୍ବା ବନ୍ଧୁବାନ୍ଧବଙ୍କୁ ଖୁଆଏ ନାହିଁ । ଅଣ୍ଟା ହୋଇଥିବା ତାର ବ୍ୟାଙ୍କ୍ । ସାପା ଧନେ ମଲା । ସାନଭାଇ ତା ମୁଦ୍ଦାରକୁ ନ ପୋଡ଼ି ମଶାଣିରେ ଫିଙ୍ଗି ଦେଇ ଆସିଲେ । ଶାଗୁଣା ମାଂସ ଟାଣିଲାବେଳେ ଗାଞ୍ଜିଆକୁ ଟାଣିଲା । ଟଙ୍କା ଝଣ୍ ଝଣ୍ ହେଲା । ପଣ୍ଡା ଘର ବୋହୂ ପଡ଼ିଆକୁ ଯାଇଥିଲାବେଳେ ଟଙ୍କା ଗାଞ୍ଜିଆଟା ଡାଲାରେ ଛୁଣ୍ଡାଇ ନେଇ ଆସିଲା । ଭାଇ ବୋହୂକୁ ମଶାଣିରେ ମୁଦ୍ଦାର ପାଖେ ମୁହଁ ଲଗେଇଥିବା ଦେଖି ଦେଢ଼ଶୁର ଅପବାଦ ଉଠେଇଲା– 'ବୋହୂ ଡାହାଣୀ, ମୁଦ୍ଦାର ମାଉଁସ ଖାଉଥିଲା ।' ସାନ ଭାଇକୁ କହିଲା– 'ତାକୁ ଶୀଘ୍ର ଘରୁ ତଡ଼, ନଇଲେ ଲକ୍ଷ୍ମୀ ଛାଡ଼ିଯିବେ ।' ସାନଭାଇ ସ୍ତ୍ରୀକୁ ଶ୍ୱଶୁର ଘରକୁ ନେଇଯିବା ବାଟରେ ଦେଖିଲା—ଚଷା ଭାଇ ବିଲରେ ଚଳ ବାଟ ବନ୍ଦ କରିବା ଲାଗି କଣ୍ଟା ପକାଇଛି, ଫଳରେ ବହୁତ ବାଟ ହୋଇ ବିଲ ପଡ଼ିଆ ହେବା ଉପରେ । ଦୃଷ୍ଟି ଘରୁ ତଡ଼ା ଖାଇଥିବା ବୋହୂ ଏଣ୍ଟ ଛଗଟି ବୋଲିଥିଲା ।

୯୧ ।
ଏକ ସ୍ତ୍ରୀ ସ୍ୱାମୀ ଅପମାନେ
ପଡ଼ିଲେ ଜଳେ ଦେଖି ଅପର ଜନେ
ସ୍ୱାମୀ ନ ଛୁଇଁବା ସ୍ଥାନକୁ ଧରି
ଆଣିଲେ ଜୀବ ପାଇଲା ସୁନ୍ଦରୀ । —ନାଁ ଢଗ

—ସ୍ୱାମୀ ସ୍ତ୍ରୀର ବୁଢ଼ା ଆଙ୍ଗୁଠି ଧରେ ନାହିଁ ।

୯୨ ।
ଏ କଥା ସେ କଥା ଚାଲିଣି
ପେଡ଼ା କରଣ୍ଡିକୁ ବଲ ଖାଏନା
ଠା ଠା ବିଷ ମଲିଣି । —ଛଟା

— ଯାହାର ସେ ଆଡ଼ମ୍ବର ଆଉ ନାହିଁ । ଏବେ ସେ ଗୋଟିଏ ନିର୍ଜୀବ କେବସ୍ତୁ ମାତ୍ର, କାହାର କୌଣସି କାର୍ଯ୍ୟରେ ଲାଗିବ ନାହିଁ । ଅରବା ହିଁ ଯାଇ ହେବ । ସେ ମରିବା ସଙ୍ଗେ ସଙ୍ଗେ ତା ଭିତରେ ବସ ମରିବ ।

୯୩ । ଏ ଖୁମ୍ବ ସେ ଖୁମ୍ବ
ବାଜେ ଗୁମ ଗୁମ
ଶବ୍ଦ ଚୋଟରେ ନ ଛାଡ଼ଇ ଚମ । —ନାଁ ଦଅ

— ଗୁଇ ।

୯୪ । ଏ ଖମ୍ବ ସେ ଖମ୍ବ
ବାଜେ ଗୁମ ଗୁମ
ମଝି ଖମ୍ବ ହେଲା ପାଣିଆ
ସହସ୍ର ମଣିଷ ଜଗି ବସିଥିଲେ
କେଉଁ ବାଟେ ଗଲା କନିଆଁ ? —ନାଁ ଦଅ

— ଜୀବନ ।

୯୫ । ଏ ଗଛ ନଣ୍ଡା ସେ ଗଛ ନଣ୍ଡା
ମଝିରେ ବସିଛି ମଦନ ପଣ୍ଡା
ମଦନ ପଣ୍ଡାର ଜମି ବାଟିଏ
ମୂଲିଆ ପଡ଼ିଛନ୍ତି ଶହେ ଷାଠିଏ
ଘର ଯିବାକୁ ନାହିଁ ଗୋଟିଏ । —ନାଁ ଦଅ.

— ଜହ୍ନ ଓ ତାରା ।

୯୬ । ଏ ଗଛ ଡେଇଁଲି
ସେ ଗଛ ଡେଇଁଲି ବେଳକୁ
ଗୋବର ଗାତରେ ପଡ଼ିଲି । —ଛଟା

— ଅନ୍ୟର କ୍ଷତି ଘଟାଇବାକୁ ଯାଉଥିବା ବିପନ୍ନ ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୯୭ । ଏ ଗୋଚରୁ ଯାଇଁ ସେ ଗୋଚରେ ପଶ
ଏ ଚୂଲୀ ମୁଣ୍ଡରୁ ଯାଇଁ ସେ ଚୂଲୀ ମୁଣ୍ଡରେ ବସ ।
—ଛଟା

—କନ୍ୟା ବାପଘରୁ ଶାଶୂଘର ଯିବା ସମ୍ବନ୍ଧରେ ବ୍ୟଙ୍ଗ ।

୯୮ । ଏ ଗାଆଁ ଗାଆଁରେ ଲେଖା ନାହିଁ
ଜଣେ ଭେଣ୍ଡିଆ ଦେଖା ନାହିଁ । —ଲୋକୋକ୍ତି

—ଭେଣ୍ଡିଆର ସାହସ, ସ୍ୱାର୍ଥତ୍ୟାଗଭାବ ବିରଳ । ତେଣୁ ଆପଣାସୁଖୀ ବହୁତ ଭେଣ୍ଡିଆ ଥିଲେ ବି ସେମାନେ ଗାଁର ନାମଖ୍ୟାତି ବଢ଼ାଇ ପାରୁନାହାନ୍ତି ।

୯୯ । ଏ ଘର ମାଇପୀ
ସେ ଘର ପିଇସୀ । —ଢଗ

—ଗୋଟିଏ ପକ୍ଷକୁ ନ ଆଉଜି ସେ ଉଭୟ ପକ୍ଷର ବନ୍ଧୁ ହୋଇ ରହିବାକୁ ଚାହେଁ । କେହି ତାର ଶତ୍ରୁ ନ ହୁଅନ୍ତୁ, ତାର ଇଚ୍ଛା । ସମସ୍ତଙ୍କ ସଙ୍ଗେ ମିଳିମିଶି ଚଳିବା ପ୍ରକୃତିର ଲୋକ । କିନ୍ତୁ ସେ କାହାର ବିଶ୍ୱାସ ଭାଜନ ହୋଇ ପାରେନାହିଁ ।

୧୦୦ । ଏ ଘର ମାଇପୀ ସେ ଘରେ ଗଲ
ଚଣା ଭଡ଼୍ଭଡ଼୍ ହେବାଉ ଥିଲ । —ମାଁ ଦିଆ
—ଧୋରଣୀ (କୋରାପୁଟ)

୧୦୧ । ଏ ଘରେ ମୁଁ ରହିବି ନାହିଁ
ଚାଟି କଳା ମାଡ଼ ସହିବି ନାହିଁ । —ଛଟା

—ଚାଟିକଳା—ଚାଟି ବା କବାଟ କଳ ଯେଉଁ ନିର୍ଯାତନ ମାଡ଼ ଦିଆଯାଏ । ପରିବାରରେ ଦୁଃଖ ନିର୍ଯାତନା ଭୋଗୁଥିବା ବୋହୂର ଅନୁଚିନ୍ତା ।

୧୦୨ । ଏ ଘରେ ମୁଁ ରହିବିନାହିଁ
ଖଣ୍ଡିଆ ପଥୁରି ଧୋଇବି ନାହିଁ
ଛାଟିକଲାମାଡ଼ ସହିବି ନାହିଁ । —ଛଟା

—ଧମକାଣ; ଛାଟିକଲା ମାଡ଼—ଛାଟି ବା କବାଟ ବନ୍ଦ ମାଡ଼ ଦେଲେ କେହି ଆସି ରକ୍ଷା କରିବାର ଉପାୟ ନଥାଏ । କଂସା ବାସନ ଅଭାବରୁ ସେ ଘରେ ଲୋକ ପଥୁରିରେ ଖାଆନ୍ତି । ସେ ମଧ୍ୟ ଭଙ୍ଗା । ନୂଆ କରିବା ଲାଗି ଅର୍ଥାଭାବ । ଦାରିଦ୍ର୍ୟ ଓ ଅତ୍ୟାଚାରରେ ନିପୀଡ଼ିତା ବଧୂର ଅନୁଶୋଚନା ।

୧୦୩ । ଏଠାରେ ଅଛି
ସାତ କଆବାଡ଼ ନେଇଁ ଆସୁଛି । —ଗାଁ ଢଆ

—ପବନ ।

୧୦୪ । ଏଠାରେ ଅଛି
କଟକରେ ଯାଇଁ ପାଣି ପିଉଛି —ଗାଁ ଢଆ ।

—ବଜୁଳ ।

୧୦୫ । ଏଠାରୁ ମାଇଲ କାଣ୍ଡେ
ପଡ଼ିଲା ଯାଜପୁର ଦାଣ୍ଡେ
ଯାଜପୁର ଲୋକେ ସାକ୍ଷୀ
କାହାର ବଣାଶବ୍ଦେ ଆଖି ? —ଗାଁ ଢଆ ।

—ସୁଲୁଣୀ ।

୧୦୬ । ଏଡ଼େ ବଡ଼ ଗଛ ପଡ଼ିଛି
କେହି ଖୋଜି ନାହାନ୍ତି
ଏଡ଼େ ବଡ଼ ଭେଣ୍ଡା ମରିଛି (ପଡ଼ିଛି)
କେହି କାନ୍ଦୁ ନାହାନ୍ତି । ଗାଁ ଢଆ ।

— ମଳ ବାଢ଼ ।

୧୦୭ । ଏତକଟି କମା ପିଲା
କନ୍ଦର କନ୍ଦର ଲୁଗା ପିନ୍ଧେ ।
—ନାଁ ଦଆ, ସମ୍ବଲପୁର ।

—ପୁଡ଼ୁଗବା ଓଳଅ ।

କନ୍ଦର କନ୍ଦର—ବୁଲେଇ ବୁଲେଇ ବା ଘୂରେଇ ଘୂରେଇ ।

୧୦୮ । ଏଡ଼କଟି କମା ପିଲା ସାତପୁର ଖଦ ପିନ୍ଧଅଛୁ ।
—ନାଁ ଦଆ । (କୋରାପୁଟ)

—ପିଆଜ ।

୧୦୯ । ଏଡ଼କଟି କମା ପିଲା
ଘରେ ଦାନ୍ତୁନ କରେ । —ନାଁ ଦଆ (ସମ୍ବଲପୁର)

—ଚୂଲା; ଦାନ୍ତୁନ୍‌-ଦାନ୍ତକାଠି ।

୧୧୦ । ଏଡ଼କ ଟିକେ ଚଢ଼େଇ
ବାରକଟି ଗଳଇ । —ନାଁ ଦଆ ।

—କଆଁ ।

୧୧୧ । ଏତେ ଟା ଟୋକା
ବଷ ଦସ ପାଙ୍ଗୁଣୀ । —ନାଁ ଦଆ

—ଲଙ୍କାମରଚ ।

୧୧୨ । ଏତେ ଅଲଦୁକା ଢେଙ୍ଗ କାହିଁକ ?
ଓହାର ପିଠିକ ଲୁଗା ପୋଇଲା
ଆଉ ବାପଘର ଯାଉ କାହିଁକ ? —ଛଟା

—ସ୍ୱାମୀ ଯାହା ସନ୍ନତ ଲୁଗାପର ଲଗିଛୁ, ଯାହାକୁ ପୋଇଲା ଘର ଖଟିଛୁ, ସେ ସ୍ତ୍ରୀ କାହିଁକି ବାପଘରକୁ ଯିବ ?

୧୧୩ । ଏଡ଼େ ଟିକେ ଗଛଟି
ଭାତ ଗଲ୍ଲ ଡୁଥିଲ । —ନାଁ ଦଅ ।

—କପା ।

୧୧୪ । ଏଡ଼େ ବଡ଼ ଚୋଠାଟେ
ଫୁଲ ଫୁଟିଛି ଗୋଟାଟେ । —ନାଁ ଦଅ ।

—ସୂର୍ଯ୍ୟ ।

୧୧୫ । ଏଡ଼କି ଟିକିଏ ମାକଡ଼
ଭୂଇଁକି ମାଇଲା ଝପଡ଼ । —ନାଁ ଦଅ ।

—କୋଡ଼ ।

୧୧୬ । ଏଡ଼କି ଟିକିଏ ଝୁମ୍ପି
ନଠାପା ନ ଝିଙ୍କୁଛି । —ନାଁ ଦଅ ।

—ପାନଥା ।

୧୧୭ । ଏଡ଼କି ଟିକେ ଲଟି
ସବୁଲୁ ଦଏ ପେଟେ । —ନାଁ ଦଅ ।

—ନଦ ।

୧୧୮ । ଏଡ଼କି ଟିକେ ଡୁବ
ଫୁଲ ଫୁଟେ ଶୋଭ । —ନାଁ ଦଅ ।

୧୧୯ । ଏଡ଼କିଟା ଲଟି ଚଢ଼େଇ ପେଟେ କର ବଂଶ
ବାଘାବଜା ଦେଖି ଆଦିଲେ ମାଣ୍ଡି ଘରରେ ଦଣେ ।
—ନାଁ ଦଅ । (କୋରାପୁଟ)

—କଙ୍କଡା ।

୧୨୦ । ଏଡ଼କି ଟିକେ ପିଲା
ପର୍ବତ ଶିଖରେ ଲଗାଇ କଲା । —ନାଁ ଦଅ ।

—କୁସଢି ।

୧୨୧ । ଏଡ଼େ ସୁଆଗ
ଚିଆଁଜ ରସୁଣ ପକାଇ ଭଜା । —ଛଟା

—ତଥାକଥିତ ସ୍ନେହ ବା ପ୍ରୀତି ପ୍ରତି ବ୍ୟଙ୍ଗ ।

୧୨୨ । ଏଡ଼େ ଅଲାଜୁକ ମଞ୍ଜାସ
ତାକୁ ପୋକ ନ ଖାଇଲା ଝିଞ୍ଜାର । —ଢଗ

—ମଞ୍ଜାସ—ବଗଡ଼ । ଝିଅନ୍ତା ବଗଡ଼କୁ ଯେପରି ପୋକ ଖାଏ ନାହିଁ, ସେହିପରି ନିଲଜକୁ ଲାଜ ଲାଗେ ନାହିଁ ।

୧୨୩ । ଏଡ଼େ ମଲାରେ ତ ଦାଉଳ ତତଲା—ଲୋକୋକ୍ତି ।

—ଲୋକର ଘୋର ଆର୍ଥିକ ଦୁରବସ୍ଥାରେ ବି ଦାଉଳ ତବାନ ଘାତ ରହ୍ନା । ଯେତେ ରୋଗବ୍ୟାଧି ଭୋଗୁଥିଲେ ବି କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି କର୍ତ୍ତବ୍ୟରେ ଅବହେଳା କରେ ନାହିଁ ।

୧୨୪ । ଏଡ଼େ ବଡ଼େଇ
ନଣ୍ଡକି ମାଠିଆ ଦେଲା ଗଡ଼େଇ । —ଛଟା ।

—ବଡ଼େଇ—ଗର୍ବ; ଏକ ଦାୟିତ୍ୱହୀନ କର୍ମରେ ନାରୀର ଗର୍ବ ଓ ଫୁଲାପଣର ଚିତ୍ର ।

୧୨୫ । ଏଡ଼କି ଭଳି
ନିତି ଘଷି ଦେଲେ
ଦେହର ମଳି । —ଛଟା

—ଦେହକୁ ଯେତେ ସଫା କରିଥିଲେ ବି ଘଷି ଦେଲେ ମଳି ବାହାରେ । ସେହିପରି ମନର ପାପ । ଅନ୍ତଃଶୌଚରେ ଯେତେ ନିର୍ମଳ କଲେ ବି ସେ ପୁଣି ମନରେ ଦେଖାଦିଏ ।

୧୨୬ । ଏତିକି ଭଲ
ପେଜ ପିଆ ଠେଇଁ
ଲଗିଛୁ କଳି । —ଛଟା

—ଚରମ ଦାରିଦ୍ର୍ୟର ସଙ୍କେତ । ଟିକିଏ ପେଜ ଲାଗି ଦରିଦ୍ର ଦରିଦ୍ର ମଧ୍ୟରେ ପ୍ରତିଯୋଗିତା ଓ ସଂଘର୍ଷ ଲାଗେ ।

୧୨୭ । ଏଣ୍ଡୁଅ ଧାଉଡ଼ି କଣ୍ଟା ବାଡ଼ି ଯାଏ । —ଢଗ

—ବିପଦ ପଡ଼ିଲେ ଏଣ୍ଡୁଅ କଣ୍ଟା ବାଡ଼ିରେ ପଶିଯାଏ । ସେହିପରି ବିପଦ ଆସିଲେ ସାମାନ୍ୟ ଲୋକ କୌଣସି ସାମାନ୍ୟ ଲୋକର ଆଶ୍ରୟ ନିଏ ।

୧୨୮ । ଏଣ୍ଡାର ଦଉଡ଼ କୁଣ୍ଡ ଯାଏ । —ଢଗ (ଗଞ୍ଜାମ)

—ଏଣ୍ଡା—ଏଣ୍ଡୁଅ, କୁଣ୍ଡ—ଅଳିଆ ଗଦା । ଛୋଟ ଲୋକ ଛୋଟର ହିଁ ଆଶ୍ରୟ ନିଏ ।

୧୨୯ । ଏଣ୍ଡୁଅ ଉପରେ ଓଳ ବୋଝ । —ଲୋକୋକ୍ତି
—ଦୁର୍ବଳ କାନ୍ଧରେ ଓଜନିଆ ଭାର ।

୧୩୦ । ଏଣ୍ଡୁ ମାଇଲେ ଗୋ ହତ୍ୟା
ତେଣ୍ଡୁ ମାଇଲେ ବ୍ରହ୍ମ ହତ୍ୟା । —ଢଗ

—ଦୋଧାଇରେ ପଡ଼ି କିଛି ଠିକ୍ କରି ନ ପାରିବା । ଦୁଇ ଦିଗରେ ଦୁଇଟି ବିପଦ, ଉଭୟ ଭୟଙ୍କର ।

୧୩୧ । ଏଣେ ପରବତ ତେଣେ ପରବତ
ମଝି ପରବତେ ମଞ୍ଚା
ସଞ୍ଚାର ଲୋକଙ୍କୁ ପଚାରି ଦେଖି
ନିଆଁରେ କି ଫଳ କଞ୍ଚା ? —ନାଁ ଦଅ ।

—କୁଆ ପଥର ।

୧୩୨ । ଏଣେ ପର୍ବତ ତେଣେ ପର୍ବତ ମଝିରେ ମରିଚ ପଞ୍ଚୀ
ବନ୍ଧ ନଇଲାର ପାଣିକ ଯାଉଚି ମୁଣ୍ଡ ନଇଁଲାର ଗ୍ରୀବ ।
—ନାଁ ଦଆ (କୋରାପୁଟ)

—କଙ୍କଡ଼ା ।

୧୩୩ । ଏଣେ ଦଣ୍ଡମାସ ତେଣେ ଦଶମାସ
ଧନ୍ତର ପିତା
ପୂଟକେ ସମ୍ଭବ ନାହିଁ । —ଭଗ

—ପୂଟକେ ଖଲପସ । ଯେ ବୋଝ ବୁହେ ସେ ସବୁ ବୋଝ ବୋହିବା କଥା । ଧାନ ବୋହୁଛ, ଖଲପସ ବୋହିବନାହିଁ, କହିବା ମୂର୍ଖତା ।

୧୩୪ । ଏଣେ ବଉଘର ତେଣେ ଚଉଠି
ବେଦୀରୁ ଯାଉଛି ବର ଲେଉଟି । —ଭଗ

— ବିଶେଷ କାର୍ଯ୍ୟ ବ୍ୟସ୍ତ ଥିବା ।

୧୩୫ । ଏଣ୍ଡୁଅ ନାକରେ ଝୁମ୍ପା ମଲ୍ଲିକଢ଼ି
ନେଉଳ ନାକରେ ଗୁଣା ।
ମୂଷା ଶୋଇଅଛି ଛଅ ପଲଙ୍କରେ
ବିରାଡ଼ି ଧରେ ବିଞ୍ଚଣା । —ଛଟା

—ଅସମ୍ଭବର ଅବତାରଣାରେ ହାସ୍ୟରସ ସୃଷ୍ଟି ।

୧୩୬ । ଏଣ୍ଡା ବଇଦ ପଣେ
ଧୀରେ ଧୀରେ କର ନାଡ଼ିକା ଚପୁଡ଼
ଆଉ ଅଛି ଦଣ୍ଡେ କ୍ଷଣେ । —ଛଟା

—ଏଣ୍ଡା - ଏଣ୍ଡୁଅ । ତଥାକଥିତ ବୈଦ୍ୟ ପ୍ରତି ବ୍ୟଙ୍ଗ । ପୂଟଳ ବୈଦ୍ୟ ନାଡ଼ି ଦେଖି ଜାଣେନାହିଁ, କିନ୍ତୁ ଦେଖିବାର ଛଳନା କରେ । ନାଡ଼ି ଦେଖି ମଳୁକୁ ଆଉ ଘଡ଼ିଏ ବଞ୍ଚିବ କହିବା ହାସ୍ୟକର ।

୧୭୭ । ଏଣୁ ଯାଉଥିଲେ ବାପ ପୁଅ
ତେଣୁ ଯାଉଥିଲେ ଏକା
ବାପ ଯାହାକୁ ଜୁହାର କରେ
ପୁଅ ଗୋଡ଼ ତଳେ ଚକା । —ନାଁ ଢଆ

—ବାସୁଦେବ, ଶ୍ରୀକୃଷ୍ଣ ଓ ଉଗ୍ରସେନ ।

୧୭୮ । ଏଣୁ ତେଣୁ ପଛେ ଚଷ
ମଇ ଗୁରପଠା ଘଷ । —କୃଷି ପ୍ରବଚନ

—ଚଷ ପଛେ ଯାହା ତାହା ହେଉ, ତା ଉପରେ ମଇ ଦେବା ଭଲ । ଢେଳାସବୁ ଗୁଣ୍ଡା ହୋଇଯାଏ । ଠିକ୍‌ଭାବେ ମଞ୍ଜି ଗଛ ହୁଏ ।

୧୭୯ । ଏଣକ ବୁଲି ଗାଆଁକୁ ପଶେ
ଡାକ ବୋଲେ ପୁତା ନିଶ୍ଚେ ବରଷେ । —ଡାକବଚନ

—କୃଷିସମ୍ବନ୍ଧୀୟ; ପ୍ରବଳ ବର୍ଷାର ଲକ୍ଷଣ ।

୧୮୦ । ଏତେ ଚୂନକୁ ଏତେ ପାନ,
ଖଇର ମିଶିଲେ କେତେ ଛାନ । —ଢଗ

—ବଟୁଆରେ ପାନ, ଚୂନ ଖଇର ଯାହା ଅଛି, ସେଥିରେ ପାଟି ଲାଲ୍ ହେବା ଅସମ୍ଭବ । ଏପରି ଅବସ୍ଥାରେ ହାସ୍ୟରସରେ ଏହି ଉକ୍ତିର ପ୍ରୟୋଗ ହୁଏ ।

୧୮୧ । ଏଣେ ପୁଅ ମୁଣ୍ଡକୁ ଆଶା
ତେଣେ ତେଲ ଘଡ଼କ ଆଶା । —ଢଗ

—ଦୁଆଡ଼କୁ ଲୋଭ କରିବା । ପୁଅ ମୁଣ୍ଡ ନୁଖୁର ଚିନ୍ତାକଲ, ଏଣେ ଘଡ଼ରୁ ତେଲ ସରିଗଲା । ଦୁଆଡ଼କୁ ଲୋଭ କରୁଥିବା ବ୍ୟକ୍ତି କୌଣସି କର୍ଯ୍ୟ କରି ପାରେନାହିଁ । ଦୋଛାଇରେ ପଡ଼ି ସର୍ବଦା ହନ୍ତସନ୍ତ ହେଉଥାଏ ।

୧୪୨ । ଏତିକରେ ଧନ ଏତିକ
ପେଟର ଧନ ଥିବ ପେଣ୍ଡରେ ପରାଣ
ନ ଆସିବ ଚୋର କଟକ । —ଛଟା

—ପ୍ରେମରେ ଅଭିମାନ ।

୧୪୩ । ଏତେ କରି କରି ଖାଲି ଘର
ତେବେ ବି ଘରିଚା କଲା ପର । —ଛଟା

—ପତିର ଅନାଦରରେ ସ୍ତ୍ରୀର ଅନୁଶୋଚନା ।

୧୪୪ । ଏତେ ଚଟକ
କୁଆ ନେଇଗଲା ଧାନ ପଟକ । —ଛଟା

—ବ୍ୟାଙ୍ଗାତ୍ମକ । ଚଟକ—ଘରଚଟିଆ ଚଢ଼େଇ ପରି ଚଞ୍ଚଳ ଓ ଚତୁର । ପଟକ—ଅଖାଏ ବା ବସ୍ତାଏ । ଆଖି ଆଗରେ ଚୋରି ହେଉଥିବା ବେଳେ ଚତୁରତାର କି ମୂଲ୍ୟ ?

୧୪୫ । ଏତେ ଗୁଡ଼ର
ମାଛ ଭକ ଭକ ଧନ ଯାଉଥିଲା
ନଗଉଚ୍ଛି ଟଙ୍କା ଅଡ଼ର । —ଛଟା

—ବର୍ତ୍ତମାନ ଭାଗ୍ୟୋଦୟ ପ୍ରତି ଅସୂୟା ଓ ବ୍ୟଙ୍ଗ । ପୂର୍ବ ଦୁଃଖର ଧନ ସ୍ମରଣ କରାଇ ଆଘାତ କରିବା ଚେଷ୍ଟା ।

୧୪୬ । ଏତେ ଟିକେ ଟୁପି
ବାଡ଼ ମୂଳେ ବସିଛି
ଯମ ରାଜା ଆସିବ
ପାତାଳପୁରକୁ ପଶିବ । —ନାଁ ଧଆ

—କାକର ।

୧୪୭ । ଏତେ ଖାଇ ଖାଇ ନ ପୂରିଲା ପେଟ
ବରି ଓଳିଅରେ ମାରୁଛି ହାତ । —ଛଟା

—ଘରୁ ଧାନ ସରିଲେ ଧାନ ବଡ଼ନ, ବଡ଼ି, ମୁଗ ଓ ଡାଲିଆଦିରେ ହାତ ବାଜେ । ସେଥିପ୍ରତି ଆକ୍ଷେପ । ବଡ଼ନରେ ହାତ ମାରିବା ଅର୍ଥ ମୂଳ ବୁଡ଼ାଇବା ।

୧୪୮ । ଏଡ଼କି ଯୋଗ
କୁଣ୍ଡାଖାଇକି 'ନରସିଂହ ଭୋଗ ।' —ଢଗ

—ସୌଭାଗ୍ୟବଳରେ ଅତି ମନ୍ଦ ଅବସ୍ଥାରୁ ଭଲ ଅବସ୍ଥାକୁ ଆସିଥିବା ବ୍ୟକ୍ତି ପ୍ରତି ପ୍ରଯୁକ୍ତ ।

କୁଣ୍ଡାଖାଇ—ଅଭାବରେ ଭୃତ୍ତା କୁଣ୍ଡାହିଁ ଯାହାର ଖାଦ୍ୟ ଥିଲା ।
ନରସିଂହ ଭୋଗ—ଉତ୍କୃଷ୍ଟ ମିଷ୍ଟାନ୍ନ ।

୧୪୯ । ଏତେ ଦେଲି ସେତେ ଦେଲି
ନୋହିଲା କାରଣ
ଏକା ଝିଅ ଜେମା ଲାଗି
ପଶିଲି ଶରଣ । —ଛଟା

—କନ୍ୟାପିତାର ଅନୁଶୋଚନା । ଶାଶୁଘରକୁ ନେଇଥିବା ଯୌତୁକର ସ୍ୱୀକୃତି ମିଳେନାହିଁ । କନ୍ୟା ପ୍ରତି ସେଠି ସ୍ନେହାଦର ମଧ୍ୟ ନାହିଁ । ଅଥଚ କନ୍ୟାଦାନବେଳେ ଶ୍ୱଶୁର ଶରଣ ପଶିଥିଲେ । ଜୋଇଁ ଦରଦୋଷ କ୍ଷମା କରିବେ ବୋଲି ସ୍ୱୀକୃତି ଦେଇଥିଲେ ।

୧୫୦ । ଏଡ଼କ ହେଲି
କିଛି ନ ଆଣି ମୋ ଭାଇ ଅଇଲା । —ଛଟା

—ବିଦେଶରୁ ଖାଲି ହାତରେ ଫେରିଥିବା ଅଯୋଗ୍ୟ ଭାଇ ପ୍ରତି ବ୍ୟଙ୍ଗ ।

୧୫୧ । ଏତେ କରି କରି ନୋହିଲା କିଛି
ନା ରଣ ପଣ କରି ଗୃହାଳ-ପୋଛି । —ଢଗ

—ଗୁହାଳପୋଛି—ଯେ ଗୁହାଳ ପୋଛେ । ସ୍ନେହ ଓ ସତ୍କର୍ମ କର ଗୃହରେ କୌଣସି ସ୍ୱୀକୃତ ନ ପାଇବାରେ ଅନୁଶୋଚନା ।

୧୫୨ । ଏତେ କଥା ଥିଲା ମନରେ
କାଲିକି ଘେନ କି ଘର କରବ
ଗୋଷାକି ଛୁଡ଼ିଲ ବନରେ ? —ଛଟା

—ବସ୍ତୁରଦୋଷରୁ ଭଲ ଜିନଷଟି ହାରଇବା ଓ ମନ୍ଦ ଜିନିଷକୁ ଘେନ ଅନୁଶୋଚନା କରିବା ।

୧୫୩ । ଏ ସନ ମଲୁ ଆର ସନକୁ ବୈଦ୍ୟ ! —ତଗ

—ସନ—ବର୍ଷ; ମଲୁ—ରୋଗୀ । ଚିକିତ୍ସାକାଳରେ ରୋଗୀର ଔଷଧ ଓ ପଥ୍ୟାପଥ୍ୟ ବିଷୟରେ କିଛି ଜ୍ଞାନ ଜନ୍ମିଥାଏ । ତେଣୁ ସେ ଜଣେ ଚିକିତ୍ସକ ପରି ଅନ୍ୟ ରୋଗୀଙ୍କୁ ଉପଦେଶ ଦେଇଥାଏ ।

୧୫୪ । ଏଥିଁ ଅଧିକ ଫଳ
ଅପବାଦ କେବଳ । —ତଗ

—କୁକର୍ମରୁ ମିଳେ କେବଳ ଅପବାଦ । ମନ୍ଦ କର୍ମରୁ କେତେବେଳେ ହେଲେ ଭଲ ଫଳ ମିଳେ ନାହିଁ ।

୧୫୫ । ଏଥର ବ୍ରାହ୍ମଣୀ ହାତକୁ ଅଡ଼ା ଗଲା । —ଲୋକୋକ୍ତି

—ବ୍ରାହ୍ମଣୀ ହାତରେ ଅଡ଼ା ରହିଲେ ଦୁର୍ଭିକ୍ଷ ପଡ଼େ ବୋଲି ଜ୍ୟୋତିଷମାନେ ମତ ଦିଅନ୍ତି । ଏହା ଲୋକବିଶ୍ୱାସରେ ପରିଣତ ହୋଇଛି ।

୧୫୬ । ଏ ଦେଖ ଏ ଭାରତ ଖଣ୍ଡ
ଛଅ ଯୁବତୀଙ୍କି ପନ୍ଦର ପଣ୍ଡ । —ନାଁ । ଢଆ

୧୫୭ । ଏ ଦୁଃଖୀ ଆଗରେ ସେ ଦୁଃଖୀ କହେ
ଆଖିରୁ ଲୁହ ଝର ଝର ବହେ । —ଛଟା

—ଅନ୍ୟର ଦୁଃଖରେ ଦୁଃଖୀର ସମବେଦନା ବୋଧ ଓ ଆଶ୍ୱସନାରେ ଲୁହ ଝାରିବା ସ୍ୱାଭାବିକ ।

୧୫୮ । ଏ ଦଶାରୁ ସେ ଦଶା କଲେ
ଦଇବ ହାଣ୍ଡିରେ ପେଜ ନଗଲେ ! —ଢଗ

—ଦୁଃଖରୁ ଘୋରତର ଦୁଃଖ ଉପସ୍ଥିତ ହେଲେ ଏହି ଢଗର ପ୍ରୟୋଗ ହୁଏ ।

୧୫୯ । ଏଣ୍ଡା ଲୋକ କେଣ୍ଡା
ଖଲଖିଆ ଲୋକ ଥାଳୀ ଁ ଖାଏଲେ
ଲୋକ ଚନ୍‌ଭ ସେ କେଣ୍ଡା ? —ସମ୍ବଲପୁରୀ ଢଗ

—ଖଲଖିଆ—ଖଲ ପତ୍ରରେ ଯେ ଖାଏ ।

ଥାଳୀଥିଁ ଖାଇଲେ—ଥାଳୀରେ ଖାଇଲେ ।
ଚନ୍‌ଭ—ଚିହ୍ନିବ, କେଣ୍ଡା—କପରି ?

ଲୋକର ଆର୍ଥିକ ଉନ୍ନତି ଘଟିଲେ ସେ ତାର ପୂର୍ବ ସ୍ତରର ମଣିଷଙ୍କୁ ଚିହ୍ନିପାରେନାହିଁ ।

୧୬୦ । ଏ ନଈ ଧୁଙ୍ଗୁଲେ ସେ ନଈ ଆସେ
ସମୁଦ୍ର ପାଣି ମହ ମହ ବାସେ । —ନାଁ । ଢଗ

—ବନ୍ୟା ।

୧୬୧ । ଏ ନାହାରେ ଗୋଡ଼େ
ସେ ନାହାରେ ଗୋଡ଼େ । —ଢଗ

—ଦୁଇ ନାଆରେ ଗୋଡ଼ ଦେଲେ ମଣିଷ ନଈରେ ପଡ଼ି ବୁଡ଼ି ମରେ । ଲକ୍ଷ୍ୟ ସ୍ଥିର ନ ହେଲେ ଜୀବନ ବିଫଳ ହୁଏ ।

୧୬୨ । ଏ ଜଆଁଲ ଗାଁ ଘରେ
ଜୁଆଁଇ ନାହିଁକି ପଇଚାନ୍ତି ନାହିଁ । —ଲୋକୋକ୍ତି

—ଶାଶୂଘରେ ପୂର୍ଣ୍ୟଘଟ ପାଳିତ ନ ହେବାରେ ବା ସେଠ ଘଟମାନଙ୍କରେ କଳଙ୍କ ଲାଗିବାରେ ବୋହୂର ବିରକ୍ତି । କଥାଁ ଲଗା, ପୋଡ଼ପୋଡ଼ା, ଜଳଜଳା ପ୍ରଭୃତି ଓଡ଼ିଆ ନାରୀର କ୍ରୋଧ ବେଳର ଗାଳି ଭାଷା ।

୧୬୩ ।        ଏ ପୁନଅଁରେ ସେ ପିଠା ନାହିଁ ।        —ଛଗ

—ଅବାନ୍ତର ବିଷୟ ପ୍ରତି ବ୍ୟଙ୍ଗ ।

୧୬୪ ।        ଏ ପାଖରେ ମଲାହାଡ଼
ସେ ପାଖକୁ ପକା କାଢ଼ି ।        —ନାଁ ଦିଆ

—ଚେଣା ।

୧୬୫ ।        ଏ ପଟେ ପର୍ବତ        ସେ ପଟେ ପର୍ବତ
ମଝିରେ ମାଇଲି ମଞ୍ଜା
କେଉଁ ବିଧାତା ଲୋ        ଫନ୍ଦା କରିଛୁ
ସବୁବେଳେ କଞ୍ଚା ।        —ନାଁ ଦିଆ

—ଜିଭ ।

୧୬୬ ।        ଏ ଚାଳରେ ହଡ଼ା ମଲା
ସେ ଘାରିକି ଗନ୍ଧ ହେଲା ।        —ନାଁ ଦିଆ

—କିଆ ଫୁଲ, ପଣସ ।

୧୬୭ ।        ଏ ପାରି ଚତୁର୍ଭୁଜ        ସେ ପାରି ମଥୁରା
ମଝିରେ ଚଣ୍ଡାଲ ନଈ
ସୀତା ଠାକୁରାଣୀ        ଖେଳ ଖେଳୁଥିଲେ
ଲକ୍ଷେ ସୁନାମୁଦ୍ରା ଦେଇ ।        —ଛଟା

—ଯୁବତୀର ସୌଭାଗ୍ୟ ଓ ଫୁଲପଣର ସୂଚନା ।

୧୬୮ । ଏ ପାରିରେ ସୁନାର ଗଛ
ସେ ପାରିରେ ଗୁଇ
ମିଛରେ ଛ ଘଡ଼ ଛୁଡ଼ା କରିଲ
ଏଇ କଥାଟାର ପାଇଁ । —ଛଟା

—ଅଳ୍ପ ଭୁଲ କଥାରେ ସମସ୍ତ ନଷ୍ଟ ହେବାରେ ଅନୁଶୋଚନା ।

୧୬୯ । ଏ ପାଖେ ବଳଦ ସେ ପାଖେ ବଳଦ
ମଝିରେ ନୋକ
ଗୋବର ଝୋକେଇ ମୁଣ୍ଡକୁ ଟେକ । —ଛଟା

—ନୋକ– ଲୋକ, ଲୋକ ଛୁଡ଼ାହେବାର ସୁବିଧା ନେଇ ତାକୁ ଗୋବର ଝୋକେଇ ମୁଣ୍ଡକୁ ଟେକଦେବା ଲାଗି କହିବା । ବ୍ୟଙ୍ଗ । ସୁଯୋଗ ନେଇ ଏହିପରି ଲୋକର ସାହାଯ୍ୟ ଗ୍ରହଣ କରାଯାଏ ।

୧୭୦ । ଏ ପଟେ ଡାକଇ ଘଣୀ
ସେ ପଟେ ଡାକଇ ଘଣୀ
କାହା ଘରେ ଅଛି କାକର ପାଣି ? —ନାଁ ଢଆ

–ତେଲ ।

୧୭୧ । ଏ ପଟରେ ଲଗାଇଲି ଲାଉ
ସେ ପଟକୁ ଡଙ୍କି ପାଉ
ଯାକୁ ଯେ ଲେଉଟାଇ ଆଣିବ
ତାକୁ ସୁନା ଖୋଟା ଦେଉଁ । –ନାଁ ଢଆ

—ଘାଟଡଙ୍ଗା, ପବନ ।

୧୭୨ । ଏ ପଟେ ସେ ପଟେ ଡାକଇ ଶୁଆ
କାହା ଘରେ ଅଛି ନଦାଗୁଆ ? —ନାଁ ଢଆ

– ଟଙ୍କା (ଧାତୁ ଟଙ୍କା)

୧୭୩ ।  ଏ ବି ଏକ କସରତ !  —ଲୋକୋକ୍ତି

—ଜଣେ ମାଲ କସରତ ଦେଖାଉଁ ଦେଖାଉଁ ପଡ଼ିଗଲା । ମାଲଟାଏ ପଡ଼ିଯିବା ଲଜ୍ଜା'ର କଥା । ତେଣୁ ସେ କହିଲା, "ମୁଁ ପଡ଼ିଗଲି ବୋଲି କେହି ମନେ କର ନାହିଁ । ଏବି ଗୋଟାଏ କସରତ ।" ସେହିପରି କୁଣ୍ଠ ପୁରୁଷମାନେ ନିଜର ପତନକୁ ଏକ ଏକ ବୈଶିଷ୍ଟ୍ୟ ବୋଲି ବୁଝାଇ ଥାନ୍ତି ।

୧୭୪ ।  ଏ ବଡ଼ ଲୋକଙ୍କର ମତ
ଅଳପ ଲୋକେ ବିପରୀତ ।  —କବି ବଚନ

—ବଡ଼ ଲୋକ କଲେ ଚଳିଯାଏ ସାଧାରଣ ଲୋକ କୌଣସି କାର୍ଯ୍ୟକୁ ଅନୁସରଣ କଲେ ଫଳ ଓଲଟା ହୁଏ ।

୧୭୫ ।  ଏ ବାଡ଼ି ବାଇଗଣ
ଏ ପୋଥି ବାଇଗଣ ନୁହେଁ ।  —ଲୋକୋକ୍ତି

—ନିଜେ କୌଣସି କାର୍ଯ୍ୟ କଲେ ଏବଂ ଅପରକୁ ତାହା କରିବା ଲାଗି ମନା କଲେ, ଏ ଢଗ ବ୍ୟବହୃତ ହୁଏ । ଶାସ୍ତ୍ରରେ ଅଛି—ଧଳା ବାଇଗଣ ଖାଇବା ନିଷେଧ । କିନ୍ତୁ ଗୁରୁ ତାହା ନିଜେ ଖାଇଲା-ବେଳେ ଶିଷ୍ୟ ପଚାରିଲେ କହନ୍ତି—ଏ ବାଡ଼ି ବାଇଗଣ, ପୋଥି ବାଇଗଣ ନୁହେଁ । ଅର୍ଥାତ୍ ଶାସ୍ତ୍ରଉପଦେଶ ବା ବିଧିନିଷେଧ ଆଚରଣରେ ଫୁଟାଇବା କଷ୍ଟକର ।

୧୭୬ ।  ଏଭୁଁ ଏଡେ
ପାଏନ୍ ପଡ଼ଲେ ହେବୁ କେଡ୍ରେ । —ଢଗ (ସମ୍ବଲପୁର)

—'ଆଜହୁଁ ଏଡ଼େ, ପାଣି ପଡ଼ିଲେ ହେବୁ କେତେଡ଼' ଢଗ ଏକା ଅର୍ଥବାଚୀ ।  ପାଏନ୍—ପାଣି ।

୧୭୭ ।  ଏ ମନ ଘୋଡ଼ାଟାଏ ଯାହା
କାଳେ ଦୌଡ଼ତ ହୁଏ ତାହା ।  —କବି ବଚନ

— ମନରେ ଯାହା ଭାବିବ ବା ମାନସିକ କରିବ, ତାହା ଫଳେ ଉଦ୍ଦେଶ୍ୟ ଲାଭ ହେବ । ମଣିଷ ଭାବନା ଅନୁଯାୟୀ ଯଦି କାର୍ଯ୍ୟ କରେ, ତେବେ ତାର ଭାବନା ବୃଥା ହୁଏ ନାହିଁ ।

୧୭୮ । ଏ ମୁଣ୍ଡ ଯୋଡ଼ିଲେ ଯୋଗୀ
ସେ ମୁଣ୍ଡକୁ ଯାଏ
ସେ ମୁଣ୍ଡ ଯୋଡ଼ିଲେ ଯୋଗୀ
ଶିଂଘାନାଦ ବାଏ । —ଛଗ

ଯୋଗୀ – ଭିକାରୀ । ଭିକ୍ଷା ଅନ୍ନ ଉପରେ ନିର୍ଭର କରି ଚଳୁଥିବା ବ୍ୟକ୍ତି ବେପରୁଆ । ଗାଆଁର ଏ ପାଖ ପୋଡ଼ିଗଲେ ସେ ଭିକ୍ଷା ଲାଗି ଅନ୍ୟ ପାଖକୁ ଯାଏ ।

୧୭୯ । ଏମନ୍ତ ମଜାରେ
କହି ଯାଉଥିବ
କେହି ନ କହିବେ ଛୁଁଚ୍
ଏମନ୍ତ ସଜରେ
ବସି ଯାଇଥିବ
କେହି ନ କହିବେ ଉଠ୍
ଏମନ୍ତ ମଜାରେ
ଚାଲି ଯାଇଥିବ
କେହି ନ କହିବେ ଛୁଁଷ୍ । —ଛଗ

—ଛୁଁଚ୍—ମିଛ, ସଜ—ବାଗ ।
ଉପଦେଶ ବଚନ ।

ଯିବାଆସିବା, ବସିବା, କଥା କହିବା ପ୍ରଭୃତି ସବୁଥିରେ ବାଗସାଗ ଆବଶ୍ୟକ, ନୋହିଲେ ଲୋକ ଖୁଣିବେ ।

୧୮୦ । ଏମିତି କହୁ
ଲୁଣ ଘେନ ଭାତ କେମିତି ଖାଉ ? —ଢଣ।

—ଲୋକ ଘୋର ଅଭାବରେ ପଡ଼ି ଚୁଛା ଖାଏ । "କେମିତି ଖାଉ" ବୋଲି ଥିଲାବାଲା ତାକୁ ପ୍ରଶ୍ନ କରିବା ଅର୍ଥ ତା ମର୍ଯ୍ୟାଦା ଉପରେ ଏକ ଆଘାତ । ଦେଖେଇ ହେବା ଓ ଚତୁର କରିବା ଭାବ ଏଥିରେ ପ୍ରକଟିତ ।

୧୮୧ । ଏମିତି ଚଞ୍ଚଳୀ ଏ ଘରେ ଥିଲା
ବୁଡ଼ା ଚୁଛା ଖାଇ କରି ହାଟକୁ ଗଲା ! —ଛଟା

—ମନ୍ଥର ହେଲେ ବି ନିଜ କର୍ମର କ୍ଷିପ୍ରତା ଦେଖାଇ ହେଉଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗ ।

୧୮୨ । ଏମିତି ଜଣେ
କାଲି ଦେଖିଥିଲି କବାଟ କଣେ
ଆଜିକି ଦେଖିଲି ବାଉଁଶ ବଣେ । —ଛଟା

—ବ୍ୟକ୍ତିର ଅଧୋଗତି ପ୍ରତି ବ୍ୟଙ୍ଗ ।

୧୮୩ । ଏମନ୍ତ ସୁନ୍ଦର ଭେଣ୍ଡିଆଟିଏ
ହାତ ଗୋଡ଼ ନାହିଁ ଖଣ୍ଡିଆଟିଏ । —ନାଁ ଦିଆ

—ଉଙ୍ଗା ।

୧୮୪ । ଏମନ୍ତ ମାରି ମାରି ଗଲା କାଳକୁ
ବାଙ୍କା ରହିଲା ଫାଳକ । —ଛଟା

—ବ୍ୟଙ୍ଗ । ଏମିତି ଜୀବନର ଅଧିକାଂଶ ସମୟ କଟିଛି । ବାଙ୍କା ସମସ୍ୟାଟିକ କି କାଟିବ । ଅଯଥା ବ୍ୟସ୍ତ ବିବ୍ରତ ହେବାରେ ଲାଭ କଅଣ ?

୧୮୫ । ଏମନ୍ତ ବାଳୁରୁ ବାଳୁରୁ
ଆସି ମିଳିଲା ବୋଡ଼େଇ ସାରୁ
ତାକୁ ରାନ୍ଧିଲା ଯନ୍ତ୍ରକର
ଖାଇଲା ତାହା ପେଟ ଭରି । —ଛଟା

—ଭାଗବତ ପଦାବଳୀର ନକଲ ।

୧୮୬ । ଏରଣ୍ଡୋ ପି ଦ୍ରୁମାୟତେ । —ସଂସ୍କୃତ ଶ୍ଳୋକାଂଶ

—ଯେଉଁଠି ବନସ୍ପତି ନାହିଁ, ସେଠି ସାମାନ୍ୟ ଗଛଗଛାଳିଙ୍କୁ ତରୁବର ବୋଲି ବୋଲାଏ ।

୧୮୭ । ଏରେଣ୍ଡା କେରେଣ୍ଡା କୋଳି
କଉଡ଼ି ନଦେଲେ ନ ଦେବ ଜାଳି
ଶାଶୂ ଘର ଦେବେ ଗାଳି । —ଛଟା

—ଏରେଣ୍ଡା—ପିପ୍ପଳୀ; କେରେଣ୍ଡା—କରଣ୍ଡା (ଫଳ କୋଳି ବିଶେଷ) କଉଡ଼ି—ପଇସା । ଜାଳି—ବାକି ଦେବା । ପସାରୁଣୀ ବୋହୂ ସଉଦା ଦେଇ ନଗଦ ପଇସା ନେଉଛି । ବାକି ଦେଲେ ଶାଶୂଘର ଗାଳି ଦେବେ ।

୧୮୮ । ଏ ଶିବ
ଛାଏଁଟ୍ କୁନେ ଥିବ
ଚୂଟିଆ ମୂଷା ଚୂବ ଦେଲେ ବାହାର ପଡ଼ିବ । —ଛଟା
(ସମ୍ବଲପୁର)

—କୁନେ—କଣରେ; ଚୂବଦେଲେ—କାମୁଡ଼ିଦେଲେ । ବ୍ୟଙ୍ଗାତ୍ମକ ।

୧୮୯ । ଏ ମଖା ପାଖରେ ସେ ସଖା ରହେ
ଆଖିରୁ ଲୁହ ଝର ଝର ବହେ । —ଛଗ

—ବିରହ ବା ବିଚ୍ଛେଦରେ ଲୁହ ବୋହିବା ସ୍ୱାଭାବିକ ।ଏଠି ଏହା ଲୋକଦେଖାଣିଆ ଭାବ ବା ସ୍ୱାର୍ଥସିଦ୍ଧିର ପ୍ରକାଶ ହୋଇପାରେ । ଦୁଇ ବନ୍ଧୁଙ୍କର ତଥାକଥିତ କୋଳାକୋଳି ପ୍ରତି ବ୍ୟଙ୍ଗ ।

୧୯୦ । ଏ ଘନ ମାଗୁଣି ଆଗତ ଘନକୁ କର । —ଛଗ

—ମାଗୁଣି – ଗଡ଼ଜାତ ଓ ଜମିଦାରୀ ଅଞ୍ଚଳରେ ଲବାଦାଦ ଉତ୍ସବରେ ପ୍ରଜାମାନଙ୍କଠାରୁ ମାଗଣ ବା ମାଗୁଣି ଆଦାୟ କରା-ହେଉଥିଲା । ନାମ ମାଗୁଣି ହେଲେ ମଧ୍ୟ ନ ଦେଲେ ରକ୍ଷା ନଥିଲା । ଏ ବର୍ଷ ପ୍ରଜା ଅସ୍ଥାୟୀ ମାଗୁଣି ଦେବାକୁ ସମ୍ମତ ହେଲେ ଆଗାମୀ ବର୍ଷ ତାହା ଏକ ସ୍ଥାୟୀ କରରେ ପରିଣତ ହେଉଥିଲା ।

୧୯୧ । ଏତା କରେଙ୍ଗେ ତେସା କରେଙ୍ଗେ
ସିପାହି ଦେଖିଲେ ଶୋଇ ପଡ଼େଙ୍ଗେ । — ଢଗ

— ହିନ୍ଦୀ ମିଶା ଓଡ଼ିଆରେ ରଚିତ । ବ୍ୟଙ୍ଗାତ୍ମକ । ମୁହଁ ଟାଣ, କାମ କର୍ମରେ ଖାଲି ।

୧୯୨ । ଏଷାକୁ ତେଷା । — ଢଗ
— ଯେଉଁ କର୍ମକୁ ଯେଉଁ ପ୍ରତିକାର ।

୧୯୩ । ଏହି ଟୋକାଟି (ଝିଲ୍ଲୀଟି)
କା'ହାର ବେଟୀ ? — ଛଟା
— ବ୍ୟଙ୍ଗ ।

୧୯୪ । ଏଇ ବଡ଼ ଫେର୍ ଏମନ୍ତ ହୋଇ
ହାତୀକୁ ଟାରଇ ବାନ୍ଧ
ଏଇ ବଡ଼ ଫେର୍ ଏମନ୍ତ ହୋଇ
କେଶ ନ ପାରଇ ବାନ୍ଧ । — ଢଗ

— ମଣିଷ ସମର୍ଥ ଥିଲାବେଳେ ଅସାଧ୍ୟ ସାଧନ କରେ । ଦୁର୍ବଳ ଥିଲାବେଳେ ଅତି ସାମାନ୍ୟ କାର୍ଯ୍ୟ କରିବାକୁ ଅସମର୍ଥ ହୁଏ । ରୋଗ-ବ୍ୟାଧି ବା ବାର୍ଦ୍ଧକ୍ୟ ଏଇ ଦୁର୍ବଳତାର କାରଣ ହୋଇପାରେ ।

୧୯୫ । ଏହିକ ଏତେ
ମୁଦ ନାହିଁ ଗୋଡ଼ କରୁଛୁ କେତେ
ଗୋଡ଼ରେ ଯେମନ୍ତ ମୁଦ ଥାଆନ୍ତା
କରୁଡ଼ କରୁଡ଼ ଭଙ୍ଗି ଦଅନ୍ତା ! — ଢଗ

—ଧନ ଜନ ନଥାଇ ଏତେ ଗର୍ବ । ଥିଲେ ତାର ଗର୍ବ ଦୁଃସହ ହୁଅନ୍ତା । ଦରିଦ୍ର କିଛି ସାମାନ୍ୟ ଧନ ପାଇଲେ ଉଦ୍ଧତ ହୋଇଉଠେ । ତାହା ତାର ପ୍ରତ୍ୟେକ ଚଳଣିରେ ସ୍ପଷ୍ଟ ହୋଇଉଠେ ।

୧୯୬ । ଏ ହାଣ୍ଡି ଖପର କାନ୍ତ
ତୋ ମାଆ ମଲା ଜଆଁସ ଗନ୍ଧ
ପଠାଣ ଘରେ ଖାଇଲୁ ଭାତ
ତୋର ଗଲା ଜାତ । —ଛଟା

—ବ୍ୟଙ୍ଗ । ଆଗେ ଅନ୍ୟ ଘରେ ଖାଇଲେ ଜାତି ଯାଉଥିଲା । ସମାଜ ଅଟକାଉଥିଲା । ଏବେ ଜାତିଆଣ ଭାବ ପ୍ରାୟ ଲୋପ ପାଇଛି ।

୧୯୭ । ଏ ହାତକୁ ସେ ହାତ
ଖଣ୍ଡିଆ ହାତକୁ ଜଗନ୍ନାଥ । —ଢଗ

—ଯାହାର ହାତ ଖଣ୍ଡିଆ, ଅର୍ଥାତ୍ ଯେ କୌଣସି କାର୍ଯ୍ୟ କରିବାକୁ ଅସମର୍ଥ, ତାକୁ ଜଗନ୍ନାଥ ଭରସା ।

୧୯୮ । ଏଣୁ ମନଗୋଟି ଭୋଗୀ
ଏଣୁ ମନଗୋଟି ଯୋଗୀ
ଏଣୁ ମନଗୋଟି ମତ୍ତହସ୍ତୀ
ଏଣୁ ମନ ବଇରାଗୀ । —ଢଗ

—ମନର ବିଭିନ୍ନ ଅବସ୍ଥାର ବର୍ଣ୍ଣନା ।

୧୯୯ । ଏ ହାତରେ ଦେଲି ଯାହା
ସେ ହାତରେ ନେଲି ତାହା
କିଂପା ହେବେ ଚଉବାହା ? —ଛଟା

—ଦେଖାମାତ୍ରେ ଯେ ହରଣଚାଳ କରେ, ତାଙ୍କୁ ଲୋକେ ଦେବତା ବୋଲି କାହିଁକି ପୂଜିବେ ?

୨୦୦ । ଏ ହାତର ପାପ ସେ ହାତ ନିଏନା । — ଲୋକୋକ୍ତି

—ପାପର ଫଳ ମଣିଷକୁ ଭୋଗ କରିବାକୁ ହୁଏ । ପାପ କେହି କାଢ଼ି ନେଇ ପାରେନାହିଁ । ନିଜର ପାପ ହିଁ ଯାବତୀୟ ଦୁଃଖକଷ୍ଟର କାରଣ ।

୨୦୧ । ଏହାର ଦେଖି ତାହାର ଦେଖି
ଫରକିଲା ମୋର ଡାହାଣ ଆଖି । — ଢଗ

—ଅନ୍ୟର ସୁଖସମ୍ପଦ ଦେଖି କୌଣସି ସ୍ତ୍ରୀ ଲୋକର ମନ ଈର୍ଷାପର ହୋଇଅଛି । ସ୍ତ୍ରୀର ଡାହାଣ ଆଖି ଡେଇଁବା ଖରାପ ।

ଫରକିଲା—ଡେଇଁଲା ।

୨୦୨ । ଏହା କଲା କିଏ ତାହା କଲା
ହଗି ପିବାକୁ ସାତ ସୁଆଙ୍ଗ
ଗୁହାଳ କାଟିବା ବନ୍ଦ କଲା । — ଢଗ

—ଆଗେ ଖୁବ୍ ବଡ଼ଲୋକ ଥିଲା ସେ; ବହୁ ଆଡ଼ମ୍ବରରେ ଜୀବନ କଟୁଥିଲା; କିନ୍ତୁ ଭାଗ୍ୟ ବଦଳେ । ତା ଭାଗ୍ୟ ପଥର ତଳେ ପଡ଼ିଗଲା । ତାକୁ ପରର ଗୋବର ଗୋଟାଇବାକୁ ହେଲା । ବ୍ୟଙ୍ଗାତ୍ମକ ।

# ଋ

୧ । ଋଣିଆକୁ ଋଣ ଯେତେ
କଦୁଣିଆକୁ କଦୁଣୀ ତେତେ (ସେତେ) । —ଢଗ

—ଋଣିଆ—ଯେ ଋଣ କରିଥାଏ । କଦୁଣିଆ—ଯେ ବହୁତ କଦୁଣୀମାଡ଼ ଖାଇଥାଏ । ଯେ ବାରମ୍ବାର ଓ ବହୁତ ଋଣ କରେ, ତାକୁ ଋଣଚିନ୍ତା କଷ୍ଟ ଦଏନାହିଁ । ସେପରି ବହୁତ କଦୁଣୀମାଡ଼-ଖିଆକୁ ଗୋଟାଏ କଦୁଣୀ ମାଡ଼ କାଟେନାହିଁ ।

୨ । ଋଣ ବଢ଼ୁଛି ନା, ପୁଅ ଝିଅ ଶୁଝିବେ ! —ଢଗ

—ପୁଅ ଝିଅଙ୍କ ମୁଣ୍ଡରେ ଋଣବୋଝ ନଦି ଯିବା ଏକ ଦାୟିତ୍ୱହୀନତା । ସେମାନେ ଏଭଳି ବାପ ମାଆଙ୍କୁ ଶ୍ରଦ୍ଧାଚକ୍ଷୁରେ ଦେଖନ୍ତିନାହିଁ । ବାପର ଋଣଭାର ପୁଅ ଉପରେ ଥିଲେ ଲୋକେ ଏହି ଢଗର ପ୍ରୟୋଗ କରିଥାନ୍ତି । ଏହିପରି ଅନ୍ୟ ଏକ ଢଗ ହେଉଛି—,

"ବାପ ଖାଇଛି ଚାଳ
ପୁଅକୁ ହୋଇଛି କାଳ ।"

୩ । ଋଣୁ ଝୁଣ୍ଣୁ ହୋଇ ଯାଉଛି ଗୃହ
ଦେଖିଲିବେଳକୁ କାଳୀ କୋଚଷ
(କିପରି କାଳୀ) —ଢଟା

—ଅଳଙ୍କାର ପିନ୍ଧିଥିବା କାଳୀ ସ୍ତ୍ରୀ ପ୍ରତି ବ୍ୟଙ୍ଗ । ଯେତେ ବେଶ ଭୂଷାରେ ଭୂଷିତ ହୋଇଥିଲେ ମଧ୍ୟ ସ୍ତ୍ରୀ ଯେତେବେଳେ ତାର ପ୍ରାକୃତିକ

ସୌନ୍ଦର୍ଯ୍ୟରେ ପୁରୁଷର ଦୃଷ୍ଟି ଆକର୍ଷଣ କରି ପାରେନାହିଁ, ସେତେବେଳେ ଉକ୍ତ ଢଗର ପ୍ରୟୋଗ ହୋଇଥାଏ । ଏ ଢଗର ଅନ୍ୟ ରୂପ ଏହିପରି—

'ଋଣୁ ଝୁଣୁ ହୋଇ ଯାଏ ଛଟଣା
ଦେଖିଲା ବେଳକୁ ଖଣ୍ଡିଆନାକୀ ।'

୪ । ଋଣଂ କୃତ୍ୱା ଘୃତଂ ପିବେତ୍
ଯାବତ୍ ଜୀବେତ୍ ସୁଖଂ ଜୀବେତ୍ । —ସଂସ୍କୃତ ଶ୍ଳୋକାଂଶ

—"ଋଣ କରି ଖାଇପିଇ ଆଜୀବନ ସୁଖରେ ରହ," ଇହ-ସର୍ବସ୍ୱ ସୁଖବାଦୀ ଚାର୍ବାକ୍ ପନ୍ଥୀ ବ୍ୟକ୍ତିମାନଙ୍କର ଜୀବନର ମନ୍ତ୍ର ଏ । ଏଇ ପନ୍ଥୀ ଲୋକ ଗ୍ରାମରେ ବହୁ ଅଛନ୍ତି । ସେମାନେ ଋଣ କରି ଖାଇ ପିଇ ଉଡ଼ାନ୍ତି । ଶୁଝିବା ନାଆଁ ଧରନ୍ତିନାହିଁ । ଖାଇବା ପିଇବା, ଫୂର୍ତ୍ତି କରି ଉଡ଼ାଇବା ।

୫ । ଋଣ ଶେଷ, ବ୍ୟାଧି ଶେଷ, ଶତ୍ରୁ ଶେଷ
ଏ ତିନିଙ୍କି ନ ରଖିବ ଲେଶ । —ଢଗ

— ସଂସ୍କୃତ ଶ୍ଳୋକର ଭାବ ଓଡ଼ିଆରେ ଏଇ ସୁନ୍ଦର ଢଗରେ ପ୍ରଚଳିତ ହୋଇଅଛି । ଋଣ ସବୁ ନ ଶୁଝି କିଛି ବାକି ରଖିଲେ ପୁଣି ବଢ଼େ, ଯେପରି ନିଆଁ ବଳି ଘର ପୋଡ଼େ । ରୋଗରୁ ପୂରା ଭଲ ହେବା ପର୍ଯ୍ୟନ୍ତ ଔଷଧବ୍ୟବହାର ଆବଶ୍ୟକ । ତା ନ ହେଲେ ରୋଗ ପୁଣି ମାଡ଼ିଉଠେ ।

୬ । ଋଷି ଘରକୁ ମହାଋଷି ଗଲେ
ଜଙ୍ଘ ଉପରୁ ଶିର କାଢ଼ିଦେଲେ । —ଢଗ

—ସମସ୍ତଙ୍କ ଦୋଷ ଦୁର୍ବଳତା ଯେ ଦେଖାଏ, ତାର ଦୋଷ ଦୁର୍ବଳତା ଦେଖାଇବାକୁ କେହି ହେଲେ ବାହାରେ । ଏହି ପରିପ୍ରେକ୍ଷିତ ପ୍ରତି ଉପଲକ୍ଷ୍ୟ କରି ବ୍ୟଙ୍ଗ ।

୭ । ଋଷି ଗୋଡ଼କୁ କୁକୁର ଖାଇବ ବୋଲିକି
ଋଷି କୁକୁର ଗୋଡ଼ ଖାଇବ ? —ଲୋକୋକ୍ତି

—ଖାଇବ – କାମୁଡ଼ିବ ।

– ନୀଚ ପ୍ରତିଶୋଧ ନେଇପାରେ, ଉଚ୍ଚ ବା ମହତ୍ ବ୍ୟକ୍ତି ପକ୍ଷରେ ତା ସମ୍ଭବ ନୁହେଁ । କୁକୁର ମହାନ୍ ଋଷିଙ୍କ ଗୋଡ଼କୁ କାମୁଡ଼ି ଦେଇପାରେ । କିନ୍ତୁ ଋଷିଙ୍କ ପକ୍ଷେ ସେଭଳି ଏକ ପ୍ରତିହିଂସା ବିଡ଼ମ୍ବନା ।

୮ । ଋଷି ବାଳ ଛିଣ୍ଡାଇ ମରିବା କଥା । —ତଚି

– ଋଷିମାନେ ଅତି ସଂଯମୀ, ଧୈର୍ଯ୍ୟଶୀଳ । ବେଳେ ବେଳେ ଏପରି ଅସହ୍ୟ ଘଟଣା ଘଟେ, ଯହିଁରେ ଋଷିଙ୍କର ମଧ୍ୟ କ୍ରୋଧ ଜାତ ହୁଏ, ସେ କ୍ରୋଧରେ ବାଳ ଛିଣ୍ଡାଇ ପକାନ୍ତି ।

ଏ ସମ୍ବନ୍ଧରେ ଏକ କାହାଣୀ ଅଛି । ଜଣେ କ୍ଷଣକୋପୀ ଋଷି କୌଣସି ଅଘଟଣ ବା ଅତି ଅସୁନ୍ଦର କଥା ଶୁଣିଲେ ତାଙ୍କ ମୁଣ୍ଡରୁ ଗୋଟିଏ ଲେଖାଏଁ ବାଳ ଛିଣ୍ଡାଇ ପକାଉଥିଲେ । ଏହିପରି କ୍ରମାଗତ ଅଘଟଣ କଥାମାନ ଶୁଣି ଶୁଣି ସେ ତାଙ୍କ ମୁଣ୍ଡର ସମସ୍ତ ବାଳ ଛିଣ୍ଡାଇ ପକାଇଥିଲେ । ମୁଣ୍ଡରେ ଗୋଟିଏ ମାତ୍ର ବାଳ ଅବଶିଷ୍ଟ ଥିଲା । ଏହିପରି ଅବସ୍ଥାରେ ଥରେ ସେ ଜଣେ ରାଜାଙ୍କର ଅତିଥି ହୋଇ ରାଜବାଟୀରେ ଅବସ୍ଥାନ କରୁଥିଲେ ।

ତାଙ୍କର ଏତାଦୃଶ ବାଳଛିଣ୍ଡା କଥା ମଧ୍ୟ ସେ ରାଜା ଓ ଅନ୍ୟମାନଙ୍କୁ ଜଣାଇ ଦେଇଥିଲେ । କାରଣ ସମସ୍ତେ ସତର୍କ ହେବେ ।

ଦିନେ ସେ ଶୁଣିଲେ ଯେ ରାଜା କୌଣସି କାରଣରୁ କ୍ରୋଧ ବଶତଃ ରାଣୀଙ୍କ ଉପରକୁ ଫୁଲଟିଏ ଫୋପାଡ଼ି ଦେଇଛନ୍ତି । ଏହା ରାଣୀଙ୍କୁ ରାଗ କାଟିଛି ଏବଂ ସେ ରଜାଙ୍କ ଉପରକୁ ଅତିଶୟ କ୍ରୋଧ ଓ ଅଭିମାନରେ ଖପ୍ପା ହୋଇ କଥା କହୁ ନାହାନ୍ତି । ନଖାଇ ନପିଇ ରୁଷିଛନ୍ତି । ସେତେବେଳେ ଋଷିଙ୍କ ମନରେ ରାଣୀଙ୍କ ପୂର୍ବ ଇତିହାସ ଜାଗ ଉଠିଲା—"ବାପ ମା ଛେଉଣ୍ଡ ଭାଇ ଭଉଣୀ ଦୁଇଟି ଛେଳୁ ଓଳ ଚୋଳ

ବଜାରରେ ବିକି ବହୁ କଷ୍ଟରେ ଚଳୁଥିଲେ । ଓଳଗୁଡ଼ିକ ଗଛରୁ ତଳେ ପଡ଼ି ଛେଛେଡ଼ା ନ ହେବା ସକାଶେ ଭଉଣୀ ପିଠି ଦେଖାଉଥିଲା ଏବଂ ଭାଇ ଗଛରୁ ଓଳ ତୋଳି ତା ପିଠି ଉପରେ ପକାଉଥିଲା ।

ତାର ଭଉଣୀଟି ଅସାମାନ୍ୟ ସୁନ୍ଦରୀ ଥିଲା । ଥରେ ରାଜା ପାଖଧିକୁ ଆସି ତାର ସୌନ୍ଦର୍ଯ୍ୟରେ ଆକୃଷ୍ଟ ହୋଇ ତାଙ୍କୁ ନିଜର ରାଣୀ କରିଥିଲେ ।

ସେହି ଓଳ ମାଡ଼ ଖାଇ ପିଠି ଶିଝାଇଥିବା ଝିଅ ଭାଗ୍ୟବଳରେ ଆଜି ରାଣୀ ହୋଇଛି । ଫୁଲିଟିର ଭାର ସହି ପାରୁନାହିଁ ବୋଲି ଛଳନା କରୁଛି । ଏହି ଅଘଟଣ କଥା ଦେଖି ଋଷି, ଅବଶିଷ୍ଟ ଥିବା ଗୋଟିଏ ବାଳ କ୍ରୋଧରେ ଛିଣ୍ଡାଇ ଦେଇ ମଲେ । ସେହି ଘଟଣାରୁ ଋଷି ବାଳ ଛିଣ୍ଡାଇ ମରିବା କଥା ପ୍ରଚଳିତ ।

# ଉ

୧ । ଓଜ ଗଛ ମୂଳେ ବୋଜ ବଇଠ
ଉଠ୍ ପିଟେଇ, ବର ଆଉଚ । —ଛଟା

—ବଇଠ—ବସିଛୁ । ବର ଦେଖିବା ଲାଗି ଗାଉଁଲି ସ୍ତ୍ରୀଲୋକ ମାନଙ୍କର ପ୍ରବଳ ଆକାଂକ୍ଷା । ଯେ ଯାହା କାର୍ଯ୍ୟ କରୁଥାଏ ଛାଡ଼ି ଉଠି ଆସେ ।

୨ । ଓଜଚାଲି ପୂଚୁକାଗାଲି
କର କରିଛୁ କି ଚଟେ ?
ନଣ ଦଇଠା ଫରକା ଫରକା
ନେଇ ପଳାଇବୁ କି ମୋତେ ? —ନାଁ ଢଆ

—ବାଘୁଡ଼ି ଓ ମଣ୍ଡା ପିଠା ।

୩ । ଓକିଲ ଭାଇ
ଯାହାର ଖାଇବ ତାହାର ଗାଇ । —ଛଟା

—ଓକିଲ ଯାହାଠୁ ପଇସା ନିଅନ୍ତି ତା ମକଦ୍ଦମା ଲଢ଼ନ୍ତି ।'

୪ । ଓଃ, କୁଜ ବେଣ୍ଡା ଶଙ୍ଖ ପାଲଟି ଗଲେ ! —ଲୋକୋକ୍ତି

—ମାଟ ଲୋକର ଔଦ୍ଧତ୍ୟ ପ୍ରତି ବ୍ୟଙ୍ଗ । ସେ ଦିନର ସମୁଦ୍ର ଭିତରର ଅବହେଳିତ ଗେଣ୍ଡା ଆଜ ଦେବମନ୍ଦିରରେ ଶଙ୍ଖ, ଭକ୍ତି-ଭାବର ପ୍ରତୀକ ।

୫ ।  ଓଟ ମୁହଁକୁ ଜୀରା ।  — ରୂଢ଼ି ପ୍ରୟୋଗ

—ଯେ ବହୁତ ବେଶୀ ଖାଦ୍ୟ ଲୋଡ଼େ, ତାକୁ ଅତି ସାମାନ୍ୟ ପରିମାଣରେ ଖାଦ୍ୟ ଦେବା ହାସ୍ୟକର । ସେଥିରେ ତାର ପେଟ ପୂରିବା ତ ଦୂରର କଥା, ପାଟି ମଧ୍ୟ ପୂରେନାହିଁ ।

୬ ।  ଓଟ ଯାଏ ନାଳେ ନାଳେ
ଥାଳେ ପିଏ ପାଣି
ଥାଳକୁ ରସି ମୁଁ ଥାଳୀକୁ ଛାଡ଼ିଲ
ବୁଲିଲି ପରର କଣି ।  — ଢଗ

—ମଣିଷ ନିଜେ ହିଁ ନିଜର ଅଧିକ କ୍ଷତି କରେ । ନିଜ ମନର ମଙ୍ଗ ଠିକ୍ ରଖି ନପାରି ଅଧୋଗତିକୁ ବରଣ କରେ, ଥାଳୀରୁ ଥାଳ ଓ ଶେଷରେ ଖଲି ହିଁ ତାର ଭୋଜନପାତ୍ର ହୁଏ । ଦିନକୁ ଦିନ ତାର ଆର୍ଥିକ ଅବସ୍ଥା ଶୋଚନୀୟତର ହୁଏ ।

୭ ।  ଓଟକୁ ଚରା
ପଣ୍ଡାକୁ ଖରା
ଆମ୍ବକୁ କରା
ବୁଢ଼ୀକୁ ଥରା
ଘୋଟୀକୁ ଗରା
ଦିନକୁ ଚରା
ଶୁଆକୁ ଧରା
ବୋଲେ ଦନାଇ
ଏ ଅତି ନାକରା ।  — ଦନାଇ ବଚନ ।

—ପଣ୍ଡା—ଅଣ୍ଡିରା ମଇଁଷି; କରା—କୁଆପଥର, ଥରା—ଥରାରୋଗ, ଗରା—ପ୍ରାଚୀନ ଯୁଗର ମାଠିଆ ଆକୃତିର ପିତ୍ତଳ ପାତ୍ର । ନାକରା—ମନ୍ଦ ।

୮ । ଓଡ଼ିଆ ମାଈ
ପଞ୍ଜାବୀ ଗାଈ । —ଛଟା

—ଓଡ଼ିଆ ସ୍ତ୍ରୀ ଲୋକ ଓ ପଞ୍ଜାବୀ ଗାଈ ଉତ୍କୃଷ୍ଟ ।

୯ । ଓଡ଼ଶ ବଆଣ ଘର । —ନ୍ୟାୟ

—ବହୁ ସନ୍ତାନ ଜନ୍ମ ପ୍ରତି ବ୍ୟଙ୍ଗ ।

୧୦ । ଓଡ଼ଶ ବଆଣରେ ପୁଜ ନାହିଁ କ ରଜତ ନାହିଁ । —ଲୋକୋକ୍ତି

—ଅନୁଭବ ।

୧୧ । ଓଡ଼ିଆ ସେ ଦାତା ନୋହିଁ
ବନା ମାଡ଼ସେ ଦେତା ନୋହିଁ । —ଢ଼ଗ

—ପଣ୍ଡିମାମାନେ ଓଡ଼ିଆଙ୍କ ସ୍ୱଭାବ ଏଇ ପ୍ରକାରରେ ବର୍ଣ୍ଣନା କରିଥାନ୍ତି ।

୧୨ । ଓଡ଼ିଆ ନ ଡ଼ନ୍ତିଲେ ଘର ଛାଆନ୍ତି ନାହିଁ । —ଲୋକୋକ୍ତି

—ଅନୁଭବ । ଓଡ଼ିଆ ପଛବୁଦ୍ଧିଆ । ବିପଦରେ ପଡ଼ିଲେ ପ୍ରତିକାର କରେ । ତା ଆଗରୁ ସତର୍କ ବା ସାବଧାନ ହୋଇପାରେ ନାହିଁ ।

୧୩ । ଓଡ଼େ କମ୍ବଲ ପଡ଼ିଜ ରହୋ —ହିନ୍ଦୀ ପ୍ରବଚନ

—ଅଲସୁଆ ପ୍ରତି ବ୍ୟଙ୍ଗ । ଅନ୍ୟ ଅର୍ଥରେ ବିପଦବେଳେ ସବୁ ଦୁଃଖ ଆଖି ବୁଜି ସହିଯିବା ଲାଗି ଉପଦେଶ ।

୧୪ । ଓଡ଼ଶାରେ ଭଣ୍ଡେ ଖାଅନ୍ତି
ସନ୍ତରା ବଣରେ ଧଣ୍ଡେ ଖାଅନ୍ତି । —ଢଗ

—ଓଡ଼ିଶାରେ ସାଧୁସନ୍ଥ, ସରଳ ନିରୀହ ବ୍ୟକ୍ତିଙ୍କ ଲାଗି ସ୍ଥାନ ନାହିଁ । ଏଠି ଶଠ, ଭଣ୍ଡ ରାଜତ୍ୱ କରୁଥାନ୍ତି, ନହେଲେ ସର୍ପ ବା ହିଂସ୍ର ଜନ୍ତୁମାନେ ରହନ୍ତି ।

୧୫ । ଓଡ଼ିଆ ମାଣ୍ଡ
ପଶ୍ଚିମା ଗାଣ୍ଡ
ବଙ୍ଗାଳୀ କେଶ
ତେଲେଙ୍ଗା ବେଶ
ସଙ୍ଗାତ ଏ ବଡ଼ ଭଲ । —ଢଗ

—ଲୋକ କଳନାରେ ଓଡ଼ିଶାର ସ୍ତ୍ରୀଲୋକମାନେ ସୁନ୍ଦର । ପଶ୍ଚିମା ଗାଣ୍ଡ ଦୁଧିଆଳୀ, ବଂଗାଳୀଙ୍କ କେଶ ବନ୍ଧା ଓ ତେଲେଙ୍ଗା ଝିଅଙ୍କ ବେଶ ସୁନ୍ଦର ।

୧୬ । ଓଡ଼ିଶା ଟେଢ଼ିଛି ନାକ ସରକ
ଭୁଣ୍ଡ ଶୁଭୁଅଛି ଚଉପାଠିକ । —ଢଗ

—ଲୋକଦେଖାଣରେ ଏକପ୍ରକାର, ଆଚରଣରେ ଅନ୍ୟ ପ୍ରକାର, ବାହାରେ ମାନ୍ୟଧର୍ମ ଦେଖାଇବାରେ ପ୍ରବୀଣ, ଅଥଚ କାଳ କଲାବେଳେ ଜ୍ଞାନଚେତନା ରହେନାହିଁ । ଏହି ପ୍ରକୃତିର ସ୍ତ୍ରୀ ଲୋକ ପ୍ରତି ବ୍ୟଙ୍ଗ ।

୧୭ । ଓଡ଼ିଶା ପଡ଼ିଛି ଗୋଡ଼ଣା ପାଏ
ଭୁଣ୍ଡ ଶୁଭୁଅଛି ରେମୁଣା ଯାଏ । —ଢଗ

—ଗୋଡ଼ଣା—ଗୋଡ଼ମୂଳ ପାଏ, ଅର୍ଥାତ୍ ଅତି ଲମ୍ବା । ରେମୁଣା—ବାଲେଶ୍ୱର ନିକଟବର୍ତ୍ତୀ ସ୍ଥାନ । ସେଠା କ୍ଷୀରଚୋରା ଗୋପୀନାଥଙ୍କ ନାମ ପ୍ରସିଦ୍ଧ ।

୧୮ । ଓଡ଼ା ମିଞ୍ଛ ଯାଉ ଯାଦୁଗ୍ର ଜଟି
ଠକ ଖାଏ ଯେତ୍ତ ଧନ୍ଦା ନଖଟି
ହାତେ ପାଣି ପିଏ ଥାଉଣୁ ଘଟି
ସଞ୍ଜରେ ବାଟୋଇ ନଧରେ ଚଟି
ଗୁରୁଜନଙ୍କୁ ସେ ମାରଇ ପଟି
ନାରୀଙ୍କ ନାମେ ସେ କହଇ ଜଟି
କାମ ବେଳକୁ ପଳେ ଉହେ ହଟି
ଚମ୍ପଛେଉଣ୍ଡା ଏ ଦନାଇ ରଟି । —ଦନାଇ ବଚନ

—ଚଟି – ରାସ୍ତାରେ ବାଟୋଇଙ୍କ ଆଶ୍ରା ଲଗି ଛୋଟ ଛୋଟ ଘର । ପଟି ମାରିବା–ଠକିବା । ଜଟିବା–ଠକିବା । ଚମ୍ପଛେଉଣ୍ଡା—ଯେଉଁ ପିଲା ମା'ର ପେଟରେ ଥିଲାବେଳେ ବାପ ମରିଯାଇଥାଏ, ଉପଯୁକ୍ତ ଲାଳନା ଓ ଶୃଙ୍ଖଳା ଅଭାବରୁ ସେ ଦୁଷ୍ଟ ପ୍ରକୃତିର ହୋଇଯାଏ ।

୧୯ । ଓଧ ଖାଇଲା ପାଚେଲା କଦଳୀ
ଘୁଷୁରି ଖାଇଲା ପାନ
ଭୂଆ ବଗଡ଼ ବଇଷମ ହୋଇ
ସଭାରେ କହୁଛି ଜ୍ଞାନ । —ଛଟା

—ଅସମ୍ଭବର ଅବତାରଣାରେ ହାସ୍ୟରସ ସୃଷ୍ଟି ।

୨୦ । ଓଧ ସଙ୍ଗେ ବଣଭୂଆ ବାଇ । —ନ୍ୟପୁ

—ଓଧଭୂଆ ଦୁହେଁ ମାଛଲୋଭୀ । ଓଧ ପାଣିରେ ବୁଡ଼ି ମାଛ ଧରେ, ଭୂଆ ତା ପାରେନାହିଁ । ତେଣୁ ଓଧ ସଙ୍ଗେ ବଣଭୂଆ ମାତିବାରେ କି ସାର୍ଥକତା ଅଛି ?

୨୧ । ଓଧ ଖାଇଗଲା ପାଣିକଖାରୁ ଲେ
ଗୋଧ ଖାଇଗଲା ପାନ
ଭୂଆ ଖାଇଗଲା କୋଡ଼ି କୋଦାଳ ଲେ
ଏକଥା ଶୁଣିଲା କାନ । —ଛଟା

—ଅସମ୍ଭବର ଅବତାରଣାରେ ହାସ୍ୟରସ ସୃଷ୍ଟି ।

ଗେଧ—ଅଣ୍ଡିରା ମାଙ୍କଡ଼ ।

୧୨ । ଓପର ଲାଭରେ ନ ପୂରେ ପେଟ
ଯେଉଁ କଅଣକୁ ସେଇ କଅଣ
ଉପୁର ମାଲକୁ ଖାଆନ୍ତୁ ଖଣ୍ଡ । —ଛଟା

—ଲାଞ୍ଚରେ କାହାରି ଜୀବନ ଚଳି ନ ପାରେ । ଉପୁରି ପଇସା ଭୁତ ଖାଏ ।

୧୩ । ଓର ଉଣ୍ଡି ଦେ ଚଢ଼ୁ
ଏକା ଚଆଁ କେ ନଟ ଛୁଡ଼ୁ । —ଢଗ

—ନଟ ଛୁଡ଼ୁ—ଅଡ଼ୁଆ ଛୁଡ଼ୁ । ଓର ଉଣ୍ଡି—ସୁବଧା ଦେଖି । ଚଢ଼ୁ - କଆଁରେ ଦାଆ ଚଟେଇ ମାଡ଼ିବା । ଚଆଁ ମାଡ଼ିବା—ଲୁହା ଚଟାଇ ମାଡ଼ିବା ।

ଏମିତି ମାଡ଼ ଦେବୁ ଯେ ସେମିତି ଏକା ମାଡ଼କେ ନକାଶ ହୋଇଯିବ ।

୧୪ । ଓର ନାଳ ଗାଁ ପଢଆ ଚଣ୍ଡୀ
ଲାଭ ଖାଇଗଲା ମାଧ ମହାନ୍ତି । —ଛଟା

—ଲୋକଙ୍କ ଅସାବଧାନତାର ସୁଯୋଗ ନେଇ ଟାଉଟର ଚତା କାଟିବା ନିତ୍ୟ ନୈମିତ୍ତିକ ଘଟଣା ।

୧୫ । ଓଁର ଘରକୁ ଚଁର
ଛୁଡ଼ି ଆସିଲା ଖଣ୍ଡିଆ ବାଳା,
ନେଇ ଆସିଛନ୍ତି ଦଅର । —ଢଗ

—ଶାଶୁଘର ଜଞ୍ଜାଳକୁ ଲକ୍ଷ୍ୟ କରି ବୋହୂର ଡଗ; ଅଲ୍ପା-ସ୍ୱଳତା ସେ, ଶାଶୁଘରକୁ ଯିବାକୁ ଇଚ୍ଛା ନାହିଁ ।

୨୬ ।　ଓର ଗଣ୍ଡି ମାରବ ହାତ
ରଖିବେ ମାରବେ ଜଗନ୍ନାଥ ।　—ଛଟା

—ଈଶ୍ୱରଙ୍କ ଅନୁକମ୍ପା । ଈଶ୍ୱର ମଧ୍ୟ ନିଜ ବୃତ୍ତିରେ ଈଶ୍ୱରଙ୍କ ସହାୟତା ଆଶା କରେ ।

୨୭ ।　ଓଲ ଚଟ୍ଟରେ ପୋଲ
ଅନ୍ନ କଷ୍ଟରେ ପଞ୍ଜରା ଦିଶିଲ
ଜର କଲ ବୋଲି ବୋଲ ।　—ଛଟା

—ଓଲ—ଓଲୁଅ, ଦରିଦ୍ରର ଦୁର୍ଦ୍ଦଶା ବର୍ଣ୍ଣନା । ଚେହେରା ଦେଖି ଜର ରୋଗ ହୋଇଛି ବୋଲି କୁହାଯାଏ । ପ୍ରକୃତ ପକ୍ଷେ ଖାଇବାକୁ ନ ପାଇ ପଞ୍ଜରା ନାଠି ଗଣି ହୋଇ ଯାଉଛି ।

୨୮ ।　ଓଲଟଙ୍ଗ୍, ନେଲଟଙ୍ଗ୍ ବାଟଖର୍ଚ୍ଚା ।　—ଲୋକୋକ୍ତି

—ଦୁଇ ପକ୍ଷରେ କଳି ଲଗାଇ ମୀମାଂସା ଲାଗି ମଧ୍ୟସ୍ଥ ହେଉଥିବା ବ୍ୟକ୍ତି । ସେ ଟାଉଟର, ଦୁଇ ପକ୍ଷରୁ ପଇସା ନେଇ ଚଳେ । ଦୁଇଜଣଙ୍କ ବିବାଦରେ ତାର ଲାଭ ହୁଏ ବେଶୀ ।

୨୯ ।　ଓଲମୀ ନାମ୍ନି
ମୂଷା କାଟିନେଲା ପଣତ କାନି ।　—ଛଟା

—ଓଲମୀ—ଓଲି, ବ୍ୟଙ୍ଗ । ଏତେ ନିଶ୍ଚିନ୍ତ ଯେ ମୂଷା ତାର ପଣତ କାନି କାଟି ନେଇଥିବା କଥା ଜାଣି ପାରେନାହିଁ ।

୩୦ ।　ଓଲେଇ ନାମ୍ନି
ବିରାଡ଼ି କାମୁଡ଼େ ପଣତ କାନି ।　—ଛଟା

—ଏତେ ଓଲି ଯେ ବିରାଡ଼ି ପଣତ କାନି କାମୁଡ଼ି ଧରିଥିବା କଥା ଜାଣି ପାରେ ନାହିଁ ।

୩୧ । ଓଳକ

ନା ଘତ ନାହିଁ ଆର ଓଳକ । —ଛଟା

—ଘୋର ଦରିଦ୍ର ବ୍ରାହ୍ମଣ ପ୍ରତି ବ୍ୟଙ୍ଗ । ସେ ମାନ୍ୟ କିନ୍ତୁ ଦାରିଦ୍ର୍ୟ ହେତୁରୁ ଅବହେଳାର ପାତ୍ର ହୋଇଥାଆନ୍ତି । ତାଙ୍କ ପ୍ରତି ବ୍ୟଙ୍ଗ ।

୩୨ । ଓଳକ ଗୋସେଇଁ

ନା 'ତୋ ମନ ତୋତେ ଫଳୁ ।' —ଛଟା

—ଓଳକ—ନମସ୍କାର । ଦରିଦ୍ର ବ୍ରାହ୍ମଣଙ୍କୁ ପରିହାସରେ ନମସ୍କାର କରେ, ମନରେ ଭକ୍ତି ନାହିଁ । ଏପରି ଲୋକପ୍ରତି ବ୍ରାହ୍ମଣର କଲ୍ୟାଣ "ମନ ଅନୁଯାତରେ ତୁ ଫଳ ପା ।"

୩୩ । ଓଳ ଗୁଣେ କୋଳ<br>
ପଲମ ଗୁଣେ ସରୁ ଚକୁଳ<br>
ବଉଥା ପିଠଉ ଗୋଳ । —ଡଗ

—ଓଳ ତଳେ ବା ବାଡ଼ିର ମାଟି ଗୁଣେ କୋଳ ମିଠା ବା ଖଟା ହୋଇଥାଏ । ତେଲୁଣିର ଆକାର ଅନୁସାରେ ସରୁ ଚକୁଳ ଉତୁରିଥାଏ । ସେହିପରି କୌଣସି ଘରର ସ୍ତ୍ରୀ ପୁରୁଷଙ୍କ ଚରିତ୍ର ଅନୁଯାରେ ପିଲାଙ୍କ ସଂସ୍କାର ହୋଇଥାଏ ।

୩୪ । ଓଳ ତଳେ ସରୁ ଗୋଡ଼<br>
ଘଇ ଯେତେବେଳେ<br>
ବଡ଼ ହୋଇ ଯିବେ<br>
ହଲୁଥିବ କାନ ଦୋଳ । —ଛଟା

—ଘଇର ଆଗାମୀ ବିବାହ ଉତ୍ସବ ଚିନ୍ତାରେ ଭଉଣୀର ଆନନ୍ଦ ।

୩୫ । ଓଳ ଛଳେ ସବୁ ଗୋଡ
ଝଳ ଝଳ ପଡ଼ଇ
ଷାଠିଏ ଟଙ୍କା ମୂଲ ହେଲେ
ନାହିଁ ନାହିଁ କରଇ । —ଦାଁ ଢଆ

—ଆଖି ।

୩୬ । ଓଲୁଙ୍କ ବୋକବୁଦା । —ରୂଢ଼ିପ୍ରୟୋଗ

—ଅତି ନିର୍ବୁଦ୍ଧିଆ ବ୍ୟକ୍ତି ।

୩୭ । ଓଲୁଅ ଘରର ବଣ ଯାନ୍ତୁ
ରଙ୍ଗ ରଙ୍ଗ ବୁଢ଼ା ଦନ୍ତ ମାନ୍ତୁ । —ଛଟା

—ବ୍ୟଙ୍ଗ ।

୩୮ । ଓଲୁଅ ଦୁଆରେ ବଣପାରିଲ
ଚୋର ମୋର ଯିବା ବଡ଼ଘରକୁ । —ଢଗ

—ଅସମ୍ଭବର ଅବତାରଣାରେ ବ୍ୟଙ୍ଗ ସୃଷ୍ଟି । ବଡ଼ଘର ଲୋକରେ ଏ ଦୁଇଟିର ପ୍ରୟୋଜନ ଆଦୌ ନାହିଁ ।

୩୯ । ଓଲେଇ ଗାଈ
ପଡ଼ଶାର ବାଡ଼ ନିତି ଡିଅଁଇ । —ଛଟା

—ଓଲେଇ ଗାଈ ପଡ଼ଶାର ବାଡ଼ ଭାଙ୍ଗି ଫସଲ ଉଜାଡ଼େ । ନିତି କଳି ଲାଗେ । ପଡ଼ଶା ସମ୍ପର୍କ ଅଏଡ଼ ହେବାର ମୁଖ୍ୟ କାରଣ ସେ ।

୪୦ । ଓଲେଇ ପାଟିକି ପାନ ଗଲା
ପାନ କହିଲା ମୋ ପ୍ରାଣ ଗଲା । —ଛଟା

—ଓଲେଇ ଏକାଥରକେ ପାନକୁ ଗିଳି ପକାଏ । ସେହିପରି କୌଣସି ଅନୁଷ୍ଠାନର ଦାୟିତ୍ୱ ପଇସାଖିଆ ହାତରେ ପଡ଼ିଲେ ସେ ତାକୁ ନିକାଶ କରିଦିଏ ।

୪୧ ।   ଓଳେଇ ଦ୍ୱାନକୁ ଭିକାରୀ ନେଲା
ଗୁଞ୍ଜଳଧୂଆ ପାଣି ଚକ୍ଷୁକ କଲା ।

—ଓଳଆପଣ ଓ ଭିକାରୀର ନିଲଠାପଣ ପ୍ରତି ବ୍ୟଙ୍ଗ । ଯେ ଓଳେଇ ସେ ଅତି ଲୋଭୀ । ଗୁଞ୍ଜଳଧୂଆ ପାଣି ଛଡ଼ା କିଛି ଫୋପାଡ଼େ ନାହିଁ । ଭିକାରୀ ନିଲଜ୍ଜ । ସେ ସେଥିରୁ ବି ଆହାର ସଂଗ୍ରହ କରେ ।

୪୨ ।   ଓଲୁଅ ଲାଗଇ ଗଲୁ
ବାପା କରିଥିଲେ   ବାଛି ବାଛି ଜୋଇଁ
ସେ'ତ ନିପଟ ଓଲୁ ।   —ଛଟା

---ସ୍ୱାମୀଙ୍କ ଓଲମୀରେ ସ୍ତ୍ରୀର ଅନୁଶୋଚନା ।

୪୩ ।   ଓଳେଇ ଗେରଣୀ
ହାଣ୍ଡିରେ ଖାଏ
ଚୋଡ଼ରେ ପଡ଼ିଲେ
ଗାଧୋଇ ଯାଏ ।   —ଢଗ

—ଓଳେଇପଣ ପ୍ରତି ବ୍ୟଙ୍ଗ । ସେ ପୋଖରୀକୁ ଯାଇ ଗାଧୋଇପାଧୋଇ ଧୋଇଧାଇ ହୋଇଆସେ । ହାଣ୍ଡିରେ ଖାଇବାର କୌଣସି ସଙ୍କେତ ଯେପରି ନ ରହିବ ।

୪୪ ।   ଓଲଟ ବୁଝାଇଲ୍ୟା ରାମା ।   —ହିନ୍ଦୀ ପ୍ରବଚନ

—ଭଗବାନଙ୍କୁ ଜଣେ ଲୋକ ଡାକୁଥିଲା – ଭଗବାନ ମୋତେ ଘୋଡ଼ାରେ ଚଢ଼ାଅ । ଏଇ ସମୟରେ ଜଣେ ପଥିକ ଘୋଡ଼ୀ ପିଠିରେ ବସି ଆସି ପହଞ୍ଚିଲା । ଘୋଡ଼ୀଟି ଗର୍ଭବତୀ ଥିଲା । ତାର ଗୋଟିଏ ଛୁଆ ହେଲା । ପଥିକ ସେ ଘୋଡ଼ା ଛୁଆଟିକୁ କାନ୍ଧେଇ ନେବାକୁ କହିଲା । ଲୋକଟି ଘୋଡ଼ା ପିଠିରେ ଚଢ଼ିବାକୁ ପ୍ରାର୍ଥନା କରୁଥିଲା । ଏବେ ଘୋଡ଼ା ତା ପିଠିରେ ଚଢ଼ିଲା । ଏଇ ଲୋକଟିକୁ ଉପଲକ୍ଷ କରି ପ୍ରବଚନଟି ରଚିତ ।

୪୫ । ଓଲଟି ବାଟେ ଘୋଡ଼ା ଚଢ଼ିବା । —ନ୍ୟାୟ

—ଜଣାପରେ ଯାହାର କାଇଲି ହେଲା, ସେ ଓଲଟି ଅପର ପକ୍ଷକୁ କାଇଲି କରିବାରେ ଏହା ପ୍ରଯୁକ୍ତ ।

୪୬ । ଓଲଟ ପଖିଆ ଖୋଳେ ମାଟି
ଚଉଟା ଗଣ୍ଡିକୁ ଛଅଟା ଆଖି । —ଦାଁ ଢଆ

—ଉ ବଳଦ, ହଳିଆ ।

୪୭ । ଓଲମୀ ଲୋ ଘରେ ଥା ।
ଓଲେଇ ଲୋ ଘରୁ ଯା । —ଢଗ

—ଓଲେଇ ସବୁ ଖାଇଯାଏ । ଓଲମୀ ଘରର ଧନକୁ ବାହାରେ ଥୁଏ ନାହିଁ, ଯାହାତାହା ଘର ଚଳାଏ । ଓଲେଇକୁ କେହି ଭଲ ପାନ୍ତି ନାହିଁ, କିନ୍ତୁ ଓଲମୀ ଅନାଦୃତା ହୁଏନାହିଁ, ଅନ୍ୟର କରୁଣା ଆକର୍ଷଣ କରେ ।

୪୮ । ଓଳ ତଳେ
ଠିଆ ନୋହିବ ସନ୍ଧ୍ୟା କାଳେ । —ଛଟା

—ଓଳତଳେ ଛିଡ଼ାହେଲେ ଲକ୍ଷ୍ମୀ ଛାଡ଼ିଯାନ୍ତି ବୋଲି ଲୋକ-ବିଶ୍ୱାସ ପ୍ରଚଳିତ ।

୪୯ । ଓଲେଇ କପାଳକୁ ଶିକା ଛିଣ୍ଡିଲା । —ଲୋକୋକ୍ତି

—ଯେ ଯାହା ଆଶା କରିଥାଏ, ଦୈବ ଉପାୟରେ ତାକୁ ତାହା ହଠାତ୍ ମିଳିଗଲେ ଏହି ଉକ୍ତିର ପ୍ରୟୋଗ ହୁଏ । ବୁଦ୍ଧି ଅଳ୍ପ, କିନ୍ତୁ ଭାଗ୍ୟ ଭଲ, ପରିଶ୍ରମ ନ କରି କେହି କେହି ଭାଗ୍ୟବଳରେ ସୁଖ ସମ୍ପତ୍ତି ଲାଭ କରିଥାନ୍ତି ।

୫୦ । ଓଲେଇର ଦରଦର କଣ୍ଟା
ହାଣ୍ଡିଖାଇର ଦରଦର ଶିଙ୍ଘା । —ଛଟା

—ଅନୁଭବ । ଓଡ଼ଳଇ କଞ୍ଚା ଗଛବା ଖାଉ ଖାଉ ହାତ ଚଲାଏ । ହାଣ୍ଡି ଖାଇ ବଉଣିଆ ନେଷ ହାଣ୍ଡି ରୁ କାଢି ଖାଏ ।

୫୧ । ଓଲେଇ ବରକଞ୍ଚା ଖାଏ
ଦୁଆରବୁଲାର ପୋଡ଼ା ଯାଏ । —ଢଗ

—ଓଲେଇର ଧୈର୍ଯ୍ୟ ନାହିଁ, ସେ କଞ୍ଚା, ବରଟିଏ ଯାହା ପାଏ ଖାଇ ବଏ, କନ୍ତୁ ଯେ ବାର ଦୁଆରକୁ ବୁଲିଯାଏ, ସେ ଠିକ୍ ସମୟରେ ଫେରପାରେ ନାହିଁ । ତା ତଅଣ ପୋଡ଼ିଯାଏ ।

୫୨ । ଓଳଆରୁ ପଡ଼ ଗଜା । —ରୂଢ଼ି ପ୍ରୟୋଗ

—ବୟସ ଅଳ୍ପ ହୋଇଥିଲେ ବ ଯେ ବଡ଼ ବଡ଼ କଥା କହ ବାହାଦୁରୀ ଦେଖାଏ, ସେ ଓଳଆରୁ ପଡ଼ ଗଜା ହୋଇଛୁ ବୋଲ କୁହାଯାଏ ।

୫୩ । ଓଳ ତଳେ ଗୃଷ କ ?
ଓଳ ତଳେ ବାସ କ ? —ଢଗ

—ଓଳତଳେ କଣ୍ଟା ଗଛବୃଛ ଲଗାଇଲେ ଓଳ ପାଣି ପଡ଼ ନଷ୍ଟ ହୁଏ । କାହା ଓଳତଳେ କେହି ଘର କରେ ନାହିଁ, ଲକ୍ଷ୍ମୀ ଛାଡ଼ିଯାଏ, ଅଶ୍ରୀଷ ।

୫୪ । ଓଲେଇ ହାତରେ ଶୁଖୁଆ ପୋଡା । —ଲୋକୋକ୍ତି

—ଓଲେଇକ ଖାଦ୍ୟ ଜଗି ରଖିବାର ଦାୟିତ୍ୱ ଦେଲେ ସେ ନଜେ ଖାଇଦଏ । ଠକ ବା ଚୋରର ହାତରେ ଧନସମ୍ପଦର ଦାୟିତ୍ୱ ଦେଲେ ସେ ତାହା ହରଣଚାଳ କରିଥାଏ ।

୫୫ । ଓଳତଳେ କୋଳି ଗଛ
ଝର ଝର ହୋଇ ପଡ଼େ
ରଜାଘର ଝିଅ ପୁଅଟି
ସଭାକୁ ବୃଢ଼ ମାରେ । —ଢ଼ଗ ଢଉ

—ମାଠିଆ ।

୫୬ । ଓଳିଆର ମୁଣ୍ଡି ଫାଟିଲା
କେତେ ପିଲା ଛୁଆ ହେବେ । —ଲୋକୋକ୍ତି

—ଓଳିଆର ମୁଣ୍ଡି ଫାଟିଲେ ଶସ୍ୟ ଗଳଗଳ ହୋଇ ଗଳିପଡ଼େ । ସେହିପରି ଗୋଟିଏ ଗୋଟିଏ ଦମ୍ପତିର ସନ୍ତାନ ପରେ ସନ୍ତାନ ହେଉଥାଏ ।

୫୭ । ଓଳିଆ ହୋଇଣ ଯେବଣ ଗାଈ
ଅଣ୍ଡା ମୋଟୁଆ ହୋଇ ଯେଉଁ ମାଈ
ହାତ ଗୁଣ୍ଡ ଖର ଯେବଣ ଭାଇ
କୁକୁର ଯେବେ ହୋଇଯାଏ ବାଇ
ଡାକ ବୋଲଇ
ଆଗିରୁ ଅନ୍ତର କରିବ ନାହିଁ । —ଡାକ ବଚନ

—ଓଳିଆ ଗାଈ—ଯେ ରଖୁଆଳକୁ ଠକି କିଆବାଡ଼ ଡେଇଁ ଫସଲ ନଷ୍ଟ କରେ ।

ଅଣ୍ଡାମୋଟୁଆ—ମୋଟା ହୋଇଥିବାରୁ ସେ ସ୍ତ୍ରୀ ଲୋକ ଭଲ ଭାବେ ଗୃହକାର୍ଯ୍ୟ କରି ପାରେନାହିଁ ।

ଖରଗୁଣ୍ଡା—ଗାଳି ଦେବା ଲାଗି ଯାହାର ଗୁଣ୍ଡ ଖଲଖଲ ହୁଏ । ମାଡ଼ ଦେବାଲାଗି ହାତ ଖୁଜୁବୁଜୁ କରେ । ବାଇ—ପାଗଳ ।

୫୮ । ଓଲମା ହୋଇ ଯେବେ କରେ ବେଶ
ଗରିବ ମାଇପ ହେଲେ ସୁନ୍ଦରୀ,
ବାଡ଼ ଦୁଆରେ ଗମ୍ଭୀର ପୋଖରୀ
ଠକଙ୍କୁ କାଳ ଯେ ଦିଏ ବେପାରୀ
ଭୃତ୍ୟ ଯଦି ମୂର୍ଖରେ ଆଜ୍ଞାକାରୀ
ବ୍ରାହ୍ମଣ ଇଚ୍ଛଇ ଯେ ବ୍ରହ୍ମଚାରୀ
ସନ୍ଧ୍ୟା ବସଇ ଦେଖିଣ ଧୋବଣୀ
ବାଙ୍ଗର ଗଛେ ବସା କଲେ ସାରୀ

ଧାନ ଆମ୍ବସାତ କଲେ ଖମାରୀ
ସୁବତୀ ଦେହର ବଡ ବେମାରୀ
ବୋଲେ ଦନାଇ ଏ ହୁଅନ୍ତ ଘାକ୍ । —ଦନାଇ ବଚନ

—ଓଲମା—ଓଲୁ; ଥୋବରୀ—ନଲଣ୍ଟୀ । ବାଙ୍ଗର—ଗ୍ଳେଟ; ଖମାଶ୍ର-ଯାହା ହାତରେ ମାଲିକର ଖମାର ବା ଧାନକୋଠି ଦାୟିତ୍ୱ ଥାଏ ।

୫୯ । ଓଶକା କଡ଼ି
ମନେ କରୁଥିବ ଘଡ଼କ ଘଡ଼ି । —ଛଟା

—ପରସ୍ପର ମୁହଁରେ ଅଶୋକ କଢ଼ି ଦେଇ ଦୁ ବନ୍ଧୁ 'ଓଶକା' ବସନ୍ତି । ଶାଶୂ ଘରକୁ ଯିବା ସମୟରେ ଦୁ ସଙ୍ଗିମାଙ୍କ ବିଦାୟ ଉକ୍ତି ।

୬୦ । ଓଶକା ସଙ୍ଗାତ ମିତ ବଉଳ
ସରଗଲା ତୁମ୍ଭ ଆମ୍ଭର ଖେଳ । —ଛଟା

—ଶାଶୂଘରକୁ ପଦ୍ମଲ ପାଳ ଯାଉଥିବା ଝିଅର ସଙ୍ଗିମାମାନଙ୍କ ପ୍ରତି ବିଦାୟ ବାଣୀ ।

୬୧ । ଓଶକା କଡ଼ି
ତୋ ମନରେ ଥାଏ କି ନଥାଏ
ମୋ ମନରେ ଷୋଳଘଡ଼ି । —ଛଟା

—ବାଲ୍ୟ ଓ କୈଶୋରର ସଙ୍ଗିମାକୁ ସର୍ବଦା ସ୍ମରଣ କରେ ବୋଲି ଯୁବତୀର ଆନନ୍ଦ ।

୬୨ । ଓହ୍ଲ ଘଡର ପାନଆ
ଚଢ଼ଧୂଷ୍ଟ ଘର କନିଆଁ
ସାଆନ୍ତର ପୁଅ ବର
ଅଠର ଖଣ୍ଡ ବାଇଦ ବାଜେ
ଠଙ୍ଗର ଠଙ୍ଗର —ଛଟା

—ବ୍ୟାଙ୍ଗାତ୍ମକ ଶିଶୁ ଖେଳ ଗୀତ ।

୬୩ । ଓସ୍ତ ପଚର ପର ପର
ଟିକଏ କଥାରେ ଥର ଥର (ଗରଗର) । —ଛଟା

—କୌଣସି ସ୍ତ୍ରୀର ଅକାରଣ କ୍ରୋଧ ପ୍ରତି ବ୍ୟଙ୍ଗ ।

୬୪ । ଓସାର ଘଳଆ ବନ୍ଧକୁ
ଚକଟା ଗୁଡ଼ କନ୍ଦକୁ
କାଳୀ ମୁଣ୍ଡୀ ପୋକ ଖନ୍ଦକୁ
ମଇଳା ଦୋସଣ୍ଡା କାନ୍ଧକୁ
କୋହଳ ପଥର ନନ୍ଦକୁ
ଖାଲ ଡିପ ବାଟ ଅନ୍ଧକୁ
ବୋଲେ ଡାକ ଇ
ବାଆଁ ଆଖି ଡଆଁ
ପୁରୁଷର ସିନା ମନ୍ଦକୁ । —ଡାକ ବଚନ

—ଘଳିଆ—ଗଳିଆ, ଯେଉଁ ବାଟେ ପୋଖରୀର ପାଣି ଚାଲିଯାଏ । କନ୍ଦ—ନବାତ, ଖନ୍ଦ—ଫସଲ; ନନ୍ଦ - କୂଅ ନନ୍ଦ ।

୬୫ । ଓସ୍ତ ଗଛକୁ କେବେ ନ କାଟ
ଗୁରୁ ନିନ୍ଦା କେବେ ନ କର ଘାଟ
ଏକଲା ହୋଇ ନ ଚାଲିବ ବାଟ
ଗୋରୁ ପାଖେ ଗଲେ ଧରିବ ଘାଟ
ଦାନ୍ତ ନ ଘଷିବ ଗାଧୁଆ ଘାଟେ
ଗଡ଼ଆ କୂଳରୁ ଆମ୍ବ ଡ଼ା କାଟ
ବୋଲେ ଡାକ ଏ କଥା ନଘାଟ । —ଡାକ ବଚନ

—ନଘାଟ କଥା—ଖାଣ୍ଟି କଥା ।

୬୬ । ଓଷଦ ନ ପିଇ ଚାଟିଆ କାମୁଡ଼ିବା । —ନ୍ୟାୟ

—ଜଣଙ୍କ ଉପରେ ରାଗିବାର କାରଣ ଅଛି, କିନ୍ତୁ ଅନ୍ୟ ଜଣଙ୍କ ଉପରେ ରାଗୁଛି । ଓଷଦ ପିତା ଲାଗିବାରୁ ଓଷଦ ଚାଟିଆ ଉପରେ ଦାଉ ସାଧୁଛି ।

୭୭ । ଓଷେଇଶାର ମନ ନାହିଁ
ଘଣ୍ଟି ବଜାଉ କାହିଁପାଇଁ ? —ଛଟା

—କୌଣସି କାର୍ଯ୍ୟରେ ସମ୍ପୃକ୍ତ ମଣିଷର ଅନାଗ୍ରହ ଭାବ ପ୍ରତି ପ୍ରଯୁକ୍ତ ।

୭୮ । ଓଷାଯାକରେ ଖୁଦୁକୁଣୀ
ଯାତଯାକରେ ଝରବଣୀ
ଧାନଯାକରେ ବଉଳା
ବନ୍ଧୁଯାକରେ ମଉଳା
ଫୁଲଯାକରେ ବଉଳ
ମାଛଯାକରେ ସଉଳ
ଖଲଯାକରେ ପୋଖ
ବୋହୂ ଆଣିବ ଗୋଷ୍ଠ । —ଛଟା

—ଖଦୁକୁଣୀ—ଭାଦ୍ର ମାସରେ ବ୍ରାହ୍ମଣେତର ଜାତିର କନ୍ୟା-ମାନେ ଏ ଓଷା କରନ୍ତି । ଏହାର ଅନ୍ୟ ନାମ ଭାଲୁକୁଣୀ । ଏ ଓଷାରେ ଗୌରବମୟ ଅତୀତ ଉତ୍କଳର ଏକ ଜୀବନ୍ତ ଆଲେଖ୍ୟ ପ୍ରତିଫଳିତ ।

ଝରବଣୀ—ପ୍ରାଚୀ ନଈ କୂଳରେ ମାଘ ମାସରେ ଏ ଯାତ୍ରା ଅନୁଷ୍ଠିତ ହୁଏ । ଏହା ପୁରୀ ଜିଲ୍ଲାର ନିମାପଡ଼ା ନିକଟବର୍ତ୍ତୀ ସ୍ଥାନ । ମାଘ ମାସରେ ଏଠି ଗୋଟିଏ ମେଳା ହୁଏ ।

—ମଉଳା—ମାମୁଁ । ପୋରୀ-ପୋଡ଼ଜମି । ନାଳପାଣି ମାଡ଼ିବା ପରେ ପୋଡ଼ ଜମିର ଆଉ କୌଣସି ବିଶେଷତ୍ୱ ନାହିଁ ।

ମାଛ ମଧ୍ୟରେ ସଉଳ, ଧାନ ମଧ୍ୟରେ 'ବଉଳା' ଶ୍ରେଷ୍ଠ ନ ହୋଇପାରେ । କିନ୍ତୁ ଏହା ଲୋକସାଧାରଣଙ୍କର ସେ କାଳର ମୂଲ୍ୟାଙ୍କନ ।

୭୯ । ଓହଦା କାଳିଆ ଧୂମ୍‌ସା
ଗୋଡ଼ ଉପରକୁ
ମୁଣ୍ଡ ତଳକୁ
ଏ କଥା ରହିଛି ସପ୍ତ ପୁରୁଷକୁ । —ଢାଁ ଢଆ

—ଦେଉଳ ।

# ଔଷ

୧ । ଔଷଧାର୍ଥେ ସୁରାପାନା —ସଂସ୍କୃତ ଶ୍ଳୋକ
ଅନୁକରଣରେ ରଚିତ ପଦ

—ଔଷଧ ପାଇଁ ବ୍ୟବହାର କଲେ ମଦ୍ୟପାନରେ କ୍ଷତି ନାହିଁ ।

୨ । ଔଷଧ ଗୁଣ, ହାତେଥିବା ଧନ
ପର ନାରୀଠାରେ ଦେବାର ମନ
ନିଜ ନାରୀ ଦୋଷ, ଋଣ ବା ଦାନ
ଶତ୍ରୁକୁ ଦେଖି ମନଦେଲେ ଛନ୍ନ
ଆଗତ ପାଞ୍ଚ ଯେ ଅମଳ କ୍ଷେତ
ମିତ୍ରକୁ ଉଧାର ଦେବାର ବିତ୍ତ
ବନାଇ କହନ୍ତି
ପଦାରେ ପ୍ରକାଶ କରିବ ନାହିଁ । —ବନାଇ ବଚନ

—ଭଗବତ ବନାଇ ଏଇ କେତୋଟି କଥା ମନା କରିଛନ୍ତି । କେଉଁ ସ୍ତ୍ରୀକୁ ଭଲ ପାଉଛ, ନିଜ ସ୍ତ୍ରୀର କି ଦୋଷ ବା ଦୁର୍ବଳତା ରହିଛି, କାହାଠୁ ଋଣ ଗ୍ରହଣ କରିଛ ବା କାହାକୁ ଦାନ କରିଛ, କେଉଁ ବିଲରୁ କେତେ ଧାନ ଅମଳ ହେବାର ସମ୍ଭାବନା, କେଉଁ ଶତ୍ରୁକୁ ତୁମେ ଡରୁଛ ଇତ୍ୟାଦି କଥା ପଦାରେ ପ୍ରକାଶ କରିବା ଉଚିତ ନୁହେଁ ।

୩ । ଔଷଧ ଗଙ୍ଗା ଜଳ
ବୈଦ୍ୟ ନାରାୟଣ ହରି ।

—ରୋଗୀ ପକ୍ଷରେ ବୈଦ୍ୟ ଓ ଔଷଧ ଉପରେ ବିଶ୍ୱାସ ଏକାନ୍ତ ଆବଶ୍ୟକ । ଔଷଧକୁ ଗଙ୍ଗାଜଳ ପରି ପବିତ୍ର ଓ ଚିକିତ୍ସକଙ୍କୁ ସ୍ୱୟଂ ତ୍ରାଣକର୍ତ୍ତା ଭଗବାନ୍ ବୋଲି ମନେ କରିବା ଉଚିତ ।

# ପରିଶିଷ୍ଟ

## ଅ

୧ । ଅଁକଗ ମାଧିଆ ବାଇଶ ଫଲ । —ଢଗ (ସମ୍ବଲପୁର)

—ଏକା·ମାଧିଆ ବାଇଶ ଫଳ ।

୨ । ଅଟାଳ୍ପାର କୁନୁଅଁ କେ କାଏଁ ପାଏନ୍ ଗଡ଼୍ ? —ଢଗ (ସମ୍ବଲପୁର)

—ଅଟାଳ୍ପା କୁଣିଆର ଚର୍ଚ୍ଚା ଲାଗି କଏ ପାଣିଢାଳ ଖଞ୍ଜିଥାଏ କି ?

୩ । ଅଲେଖ ଅବଧୂତ
ମାରେ ଠେଙ୍ଗା ଖଟଗ ଭୂତ୍ । —ଢଗ (ସମ୍ବଲପୁର)

—'ମାଡ଼କୁ ମହାଦେବ ଡରନ୍ତି' ଅର୍ଥରେ ବ୍ୟବହୃତ ।

## ଆ

୧ । ଆଁ ଏଲା ଗଲା
ବାଏଁଗନ୍ ଫଁଲ୍ହା
ଛେଲଁ ଖାଇଦେଲେଁ ଗଲା । —ଢଗ (ସମ୍ବଲପୁର)

—ଆଁ ଏଲା ଗଲା ବାଏଁଗନ୍ ଫଁଲ୍ହା—ଏଣେତେଣେ ଉଠିଥିବା ବାଇଗଣ ବୃକ୍ଷ, ଛେଲଁ—ଛେଳି ।

—ତୁଚ୍ଛ ଦ୍ରବ୍ୟର କ୍ଷଣିକତ୍ୱ ଉପଲକ୍ଷିତ ।

୨ । ଆଜର କଥା କାଲ୍‌କେ ନାଇଁ । —ଢଗ (ସମ୍ବଲପୁର)

—ଆଜ କଥା କାଲିକି ଅନ୍ତର ।

୩ । ଆଝୁଁ ଏଡ଼େ
ପାଏନ୍ ପାଏଲେ ହେବୁ କେଡ଼େ ?
—ଢଗ (ସମ୍ବଲପୁର)

—ଆଝୁଁ—ଆଜଠାରୁ, ପାଏନ୍—ପାଣି,

—ପିଲାଦିନୁଁ ତ ଏଡ଼େ ଦୁଷ୍ଟ, ବଡ଼ ହେଲେ ତୁ କଣ ନ ହେବୁ !

୪ । ଆଗେଁ ବଅଁଶଲେ ବାପର ନାଁ ।

—ଢଗ ( ସମ୍ବଲପୁର )

— ଆପେ ବଞ୍ଚିଲେ ବାପର ନାମ ।

୫ । ଆଣ୍ଁ ମନଧର୍ବ ପଚ୍ଛ ଚୂପ୍‌ର୍‌ବ । —ଢଗ (ସମ୍ବଲପୁର)

—ଚୂପ୍‌ର୍‌ବ—ମଇଲା, ମନ୍‌ଧ୍ରବ—ମନ ଖୁସି କଲାଭଳି ମିଠା କଥା—ମୁହଁରେ ମିଠା କଥା କହି ପରୋକ୍ଷରେ ନିନ୍ଦା ରଚନା କଲେ ଏହି ଉକ୍ତି ପ୍ରଯୁକ୍ତ ହୁଏ ।

୬ । ଆବେ ପରଶୁ ଯାବେ ପରଶୁ
ବ ବୁ ପରଶୁରାମ
ରୁପିୟା·କାଏଁ ନାଇଁ କର୍‌ସି କାମ୍ । —ଢଗ (ସମ୍ବଲପୁର)

—ରୁପିୟା କାଏଁ ନାଇଁ କର୍‌ସି କାମ୍—ଟଙ୍କା କ କାମ ନ କରେ !

୭ । ଆ ବୋଉ ଲୋ·ବୋଉ ଲୋ ବୋଉ
ମାଛ ଗଲା ଭଉଁରେ
ପାଣି ଗଲା ଭଉଁରେ
କହି ପଠାଇଲେ ଦେଇ ପଠାଇବ
ମୁଣ୍ଡବନ୍ଧା ଚଉଁରେ । —ଛଟା (ବ୍ରହ୍ମପୁର)

୮ । ଆମ୍ ପାର୍‌ଲେ ଉମ୍ ରଜା
ନଏଦ୍ ବଢ଼୍‌ଲେ କେଉଟ ରଜା ।
—ଢଗ ( ସମ୍ବଲପୁର )

୯ । ଆସରେ ପିଲା ଜାମୁକୋଳି ଖାଇବା
ଯମୁନା ନଦୀରେ ପାଣି ଆସିଛି
ବୁଡ଼ୀକି ଭସାଇ ଦେବା । —ଛଟା (ବ୍ରହ୍ମପୁର)

## ଇ

୧ । ଇଲୁକ୍‌ର ଢଢେଁ ଝୁପେ ମାଛି
ସେ ଯାଉଛେ ପର୍‌କେ ବାଛି । —ଢଗ (ସମ୍ବଲପୁର)

—ଇଲୁକର—ଆପଣାର, ଢଢେଁ—ଦେହରେ, ଝୁପେ—ବହୁତ, ପର୍‌କେ—ଅନ୍ୟକୁ ।

—ନିଜର ବହୁତ ଦୋଷ ଦୁର୍ବଳତା ରହିଛି, ଅଥଚ ପରର ଦୋଷ ଦୁର୍ବଳତା ଦେଖାଉଛି ।

## ଉ

୧ । ଉଠ୍‌ଲେ ପୁରୁଡ଼ ମୁଁ ଶୋଇବ । —ନାଁ ଦିଆ

—ଗୁଳ ।

୨ । ଉପରେଁ ଉପରେଁ ଫୁଲଗଭ
ଭିତରେ ଭିତରେ କୁବ୍‌କୁବା । —ଢଗ (ସମ୍ବଲପୁର)

—ଉପରେ ଫୁଲଗଭ ପରି ଚହଟ ଚକ୍‌କଣ, କିନ୍ତୁ ଭିତରେ ମାଡି ଛିଣ୍ଡେଇ ପକାଇବା ଭଳି ଆଚରଣ । 'ବିଷକୁମ୍ଭୋ ପୟୋମୁଖ' ଭଳି ପରି ପ୍ରଯୁକ୍ତ ।

କୁବ୍‌କୁବା—ଖୋବାଖୋବି ବା ଖୁମ୍ପିବା ଅର୍ଥରେ ପ୍ରଯୁକ୍ତ ।

## ଏ

୧ । ଏକ୍‌ଜନେଁ ଭୁମୁନ୍ ଚାମୁନ୍
ଦୁଇ ଜନେଁ ପାଠ୍
ତିନ ଜନେଁ ଖାଲ ଗୁଲ୍ ମାଲ
ଚାରିର ଜନେଁ ହାଟ୍ । —ଢଗ (ସମ୍ବଲପୁର)

—ଆପଣା ମନରେ କଥା ଥିବା ଯାକେ ଅସୁବିଧା ସୃଷ୍ଟି ହୁଏ ନାହିଁ । ଦୁଇକାନ ହେଲେ ପୁଚିଆରି ହୁଏ । ତିନି ଜଣରେ ପଡ଼ିଲେ ଗୋଳମାଳ ଧରିଯାଏ । ଚାରିଜଣଙ୍କୁ ଗଲେ ହାଟ ବସେ ।

୨ । ଏଁକେ ପିଁଆ ତିହିଁ ମହଙ୍ଗା । —ଢଗ (ସମ୍ବଲପୁର)

—ପିଁଆ—ଚୋରୁ ।